# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଅଗଷ୍ଟ ୩୧/୨୦୧୮ (୨୦ ପୃଷ୍ଠା) Sambalpur, Friday, August 31/ 2018 ★★

୧୪ଶ ଭାଗ ୨୫୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-



DSPL-140

ଓଡ଼ିଶା ସରକାର





ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡିଥାଉ
ଜଗତ ଉଦ୍ଧାର ହେଉ

- ସନ୍ଥକବି ଭୀମ ଭୋଇ
(୧୮୫୦ - ୧୮୯୫)

ସନ୍ଥ କବି ଭୀମ ଭୋଇଙ୍କ ସେହି ତ୍ୟାଗ,
ଦୁର୍ଗତ ମଣିଷର ସେବା ଏବଂ ବିଶ୍ୱ ଭ୍ରାତୃତ୍ୱ ମନୋଭାବ ପ୍ରତି
ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ସ୍ୱରୂପ ତାଙ୍କ ନାମରେ ନାମିତ

**ଭୀମ ଭୋଇ ମେଡ଼ିକାଲ କଲେଜ ଏବଂ ହସ୍‌ପିଟାଲ, ବଲାଙ୍ଗିର**

ରାଜ୍ୟର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଆଜି ଲୋକାର୍ପଣ କରୁଛନ୍ତି
ଆମ ପ୍ରିୟ ମୁଖ୍ୟମନ୍ତ୍ରୀ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**



10001/13/0018/1819

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ || ସୂଚନା ଓ ଲୋକସମ୍ପର୍କ ବିଭାଗ

## ସଂକ୍ଷେପରେ

### ୧୫ ନାବାଳକଙ୍କୁ ଯୌନ ଉତ୍ପୀଡ଼ନ: ବୌଦ୍ଧ ଭିକ୍ଷୁ ଗିରଫ

**ବୋଧଗୟା,୩୦।୮**-୧୫ ନାବାଳକଙ୍କୁ ଯୌନ ଉତ୍ପୀଡ଼ନ ଦେବା ଅଭିଯୋଗରେ ବିହାରର ବୋଧଗୟାରେ ଜଣେ ବୌଦ୍ଧଭିକ୍ଷୁ ଗିରଫ ହୋଇଛନ୍ତି। ବୌଦ୍ଧଭିକ୍ଷୁ ଜଣକ ମସ୍ତିପୁର ଗ୍ରାମରେ 'ପ୍ରସନ୍ନ ଜ୍ୟୋତି ବୁଦ୍ଧିଷ୍ଟ ସ୍କୁଲ ଆଣ୍ଡ ମେଡିଟେଶନ୍ ସେଣ୍ଟର' ନାମରେ ଏକ ସଂସ୍ଥା ଚଳାଉଥିଲେ। ସେଠାରେ ଆସାମର ଆଙ୍ଗଲଙ୍ଗ୍ ଜିଲା କର୍ବିର ପିଲାମାନେ ପଢ଼ୁଥିଲେ। ବୌଦ୍ଧ ଭିକ୍ଷୁ ସେମାନଙ୍କୁ ଯୌନ ନିର୍ଯାତନା ଦେଉଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ତାଙ୍କୁ ଗିରଫ କରି ପଚରାଉଚରା କରୁଛି।

## ମଇଁଷି ଚୋରି ସନ୍ଦେହ

### ଶାହରୁଖ୍‌ଙ୍କୁ ପିଟି ମାରିଦେଲେ

**ବରେଲି(ୟୁପି),୩୦।୮(ପି.ଟି.)**- ଉତ୍ତରପ୍ରଦେଶ (ୟୁପି)ର ବରେଲି ଜିଲାରେ ଭିଡ ହିଂସାର କୁପରିଣତି ଦେଖିବାକୁ ମିଳିଛି। ଭୋଲାପୁର ହାଦୋଲିୟା ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ମଇଁଷି ଚୋରି ସନ୍ଦେହରେ ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଛି। ପୋଲିସ ଏନେଇ ମାମଲା ରୁଜୁ କରି ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତଦନ୍ତ ଚଳାଇଛି। ଶାହରୁଖ୍ ଖାନ୍ (୨୦) ଦୁବାଇରେ ଦରଜି କାମ କରୁଥିଲେ। ସେ ପରିବାର ସହ ଇଦ୍ ପାଳନ ପାଇଁ ନିକଟରେ ନିଜ ଗାଁକୁ ଆସିଥିଲେ। ଶାହରୁଖ୍ ଓ ଅନ୍ୟ ୨ ଜଣ ଯୁବକ (ପପୁ ଓ ଆବିଦ୍)ଙ୍କୁ ବୁଧବାର ବିଳମ୍ବିତ ରାତିରେ ଭୋଲାପୁର ହାଦୋଲିୟା ଗ୍ରାମର ଗଜେନ୍ଦ୍ର ପାଲ ନାମ ଜଣେ ବ୍ୟକ୍ତିଙ୍କ ଗୁହାଳରେ ଲୋକେ ଦେଖିଥିଲେ। ପପୁ ଓ ଆବିଦ୍ ନକାଟିୟା ନଦୀରେ ପହଁରି ଫେରାର ହୋଇଯାଇଥିଲେ। ହେଲେ ଶାହରୁଖ୍ ପହଁରା ଜାଣି ନ ଥିବାରୁ ନଈକୂଳରେ ଛିଡ଼ାହୋଇ ରହିଥିଲେ। ୫୦ରୁ ଊର୍ଦ୍ଧ୍ୱ ଲୋକ ମଇଁଷି ଚୋରି କରୁଥିବା ସନ୍ଦେହରେ ତାଙ୍କୁ ନିର୍ଘୃମ ପିଟି ପୋଲିସ ଜିମା ଦେଇଥିଲେ। ଆକ୍ରମଣରେ ଲହୁଲୁହାଣ ଶାହରୁଖ୍‌ଙ୍କୁ ଗୁରୁତର ଅବସ୍ଥାରେ ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ସକାଳ ୭ଟା ୩୦ରେ ତାଙ୍କର ମୃତ୍ୟୁ ଘଟିଛି।

# ହିଜବୁଲ୍ ଉପରେ ଚଡ଼କ

**ଶ୍ରୀନଗର, ୩୦।୮(ପି.ଟି.)**

- ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଣ ମାମଲାରେ ଏନ୍‌ଆଇଏର ଧରପଗଡ଼
- ସଲାହୁଦ୍ଦିନ୍‌ଙ୍କ ପୁଅ ଶକିଲ ଗିରଫ
- ବାପାଙ୍କଠାରୁ ଅର୍ଥ ଗ୍ରହଣ କରୁଥିଲେ


ସୟିଦ୍ ସଲାହୁଦ୍ଦିନ


ସୟିଦ୍ ଶକିଲ୍ ୟୁସୁଫ୍

ଭାରତରେ ଆତଙ୍କବାଦର କାୟାବିସ୍ତାର ପାଇଁ ଅର୍ଥ ଯୋଗାଉଛି ପାକିସ୍ତାନ। ହୱାଲା ଜରିଆରେ ପାକିସ୍ତାନରୁ ଦିଲ୍ଲୀ ଏବଂ ପରେ ଜମ୍ମୁ-କଶ୍ମୀରକୁ ଟଙ୍କା ପଠାଯାଉଛି। ଏଥିପାଇଁ କଶ୍ମୀରର କେତେଜଣ ବିଚ୍ଛିନ୍ନତାବାଦୀ ଏବଂ ଆତଙ୍କବାଦୀ ସଙ୍ଗଠନ ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ମାଧ୍ୟମ କରାଯାଉଛି। ୨୦୧୧ ଏପ୍ରିଲରେ ଏନେଇ ମାମଲା ହେବାପରେ ଧରପଗଡ଼ ଚଳାଇଛି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)। ଏହି ମାମଲାରେ ବିଶ୍ୱର ୱାଣ୍ଟେଡ୍ ଆତଙ୍କବାଦୀ ତଥା ହିଜବୁଲ୍ ମୁଜାହିଦ୍ଦିନ୍ ମୁଖ୍ୟ ସୟିଦ୍ ସଲାହୁଦ୍ଦିନ୍‌ଙ୍କ ପୁଅ ସୟିଦ୍ ଶକିଲ୍ ୟୁସୁଫ୍ ଗୁରୁବାର ଧରାପଡ଼ିଛନ୍ତି। ବାପାଙ୍କଠାରୁ ଅର୍ଥ ଗ୍ରହଣ କରି ଆତଙ୍କବାଦୀଙ୍କୁ ଯୋଗାଇବା ଅଭିଯୋଗରେ ତାଙ୍କୁ ଏନ୍‌ଆଇଏ ଗିରଫ କରିଛି। ଏହି ଗିରଫଦାରି ପରେ ହିଜ୍‌ବୁଲ ଉପରେ ଚଡ଼କ ପଡ଼ିଛି।

ଆତଙ୍କବାଦର ମୁକାବିଲା କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରୁଛନ୍ତି। ଏତିକିବେଳେ ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଣ ମାମଲାର ତଦନ୍ତକୁ ଜୋରଦାର କରିଛି ଏନ୍‌ଆଇଏ। ତଦନ୍ତ ସଂସ୍ଥାର ଜଣେ ମୁଖପାତ୍ରଙ୍କ ସୂଚନା ମୁତାବକ, ଗୁରୁବାର ସକାଳେ ପୋଲିସ ଓ ସିଆର୍‌ପିଏଫ୍ ସହଯୋଗରେ ଏନ୍‌ଆଇଏ ଟିମ୍ ଶ୍ରୀନଗରର ରାମବାଗ୍ ଅଞ୍ଚଳରୁ ସଲାହୁଦ୍ଦିନ୍‌ଙ୍କ ଦ୍ୱିତୀୟ ପୁତ୍ର ଶକିଲଙ୍କୁ ଗିରଫ କରିଛି। ଏକ ବଡ଼ ସରକାରୀ ହସ୍ପିଟାଲରେ ଲାବରେଟୋରୀ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରନ୍ତି ଶକିଲ୍। କିନ୍ତୁ ବାପାଙ୍କ ଆତଙ୍କବାଦ ନେଟୱର୍କ ସହ ତାଙ୍କର ସମ୍ପୃକ୍ତି ସନ୍ଦେହ ଘେରରେ ରହିଥିଲା। ଆମେରିକାସ୍ଥିତ ଅନ୍ତର୍ଜାତୀୟ ୱେର୍ ଟ୍ରାନ୍ସଫର କମ୍ପାନୀ ଜରିଆରେ ଅଜିଜ୍ ଅହମ୍ମଦ ଭଟ୍‌ଙ୍କଠାରୁ ଶକିଲ ଅର୍ଥ ଗ୍ରହଣ କରୁଥିବା ଜଣାପଡ଼ିବା ପରେ ତାଙ୍କୁ ଧରିବା ଲାଗି ଜାଲ ବିଛାଇଥିଲା। ଭଟ ହେଉଛନ୍ତି ଏହି ମାମଲାର ଅନ୍ୟତମ ଅଭିଯୁକ୍ତ, ଯିଏକି ଫେରାର ହୋଇ ସୌଦି ଆରବରେ ଲୁଚିରହିଛନ୍ତି। ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଇବା ପାଇଁ ସେ ଅନେକ ଭାରତୀୟଙ୍କ ସହ ଯୋଗାଯୋଗ ରଖୁଥିଲେ। ଅର୍ଥ ଗ୍ରହଣ ପାଇଁ କୋଡ୍ ଦେବା ଲାଗି ସେ ଶକିଲ୍‌ଙ୍କ ସହ ଟେଲିଫୋନ୍‌ରେ କଥା ହେଉଥିଲେ ବୋଲି ଏନ୍‌ଆଇଏ ପକ୍ଷରୁ କୁହାଯାଇଛି। ଚଳିତବର୍ଷ ଜୁନ୍‌ରେ ସଲାହୁଦ୍ଦିନ୍‌ଙ୍କ ଅନ୍ୟତମ ପୁତ୍ର ଶାହିଦ ସମାନ ମାମଲାରେ ଗିରଫ ହୋଇଥିଲେ। ଶାହିଦ ମଧ୍ୟ ଜମ୍ମୁ-କଶ୍ମୀର ସରକାରର କୃଷି ବିଭାଗରେ କାର୍ଯ୍ୟ କରୁଥିଲେ।

୨୦୧୧ରେ ଏନ୍‌ଆଇଏ ଏ ସମ୍ପର୍କିତ ମାମଲା ରୁଜୁ କରିବା ପରେ ଏଯାବତ୍ ଦୁଇଟି ଚାର୍ଜଶିଟ୍ ଦାଖଲ କରିସାରିଛି, ଯେଉଁଥିରେ ୬ ଜଣଙ୍କ ନାଁ ରହିଛି। ତନ୍ମଧ୍ୟରୁ ପାକିସ୍ତାନ ସମର୍ଥନକାରୀ ବିଚ୍ଛିନ୍ନତାବାଦୀ ନେତା ସୟଦ ଅଲି ଶାହ ଗିଲାନୀଙ୍କ ଘନିଷ୍ଠ ସହଯୋଗୀ ଜି.ଏମ୍. ଭଟ, ମହମ୍ମଦ ସିଦ୍ଦିକ୍ ଗାନାଇ, ଗୁଲାମ୍ ଜିଲାନୀ ଲିଲୁ, ଫାରୁକ୍ ଅହମ୍ମଦ ଦାଗା ଗିରଫ ହୋଇ ହାଜତରେ ଥିବାବେଳେ ମହମ୍ମଦ ମକ୍‌ବୁଲ ପଣ୍ଡିତ ଏବଂ ଭଟ୍ ଫେରାର ଅଛନ୍ତି। ଏମାନଙ୍କ ବିରୋଧରେ ଇଣ୍ଟରପୋଲ୍ ନୋଟିସ ଜାରି ହୋଇଛି। ଏହି ମାମଲାରେ ସଲାହୁଦ୍ଦିନ୍‌ଙ୍କ ଦୁଇପୁଅ ଗିରଫ ହୋଇଥିବାରୁ ହିଜ୍‌ବୁଲ ମୁଜାହିଦ୍ଦିନ୍‌କୁ ବଡ଼ ଝଟକା ଲାଗିଛି। ମହମ୍ମଦ ୟୁସୁଫ୍ ଶାହ ଓରଫ୍ ସଲାହୁଦ୍ଦିନ୍‌ଙ୍କୁ ଆମେରିକା ପରରାଷ୍ଟ୍ର ବିଭାଗ ବିଶ୍ୱ ଆତଙ୍କବାଦୀ ଘୋଷଣା କରିଛି। ସେ ହିଜ୍‌ବୁଲ ମୁଜାହିଦ୍ଦିନର ସୁପ୍ରିମୋ ରହିବା ସଙ୍ଗେ କଶ୍ମୀରରେ ସକ୍ରିୟ ଥିବା ୟୁନାଇଟେଡ ଜେହାଦ କାଉନ୍‌ସିଲ (ୟୁଜେସି)ର ଅଧ୍ୟକ୍ଷ ଅଛନ୍ତି। ପ୍ରକାଶ ଯେ, ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଣ ନେଇ ୨୦୧୧ ନଭେମ୍ବର ଏବଂ ୨୦୧୮ ମେ'ରେ ଏନ୍‌ଆଇଏ ଆଉ ଦୁଇଟି ମାମଲା ରୁଜୁ କରିଛି। ଏହି ଦୁଇ ମାମଲାରେ ଗିଲାନୀଙ୍କ ସମ୍ପର୍କୀୟଙ୍କ ସମେତ ୧୦ ଜଣଙ୍କୁ ଗିରଫ କରାଯାଇଛି।

### ୨ ଲଶ୍କର ଆତଙ୍କବାଦୀ ନିହତ

**ଶ୍ରୀନଗର,୩୦।୮(ପି.ଟି.)**- ଜମ୍ମୁ-କଶ୍ମୀରର ବଣ୍ଡିପୋରା ଜିଲାରେ ଗୁରୁବାର ଏନ୍‌କାଉଣ୍ଟରରେ ୨ ପାକିସ୍ତାନୀ ଲଶ୍କର-ଇ-ତୋଇବା (ଏଲ୍‌ଇଟି) ଆତଙ୍କବାଦୀ ନିହତ ହୋଇଛନ୍ତି। ହାଜିନ୍ ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ବିଷୟରେ ସୂଚନା ପାଇବା ପରେ ସୁରକ୍ଷାକର୍ମୀମାନେ ତଲାସି ଅଭିଯାନ ଚଳାଇଥିଲେ। ଲୁଚିରହିଥିବା ଆତଙ୍କବାଦୀମାନେ ହଠାତ୍ ଗୁଳିମାଡ଼ ଆରମ୍ଭ କରିଥିଲେ। ଏହାପରେ ଯବାନମାନେ ମଧ୍ୟ ପାଲଟା ଜବାବ ଦେଇଥିଲେ। ଗୁଳି ବିନିମୟ ହେବାବେଳେ ୨ ଆତଙ୍କବାଦୀ ଟଳିପଡ଼ିଛନ୍ତି। ଜବତ ଅସ୍ତ୍ରରୁ ସେମାନେ ପାକ୍ ଆତଙ୍କବାଦୀ ବୋଲି ଜଣାପଡ଼ିଛି।

### ନାଇକୁଙ୍କ ବାପାଙ୍କୁ ଜେରା

**ଶ୍ରୀନଗର,୩୦।୮(ପି.ଟି.)**-ଦକ୍ଷିଣ କଶ୍ମୀରର ପୁଲ୍‌ୱାମା ଜିଲା ଅନ୍ତର୍ଗତ ଅୱନ୍ତିପୋରାରେ ହିଜବୁଲ୍ କମାଣ୍ଡର ରିୟାଜ୍ ନାଇକୁଙ୍କ ଘରେ ବୁଧବାର ଅଧରାତିରେ ଚଢ଼ାଉ ହୋଇଛି। ପୋଲିସ ଓ ସୁରକ୍ଷା ବାହିନୀର ଏକ ମିଳିତ ଟିମ୍ ଅୱନ୍ତିପୋରା ଅଞ୍ଚଳରୁ ୯ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଥିଲା। ନାଇକୁଙ୍କ ୭୦ ବର୍ଷୀୟ ବାପା ଅସାଦୁଲ୍ଲା ନାଇକୁଙ୍କୁ ମଧ୍ୟ ପୋଲିସ ଅଟକ ରଖି ପଚରାଉଚରା କରିଛି। ତେବେ ଅସାଦୁଲ୍ଲା ଗିରଫ ହୋଇଥିବା ଗୁଜବ ସୃଷ୍ଟି ହୋଇଛି। କିନ୍ତୁ ଏହି ଖବରକୁ ଜଣେ ପୋଲିସ ଅଧିକାରୀ ଖଣ୍ଡନ କରିଛନ୍ତି। ପୁଅର ଆତଙ୍କବାଦୀ କାର୍ଯ୍ୟକଳାପ ସମ୍ପର୍କରେ ଅସାଦୁଲ୍ଲାଙ୍କୁ ପ୍ରଶ୍ନ କରାଯାଇଥିଲା। ସାଧାରଣତଃ ଆତଙ୍କବାଦୀଙ୍କ ବିଷୟରେ ଜାଣିବା ଲାଗି ତାଙ୍କ ସମ୍ପର୍କୀୟ ଓ ପରିଚିତଙ୍କୁ ପଚରାଉଚରା କରାଯାଏ। ପୁଲ୍‌ୱାମା ଜିଲାର ବିଭିନ୍ନ ଗ୍ରାମରେ ଚଢ଼ାଉ କରି ସୁରକ୍ଷାକର୍ମୀଙ୍କ ମିଳିତ ଟିମ୍ ୧୮ ସନ୍ଦିଗ୍ଧ ଯୁବକଙ୍କୁ ଅଟକ ରଖିଥିବା ଜଣାପଡ଼ିଛି।

### ■ କାଠମାଣ୍ଡୁ ବିମ୍‌ଷ୍ଟେକ୍ ସମ୍ମିଳନୀରେ ମୋଦି

## ସହଯୋଗ, ସମନ୍ୱୟକୁ ଗୁରୁତ୍ୱ

**କାଠମାଣ୍ଡୁ,୩୦।୮(ପି.ଟି.)**

ନେପାଳର କାଠମାଣ୍ଡୁଠାରେ ଗୁରୁବାର ଚତୁର୍ଥ 'ବଙ୍ଗୋପସାଗର ବହୁକ୍ଷେତ୍ରୀୟ ବୈଷୟିକ ଓ ଅର୍ଥନୈତିକ ସହଯୋଗ ଅଭିଯାନ' (ବିମ୍‌ଷ୍ଟେକ୍) ସମ୍ମିଳନୀ ଗୁରୁବାର ଉଦ୍‌ଘାଟିତ ହୋଇଛି। ବିମ୍‌ଷ୍ଟେକ୍ ସମ୍ମିଳନୀ ଉଦ୍‌ଘାଟନୀ ଭାଷଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାନବୀୟ ସହଯୋଗ ଏବଂ ବିପର୍ଯ୍ୟୟ ରିଲିଫ୍ ଦିଗରେ 'ସହଯୋଗ ଓ ସମନ୍ୱୟ' ଲାଗି ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହ ଆଞ୍ଚଳିକ ଯୋଗାଯୋଗ ବଢ଼ାଇବା ସହ ଆତଙ୍କବାଦ ଓ ବେଆଇନ ନିଶା କାରବାର ରୋକିବା ଦିଗରେ ଭାରତ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି।

କ୍ଷେତ୍ରର ଶାନ୍ତି, ସମୃଦ୍ଧି ଏବଂ ବିକାଶ ପ୍ରତିଷ୍ଠା କରିବା ଗୋଟିଏ ଦେଶ ପକ୍ଷେ ସମ୍ଭବ ନୁହେଁ। ଏଥିଲାଗି ସବୁ ସଦସ୍ୟ ରାଷ୍ଟ୍ରଙ୍କୁ ଏକଜୁଟ ହେବାକୁ ପଡ଼ିବ ବୋଲି ମୋଦି କହିଛନ୍ତି। ସେହିପରି ନିଶା କାରବାର ବିଷୟବସ୍ତୁ ଉପରେ ବିମ୍‌ଷ୍ଟେକ୍ ଢାଞ୍ଚାରେ କାର୍ଯ୍ୟକ୍ରମର ଆୟୋଜନ କରିବା ଲାଗି ଭାରତ ପ୍ରସ୍ତୁତ ବୋଲି ମୋଦି ଏହି ଅବସରରେ କହିଛନ୍ତି। ନର୍ଥ ଇଷ୍ଟର୍ନ ସ୍ପେସ୍ ଆପ୍ଲିକେଶନ୍ ସେଣ୍ଟରରେ ଅଧ୍ୟୟନ କରିବା ଲାଗି ବିମ୍‌ଷ୍ଟେକ୍ ସଦସ୍ୟ ରାଷ୍ଟ୍ରଗୁଡ଼ିକର ଛାତ୍ରୀଛାତ୍ର, ଗବେଷକ, ଶିକ୍ଷାବିତ୍‌ଙ୍କୁ ଭାରତ ବୃତ୍ତି ପ୍ରଦାନ କରିବ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିବା ସହ ବିମ୍‌ଷ୍ଟେକ୍ ଯୁବ ସମ୍ମିଳନୀ, ବିମ୍‌ଷ୍ଟେକ୍ ସାଂସଦ ଫୋରମ୍ ଗଠନ ଲାଗି ପ୍ରସ୍ତାବ ଦେଇଛନ୍ତି।

ବିମ୍‌ଷ୍ଟେକ୍ ବୈଠକ ଉପରାନ୍ତେ ମୋଦି ଶ୍ରୀଲଙ୍କା ରାଷ୍ଟ୍ରପତି ମୈତ୍ରୀପାଳ ସିରିସେନା, ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ପୃଥକ୍ ଭାବେ ସାକ୍ଷାତ୍ କରି ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

### ■ ଅଲାଗିରିଙ୍କ ୟୁ-ଟର୍ନ

## ଷ୍ଟାଲିନଙ୍କ ନେତୃତ୍ୱକୁ ମାନିବି

**ମଦୁରାଇ,୩୦।୮(ପି.ଟି.)**



ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ୍. କରୁଣାନିଧିଙ୍କ ପରଲୋକ ପରେ ଡିଏମ୍‌କେରେ ସୃଷ୍ଟି ହୋଇଥିବା କନ୍ଦଳରେ ଏକପ୍ରକାର ପୂର୍ଣ୍ଣଚ୍ଛେଦ ପଡ଼ିବାକୁ ଯାଉଛି। କରୁଣାନିଧିଙ୍କ ସାନପୁଅ ଏମ୍.କେ. ଷ୍ଟାଲିନ୍ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ଡିଏମ୍‌କେ ଅଧ୍ୟକ୍ଷ ନିର୍ବାଚିତ ହେବା ପରେ ସ୍ୱର ବଦଳାଇଛନ୍ତି ଅସନ୍ତୁଷ୍ଟ ଏମ୍.କେ. ଆଲାଗିରି। ଡିଏମ୍‌କେରେ ତାଙ୍କୁ ସାମିଲ କରାଗଲେ ସେ ସାନଭାଇ ଷ୍ଟାଲିନଙ୍କ ନେତୃତ୍ୱକୁ ଗ୍ରହଣ କରିବାକୁ ପ୍ରସ୍ତୁତ ବୋଲି ଗୁରୁବାର ବଡ଼ଭାଇ ଆଲାଗିରି ଘୋଷଣା କରିଛନ୍ତି। ଏହାକୁ ନେଇ ଦଳୀୟ ରାଜନୀତିରେ ନୂଆ ସମୀକରଣର ସମ୍ଭାବନା ସୃଷ୍ଟି ହୋଇଛି।

ଆଲାଗିରି କହିଛନ୍ତି, ସେ ଓ ତାଙ୍କ ପୁଅ ଦୁରାଇ ଦୟାନିଧି ଡିଏମ୍‌କେର କୌଣସି ପଦବୀ ପାଇଁ ଆଶାୟୀ ନୁହନ୍ତି। ସେମାନେ ଡିଏମ୍‌କେରେ ସାମିଲ କରାଗଲେ ସେମାନେ ଷ୍ଟାଲିନଙ୍କ ନେତୃତ୍ୱକୁ ମାନିବେ। ମାତ୍ର ଡିଏମ୍‌କେରେ ଗ୍ରହଣ କରା ନ ଗଲେ ଆସନ୍ତା ମାସରେ ହେବାକୁ ଥିବା ସଭା ପରେ ଅନ୍ୟ ନେତାଙ୍କ ସହ ବିଚାରବିମର୍ଶ କରି ପରବର୍ତ୍ତୀ କାର୍ଯ୍ୟପନ୍ଥା ନେଇ ନିଷ୍ପତ୍ତି ନେବେ। ପ୍ରକାଶ ଯେ, ଗତ ୨୮ ତାରିଖରେ ଡିଏମ୍‌କେ ସାଧାରଣ ପରିଷଦ ବୈଠକରେ ଷ୍ଟାଲିନ ନିର୍ଦ୍ୱନ୍ଦ୍ୱରେ ଦଳର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି।

ଭାରତକୁ ଆମେରିକାର ଚେତାବନୀ

### ରୁଷିଆଠାରୁ କ୍ଷେପଣାସ୍ତ୍ର କିଣିଲେ କଟକଣା

**ୱାଶିଂଟନ,୩୦।୮(ପି.ଟି.)**-ରୁଷିଆଠାରୁ ନୂଆଦିଲ୍ଲୀ ଏସ୍-୪୦୦ କ୍ଷେପଣାସ୍ତ୍ର ଭଳି ଅସ୍ତ୍ରଶସ୍ତ୍ର ଓ ପ୍ରତିରକ୍ଷା ସାମଗ୍ରୀ କିଣିଲେ ଭାରତ ଉପରେ ଆମେରିକା କଟକଣା ଜାରି କରିବ। ଆମେରିକାର ପ୍ରତିରକ୍ଷା ମୁଖ୍ୟାଳୟ ପେଣ୍ଟାଗନର ଏସିଆ ବ୍ୟାପାର ଅଧିକାରୀ ରଣ୍ଡାଲ୍ ସ୍କ୍ରିଭର୍ ଗୁରୁବାର ଏହି ଚେତାବନୀ ଦେଇଛନ୍ତି। ୟୁକ୍ରେନୀୟ ଉପଦ୍ୱୀପ କ୍ରିମିଆକୁ ରୁଷିଆ ନିଜ ଭୂଖଣ୍ଡରେ ସାମିଲ କରିଛି। ଏହାକୁ ନେଇ ରୁଷିଆ ଉପରେ ଆମେରିକା କଟକଣା ଜାରି କରିଛି। ଏହାର ତାତ୍ପର୍ଯ୍ୟ ହେଉଛି ରୁଷିଆ ସହିତ କୌଣସି ରାଷ୍ଟ୍ର ପ୍ରତିରକ୍ଷା କିମ୍ବା ଗୋଇନ୍ଦା ସମ୍ପର୍କ ରଖିଲେ ତା' ଉପରେ ମଧ୍ୟ ଅନୁରୂପ କଟକଣା ଜାରି କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ପ୍ରକାଶ ଯେ, ଭୂପୃଷ୍ଠରୁ ଆକାଶମାର୍ଗ ଭେଦ କରୁଥିବା ଦୂରଗାମୀ ଏସ୍-୪୦୦ ମିଶାଇଲ୍ ୬ ବିଲିୟନ ଡଲାରରେ ରୁଷିଆଠାରୁ କିଣିବାକୁ ଭାରତର ନିଷ୍ପତ୍ତି ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି।

[ଇତିହାସର ଆଇନାରେ]

### ଅଗଷ୍ଟ ୩୧ର ପ୍ରମୁଖ ଘଟଣା

୧୯୯୭ ଅଗଷ୍ଟ ୩୧ରେ ବ୍ରିଟେନ୍ ଯୁବରାଣୀ ଡାଏନାଙ୍କ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ପରଲୋକ ହୋଇଥିଲା। ଫ୍ରାନ୍ସର ପ୍ୟାରିସ୍ ସହର ଅନ୍ତର୍ଗତ ପଣ୍ଡ ଡେଲ୍ ଆଲ୍‌ମା ଶୁଡ଼ଙ୍ଗ ଦେଇ ତାଙ୍କ ଗାଡ଼ି ଗତି କରୁଥିବାବେଳେ ଦୁର୍ଘଟଣା ଘଟିଥିଲା। ଏଥିରେ ତାଙ୍କ ପୁରୁଷବନ୍ଧୁ ଡୋଡି ଫୟେଦ୍ ଏବଂ ଡ୍ରାଇଭର ହେନ୍‌ରି ପଲ୍ ମଧ୍ୟ ପ୍ରାଣ ହରାଇଥିଲେ।

୧୯୮୬ ଅଗଷ୍ଟ ୩୧ରେ ରୁଷିଆ ଯାତ୍ରିବାହୀ ଜାହାଜ ଆଡ୍‌ମିରାଲ ନାଖିମୋଭ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୪୨୩ ଜଣ ଯାତ୍ରୀ ପ୍ରାଣ ହରାଇଥିଲେ। ନୋଭୋରୋସେସ୍କରୁ ସୋଚି ଆଡ଼କୁ ଯାତ୍ରା କରୁଥିବାବେଳେ କୃଷ୍ଣସାଗରରେ ଏହା ବୁଡ଼ି ଯାଇଥିଲା। ଏକ ବିଶାଳକାୟ ଜାହାଜ ସହ ଧକ୍କା ହେବା ପରେ ଏହା ବୁଡ଼ି ଯାଇଥିଲା।

## ଫୁର୍‌ସତ

### ବୟସ୍କଙ୍କୁ ଦୀର୍ଘାୟୁ କରାଏ ଖୁସି

**ସିଙ୍ଗାପୁର:**



ଖୁସିରେ ରହୁଥିବା ବୟସ୍କ ବ୍ୟକ୍ତି ଅଧିକ ଦିନ ବଞ୍ଚିପାରନ୍ତି। ଜଣେ ମୂଳ ଭାରତୀୟଙ୍କ ସମେତ କେତେକ ଗବେଷକଙ୍କ ଅଧ୍ୟୟନରୁ ଏହା ଜାଣିବାକୁ ମିଳିଛି। ଏ ସମ୍ପର୍କିତ ଅଧ୍ୟୟନ ଜର୍ନାଲ୍ ଏଜ୍ ଆଣ୍ଡ୍ ଏଜିଙ୍ଗ୍‌ରେ ପ୍ରକାଶ ପାଇଛି। ଏଥିରେ ଦର୍ଶାଯାଇଛି, ଅସୁସ୍ଥତା ଯୋଗୁ ନିର୍ଦ୍ଦିଷ୍ଟ ବୟସରେ କେତେକ ଲୋକଙ୍କ ମୃତ୍ୟୁ ସମ୍ଭାବନା ନିଶ୍ଚିତ ଥିଲେ ହେଁ ଖୁସିରେ ରହୁଥିବା ବ୍ୟକ୍ତିଙ୍କ ମୃତ୍ୟୁ ସମ୍ଭାବନା ୧୯% କମ୍। ଏପରି କି କମ୍ ଖୁସିରେ ରହୁଥିବା ବ୍ୟକ୍ତିଙ୍କ ଆୟୁଷ ମଧ୍ୟ ବୃଦ୍ଧିପାଇଥାଏ ବୋଲି ସିଙ୍ଗାପୁରସ୍ଥିତ ଡ୍ୟୁକ୍-ନୁସ୍ ମେଡିକାଲ ସ୍କୁଲ୍‌ର ସହଯୋଗୀ ପ୍ରଫେସର ରାହୁଲ ମଲହୋତ୍ରା ପ୍ରକାଶ କରିଛନ୍ତି। ଅତଏବ, ବୟସ୍କ ବ୍ୟକ୍ତିମାନେ ସୁସ୍ଥ ଓ ସୁଖୀ ରହିବା ଲାଗି ସରକାର କେତେକ କାର୍ଯ୍ୟକ୍ରମ ପ୍ରସ୍ତୁତ କରନ୍ତି।

### ଚଳନ୍ତା ବିମାନରୁ ଓହ୍ଲାଇଲେ ପାଇଲଟ୍

**ନ୍ୟୁୟର୍କ:**

ବିବାଦୀୟ 'କି କି ଚ୍ୟାଲେଞ୍ଜ୍'ର ଆଉ ଏକ ଭୟଙ୍କର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି। ୨୦୦୪ର ଆଇକନିକ୍ ଆମେରିକୀୟ ଟେଲିଭିଜନ ଧାରାବାହିକ 'ଫ୍ରେଣ୍ଡସ୍'ର ଶେଷ ଏପିସୋଡ୍‌କୁ ଏହା ମନେପକାଇଦେଇଛି। ଉକ୍ତ ଧାରାବାହିକରେ ରାଚେଲ୍ ଗ୍ରୀନ୍ ଭୂମିକାରେ ଅଭିନୟ କରିଥିବା ଜେନିଫର ଆନିଷ୍ଟୋନ୍ ନିଜ ପ୍ରେମିକଙ୍କ ପାଇଁ ରନ୍‌ୱେରେ ଚଳନ୍ତା ବିମାନରୁ ଓହ୍ଲାଇ ପଡ଼ିଥିଲେ। ଏହି ଦୃଶ୍ୟ ଏବଂ ଅଭିନେତ୍ରୀଙ୍କ ଡାଇଲଗ୍ ଦର୍ଶକଙ୍କ ମନରୁ ଲିଭି ନ ଥିବାବେଳେ ବର୍ତ୍ତମାନ ଉକ୍ତ କାଳ୍ପନିକ କାହାଣୀର ବାସ୍ତବ ଚିତ୍ର ଦେଖିବାକୁ ମିଳିଛି।




ଜଣେ ମହିଳା ପାଇଲଟ୍ 'କି କି ଚ୍ୟାଲେଞ୍ଜ' ନେଇ ଚଳନ୍ତା ବିମାନରୁ ରନ୍‌ୱେରେ ଓହ୍ଲାଇ ପଡ଼ିଛନ୍ତି। ମେକ୍ସିକୋର ମହିଳା ପାଇଲଟ୍ ଆଲେଜେଣ୍ଡ୍ରା ମାନ୍‌ରିକ୍ୟୁଜ୍ ବିମାନର ଜଣେ ଏୟାର୍ ହୋଷ୍ଟେସ୍‌ଙ୍କ ସହ ରନ୍‌ୱେରେ ଚାଲୁଥିବା ବିମାନରରୁ ଓହ୍ଲାଇ ଏହା ନିକଟରେ ଡାନ୍ସ କରିବା ଆରମ୍ଭ କରିଥିଲେ। ଏହି ଭିଡିଓ ଏବେ ସୋସିଆଲ୍ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି। ଭିଡିଓଟି ନ୍ୟୁୟର୍କର ଏକ ବିମାନବନ୍ଦରର ବୋଲି ଜଣାପଡ଼ିଛି। ତେବେ ଏଥିଲାଗି ପାଇଲଟ୍‌ଙ୍କୁ ଅନେକ କଡ଼ା ସମାଲୋଚନା କରିଛନ୍ତି। ବିମାନ ଆଗରେ 'କି କି ଚ୍ୟାଲେଞ୍ଜ' କରି ଯାତ୍ରୀଙ୍କ ଜୀବନ ବିପଦକୁ ଠେଲିଦେବା ଭଳି ବୋଲି ଅଭିଯୋଗ ହେଉଛି। ଏହାସତ୍ତ୍ୱେ ପାଇଲଟ୍ ଏବଂ ଏୟାର୍ ହୋଷ୍ଟେସ୍‌ଙ୍କ ଲାଇସେନ୍ସ ରହିଥିବା ଆଶ୍ଚର୍ଯ୍ୟର ବିଷୟ ବୋଲି ସୋସିଆଲ ମିଡିଆରେ ପ୍ରକାଶ ପାଇଛି।


ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୪ | ୨୫.୩ |
| ଚାନ୍ଦବାଲି | ୩୨.୨ | ୨୫.୮ |
| କଟକ | ୩୧.୨ | ୨୪.୨ |
| ପାରାଦ୍ୱୀପ | ୩୨.୦ | ୨୭.୮ |
| ଭୁବନେଶ୍ୱର | ୩୨.୧ | ୨୫.୯ |
| ଗୋପାଳପୁର | ୩୧.୬ | ୨୬.୭ |
| ପୁରୀ | ୩୨.୬ | ୨୬.୪ |
| ଅନୁଗୋଳ | ୩୨.୭ | ୨୪.୦ |
| ବାରିପଦା | ୩୪.୦ | ୨୬.୫ |
| ଝାରସୁଗୁଡ଼ା | ୩୨.୨ | ୨୬.୦ |
| କେନ୍ଦୁଝର | ୩୩.୦ | ୨୪.୦ |
| ସମ୍ବଲପୁର | ୩୨.୨ | ୨୩.୬ |
| ସୁନ୍ଦରଗଡ଼ | --- | ୧୮.୫ |
| ହୀରାକୁଦ | ୩୨.୧ | ୨୨.୦ |
| ତାଳଚେର | ୩୧.୮ | ୨୫.୦ |
| ଭବାନୀପାଟଣା | ୩୧.୫ | ୨୪.୫ |
| ବଲାଙ୍ଗୀର | ୩୨.୦ | ୨୫.୦ |
| କୋରାପୁଟ | ୨୫.୬ | ୨୧.୨ |
| ଫୁଲବାଣୀ | --- | ୨୧.୦ |
| ଟିଟିଲାଗଡ଼ | --- | ୨୨.୫ |
| ମାଲକାନଗିରି | ୩୦.୦ | ୨୫.୮ |
| ସୋନପୁର | ୩୨.୨ | ୨୩.୬ |
| ଦାରିଙ୍ଗିବାଡ଼ି | ୨୫.୦ | ୧୮.୫ |
| ଢେଙ୍କାନାଳ | ୩୨.୬ | ୨୫.୬ |

ଡିଗ୍ରୀ ସେଲ୍‌ସିୟସ୍

### ବୃହସ୍ପତିର ଲାଲ୍‌ଦାଗରେ ଜଳ

**ୱାଶିଂଟନ୍:**



ବୃହସ୍ପତିରେ ଯେଉଁ ଲାଲ୍‌ଦାଗ ପ୍ରତୀୟମାନ ହେଉଛି ତାହା ବର୍ଷା, ବିଜୁଳି ଓ ବଜ୍ରର ଏକ ରୂପ। ଏହା ଦୀର୍ଘ ୩୫୦ବର୍ଷ ହେଲା ତୀବ୍ର ଆକାର ଧାରଣ କରିଛି। ଉକ୍ତ ଗ୍ରହ ଉପରେ ଥିବା ଘନ ବାଦଲରେ ଜଳ ଥିବା ନାସା ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି। ଆମେରିକାର ମେରିଲାଣ୍ଡସ୍ଥିତ ନାସାର ଗଡାର୍ଡ ସ୍ପେସ୍ ଫ୍ଲାଇଟ୍ ସେଣ୍ଟର୍‌ର ଆଷ୍ଟ୍ରୋଫିଜିସିଷ୍ଟ ଗର୍ଡନ୍ ବିଜୋରକରଙ୍କ ନେତୃତ୍ୱରେ ଗବେଷକମାନେ ଟେଲିସ୍କୋପ୍ ଦ୍ୱାରା ବୃହସ୍ପତିର ଏଭଳି ଅସ୍ଥିର ଝଡକୁ ଦେଖିବାକୁ ପାଇଥିବା ବେଳେ ଜଳର ରାସାୟନିକ ଧର୍ମ ସଂଘଟିତ ହେଉଥିବା ସୂଚନା ପାଇଛନ୍ତି। ଏହି ଅଧ୍ୟୟନର ନିଷ୍କର୍ଷ ତତ୍ତ୍ୱଭିତ୍ତିକ ଏବଂ କମ୍ପ୍ୟୁଟରଭିତ୍ତିକ ମଡେଲ୍‌କୁ ସମର୍ଥନ କରୁଛି। ଯଦ୍ୱାରା ବୃହସ୍ପତିରେ ପ୍ରଚୁର ପରିମାଣରେ ଜଳ ଥିବା ସୂଚନା ମିଳୁଛି।

ଏ ସମ୍ପର୍କରେ ବିଜୋରକର ଏକ ବିବୃତିରେ କହନ୍ତି, ବୃହସ୍ପତିକୁ ପ୍ରଦକ୍ଷିଣ କରୁଥିବା ଉପଗ୍ରହଗୁଡିକ ସାଧାରଣତଃ ବରଫରେ ପରିପୂର୍ଣ୍ଣ। ତେଣୁ ଏହାର ନିକଟବର୍ତ୍ତୀ ଗ୍ରହ ଉପଗ୍ରହଗୁଡ଼ିକରେ ପ୍ରଚୁର ଜଳ ଥିବା ସ୍ୱାଭାବିକ। ଜଳ ବାଦଲର ଉପସ୍ଥିତି ସଙ୍ଗକୁ କାର୍ବନ ମନୋକ୍ସାଇଡ୍ ଥିବା କାରଣରୁ ଗବେଷକମାନେ ସ୍ଥିର ନିଶ୍ଚିତ ଯେ, ବୃହସ୍ପତିରେ ଅମ୍ଳଜାନ ରହିଛି। ସେହି କାରଣରୁ ଉକ୍ତ ଗ୍ରହରେ ଜଳ ରହିଥିବା ଗବେଷକମାନେ ସୁନିଶ୍ଚିତ ହୋଇଛନ୍ତି। ବୃହସ୍ପତିରେ ପ୍ରଚୁର ଜଳ ଥିବା କାରଣରୁ ଏହା କିପରି ସୃଷ୍ଟି ହୋଇଥିଲା ସେ ବିଷୟ ଜଣାପଡିବ। କିନ୍ତୁ ଏଥିପାଇଁ ସମଗ୍ର ଗ୍ରହରେ କେତେ ପରିମାଣର ଜଳ ଅଛି ତାହା ଆକଳନ କରାଯିବା ଆବଶ୍ୟକ ବୋଲି ନାସାର ଜେଟ୍ ପ୍ରପଲ୍‌ସନ୍ ଲାବୋରେଟୋରି ବୈଜ୍ଞାନିକ ଷ୍ଟିଭେନ୍ ଏମ୍. ଲେଭିନ୍ ପ୍ରକାଶ କରିଛନ୍ତି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

DHARITRI
ସମ୍ବଲପୁର, ଶୁକ୍ରବାର, ଅଗଷ୍ଟ ୩୧/୨୦୧୮ Sambalpur, Friday, August 31/ 2018




## କାଷ୍ଟିଂ କାଉଚ୍‌କୁ ବିରୋଧ କରନ୍ତି ରିଚା

ଅଭିନେତ୍ରୀ ରିଚା ଚଡ୍ଢା ଦୁଇଥର କାଷ୍ଟିଂ କାଉଚର ସମ୍ମୁଖୀନ ହୋଇଥିଲେ ବି ଏହାର ଶିକାର ହୋଇନାହାନ୍ତି। ଏହାକୁ ସେ ସବୁବେଳେ ବିରୋଧ କରନ୍ତି ବୋଲି ସ୍ପଷ୍ଟ ଭାବେ ପ୍ରକାଶ କରିଛନ୍ତି।

୦୯

୧୫

## ନଗଦ ଅର୍ଥ କାରବାରକୁ ହ୍ରାସ କରିଛି ବିମୁଦ୍ରୀକରଣ

୨୦୧୬ ନଭେମ୍ବର ୮ରେ ବିମୁଦ୍ରୀକରଣ ହେତୁ ଦେଶରେ ନଗଦ ଅର୍ଥକାରବାର ହ୍ରାସ ପାଇଛି। ନୀତି ଆୟୋଗର ଉପାଧ୍ୟକ୍ଷ ରାଜୀବ କୁମାର ଏହା କହିଛନ୍ତି।



### ଆଜିର ସମ୍ପାଦକୀୟ

ମିଛ ଦାବି

### ଆଜିର ମନ୍ତବ୍ୟ

"ସମ୍ବିଧାନ ବିରୋଧରେ ବିଦ୍ରୋହ ଜରୁରୀ ସ୍ଥିତିଠାରୁ ମଧ୍ୟ ଘାତକ।
**–ଅରୁନ୍ଧତୀ ରୟ, ବିଶିଷ୍ଟ ସାହିତ୍ୟିକା**

### କିଛି ତଥ୍ୟ

ବିମୁଦ୍ରୀକରଣ ମାଧ୍ୟମରେ କେନ୍ଦ୍ର ସରକାର ବଜାରରୁ ୧୫.୪୧ ଲକ୍ଷ କୋଟି ଟଙ୍କାର ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ଅଚଳ କରିଛନ୍ତି। ଏବେ ସୁଦ୍ଧା ସେଥିମଧ୍ୟରୁ ୯୯.୩%(୧୫.୩୧ ଲକ୍ଷ କୋଟି) ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ଫେରିଛି। **–ଭାରତୀୟ ରିଜର୍ଭ ବ୍ୟାଙ୍କ**

# ଅନ୍ୟ ରାଜ୍ୟରେ ସଂରକ୍ଷଣ ଦାବି କରିପାରିବେନି ଏସ୍‌ସି/ଏସ୍‌ଟି

ନୂଆଦିଲ୍ଲୀ,୩୦।୮(ପି.ଟି.)

ତଫସିଲଭୁକ୍ତ ଜାତି (ଏସ୍‌ସି) ଓ ତଫସିଲଭୁକ୍ତ ଉପଜାତି (ଏସ୍‌ଟି) ବର୍ଗର କୌଣସି ବ୍ୟକ୍ତି ନିଜ ରାଜ୍ୟରେ ହିଁ ସଂରକ୍ଷଣ ଜନିତ ସୁବିଧା ହାସଲ କରିପାରିବେ। ସମ୍ପୃକ୍ତ ବ୍ୟକ୍ତିଙ୍କ ଜାତି ଅନ୍ୟ ରାଜ୍ୟରେ ସୂଚୀବଦ୍ଧ ହୋଇ ନ ଥିଲେ ବା ତାକୁ ନେଇ ବିଜ୍ଞପ୍ତି ଜାରି କରାଯାଇ ନ ଥିଲେ ସେ ସରକାରୀ ଚାକିରି କ୍ଷେତ୍ରରେ ସଂରକ୍ଷଣ ସୁବିଧା ଦାବି କରିପାରିବେ ନାହିଁ ବୋଲି ଗୁରୁବାର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି।

ଗୋଟିଏ ରାଜ୍ୟର ଏସ୍‌ସି/ଏସ୍‌ଟି ଅନ୍ୟ ରାଜ୍ୟରେ ସଂରକ୍ଷଣ ସୁବିଧା ଦାବି କରିପାରିବେ କି ନାହିଁ ତାହା ସ୍ପଷ୍ଟ କରିବା ପାଇଁ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ଜଷ୍ଟିସ୍



ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ସେଗୁଡ଼ିକର ଶୁଣାଣି କରି ସର୍ବସମ୍ମତିକ୍ରମେ କହିଛନ୍ତି ଯେ, ଗୋଟିଏ ରାଜ୍ୟର ଏସ୍‌ସି ବର୍ଗର ଜଣେ ବ୍ୟକ୍ତି ଶିକ୍ଷା ବା ନିଯୁକ୍ତି ପାଇଁ ଅନ୍ୟ ରାଜ୍ୟକୁ ଯାଇ ରହୁଥିଲେ ସେଠାରେ ସେ ତଫସିଲଭୁକ୍ତ ଜାତିର ବୋଲି ପରିଗଣିତ ହେବେ ନାହିଁ। ଗୋଟିଏ ରାଜ୍ୟରେ ଏସ୍‌ସି ମାନ୍ୟତା ପାଇଥିବାରୁ ସେ ଅନ୍ୟ ରାଜ୍ୟରେ ମଧ୍ୟ ସଂରକ୍ଷଣଜନିତ ସମାନ ସୁବିଧା ଦାବି କରିପାରିବେ ନାହିଁ ବୋଲି ଜଷ୍ଟିସ୍ ଏନ୍.ଭି. ରମନା,

☞ପୃଷ୍ଠା–୨

## ଦୂତୀ ପାଇବେ ଆଉ ଦେଢ଼ କୋଟି

ଭୁବନେଶ୍ୱର, ୩୦।୮(ବ୍ୟୁରୋ)

ଜାକର୍ତ୍ତା ଏସିଆନ୍ କ୍ରୀଡାରେ କ୍ରମାଗତ ଚମତ୍କାର ପ୍ରଦର୍ଶନ କରି ଓଡ଼ିଆ ଝିଅ ଦୂତୀ ଚାନ୍ଦ ଭାରତର ଗୌରବ ବୃଦ୍ଧି କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ବୁଧବାର ଦୂତୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ରାଜ୍ୟ ସରକାରଙ୍କ ସଂଶୋଧିତ କ୍ରୀଡ଼ା ପୁରସ୍କାର ନୀତି ଅନୁଯାୟୀ ଗୁରୁବାର ମୁଖ୍ୟମନ୍ତ୍ରୀ ଦୂତୀଙ୍କ ପାଇଁ ଦେଢ଼ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛନ୍ତି। ଏହାସହ ଦୂତୀଙ୍କ ଆଗାମୀ ଅଲିମ୍ପିକ ପ୍ରସ୍ତୁତି ଲାଗି ରାଜ୍ୟ ସରକାର ଖର୍ଚ୍ଚ ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ପୂର୍ବରୁ ୧୦୦ମିଟର ଦୌଡ଼ ପ୍ରତିଯୋଗିତାରେ ଦୂତୀଙ୍କ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଦେଢ଼ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଥିଲେ।

BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 31,200/- 10gm.
Gold 22 CT - ₹ 30,200/- 10gm.
Silver Rate - ₹ 370/- /10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE
30.08.2018
Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 63 | 110 | 120 |
| BDK | 61 | 107 | 117 |
| BLS | 61 | 107 | 117 |
| ANG | 63 | 110 | 120 |

*Conditions Apply
Eggs Retail Price- 43/-Dozen
Issued in the Interest of Consumers

# ଜନସନଙ୍କୁ ସ୍ୱର୍ଣ୍ଣ

**ଏସିଆନ ଗେମ୍ସ**

■ ପଞ୍ଚମ ଥରପାଇଁ ସ୍ୱର୍ଣ୍ଣ ଜିତିଲେ ଭାରତୀୟ ମହିଳା ରିଲେ ଦଳ



ଜାକର୍ତ୍ତା, ୩୦।୮(ପି.ଟି.)

ଏସିଆନ ଗେମ୍ସର ଗୁରୁବାର ଅନୁଷ୍ଠିତ ପୁରୁଷ ୧୫୦୦ ମିଟର ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଭାରତର ଜିନସନ ଜନସନ। ସେ ୩:୪୪.୭୨ ସେକେଣ୍ଡ ସମୟ ନେଇ ଏହି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଇରାନର ଅମିର ମୋରାଡି ୩:୪୫.୬୨ ସେକେଣ୍ଡ ସମୟ ସହ ରୌପ୍ୟ ଏବଂ ବାହାରିନର ମହମ୍ମଦ ତୌଆଲି ୩:୪୫.୮୮ ସେକେଣ୍ଡ ନେଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଚଳିତ ଏସିଆନ ଗେମ୍ସରେ ଜିନସନ

☞ପୃଷ୍ଠା–୨

# ଅନର କିଲିଂ ବିରୋଧରେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୩୦।୮(ବ୍ୟୁରୋ)

ଆନ୍ତଃ ଜାତି ବିବାହ କିମ୍ବା ପ୍ରେମ ବିବାହକୁ ନେଇ ହେଉଥିବା ଅନର କିଲିଂ ଭଳି ଘଟଣାକୁ ରୋକିବା ପାଇଁ କଡ଼ା ପଦକ୍ଷେପ ନିଆଯିବ। ଏଭଳି ଘଟଣାରେ ସମ୍ପୃକ୍ତ ପଞ୍ଚାୟତ କିମ୍ବା ଗ୍ରାମ କମିଟି ବର୍ତ୍ତି ପାରିବେ ନାହିଁ। ଅପରାଧୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଏଭଳି ଅପରାଧକୁ ରୋକିବା ପାଇଁ ଗୃହ ବିଭାଗ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁଓର(ଏସ୍‌ଓପି) ଜାରି କରିଛି। ଏହାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ପୋଲିସ ପ୍ରଶାସନ, ଜିଲାପାଳ,ଆରଡିସି ଓ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

**ଜାରି ହେଲା କଠୋର ନିୟମ**

- ■ ଅନର କିଲିଂ ପ୍ରବଣ ଜିଲା, ସବଡିଭିଜନ କିମ୍ବା ଗାଁ ଚିହ୍ନଟ କରିବାକୁ ନିର୍ଦ୍ଦେଶ
- ■ ଆନ୍ତଃ ବିବାହ କରୁଥିବା ଦମ୍ପତିଙ୍କୁ ମିଳିବ ସୁରକ୍ଷା
- ■ ଆଇନ ହାତକୁ ନେଲେ ହେବ କାର୍ଯ୍ୟାନୁଷ୍ଠାନ
- ■ ଫାଷ୍ଟ ଟ୍ରାକ୍ କୋର୍ଟରେ ହେବ ବିଚାର

କୌଣସି ପଞ୍ଚାୟତ କିମ୍ବା ଗ୍ରାମ କମିଟି ବସି ଆନ୍ତଃ ବିବାହ ବିରୋଧରେ ନିଷ୍ପତ୍ତି ନେଲେ କିମ୍ବା ଆଇନକୁ ହାତକୁ ନେବାକୁ ଉଦ୍ୟମ କଲେ ତାହାକୁ ରୋକିବା ପାଇଁ ପଦକ୍ଷେପ ନିଆଯିବ। ଦେଶର ବିଭିନ୍ନ ରାଜ୍ୟରେ ଏଭଳି ଅମାନବୀୟ ଅପରାଧ ଘଟୁଥିବାରୁ ଏ ନେଇ ସୁପ୍ରିମକୋର୍ଟ ଚିନ୍ତାପ୍ରକଟ କରିଛନ୍ତି। ଏ ଦିଗରେ କେନ୍ଦ୍ର ସରକାର ଆବଶ୍ୟକ

☞ପୃଷ୍ଠା–୨

## ବଦଳିବ ମାଟ୍ରିକ ପ୍ରଶ୍ନପତ୍ର ଢାଞ୍ଚା

କଟକ ଅଫିସ, ୩୦।୮

ବଦଳିବ ମାଟ୍ରିକ ପ୍ରଶ୍ନପତ୍ର ଢାଞ୍ଚା। ୨୦୧୯–୨୦ ଶିକ୍ଷାବର୍ଷଠାରୁ ଉଠିଯିବ ଓଏମ୍‌ଆର୍ ବ୍ୟବସ୍ଥା। ସେହିଭଳି ପ୍ରଶ୍ନପତ୍ରରେ ୫୦ ମାର୍କ ସବ୍‌ଜେକ୍‌ଟିଭ ଓ ୫୦ ମାର୍କ ଅବ୍‌ଜେକ୍‌ଟିଭ ରହିବ। ଅବ୍‌ଜେକଟିଭ ପ୍ରଶ୍ନପତ୍ରରେ ବିକଳ୍ପ ଉତ୍ତର ବ୍ୟବସ୍ଥା ରହିବ ନାହିଁ। ପ୍ରତ୍ୟେକ ପ୍ରଶ୍ନ ପାଇଁ ଉତ୍ତର ନିର୍ଦ୍ଦିଷ୍ଟ ଭାବେ ଲେଖିବେ ଛାତ୍ରୀଛାତ୍ର। ତେବେ ଚଳିତ ଶିକ୍ଷାବର୍ଷଠାରୁ ଏହି ବ୍ୟବସ୍ଥାରେ ନବମ ଶ୍ରେଣୀ ପିଲା ପରୀକ୍ଷା ଦେବେ। ମାତ୍ର ୨୦୧୮–୧୯ରେ ମାଟ୍ରିକ ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ରଙ୍କ ପାଇଁ ଓଏମ୍‌ଆର ସିଟ ୩ ସେଟ୍ ବଦଳରେ ୪ ସେଟ୍ ବିଶିଷ୍ଟ ହେବ। ପ୍ରତି ସେଟ୍‌ର ପ୍ରଶ୍ନପତ୍ର ପ୍ରତ୍ୟେକଠାରୁ ଭିନ୍ନ ରହିବ। ସେହିଭଳି ପୂର୍ବରୁ ମୋଟ ୩୦ ମାର୍କ ରଖିଲେ ପାସ୍ ବୋଲି ବିବେଚନା କରାଯାଉଥିବାବେଳେ ଏଣିକି ସବ୍‌ଜେକଟିଭରେ ୧୫ ଓ ଅବ୍‌ଜେକ୍ଟିଭ୍‌ରେ ୧୫ ରଖିବାକୁ ହେବ। ଗୁରୁବାର ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଭାପତି ଜାହାଁଆରା ବେଗମ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।





ଥରେ ମିଛ କହିବାର ବିପଦ ହେଉଛି ଆଉଥରେ ସତ କହିଲେ ମଧ ଅନ୍ୟମାନେ ତାହାକୁ ବିଶ୍ୱାସ କରିବେ ନାହିଁ।

-ଆରିଷ୍ଟଟଲ


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..................................



ଦେବ୍ୟାଂଶୀ ପରିବାରବର୍ଗ



ସମରପ୍ରିତ୍ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified



automobile

## SALE

Indica Vista, Leyland Bus, Bolero Plus, massey, Sonalika Tractor, TVS Scooty. Finance available. 9938424739. D-8087

Used car for sales. All models, attractive prices, spot finance, free accessories. Call: 9776900444, 9583011021. Conditions apply. D-64120



real estate

## SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

ଭୁବନେଶ୍ୱର ପିତାପଲ୍ଲୀ NH-5ରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି। 9583032439. D-63588

Ready to built 4250 sqft. plot available at Jamukoli Mouza, Sundarpada- Jatni Road right side. 9238846887, 9348897443. D-62125

One acre gharabari converted land with boundary wall near Athgarh 30ft. road side. 9437284700. D-8092

Plot for sale near AIIMS Hospital, Bhubaneswar. Contact: 9938670164, 6370907396. D-64119

Fully furnished 3BHK flat, 2nd floor at Ashok Nagar @ 95 Lac. 7978584549 (Broker not allowed). D-64111

Homestead, gharabari, yellowzone land 9000 sqft. (222 decml) 80ft. frontage to 60ft. road & 100 mtrs away from 200ft. road, 4kms. from KIIMS Medical College for sale at Mouza Sunderpur, Bhubaneswar. Contact: 9437095996. D-64122

Duplex starting from 60 lacs* at Jharapada. Limited offer work in full swing. Call: 9583066080, 7008104326. D-64123

ଖୋର୍ଦ୍ଧା ଗେଟ୍ ପାଖରେ NH-5 sideରେ ଘରବାରି boundary plot ବିକ୍ରିହେବ। 9778556265. D-63596

Premium 3BHK semifurnished apartment resale at Manitirumala Project, Raghunathpur, Main road, 72 lakhs, contact Rentex- 9090051111. D-63598

ଭୁବନେଶ୍ୱରର ଅରଗୁଳ IIT ଠାରେ ପିଚୁରୋଡ ସୁବିଧାଥାଇ ଘରବାରି ପ୍ଲଟ ସ୍ୱଳ୍ପମୂଲ୍ୟରେ କିଣନ୍ତୁ ଓ ଗୃହ ନିର୍ମାଣ କରନ୍ତୁ। **Sanjay: 9861812258.** D-63585

## GENERAL

## SALE

Skill development food processing training module machinery sale, Bhubaneswar. 9438865754. D-63833

Servicing Machine, preser machine sale ହେବ। 9437619903. D-8088

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-63597



healthcare

All type of massage and good therapy full body massage Sai herbal spa. 7609005923. D-64201

Madam Monalisa massage club-50% discount full body massage by hiprofile smart lady therapist. 9708545108. D-8085

BBSR opening newly ayurvedic full body massage ladies & gents. 7438851534, 7609923705. D-38526

Sonali ayurvedic full body massage/ smart lady expert therapist. Best facility. 9973747265, 9572698260, 9934132232, 9631368840. D-8096

### ସପ୍ତମ ଜନ୍ମଦିନ ଶୁଭେଚ୍ଛା



(ସୂର୍ଯ୍ୟ)

**ସମରପ୍ରିତ୍ ମାଝୀ**

ବରସାହି, ଛେଣ୍ଡିପଦା, ଅନୁଗୋଳ

ଜନ୍ମଦିନରେ ଅନେକ ଶୁଭେଚ୍ଛା। ଭଗବାନ ତୁମ ଚଲାପଥକୁ କୁସୁମିତ କରନ୍ତୁ। **ଶୁଭେଚ୍ଛା ସହ: ବାପା, ମା, ଅଜା, ଆଈ, ଦାଦା, ଖୁଡୀ।**

ଧ-୮୦୯୭

### ଜନ୍ମଦିନ ଶୁଭେଚ୍ଛା



**ଦେବ୍ୟାଂଶୀ ରାୟ (ଶ୍ରୀ)**

ଆଜି ତୋ ଜନ୍ମଦିନର ପ୍ରଥମ ବର୍ଷ ପୂର୍ତ୍ତୀ ଅବସରରେ ଚଲାପଥ କୁସୁମିତ ହେବା ସହ ଦୀର୍ଘାୟୁ, ଯଶସ୍ୱୀ ଓ ଉଜ୍ଜ୍ୱଳମୟ ହେଉ। ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। **ଶୁଭେଚ୍ଛା ସହ:** ଦାଦା, ଦାଦି, ନାନା, ନାନୀ, ପାପା, ମା, ଫୁପୁ, ଫୁପା, ମାମା, ବରୁଣ, ଆୟୁଷ।

ଧ-୪୬୫୪୫

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଭୁବନେଶ୍ୱରରୁ ଅହମ୍ମଦାବାଦ ସିଧାସଳଖ ବିମାନସେବା

ଭୁବନେଶ୍ୱର,୩୦ ।୮ (ବ୍ୟୁରୋ)- ଭୁବନେଶ୍ୱରରୁ ଗୁଜରାଟର ଅହମ୍ମଦାବାଦକୁ ଆରମ୍ଭ ହେବ ସିଧାସଳଖ ବିମାନସେବା। ଆସନ୍ତା ସେପ୍ଟେମ୍ବର ୩ରୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଅହମ୍ମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରକୁ ସିଧାସଳଖ ବିମାନ ଉଡ଼ାଣ ହେବ। ଇଣ୍ଡିଗୋ ଏୟାର ଲାଇନ୍ସ ପକ୍ଷରୁ ଏହି ସେବା ଯୋଗାଇ ଦିଆଯିବ। ସପ୍ତାହକୁ ୩ଦିନ ସୋମବାର, ବୁଧବାର ଏବଂ ଶୁକ୍ରବାର ଏହା ଚଳାଚଳ କରିବ। ବିମାନ ସଂଖ୍ୟା 6E 953 ଅହମ୍ମଦାବାଦରୁ ସକାଳ ୮ଟା ୫୫ ମିନିଟ୍‌ରେ ବାହାରି ପୂର୍ବାହ୍ନ ୧୧ଟା ୨୦ ମିନିଟ୍‌ରେ ଭୁବନେଶ୍ୱରରେ ପହଞ୍ଚିବ। ସେହିଭଳି ବିମାନ ସଂଖ୍ୟା 6E 954 ପୂର୍ବାହ୍ନ ୧୧ଟା ୫୦ ମିନିଟ୍‌ରେ ଭୁବନେଶ୍ୱରରୁ ଉଡ଼ାଣ ଆରମ୍ଭ କରି ଅପରାହ୍ନ ୨ଟା ୧୦ ମିନିଟ୍‌ରେ ଅହମ୍ମଦାବାଦରେ ପହଞ୍ଚିବ। ଅନ୍ୟପକ୍ଷରେ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆର ନୂଆ ୱିଣ୍ଟର ସିଡ୍ୟୁଲ୍ ପ୍ଲାନ୍ ଅନୁଯାୟୀ ଭୁବନେଶ୍ୱରରୁ ମୋଟ ୬୮ଟି ବିମାନ ଉଡ଼ାଣ କରିବ। ଏବେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ପ୍ରତିଦିନ ୪୨ଟି ବିମାନ ବିଭିନ୍ନ ସ୍ଥାନକୁ ଉଡ଼ାଣ କରୁଥିବା ବେଳେ ନୂଆ ଯୋଜନାରେ ଭୁବନେଶ୍ୱରରୁ କୋଏମ୍ବାଟୁରକୁ ବିମାନସେବା ଆରମ୍ଭ ହେବ।


## ମନେ ପଡ଼ନ୍ତି

୩୧ ଅଗଷ୍ଟ ୨୦୧୮

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



**ସ୍ୱର୍ଗତା ପାର୍ବତୀ ଦେବୀ**

ଆବିର୍ଭାବ: ୧୯୪୫

ତିରୋଧାନ: ୨୨ ଅଗଷ୍ଟ ୨୦୧୬

ଗ୍ରାମ/ ପୋ: ବାଘମାରି, ଜିଲ୍ଲା: ଖୋର୍ଦ୍ଧା

ତୋର ସ୍ନେହବତ୍ସଳ, ଅମାୟିକଭାବ, ପରୋପକାରିତା, ଶ୍ରଦ୍ଧା, ସ୍ପଷ୍ଟବାଦିତା ଏବଂ କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇରହିଥାଉ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା। ଇତି ତୋର ହତଭାଗ୍ୟ ପୁତ୍ର- ରାମମୋହନ, ଶ୍ୟାମମୋହନ, ବ୍ରଜମୋହନ ଓ ରାଧାମୋହନ, ପୁତ୍ରବଧୂ- ସବିତା, ଦୀପା, ପୁଷ୍ପା ଓ ନାତି-ଲିକନ୍, ମଧୁ, ଜଗୁ, ବାଉନା, ସିପୁନା, ସୋନୁ ଓ ମୁନୁ। ଧ-୮୦୯୯

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**√ଗୋବିନ୍ଦ ଚନ୍ଦ୍ର ଦାଶ**

କାଁଜିଆପଦା, କାନପୁର, କଟକ

ଧରାବତରଣ :୦୨-୧୦-୧୯୪୨

ସ୍ୱର୍ଗାରୋହଣ :୧୨-୦୮-୨୦୧୭

ନନା, ଆଖି ପଲକରେ ତୁମେ ଆର ପାରିକୁ ଚାଲି ଗଲ । ଏହା ମଧ୍ୟରେ ବର୍ଷଟିଏ ବିତିଗଲାଣି । ତୁମର ପାର୍ଥୀବ ଶରୀର ପଂଚ ମହାଭୂତରେ ଲୀନ ହୋଇଯାଇଛି ସିନା, ହେଲେ ତୁମେ ଆମ ସ୍ମୃତିରେ ଏବେ ବି ସଜୀବ । ତୁମେ ଯେଉଁଠି ଥାଅ, ଶାନ୍ତିରେ ଥାଅ, ଏହାହିଁ କାମନା । ଶୋକାଭିଭୂତ ପତ୍ନୀ-ଚନ୍ଦ୍ରମଣି, ପୁତ୍ର-ଜ୍ଞାନ, ଚିତ୍ତ ଓ ପ୍ରଶନ୍ନ, ପୁତ୍ରବଧୂ- ଗୀତା, ମିଲି ଓ ମିତା ପୌତ୍ର ପୌତ୍ରୀ-ଗାଗୁଲ୍, ପୁତୁଲ୍, ମିଲନ୍ ଓ ସାଇ

ଧ-୮୦୯୪


■ ପୋଷ୍ଟ ଅଫିସ ହେବ ସମ୍ପୂର୍ଣ୍ଣ ବ୍ୟାଙ୍କ

# ସେପ୍ଟେମ୍ବର ପହିଲାରୁ ଇଣ୍ଡିଆ ପୋଷ୍ଟ ପେମେଣ୍ଟ୍ସ ବ୍ୟାଙ୍କ

ଭୁବନେଶ୍ୱର,୩୦ ।୮ (ବ୍ୟୁରୋ)

■ ଓଡ଼ିଶାରେ ଖୋଲିବ ୩୩ ଶାଖା, ୧୬୫ ଆକ୍ସେସ ପଏଣ୍ଟ

■ ଭୁବନେଶ୍ୱର ମୁଖ୍ୟ ଶାଖାକୁ ଉଦ୍‌ଘାଟନ କରିବେ ଧର୍ମେନ୍ଦ୍ର ପ୍ରଧାନ

■ ଡିସେମ୍ବର ସୁଦ୍ଧା ୮,୨୧୫ ଆକ୍ସେସ ପଏଣ୍ଟ କରିବାକୁ ଲକ୍ଷ୍ୟ

■ ଏଟିଏମ୍ ପରିବର୍ତ୍ତେ ମିଳିବ କ୍ୟୁଆର୍ କାର୍ଡ

ସାଧାରଣ ଲୋକଙ୍କୁ ସହଜ ତଥା ସୁଲଭ ବ୍ୟାଙ୍କିଙ୍ଗ୍ ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ ଭାରତୀୟ ଡାକ ବିଭାଗ ଅଧୀନରେ ସେପ୍ଟେମ୍ବର ୧ରୁ ସମଗ୍ର ଦେଶରେ ଆରମ୍ଭ ହେବାକୁ ଯାଉଛି ଇଣ୍ଡିଆ ପୋଷ୍ଟ ପେମେଣ୍ଟ୍ସ ବ୍ୟାଙ୍କ(ଆଇପିପିବି)। ଦେଶର ଆଭ୍ୟନ୍ତରୀଣ ତଥା ଅପହଞ୍ଚ ଅଞ୍ଚଳରେ ବ୍ୟାଙ୍କିଙ୍ଗ୍ ସେବା ଉପଲବ୍ଧ କରାଇବା ଏବଂ ପ୍ରତ୍ୟେକ ଲୋକଙ୍କୁ ଆର୍ଥିକ ପ୍ରଗତିରେ ସାମିଲ କରିବା ଏହି ନୂତନ ସେବାର ମୂଳ ଲକ୍ଷ୍ୟ ରହିବ। ଆଇପିପିବି ତଥା ଦେଶର ଏହି ସର୍ବବୃହତ୍ ନେଟ୍‌ୱର୍କ ଭାରତୀୟ ଡାକ ବିଭାଗ ମାଧ୍ୟମରେ ୧ ଲକ୍ଷ ୫୫ ହଜାର ଡାକଘରେ କାର୍ଯ୍ୟକାରୀ ହେବ। ଏହା ମଧ୍ୟରୁ କେବଳ ୧ ଲକ୍ଷ ୩୦ ହଜାର ଡାକଘର ଗ୍ରାମାଞ୍ଚଳ ଅନ୍ତର୍ଗତ ଜନସାଧାରଣଙ୍କୁ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେବ। ଜମାଖାତା, ଟଙ୍କା ଟ୍ରାନ୍ସଫର୍, ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର(ଡିବିଟି), ବିଲ୍ ଏବଂ ବ୍ୟବସାୟୀଙ୍କୁ ବିଲ୍ ପୈଠ ଆଦି ସେବା ଆଇପିପିବି ମାଧ୍ୟମରେ ଯୋଗାଇ ଦିଆଯିବ। 'ଆପଣଙ୍କ ବ୍ୟାଙ୍କ୍ ଆପଣଙ୍କ ଘରେ' ବାର୍ତ୍ତା ନେଇ ଆରମ୍ଭ ହେଉଥିବା ଏହି ସେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିବେ। ଦେଶର ୬୫୦ ଶାଖା ଏବଂ ୩୨୫୦ ଆକ୍ସେସ ପଏଣ୍ଟରେ ଆଇପିପିବି ସେବା ଉପଲବ୍ଧ ହେବ ବୋଲି ଓଡ଼ିଶା ପରିମଣ୍ଡଳ ମୁଖ୍ୟ ମହାଡାକପାଳ ସନ୍ତୋଷ କୁମାର କାମିଲା ସୂଚନା ଦେଇଛନ୍ତି।

ଓଡ଼ିଶାରେ ଆଇପିପିବିର ମୋଟ ୩୩ଟି ଶାଖା ଖୋଲିବ। ପ୍ରତ୍ୟେକ ଜିଲାରେ ଅତିକମ୍‌ରେ ଗୋଟିଏ ଶାଖା ସହ ମୟୂରଭଞ୍ଜ ଜିଲାର ବାରିପଦା ଓ ରାଇରଙ୍ଗପୁର, ଗଞ୍ଜାମ ଜିଲାର ବ୍ରହ୍ମପୁର ଓ ଭଞ୍ଜନଗର ଏବଂ ସୁନ୍ଦରଗଡ଼ ଜିଲାର ସୁନ୍ଦରଗଡ ଓ ରାଉରକେଲାରେ ଦୁଇଟି ଲେଖାଏ ଶାଖା ଖୋଲିବ। ଏହାବ୍ୟତୀତ ରାଜ୍ୟର ୧୬୫ଟି ଡାକଘର ଆକ୍ସେସ ପଏଣ୍ଟ ଭାବେ କାର୍ଯ୍ୟ କରିବ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱରସ୍ଥିତ ମୁଖ୍ୟ ଶାଖାକୁ ଉଦ୍‌ଘାଟନ କରିବାକୁ ଥିବା ବେଳେ ଜୁଏଲ୍ ଓରାମ୍ ସୁନ୍ଦରଗଡ଼ ଶାଖାକୁ ଉଦ୍‌ଘାଟନ କରିବେ। ସେହିଭଳି ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳରେ ବ୍ୟାଙ୍କିଙ୍ଗ୍ ସେବା ଉପଲବ୍ଧ କରିବାକୁ ଆସନ୍ତା ଡିସେମ୍ବର ସୁଦ୍ଧା ଓଡ଼ିଶାରେ ୮,୨୧୫ ଡାକଘରେ ଆଇପିପିବିର ଆକ୍ସେସ୍ ପଏଣ୍ଟ ଖୋଲିବାକୁ ଲକ୍ଷ୍ୟ ରଖାଯାଇଥିବା ଗୁରୁବାର ପିଏମ୍‌ଜି କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କାମିଲା ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଡିଜିଟାଲ ପେମେଣ୍ଟ ବା ଲେସ୍ କ୍ୟାଶ୍ ଟ୍ରାଞ୍ଜାକ୍ସନକୁ ଆଇପିପିବି ଗୁରୁତ୍ୱ ଦେବ। ଏଟିଏମ୍ କାର୍ଡ ଭଳି ବ୍ୟାଙ୍କ ଖାତାଧାରୀଙ୍କୁ ଏଥିରେ ଏକ 'କ୍ୟୁଆର୍ କାର୍ଡ' ଦିଆଯିବ। ଏହା ମାଧ୍ୟମରେ ଲୋକେ ଘରେ ବସି ଖୁବ୍ ସହଜରେ ଆକାଉଣ୍ଟ ଓ ପିନ୍ ନମ୍ବର ମନେ ନ ରଖି ବି ଅର୍ଥ ବିନିମୟ କରିପାରିବେ। ଏଥିଲାଗି ସେବା ଯୋଗାଇବାକୁ ଥିବା ପୋଷ୍ଟମ୍ୟାନ୍‌ଙ୍କୁ ସ୍ମାର୍ଟଫୋନ୍ ପ୍ରଦାନ କରାଯିବ। ଓଡ଼ିଶାର ୧୩୬୭ଜଣ ପୋଷ୍ଟମ୍ୟାନ୍ ଓ ୭୦୦୯ଜଣ ଡାକ ବିତରକଙ୍କ ମାଧ୍ୟମରେ ଏହି ଡୋର୍ ଷ୍ଟେପ୍ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇ ଦିଆଯିବ। ବ୍ୟାଙ୍କିଙ୍ଗ୍ ସେବାକୁ ସମ୍ପୂର୍ଣ୍ଣ ସରଳ କରିବା ନିମନ୍ତେ ଆଇପିପିବି ଆଧାର କାର୍ଡ ଏବଂ ବାୟୋମେଟ୍ରିକ୍ ପ୍ରମାଣୀକରଣ ଦ୍ୱାରା ଗ୍ରାହକଙ୍କୁ କାଗଜବିହୀନ ସଞ୍ଚୟ ଖାତା ଦିଆଯିବ। ପେମେଣ୍ଟ୍ସ ବ୍ୟାଙ୍କ ନିୟମାବଳୀ ଅନୁଯାୟୀ, ଏଥିରେ ଅନ୍ୟାନ୍ୟ ଆର୍ଥିକ ଅନୁଦାନ ତଥା ଋଣ, ଚେକ୍ ଖାତା ଏବଂ ବୀମା ଭଳି ସୁବିଧା ରହିବ। ଗ୍ରାହକ ନିଜ ଜମାଖାତାରେ ଅତିବେଶିରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରଖିପାରିବେ। ପୂର୍ବରୁ ପୋଷ୍ଟ ଅଫିସ ସେଭିଙ୍ଗ୍ସ ବ୍ୟାଙ୍କରେ ଯେଉଁ ସୁବିଧା ନ ଥିଲା, ଆଇପିପିବିରେ ସେ ସମସ୍ତ ସୁବିଧା ଉପଲବ୍ଧ ହେବ।


ପ୍ରଥମ ପୃଷ୍ଠାରୁ...


## ଅନର କିଲିଂ ବିରୋଧରେ ...

ପଦକ୍ଷେପ ଗ୍ରହଣ କରିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ୨୦୧୮ ମାର୍ଚ୍ଚ ୭ ତାରିଖରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ ମୁତାବକ ଅନର କିଲିଂ ରୋକିବାକୁ ଆବଶ୍ୟକ ପଦକ୍ଷେପ ନେବା ଲାଗି କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଗାଇଡଲାଇନ ଜାରି କରାଯାଇଛି ବୋଲି ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ ହରିୟାଣା ଭଳି ଆମ ରାଜ୍ୟରେ ଖାପ୍ ପଞ୍ଚାୟତ ନାହିଁ । ତେବେ ଅନେକ ସମୟରେ ପଞ୍ଚାୟତ ବସି ଗାଁ ଗଣ୍ଡଗୋଳ କିମ୍ବା ଅନ୍ୟାନ୍ୟ ସମସ୍ୟାର ସମାଧାନ କରିଥାନ୍ତି। ବେଳେବେଳେ ସେହି ପଞ୍ଚାୟତ ଆଇନ ହାତକୁ ନେଇ ଯାଆନ୍ତି। ଏହାକୁ ରୋକିବା ପାଇଁ ଏସ୍‌ଓପି ଜାରି କରାଯାଇଛି । ଉତ୍ତର ଭାରତର ଅଧିକାଂଶ ସ୍ଥାନରେ ଗ୍ରାମର ମୁରବି ବସି ଆନ୍ତଃ ଜାତି କିମ୍ବା ଆନ୍ତଃ ଧର୍ମ ବିବାହ ଉପରେ ନିଷ୍ପତ୍ତି ନେଇ ଆଇନ ହାତକୁ ନେଇଥାଆନ୍ତି। ଏହାକୁ ରୋକିବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ଅନର କିଲିଂ ଭଳି ସାମାଜିକ ଅପରାଧ ଘଟୁଥିବା ଜିଲା, ସବ୍‌ଡିଭିଜନ କିମ୍ବା ଗ୍ରାମଗୁଡିକୁ ଚିହ୍ନଟ କରିବା ସହ ଏଭଳି ନିଷ୍ପତ୍ତି ନେଉଥିବା ପଞ୍ଚାୟତ କିମ୍ବା କମିଟି ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନୂତନ ଗାଇଡଲାଇନରେ କୁହାଯାଇଛି । ଅନର କିଲିଂ ଘଟଣା ଘଟୁଥିବା ଜିଲା, ସବ୍‌ଡିଭିଜନ କିମ୍ବା ଗ୍ରାମଗୁଡିକରେ ଅନୁଷ୍ଠିତ ଆନ୍ତଃ ବିବାହ ଏବଂ ଆନ୍ତଃ ଧର୍ମ ବିବାହ ଉପରେ ନଜର ରଖିବାକୁ ଥାନା ଅଧିକାରୀମାନଙ୍କୁ ଏସପିମାନେ ନିର୍ଦ୍ଦେଶ ଦେବେ। ଯଦି ଏଭଳି ନିଷ୍ପତ୍ତି ପାଇଁ କୌଣସି ପଞ୍ଚାୟତ ବସୁଥିବା ଖବର ମିଳେ ତେବେ ସମ୍ପୃକ୍ତ ପୋଲିସ କର୍ମଚାରୀ ତୁରନ୍ତ ନିଜ ଉପରିସ୍ଥ ଅଧିକାରୀ କିମ୍ବା ଏସପିଙ୍କୁ ସୂଚନା ଦେବେ। ସେଥିପାଇଁ ପର୍ଯ୍ୟାପ୍ତ ପୋଲିସ ଫୋର୍ସ ମୁତୟନ କରାଯାଇ ସ୍ଥିତି ଉପରେ ନଜର ରଖାଯିବ। ସେହି ଘଟଣାର ଭିଡିଓ ଶୁଟିଂ କରିବା ସହ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ। ଏଭଳି ଘଟଣା ଜଣାପଡିବା ମାତ୍ରେ ସ୍ଥାନୀୟ ଥାନା ଅଧିକାରୀ ନିଜ ଆଡୁ ମାମଲା ରୁଜୁ କରିବେ। ଏପରି କି ଡିଏସ୍‌ପି, ଏସ୍‌ପି କିମ୍ବା ଡିସିପି ନିଜେ ମାମଲାର ତଦନ୍ତ କରିବେ। ଯଦି ଆନ୍ତଃ ବିବାହ କରିଥିବା କୌଣସି ଦମ୍ପତି କିମ୍ବା ତାଙ୍କ ପରିବାର ସଦସ୍ୟଙ୍କର ମାମଲାର ଫଇସଲା ପାଇଁ କୌଣସି ପଞ୍ଚାୟତ ବସୁଥିବ ସେଠାରେ ପୋଲିସ ବିଭାଗର ଜଣେ ଉପରିସ୍ଥ ଅଧିକାରୀ ଉପସ୍ଥିତ ରହିବାକୁ ଏସ୍‌ଓପିରେ ବ୍ୟବସ୍ଥା ରହିଛି। ଏହାର ଏକ ରିପୋର୍ଟ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି) ଧାରା ୧୪୪ ଅନୁଯାୟୀ ଏସ୍‌ପି/ ଡିଏସ୍‌ପି, ଜିଲା ମାଜିଷ୍ଟ୍ରେଟଙ୍କ ନିକଟରେ ଦାଖଲ କରିବେ । କୌଣସି ଅଧିକାରୀ ନିଜର କର୍ତ୍ତବ୍ୟ ପାଳନରେ ଅବହେଳା କଲେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନର କିଲିଂ ଭଳି ଘଟଣାର ଶୁଣାଣି ଫାଷ୍ଟ ଟ୍ରାକ୍ କୋର୍ଟରେ କରାଯିବ। ୬ ମାସ ମଧ୍ୟରେ ଏହାର ବିଚାର ଶେଷ ହେବ। ଯଦି ଆନ୍ତଃ ବିବାହ କରିଥିବା କୌଣସି ଦମ୍ପତି ନିଜକୁ ଅସୁରକ୍ଷିତ ମନେ କରିବେ ତେବେ ସେମାନଙ୍କୁ ସାଧାରଣ ଭଡାରେ ମାସକ ପାଇଁ ଘର ଯୋଗାଇ ଦିଆଯିବ। ଆବଶ୍ୟକ ସ୍ଥଳେ ଏହାକୁ ବର୍ଷେ ପାଇଁ ବଢାଯାଇ ପାରିବ। ଦମ୍ପତିଙ୍କୁ ବାରମ୍ବାର ଧମକ ମିଳୁଥିଲେ ଡିଏସପି ନିଜ ଆଡୁ ଏଫ୍‌ଆଇଆର କରି ପାରିବେ। ଆନ୍ତଃ ବିବାହଜନିତ ସମସ୍ୟାକୁ ଏଡାଇବା ପାଇଁ ପ୍ରତ୍ୟେକ ଜିଲାରେ ଏକ ସ୍ୱତନ୍ତ୍ର ସେଲ୍ ଖୋଲିବାକୁ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି। ଏଥିରେ ୨୪ ଘଣ୍ଟିଆ ହେଲ୍ପ ଲାଇନ ବ୍ୟବସ୍ଥା ରହିବ।

## ଜନସନଙ୍କୁ ...

ପୂର୍ବରୁ ୮୦୦ ମିଟର ଇଭେଣ୍ଟରେ ରୌପ୍ୟ ପଦକ ପାଇଥିଲେ। ୧୫୦୦ ମିଟର ଇଭେଣ୍ଟରେ ଭାଗ ନେଇଥିବା ଅନ୍ୟତମ ଭାରତୀୟ ମନଜିତ ସିଂ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ସେ ୩:୪୬.୫୭ ସେକେଣ୍ଡ ସମୟ ନେଇଥିଲେ। ୮୦୦ ମିଟରରେ କିନ୍ତୁ ମନଜିତ ସ୍ୱର୍ଣ୍ଣ ପଦକ ହାସଲ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଥିଲେ।

## ୪x୪୦୦ ମିଟର ରିଲେ

ଭାରତୀୟ ମହିଳା ୪x୪୦୦ ମିଟର ରିଲେ ଦଳ କ୍ରମାଗତ ୫ମ ଥର ପାଇଁ ଏସିଆଡ୍ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଫଳରେ ଏହି ଇଭେଣ୍ଟରେ ଭାରତର ଆଧିପତ୍ୟ ଅବ୍ୟାହତ ରହିଛି। ହିମା ଦାସ, ଏମ.ଆର.ପୁଭମ୍ମା, ସରିତା ବେନ ଓ ବିସ୍ମୟା ଭେଲ୍ଲୁଭା କୋରୁଥଙ୍କୁ ନେଇ ଗଠିତ ଭାରତୀୟ ଦଳ ୩:୨୮.୭୨ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ବାହାରିନ ଦଳ ୩:୩୦.୬୧ ସେକେଣ୍ଡ ସହିତ ରୌପ୍ୟ ଓ ଭିଏତନାମ ଦଳ ୩:୩୩.୨୩ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ହାସଲ କରିଛି। ଭାରତୀୟ ଦଳ ଏହି ଇଭେଣ୍ଟରେ ୨୦୦୨ ଏସିଆନ ଗେମ୍ସରୁ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇ ଆସୁଛି।

## ଅନ୍ୟ ରାଜ୍ୟରେ ...

ଆର୍. ବାନୁମତୀ, ଏମ୍. ଶାନ୍ତାନାଗୌଦାର ଏବଂ ଏସ୍.ଏ. ନଜିରଙ୍କୁ ନେଇ ଗଠିତ ପୀଠ କହିଛନ୍ତି। ତେବେ ଜାତୀୟ ରାଜଧାନୀ ଅଞ୍ଚଳ ଦିଲ୍ଲୀରେ କେନ୍ଦ୍ରୀୟ ସଂରକ୍ଷଣ ନୀତି ପ୍ରଯୁଜ୍ୟ ନୁହେଁ ବୋଲି ଜଷ୍ଟିସ୍ ବାନୁମତୀ ଏଥିରେ ନିଜର ଅସହମତି ପ୍ରକାଶ କରିଥିଲେ। ଯେତେଦୂର ଦିଲ୍ଲୀ କଥା ଉଠୁଛି, ଏସ୍‌ଏସି/ଏସ୍‌ଟି ସମ୍ପର୍କରେ କେନ୍ଦ୍ରୀୟ ସଂରକ୍ଷଣ ନୀତି ଏଠାରେ ପ୍ରାସଙ୍ଗିକ ବୋଲି ୪:୧ ସଂଖ୍ୟାଗରିଷ୍ଠତାରେ ପୀଠ ମତ ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଜନ୍ମ ଚନ୍ଦ୍ର ହେତୁ ମାନସିକ ଅସ୍ଥିରତା ଲାଗି ରହିବ। କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଦୀର୍ଘ ସମୟ ଅବସ୍ଥାନ କରିବା ଆପଣଙ୍କ ସକାଶେ କଷ୍ଟକର ହୋଇପାରେ। ଆଜି ଯାତ୍ରା, ବିବାଦ, ଗୃହାରମ୍ଭ କ୍ଷେତ୍ରରେ ସତର୍କତା ରକ୍ଷା ନ କଲେ ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ। କର୍ମକ୍ଷେତ୍ରରେ ଥିବା ସମସ୍ୟା ସମ୍ପର୍କରେ ଚିନ୍ତାକରି ମନକୁ ବିଷାକ୍ତ କରିପାରନ୍ତି।

**ବୃଷ** ଭାଗ୍ୟାଧିପ ଶନି ଅଷ୍ଟମସ୍ଥ ହେତୁ କୌଣସି କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇ ନ ପାରେ। ସକାଳୁ ସକାଳୁ କିଛି ଘରର କଥା, ପୂର୍ବରୁ ପରିଶୋଧ କରିବାକୁ ଥିବା ଋଣ, ଦୂରଯାତ୍ରା ଓ ବନ୍ଧୁଙ୍କ ସମ୍ପର୍କୀୟ ଦୁଶ୍ଚିନ୍ତାରେ ସମୟ ଅତିବାହିତ ହେବ। କର୍ମକ୍ଷେତ୍ରରେ ସ୍ନେହ, ସହାନୁଭୂତି ଯୋଗୁ ସମସ୍ୟା ଓ ଦୁଃଖକୁ କିୟତ୍‌କ୍ଷଣ ପାଇଁ ଭୁଲି ଯିବେ।

**ମିଥୁନ** ଏକାଦଶରେ ଚନ୍ଦ୍ର ଆର୍ଥିକ ଉନ୍ନତି, ସମସ୍ୟା ସମାଧାନ ଓ ନୂତନ ବନ୍ଧୁସମ୍ପର୍କ ସୃଷ୍ଟିରେ ସହାୟକ ହୋଇପାରିବ। ସମସ୍ୟା ଓ ପ୍ରତିବନ୍ଧକ ମଧ୍ୟରେ ନିଜର ସହନଶୀଳତା ଗୁଣରୁ ପାରିବାରିକ ଜୀବନ ସୁଖପ୍ରଦ ରହିପାରେ। ସମ୍ପର୍କୀୟଙ୍କ ସହଯୋଗ ନେଇ ବନ୍ଧୁଙ୍କୁ ସାହାଯ୍ୟ କରିବାରେ ସମର୍ଥ ହେବେ। ବାଣିଜ୍ୟ, ପରିବହନରେ ସାଧାରଣ ସମସ୍ୟା ଦେଖାଦେଇପାରେ।

**କର୍କଟ** କର୍ମସ୍ଥାନରେ ଚନ୍ଦ୍ର ଓ ଚତୁର୍ଥସ୍ଥ ବୃହସ୍ପତି ଗଜକେଶରୀ ଯୋଗ ସୃଷ୍ଟିକରି ପ୍ରତ୍ୟେକ କ୍ଷେତ୍ରରେ ଉଚ୍ଚ ସମ୍ମାନର ଅଧିକାରୀ କରାଇବେ। କିନ୍ତୁ ବିଭିନ୍ନ ପ୍ରକାରର ଘାତ ଓ ପ୍ରତିଘାତ ମଧ୍ୟରେ ପାରିବାରିକ ଜୀବନରେ ଉତ୍ଥାନ ପତନ ଲାଗି ରହିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ ଅସୁବିଧା ହେବନାହିଁ ।

**ସିଂହ** ରବିଙ୍କ ସ୍ୱସ୍ଥାନ ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ବିଜୟୀ ହେବେ ଏବଂ ପଦସ୍ଥବ୍ୟକ୍ତି ମାନଙ୍କ ସୌହାର୍ଦ୍ଦ୍ୟ ଲାଭ କରିପାରିବେ। କର୍ମକ୍ଷେତ୍ରରେ ସାମୟିକ ବାଧା ଓ ପ୍ରତିବନ୍ଧକର ସୂଚନା ଦେଖାଦେଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପରିବାରର କୌଣସି ବ୍ୟତିକ୍ରମ ବିଷୟରେ ଚିନ୍ତାକରି ବ୍ୟସ୍ତତା ଅନୁଭବ କରିପାରନ୍ତି।

**କନ୍ୟା** ଆଲୋଚନା କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡିବନ୍ଧୁଙ୍କ ଶ୍ଳୋଷାର୍ଥକୁ ଠିକ୍‌ଭାବେ ବୁଝିପାରିବେନି। ସହକର୍ମୀମାନଙ୍କ ଖାମଖିଆଲ କାର୍ଯ୍ୟପଦ୍ଧତି ଫଳରେ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। ଆଜି କିଛି ନୂତନ ଖବର ପାଇବାର ସୁଯୋଗ ଜୁଟିବ। ଆଇନ ଅଦାଲତ, ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଗୃହ, ଭୂମି, ଗାଡିମୋଟର ସମ୍ପର୍କୀୟ କାମକୁ ପ୍ରାଧାନ୍ୟ ଦେଇପାରନ୍ତି।

**ତୁଳା** ଆଦୌ ଭଲ ସମ୍ପର୍କ ନ ଥିବା କୌଣସି ବ୍ୟକ୍ତିଙ୍କ ନିକଟରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଶୁକ୍ରଙ୍କ ଦୁର୍ବଳତା କାରଣରୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ । ଯେତେ ଭଲ କାମ କଲେ କ'ଣ ହେବ, କିଏ କିଏ କଥାରେ ଚିହ୍ନା ପଡି ସମାଲୋଚିତ ହେବେ। ଆଜିର ଯାତ୍ରା, ବ୍ୟବସାୟ, ବିବାଦୀୟ ପରିସ୍ଥିତିରେ ଅସୁବିଧା ରହିବନାହିଁ।

**ବିଛା** ବନ୍ଧୁଙ୍କ ଜରିଆରେ ଆଶା କରିଥିବା ଅର୍ଥ ସାମାନ୍ୟ ବିଳମ୍ବରେ ପାଇବେ। ପରୋକ୍ଷ ଶତ୍ରୁତା କାରଣରୁ ଯୋଜନା ଗୁଡିକ ଠିକ୍ ଭାବେ କାର୍ଯ୍ୟକାରୀ ହେବ ନାହିଁ। ଘରେ ବନ୍ଧୁ ମିଳନ ଓ ଖୁସୀର ଆସର ଜମିପାରେ । ବିଗତଦିନର ଘଟଣାକୁ କେନ୍ଦ୍ରକରି କର୍ମକ୍ଷେତ୍ରରେ କିଛି ଅଘଟଣ ଆଶଙ୍କା କରି ମନ ବିବ୍ରତ ରହିପାରେ। ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ଦୃଢ଼ୀଭୂତ କରିବ।

**ଧନୁ** ଧନସ୍ଥାନସ୍ଥ ପାପଯୁକ୍ତ ମଙ୍ଗଳଙ୍କ ପ୍ରଭାବରେ ସତର୍କତାର ଅଭାବ, ଅନ୍ୟମନସ୍କ କାରଣରୁ କିମ୍ବା ପକେଟମାର ଜନିତ ଧନହାନିର ଆଶଙ୍କା ଦେଖାଦେବ। ପୂର୍ବାଷାଢା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ଆଶାନୁରୂପକ ସଫଳତା ହାସଲ କରିବେ। କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ ସଦ୍‌ବ୍ୟବହାର କରିବା କାଠିକର ପାଠ ହୋଇପାରେ।

**ମକର** ଚେଷ୍ଟା କରୁଥିବା କାମଗୁଡିକ ମଧ ଆଶାନୁରୂପ ହେବା କାରଣରୁ ମନ ମ୍ଳାନ ରହିପାରେ। ଅତିଥି କିମ୍ବା ବନ୍ଧୁଙ୍କ ମତିଗତି ଓ କାର୍ଯ୍ୟ କଳାପରେ ଆନନ୍ଦିତ ହେବା ବଦଳରେ ଅସନ୍ତୁଷ୍ଟ ରହିପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବାର ସୂଚନା ରହିଛି । ଶିଳ୍ପ,ବାଣିଜ୍ୟ, ପରିବହନ କ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବେ।

**କୁମ୍ଭ** ଶୁକ୍ର ଓ ଶନିଙ୍କ ଦୃଷ୍ଟି ସମ୍ବନ୍ଧରୁ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ନିର୍ଦ୍ଦିଷ୍ଟ ସ୍ଥାନରେ ଉପସ୍ଥିତ ନ ଥିବା ବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତ ହେବେ। ଅଫିସରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ରରେ ସୁଫଳ ପାଇବେ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରନ୍ତୁ, ଅନ୍ୟଥା ସମସ୍ୟା ଉପୁଜିବାର ସମ୍ଭାବନା ରହିଛି ।

**ମୀନ** କାର୍ଯ୍ୟ ସାଧନ ସକାଶେ ପ୍ରତ୍ୟେକ ଦିଗରୁ ସାହାଯ୍ୟ, ସହଯୋଗର ସୁଅ ବହି ଆସିବ। ବ୍ୟବସାୟ,ପରିବହନ, ସଭାସମିତି, ଆନୁଷ୍ଠାନିକ କାମ ଓ କଚେରି ମାମଲା କ୍ଷେତ୍ରରୁ ଶୁଭ ଫଳ ପାଇବେ। ବ୍ୟବସାୟ ପ୍ରତିଷ୍ଠାନ, ନିର୍ମାଣାଧୀନ କାର୍ଯ୍ୟ ସକାଶେ ଅନୁକୂଳ ବାତାବରଣ ସୃଷ୍ଟିହେବ। ସ୍ଥଗିତକାର୍ଯ୍ୟ, ସଭାସମିତି ଓ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହୋଇପାରିବ।

ଆଜି ଭାଦ୍ରବ କୃଷ୍ଣପକ୍ଷର ରକ୍ଷା ପଞ୍ଚମୀ ଶୁକ୍ରବାର,ଅଗଷ୍ଟ ୩୧, ଶ୍ରୀଜୀଉଙ୍କର ସୁବର୍ଣ୍ଣ ରାହୁରେଖା ଲାଗି, ପଶ୍ଚିମ ଦ୍ୱାରରେ ଘଂଟାକର୍ଣ୍ଣ ପୂଜା, ଅଗଷ୍ଟ ୩୧ ତାରିଖ, ଜାତୀୟ କୃମିନାଶ ଦିବସ, ସ୍ୱାୟତ୍ତ ଶାସନ ଦିବସ, ରାଶି ନକ୍ଷତ୍ର- ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୬।୫୧ମି. ମଧ୍ୟେ ଘ.୪।୪୫ମି. ଗତେ, ଘ.୬।୨୧ମି. ମଧ୍ୟେ ଅମୃତ ବେଳା । ସକାଳ ଘ.୬।୫୧ମି. ଗତେ ଘ.୮।୨୩ମି. ମଧ୍ୟେ, ଘ.୧୧।୪୪ମି. ଗତେ ଘ.୧।୨୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦।୧୩ମି. ଗତେ ଘ.୧୧।୪୭ମି. ମଧ୍ୟେ ରାହୁକାଳ।







# ଜେଇଇ, ନିଟ୍ ପରୀକ୍ଷାର୍ଥୀଙ୍କୁ ମିଳିବ ମାଗଣା କୋଚିଂ

ଭୁବନେଶ୍ୱର, ୩୦।୮ (ବ୍ୟୁରୋ)

ଇଞ୍ଜିନିୟରିଂ ଓ ଆଇଆଇଟି ପାଠ୍ୟକ୍ରମ ପାଇଁ ଥିବା ପ୍ରବେଶିକା ପରୀକ୍ଷା ଜେଇଇ ମେନ୍ ଏବଂ ଡାକ୍ତରୀ ପାଠ୍ୟକ୍ରମ ଲାଗି ନିଟ୍ ପ୍ରବେଶିକା ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ରଙ୍କୁ ମାଗଣାରେ କୋଚିଂ ଦିଆଯିବ। କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଏହି ସୁବିଧା ଯୋଗାଇ ଦିଆଯିବ ବୋଲି ଘୋଷଣା କରାଯାଇଛି। ଏହି ପ୍ରବେଶିକା ପରୀକ୍ଷା କରିବା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ନିୟୋଜିତ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟି,) ତା'ର ୨,୬୯୭ ପ୍ରାକ୍ଟିକାଲ ସେଣ୍ଟରକୁ ଟିଚିଂ ସେଣ୍ଟରରେ ପରିଣତ କରିବ। ଏଠାରେ ଛାତ୍ରୀଛାତ୍ରଙ୍କୁ କୋଚିଂ ଦିଆଯିବ। ଆସନ୍ତା ବର୍ଷ ସେପ୍ଟେମ୍ବର ୮ରୁ ପ୍ରାକ୍ଟିକାଲ ସେଣ୍ଟର କାର୍ଯ୍ୟକ୍ଷମ ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି।

କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯିବାକୁ ଥିବା ଏହି କୋଚିଂ ପାଇଁ ଛାତ୍ରୀଛାତ୍ରଙ୍କ ନିକଟରୁ ଟଙ୍କା ନିଆଯିବ ନାହିଁ। ଗ୍ରାମାଞ୍ଚଳର ଛାତ୍ରୀଛାତ୍ର ଅର୍ଥାଭାବ ଯୋଗୁ ଇଞ୍ଜିନିୟରିଂ ଏବଂ ଡାକ୍ତରୀ ପାଠ୍ୟକ୍ରମ ଲାଗି ପ୍ରବେଶିକା ପରୀକ୍ଷା ଦେବା ପାଇଁ କୋଚିଂ ନେଇପାରୁ ନ ଥିଲେ। ଫଳରେ ଅନେକ ସମୟରେ ମେଧାବୀ ଛାତ୍ରୀଛାତ୍ର ଇଞ୍ଜିନିୟରିଂ ଏବଂ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖାଇବାରୁ ବଞ୍ଚିତ ହେଉଛନ୍ତି। ଟଙ୍କା ଅଭାବରୁ କୋଚିଂ ନେଇପାରୁ ନ ଥିବା ଛାତ୍ରୀଛାତ୍ର ସରକାରଙ୍କ ଏହି କୋଚିଂ ସେଣ୍ଟରରେ କୋଚିଂ ନେବା ପାଇଁ ନାମ ପଞ୍ଜୀକରଣ କରିବେ। ସରକାରଙ୍କ ପକ୍ଷରୁ ସମ୍ପୂର୍ଣ୍ଣ ମାଗଣାରେ କୋଚିଂ ଯୋଗାଇ ଦିଆଯିବ। ଏହାଦ୍ୱାରା ଅନେକ ଛାତ୍ରୀଛାତ୍ର ଲାଭବାନ ହେବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ୨୦୧୯ ଜାନୁୟାରୀରେ ଜେଇଇ ମେନ ଅନୁଷ୍ଠିତ ହେବ। ପ୍ରବେଶିକା ପରୀକ୍ଷା ପାଇଁ ସେପ୍ଟେମ୍ବର ୧ରୁ ୩୦ ଭିତରେ ଛାତ୍ରୀଛାତ୍ର ଏନ୍‌ଟିଏ ୱେବସାଇଟ୍‌କୁ ଯାଇ ନାମ ପଞ୍ଜୀକରଣ କରିବେ ବୋଲି ମନ୍ତ୍ରଣାଳୟ କହିଛି।







## ■ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

# ୧୬୬ ପଞ୍ଚାୟତ ପାଇଁ ୩୭କୋଟି ମଞ୍ଜୁର

ଭୁବନେଶ୍ୱର, ୩୦।୮ (ବ୍ୟୁରୋ)

ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ୮ଟି ଜିଲାର ୯ଟି ବ୍ଲକ ପାଇଁ ୩୭କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରିଛନ୍ତି। ବରଗଡ, ରାୟଗଡା, ନବରଙ୍ଗପୁର, କଟକ, ଅନୁଗୋଳ, କଳାହାଣ୍ଡି, କନ୍ଧମାଳ ଓ ମୟୂରଭଞ୍ଜ ଜିଲାର ବିଭିନ୍ନ ପଞ୍ଚାୟତ ପାଇଁ ମୁଖ୍ୟମନ୍ତ୍ରୀ ୧୪୭୩ ପ୍ରକଳ୍ପ ମଞ୍ଜୁର କରିଛନ୍ତି। କଳାହାଣ୍ଡି ଜିଲା ନର୍ଲା ବ୍ଲକର ୨୬ ପଞ୍ଚାୟତ ପାଇଁ ୪.୬୦କୋଟି ଟଙ୍କାରେ ୨୨୧ପ୍ରକଳ୍ପ, କଟକ ଜିଲା ସାଲେପୁର ବ୍ଲକର ୩୫ ପଞ୍ଚାୟତ ପାଇଁ ୮.୭୬୫କୋଟି ଟଙ୍କାରେ ୪୦୩ ପ୍ରକଳ୍ପ, ମୟୂରଭଞ୍ଜ ଜିଲା ସାରସକଣା ବ୍ଲକର ୧୭ ପଞ୍ଚାୟତ ପାଇଁ ୪.୨୦କୋଟି ଟଙ୍କାରେ ୧୬୪ ପ୍ରକଳ୍ପ, ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକର ୧୫ପଞ୍ଚାୟତ ପାଇଁ ୩.୫୪୭୫କୋଟି ଟଙ୍କାରେ ୧୪୪ପ୍ରକଳ୍ପ, ଅନୁଗୋଳ ଜିଲା ତାଳଚେର ବ୍ଲକର ୨୧ପଞ୍ଚାୟତ ପାଇଁ ୫.୨୫କୋଟି ଟଙ୍କାରେ ୧୩୬ ପ୍ରକଳ୍ପ, କନ୍ଧମାଳ ଜିଲା କେ ନୂଆଗାଁ ବ୍ଲକର ୧୪ପଞ୍ଚାୟତ ପାଇଁ ୩.୦୧କୋଟି ଟଙ୍କାରେ ୮୪ପ୍ରକଳ୍ପ, ମୟୂରଭଞ୍ଜ ଜିଲା ଜାମଦା ବ୍ଲକର ୧୦ପଞ୍ଚାୟତ ପାଇଁ ୨.୨୪କୋଟି ଟଙ୍କାରେ ୮୧ପ୍ରକଳ୍ପ, ବରଗଡ ଜିଲା ଭଟଲୀ ବ୍ଲକର ୧୫ପଞ୍ଚାୟତ ପାଇଁ ୨.୫୮୫କୋଟି ଟଙ୍କାରେ ୧୨୧ପ୍ରକଳ୍ପ, ରାୟଗଡା ଜିଲା ପଦ୍ମପୁର ବ୍ଲକର ୧୩ ପଞ୍ଚାୟତ ପାଇଁ ୨.୪୪କୋଟି ଟଙ୍କାରେ ୧୧୯ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ଏହିପରି ୯ଟି ବ୍ଲକର ୧୬୬ ପଞ୍ଚାୟତ ପାଇଁ ମୁଖ୍ୟମନ୍ତ୍ରୀ ୧୪୭୩ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଗୁରୁବାରର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମକୁ ମିଶାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୧୮୪ବ୍ଲକର ୪୦୪୫ ପଞ୍ଚାୟତ ପାଇଁ ଜନସାଧାରଣଙ୍କ ସହ ଆଲୋଚନା କରି ୩୭୩୩୧ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି।










Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com

Also available: Annual Maintenance Contract** Road Side Assistance** Engine Health Assurance**

Follow us on

Honda Exclusive Authorized Dealerships: ATTABIRA: TS Motors - 06682-221001, 9178653139, T.S. Honda - 9178653139, 9438771477; BARGARH: Aashirbad Honda - 06646-246066, 9438024339; BARPALI: Abhishek Honda - 9437056675; BELPAHAR: Bharat Honda - 8018157547; BHAWANIPATNA: Mahesh Honda - 9437938985, 06670-235633; BOLANGIR: Amarnath Honda - 06652-233155, 8895258555; BRAJRAJNAGAR: JaiswaL Honda - 977747788; JHARSUGUDA: Gajraj Honda - 06645-214569, 9337645411; JUNAGARH: Jaga Janani Honda - 9583794900; KHARIAR ROAD (NUAPADA): Ambika Honda - 06678-222949, 9737643030; KUCHINDA: Krishna Honda - 06642-220346, 7894277470; PADAMPUR: Bindhyabasini Honda - 9437051078, 9937788078; RAJGANGPUR: Naisha Honda - 7008614081, 06624220051; RAJKHARIAR: Shree Shyamji Honda- 9178999997; RENGALI: BP Honda - 7377777362; ROURKELA: Koshala Honda - 0661-3290770, 9337749281; Harsheel Honda - 9337408180, 0661-2665533; SAMBALPUR: Jas Honda - 0663-2115817, 9238364199; SONEPUR: Meher Honda - 09937771704, 06654220200; SUNDARGARH: MaaSamaleswari Honda - 9938198641, 8984873500; TITLAGARH: Tanishta Honda - 09437037314.
For Bulk/Institutional enquiries, please write us at: institutionalsales@honda2wheelersindia.com

ସବୁକଥାକୁ ଉଦାରତାର ସହିତ ସ୍ମିତ ହାସ୍ୟରେ ଦେଖ। ଯୋଉ ସବୁ କଥା ତୁମକୁ ଉତ୍ୟକ୍ତ କରୁଛନ୍ତି- ସେଗୁଡିକୁ ଦେଖି ନିଜେ ଶିକ୍ଷା କର। ତା ହେଲେ ଯାଇ ତୁମର ଜୀବନ ଅଧିକ ଶାନ୍ତିପୂର୍ଣ୍ଣ ଓ ଅଧିକ ସଫଳ ହୋଇ ପାରିବ। -ଶ୍ରୀମା

# ମିଛ ଦାବି

୨୦୧୬ ନଭେମ୍ବର ୮ ତାରିଖରେ ହଠାତ୍ ଘୋଷଣା କରାଗଲା ଯେ, ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ଆଉ ଚଳିବନି। କଳାଟଙ୍କାର ପ୍ରସାରକୁ ରୋକିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେତେବେଳେ କୁହାଯାଇଥିଲା। କଳାଟଙ୍କା ମାଧ୍ୟମରେ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ପାଣ୍ଠି ଯୋଗାଯାଉଥିବାରୁ ଉକ୍ତ ବିମୁଦ୍ରୀକରଣ ପଦକ୍ଷେପ ଦ୍ୱାରା ଆତଙ୍କବାଦୀ ତଥା ଦେଶବିରୋଧୀ କାର୍ଯ୍ୟକଳାପକୁ ହ୍ରାସ କରାଯାଇପାରିବ ବୋଲି ସରକାର ଦୃଢ଼ତାର ସହ କହିଥିଲେ। ବୁଧବାର ଭାରତୀୟ ରିଜର୍ଭ ବ୍ୟାଙ୍କ ତରଫରୁ ପ୍ରଥମଥର ପାଇଁ ୨୨ ମାସ ତଳେ ହୋଇଥିବା ବିମୁଦ୍ରୀକରଣର ଫଳାଫଳ ସମ୍ପର୍କରେ ଏକ ରିପୋର୍ଟ ପ୍ରକାଶ ପାଇଛି, ଯେଉଁଥିରୁ ଜଣାଯାଇଛି ଯେ ସରକାର ଯେଉଁ ଦାବି କରିଥିଲେ ତାହା ମିଛ ଥିଲା। ରିଜର୍ଭ ବ୍ୟାଙ୍କର ଉକ୍ତ ରିପୋର୍ଟ ଅନୁସାରେ, ମୋଟ ୧୫.୪ ଲକ୍ଷ କୋଟି ଟଙ୍କା ମଧ୍ୟରୁ ମାତ୍ର ୧୦,୭୨୦ କୋଟିକୁ ଛାଡ଼ି ବାକି ସବୁ ଟଙ୍କା ବ୍ୟାଙ୍କଗୁଡ଼ିକୁ ଫେରିଆସିଛି। ଯେତିକି ଟଙ୍କା ଫେରି ନାହିଁ, ତା'ରି ଭିତରେ ଯାହା କଳାଟଙ୍କା ରହିଥିବ। ତେଣୁ ବିମୁଦ୍ରୀକରଣରୁ ଆଶାଜନକ ସୁଫଳ ମିଳି ନ ଥିବା ଏଥିରୁ ସ୍ପଷ୍ଟ ହେଉଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେତେବେଳେ ଦାବି କରିଥିଲେ ଯେ, ୩ ଲକ୍ଷ କୋଟିରୁ ଅଧିକ ମୂଲ୍ୟର କଳାଟଙ୍କା ବଜାରରେ ଚାଲୁଛି, ଯାହା ବିମୁଦ୍ରୀକରଣ ପରେ ଅଚଳ ହୋଇଯିବ। କିନ୍ତୁ ତାହା ମିଥ୍ୟା ପ୍ରମାଣିତ ହେଲା। ରିପୋର୍ଟ ଅନୁସାରେ ୨୦୧୬ ନଭେମ୍ବର ୮ରେ ଅଚଳ ହୋଇଥିବା ୯୯ ପ୍ରତିଶତରୁ ଅଧିକ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ବ୍ୟାଙ୍କଗୁଡ଼ିକୁ ଫେରିଆସିଛି। ଯାଞ୍ଚ କରିବା ଓ ମିଳାଇ ଦେଖିବା ପରେ ଜଣାପଡ଼ିଛି ଯେ ୨୦୧୬ ନଭେମ୍ବର ୮ରେ ଅଚଳ ହୋଇଥିବା ବଡ଼ ନୋଟ୍‌ଗୁଡ଼ିକର ମୋଟ ମୂଲ୍ୟ ଥିଲା ୧୫ ଲକ୍ଷ ୪୧ ହଜାର ୭୯୩ କୋଟି ଟଙ୍କା। ବ୍ୟାଙ୍କଗୁଡ଼ିକୁ ଫେରିଥିବା ଟଙ୍କାର ମୋଟ ମୂଲ୍ୟ ହେଉଛି ୧୫ ଲକ୍ଷ ୩୧ ହଜାର ୭୩ କୋଟି ଟଙ୍କା। ଏଣୁ ମାତ୍ର ୧୦,୭୨୦ କୋଟି ଟଙ୍କାକୁ ଛାଡ଼ି ବାକି ସବୁ ଟଙ୍କା ଫେରିଆସିଛି।

ନୋଟ୍‌ବନ୍ଦୀ ଓ ଜିଏସ୍‌ଟି (ଦ୍ରବ୍ୟ ଓ ସେବା କର) ଲାଗୁ କରିବା ଦ୍ୱିତୀୟ ପାଳି ଏନ୍‌ଡିଏ ସରକାରର ସବୁଠାରୁ ବଡ଼ ସଂସ୍କାର ପଦକ୍ଷେପ ବୋଲି ବାହୁସ୍ଫୋଟ ମରାଯାଉଛି। ମାତ୍ର ଜିଏସ୍‌ଟି ଲାଗୁ କରିବାକୁ ଉପା-୨ ସରକାର ଅମଳରୁ ଯୋଜନା ତଥା ଅନୁମୋଦନ କରାଯାଇଥିଲା। କିନ୍ତୁ ମୋଦି ସରକାର ଯେଭଳି ତରବରିଆ ଭାବେ ଏହାକୁ ଲାଗୁ କଲେ, ତାକୁ ସବୁ ମହଲରୁ ସମାଲୋଚନା କରାଯାଇଛି।

## ଆଜିର ଅର୍ଥନୀତି

ନୋଟ୍‌ବନ୍ଦୀ ଏ ସରକାରର ସମ୍ପୂର୍ଣ୍ଣ ଏକପାଖିଆ ନିଷ୍ପତ୍ତି। ତ୍ରୁଟିପୂର୍ଣ୍ଣ ତରବରିଆ ନିଷ୍ପତ୍ତି ଯୋଗୁ ଏଥି ସହ ସମ୍ପୃକ୍ତ ସମସ୍ତେ ଅସୁବିଧାରେ ପଡ଼ିଲେ। ଗରିବ ଲୋକ, କ୍ଷୁଦ୍ର ବ୍ୟବସାୟୀ ଓ କୃଷକମାନେ ସବୁଠାରୁ ଅଧିକ ହଇରାଣ ହେଲେ। ଅନେକ କାରଖାନା ରାତାରାତି ବନ୍ଦ ହୋଇଯିବା ଯୋଗୁ ଲକ୍ଷ ଲକ୍ଷ ଲୋକ କର୍ମସଂସ୍ଥାନ ହରାଇଲେ। ଟଙ୍କା ନେଣଦେଣରେ ନାନା କଟକଣା ଯୋଗୁ ବିଭିନ୍ନ କାରଖାନାର ପରିଚାଳନା କର୍ତ୍ତୃପକ୍ଷ ସଂସ୍ଥା ଚଳାଇପାରିଲେ ନାହିଁ। ପଇଠ କରିବା ପାଇଁ ନଗଦ ଟଙ୍କାର ଘୋର ଅଭାବ ଦେଖାଦେଲା। କର୍ମଚାରୀମାନଙ୍କର ବ୍ୟାପକ ଛଟେଇ କରାଗଲା। ବ୍ୟାଙ୍କରେ ଟଙ୍କା ବଦଳାଇବା ଓ ଏଟିଏମ୍‌ରୁ ଟଙ୍କା ଉଠାଇବା ପାଇଁ ଲମ୍ବା ଧାଡ଼ି ଦେଖିବାକୁ ମିଳିଲା। ଅନେକ ବିବାହ ସ୍ଥଗିତ ରହିଲା। ଶତାଧିକ ଲୋକ ହତାଶ ହୋଇ ମୃତ୍ୟୁବରଣ କଲେ। ବିମୁଦ୍ରାୟନ ଯୋଗୁ ଦେଶର ଜିଡିପି ୧.୫ ପ୍ରତିଶତ ତଳକୁ ଖସିଯାଇଥିଲା। ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍ କହିଲେ ଯେ, ନୋଟ୍‌ବନ୍ଦୀ ଯୋଗୁ ଦେଶର ବ୍ୟବସାୟରେ ଯେଉଁ କ୍ଷତି ହେଲା, ତାହାର ପରିମାଣ ପ୍ରାୟ ୨.୫ ଲକ୍ଷ କୋଟି ଟଙ୍କା ହେବ।

ଅଥଚ ସରକାର ନିର୍ଲ୍ଲଜ ଭାବରେ ନିଜର ଭୁଲ୍ କାର୍ଯ୍ୟକୁ ସମର୍ଥନ କରିବାକୁ ଲାଗିଲେ। ସରକାର କହିଲେ ଯେ, ଏକ ବିରାଟ ଲକ୍ଷ୍ୟ ହାସଲ ପାଇଁ ଲୋକଙ୍କୁ ସାମାନ୍ୟ ମୂଲ୍ୟ ଦେବାକୁ ପଡ଼ିଛି। ନୋଟ୍‌ବନ୍ଦୀ ଦ୍ୱାରା କଳାଟଙ୍କା ନିର୍ମୂଳ ହୋଇଯିବ ବୋଲି ମୋଦି ସରକାର ଦାବି କଲେ। ଯାଞ୍ଚର ସମ୍ମୁଖୀନ ହେବା ଭୟରେ ପ୍ରାୟ ୩ ଲକ୍ଷ କୋଟି ଟଙ୍କା ଫେରିବ ନାହିଁ ବୋଲି ସରକାର ଆସ୍ଫାଳନ କଲେ। କିନ୍ତୁ ଏ ସମସ୍ତ ଆସ୍ଫାଳନ ମିଥ୍ୟା ଥିଲା ବୋଲି ରିଜର୍ଭ ବ୍ୟାଙ୍କର ବୁଧବାର ରିପୋର୍ଟରୁ ଜଣାପଡ଼ିଛି। ଆଶା କରାଯାଉଥିଲା କଳାଟଙ୍କା ଠୁଳ କରିବାକୁ ରୋକିବା ପାଇଁ ବଡ଼ ନୋଟ୍‌ର ପ୍ରଚଳନ କମାଇଦିଆଯିବ। କିନ୍ତୁ ତାହା ହୋଇନାହିଁ। ରିପୋର୍ଟରୁ ଜଣାପଡ଼ିଛି ଯେ ୨୦୧୭ ମାର୍ଚ୍ଚ ୩୧ ସୁଦ୍ଧା ପ୍ରଚଳିତ ୫୦୦ ଓ ୨୦୦୦ ଟଙ୍କିଆ ନୋଟ୍‌ର ପରିମାଣ ପ୍ରଚଳିତ ମୋଟ ମୁଦ୍ରାର ୭୨.୭ ପ୍ରତିଶତ ହୋଇଥିବା ବେଳେ ୨୦୧୮ ମାର୍ଚ୍ଚ ୩୧ ସୁଦ୍ଧା ଏହା ୮୦.୨ ପ୍ରତିଶତ ହୋଇଛି।

ଅଭିବୃଦ୍ଧି ହାର ହ୍ରାସ ପାଇଛି। ଅନେକ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବନ୍ଦ ହୋଇଯିବା ଫଳରେ ରପ୍ତାନି ହ୍ରାସ ପାଇଛି। ବର୍ତ୍ତମାନ ଡଲାର ତୁଳନାରେ ଭାରତୀୟ ମୁଦ୍ରା ଦିନକୁ ଦିନ ଦୁର୍ବଳ ହୋଇପଡ଼ିବା ପଛରେ ବିମୁଦ୍ରୀକରଣର ପ୍ରଭାବ ରହିଛି। ଗୁରୁବାର ଡଲାର ତୁଳନାରେ ଟଙ୍କାର ମୂଲ୍ୟ ପାଖାପାଖି ୭୦.୫୦କୁ ଖସିଆସିଛି। ବିଶେଷଜ୍ଞମାନଙ୍କ କହିବା ଅନୁସାରେ, ନିକଟ ଭବିଷ୍ୟତରେ ଏହା ୭୫ ପର୍ଯ୍ୟନ୍ତ ଖସିପାରେ। ବିମୁଦ୍ରୀକରଣ ପରେ ରପ୍ତାନି ହ୍ରାସ, ବ୍ୟାପକ କର୍ମହୀନତା ଏବଂ ଲୋକଙ୍କ କ୍ରୟଶକ୍ତି ହ୍ରାସ ଦେଶର ଅଭିବୃଦ୍ଧି ଉପରେ ପ୍ରତିକୂଳ ପ୍ରଭାବ ପକାଇଛି। ଟଙ୍କାର ଅବମୂଲ୍ୟାୟନ ବିମୁଦ୍ରାୟନର ପ୍ରତ୍ୟକ୍ଷ ପରିଣାମ। ବିମୁଦ୍ରାୟନ ନେଇ ସରକାର ଯେଉଁସବୁ ମିଛ ଦାବି କରିଥିଲେ, ସେଗୁଡ଼ିକୁ ପଦାରେ ପକାଇଥିବାରୁ ରିଜର୍ଭ ବ୍ୟାଙ୍କ ଧନ୍ୟବାଦର ପାତ୍ର।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | E | | | 3 | | 8 | A | 6 | C | | 2 | | B | |
| | | | | | | | 3 | | | A | | E | 6 | 4 |
| D | | | | 1 | | E | | 5 | | 7 | 6 | | | |
| | | 0 | | 2 | | | | | | 3 | | | | 7 |
| | 5 | 8 | | A | | | 0 | | | | | D | 9 | |
| | | C | | | 2 | 7 | | | 1 | 4 | | 8 | | |
| 2 | | | 5 | | | 4 | | | 6 | | | | 1 | 9 |
| | | | 9 | | C | D | | 3 | | | | | 7 | |
| 1 | 3 | | 4 | | | | | | D | | 7 | 6 | 0 | |
| 8 | | D | | 6 | | | | | | 9 | B | | | |
| C | | | | 5 | | | | | | | | | | |
| E | | 6 | 7 | C | | | | | | 1 | | | | |
| | 1 | 3 | 6 | | | | | | 9 | | A | B | | |
| B | | 9 | 3 | | | 1 | | E | | | C | | | 5 |
| 5 | | | | 4 | | 6 | | | B | | 0 | | E | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 0 | 5 | 4 | 6 | 2 | A | 1 | B | 8 | C | 9 | 7 | 3 | E |
| 1 | 4 | C | 9 | D | E | 3 | 7 | 8 | 2 | 5 | 6 | B | 0 | A |
| 9 | A | 6 | 7 | C | 3 | D | 5 | 4 | 0 | B | E | 2 | 8 | 1 |
| 8 | 2 | 7 | 1 | B | A | 0 | 9 | E | D | 4 | 3 | C | 6 | 5 |
| 3 | B | E | 5 | 8 | 0 | C | 2 | 6 | 7 | 1 | A | D | 9 | 4 |
| C | D | B | 0 | 2 | 7 | 5 | 3 | 9 | 4 | E | 1 | 6 | A | 8 |
| 0 | 3 | 1 | A | E | 8 | 4 | B | 7 | C | 6 | D | 9 | 5 | 2 |
| A | 8 | 9 | D | 1 | B | E | 6 | 2 | 5 | 7 | 0 | 4 | C | 3 |
| 7 | 5 | 2 | 6 | 3 | 4 | 1 | C | A | B | 9 | 8 | 0 | E | D |
| E | 6 | 4 | C | 9 | 5 | 8 | D | 0 | A | 3 | 2 | 1 | B | 7 |
| 4 | 7 | 8 | E | 0 | D | B | A | 3 | 9 | 2 | C | 5 | 1 | 6 |
| 6 | C | 0 | 3 | A | 9 | 2 | 4 | 5 | 1 | 8 | 7 | E | D | B |
| B | 1 | 3 | 2 | 5 | 6 | 9 | 8 | D | E | 0 | 4 | A | 7 | C |
| 2 | 9 | D | B | 7 | 1 | 6 | E | C | 3 | A | 5 | 8 | 4 | 0 |
| 5 | E | A | 8 | 4 | C | 7 | 0 | 1 | 6 | D | B | 3 | 2 | 9 |

ଗତକାଲିର ଉତ୍ତର

# ବିଧାନ ପରିଷଦ: ଗଢ଼ି ଜାଣିଲେ ଭଲ



ସବ୍ୟସାଚୀ ଅମିତାଭ

ରାଜ୍ୟରେ ବିଧାନ ପରିଷଦ ଗଠନ ଲାଗି ଗଠିତ ଅନୁଧ୍ୟାନ କମିଟି ଏହାର ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିଛି। ମୋଟାମୋଟି ତେଲେଙ୍ଗାନା ଢାଞ୍ଚାରେ ଓଡ଼ିଶା ପରିଷଦ ଗଠନ ଲାଗି ସୁପାରିସ କରିଛି କମିଟି। ବିଧାନସଭାରେ ଏହି ବିଲ୍ ପାସ୍ ହେବା ପରେ ଏହାକୁ ପାର୍ଲାମେଣ୍ଟକୁ ପଠାଯିବ। ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ଏହା ଗୃହୀତ ହେଲେ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ଯିବ। ଏହା ପରେ ହିଁ ବିଧାନ ପରିଷଦ ଗଠିତ ହେବ।

ତେଲେଙ୍ଗାନା ମଡେଲରେ ହେବାକୁ ଥିବା ଓଡ଼ିଶା ବିଧାନ ପରିଷଦରେ ମୋଟ ୪୯ ଜଣ ସଦସ୍ୟ ରହିବେ। ସବୁ ବର୍ଗରୁ ଏଥିରେ ପ୍ରତିନିଧିତ୍ୱ ରହିବ। ଉଲ୍ଲେଖଯୋଗ୍ୟ, ତେଲେଙ୍ଗାନା ବିଧାନ ପରିଷଦ ଆନ୍ଧ୍ରପ୍ରଦେଶ ବିଭାଜନ ପରେ ୨୦୧୪ ଜୁନ୍ ୨ ତାରିଖରୁ ସୃଷ୍ଟି ହୋଇଛି। ଏଥିରେ ୪୦ ଜଣ ସଭ୍ୟ ଅଛନ୍ତି। ଅନୁରୂପ ଢାଞ୍ଚାରେ ଓଡ଼ିଶା ବିଧାନ ପରିଷଦରେ ୪୯ ଜଣ ସଭ୍ୟ ରହିବେ। ଅର୍ଥାତ୍, ବିଭିନ୍ନ କ୍ଷେତ୍ରରୁ ୧୬ ଜଣ ରାଜ୍ୟପାଳଙ୍କ ଦ୍ୱାରା ମନୋନୀତ ହେବେ, ୧୬ ଜଣ ସ୍ୱାୟତ୍ତଶାସନ ବ୍ୟବସ୍ଥା (ମ୍ୟୁନିସିପାଲିଟି ଓ ଏନ୍‌ଏସି) ଦ୍ୱାରା ନିର୍ବାଚିତ ହୋଇ ଆସିବେ। ସେହିପରି ବିଭିନ୍ନ କଲେଜ ଅବା ବିଶ୍ୱବିଦ୍ୟାଳୟରୁ ୪ ଜଣ ଅଧ୍ୟାପକ ମନୋନୀତ ହେବେ। ବାକି ୧୩ ଜଣ ସଦସ୍ୟଙ୍କୁ ବିଧାନସଭା ସଭ୍ୟମାନେ ଚୟନ କରିବେ।

ବିଧାନସଭାଠାରୁ ବିଧାନ ପରିଷଦ ପୂରାପୂରି ଅଲଗା। ଏହା ଏକ ସ୍ଥାୟୀ ସଦନ। ସଂସଦର ଅପର ହାଉସ୍ ରାଜ୍ୟ ସଭା ପରି ଏହାର ସଭ୍ୟମାନଙ୍କ କାର୍ଯ୍ୟକାଳ ବି ୬ ବର୍ଷ। ପ୍ରତି ଦୁଇ ବର୍ଷରେ ଗୃହର ଏକ ତୃତୀୟାଂଶ ସଭ୍ୟ ଅବସର ଗ୍ରହଣ କରିଥାନ୍ତି। ସମ୍ବିଧାନ ଅନୁସାରେ, ଯେଉଁ ରାଜ୍ୟରେ ବିଧାନସଭା ଆସନ ସଂଖ୍ୟା ୧୪୦ରୁ ଅଧିକ ସେଠାରେ ବିଧାନ ପରିଷଦ ଗଠନରେ କୌଣସି ବାଧା ନାହିଁ।

ତେବେ ବର୍ତ୍ତମାନ ସମୟର ବଡ଼ ପ୍ରସଙ୍ଗଟି ହେଲା, ଆମ ରାଜ୍ୟରେ ବିଧାନ ପରିଷଦର ଆବଶ୍ୟକତା କେତେଦୂର ରହିଛି। ସାଧାରଣ ଭାବେ ଦୁଇଟି ମତ ଏବେ ସାମ୍ନାକୁ ଆସୁଛି। ଗୋଟିଏ ବର୍ଗଙ୍କ ଯୁକ୍ତି ହେଲା- ବିଧାନ ପରିଷଦ ଦ୍ୱାରା ବିଭିନ୍ନ ବର୍ଗର ପ୍ରତିଭାଧାରୀମାନେ ପ୍ରତିନିଧିତ୍ୱର ସୁଯୋଗ ପାଇବେ। ଅନେକ ସମୟରେ ବିଧାନସଭାରେ ଅନେକ ବିଲ୍ ଉପରେ ପର୍ଯ୍ୟାପ୍ତ ଆଲୋଚନା ପାଇଁ ସୁଯୋଗ ରହୁନି। ଏପରି କି ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ବିନା ଆଲୋଚନାରେ ପାରିତ ହେଉଥିବାର ନଜିର ରହିଛି। ଏଭଳି ସ୍ଥିତିରେ ବିଧାନ ପରିଷଦ ଜରିଆରେ ବିଲ୍ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇପାରିବ, ଆଉ ଏହାର ସୁଫଳ ରାଜ୍ୟବାସୀ ପାଇପାରିବେ। ସେହିପରି ବିଧାନ ପରିଷଦ ଜରିଆରେ ଅନେକ ବୁଦ୍ଧିଜୀବୀ, ଯେଉଁମାନେ ଆଗଧାଡ଼ିର ରାଜନୀତିକ କାର୍ଯ୍ୟକଳାପରେ ସାମିଲ ନାହାନ୍ତି କିନ୍ତୁ ଜନମତ ତିଆରିରେ ପ୍ରମୁଖ ଭୂମିକା ନେଉଛନ୍ତି, ସେମାନେ ସୁଯୋଗ ପାଇବେ। ସେମାନଙ୍କ ଚିନ୍ତନ ରାଜ୍ୟ ପାଇଁ ଲାଭଦାୟକ ହେବ।

ତେବେ ଦ୍ୱିତୀୟ ବର୍ଗର ଲୋକଙ୍କ ଯୁକ୍ତି ହେଲା- ରାଜ୍ୟରେ ବିଧାନ ପରିଷଦ ଗଠନର ଆବଶ୍ୟକତା ନାହିଁ। କାରଣ ବିଧାନ ପରିଷଦ ଗଠନ ହେଲେ ରାଜ୍ୟର ବ୍ୟୟଭାର ବଢ଼ିବ। ବିଧାନସଭାର ସଭ୍ୟଙ୍କ ପରି ବିଧାନ ପରିଷଦର ସଭ୍ୟମାନେ ମଧ୍ୟ ଦରମା, ଭତ୍ତା ତଥା ଅନ୍ୟାନ୍ୟ ସୁବିଧା ସୁଯୋଗର ହକ୍‌ଦାର ରହିବେ। ପ୍ରତିବର୍ଷ ବିଧାନସଭା ପାଇଁ ୫୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହେଉଛି। ତଥ୍ୟରୁ ଜଣାପଡ଼େ, ଗୋଟିଏ ଦିନ ବିଧାନସଭା ଅଧିବେଶନ ପାଇଁ ପାଖାପାଖି ୫୦ ଲକ୍ଷ ଟଙ୍କା ବ୍ୟୟ ହୁଏ। ଏକ ଆନୁମାନିକ ହିସାବରୁ ଜଣାପଡିଛି, ବିଧାନ ପରିଷଦ ଗଠନ ସ୍ଥିତିରେ ରାଜ୍ୟକୁ ଏକକାଳୀନ ଖର୍ଚ୍ଚ ବାବଦରେ ପାଖାପାଖି ୭୦ କୋଟି ଟଙ୍କା ତଥା ବାର୍ଷିକ ଖର୍ଚ୍ଚ ବାବଦରେ ୨୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ବର୍ତ୍ତମାନ ସମୟରେ ରାଜ୍ୟର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବା ସତ୍ତ୍ୱେ ବିଧାନ ପରିଷଦ ନାଁରେ ଅତିରିକ୍ତ ବ୍ୟୟଭାର ସୃଷ୍ଟି କରାଯିବା ଯଥାର୍ଥ ନୁହେଁ। ବିଧାନ ପରିଷଦରେ ଆର୍ଥିକ ବିଲ୍ ବା ବିଧେୟକ ବାବଦରେ ଆଲୋଚନା ସମ୍ଭବପର ନ ଥିବାରୁ ରାଜ୍ୟବାସୀ ଅନ୍ୟ ବିଧେୟକ ଆଲୋଚନାରୁ କେତେ ସୁଫଳ ପାଇପାରିବେ ତାହା ଉପରେ ବି ପ୍ରଶ୍ନ ଉଠିଛି। ଏହା ସହ ବିଧାନ ପରିଷଦ ସରକାରୀ ଦଳର ନେତୃବୃନ୍ଦଙ୍କ ପାଇଁ ଥଇଥାନ କେନ୍ଦ୍ର ପାଲଟିପାରେ ବୋଲି ବିରୋଧୀମାନେ ଆଶଙ୍କା କରୁଛନ୍ତି।

ବର୍ତ୍ତମାନ ସମୟରେ ସାରା ଦେଶର ମାତ୍ର ୭ଟି ରାଜ୍ୟରେ ବିଧାନ ପରିଷଦ ରହିଛି। ସେଗୁଡିକ ହେଲା- ଆନ୍ଧ୍ରପ୍ରଦେଶ, ବିହାର, ଜମ୍ମୁ-କଶ୍ମୀର, କର୍ଣ୍ଣାଟକ, ମହାରାଷ୍ଟ୍ର, ତେଲେଙ୍ଗାନା ଓ ଉତ୍ତରପ୍ରଦେଶ। ସେହିପରି ରାଜସ୍ଥାନ ଓ ଆସାମରେ ବି ବିଧାନ ପରିଷଦ ଗଠନ ପାଇଁ ପ୍ରକ୍ରିୟା ଜାରି ରହିଛି। ଅତୀତରେ ଆନ୍ଧ୍ରପ୍ରଦେଶ ବିଧାନ ପରିଷଦକୁ ଉଚ୍ଛେଦ କରିଥିଲେ ବି ପରବର୍ତ୍ତୀ ସମୟରେ ପୁଣି ଥରେ ପରିଷଦ ଗଠନ କରାଯାଇଥିଲା। ବର୍ତ୍ତମାନ ସେଠାରେ କ୍ଷମତାସୀନ ଥିବା ତେଲୁଗୁଦେଶମ୍ ପାର୍ଟି ବିଧାନ ପରିଷଦକୁ ପୁଣିଥରେ ଉଚ୍ଛେଦ କରିବାକୁ ଚାହୁଁଛି। ସେହିପରି ତାମିଲନାଡୁ ମଧ୍ୟ ଅତୀତରେ ନିଜର ବିଧାନ ପରିଷଦକୁ ଉଚ୍ଛେଦ କରିସାରିଛି। ଯଦିଓ ୨୦୧୦ରେ ତାମିଲନାଡୁ ସରକାର ପୁଣି ଥରେ ବିଧାନ ପରିଷଦ ଗଠନ ପାଇଁ ଉଦ୍ୟମ କରିବା ସହ ଏନେଇ ସଂସଦୀୟ ଅନୁମତି ପାଇଥିଲେ, ତେବେ ବୈଷୟିକ କାରଣ ଯୋଗୁ ଏହା ସଫଳ ହୋଇପାରିନି। ସେହିପରି ପଶ୍ଚିମବଙ୍ଗରେ ବି ପୁଣି ଥରେ ବିଧାନ ପରିଷଦ ସୃଷ୍ଟି କରିବା ପାଇଁ ଶାସକ ତୃଣମୂଳ କଂଗ୍ରେସ ଚାହୁଁଛି। ବର୍ତ୍ତମାନ ସମୟରେ ଅଧିକାଂଶ ରାଜ୍ୟରେ କ୍ଷମତାରେ ଥିବା ଆଞ୍ଚଳିକ ଦଳଗୁଡିକ ଶକ୍ତିଶାଳୀ ହେବା ତଥା ଦଳର ବିଭିନ୍ନ ସ୍ତରରେ ନେତୃତ୍ୱ ସୃଷ୍ଟି ହେଉଥିବାରୁ, ସେମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ତଥା ସେମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ବିଧାନ ପରିଷଦ ଏକ ସମୁଚିତ ଭଲ ବିକଳ୍ପ ବୋଲି ଧରାଯାଉଛି।

ତେବେ ଓଡ଼ିଶାରେ ବିଧାନ ପରିଷଦ ଗଠନ ହେବା ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଦୁଇଟି ଦିଗ ଉପରେ ଚିନ୍ତା କରାଯିବା ଆବଶ୍ୟକ। ପ୍ରଥମତଃ ବିଧାନ ପରିଷଦ ଗଠନ ସ୍ଥିତିରେ କେଉଁମାନେ ଏହାର ସଭ୍ୟ ହେବେ। ସାଧାରଣ ଭାବେ କହିବାକୁ ଗଲେ- ନିର୍ବାଚନରେ ହାରିଯାଇଥିବା ନେତା, ବିଭିନ୍ନ ଦଳର ସୁପ୍ରିମୋମାନଙ୍କର ଘନିଷ୍ଠ ସହଯୋଗୀ ଅବା ସମ୍ପର୍କୀୟ ଅବା କିଛି ଖେଳାଳି, ସଂଘ ଜରିଆରେ ରାଜନୀତି କରୁଥିବା କିଛି ଅଧ୍ୟାପକ ଅବା ଶିଳ୍ପୀ, କଳାକାର ବା ସାମ୍ବାଦିକ। ଏପରି ସ୍ଥିତିରେ ବିଧାନ ପରିଷଦ ଏହାର ମୂଳ ଲକ୍ଷ୍ୟ କେତେଦୂର ହାସଲ କରିପାରିବ ତାହା ପ୍ରଶ୍ନଘେରରେ। ଦ୍ୱିତୀୟ ଦିଗଟି ହେଲା- ବିଧାନ ପରିଷଦକୁ କିପରି ବିଭିନ୍ନ କ୍ଷେତ୍ରର ସଫଳ ଟେକ୍ନୋକ୍ରାଟ୍ ଅବା ବୃତ୍ତିଗତ ବ୍ୟକ୍ତିବିଶେଷ ଚୟନ ହୋଇପାରିବେ ସେଥିପ୍ରତି ରାଜ୍ୟର ରାଜନୈତିକ ଦଳଗୁଡ଼ିକୁ ସୁନିଶ୍ଚିତ କରିବାକୁ ପଡିବ। ବିଧାନ ପରିଷଦର ସୀମିତ କ୍ଷମତା ଥିଲେ ବି ଏହା ପ୍ରଶାସନିକ ଦୋଷତ୍ରୁଟିକୁ ଧରିବା ତଥା ସରକାରୀ କଳରେ ଉତ୍ତରଦାୟିତ୍ୱ ଆଣିବାରେ ସହାୟକ ହୋଇପାରେ। ଏହା ବିଧାନସଭାର ପ୍ରତିଦ୍ୱନ୍ଦ୍ୱୀ ନ ହୋଇ ବରଂ ଏକ ପରିପୂରକ ଭାବେ ଦାୟିତ୍ୱ ନିର୍ବାହ କଲେ, ଏହାର ସୁଫଳ ରାଜ୍ୟବାସୀ ପାଇପାରିବେ।

ଭୁବନେଶ୍ୱର, ମୋ- ୯୪୩୮୨୯୬୫୧୯

# ଶ୍ୱେତକାୟଙ୍କ ଶ୍ରୀମନ୍ଦିର ପ୍ରବେଶ



ଶିବରାମ ଶତପଥୀ

ଶ୍ରୀମନ୍ଦିରରେ ବିରାଜମାନ କରିଥିବା ଜଗନ୍ନାଥଙ୍କୁ ଶ୍ୱେତକାୟ (ବିଦେଶୀ)ମାନେ ଦର୍ଶନ କରିବାର ଔଚିତ୍ୟକୁ ନେଇ ବିତର୍କ ଚାଲିଛି। କିନ୍ତୁ ସେମାନଙ୍କୁ କାହିଁକି ମନ୍ଦିର ପ୍ରବେଶ ବାରଣ କରାଯାଇଛି, ତାକୁ କେହି ଯୁକ୍ତିନିଷ୍ଠ ଭାବେ ପ୍ରତିପାଦିତ କରିବା ଦେଖାଯାଉ ନାହିଁ। ସ୍ୱାମୀ ବିବେକାନନ୍ଦ ଶିକାଗୋ ଧର୍ମସଭାରେ ଭାଷଣ ଦେବାବେଳେ କହିଥିଲେ- ସମସ୍ତ ନଦୀ ଯେପରି ସମୁଦ୍ରାଭିମୁଖୀ ହୋଇ ସେଥିରେ ବିଲୀନ ହୋଇଯାଆନ୍ତି, ସମସ୍ତ ଧର୍ମ ସେପରି ସନାତନ ଧର୍ମରେ ଆତ୍ମବିସ୍ମୃତ ହୁଅନ୍ତି। ଯେତେବେଳେ ବିଶ୍ୱରେ କୌଣସି ଧର୍ମବିଶ୍ୱାସର ପ୍ରଚଳନ ନ ଥିଲା ସେତେବେଳେ ସନାତନ ଧର୍ମ ହିଁ ସର୍ବବ୍ୟାପ୍ତ ଥିଲା।

ଲୋକେ କହନ୍ତି, ଜଗନ୍ନାଥଙ୍କ ଡାକରା ଆସିଲେ, ତାଙ୍କ ଡୋରି ଲାଗିଲେ ହିଁ ଭକ୍ତ ଟାଣିହୋଇ ତାଙ୍କ ପାଖକୁ ଯାଏ। ନଚେତ୍ ଶ୍ରୀକ୍ଷେତ୍ରରେ ଅବସ୍ଥାନ କରି ମଧ ତାଙ୍କ ଦର୍ଶନ ମିଳିପାରେନାହିଁ। ତେବେ ଯେକୌଣସି ଧର୍ମାବଲମ୍ବୀ ଯଦି ତାଙ୍କ ପାଖକୁ ଗଲା, ତାଙ୍କ ଶରଣାପନ୍ନ ହେଲା, ତେବେ ଆମେ ଦର୍ଶନ କାହିଁକି ବାରଣ କରିବା ? କେହି କେହି ଯୁକ୍ତି କରିପାରନ୍ତି ଅଶୌଚ ଅବସ୍ଥାରେ କାଳେ କିଏ ଭିତରେ ପଶି ଶ୍ରୀମନ୍ଦିରର ବାତାବରଣ ଅପବିତ୍ର କରିଦେବ! କାଳେ କେହି ଅମେଧ ଧରି ଭିତରେ ପ୍ରବେଶ କରିବ। କିନ୍ତୁ ସେ ପରା ପବିତ୍ରଙ୍କ ମଧରେ ସୁପବିତ୍ର। ସେ ଚାହିଁଦେଲା ମାତ୍ରେ ସବୁ ପବିତ୍ର ଓ ଅମୃତମୟ ହୋଇଯାଏ। ତେବେ ଏ ଭୟ କାହିଁକି?

ଜଣେ ପଦସ୍ଥ ଅଧିକାରୀ ପୁରୀରେ ଘର କରିଥିଲେ। ଇଚ୍ଛା ଥିଲା ଚାକିରିରୁ ଅବସର ଗ୍ରହଣ କଲା ପରେ ଜଗନ୍ନାଥଙ୍କୁ ଦର୍ଶନ କରି ଅବଶିଷ୍ଟ ଜୀବନ ଅତିବାହିତ କରିବେ। କିନ୍ତୁ ପ୍ରଭୁଙ୍କ କୃପା ନାହିଁ। ସେ କର୍କଟ ରୋଗରେ ପୀଡିତ ହେବାରୁ ଚିକିତ୍ସିତ ହେବା ପାଇଁ ମୁମ୍ବାଇ ଯାଇ ସେଠାରେ ଶେଷ ନିଃଶ୍ୱାସ ତ୍ୟାଗ କଲେ। ଏ ଲେଖକ ୧୯୭୦ ଜାନୁୟାରୀ ୧୪ ତାରିଖ ମକର ସଂକ୍ରାନ୍ତି ଦିନ ପ୍ରୟାଗରେ ପ୍ରାତଃସ୍ନାନ କରିବାର ସୁଯୋଗ ପାଇଥିଲା। ହାଡ଼ଭଙ୍ଗା ଶୀତ । ଭୋର ସାଢ଼େ ଚାରିଟା ବେଳେ ଦେଖିଲି କିଛି ପୋଲିସ କନଷ୍ଟେବଳ ତ୍ରିବେଣୀରେ ବୁଡ଼ ପକାଉଛନ୍ତି। ସେମାନେ ପରସ୍ପର କଥା ହେଉଥିଲେ ଆମର ଏଠାରେ ଡ୍ୟୁଟି ପଡିଲା ବୋଲି ସିନା ଏ ପବିତ୍ର ସ୍ନାନର ସୁଯୋଗ ପାଇଲେ, ନଚେତ୍ ଏ ଶୀତରେ ଘରେ ରେଜେଇରୁ ଉଷୁମ ନ ଟାଣି କିଏ ବରଫ ପରି ଥଣ୍ଡା ପାଣିରେ ବୁଡିଥାନ୍ତା ?

ପୁରାଣମାନଙ୍କରେ ବର୍ଣ୍ଣିତ ଅଛି, ସୁକୃତିକାରୀମାନେ ମୃତ୍ୟୁପରେ ଶ୍ୱେତଦ୍ୱୀପରେ ଜନ୍ମଗ୍ରହଣ କରନ୍ତି। ଶ୍ୱେତଦୀପନିବାସୀମାନେ ଦୀର୍ଘକାୟ ଓ ବଳିଷ୍ଠ। ସେଠାରେ ସେମାନେ ନାନାବିଧ ସୁଖ ଭୋଗକରି ମୃତ୍ୟୁପରେ ପରମପଦ ପ୍ରାପ୍ତ ହୁଅନ୍ତି। ରାବଣ ଦିଗ୍‌ବିଜୟ କଲାବେଳେ ଶ୍ୱେତଦ୍ୱୀପର ସମୀପବର୍ତ୍ତୀ ପୁଷ୍ପକ ଯାନ ଅଟକିଗଲା। ପୁଷ୍ପକ ଯାନଠାରୁ ଅଧିକ ବଳଶାଳୀ ଶକ୍ତି ଶ୍ୱେତଦ୍ୱୀପରେ ଥିଲା। ପଦବ୍ରଜରେ ରାବଣ ଯାଇ ସ୍ତ୍ରୀମାନଙ୍କ ପଶାଖେଳରେ ହସ୍ତକ୍ଷେପ କରନ୍ତେ ଜଣେ ସ୍ତ୍ରୀ ତା'ର ହାତ ଧରି ପକାଇଲା ଯେ ରାବଣ ଛଡାଇପାରିଲା ନାହିଁ। (ବାଲ୍ମୀକି ରାମାୟଣ, ଉତ୍ତରାକାଣ୍ଡ) ଗବେଷକମାନେ ମତ ଦିଅନ୍ତି ଶ୍ୱେତଦ୍ୱୀପ, ବର୍ତ୍ତମାନର ୟୁରୋପ ମହାଦେଶ। ଅବଶ୍ୟ ୟୁରୋପ ମହାଦେଶର ଅଧିକାଂଶ ବାସିନ୍ଦା ବର୍ତ୍ତମାନ ଖ୍ରୀଷ୍ଟଧର୍ମାବଲମ୍ବୀ। ଏହା ନିଃସନ୍ଦେହ ଯେ, ଖ୍ରୀଷ୍ଟ ଧର୍ମଗୁରୁ ଯିଶୁ କେତେବର୍ଷ କଶ୍ମୀରରେ ଅବସ୍ଥାନ କରି ତତ୍ରତ୍ୟ ଧର୍ମଯାଜକମାନଙ୍କଠାରୁ ନିର୍ଗୁଣ ବ୍ରହ୍ମଙ୍କ ବିଷୟରେ ଜ୍ଞାନାର୍ଜନ କରିଥିଲେ।

ନିମ୍ନୋକ୍ତ ଘଟଣାଦ୍ୱୟର ଅବତାରଣା ନ କଲେ ମୋ ପ୍ରବନ୍ଧଟି ଅପୂର୍ଣ୍ଣ ରହିଯିବ। ମୋର ଆମେରିକାରେ ଅବସ୍ଥାନ ସମୟରେ ଇସ୍କନ ସଂସ୍ଥା ଦ୍ୱାରା ପରିଚାଳିତ ଜନ୍ମାଷ୍ଟମୀ ଉତ୍ସବରେ ଯୋଗଦେବା ପାଇଁ ରାଧାକୃଷ୍ଣ ମନ୍ଦିରକୁ ଯାଇଥିଲି । ଏ ସଂସ୍ଥା ଦ୍ୱାରା ଶ୍ୱେତାଙ୍ଗିନୀ ଓ ଶ୍ୱେତାଙ୍ଗୀମାନେ ବୈଷ୍ଣବ ଧର୍ମରେ ଦୀକ୍ଷିତ ହୋଇ ଗଳାରେ ତୁଳସୀମାଳା ପରିଧାନ କରି ମୃଦଙ୍ଗର ତାଳେ ତାଳେ ଭଜନ କୀର୍ତ୍ତନ ଓ ପରେ ପରେ ଝୁଲିମୁଣି ପରି ପ୍ରେମାଶ୍ରୁ ପରିପ୍ଲୁତ ନେତ୍ରରେ ମହାମନ୍ତ୍ର ଜପ କରୁଥିଲେ। ପୁରୁଷଙ୍କ ମୁଣ୍ଡିତ ମୁଣ୍ଡରେ ଶିଖା ଶୋଭାପାଉଥିଲା। ସ୍ତ୍ରୀପୁରୁଷ ନିର୍ବିଶେଷରେ ସମସ୍ତେ ଗୈରିକ ବସ୍ତ୍ର ପରିହିତ। ଏ ଭକ୍ତିର ଏକ ଦଶମାଂଶ ମଧ ଆମ ପୂଜାପଣ୍ଡା, ପୁରୋହିତ ଓ ଧର୍ମଯାଜକଙ୍କଠାରେ ବିରଳ। ପରେ ଶୁଣିବାକୁ ପାଇଲି ଜଣେ ଆମେରିକୀୟ ଭକ୍ତ ଯେକୌଣସି ସ୍ଥାନକୁ ଗଲେ ସାଙ୍ଗରେ ଜଗନ୍ନାଥଙ୍କୁ ଧରି ଯାଆନ୍ତି। ବ୍ୟୋମଯାନରେ ଜଗନ୍ନାଥଙ୍କ ଉପବେଶନ ପାଇଁ ଏକ ସିଟ୍ (ଟିକଟ) ବୁକ୍ କରନ୍ତି। ମୋର ଚିଲିକାରେ ଅବସ୍ଥାନ ସମୟରେ (୧୯୭୭-୮୦) ଥରେ ଚିଫ୍ ଇଞ୍ଜିନିୟରଙ୍କ ବନ୍ଧୁ ଜର୍ମାନ ଦମ୍ପତିଙ୍କୁ ଭୁବନେଶ୍ୱର, ପୁରୀ ଓ କୋଣାର୍କ ବୁଲାଇ ଦେଖାଇବା ଦାୟିତ୍ୱ ମୋ ଉପରେ ନ୍ୟସ୍ତ କରାଯାଇଥିଲା। ସେ ମହାରାଷ୍ଟ୍ରୀୟ ବ୍ରାହ୍ମଣ, ବିବାହ କରିଛନ୍ତି ଜଣେ ଜର୍ମାନ ମହିଳାଙ୍କୁ। ଲଳନା ଶାଢ଼ି ବ୍ଲାଉଜ ପରିଧାନ କରି ଶ୍ୱେତ ଶରୀର ସମ୍ପୂର୍ଣ୍ଣ ଆବୃତ କରିଥାନ୍ତି। ବିଦେଶିନୀ ହେତୁ ମୁଁ ପ୍ରମାଦ ଗଣୁଥାଏ। କାଳେ ସେ ଧରାପଡିଯିବେ। ଯା ହେଉ, ସେ କୃପାକୁପାରଙ୍କ ଅପାର କୃପାରୁ କିଛି ଅଘଟଣ ଘଟିଲା ନାହିଁ। ମହିଳା ଜଗନ୍ନାଥଙ୍କୁ ନିର୍ନିମେଷ ନେତ୍ରରେ ଅବଲୋକନ କରି ଭକ୍ତି ଗଦ୍‌ଗଦ୍ କଣ୍ଠରେ ପୂର୍ବରୁ ମୁଖସ୍ଥ କରିଥିବା ଆଦି ଶଙ୍କରାଚାର୍ଯ୍ୟ ପ୍ରଣୀତ ଜଗନ୍ନାଥାଷ୍ଟକ ଯେପରି ଶୁଦ୍ଧ ଉଚ୍ଚାରଣ କରି ସମ୍ପୂର୍ଣ୍ଣ ଗାନ କଲେ, ସେଥିରେ ମୁଁ ସ୍ତମ୍ଭୀଭୂତ ହେଲି।

ଶ୍ରୀମନ୍ଦିରରୁ ନିଷ୍କ୍ରାନ୍ତ ହେଲା ପରେ ଦେଖିଲି ମହିଳାଙ୍କ ତେଜୋଦୀପ୍ତ ପଦ୍ମପତ୍ରନିଭ ନୟନଦ୍ୱୟ ଅଶ୍ରୁସିକ୍ତ। ମୋ ସନ୍ଦେହ ମୋଚନ କରିବାକୁ ଯାଇ ମହିଳା କହିଲେ ଯେ, ସେ ଛାତ୍ର ଜୀବନରେ ଇଚ୍ଛାଧୀନ ବିଷୟ ସଂସ୍କୃତ ନେଇ ପଢ଼ିଛନ୍ତି। ପୁଣି ତାଙ୍କ ପତି ମରାଠୀ ବ୍ରାହ୍ମଣ ହେତୁ ସେ ବିବାହ ପୂର୍ବରୁ ହିନ୍ଦୁଧର୍ମ ଗ୍ରହଣ କରିଛନ୍ତି। ତାଙ୍କ ଘରେ (ଜର୍ମାନୀରେ) ସେ ହିନ୍ଦୁମାନଙ୍କ ସମସ୍ତ ପର୍ବପର୍ବାଣି ପାଳନ କରନ୍ତି। ବର୍ତ୍ତମାନ ପାଠକେ କୁହନ୍ତୁ, ଏ ବିଦେଶିନୀ ଶ୍ରୀମନ୍ଦିରରେ ପ୍ରବେଶ କରିବାକୁ ହକ୍‌ଦାର ନା ନାହିଁ?

ଇ-୧୮, ପଦ୍ମପାଣି ବିହାର, ଶୈଳଶ୍ରୀ ବିହାର, ଭୁବନେଶ୍ୱର, ମୋ-୯୪୩୭୦୧୭୨୦୨

## ଏଇ ଭାରତରେ

ଗୁରୁ-ଶିଷ୍ୟ ସମ୍ପର୍କ ସବୁବେଳେ ପବିତ୍ର। ଏହି ସମ୍ପର୍କରେ ତିକ୍ତତା ଦେଖାଦେବା ଏକ ବିଲକ୍ଷଣ। ଛାତ୍ରର ଗୁରୁତର ତ୍ରୁଟି ଦେଖିଲେ ଶିକ୍ଷକ ଦଣ୍ଡିତ କରିଥାଆନ୍ତି। ଏପରି କି ସ୍କୁଲରୁ ବହିଷ୍କାର କରିଦିଅନ୍ତି। କିନ୍ତୁ ବହିଷ୍କୃତ ଛାତ୍ର ପ୍ରତିଶୋଧପରାୟଣ ହୋଇ ଶିକ୍ଷକଙ୍କ ଉପରକୁ ଗୁଳି ଚଳାଇବା ଏକ ବ୍ୟତିକ୍ରମ। ଏଭଳି ଏକ ଘଟଣା ଉତ୍ତରପ୍ରଦେଶରେ ଘଟିଛି। ବିଜ୍‌ନୋର ଜିଲାର ସେଓହାରା ଅଞ୍ଚଳରେ ସ୍କୁଲ୍ ପ୍ରଧାନଶିକ୍ଷକଙ୍କୁ ଛାତ୍ର ଜଣକ ଅଚାନକ ଗୁଳି ଚଳାଇଥିଲେ। ଗୁଳିଟି ପ୍ରଧାନଶିକ୍ଷକଙ୍କ ଦେହରେ ନ ବାଜି ତାଙ୍କ କାନ୍ଧ ପାର୍ଶ୍ୱ ଦେଇ ଚାଲିଯାଇଥିଲା। ଏ ସମ୍ପର୍କରେ ଶିକ୍ଷକ କହନ୍ତି, ସ୍କୁଲ୍‌ରେ ଏହି ଛାତ୍ରଙ୍କ ଉଗ୍ର ଆଚରଣ ପାଇଁ ତାକୁ ବହିଷ୍କାର କରାଯାଇଥିଲା। ସେ ତାଙ୍କ ମା'ଙ୍କ ସହିତ ସ୍କୁଲ୍‌କୁ ଆସିଥିଲେ। ତାଙ୍କୁ ପୁନଶ୍ଚ ସ୍କୁଲରେ ପ୍ରବେଶ ପାଇଁ ଅନୁମତି ଦିଆଗଲା ନାହିଁ। ଛାତ୍ର ଜଣକ ଫେରିଯାଇ କିଛି ସମୟ ପରେ ପୁଣି ପ୍ରଧାନଶିକ୍ଷକଙ୍କ ପାଖକୁ ଆସିଥିଲେ। ସମସ୍ତେ ଭାବିଥିଲେ ସେ ଟିସି ପାଇଁ ଆସିଥିବେ। କିନ୍ତୁ ସେ ପ୍ରଧାନଶିକ୍ଷକଙ୍କ ମୁହଁକୁ ଲକ୍ଷ୍ୟକରି ଗୁଳି ଚଳାଇଥିଲେ। ଶିକ୍ଷକ ସାମାନ୍ୟ କଡେଇ ଯିବାରୁ ତାଙ୍କର ଜୀବନରକ୍ଷା ହୋଇପାରିଥିଲା। ଅଭିଯୁକ୍ତକୁ ଖୋଜା ଚାଲିଥିବା ବେଳେ ତଦନ୍ତ ଜାରି ରହିଛି।

## ଚିରନ୍ତନୀ

ଦେଖରେ ତାରା ଦେଖ ଆକାଶେ
ତୁମରି କବି ଲୋତକେ ଭାଷେ
ଏ ଧୂଳି ତଳେ କି ଦୀନ ବେଶେ
ଭ୍ରମଇ କିବା ଭିକ୍ଷା ଆଶେ! (କବିର ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୩୧ ଅଗଷ୍ଟ ୧୯୯୩

- ଚୀନର ପଶ୍ଚିମ ପ୍ରାଦେଶିକ ଅଞ୍ଚଳ କ୍ୱିନଘାଇରେ ଏକ ନଦୀବନ୍ଧ ଭୁଶୁଡି ପଡିବା ଫଳରେ ୪୦୦ ଲୋକଙ୍କ ମୃତ୍ୟୁ।
- ମାରାତ୍ମକ ଏଡ୍‌ସର ବାହକ ଏଚ୍‌ଆଇଭି ଭୂତାଣୁ ସମ୍ପର୍କରେ ଅବଗତ ହେବା ନିମନ୍ତେ ଦେଶର ସବୁ ନାଗରିକ ଏବଂ ଦେଶ ଭିତରେ ଥିବା ବିଦେଶୀମାନଙ୍କର ରକ୍ତ ପରୀକ୍ଷା କରିବା ସପକ୍ଷରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ।



ଜିଲା ଡାଏରୀ
## ସୁବର୍ଣ୍ଣପୁର

### ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା

ଭିଡିଭୂମି ସାଙ୍ଗକୁ ଡାକ୍ତର ଓ କର୍ମଚାରୀଙ୍କ ଅଭାବ ସୁବର୍ଣ୍ଣପୁର ଜିଲାରେ ସ୍ୱାସ୍ଥ୍ୟସେବାକୁ ବିପର୍ଯ୍ୟସ୍ତ କରିପକାଇଛି। ୨ଟି ସିଏଚ୍‌ସି ଓ ୧୦ଟି ପିଏଚ୍‌ସିରେ ଜଣେ ହେଲେ ଡାକ୍ତର ନ ଥିବାବେଳେ ଜିଲାରେ ମୋଟ ୫୩ଟି ଡାକ୍ତର ପଦବୀ ଖାଲି ପଡିଛି। ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକର ବିଭିନ୍ନ ବିଭାଗରେ ୧୧୩ଜଣ ଡାକ୍ତରଙ୍କ ଆବଶ୍ୟକତା ଥିବାବେଳେ କାମ କରୁଛନ୍ତି ମାତ୍ର ୬୦ଜଣ। ମେଡିକାଲ ଅଫିସରଙ୍କ ସମେତ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡିଥିବା ବେଳେ ଆଡଜଷ୍ଟ ଓ ଡେପୁଟେସନରେ କାମ ଚାଲିଛି। ଗରିବ, ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକେ ମୁଖ୍ୟତଃ ସରକାରୀ ଡାକ୍ତରଖାନା ଉପରେ ନିର୍ଭର କରନ୍ତି। ମାତ୍ର ଡାକ୍ତର ନ ଥିବାରୁ କ୍ୱାକ୍‌ଙ୍କ ହାବୁଡରେ ପଡି ନୟାନ୍ତ ହେଉଛନ୍ତି। ଏଭଳି ସ୍ଥିତିରେ ମାତୃ ଓ ଶିଶୁ ମୃତ୍ୟୁହାରକୁ ରୋକାଯାଇ ପାରୁନି। ସରକାର ନିରାମୟ, ଆୟୁଷ୍ମାନ୍ ଭାରତଠାରୁ ଆରମ୍ଭ କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଭଳି ନୂତନ ଯୋଜନା ପ୍ରଣୟନ କରୁଛନ୍ତି। କିନ୍ତୁ ଡାକ୍ତର ନ ଥିଲେ ଏଥିରୁ ରୋଗୀଙ୍କୁ କି ଲାଭ ମିଳିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

-ମୃତ୍ୟୁଞ୍ଜୟ ଶତପଥୀ

## ପାଠକ ଶ୍ରେଷ୍ଠ ବିଚାରକ

### ଭୂତାଣୁ ଆତଙ୍କ

ମହାଶୟ,

'ଭାଇରସ୍' ବା ଭୂତାଣୁ ଅନେକ ରୋଗ ସୃଷ୍ଟିର କାରଣ। କଟକ ସହରରେ ଜଣ୍ଡିସ୍ ସୃଷ୍ଟିକାରୀ ଭାଇରସ୍‌ର ଜୈବ ରାସାୟନିକ ଚେହେରା ଚିହ୍ନଟୀକରଣ ହୋଇପାରିଲାନାହିଁ। କେବଳ ଖୋଳତାଡରେ କେତେଜଣ ଧନୀ ହୋଇଗଲେ। 'ଏଡ୍‌ସ' ସୃଷ୍ଟିକାରୀ ଏଚ୍‌ଆଇଭି ଭାଇରସ୍ ସମଗ୍ର ବିଶ୍ୱକୁ ଦୋହଲାଇ ଦେଉଛି। ଯକୃତ କର୍କଟ ତଥା ଜଣ୍ଡିସ୍ କରୁଥିବା ହେପାଟାଇଟିସ୍-ବି ଭୂତାଣୁ ଏଡ୍‌ସଠାରୁ ୨୦୦ ଗୁଣ ଭୟଙ୍କର। ସାଧାରଣ ସର୍ଦ୍ଦିରୋଗ ଘଟାଉଥିବା ରାଇନୋ-ଭାଇରସ୍, ଶିଶୁଙ୍କ ଝାଡା କରାଉଥିବା ରୋଟା ଭାଇରସ୍ ପାଇଁ ଚିକିତ୍ସା ନାହିଁ। କେରଳରେ ବାଦୁଡିମାନେ ଅଇଁଠା କରୁଥିବା ଫଳରୁ ମଣିଷକୁ ଓ ମଣିଷରୁ ପଶୁକୁ ମାରୁଥିବା 'ନିପା' ଭାଇରସ୍ ଏବଂ ବାର୍ଡ ଫ୍ଲୁ କରୁଥିବା ଏଚ୍୧ଏନ୍୧ ଭୂତାଣୁ ଏକୁ ଆରେକ ବଳୀୟାର। ମଣିଷଙ୍କୁ ବଞ୍ଚାଇବାକୁ କ'ଣ ଗାଈ, ଘୁଷୁରି, କୁକୁଡା, ବାଦୁଡି ଏମାନଙ୍କର ଗଣହତ୍ୟା କରିବା ? ବିଜ୍ଞାନ ହାର୍ ମାନିଗଲା ଏଇ ଭାଇରସ୍ ଆଗରେ। ତେବେ ଅଇଁଠା ପିଜୁଳି-ଡାଳିମ୍ବ-ସେଓ-ଖଜୁରି ଖାଆନ୍ତୁ ନାହିଁ।

ଡାକ୍ତର ଦେବଦତ୍ତ ମିଶ୍ର, ରେଡ୍‌କ୍ରସ ରୋଡ୍, ପୁରୀ

### ସମୁଦ୍ରକୁ ଶଙ୍ଖେ ପଣ।

ସରକାର ବରିଷ୍ଠ ନାଗରିକଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଦେବା ସହ ବିଧବା, ସ୍ୱାମୀ ପରିତ୍ୟକ୍ତା, ଅସହାୟ, ଦିବ୍ୟାଙ୍ଗମାନଙ୍କୁ ମଧ ଭତ୍ତା ପ୍ରଦାନ କରୁଛନ୍ତି। ବର୍ତ୍ତମାନ ଦିନକୁ ଦିନ ଦରଦାମ୍ ହୁ ହୁ ହୋଇ ବଢିଚାଲିଛି। ରୋଗରେ ପଡିଲେ ଔଷଧ ଖର୍ଚ୍ଚ ମଧ ବହୁତ ବଢିଯାଉଛି। ସରକାର ଯେଉଁ ବରିଷ୍ଠ ନାଗରିକ ୬୦ ବର୍ଷରୁ ଅଧିକ ସେମାନଙ୍କୁ ୩୦୦ ଟଙ୍କା ଓ ୮୦ ବର୍ଷରୁ ଅଧିକଙ୍କୁ ୫୦୦ ଟଙ୍କା ଦେଉଛନ୍ତି। ଏହା ସମୁଦ୍ରକୁ ଶଙ୍ଖେ ଭଳି। ତେଣୁ ସରକାରଙ୍କୁ ଅନୁରୋଧ, ଅତିକମ୍‌ରେ ବାର୍ଦ୍ଧକ୍ୟଭତ୍ତା ୧୦୦୦ ଟଙ୍କା ଦେବାର ବ୍ୟବସ୍ଥା କରନ୍ତୁ।

ଭଗବାନ ଦାସ, ଅବସରପ୍ରାପ୍ତ ଶିକ୍ଷକ, ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଉଥାଏ। ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।

- ମିଲଟନ

# ଭୀମ ଭୋଇ ମେଡିକାଲ କଲେଜ ଉଦ୍‌ଘାଟନ ଆଜି

**ବଲାଙ୍ଗୀର ଅଫିସ, ୩୦।୮**

ଦୀର୍ଘ ୧୮ବର୍ଷର ପ୍ରତୀକ୍ଷା ପରେ ବଲାଙ୍ଗୀରରେ ମେଡିକାଲ କଲେଜ୍ ଓ ହସପିଟାଲ ଉଦ୍‌ଘାଟନ ହେବ। ଏଭଳି ଏକ ସ୍ୱପ୍ନିଳ ମୁହୂର୍ତ୍ତକୁ ନେଇ ବଲାଙ୍ଗୀର ସମେତ ଆଖପାଖ ଜିଲାବାସୀ ଉତ୍ସାହିତ ହୋଇପଡିଛନ୍ତି। ଉଦ୍‌ଘାଟନୀ ପୂର୍ବରୁ ଏହି ମେଡିକାଲ କଲେଜ ଓ ହସ୍‌ପିଟାଲର ନାମକରଣ ମହାନ ସନ୍ଥକବି ଭୀମଭୋଇଙ୍କ ନାମରେ ନାମିତ ହୋଇଥିବାରୁ ଏହି ଉତ୍ସାହ ଦ୍ୱିଗୁଣିତ ହୋଇଛି। ବିଭିନ୍ନ ମହଲରୁ ଏହାକୁ ସ୍ୱାଗତ କରାଯାଇଛି। ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ମେଡିକାଲ କଲେଜ ଓ ହସପିଟାଲକୁ ଲୋକାର୍ପଣ କରିବେ। ଏହି ଉତ୍ସବରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, ବିରୋଧୀଦଳ ନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ବଲାଙ୍ଗୀର ଏମପି କଳିକେଶ ନାରାୟଣ ସିଂଦେଓ, ପାଟଣାଗଡ ବିଧାୟକ କନକ ବର୍ଦ୍ଧନ ସିଂଦେଓ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମେଡିକାଲ କଲେଜ ଉଦ୍‌ଘାଟନୀ ପାଇଁ ଗୁରୁବାର ମେଡିକାଲ କଲେଜ କ୍ୟାମ୍ପସରେ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡାନ୍ତ ହୋଇଛି। ଭୀମଭୋଇଙ୍କ ନାମ ଘୋଷଣା ପରେ କଲେଜ ମୁଖ୍ୟଦ୍ୱାର ନିକଟରେ ସନ୍ଥକବି ଭୀମ ଭୋଇଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କାମ ଯୋରସୋରରେ ଚାଲିଛି। ରାତିସୁଦ୍ଧା ସେହି କାମ ସମ୍ପନ୍ନ ହେବ। ଏହି ପ୍ରତିମୂର୍ତ୍ତିକୁ ମୁଖ୍ୟମନ୍ତ୍ରୀ ଅନାବରଣ କରି କଲେଜ ଉଦ୍‌ଘାଟନ କରିବେ। ଗୁରୁବାର ମେଡିକାଲ କଲେଜ କ୍ୟାମ୍ପସ ସାଇଟ୍‌କୁ ପୋଲିସ ଛାଉଣୀରେ ରଖାଯାଇଛି। ଏସ୍‌ପି କେ. ଶିବା. ସୁବ୍ରମଣି ସୁରକ୍ଷା ଦାୟିତ୍ୱ ନିଜେ ତଦାରଖ କରୁଛନ୍ତି। ଏହାସହିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମର ରୂପରେଖ କିଭଳି ହେବ ସେନେଇ ସ୍ୱାସ୍ଥ୍ୟ ସଚିବ ଡ ପ୍ରମୋଦ କୁମାର ମେହେର୍ଦ୍ଧା, ଅତିରିକ୍ତ ସଚିବ ଏସ.ସି. ମିଶ୍ର, ଜିଲାପାଳ ଅରିନ୍ଦମ ଡାକୁଆ, ମେଡିକାଲ କଲେଜ ଡିନ୍ ତଥା ଅଧକ୍ଷ ପ୍ରଫେସର ଡା ଲଳିତ କୁମାର ମେହେର, ସିଡିଏମ୍‌ଓ ଡା. ସୁଜ୍ଞାନେନ୍ଦ୍ର ମିଶ୍ର, କଲେଜ ଆଡମିନିଷ୍ଟ୍ରେଟିଭ ଅଫିସର ରାଧେଶ୍ୟାମ ପାଢ଼ୀ ତଦାରଖ କରିଛନ୍ତି। ମେଡିକାଲ କଲେଜ ପ୍ରେକ୍ଷାଳୟରେ କଲେଜ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କଲେଜର ନବାଗତ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେବେ। ଏସବୁ କାର୍ଯ୍ୟକ୍ରମ କିଭଳି ପର୍ଯ୍ୟାୟକ୍ରମେ ସମ୍ପାଦନ ହେବ ସେ ନେଇ ଜିଲା ପ୍ରଶାସନ, ପୂର୍ତ୍ତବିଭାଗ, ସ୍ୱାସ୍ଥ୍ୟବିଭାଗ ଅଧିକାରୀ ଓ କର୍ମଚାରୀମାନେ ଲାଗିଛନ୍ତି। ୧୯୯୯ରେ ବଲାଙ୍ଗୀର ଗନ୍ଧରେଲଠାରେ ପଶ୍ଚିମ ଓଡିଶା ବିକାଶ ପରିଷଦର ତତ୍କାଳୀନ ଅଧକ୍ଷ ନରସିଂହ ମିଶ୍ରଙ୍କ ଉଦ୍ୟମକ୍ରମେ ମେଡିକାଲ କଲେଜ ଆରମ୍ଭ ହୋଇଥିଲା। ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ଶରଦ ଯାଦବ ମେଡିକାଲ କଲେଜ ଉଦ୍‌ଘାଟନ କରିଥିଲେ। ତେବେ ୨୦୦୦ ମସିହାରେ ସରକାର ପରିବର୍ତ୍ତନ ହେବା ପରେ ଏହି ମେଡିକାଲ କଲେଜର ନିର୍ମାଣ କାମକୁ ବନ୍ଦ କରି ଦିଆ ଯାଇଥିଲା। ଏହାପରେ ୨ ଥର ମେଡିକାଲ କଲେଜ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିଲେ ମଧ ଏହା ସଫଳ ହୋଇ ନ ଥିଲା। ୨୦୧୩ ଉପା ସରକାର ସମୟରେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ଗୁଲାମନବୀ ଆଜାଦ୍‌ଙ୍କ ଉଦ୍ୟମରେ କେନ୍ଦ୍ର-ରାଜ୍ୟ ସହଭାଗିତାରେ ଦେଶର ବିଭିନ୍ନ ସ୍ଥାନରେ ମେଡିକାଲ ଖୋଲିବା ନେଇ ଉଦ୍ୟମ ଆରମ୍ଭ ପରେ ବଲାଙ୍ଗୀର ମେଡିକାଲ କଲେଜ ସଫଳ ରୂପାୟନ ନେଇଥିଲା। ଦୀର୍ଘ ୧୮ବର୍ଷ ଭିତରେ ବଲାଙ୍ଗୀର ଜିଲାବାସୀ ମେଡିକାଲ କଲେଜ ପାଇଁ ବହୁ ଆନ୍ଦୋଳନ କରିଥିଲେ। ଶୁକ୍ରବାର ଏହି ପ୍ରତୀକ୍ଷାର ପରିସମାପ୍ତି ହେଉଥିବାରୁ ସବୁମହଲରେ ଉତ୍ସାହ, ଉଦ୍ଦୀପନା ପ୍ରକାଶ ପାଇଛି।



ଭୀମଭୋଇ ମେଡିକାଲ କଲେଜ ଉଦ୍‌ଘାଟନ ପୂର୍ବରୁ ଜିଲାପାଳ, ଏସପି କ୍ଷେତ୍ର ପରିଦର୍ଶନ କରି ତଦାରଖ କରୁଛନ୍ତି।

## ନିମନ୍ତ୍ରଣ ପତ୍ରରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନାମ ନ ଥିବାରୁ ବିବାଦ

**ଭୁବନେଶ୍ୱର,୩୦।୮(ବ୍ୟୁରୋ)**

ମେଡ଼ିକାଲ କଲେଜ୍ ଉଦ୍‌ଘାଟନୀ ଉତ୍ସବରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ହେଲେ ନିମନ୍ତ୍ରଣ ପତ୍ରରେ ତାଙ୍କ ନାମ ଉଲ୍ଲେଖ ନାହିଁ। ଏହାକୁ ଅତ୍ୟନ୍ତ ଲଜ୍ଜାଜନକ ଏବଂ ନିନ୍ଦନୀୟ ବୋଲି ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଉପସଭାପତି ସମୀର ମହାନ୍ତି କହିଛନ୍ତି। ଅନ୍ୟପକ୍ଷରେ ମେଡିକାଲ କଲେଜ ପରିସରରେ ମୁଖ୍ୟମନ୍ତ୍ରୀଙ୍କ ଅବତରଣ ପାଇଁ ହେଲିପ୍ୟାଡର ବ୍ୟବସ୍ଥା ହୋଇଥିବା ବେଳେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଅବତରଣ ପାଇଁ ଅନ୍ୟତ୍ର ବ୍ୟବସ୍ଥା କରାଯିବାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ଭାଜପା। ସାଧାରଣରେ ଏହା ଗ୍ରହଣୀୟ ନୁହେଁ ବୋଲି ସମୀର କହିଛନ୍ତି। ରାଜ୍ୟ ସରକାରଙ୍କ ଏଭଳି ବ୍ୟବହାର ପାଇଁ ମୁଖ୍ୟମନ୍ତ୍ରୀ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ସମୀର ଦାବି କରିଛନ୍ତି। ଏନେଇ ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ନିମନ୍ତ୍ରଣ ପତ୍ରରେ କେନ୍ଦ୍ରମନ୍ତ୍ରୀଙ୍କ ନାମ ନ ଥିବା କଥା କହୁଛନ୍ତି, ତାହା ସତ୍ୟ। କିଛିଦିନ ତଳେ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଥିଲା। ହେଲେ ତାଙ୍କ ତରଫରୁ କୌଣସି ସ୍ପଷ୍ଟ ଉତ୍ତର ମିଳି ନ ଥିଲା। ଯେଉଁଥିପାଇଁ ନିମନ୍ତ୍ରଣ ପତ୍ର ଛପାଯିବା ବେଳେ ତାଙ୍କ ନାମ ରହି ନ ଥିଲା।

## ଟଳିଲା ବନ୍ୟା ବିପତ୍ତି

**ଭୁବନେଶ୍ୱର,୩୦।୮(ବ୍ୟୁରୋ)**

ମହାନଦୀ ଓ ଏହାର ଶାଖା ନଦୀରେ ଦେଖାଦେଇଥିବା ବନ୍ୟା ବିପତ୍ତି ଟଳିଯାଇଛି। ହୀରାକୁଦ ଡ୍ୟାମ୍‌ର ଖୋଲାଯାଇଥିବା ୨୫ ଗେଟ୍‌ରୁ ଗୁରୁବାର ୧୦ଟିକୁ ବନ୍ଦ କରି ଦିଆଯାଇଛି। ଫଳରେ ସମ୍ଭାବ୍ୟ ବନ୍ୟା ଆଶଙ୍କା ଦୂର ହୋଇଛି। ଯଦିଓ ମହାନଦୀରେ ବନ୍ୟାଜଳ ସତର୍କ ସୂଚନା ଉପରେ ପ୍ରବାହିତ ହେଉଛି, ତେବେ ଜଳ ପ୍ରବାହ ହ୍ରାସ ପାଇଥିବାରୁ କୌଣସି ବଡ଼ଧରଣ ବନ୍ୟାର ସମ୍ଭାବନା ନାହିଁ। ହୀରାକୁଦରୁ ଜଳ ନିଷ୍କାସନ ହେଉଥିବାରୁ ମହାନଦୀର ତଳିଆ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିଛି। ବୌଦ୍ଧ ଏବଂ ସୁବର୍ଣ୍ଣପୁର ଜିଲାରେ ମଧ ମହାନଦୀ ଓ ତେଲନଦୀ ଯୋଗୁ କେତେକ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିଛି। ହରଭଙ୍ଗା ବ୍ଲକର ୩୦ ଗ୍ରାମରେ ବନ୍ୟାଜଳ ପ୍ରବେଶ କରିଛି। ଏହାଛଡ଼ା ଶହ ଶହ ଏକର ଧାନଜମିରେ ମଧ ପାଣି ମାଡିଯାଇଛି। ବୌଦ୍ଧ ଏବଂ ହରଭଙ୍ଗା ମଧରେ ରାସ୍ତା ସଂଯୋଗ ବିଚ୍ଛିନ୍ନ ହୋଇଛି। କୁସାଙ୍ଗ ପଞ୍ଚାୟତର ୨୫ଟି ପରିବାର ବନ୍ୟାପାଣି ଘେରରେ ରହିଛନ୍ତି। ଧଳପୁର ପଞ୍ଚାୟତର କେତେକ ଗ୍ରାମ ମଧ ପାଣିଘେରରେ ରହିଛି।

## ଖଟିଆରେ ବୁହା ହେଲେ ରୋଗୀ

**ସିନାପାଲି,୩୦।୮(ଡି.ଏନ.ଏ.)**

ସରକାର ଗ୍ରାମାଞ୍ଚଳରେ ଉନ୍ନତମାନ ଗମନାଗମନ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବର୍ତ୍ତମାନ ସୁଦ୍ଧା ଅନେକ ଗାଁ କୁ ଯିବା ପାଇଁ ସବୁଦିନିଆଁ ରାସ୍ତା ନାହିଁ। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ରୋଗୀଙ୍କୁ ଖଟରେ ବୋହି ଆଣୁଥିବା ଦେଖିବାକୁ ମିଳୁଛି। ନୂଆପଡା ଜିଲା ସିନାପାଲି ବ୍ଲକସ୍ଥିତ ଲିଟିଗୁଡା ଗ୍ରାମପଞ୍ଚାୟତ ମକରଦମପଡା ଗ୍ରାମରେ ଗୁରୁବାର ଏଭଳି ଏକ ଘଟଣା ଘଟିଛି। ରାସ୍ତା ଶୋଚନୀୟ ହୋଇପଡିଥିବାରୁ ଜଣେ ରୋଗୀଙ୍କୁ ଖଟରେ ବୋହି ଦୀର୍ଘ ୨ କି.ମି. ପର୍ଯ୍ୟନ୍ତ ଆଣିବାକୁ ପଡିଥିଲା। ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଗ୍ରାମର ସ୍ୱର୍ଗତ ବଗଡିଆ ମାଝିଙ୍କ ସ୍ତ୍ରୀ ଉଷାବତୀ (୬୫)ଙ୍କୁ ପ୍ରବଳ ଜ୍ୱର ହୋଇଥିଲା। ପରିବାରବର୍ଗ ଏବଂ ଗ୍ରାମବାସୀ ବାଧ୍ୟହୋଇ ଖଟରେ ବୋହି ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଚିକିତ୍ସା ପରେ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ପରିଲକ୍ଷିତ ହେବାରୁ ପୁଣି ଘରକୁ ନିଆଯାଇଥିଲା। ଏ ସମ୍ପର୍କରେ ସିନାପାଲି ବିଡିଓ ସୁରେନ୍ଦ୍ର ମେହେରଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯାଉଛି ଏବଂ ଯଥାଶୀଘ୍ର ରାସ୍ତା ତିଆରି ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ, ସିନାପାଲି ବ୍ଲକ୍ ସଦରମହକୁମାଠାରୁ ୧୫ କି.ମି. ଦୂର ମକରଦମପଡା ଏକ ଆଦିବାସୀବହୁଳ ଗାଁ। ଏଠାରେ ପ୍ରାୟ ୪୦ଟି ଆଦିବାସୀ ପରିବାର ବାସ କରନ୍ତି। ଗାଁକୁ ରାସ୍ତା ପାଇଁ ଅନେକ ଥର ପ୍ରଶାସନ ନିକଟରେ ହାରିଗୁହାରୀ କରିଥିଲେ ମଧ କେହି ଶୁଣି ନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମକରଦମପଡାରୁ ଉଚ୍ଚ ପ୍ରାଥମିକ, ମହାବିଦ୍ୟାଳୟକୁ ପଢିବା ପାଇଁ ଛାତ୍ରୀଛାତ୍ର ଯାଉଥିବା ବେଳେ ଏପରି ରାସ୍ତାରେ ନିତିଦିନ ଯିବା ଆସିବା କରୁଛନ୍ତି। ଲିଟିଗୁଡା ଗ୍ରାମଠାରୁ ଦୁଇ କି.ମି. ପର୍ଯ୍ୟନ୍ତ ରାସ୍ତା ଅତ୍ୟନ୍ତ ଦୟନୀୟ ହୋଇପଡିଛି।


**ପୂର୍ବ ତଟ ରେଳପଥ**

**ସମ୍ବଲପୁର ମଣ୍ଡଳରେ ଅଟୋମେଟେଡ୍ ଟେଲର ମେସିନ୍ (ATM)ଗୁଡ଼ିକର ସଂସ୍ଥାପନ**

ଟେଣ୍ଡର ବିଜ୍ଞପ୍ତି ସଂ.C/SBP/ATM/Tender/18, ତା.24.08.2018ରିଖ

05 (ପାଞ୍ଚ) ବର୍ଷ ଅବଧି ନିମନ୍ତେ ସମ୍ବଲପୁର ମଣ୍ଡଳର ନିମ୍ନଲିଖିତ ଷ୍ଟେସନଗୁଡ଼ିକ ଠାରେ ଅଟୋମେଟେଡ୍ ଟେଲର ମେସିନ୍ (ATM) ଗୁଡ଼ିକର ସଂସ୍ଥାପନ ନିମନ୍ତେ ରାଷ୍ଟ୍ରାୟତ୍ତ, ଅନୁସୂଚିତ ଏବଂ ପ୍ରତିଷ୍ଠିତ ବ୍ୟାଙ୍କମାନଙ୍କ ଠାରୁ ପ୍ରକାଶ୍ୟ ଜଉମୁଦା ଟେଣ୍ଡର ଆମନ୍ତ୍ରିତ କରାଯାଉଛି।

**କ୍ରମ ସଂ.1,** ଷ୍ଟେସନର ନାମ : ସମ୍ବଲପୁର, ଏକ ବର୍ଷ ପାଇଁ ଆରକ୍ଷଣ ମୂଲ୍ୟ (ଟଙ୍କାରେ) : 1,40,000/-, EMD (ଟଙ୍କାରେ) : 14,000/-।

**କ୍ରମ ସଂ.2,** ଷ୍ଟେସନର ନାମ : ସମ୍ବଲପୁର ରୋଡ଼, ଏକ ବର୍ଷ ପାଇଁ ଆରକ୍ଷଣ ମୂଲ୍ୟ (ଟଙ୍କାରେ) : 60,000/-, EMD (ଟଙ୍କାରେ) : 6,000/-।

**କ୍ରମ ସଂ.3,** ଷ୍ଟେସନର ନାମ : ସମ୍ବଲପୁର ସିଟି, ଏକ ବର୍ଷ ପାଇଁ ଆରକ୍ଷଣ ମୂଲ୍ୟ (ଟଙ୍କାରେ) : 60,000/-, EMD (ଟଙ୍କାରେ) : 6,000/-।

**କ୍ରମ ସଂ.4,** ଷ୍ଟେସନର ନାମ : ରେଢ଼ାଖୋଲ, ଏକ ବର୍ଷ ପାଇଁ ଆରକ୍ଷଣ ମୂଲ୍ୟ (ଟଙ୍କାରେ) : 60,000/-, EMD (ଟଙ୍କାରେ) : 6,000/-।

**କ୍ରମ ସଂ.5,** ଷ୍ଟେସନର ନାମ : ଝାରସୁଗୁଡ଼ା ରୋଡ଼, ଏକ ବର୍ଷ ପାଇଁ ଆରକ୍ଷଣ ମୂଲ୍ୟ (ଟଙ୍କାରେ) : 40,000/-, EMD (ଟଙ୍କାରେ) : 4,000/-।

**କ୍ରମ ସଂ.6,** ଷ୍ଟେସନର ନାମ : ହୀରାକୁଦ, ଏକ ବର୍ଷ ପାଇଁ ଆରକ୍ଷଣ ମୂଲ୍ୟ (ଟଙ୍କାରେ) : 60,000/-, EMD (ଟଙ୍କାରେ) : 6,000/-।

**କ୍ରମ ସଂ.7,** ଷ୍ଟେସନର ନାମ : ବରଗଡ଼ ରୋଡ଼, ଏକ ବର୍ଷ ପାଇଁ ଆରକ୍ଷଣ ମୂଲ୍ୟ (ଟଙ୍କାରେ) : 1,00,000/-, EMD (ଟଙ୍କାରେ) : 10,000/-।

**କ୍ରମ ସଂ.8,** ଷ୍ଟେସନର ନାମ : ବରପାଲି, ଏକ ବର୍ଷ ପାଇଁ ଆରକ୍ଷଣ ମୂଲ୍ୟ (ଟଙ୍କାରେ) : 60,000/-, EMD (ଟଙ୍କାରେ) : 6,000/-।

**କ୍ରମ ସଂ.9,** ଷ୍ଟେସନର ନାମ : ଲୋଇସିଙ୍ଗା, ଏକ ବର୍ଷ ପାଇଁ ଆରକ୍ଷଣ ମୂଲ୍ୟ (ଟଙ୍କାରେ) : 40,000/-, EMD (ଟଙ୍କାରେ) : 4,000/-।

**କ୍ରମ ସଂ.10,** ଷ୍ଟେସନର ନାମ : ବଲାଙ୍ଗୀର, ଏକ ବର୍ଷ ପାଇଁ ଆରକ୍ଷଣ ମୂଲ୍ୟ (ଟଙ୍କାରେ) : 1,00,000/-, EMD (ଟଙ୍କାରେ) : 10,000/-।

**କ୍ରମ ସଂ.11,** ଷ୍ଟେସନର ନାମ : ସଇଁତଲା, ଏକ ବର୍ଷ ପାଇଁ ଆରକ୍ଷଣ ମୂଲ୍ୟ (ଟଙ୍କାରେ) : 40,000/-, EMD (ଟଙ୍କାରେ) : 4,000/-।

**କ୍ରମ ସଂ.12,** ଷ୍ଟେସନର ନାମ : ବଡ଼ମାଲ, ଏକ ବର୍ଷ ପାଇଁ ଆରକ୍ଷଣ ମୂଲ୍ୟ (ଟଙ୍କାରେ) : 40,000/-, EMD (ଟଙ୍କାରେ) : 4,000/-।

**କ୍ରମ ସଂ.13,** ଷ୍ଟେସନର ନାମ : ଟିଟିଲାଗଡ଼, ଏକ ବର୍ଷ ପାଇଁ ଆରକ୍ଷଣ ମୂଲ୍ୟ (ଟଙ୍କାରେ) : 1,00,000/-, EMD (ଟଙ୍କାରେ) : 10,000/-।

**କ୍ରମ ସଂ.14,** ଷ୍ଟେସନର ନାମ : କେସିଙ୍ଗା, ଏକ ବର୍ଷ ପାଇଁ ଆରକ୍ଷଣ ମୂଲ୍ୟ (ଟଙ୍କାରେ) : 1,00,000/-, EMD (ଟଙ୍କାରେ) : 10,000/-।

**କ୍ରମ ସଂ.15,** ଷ୍ଟେସନର ନାମ : ଆମ୍ଭୋଦଲା, ଏକ ବର୍ଷ ପାଇଁ ଆରକ୍ଷଣ ମୂଲ୍ୟ (ଟଙ୍କାରେ) : 60,000/-, EMD (ଟଙ୍କାରେ) : 6,000/-।

**କ୍ରମ ସଂ.16,** ଷ୍ଟେସନର ନାମ : ନର୍ଲା ରୋଡ଼, ଏକ ବର୍ଷ ପାଇଁ ଆରକ୍ଷଣ ମୂଲ୍ୟ (ଟଙ୍କାରେ) : 40,000/-, EMD (ଟଙ୍କାରେ) : 4,000/-।

**କ୍ରମ ସଂ.17,** ଷ୍ଟେସନର ନାମ : ରୁପ୍ରା ରୋଡ଼, ଏକ ବର୍ଷ ପାଇଁ ଆରକ୍ଷଣ ମୂଲ୍ୟ (ଟଙ୍କାରେ) : 40,000/-, EMD (ଟଙ୍କାରେ) : 4,000/-।

**କ୍ରମ ସଂ.18,** ଷ୍ଟେସନର ନାମ : ଥେରୁବାଲି, ଏକ ବର୍ଷ ପାଇଁ ଆରକ୍ଷଣ ମୂଲ୍ୟ (ଟଙ୍କାରେ) : 40,000/-, EMD (ଟଙ୍କାରେ) : 4,000/-।

**କ୍ରମ ସଂ.19,** ଷ୍ଟେସନର ନାମ : କଣ୍ଟାବାଞ୍ଜି, ଏକ ବର୍ଷ ପାଇଁ ଆରକ୍ଷଣ ମୂଲ୍ୟ (ଟଙ୍କାରେ) : 1,00,000/-, EMD (ଟଙ୍କାରେ) : 10,000/-।

**କ୍ରମ ସଂ.20,** ଷ୍ଟେସନର ନାମ : ହରିଶଙ୍କର ରୋଡ଼, ଏକ ବର୍ଷ ପାଇଁ ଆରକ୍ଷଣ ମୂଲ୍ୟ (ଟଙ୍କାରେ) : 60,000/-, EMD (ଟଙ୍କାରେ) : 6,000/-।

ଦରଖାସ୍ତ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.28.09.2018 ରିଖ 1530 ଘଟିକା ପର୍ଯ୍ୟନ୍ତ, **ଦରଖାସ୍ତ ଖୋଲାଯିବାର ତାରିଖ ଓ ସମୟ :** ତା.28.09.2018 ରିଖ 1600 ଘଟିକାରେ।

ଟେଣ୍ଡର ଫର୍ମ ଉପଲବ୍ଧ ହେବା ସ୍ଥାନ : ମଣ୍ଡଳ ରେଳ ପ୍ରବନ୍ଧକ(ବାଣିଜ୍ୟ), ସମ୍ବଲପୁରଙ୍କ କାର୍ଯ୍ୟାଳୟରୁ ଯେକୌଣସି କାର୍ଯ୍ୟ ଦିବସରେ 1000 ଘଟିକାରୁ 1800 ଘଟିକା ପର୍ଯ୍ୟନ୍ତ ପ୍ରାପ୍ତ କରାଯାଇପାରିବ। ଟେଣ୍ଡର ନଥିପତ୍ର www.eastcoastrail.indianrailways.gov.in ରେ ମଧ୍ୟ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ସମ୍ବଲପୁର

PR-333/J/18-19








**ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

**ତହସିଲଦାର, କୋକସରାଙ୍କ କାର୍ଯ୍ୟାଳୟ, ଜିଲ୍ଲା-କଳାହାଣ୍ଡି**

ବିଜ୍ଞପ୍ତି ସଂଖ୍ୟା ୧୭୭୬/- ତା୨୫.୦୮.୧୮

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ କୋକସରା ତହସିଲ ଅନ୍ତର୍ଗତ ନିମ୍ନଲିଖିତ ୨୩ ଗୋଟି ସୈରାତ ଉତ୍ସ (ଲଘୁ ଖଣିଜ ଖାଦାନ) ଗୁଡ଼ିକର ୨୦୧୮-୧୯ ଆର୍ଥିକ ବର୍ଷଠାରୁ ଦୀର୍ଘମିଆଦୀ ଲିଜ୍ ୫ (ପାଞ୍ଚ) ବର୍ଷ ନିମନ୍ତେ (୨୦୧୮-୧୯ଠାରୁ ୨୦୨୨-୨୩) ପାଇଁ ତହସିଲଦାର, କୋକସରାଙ୍କ ଦ୍ୱାରା ଦରଖାସ୍ତ ଆହ୍ୱାନ କରାଯାଉଛି। ଇଚ୍ଛୁକ ବ୍ୟକ୍ତିବିଶେଷ OMMC (Amendment) Rules-2014ର Form-J ପୂରଣ କରି ଏହାର ତିନି କପି ସହ ନିମ୍ନଲିଖିତ କାଗଜାତ ସଂଲଗ୍ନ କରି ଜଉମୁଦ ଲଫାପା (Sealed Cover)ରେ ସୈରାତ ଉତ୍ସର ନାମ ଉଲ୍ଲେଖ କରି ଆବେଦନ କରିବେ, ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଆସନ୍ତା ତା୨୫.୦୯.୨୦୧୮ରୁ ତା୨୯.୦୯.୨୦୧୮ରିଖ ଅପରାହ୍ନ ୫ଘ. ସୁଦ୍ଧା ତହସିଲ ଅଫିସ୍‌ରେ ଥିବା Drop Boxରେ ପକାଇବେ। ଲଫାପା ଉପରେ ସୈରାତ ଉତ୍ସର ନାମ ଓ ସୈରାତ କେଶ ନଂ. ଲେଖାଥିବା ଆବଶ୍ୟକ। ଅସମ୍ପୂର୍ଣ୍ଣ ଦରଖାସ୍ତ ଏବଂ ତା୨୯.୦୯.୨୦୧୮ରିଖ ଅପରାହ୍ନ ୫ଘ. ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ। ତା୦୧.୧୦.୨୦୧୮ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ଲିଜ ଦରଖାସ୍ତ ଜାରି କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡ଼ିକ ତହସିଲଦାରଙ୍କ କାର୍ଯ୍ୟାଳୟର ପ୍ରକୋଷ୍ଠରେ ତନଖି କରାଯାଇ ଯୋଗ୍ୟ ଲିଜ୍‌ଧାରୀ ଚୟନ କରାଯିବ। ଉପରୋକ୍ତ ପ୍ରଥମ ନିର୍ଦ୍ଧାରିତ ତାରିଖରେ ଯେଉଁ ସୈରାତ ଉତ୍ସଗୁଡ଼ିକ ବୈଧ ଦରଖାସ୍ତ ଅଭାବରୁ ସ୍ଥିରୀକୃତ ହୋଇ ନ ପାରିବ ପୁନଶ୍ଚ ପରବର୍ତ୍ତୀ ନିର୍ଦ୍ଧାରିତ ତାରିଖ ଯଥା ଦ୍ୱିତୀୟ ପର୍ଯ୍ୟାୟ ତା୦୪-୧୦-୧୮ ଓ ତୃତୀୟ ପର୍ଯ୍ୟାୟ ତା୦୬.୧୦.୨୦୧୮ ରିଖ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ଦରଖାସ୍ତ ଗ୍ରହଣ କରାଯିବ ଏବଂ ଉପରୋକ୍ତ ପ୍ରକାରେ ଦରଖାସ୍ତ ଗ୍ରହଣର ପରଦିନ ପୂର୍ବାହ୍ନ ୧୧ ଘଟିକାରେ ତନଖି କରାଯାଇ ଲିଜଧାରୀ ଚୟନ କରାଯିବ। ସୈରାତ ଉତ୍ସ ଓ ଲିଜ୍ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ। ଏହା ମଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଳାହାଣ୍ଡି/ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଧର୍ମଗଡ଼/ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୋକସରା ବ୍ଲକ/ସମ୍ପୃକ୍ତ ଗ୍ରାମପଞ୍ଚାୟତ/ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ ଓ କଳାହାଣ୍ଡି ଜିଲ୍ଲା ୱେବ୍ ସାଇଟ୍ www.kalahandi.nic.in ରେ ମିଳିପାରିବ। ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ। ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡ଼ିକ ବାତିଲ କରାଯିବ। କୌଣସି କାରଣ ନ ଦର୍ଶାଇ ଲିଜ୍‌କୁ ସ୍ଥଗିତ ବା ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କ ରହିଅଛି।

**ଦାଖଲ କରିବାକୁ ଥିବା କାଗଜାତ**

୧. ୩କପି ଦରଖାସ୍ତ ଫି ପାଇଁ ଟ.୧୦୦୦.୦୦ (ଏକ ହଜାର ଟଙ୍କା)ର ଟ୍ରେଜେରି ଚାଲାଣ ଯାହାକି ଫେରସ୍ତ ଯୋଗ୍ୟ ନୁହେଁ।
୨. ଆବେଦନ କରିଥିବା ଲିଜ୍ ଜମିର ସମ୍ପୂର୍ଣ୍ଣ ବିବରଣୀ ଓ ନକ୍ସା।
୩. କୌଣସି ମାଇନିଙ୍ଗ ଭରଣା ବକେୟା ନ ଥିବା ନେଇ ଏକ ସତ୍ୟପାଠ।
୪. ଆବେଦନ ଜମି ଯଦି ରୟତି ହୋଇଥାଏ, ତେବେ ସେହି ଜମିର ମାଲିକଙ୍କ ସହମତି।
୫. ଆବେଦନକାରୀଙ୍କ ୫,୦୦,୦୦୦/- ଟଙ୍କାର ସଲ୍‌ଭେନ୍ସି ସାର୍ଟିଫିକେଟ ଓ ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତିର ବିବରଣୀ।
୬. ଅନ୍ୟ ବିବରଣୀ ଯଥା: ବୈଷୟିକ ଜ୍ଞାନ, ଦକ୍ଷତା, ଆର୍ଥିକ ସ୍ଥିତି, ଯନ୍ତ୍ରପାତି ଇତ୍ୟାଦି।
୭. VAT Clearance ସାର୍ଟିଫିକେଟ୍‌ର ନକଲ।

ତହସିଲଦାର, କୋକସରା



**ଘୋଷଣା**

ଶ୍ରୀ ବସନ୍ତ ମେହେର, କନିଷ୍ଠ କିରାଣି ପଞ୍ଚାୟତ ସମିତି ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ବଙ୍ଗୋମୁଣ୍ଡା, ଜିଲା- ବଲାଙ୍ଗୀରଙ୍କୁ ତାଙ୍କ ଚାକିରିରୁ ବହିଷ୍କୃତ ହେବା ପତ୍ର ବାରମ୍ବାର ଡାକଯୋଗେ ଏବଂ ପିଅନ ମାଧ୍ୟମରେ ପଠାଇବା ସତ୍ତ୍ୱେ ସେ ଆଦୌ ଗ୍ରହଣ କରୁନାହାନ୍ତି ଏବଂ ଫେରସ୍ତ କରୁଛନ୍ତି। ତେଣୁ ଖବରକାଗଜରେ ଉଚ୍ଚ ନ୍ୟାୟାଳୟ WP(C) 4599/2012 ତା. 28.11.2016 ଏବଂ ନିର୍ଦ୍ଦେଶକ ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟଙ୍କ ପତ୍ରସଂଖ୍ୟା 7635 ତା 18.08.2018 ବିଜ୍ଞାପନ ମାଧ୍ୟମରେ ବହିଷ୍କୃତ ହେବାର ବାର୍ତ୍ତା ଘୋଷଣା କରାଗଲା।

ସ୍ୱା./- ପଞ୍ଚାୟତ ସମିତି ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ବଙ୍ଗୋମୁଣ୍ଡା



unicef

**UNICEF OFFICE RENOVATION**

UNICEF requires interior designing/refurbishment of its Bhubaneswar office [approx. 7000sqft].

The Request for Expression of Interest has been posted on UNICEF India website and the link is given below **http://unicef.in/Jobs/10263/REQUEST-FOR-EXPRESSION-OF-INTEREST-Refurbishment-of-UNICEF-Odisha-Office-in-Bhubaneshwar.**

Interested persons may send their contact details to **Ms. Vasuki Selvaraj (svasuki@unicef.org)** and copy to **Mr. Kumar Chatterjee, Operations Officer (kchatterjee@unicef.org)** for receiving Request for Proposal [Tender papers]



**NOTICE**

**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014.**
**O.A. No. 90/2018**

Syndicate Bank, B.K. Road Branch,
B.K. Road, Town/Dist.: Cuttack ...Applicant

AND

M/s. Amma Bhagwan Fly Ash Bricks & others ...Defendants

To

1. **M/s. Amma Bhagawan Fly Ash Bricks,** represented through its proprietor Smt. Anusaya Mohanty, W/o: Late Manas Ranjan Mohanty, At: Jagatpur, Cuttack. At present at: Gopabandhu Nagar, Chauliaganj, Post: Nayabazar, Town/Dist.: Cuttack, Pin-753004.
2. **Smt. Anusaya Mohanty,** W/o: Late Manas Ranjan Mohanty, At: Gopabandhu Nagar, Chauliaganj, Post: Nayabazar, Town/Dist.: Cuttack, Pin-753004.
3. **Ms. Rubaya Mohanty,** D/o: Late Manas Ranjan Mohanty, At: Gopabandhu Nagar, Chauliaganj, Post: Nayabazar, Town/Dist.: Cuttack, Pin-753004.
4. **Sri Spandan Mohanty,** S/o: Late Manas Ranjan Mohanty, At: Gopabandhu Nagar, Chauliaganj, Post: Nayabazar, Town/Dist.: Cuttack, Pin-753004.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 90/2018** in the Court of Debts Recovery Tribunal at Cuttack for a recovery of **Rs. 24,13,961.05** only together with current and future interest, costs and other reliefs. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **10th day of October, 2018 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **24th day of August 2018.**

**Sd/- Registrar**
**Debts Recovery Tribunal, Cuttack**



DICGC Since 1961

निक्षेप बीमा और प्रत्यय गारंटी निगम

ଡିପୋଜିଟ ଇନ୍‌ସ୍ୟୁରାନ୍‌ସ ଆଣ୍ଡ କ୍ରେଡିଟ୍ ଗ୍ୟାରେଣ୍ଟି କର୍ପୋରେସନ

(ଭାରତୀୟ ରିଜର୍ଭ ବ୍ୟାଙ୍କର ସମ୍ପୂର୍ଣ୍ଣ ସତ୍ତ୍ୱାଧିକୃତ ସହଯୋଗୀ ସଂସ୍ଥା)

**ଡିପୋଜିଟ ଇନ୍‌ସ୍ୟୁରାନ୍‌ସ ଆଣ୍ଡ କ୍ରେଡିଟ୍ ଗ୍ୟାରେଣ୍ଟି କର୍ପୋରେସନ ଦାବି ସମାଧାନ ବିଭାଗ**

ଡିଆଇସିଜିସି ଅଧିନିୟମ, ୧୯୬୧ର ଧାରା ୧୭ ଏବଂ ୧୮ର ଅନୁସାରେ ଡିଆଇସିଜିସି ଲିକ୍ୟୁଡ଼େଟରଙ୍କ ଦ୍ୱାରା ପ୍ରସ୍ତୁତ ଦାବି ଗୁଡ଼ିକର ପୁଷ୍ଟିକରଣ କରିଥାଏ। ଡ଼ିଆଇସିଜିସି ବର୍ତ୍ତମାନ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ପ୍ରମାଣିତ ଏବଂ ଲିକ୍ୟୁଡେଟରଙ୍କ ଠାରୁ ନାମାଙ୍କିତ ବ୍ୟାଙ୍କମାନଙ୍କ ମାଧ୍ୟମରେ ଗ୍ରହଣ କରାଯାଇଥିବା ଦାବି ଗୁଡ଼ିକର ପୁଷ୍ଟିକରଣ କରୁଛି। ଲିକ୍ୟୁଡେଟରଙ୍କ ଦ୍ୱାରା ଚିହ୍ନଟ ନହେବା / ଠାବ ନ ହେବା କାରଣରୁ ଡିଆଇସିଜିସି ଦ୍ୱାରା ପୁଷ୍ଟିକୃତ କିଛି ଦାବିର ଦେୟ ରାଶି ବର୍ତ୍ତମାନ ପର୍ଯ୍ୟନ୍ତ ବୀମାକୃତ ଜମାକର୍ତ୍ତାମାନଙ୍କୁ ପ୍ରଦାନ କରାଯାଇ ପାରିନାହିଁ। ଏଇ ପରିପ୍ରେକ୍ଷୀରେ ଏହା ଜଣାଇ ଦିଆଯାଉଛି ଯେ ୨୦୦୭ ମସିହା ମାର୍ଚ୍ଚ ମାସ ୩୧ ତାରିଖ ପୂର୍ବରୁ ଲିକ୍ୟୁଡେଟ ହୋଇଥିବା ବ୍ୟାଙ୍କମାନଙ୍କର ଲିକ୍ୟୁଡେଟର ମାନଙ୍କୁ ଏଇଭଳି ଜମାକର୍ତ୍ତା ମାନଙ୍କ ସହ ଯୋଗାଯୋଗ କରି ୨୦୧୮ ମସିହା ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ବାକୀ ଥିବା ସେମାନଙ୍କର ଦାବି ଗୁଡ଼ିକୁ ଡିଆସିଜିସିର ନିୟମ ଅନୁଯାୟୀ ପ୍ରସ୍ତୁତ କରିବା ପାଇଁ ସମବାୟ ସମିତି ରେଜିଷ୍ଟ୍ରାରଙ୍କ ଜରିଆରେ ସୂଚନା ଜାରି କରାଯାଇଛି। ଏଇଭଳି ଅଚିହ୍ନଟ / ଅଠାବ୍ୟ ଜମାକର୍ତ୍ତାଙ୍କ ଦେୟ ପାଇଁ କରାଯାଇଥିବା ବ୍ୟବସ୍ଥା (ଯାହାକି ବ୍ୟାଙ୍କ ଲିକ୍ୟୁଡେସନ ପରେ ୧୦ ବର୍ଷରୁ ଅଧିକ ସମୟ ଧରି ରହିଛି) ଡିଆଇସିଜିସିର ବାଲାନ୍‌ସ ସିଟ୍‌ରୁ ସେଇ ତାରିଖ ପରେ ପ୍ରତ୍ୟାବର୍ତ୍ତିତ ହୋଇଯିବାର ବିବେଚନା କରାଯିବ।

ଭି ଜି ଭେଙ୍କଟ ଚଲପତି
ମହାପ୍ରବନ୍ଧକ

| ଆଇଏନଏସଟି କୋଡ଼ | ବ୍ୟାଙ୍କର ନାମ |
|---|---|
| ୦୨୨ | ଭଞ୍ଜନଗର କୋ-ଅପରେଟିଭ୍ ଅର୍ବାନ ବ୍ୟାଙ୍କ ଲିମିଟେଡ଼ (ଡ଼ିଆରଜିଡ଼ି) |

"ଆପଣଙ୍କୁ ଅର୍ଥ ପ୍ରତିଶ୍ରୁତି ପ୍ରଦାନ କରାଯାଉଥିବା ଇ-ମେଲ୍/ଏସଏମଏସ/କଲ୍ ଦ୍ୱାରା ଠକାମିରେ ପଡ଼ନ୍ତୁ ନାହିଁ"



**ହୋଟେଲ ମ୍ୟାନେଜମେଣ୍ଟ କୋର୍ସ ପରେ ଚାକିରୀ କରିବା ପାଇଁ ଚାହୁଁଛନ୍ତି କି? ଯୋଗାଯୋଗ କରନ୍ତୁ:-**

**ଷ୍ଟେଟ ଇନଷ୍ଟିଚ୍ୟୁଟ ଅଫ ହୋଟେଲ ମ୍ୟାନେଜମେଣ୍ଟ, ବଲାଙ୍ଗୀର ଦ୍ୱାରା ନିମ୍ନଲିଖିତ ଟ୍ରେଡ଼ ଗୁଡିକରେ ପ୍ରଶିକ୍ଷଣ ଦିଆଯାଉଛି।**

**(1) Food & Beverage Service (2) Food Production (3) Housekeeping Utility**

* ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା: ଅଷ୍ଟମ ପାସ କିମ୍ବା ତଦୁର୍ଦ୍ଧ * ବୟସ ସୀମା: ୧୮ ରୁ ୨୮ ବର୍ଷ (୦୧. ୦୭. ୨୦୧୮ ସୁଦ୍ଧା) ସମସ୍ତ ବର୍ଗର ସମସ୍ତ ବର୍ଗର ପ୍ରାର୍ଥୀ/ପ୍ରାର୍ଥିନୀ ଙ୍କ ପାଇଁ ଉଦ୍ଦିଷ୍ଟ।

ନିୟମ ଓ ସର୍ତ୍ତାବଳୀ: ୨ ମାସର ପାଠ୍ୟକ୍ରମ ସହିତ ୩ ମାସର ବାଧ୍ୟତାମୂଳକ ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ସମ୍ପୂର୍ଣ କରିବାକୁ ପଡିବ ଏବଂ ୯୫% ଉପସ୍ଥାନ ଜରୁରୀ ଅଟେ। କେବଳ ଚାକିରୀ କରିବାକୁ ଚାହୁଁଥିବା ପ୍ରାର୍ଥୀ/ପ୍ରାର୍ଥିନୀ ଯୋଗାଯୋଗ କରନ୍ତୁ।

**ଭୁବନେଶ୍ୱର ପାଇଁ ଯୋଗାଯୋଗ କରନ୍ତୁ: ଷ୍ଟେଟ ଇନଷ୍ଟିଚ୍ୟୁଟ ଅଫ ହୋଟେଲ ମ୍ୟାନେଜମେଣ୍ଟ, ଭୁବନେଶ୍ୱର ଶାଖା ପାନ୍ଥନିବାସ, ରୁମ ନମ୍ବର.୩୦୭, ବିଜେବି କଲେଜ ସାମ୍ନା, ଭୁବନେଶ୍ୱର (ଫୋନ ନମ୍ବର- ୭୬୫୬୦୯୬୭୮୦)**

**ବଲାଙ୍ଗୀର ପାଇ ଯୋଗାଯୋଗ କରନ୍ତୁ: ୯୪୩୭୧୪୦୭୭୨, ୭୩୭୦୧୮୦୦୪୦, ୯୪୩୭୧୨୭୫୦୪, (୦୬୬୫୨)-୨୩୦୭୨୯,୨୩୦୭୩୦**

**STATE INSTITUTE OF HOTEL MANAGEMENT, BALANGIR**
**(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA)**
**e-mail: principal@sihmbalangir.org website: www.sihmbalangir.org**




# ସ୍ୱାୟତ୍ତ ଶାସନ ଦିବସ

## ସ୍ୱାୟତ୍ତ ଶାସନ କାଲି ଓ ଆଜି

ଭାରତର ବଡ଼ଲାଟ ଲର୍ଡ ରିପନ୍‌ଙ୍କ ସମୟରେ ୧୮୮୨ ମସିହାରେ Local Self Government ବା ସ୍ୱାୟତ୍ତ ଶାସନ ବିଧିବଦ୍ଧ ଭାବରେ ଆଇନରେ ରୂପାନ୍ତରିତ ହୋଇଥିଲା ଏବଂ ୧୯୧୯ମସିହାରେ ବ୍ରିଟିଶ ପାର୍ଲାମେଣ୍ଟରେ ଗୃହୀତ ଗଭର୍ନମେଣ୍ଟ ଅଫ୍ ଇଣ୍ଡିଆ ଆକ୍ଟ ୧୯୧୯ ଅନୁଯାୟୀ ଭାରତର ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକ ନିର୍ବାଚନ କରିବା ପାଇଁ ଅଧିକାର ପାଇଲେ।

୧୬୩୯ ଖ୍ରୀଷ୍ଟାବ୍ଦରେ କରମଣ୍ଡଳ ଉପକୂଳରେ ଇଷ୍ଟଇଣ୍ଡିଆ କମ୍ପାନୀର ଜନୈକ ପ୍ରମୁଖ ଏଜେଣ୍ଟ ମିଷ୍ଟର ଫ୍ରାନ୍‌ସିସ୍ ଡେ ବିଜୟନଗର ରାଜାଙ୍କର ଜନୈକ ବଂଶଧରଙ୍କ ଠାରୁ ଛ'ମାଇଲ ଲମ୍ବ ଏବଂ ଏକ ମାଇଲ୍ ଓସାରର ଖଣ୍ଡିଏ ପତିତ ଜାଗା କିଣି ନେଇଥିଲେ। ଏହି ଜାଗା ଭିତରେ ୪୦୦ ଗଜ ଲମ୍ବ ଏବଂ ୧୦୦ ଗଜ ଓସାରର ଜମି ଚାରିପାଖରେ ଏକ ବିରାଟ ପାଚେରି ନିର୍ମାଣ କରାଗଲା। ଏହି ସ୍ଥାନକୁ ଗୋରାଙ୍କ ସହର କୁହାଗଲା। ପ୍ରଥମେ ଏହି ସ୍ଥାନଟିକୁ ରଙ୍ଗାରାଜା ପାଟଣା ବୋଲି କୁହାଯାଉଥିଲା। ପରବର୍ତ୍ତୀ ସମୟରେ ଏହାର ନାମ ଚିନ୍ନାପାଟଣମ୍ ବା ଚିନ୍ନପାଟଣା ରଖାଗଲା। ଏହି ଚିନ୍ନପାଟଣା ଶେଷରେ ମାଡ୍ରାସ ସହର ତଥା ବର୍ତ୍ତମାନର ଚେନ୍ନାଇ ସହର ନାମରେ ପ୍ରସିଦ୍ଧି ଲାଭ କରିଛି। ୧୬୮୭ ଖ୍ରୀଷ୍ଟାବ୍ଦରେ ୟୁରୋପୀୟ ଏବଂ ଭାରତୀୟମାନଙ୍କୁ ନେଇ ମେୟର୍ସ କୋର୍ଟ ସହିତ ମ୍ୟୁନିସିପାଲ କର୍ପୋରେଶନ ଗଢ଼ିଉଠିଲା। ମାନ୍ଦ୍ରାଜ ସହର ହିଁ ଭାରତର ପ୍ରଥମ ପୌରସଂସ୍ଥା ଭାବେ ଗଢ଼ିଉଠିବାର ଗୌରବ ଅର୍ଜନ କରିଥିଲା।

୧୭୭୩ରେ ରେଗୁଲେଟିଂ ଆକ୍ଟ ବଳରେ କଲିକତା, ବମ୍ବେ, ମାଡ୍ରାସ ୩ଟି ଯାକ ପ୍ରେସିଡେନ୍‌ସି ସହରରେ ୟୁରୋପୀୟ ଏବଂ ଭାରତୀୟମାନଙ୍କୁ ନେଇ ପରିମଳ ଏବଂ ଉନ୍ନୟନ ନିମନ୍ତେ ଗୋଟିଏ ଗୋଟିଏ କମିଟି ଗଠିତ ହେଲା। ୧୮୪୫ ମସିହାରେ Act XI of 1845 ଅନୁଯାୟୀ ବମ୍ବେରେ ଏବଂ Act XVI of 1847 ଅନୁଯାୟୀ କଲିକତାରେ କମିଶନରମାନଙ୍କର ନିର୍ବାଚନ ବ୍ୟବସ୍ଥା କରାଗଲା। ୧୮୬୪ ମସିହା ବେଳକୁ ବିହାର, ବଙ୍ଗଳା ଓ ଓଡ଼ିଶା ଏକତ୍ର ବେଙ୍ଗଲ ପ୍ରୋଭିନ୍‌ସ ଅଧୀନରେ ଥିଲେ। District Municipal Improvement Act 1864 Act III ଅନୁସାରେ ବିହାର, ବଙ୍ଗଳାର ଅନ୍ୟାନ୍ୟ ସହରରେ ୧୮୬୪ ମସିହାରେ ମ୍ୟୁନିସିପାଲିଟି ପ୍ରତିଷ୍ଠା ହେଲେ ମଧ୍ୟ ସେତେବେଳେ ବେଙ୍ଗଲ ଅଧୀନରେ ଥିବା କଟକ, ପୁରୀ ଓ ବାଲେଶ୍ୱର ସହରରେ ମ୍ୟୁନିସିପାଲିଟି ପ୍ରତିଷ୍ଠା କରାଗଲା ନାହିଁ। କାରଣ ଓଡ଼ିଶାକୁ ଅନ୍ଧକାରାଚ୍ଛନ୍ନ ଅଞ୍ଚଳ ଏବଂ ନିମ୍ନ ରାଜ୍ୟ ବା Lower Province ବୋଲି ଅଭିହିତ କରାଯାଉଥିଲା। ୧୮୬୮ ମସିହାରେ ବେଙ୍ଗଲ କାଉନ୍‌ସିଲରେ The District Town Act ପ୍ରଣୟନ ହେବା ପରେ ଏହି ଆଇନ ବଳରେ ବେଙ୍ଗଲ ପ୍ରେସିଡେନ୍‌ସି ଅଧୀନରେ ମ୍ୟୁନିସିପାଲିଟି ଗଠିତ ହୋଇ ନ ଥିବା ସହରଗୁଡ଼ିକରେ ପୌରସଂସ୍ଥା ଗଠନ କରିବାକୁ ନିର୍ଦ୍ଦେଶ ଦିଆଗଲା। ଏହି ଆଇନ ବଳରେ କଟକ, କେନ୍ଦ୍ରାପଡ଼ା ଏବଂ ଯାଜପୁର ଟାଉନ୍ କମିଟି ମାନ ୧୮୬୯ ମସିହା ଏପ୍ରିଲ୍ ୧ ତାରିଖଠାରୁ ଗଠିତ ହେବା ଆରମ୍ଭ ହେଲା ଏବଂ ଏ ସଂକ୍ରାନ୍ତରେ ୧୮୬୯ ମସିହା ମାର୍ଚ୍ଚ ୧୩ ତାରିଖରେ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

୧୮୬୯ ମସିହାରେ କେନ୍ଦ୍ରାପଡ଼ାରେ ପ୍ରଥମ ମ୍ୟୁନିସିପାଲିଟି ସ୍ଥାପିତ ହୋଇଥିଲା। ଏହାପରେ ଯାଜପୁରରେ ଏବଂ ୧୮୭୬ ମସିହାରେ କଟକରେ ମ୍ୟୁନିସିପାଲିଟି ସ୍ଥାପିତ ହୋଇଥିଲା। ୨୦୧୧ ଜନଗଣନା ଅନୁଯାୟୀ ଓଡ଼ିଶାର ସହରାଞ୍ଚଳରେ ୭୦ଲକ୍ଷ ୩ ହଜାର ୬୫୬ ଜଣ ଅଧିବାସୀ ବାସ କରୁଥିଲେ। ସମ୍ପ୍ରତି ଓଡ଼ିଶାରେ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ସମ୍ବଲପୁର ସହର ମହାନଗର ନିଗମର ମାନ୍ୟତା ପାଇଥିବା ବେଳେ ରାଜ୍ୟରେ ୩୫ ଗୋଟି ନଗରପାଳିକା ଏବଂ ଖଣ୍ଡପଡ଼ା ସମେତ ୬୨ ଗୋଟି ବିଜ୍ଞାପିତ ଅଞ୍ଚଳ ପରିଷଦ ପରି ସ୍ୱାୟତ୍ତ ଶାସନ ଅନୁଷ୍ଠାନ ରହିଛି।

ସ୍ୱାୟତ୍ତ ଶାସନ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ୧୯୨୬ ମସିହାରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ସଂସ୍ଥା ନାମରେ ଏକ ଅନୁଷ୍ଠାନ ଆତ୍ମପ୍ରକାଶ କରିଥିଲା। ଏହି ସଂସ୍ଥାକୁ ପ୍ରଗତିର ଶୀର୍ଷ ସ୍ଥାନରେ ପହଞ୍ଚାଇବା ପାଇଁ ବିଧାନ ପରିଷଦର ସଭ୍ୟଥିବା ପ୍ରଖ୍ୟାତ ଜନସେବୀ ସି.ଡି. ବରଫିୱାଲା ଦୀର୍ଘ ୩୬ ବର୍ଷ କାଳ ନିରବଚ୍ଛିନ୍ନ ପ୍ରଚେଷ୍ଟା କରିଥିଲେ। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ଜନ୍ମଦିନ ଅଗଷ୍ଟ ୩୧ ତାରିଖକୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଭାବେ ପାଳନ କରାହୋଇ ଆସୁଛି। ୧୯୯୨ ମସିହାରେ ଗୃହୀତ ୭୪ତମ ସମ୍ବିଧାନ ସଂଶୋଧନରେ ସହରାଞ୍ଚଳରେ ସ୍ୱାୟତ୍ତ ଶାସନର ବିଧି ବ୍ୟବସ୍ଥା ସୃଷ୍ଟି କରାଗଲା। କେତେ ଲୁହଲହୁ ବିନିମୟରେ ତତ୍କାଳୀନ ବଡ଼ଲାଟ ଲର୍ଡ ରିପନ୍ ସ୍ୱାୟତ୍ତ ଶାସନ ଅଧିକାର ପରାଧୀନ ଭାରତକୁ ଦେଇଥିଲେ। ପୌରପାଳିକାର ପ୍ରାଥମିକ କର୍ତ୍ତବ୍ୟ ହେଲା ସହରର ପରିଚ୍ଛନ୍ନତା, ପରିମଳ ବ୍ୟବସ୍ଥା, ସ୍ୱଚ୍ଛ ପାନୀୟଜଳ ଓ ଆଲୋକ ଯୋଗାଣ, ଗମନାଗମନ, ସ୍ୱାସ୍ଥ୍ୟ, ଶିକ୍ଷା, ହାଟ, ଘାଟର ରକ୍ଷଣାବେକ୍ଷଣ ଆଦି କରିବା। କିନ୍ତୁ ବାସ୍ତବରେ ଏସବୁ ସୁବିଧା ସହରବାସୀଙ୍କୁ ଆବଶ୍ୟକ ମୁତାବକ ଯୋଗାଇ ଦିଆଯାଉନାହିଁ। କ୍ରମାଗତ ଆର୍ଥିକ ଅନଟନ, ପ୍ରଶାସନିକ ଉଦାସୀନତା ଏବଂ ଅବ୍ୟବସ୍ଥା ମଧ୍ୟରେ ପୌରସଂସ୍ଥା ଗୁଡ଼ିକ ଗତି କରୁଛି। ସ୍ୱାୟତ୍ତଶାସନ ସଂଜ୍ଞା ସଂକୁଚିତ ଏବଂ ସୀମିତ ହୋଇପଡ଼ିଛି। ଏହି ଅନୁଷ୍ଠାନଗୁଡ଼ିକ ରାଷ୍ଟ୍ରାୟତ୍ତ ନୀତି ଏବଂ ନିୟନ୍ତ୍ରଣ ମଧ୍ୟରେ ଶ୍ୱାସରୁଦ୍ଧ ହୋଇପଡ଼ିଛି। ଦ୍ୱୈତଶାସନ ଫଳରେ ପ୍ରଶାସନିକ ନିୟନ୍ତ୍ରଣ ଅଧିକରୁ ଅଧିକତର ଦୁର୍ବଳ ଏବଂ ବିଭ୍ରାନ୍ତିକର ହୋଇଯିବା ସହିତ ଦୃଢ଼ତା ପରିବର୍ତ୍ତେ ଦୁର୍ବଳତା ଜନ୍ମନେବା ପରିଲକ୍ଷିତ ହେଉଛି। ଦୁର୍ନୀତି ବହୁଗୁଣିତ ହେବା ସହିତ ନୀତି, ନିୟମ, ଶୃଙ୍ଖଳା କ୍ରମଶଃ ବିଲୀନ ହେବାରେ ଲାଗିଛି। ଅର୍ଥାତ୍ ସ୍ୱାୟତ୍ତ ଶାସନ ଐତିହାସିକ ମର୍ଯ୍ୟାଦା ହରାଇ ଏକ ଅସହାୟ ଅନୁଷ୍ଠାନରେ ପରିଣତ ହୋଇଛି। କେବଳ ବାଧ୍ୟବାଧକତା ବିଧିବିଧାନ ତଥା ସରକାରୀ ଉତ୍ସବ ଏବଂ ଗତାନୁଗତିକ ଔପଚାରିତା ମଧ୍ୟରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହେବା ସାର ହୋଇଛି।

**– ଗିରିଜା ଶଙ୍କର ତରାସିଆ**

ଖଣ୍ଡପଡ଼ା, ନୟାଗଡ଼, ମୋ: ୯୯୩୭୭୩୪୮୦୦

## ନାଳିଫିତା ତଳେ ମାଷ୍ଟରପ୍ଲାନ

**୬୭ ବର୍ଷର ପୌରପାଳିକା ସୁବର୍ଣ୍ଣପୁର**

ସୁବର୍ଣ୍ଣପୁର ପୌରପାଳିକା ଓଡିଶାର ଅନ୍ୟତମ ପୁରାତନ ପୌରପାଳିକା। ୧୮୫୦ ମସିହାରେ ବ୍ରିଟିଶ ଶାସନ ସମୟରେ ସୋନପୁର ରାଜ୍ୟରେ ପୌରପାଳିକା ସ୍ଥାପନ ହୋଇଥିଲା। ସ୍ୱାଧୀନତା ପରେ ସହରର ଗୁରୁତ୍ୱ ତଥା ସେତେବେଳର ବାଣିଜ୍ୟ ବ୍ୟବସାୟକୁ ଦୃଷ୍ଟିରେ ରଖି ୧୯୫୧ରେ ରାଜ୍ୟ ସରକାର ପୌରପାଳିକା ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହା ଏକ ଐତିହ୍ୟ ତଥା ସଂସ୍କୃତି ସମ୍ପନ୍ନ ମନ୍ଦିରମାଳିନୀ ସହର। ଗୌରବମୟ ଇତିହାସକୁ ମନେ ପକାଇ ସ୍ୱାୟତ୍ତ ଶାସନ ଦିବସରେ ଉତ୍ସବ ମୁଖର ହେବ ପୌରପରିଷଦ କାର୍ଯ୍ୟାଳୟ। ତେବେ ପ୍ରଶ୍ନ ଉଠେ ଯେଉଁ ଲକ୍ଷ୍ୟ ନେଇ ରାଜାଙ୍କ ଶାସନ ଅମଳରୁ ଏହି ପୌର ପରିଷଦ ଗଠନ ହୋଇଛି ସେଥିରୁ ଆଜି କେତେ ପୂରଣ ହୋଇଛି । ୯୦ପ୍ରତିଶତରୁ ଅଧିକ ନିର୍ମାଣ ଯୋଜନା ମୁତାବକ ହୋଇ ନ ଥିବା ବେଳେ ଡ୍ରେନ୍ ସମସ୍ୟା ଆଜି ବି ପୌରବାସୀଙ୍କୁ ଯନ୍ତ୍ରଣା ଦେଉଛି।

ଓଡିଶାର ମଧ୍ୟ ଭାଗରେ ଥିବା ସୋନପୁର ସହରର ବିକାଶ ପାଇଁ ଯଥେଷ୍ଟ ଭିତ୍ତିଭୂମି ଅଛି। ତିନିପାର୍ଶ୍ୱରେ ଚିରସ୍ରୋତା ତେଲ ଓ ମହାନଦୀ ଘେରି ରହିଛି। ମାତ୍ର ଯୋଜନାବଦ୍ଧ ବିକାଶ ହୋଇପାରିନି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ଆସୁଥିବା କୋଟି କୋଟି ଟଙ୍କା ବିନା ଯୋଜନାରେ କାର୍ଯ୍ୟକାରୀ ହେଉଛି। ପାର୍କ, ଷ୍ଟାଡିୟମ, ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ଅଛି। ସହରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଧ୍ୟାନ ଦିଆଯାଉନି। ପ୍ରସ୍ତାବିତ ମାଷ୍ଟରପ୍ଲାନ ନାଳିଫିତା ତଳେ ରହି ଯାଇଛି। ସହରର ଜନସଂଖ୍ୟା ବୃଦ୍ଧି ପାଇ ଏବେ ୩୦ ହଜାର ଟପିଲାଣି। ମାତ୍ର ଏ ଯାଏଁ ଆଶା ଅନୁରୂପ ବିକାଶ ହୋଇପାରିନି। ପଟାଭାଡିଠାରେ ବାସହୀନଙ୍କ ପାଇଁ ରାତ୍ରିକାଳୀନ ଆଶ୍ରୟ ସ୍ଥଳୀ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ସରକାର ଏ ପର୍ଯ୍ୟନ୍ତ ଟଙ୍କାଟିଏ ଯୋଗାଇ ଦେଇ ନାହାନ୍ତି। ସ୍ୱରେଜ ବ୍ୟବସ୍ଥା ନ ଥିବା ବେଳେ ସହରର ମଇଳା ପାଣି ସିଧାସଳଖ ମହାନଦୀକୁ ଛଡାଯାଉଛି। ଘରୋଇକରଣ ପରେ ପରିମଳ ବ୍ୟବସ୍ଥାରେ ସୁଧାର ଆସିବା ପରିବର୍ତ୍ତେ ଯୋଜନାଟି ବାଟବଣା ହୋଇଛି। ସହରର ପ୍ରମୁଖ ଛକ ଗୁଡିକରେ ଆବର୍ଜନା ବାକ୍ସ(ୱେଷ୍ଟେଜ ବକ୍ସ) ବସାଯିବାର ବ୍ୟବସ୍ଥା ହୋଇଥିଲା। ମାତ୍ର ପୌରାଞ୍ଚଳର ୧୫ଟି ୱାର୍ଡର କେଉଁ କେଉଁ ସ୍ଥାନରେ କେତୋଟି ବାକ୍ସ ବସିଛି ତାହାର ସଠିକ୍ ଉତ୍ତର ମିଳି ପାରୁନି। ସହରର ସୌନ୍ଦର୍ଯ୍ୟ ବୃଦ୍ଧି ସହ ଝୁମ୍ପୁଡିବାସୀଙ୍କ ମଧ୍ୟରେ ସହରୀ ଛାପ ପକାଇବା ଉଦ୍ଦେଶ୍ୟରେ ୨୦୦୯ ମସିହାରେ ପୌର ପରିଷଦକୁ ସମ୍ପନ୍ନିତ ଗୃହ ନିର୍ମାଣ ଓ ବସ୍ତି ଉନ୍ନୟନ ଯୋଜନା(ଆଇଏଚ୍‌ଏସଡିପି)ରେ ୨୩ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ବସ୍ତିରେ ଗୃହ ନିର୍ମାଣ, ପରିମଳ ବ୍ୟବସ୍ଥା, ରାସ୍ତାଘାଟ ଓ ଡ୍ରେନ ନିର୍ମାଣ ପାଇଁ ଉକ୍ତ ଟଙ୍କା ଆସିଥିବା ବେଳେ ଏଯାଏଁ ସମସ୍ତ ଟଙ୍କା ଖର୍ଚ୍ଚ ହୋଇ ପାରିନି । ଜିଲା ମୁଖ୍ୟାଳୟର ସୌନ୍ଦର୍ଯ୍ୟ ବୃଦ୍ଧିରେ ତାହା ବାଧକ ସାଜିଛି। ଇତିମଧ୍ୟରେ ୧୩ଟି ପୌର ପରିଷଦ ଗଠନ ହେଇସାରିଛି। ତେବେ ବିକାଶ ଯେଉଁ ତିମିରେକୁ ସେଇ ତିମିରେ। ରକ୍ଷଣାବେକ୍ଷଣ ଅଭାବରୁ ସହରର ପୁରାତନ ମନ୍ଦିରଗୁଡିକ ଧ୍ୱଂସାଭିମୁଖୀ ହେବାକୁ ବସିଲାଣି। ସହରର ପ୍ରାୟ ୭୦ ପ୍ରତିଶତ ସରକାରୀ ଜମି ଜବରଦଖଲ ହୋଇଥିଲେ ମଧ୍ୟ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଇନାହିଁ। ରାଜାରାଜୁଡା ଅମଳର ଜଳାଶୟଗୁଡିକ ପୋତିଦିଯିବାକୁ ବସିଥିବା ବେଳେ ସେଗୁଡିକର ପୁନରୁଦ୍ଧାର ହେଉନି। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ଅଶୋକ କୁମାର ମିଶ୍ର କୁହନ୍ତି, ନିୟମିତ ଡ୍ରେନ ସଫା କାର୍ଯ୍ୟ ଜାରି ରହିଛି । କେତେକ ସ୍ଥାନରେ ଡ୍ରେନ୍ ଜବରଦଖଲ ପାଇଁ ସଫେଇ କର୍ମଚାରୀମାନେ ଡ୍ରେନ ସଫା କରିବାରେ ଅସିବିଧାର ସମ୍ମୁଖୀନ ହେଉଛନ୍ତି। ସେହିଭଳି ଉନ୍ନୟନ କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ପଦକ୍ଷେପ ନିଆଯାଉଛି। ଏଥିରେ ପୌରବାସୀଙ୍କ ସହଯୋଗ ଏକାନ୍ତ ଜରୁରୀ ବୋଲି ମିଶ୍ର କହିଛନ୍ତି ।

*-ରିପୋର୍ଟ: ମୃତ୍ୟୁଞ୍ଜୟ ଶତପଥୀ, ସୋନପୁର*


**'ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ' ଅବସରରେ ହିନ୍ଦୋଳ ବିଜ୍ଞାପିତ ଅଞ୍ଚଳ ପରିଷଦ, ହିନ୍ଦୋଳ ଅଧିବାସୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି**

୧. ଆପଣମାନଙ୍କ ସହରକୁ ସ୍ୱଚ୍ଛ, ପରିଷ୍କାର ରଖିବାରେ ସହଯୋଗ କରନ୍ତୁ। ଖୋଲାରେ ମଳତ୍ୟାଗ କରନ୍ତୁ ନାହିଁ ପାଇଖାନା ବ୍ୟବହାର କରନ୍ତୁ।
୨. ଆପଣମାନଙ୍କ ଗୋ ସମ୍ପଦକୁ ରାସ୍ତା ଘାଟରେ ଏଣେ ତେଣେ ବୁଲିବାକୁ ଛାଡନ୍ତୁ ନାହିଁ।
୩. ଆପଣଙ୍କ ସହରକୁ ପଲିଥିନମୁକ୍ତ କରିବା ସଙ୍ଗେ ସଙ୍ଗେ, ପରିବେଶକୁ ସବୁଜ, ସୁନ୍ଦର କରିବାରେ ସହଯୋଗ କରନ୍ତୁ।
୪. ସଠିକ୍ ସମୟରେ ଦୋକାନଭଡା, ବାଣିଜ୍ୟ ଲାଇସେନସ୍ ଏବଂ ସମସ୍ତ ବିବାହ ପଞ୍ଜୀକରଣ କରାନ୍ତୁ।

ସ୍ୱା./- ଶ୍ରୀଯୁକ୍ତ ବିନୟ ରଞ୍ଜନ ମହାପାତ୍ର, ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ହିନ୍ଦୋଳ
ସ୍ୱା./- ଶ୍ରୀମତୀ ରୀନା ବେହେରା, ଅଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ହିନ୍ଦୋଳ
ସ୍ୱା./- ଶ୍ରୀଯୁକ୍ତ ଟିମା ବେହେରା, ଉପାଧ୍ୟକ୍ଷ ଓ ସମସ୍ତ ପାରିଷଦ ବୃନ୍ଦ, ବିଜ୍ଞାପିତ ଅଞ୍ଚଳ ପରିଷଦ, ହିନ୍ଦୋଳ

**ସୁବର୍ଣ୍ଣପୁର ପୌରପରିଷଦ, ସୁବର୍ଣ୍ଣପୁର**

ସ୍ୱାୟତ୍ତ ଶାସନ ଦିବସ-୨୦୧୮ ଉପଲକ୍ଷେ ସୁବର୍ଣ୍ଣପୁର ପୌରାଞ୍ଚଳର ସମସ୍ତ ନାଗରିକମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛୁ ଏବଂ ପୌରପରିଷଦର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟରେ ଆପଣମାନଙ୍କ ସହଯୋଗ କାମନା କରୁଛୁ।



ଏହି ଅବସରରେ ଇଷ୍ଟଦେବୀ ମାଁ ସୁରେଶ୍ୱରୀଙ୍କଠାରେ ଆପଣମାନଙ୍କ ସୁଖସମୃଦ୍ଧି କାମନା କରୁଛୁ।



ଶ୍ରୀମତୀ ସିମନ୍ତିନୀ ନାଏକ, ଅଧ୍ୟକ୍ଷା ଓ କାଉନସିଲର ବୃନ୍ଦ, ପୌରପରିଷଦ, ସୁବର୍ଣ୍ଣପୁର
ଶ୍ରୀଯୁକ୍ତ ଅଶୋକ କୁମାର ମିଶ୍ର, ନିର୍ବାହୀ ଅଧିକାରୀ, ପୌରପରିଷଦ, ସୁବର୍ଣ୍ଣପୁର

**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଘୁ.ଉଦୟଗିରି**

**ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଘୁ.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦରେ ବାସ କରୁଥିବା ସମସ୍ତ ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ ସହ ସହରକୁ ଏକ ସୁନ୍ଦର ସ୍ୱାସ୍ଥ୍ୟକର ପରିବେଶରେ ଗଢି ତୋଳିବାକୁ ସମସ୍ତଙ୍କ ସହଯୋଗ କାମନା କରୁଛୁ।**

୧. ସହରକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ।
୨. ପୌର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା କରନ୍ତୁ।
୩. ବିଭିନ୍ନ ଟିକସ ଯଥା ସମୟରେ ପୈଠ କରି ରିହାତି ପାଇବାର ସୁଯୋଗ ନିଅନ୍ତୁ।
୪. ପରିଷଦର ବିନା ଅନୁମତିରେ ନୂତନ ଗୃହ ନିର୍ମାଣ କରନ୍ତୁ ନାହିଁ।
୫. ରାସ୍ତା ଓ ନାଳରେ ଅଳିଆ ଆବର୍ଜନା ନ ପକାଇ ଡଷ୍ଟବିନ୍‌ରେ ପକାନ୍ତୁ।
୬. ପଲିଥିନ ବ୍ୟବହାର କରନ୍ତୁ ନାହିଁ।
୭. ଗୃହ ନିର୍ମାଣ ସମୟରେ ଉପକରଣ ରାସ୍ତା ଉପରେ ଜମା କରନ୍ତୁ ନାହିଁ।
୮. ଗୃହ ବାହାରେ ମଳତ୍ୟାଗ କରନ୍ତୁ ନାହିଁ।
୯. ଠିକ୍ ସମୟରେ ଜନ୍ମ ଓ ମୃତ୍ୟୁର ପଞ୍ଜୀକରଣ କରନ୍ତୁ।

ଶ୍ରୀ ସଞ୍ଜୀବ କୁମାର ମହାପାତ୍ର (ଓ.ରା.ସେ), ନିର୍ବାହୀ ଅଧିକାରୀ
ଶ୍ରୀମତୀ ଭାନୁପ୍ରଭା ମିଶ୍ର, ଉପାଧ୍ୟକ୍ଷା
ଶ୍ରୀ ପି. ସଞ୍ଜୀବ କୁମାର ପାତ୍ର, ଅଧ୍ୟକ୍ଷ

**ସମସ୍ତ ସଭ୍ୟ/ସଭ୍ୟା**

ଗୌହର ସୁଲତାନା ବେଗମ୍, ଶ୍ରୀ ଅନିଲ କୁମାର ଦଳବେହେରା, ଶ୍ରୀମତୀ ରେଣୁ କୁଅଁର, ଶ୍ରୀ ସମୀର ପାତ୍ରୀ, ଶ୍ରୀମତୀ ସିଦ୍ଧେଶ୍ୱରୀ ନାୟକ, ଶ୍ରୀମତୀ କୁନିମା ପ୍ରଧାନ, ଶ୍ରୀ ଅଶ୍ୱିନୀ କୁମାର ନାୟକ, ଜାଲିନା ପ୍ରିୟଦର୍ଶିନୀ, ଶ୍ରୀ ରମେଶ ଚନ୍ଦ୍ର ବେହେରା, ଶ୍ରୀ ଜିତେନ୍ଦ୍ର ପ୍ରଧାନ, ଶ୍ରୀମତୀ ନିରୋଜ କୁମାରୀ ନାୟକ

**ରାୟଗଡ଼ ପୌରପରିଷଦ**

- ସ୍ୱାୟତ୍ତ ଶାସନ ଦିବସ ୨୦୧୮ ଉପଲକ୍ଷେ ରାୟଗଡ ପୌରପରିଷଦ ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ସହରର ସର୍ବାଙ୍ଗୀନ ଉନ୍ନତି ପଥରେ ଆଗେଇ ନେବାରେ ସହଯୋଗ କାମନା କରୁଅଛୁ।
- ଆଗାମୀ ଦିନମାନଙ୍କରେ ରାଜ୍ୟ ସରକାରଙ୍କର ଖାଦ୍ୟ ସୁରକ୍ଷା ନିୟମରେ ଗରିବ ଲୋକଙ୍କୁ ୧.୦୦ରେ ଚାଉଳ ରାୟଗଡା ପୌରପରିଷଦର ୩୦୯୦ ଗରିବ ପରିବାରଙ୍କୁ ଦେବାକୁ ହାତକୁ ନେଇଛୁ।
- ଆବାସ ଯୋଜନାରେ ବିଗତ ଦୁଇବର୍ଷ ମଧ୍ୟରେ ଗରିବ ପରିବାରଙ୍କୁ ଗୃହ ଯୋଗାଇଛୁ।
- ବିଗତ ପାଞ୍ଚ ବର୍ଷରେ ବିଭିନ୍ନ ୱାର୍ଡରେ ୯୮ ଗୋଟି ଜଳଯୋଗାଣ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ କରି ସହରରେ ଜଳଯୋଗାଣର ସୁବନ୍ଦୋବସ୍ତ କରାଯାଇଛି।
- ବିଗତ ପାଞ୍ଚ ବର୍ଷରେ ବିଭିନ୍ନ ୱାର୍ଡରେ ୭୧ ସାହିକୁ ଆଲୋକ ଯୋଗାଇବାରେ ସଫଳ ହୋଇଛୁ।
- ବିଗତ ୫ ବର୍ଷରେ ବିଭିନ୍ନ ୱାର୍ଡରେ ସର୍ବମୋଟ ୮ ଗୋଟି ଗୋଷ୍ଠି ଶୌଚାଳୟ ନିର୍ମାଣ କରି ସହରର ପରିମଳ ବ୍ୟବସ୍ଥାକୁ ସୁଧାରିବାକୁ ଚେଷ୍ଟା କରିଛୁ।
- ବିଗତ ୫ ବର୍ଷରେ ବିଭିନ୍ନ ୱାର୍ଡରେ ୯ ଗୋଟି ଗୋଷ୍ଠୀକେନ୍ଦ୍ର ନିର୍ମାଣ କରି ସହରର ଭାଇଚାରା ବଞ୍ଚାଇଛୁ ଏବଂ ଯୁବଗୋଷ୍ଠୀକୁ ପ୍ରୋତ୍ସାହନା ଦେଇଛୁ।
- ପ୍ରମୁଖ ଉପଲବ୍ଧି ମଧ୍ୟରୁ ରାଣିଗୁଡା ଠାରେ ନବନିର୍ମିତ ବିଜୁପଟ୍ଟନାୟକ କଲ୍ୟାଣ ମଣ୍ଡପ ନିର୍ମାଣ କରି ସହରବାସୀଙ୍କ ବହୁତ ଦିନର ସ୍ୱପ୍ନକୁ ପୂରଣ କରିବାରେ ସଫଳ ହୋଇଛୁ।
- ପୌର ସମ୍ପତ୍ତିର ସୁରକ୍ଷା ଓ ରକ୍ଷଣା ବେକ୍ଷଣରେ ସହଯୋଗ କରନ୍ତୁ।
- ପରିବେଶର ସୁରକ୍ଷା ପାଇଁ ଗୃହ ସମ୍ମୁଖରେ ବୃକ୍ଷ ରୋପଣ କରନ୍ତୁ।
- ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମରେ ନିଜ ନିଜର ସେପଟିକ୍ ପାଇଖାନା ନିର୍ମାଣ ନିମନ୍ତେ ପଞ୍ଜୀକୃତ ହୋଇ ନିର୍ଦ୍ଧାରିତ ପ୍ରୋତ୍ସାହନ ରାଶି ପାଆନ୍ତୁ।
- ଆପଣଙ୍କ ପ୍ରଦତ୍ତ ଟିକସ ହିଁ ସହରର ବିକାଶ ମୂଳକ କାର୍ଯ୍ୟରେ ଲଗାଯାଇଥାଏ ଏଣୁ ଟିକସ ଆଦାୟକାରୀଙ୍କୁ ସାହାଯ୍ୟ କରନ୍ତୁ।

ଡଃ ନିରଞ୍ଜନ ପ୍ରସାଦ ବକ୍ସିପାତ୍ର, ଉପାଧ୍ୟକ୍ଷ, ରାୟଗଡ ପୌରପରିଷଦ
ଶ୍ରୀମତୀ ଭି. ଗୌରୀ ଜୟନ୍ତୀ, ଅଧ୍ୟକ୍ଷା, ରାୟଗଡ ପୌରପରିଷଦ
ଏବଂ ସମସ୍ତ ପାରିଷଦ ବୃନ୍ଦ, ରାୟଗଡ ପୌରପରିଷଦ

**ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢାଖୋଲ**

ସ୍ୱାୟତ୍ତ ଶାସନ ୨୦୧୮ ଉପଲକ୍ଷେ ରେଢାଖୋଲବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ

**ପରିଷଦ କାର୍ଯ୍ୟଭାର ଗ୍ରହଣ କଲାଦିନଠାରୁ ରେଢାଖୋଲ ସହରର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସର୍ବଦା ଚେଷ୍ଟିତ**

● ୯୮ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ରେଢାଖୋଲ ନୂତନ ବସଷ୍ଟାଣ୍ଡ ନିର୍ମାଣ ● ସହରର ସମସ୍ତ ଜନଗହଳି ପୂର୍ଣ୍ଣ ଛକମାନଙ୍କରେ ଗୋଟିଏ ଗୋଟିଏ ହାଇମାଷ୍ଟ ଲାଇଟ ତଥା ସମସ୍ତ ବିଦ୍ୟୁତ ଖୁଣ୍ଟମାନଙ୍କରେ ଏଲଇଡି ଲାଇଟ୍‌ର ବନ୍ଦୋବସ୍ତ କରାଯାଇଛି। ● ନୂତନ ସାପ୍ତାହିକ ହାଟ ଦିଲଖୁସ ବାଗ ଜାଗା ଉପରେ ବସାଯାଇଛି । ● ସହରର ସମସ୍ତ ୱାର୍ଡ ପାଇଁ ପର୍ଯ୍ୟାୟକ୍ରମେ ରାସ୍ତା, ନାଳ ନିର୍ମାଣର ବନ୍ଦୋବସ୍ତ ସଙ୍ଗେ ରାସ୍ତା ଆଲୋକବତି ଖୁଣ୍ଟମାନଙ୍କର ନବୀକରଣ କରାଯାଇଛି । ● ସହରବାସୀଙ୍କ ଆମୋଦ ପ୍ରମୋଦ ନିମନ୍ତେ ଏକ ଫରେଷ୍ଟ ପାର୍କ ନିର୍ମାଣ। ● ରେଢାଖୋଲ ଟାଉନ ହଲ ନିର୍ମାଣ । ● ରେଢାଖୋଲ ସହରରେ ୨୫୦ ଗୋଟି ବ୍ୟକ୍ତିଗତ ପାଇଖାନା ନିର୍ମାଣ ।

ରେଢାଖୋଲ ସହର ଆପଣଙ୍କର, ଏହାକୁ ସୁରକ୍ଷା ଏବଂ ଏକ ସ୍ୱଚ୍ଛ ସହର ଭାବେ ଗଢି ତୋଳିବା ଦାୟିତ୍ୱ ଆମ ସମସ୍ତଙ୍କର । ଗୃହପାଳିତ ପଶୁମାନଙ୍କୁ ରାସ୍ତା ଘାଟକୁ ଛାଡନ୍ତୁ ନାହିଁ ଏବଂ ପରିଷଦର ଟିକସ ଠିକ୍ ସମୟରେ ପରିଷଦରେ ପଇଠ କରନ୍ତୁ ।

ଶ୍ରୀ ସୁନୀଲ କୁମାର ପ୍ରଧାନ, ଉପାଧ୍ୟକ୍ଷ
ଶ୍ରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ନିର୍ବାହୀ ଅଧିକାରୀ
ଶ୍ରୀମତୀ ସନ୍ଧ୍ୟାରାଣୀ ଦେହୁରୀ, ଅଧ୍ୟକ୍ଷା
ଓ ସମସ୍ତ କାଉନସିଲର ବୃନ୍ଦ, ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢାଖୋଲ

**ସ୍ୱାୟତ୍ତ ଶାସନ ଦିବସ - ୨୦୧୮**
**ବ୍ରହ୍ମପୁର ମହାନଗର ନିଗମ**

BMC BRAHMAPUR
Rejuvenating Brahmapur



୩୧ ଅଗଷ୍ଟ ୨୦୧୮ ଖଲ୍ଲିକୋଟ କଲେଜ ପଡିଆ, ବ୍ରହ୍ମପୁର

**ମୁଖ୍ୟ ଅତିଥି**
ଶ୍ରୀଯୁକ୍ତ ଶିଶିଭୂଷଣ ବେହେରା
ମାନ୍ୟବର ମନ୍ତ୍ରୀ ଅର୍ଥ ଏବଂ ଅବକାରୀ ବିଭାଗ, ଓଡ଼ିଶା

**ସମ୍ମାନିତ ଅତିଥି**
ଶ୍ରୀଯୁକ୍ତ ସୂର୍ଯ୍ୟନାରାୟଣ ପାତ୍ର
ମାନ୍ୟବର ମନ୍ତ୍ରୀ ସମବାୟ, ଖାଦ୍ୟଯୋଗାଣ ଏବଂ ଖାଉଟିକଲ୍ୟାଣ ବିଭାଗ, ଓଡ଼ିଶା
ଶ୍ରୀଯୁକ୍ତ ସିଦ୍ଧାନ୍ତ ମହାପାତ୍ର
ମାନ୍ୟବର ସାଂସଦ, ବ୍ରହ୍ମପୁର
ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ
ମାନ୍ୟବର ବିଧାୟକ, ବ୍ରହ୍ମପୁର
ଡ. ପ୍ରଦୀପ କୁମାର ପାଣିଗ୍ରାହୀ
ମାନ୍ୟବର ବିଧାୟକ, ଗୋପାଳପୁର
ଶ୍ରୀଯୁକ୍ତ ଚନ୍ଦ୍ର ଶେଖର ସାହୁ
ପୂର୍ବତନ କେନ୍ଦ୍ର ମନ୍ତ୍ରୀ
ଶ୍ରୀଯୁକ୍ତ ସୁବାଷ ଚନ୍ଦ୍ର ମହାରଣା
ମାନ୍ୟବର ଅଧ୍ୟକ୍ଷ, ବିଡ଼ିଏ

**ମୁଖ୍ୟ ଆକର୍ଷଣ**
ବଲିଉଡ୍ କଣ୍ଠଶିଳ୍ପି ବିନୋଦ ରାଠୋଡ଼
ବଲିଉଡ୍ ଅଭିନେତ୍ରୀ ଜରିନ୍ ଖାନ୍

ଉକ୍ତ ଉତ୍ସବରେ ବହୁ ସଂଖ୍ୟାରେ ଯୋଗଦେବାପାଇଁ ନିବେଦନ
ନିବେଦକ : ମେୟର, ଡେ଼ପୁଟି ମେୟର ଏବଂ ସମସ୍ତ ପର୍କୋରେଟର ବୃନ୍ଦ

**ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ**

ପବିତ୍ର ସ୍ୱାୟତ୍ତ ଶାସନ ଦିବସ-୨୦୧୮ ଉପଲକ୍ଷେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ, କେନ୍ଦୁଝର ପକ୍ଷରୁ ଏହି ସହରାଞ୍ଚଳର ସମସ୍ତ ଅଧିବାସୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ଆସନ୍ତୁ ସମସ୍ତେ ମିଳିମିଶି ଏହି ନବଗଠିତ ସହରାଞ୍ଚଳକୁ ସ୍ୱଚ୍ଛ, ବାହ୍ୟ ମଳମୁକ୍ତ, ପଲିଥିନ୍ ମୁକ୍ତ ଓ ସରସ ସୁନ୍ଦର କରି ଗଢ଼ି ତୋଳିବା ପାଇଁ ପ୍ରତିଜ୍ଞାବଦ୍ଧ ହେବା।

**"ଆମର ନିଷ୍ପତ୍ତି, ଚମ୍ପୁଆ ସହରର ପ୍ରଗତି"**

ଶ୍ରୀଯୁକ୍ତ ମାନସ ରଞ୍ଜନ ପଶାୟତ, ଉପାଧ୍ୟକ୍ଷ, ଚମ୍ପୁଆ ଏନ.ଏ.ସି.
ଶ୍ରୀମତୀ ଗୀତାରାଣୀ ନାଏକ, ଅଧ୍ୟକ୍ଷା, ଚମ୍ପୁଆ ଏନ.ଏ.ସି.
ଶ୍ରୀଯୁକ୍ତ ସପନ କୁମାର ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ, ଚମ୍ପୁଆ ଏନଏସି
ଓ ସମସ୍ତ କାଉନସିଲରବୃନ୍ଦ

Sd./- Executive Officer
Champua NAC

**ଜଟଣୀ ପୌରପରିଷଦ, ଜଟଣୀ**

ସ୍ୱାୟତ୍ତ ଶାସନ ଦିବସ-୨୦୧୮ ଅବସରରେ ଜଟଣୀ ସହରବାସୀଙ୍କୁ ପୌରପରିଷଦ, ଜଟଣୀ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଏକ ସୁନ୍ଦର ଆଦର୍ଶ ସହର କରି ଗଢ଼ିତୋଳିବା ପାଇଁ ନିବେଦନ କରୁଅଛୁ।

୧. ଘରର ଅଳିଆ ଆବର୍ଜନା ଡଷ୍ଟବିନ୍‌ରେ ପକାନ୍ତୁ।
୨. ନାଳରେ ଅଳିଆ ପକାନ୍ତୁ ନାହିଁ।
୩. ରାସ୍ତାକଡ଼ରେ ବାଲି, ଗୋଡ଼ି ଇଟା ଜମାଇ ସର୍ବସାଧାରଣଙ୍କ ଯାତାୟାତରେ ବାଧା ସୃଷ୍ଟି କରନ୍ତୁ ନାହିଁ।
୪. ସ୍ୱଚ୍ଛ ଭାରତ ମିଶନର ସୁବିଧା ନିଅନ୍ତୁ।
୫. ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଚାଳଘରକୁ ପକ୍କାଘର କରିବା ପାଇଁ ଆବେଦନ କରନ୍ତୁ।
୬. ଯଥା ସମୟରେ ଟିକସ ଇତ୍ୟାଦି ପୈଠ କରନ୍ତୁ।
୭. ପୌର କର୍ମଚାରୀଙ୍କୁ ସେମାନଙ୍କ କାର୍ଯ୍ୟ ପରିଚାଳନାରେ ସହଯୋଗ କରନ୍ତୁ।

ଶ୍ରୀମତୀ ଲଳିତା କାପୁର, କାର୍ଯ୍ୟନିର୍ବାହୀ ଅଧିକାରୀ, ପୌରପରିଷଦ, ଜଟଣୀ
ଶ୍ରୀମତୀ ଅନ୍ନପୂର୍ଣ୍ଣା ସାହୁ, ଉପନଗରପାଳ, ପୌରପରିଷଦ, ଜଟଣୀ
ଶ୍ରୀ ସଂଗ୍ରାମ କେଶରୀ ରାଉତରାୟ, ନଗରପାଳ, ପୌରପରିଷଦ, ଜଟଣୀ
ଏବଂ ସମସ୍ତ ପାରିଷଦ ବୃନ୍ଦ, ପୌର ପରିଷଦ ଜଟଣୀ

**ବାରିପଦା ପୌରପାଳିକା, ବାରିପଦା**

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ - ୨୦୧୮ ଅବସରରେ ବାରିପଦାବାସୀଙ୍କୁ ପୌରପାଳିକାର ହାର୍ଦ୍ଦିକ ଅଭିନନ୍ଦନ। ଏ ସହରର ସର୍ବାଙ୍ଗୀନ ଉନ୍ନତି ଓ ସୁନ୍ଦର ପରିବେଶ ନିମନ୍ତେ ଆପଣମାନଙ୍କ ସାହାଯ୍ୟ ସହଯୋଗରେ ବାରିପଦା ପୌରପାଳିକାକୁ ରାଜ୍ୟର ସର୍ବଶ୍ରେଷ୍ଠ ପୌରପାଳିକା ଭାବେ ଗଢ଼ି ତୋଳିବା ପାଇଁ ଆମେ ସଂକଳ୍ପବଦ୍ଧ।

**ସଫଳତା**

❁ ବାରିପଦା ପୌରପରିଷଦ ସହର ଏବଂ ବିଭିନ୍ନ ୱାର୍ଡରେ ରାସ୍ତା, ନାଳ ଓ କଲଭାର୍ଟ ନିର୍ମାଣ ଏବଂ ଉନ୍ନତୀକରଣ କରାଯାଇଅଛି। ❁ କୃଷ୍ଣଚନ୍ଦ୍ର ଗୋଲେଇ ନିକଟରେ ଦୋକାନ ଗୃହ ନିର୍ମାଣ କରାଯାଇଅଛି। ❁ ୱାର୍ଡ ସଂଖ୍ୟା ୧୫ରେ ଥିବା ପୋଖରୀକୁ ପୁନରୁଦ୍ଧାର କରାଯାଇଅଛି। ❁ ବାରିପଦା ପୌରପରିଷଦ ଅଞ୍ଚଳରେ ଥିବା ଶ୍ମଶାନ ଯଥା – ବାରୁଣୀ ଶ୍ମଶାନ, ଦାରଗାଡାହି ଶ୍ମଶାନ ଏବଂ ବେଲଗଡ଼ିଆ ଶ୍ମଶାନଗୁଡ଼ିକର ଉନ୍ନତୀକରଣ କରାଯାଇଅଛି। ❁ ପୌରପରିଷଦର ବିଭିନ୍ନ ଅଞ୍ଚଳରେ ସର୍ବସାଧାରଣଙ୍କ ନିମନ୍ତେ ଥଣ୍ଡା ପାନୀୟ ଜଳ ଗୃହ ନିର୍ମାଣ କରାଯାଇଅଛି । ❁ ପୌରପରିଷଦର ବିଭିନ୍ନ ଅଞ୍ଚଳରେ ସର୍ବସାଧାରଣଙ୍କ ନିମନ୍ତେ ଶୌଚାଳୟ ନିର୍ମାଣ କରାଯାଇଅଛି। ❁ ପୌରପରିଷଦର ବିଭିନ୍ନ ଅଞ୍ଚଳରେ ସର୍ବସାଧାରଣଙ୍କ ନିମନ୍ତେ ଅମୃତ ଯୋଜନାରେ ଉଚ୍ଚମାନ ଶୌଚାଳୟ (Hybrid Toilet) ନିର୍ମାଣ କରାଯାଇଅଛି। ❁ ସହରର ବିଭିନ୍ନ ଅଞ୍ଚଳରେ ପାର୍କିଂ ଜୋନ୍ ନିର୍ମାଣ କରାଯାଇଅଛି। ❁ ସ୍ୱଳ୍ପ ବିଦ୍ୟୁତ ଖର୍ଚ୍ଚ ସମ୍ପନ୍ନ ଏଲ.ଇ.ଡି. ଉଜ୍ଜ୍ୱଳ ଆଲୋକ ବାରିପଦା ପୌରାଞ୍ଚଳରେ ଲଗାଯାଇଅଛି ଏବଂ ଲଗାଯାଉଅଛି। ❁ ଗତ ମଇ ମାସ – ୨୦୧୭ରୁ ବର୍ତ୍ତମାନ ସୁଦ୍ଧା ୫୨୮ ଗୋଟି ବୁଲା କୁକୁରଙ୍କର ଜନ୍ମ ନିୟନ୍ତ୍ରଣ ଅସ୍ତ୍ରୋପଚାର କରାଯାଇଅଛି।

**ଆଗାମୀ ଲକ୍ଷ୍ୟ**

❁ ମଧୁବନ ନିକଟରେ ନୂତନ କଲ୍ୟାଣ ମଣ୍ଡପର ନିର୍ମାଣ। ❁ ଅମୃତ ଯୋଜନାରେ ବାଗଡିହା ଏବଂ ଶ୍ରୀପଦଗଞ୍ଜରେ ପାର୍କ ନିର୍ମାଣ। ❁ କୃଷ୍ଣଚନ୍ଦ୍ର ଗୋଲେଇ ନିକଟରୁ ମୁଖ୍ୟ ଡାକ୍ତରଖାନା ଆଡ଼କୁ ଯାଉଥିବା ରାସ୍ତାର ଡାହାଣ ପାର୍ଶ୍ୱରେ ଦୋକାନଗୃହ ନିର୍ମାଣ। ❁ ଅମୃତ ଯୋଜନାରେ ପାନୀୟ ଜଳ ଯୋଗାଣର ଉନ୍ନତୀକରଣ। ❁ ଦିବାରାତ୍ର କଚେରୀ ପରିବା ମାର୍କେଟରେ ଦୋକାନ ଗୃହ ଓ କଂସେଇଖାନା ନିର୍ମାଣ। ❁ ବାରିପଦା ପୌରପରିଷଦର ବିଭିନ୍ନ ଅଞ୍ଚଳରେ ଭେଣ୍ଡିଂ ଜୋନ୍ ଓ ପାର୍କିଂ ଜୋନ୍ ନିର୍ମାଣ। ❁ ୱାର୍ଡ ସଂଖ୍ୟା ୨୫, ଦେବେନ୍ଦ୍ରପୁରରେ ନୂତନ ଶ୍ମଶାନ ଘର ନିର୍ମାଣ। ❁ ମଧୁବନ ମିନି ଷ୍ଟାଡିଅମରେ Jogging Track ନିର୍ମାଣ । ❁ ପୌରପରିଷଦର ବିଭିନ୍ନ ଅଞ୍ଚଳରେ ସର୍ବସାଧାରଣଙ୍କ ନିମନ୍ତେ ଶୌଚାଳୟ ନିର୍ମାଣ। ❁ ପୌରପରିଷଦର ବିଭିନ୍ନ ଅଞ୍ଚଳରେ ସର୍ବସାଧାରଣଙ୍କ ନିମନ୍ତେ ଅମୃତ ଯୋଜନାରେ ଉଚ୍ଚମାନ ଶୌଚାଳୟ (Hybrid Toilet) ନିର୍ମାଣ । ❁ ସେପ୍ଟେମ୍ବର ୩୦, ୨୦୧୮ ମସିହା ସୁଦ୍ଧା ବାରିପଦା ସହରକୁ ବାହ୍ୟ ମଳ ମୁକ୍ତ ଅଞ୍ଚଳ (ଓ.ଡି.ଏଫ୍.) ଭାବେ ଘୋଷଣା କରାଯିବାର ସିଦ୍ଧାନ୍ତ ହୋଇଛି।

ଶ୍ରୀ ସରୋଜ କୁମାର ଦାଶ, ଓ.ପ୍ର.ସେ., ଏସ୍.ବି. (ବରିଷ୍ଠ), ନିର୍ବାହୀ ଅଧିକାରୀ, ବାରିପଦା ପୌରପାଳିକା
ଶ୍ରୀ ଜିତେନ୍ଦ୍ର ମହାନ୍ତି, ଉପ-ନଗରପାଳ, ବାରିପଦା ପୌରପାଳିକା
ଶ୍ରୀମତୀ ବବିତା ଦାସ, ନଗରପାଳ, ବାରିପଦା ପୌରପାଳିକା

**ପୌର ପରିଷଦ କାର୍ଯ୍ୟାଳୟ, ବଡ଼ବିଲ**

**ସ୍ୱାୟତ୍ତ ଶାସନ ଦିବସ-୨୦୧୮ ଅବସରରେ ବଡ଼ବିଲ ପୌର ପାଳିକା ସହରବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ ପୂର୍ବକ ଜନସାଧାରଣଙ୍କ ସହଯୋଗ କାମନା କରୁଅଛି। ଆସନ୍ତୁ ପୌରାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକତାବଦ୍ଧ ହୋଇ କାର୍ଯ୍ୟ କରିବା।**

୧. ଆପଣଙ୍କ ପ୍ରଦତ୍ତ ଟିକସ ସହରର ବିକାଶମୂଳକ କାର୍ଯ୍ୟରେ ଲାଗିଥାଏ। ଏଣୁ ପରିଷଦର ଦେୟ ଯଥାସମୟରେ ପୈଠ କରନ୍ତୁ।
୨. ଘରର ଅଳିଆ ଆବର୍ଜନା ଏଣେତେଣେ ନ ପକାଇ ପୌରପାଳିକା ଦ୍ୱାରା ଯୋଗାଇ ଦିଆଯାଇଥିବା ସବୁଜ ଏବଂ ନୀଳ (Green & Blue) ଡଷ୍ଟବିନ୍‌ରେ ପକାନ୍ତୁ ଓ ରାସ୍ତା ଉପରକୁ ମଇଳା ପାଣି ଛାଡ଼ନ୍ତୁ ନାହିଁ।
୩. ଘରେ ପାଇଖାନା ନ ଥିଲେ ପୌର ପରିଷଦ କାର୍ଯ୍ୟାଳୟରେ ଦରଖାସ୍ତ କରି ସ୍ୱଚ୍ଛ ଭାରତ ମିଶନ ଯୋଜନାରୁ ପାଇଖାନା ନିର୍ମାଣ ପାଇଁ ପ୍ରୋତ୍ସାହନ ରାଶି ଗ୍ରହଣ କରନ୍ତୁ।
୪. ବଡ଼ବିଲ ପୌରାଞ୍ଚଳକୁ ଏକ ପଲିଥିନ୍ ମୁକ୍ତ ସହରରେ ପରିଣତ କରିବା ପୌର ପରିଷଦର ଲକ୍ଷ୍ୟ, ଏହାଦ୍ୱାରା ସହରକୁ ପ୍ରଦୂଷଣମୁକ୍ତ କରାଯାଇପାରିବ, ଏଥିରେ ସହଯୋଗ କରି ବଜାରକୁ ବ୍ୟାଗ୍ ଧରି ଆସନ୍ତୁ।
୫. ସର୍ବସାଧାରଣଙ୍କ ରାସ୍ତା ଉପରେ, ନାଳ ନର୍ଦ୍ଦମା ଇତ୍ୟାଦିରେ କୌଣସି ବର୍ଜ୍ୟବସ୍ତୁ ତଥା ଗୃହ ନିର୍ମାଣ ସାମଗ୍ରୀ ଇତ୍ୟାଦି ପକାଇ ଅବରୋଧ କରନ୍ତୁ ନାହିଁ।
୬. ନିଜ ପଟ୍ଟାଭୁକ୍ତ ଜମିରେ ଘର ନିର୍ମାଣ କରିବା ପୂର୍ବରୁ ପରିଷଦରୁ ଅନୁମତି ନେଇ ନିର୍ମାଣ କରନ୍ତୁ।
୭. ସରକାରୀ ଓ ସର୍ବସାଧାରଣଙ୍କ ଜାଗାକୁ ଜବରଦଖଲ କରନ୍ତୁ ନାହିଁ।
୮. ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ।
୯. ଜନ୍ମ ଏବଂ ମୃତ୍ୟୁର ୨୧ ଦିନ ମଧ୍ୟରେ ପରିଷଦ କାର୍ଯ୍ୟାଳୟରେ ପଞ୍ଜୀକରଣ କରାନ୍ତୁ।
୧୦. ଟ୍ରାଫିକ୍ ନିୟମ ପାଳନ କରନ୍ତୁ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଯାନବାହନ ପାର୍କିଙ୍ଗ୍ କରନ୍ତୁ।
୧୧. ପରିବେଶର ସୁରକ୍ଷା ପାଇଁ ବୃକ୍ଷରୋପଣ କରନ୍ତୁ।
୧୨. ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ଓ ସ୍ୱାଇନ୍‌ଫ୍ଲୁ ପ୍ରଭୃତି ରୋଗରୁ ମୁକ୍ତି ପାଇବା ପାଇଁ ନିଜ ଘରର ପରିବେଶକୁ ସଫା ସୁତୁରା ରଖିବା ସଙ୍ଗେ ସଙ୍ଗେ ଉପରୋକ୍ତ ରୋଗଗୁଡ଼ିକ ପୌରାଞ୍ଚଳରେ ଦେଖାଦେଲେ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ ଏବଂ ଚେଙ୍ଗ ଓ ଗୁଣିଗାରିଡ଼ି ଭଳି ଅନ୍ଧବିଶ୍ୱାସଠାରୁ ଦୂରେଇ ରୁହନ୍ତୁ।

ମନୋରଞ୍ଜନ ଦେଓ, ନିର୍ବାହୀ ଅଧିକାରୀ
ଲାବଣ୍ୟବତୀ ସାହୁ, ଉପାଧ୍ୟକ୍ଷ ଓ ସମସ୍ତ କାଉନ୍‌ସିଲର ବୃନ୍ଦ
ଦିଲୀପ କୁମାର ମିଶ୍ର, ଅଧ୍ୟକ୍ଷ

**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଧର୍ମଗଡ଼**

**ପବିତ୍ର ସ୍ୱାୟତ୍ତ ଶାସନ ଦିବସ ୨୦୧୮ର ଶୁଭ ଅବସରରେ ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ନିମ୍ନ ମତେ ସହଯୋଗ କାମନା କରୁଅଛୁ ।**

୧. ସ୍ୱଚ୍ଛ ଭାରତ ମିଶନ ଜରିଆରେ ସମସ୍ତଙ୍କ ଘରେ ପାଇଖାନା ନିର୍ମାଣ କରି ଆସନ୍ତା ୧୫।୦୯।୨୦୧୮ ସୁଦ୍ଧା ଧର୍ମଗଡ଼ ସହରକୁ ବାହ୍ୟ ମଳ ମୁକ୍ତ ସହର ଭାବେ ଘୋଷଣା କରିବା ପାଇଁ ନିବେଦନ।
୨. ରାସ୍ତା କଡରେ କିମ୍ବା ନାଳୀମାନଙ୍କରେ ଆବର୍ଜନା ନ ପକାଇ ନିର୍ଦ୍ଧାରିତ ସ୍ଥାନରେ ସ୍ଥାପନ କରାଯାଇଥିବା ଡଷ୍ଟବିନ୍‌ରେ ପକାନ୍ତୁ।
୩. ଗୃହପାଳିତ ପଶୁମାନଙ୍କୁ ରାସ୍ତା ଉପରେ ନ ଛାଡି ନିଜ ଅକ୍ତିଆରରେ ରଖନ୍ତୁ।
୪. ରାସ୍ତା କଡରେ ଗୃହ ଉପକରଣ ରଖି ରାସ୍ତା ଅବରୋଧ କରନ୍ତୁ ନାହିଁ ।
୫. ପଲିଥିନ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବର୍ଜନ କରି ଧର୍ମଗଡ଼ ସହରକୁ ଏକ ସ୍ୱଚ୍ଛ ଏବଂ ସୁନ୍ଦର ସହର ଭାବେ ଗଢି ତୋଳିବା ପାଇଁ ନିବେଦନ ।

ଶ୍ରୀ ଈଶ୍ୱର ପୂଝାରୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ
ଶ୍ରୀ ଅଶୋକ କୁମାର ମହାନ୍ତି, ଉପାଧ୍ୟକ୍ଷ
ସୁଶ୍ରୀ ହିରା ବାଗ, ଅଧ୍ୟକ୍ଷା

**ପୌରପରିଷଦ, ବେଲପାହାଡ଼**

ସର୍ବଭାରତୀୟ ସ୍ୱାୟତ୍ତ ଶାସନ ଦିବସ-୨୦୧୮ ପାଳନ ଅବସରରେ ବେଲପାହାଡ଼ ପୌର ପରିଷଦ ତରଫରୁ ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଜଣାଉଛୁ।

**ପୌରବାସୀଙ୍କୁ ନିବେଦନ:**

- ପୌରପରିଷଦର ଦେୟ ଯଥା ସମୟରେ ପୈଠ କରନ୍ତୁ।
- ସର୍ବସାଧାରଣ ରାସ୍ତା ଏବଂ ନାଳ ଉପରେ ନିର୍ମାଣ ସାମଗ୍ରୀ ଯଥା: ଇଟା, ବାଲି ରଖି ରାସ୍ତା ଓ ନାଳ ଅବରୋଧ କରନ୍ତୁ ନାହିଁ।
- ଗୃହପାଳିତ ପଶୁମାନଙ୍କୁ ରାସ୍ତା ଉପରେ ଏଣେତେଣେ ବୁଲିବାକୁ ଛାଡ଼ନ୍ତୁ ନାହିଁ।
- ପୌରପରିଷଦର ସମ୍ପତ୍ତି ଆପଣଙ୍କ ସମ୍ପତ୍ତି, ଏଣୁ ଏହାର ସୁରକ୍ଷା କରନ୍ତୁ।
- ବେଲପାହାଡ଼ ସହରକୁ ତା୦୨।୧୦।୨୦୧୮ରିଖଠାରୁ ପଲିଥିନମୁକ୍ତ ସହର ଭାବେ ଗଠନ କରିବା ପାଇଁ ସହଯୋଗ କରନ୍ତୁ।

ଶ୍ରୀମତୀ ଅନୁପମା ଭଏଁସା, ଉପାଧ୍ୟକ୍ଷ ଏବଂ ପରିଷଦର ସମସ୍ତ ସଭ୍ୟ ଓ ସଭ୍ୟା
ଶ୍ରୀ ପର୍ଶୁରାମ ସାହୁ, ଅଧ୍ୟକ୍ଷ, ପୌରପରିଷଦ, ବେଲପାହାଡ଼
ଶ୍ରୀ ଲୋକନାଥ କୁମାର ତିୱାରୀ, ନିର୍ବାହୀ ଅଧିକାରୀ, ପୌରପରିଷଦ, ବେଲପାହାଡ଼

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ଅଗଷ୍ଟ ୩୧/୨୦୧୮



ଦୁଃଖର ଅନ୍ୟନାମ ଅସନ୍ତୋଷ, ସୁଖର ଅନ୍ୟନାମ ସନ୍ତୋଷ, ସେଥିପାଇଁ ସୁଖରେ ରହିବାକୁ ଇଚ୍ଛା କରୁଥିବା ଲୋକ ସନ୍ତୁଷ୍ଟ ରହିବା ଉଚିତ।

- ଗୌତମ ବୁଦ୍ଧ



# 'ଯୋଗ୍ୟ ଭୋଟର ମତଦାନରୁ ବଞ୍ଚିତ ନ ହୁଅନ୍ତୁ'

ଭୁବନେଶ୍ୱର,୩୦।୮(ବ୍ୟୁରୋ)

ଆସନ୍ତା ସାଧାରଣ ନିର୍ବାଚନରେ ଯେପରି କୌଣସି ଯୋଗ୍ୟ ଭୋଟର ମତଦାନରୁ ବଞ୍ଚିତ ନ ହେବେ ସେଥିପ୍ରତି ସମସ୍ତ ଚେଷ୍ଟା କରାଯିବ। ମୃତ, ସ୍ଥାନାନ୍ତରିତ ଏବଂ ଦୋହରା ଭୋଟରଙ୍କୁ ବାଦ୍ ଦିଆଯିବ। ସେହିପରି ବର୍ତ୍ତମାନ ସୁଦ୍ଧା ପ୍ରସ୍ତୁତ ହୋଇଥିବା ଭୋଟର ତାଲିକାରେ ଥିବା ତ୍ରୁଟିକୁ ସଂଶୋଧନ କରିବା ପ୍ରକ୍ରିୟା ଆରମ୍ଭ କରାଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାର ଗୁରୁବାର ଏହି ସୂଚନା ଦେଇଛନ୍ତି।

ସର୍ବଦଳୀୟ ବୈଠକ ପରେ ସିଇଓ ସୁରେନ୍ଦ୍ର କହିଛନ୍ତି ଯେ, ସେପ୍ଟେମ୍ବର ପହିଲାରୁ ୩୧ ଅକ୍ଟୋବର ପର୍ଯ୍ୟନ୍ତ ଭୋଟର ତାଲିକାରେ ସ୍ୱତନ୍ତ୍ର ସଂଶୋଧନ କରାଯିବ। ଏହି ପ୍ରକ୍ରିୟା ସମ୍ପର୍କରେ ରାଜ୍ୟରେ ଥିବା ମାନ୍ୟତାପ୍ରାପ୍ତ ରାଜନୈତିକ ଦଳଗୁଡିକୁ ଅବଗତ କରାଯାଇଛି। ବୁଥ୍‌ସ୍ତରରେ ଦଳଗୁଡିକର ଏଜେଣ୍ଟଙ୍କୁ ମଧ ଏହି ସଂଶୋଧନ ପ୍ରକ୍ରିୟାରେ ସାମିଲ କରାଯାଇଥିବା ସୁରେନ୍ଦ୍ର ଉଲ୍ଲେଖ କରିଛନ୍ତି। ଭୋଟର ତାଲିକାକୁ ଶତପ୍ରତିଶତ ତ୍ରୁଟିଶୂନ୍ୟ କରିବା ସହ ସବୁ ବର୍ଗର ଲୋକମାନଙ୍କୁ ଭୋଟଦାନରେ ସାମିଲ କରିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଛି। ସେହିପରି ବୈଠକରେ ବୁଥ୍‌ସ୍ତରୀୟ ଏଜେଣ୍ଟ, ସେମାନଙ୍କ ଦ୍ୱାରା ହେବାକୁ ଥିବା ଆବେଦନ ପତ୍ର ସମ୍ପର୍କିତ ବିଷୟ ସମ୍ପର୍କରେ ଆଲୋଚନା ହୋଇଥିବା ଜଣାପଡିଛି। ସମସ୍ତ ପ୍ରକ୍ରିୟା ସରିବା ପରେ ଆସନ୍ତା ଜାନୁୟାରୀ ୪ରେ ସଂଶୋଧିତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ଜଣାପଡିଛି।

ସର୍ବଦଳୀୟ ବୈଠକରେ ବିଜେଡିରୁ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ଭାଜପାରୁ ପୀତାମ୍ବର ଆଚାର୍ଯ୍ୟ ଓ ସମୀର ମହାନ୍ତି ଏବଂ କଂଗ୍ରେସରୁ ଶିବାନନ୍ଦ ରାୟ ପ୍ରମୁଖ ଯୋଗଦାନ କରିଥିଲେ। ବିଜେଡିକୁ ସୁହାଇଲା ଭଳି କାର୍ଯ୍ୟ ଅଫିସରମାନେ କରୁଥିବା ଭାଜପା ଅଭିଯୋଗ କରିଛି। ଭାଜପା ନେତା ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ, ପୂର୍ବ ନିୟମକୁ ଉଲ୍ଲଂଘନ କରି ସବୁ କାର୍ଯ୍ୟ ଚାଲିଛି। ଏମିତି କି ବୁଥ୍‌ସ୍ତରରେ ବିଜେଡିକୁ ସୁହାଇଲା ଭଳି କାର୍ଯ୍ୟ କରାଯାଉଛି। ଦଳ ପକ୍ଷରୁ ଏହାର ପ୍ରତିବାଦ କରାଯିବ ବୋଲି ପୀତାମ୍ବର କହିଛନ୍ତି। କଂଗ୍ରେସ ପ୍ରତିନିଧି ଭାବେ ଯୋଗ ଦେଇଥିବା ଶିବାନନ୍ଦ ରାୟ ମଧ ଅନୁରୂପ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, କେବଳ ନୂତନ ତାଲିକା ନୁହେଁ, ପୂର୍ବରୁ ପ୍ରସ୍ତୁତ ହୋଇଥିବା ଭୋଟର ତାଲିକା ମଧ ତ୍ରୁଟିପୂର୍ଣ୍ଣ। ଦୋହରା ଭୋଟର ଯାଞ୍ଚ, ଠିକ୍ ନାମରେ ଠିକ୍ ଫଟୋ ଇତ୍ୟାଦି ଦୃଷ୍ଟି ଦେବାର ସମୟ ଆସିଛି ।

ଅର୍ଥମନ୍ତ୍ରୀ ତଥା ବିଜେଡି ପ୍ରତିନିଧି ଶଶିଭୂଷଣ ବେହେରା ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ନିଜର କାର୍ଯ୍ୟ କରୁଛି। ଏହା ଏକ ରୁଟିନ୍ ପ୍ରକ୍ରିୟା। ସମସ୍ତେ ଯେପରି ଭୋଟଦାନରେ ଭାଗ ନେବେ, ତାହା ସମସ୍ତଙ୍କର ପ୍ରାଥମିକତା ହେବା ଆବଶ୍ୟକ। ବିରୋଧୀ ଭାଜପା ହେଉ କି କଂଗ୍ରେସ, ସେମାନଙ୍କ ଦ୍ୱାରା ଅଣାଯାଇଥିବା ଅଭିଯୋଗର କୌଣସି ଭିତ୍ତିନାହିଁ।

■ସ୍ୱତନ୍ତ୍ର କୋର୍ଟରେ ଦାଗୀ ନେତାଙ୍କ ବିଚାର

# କେନ୍ଦ୍ର ଅପ୍ରସ୍ତୁତ, ବର୍ଷିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୩୦।୮(ପି.ଟି.)

ଆଇନପ୍ରଣେତା ଓ ରାଜନେତାଙ୍କ ବିରୋଧରେ ଥିବା ଫୌଜଦାରି ମାମଲା ଏବେ ବି ଦେଶର ଅନେକ କୋର୍ଟରେ ପଡ଼ିରହିଛି। ଏଗୁଡ଼ିକର ବିଚାରପ୍ରକ୍ରିୟା ଆଗେଇପାରୁ ନାହିଁ। ତେଣୁ ଅପରାଧ ସହ ଜଡ଼ିତ ଏମ୍‌ପି, ଏମ୍‌ଏଲ୍‌ଏଙ୍କ ବିଚାର ଲାଗି ସ୍ୱତନ୍ତ୍ର କୋର୍ଟ ପ୍ରସ୍ତୁତ କରାଯିବ। ଏଥିଲାଗି ନେତାଙ୍କ ନାଁରେ ଥିବା ଫୌଜଦାରି ମାମଲାଗୁଡ଼ିକର ସବିଶେଷ ତଥ୍ୟ ଲୋଡ଼ିଥିଲେ ସୁପ୍ରିମକୋର୍ଟ। ଏପର୍ଯ୍ୟନ୍ତ କେନ୍ଦ୍ର ସରକାର ଏହି କାର୍ଯ୍ୟ ସମ୍ପାଦନ କରି ନ ଥିବାରୁ ଗୁରୁବାର ସର୍ବୋଚ୍ଚ ଅଦାଲତ ପ୍ରବଳ ବର୍ଷିଛନ୍ତି। ସରକାର 'ଅପ୍ରସ୍ତୁତ' ହୋଇରହିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ କୋର୍ଟ ନ ଚାହିଁଲେ ସୁଦ୍ଧା କିଛି ନିର୍ଦ୍ଦେଶନାମା ଜାରି କରିବାକୁ କେନ୍ଦ୍ର ସରକାର ବାଧ କରୁଛନ୍ତି ବୋଲି ଜଷ୍ଟିସ୍ ରଞ୍ଜନ ଗୋଗୋଇ ଅଧକ୍ଷତା କରୁଥିବା ଖଣ୍ଡପୀଠ କହିଛନ୍ତି।ଗତବର୍ଷ ନଭେମ୍ବର ସୁଦ୍ଧା ଦେଶର ବିଭିନ୍ନ କୋର୍ଟରେ ଦାଗୀ ନେତାଙ୍କ ନାଁରେ ୧,୫୮୧ ମାମଲା ପଡ଼ିରହିଥିଲା। ତେବେ ବର୍ଷକ ମଧରେ କେତେ ସଂଖ୍ୟକ ମାମଲାର ବିଚାର ହୋଇଛି, ତାହା ଅବଗତ କରିବା ସହ ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା କରିବାକୁ ସୁପ୍ରିମକୋର୍ଟ ଗତ ଡିସେମ୍ବର ୧୪ରେ ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ଶୁଣାଣିବେଳେ କେନ୍ଦ୍ର ସରକାର ଏ ସଂକ୍ରାନ୍ତରେ ଦାଖଲ କରିଥିବା ଅତିରିକ୍ତ ସତ୍ୟପାଠକୁ ଖଣ୍ଡପୀଠ ତର୍ଜମା କରିଛନ୍ତି। ୧୨ ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା ଲାଗି ୧୧ଟି ରାଜ୍ୟକୁ ଅର୍ଥ ଯୋଗାଇଦିଆଯାଇଛି ବୋଲି ସେଥିରେ ସରକାର ଦର୍ଶାଇଛନ୍ତି। ଦିଲ୍ଲୀରେ ଦୁଇଟି, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କର୍ନାଟକ, କେରଳ, ତାମିଲନାଡୁ, ବିହାର, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଏବଂ ମଧପ୍ରଦେଶରେ ଗୋଟିଏ ଲେଖାଏ ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା ହେବ। ଏନେଇ ସମ୍ପୃକ୍ତ ରାଜ୍ୟର ସରକାର ଏବଂ ହାଇକୋର୍ଟ ବିଜ୍ଞପ୍ତି ଜାରି କରିଛନ୍ତି। ଆସନ୍ତା ସେପ୍ଟେମ୍ବର ୧୨ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

# ଜେଲକୁ ଫେରିଲେ ଲାଲୁ

**ରାଞ୍ଚି, ୩୦।୮(ପି.ଟି.)**–ଗୋଖାଦ୍ୟ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଅଧକ୍ଷ ଲାଲୁ ପ୍ରସାଦ ଯାଦବ ଗୁରୁବାର ଜେଲ୍‌କୁ ଫେରିଛନ୍ତି। ଜାମିନ ଅବଧି ଶେଷ ହୋଇଯିବା ପରେ ରାଞ୍ଚିସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ସେ ଆତ୍ମସମର୍ପଣ କରିଛନ୍ତି। ବୁଧବାର ପାଟନାରୁ ଆସି ରାଞ୍ଚିରେ ପହଞ୍ଚିଥିଲେ ଲାଲୁ। ଗୁରୁବାର ପୂର୍ବାହ୍ନରେ ତାଙ୍କୁ ବିଚାରପତି ଏସ୍.ଏସ୍. ପ୍ରସାଦଙ୍କ ନିକଟରେ ହାଜର କରାଯାଇଥିଲା। ଲାଲୁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରୁଛନ୍ତି ବୋଲି ତାଙ୍କ ଓକିଲ ପ୍ରଭାତ କୁମାର କହିଥିଲେ। ଏହାପରେ ଲାଲୁଙ୍କୁ ଆବଶ୍ୟକ ଚିକିତ୍ସା ଯୋଗାଇବା ଲାଗି ବରିଷ୍ଠ ଡାକ୍ତରଙ୍କ ସହ ଯୋଗାଯୋଗ କରିବାକୁ ବିର୍ସା ମୁଣ୍ଡା ଜେଲ୍‌ର ଡାକ୍ତରଙ୍କୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟରୁ ଲାଲୁଙ୍କୁ ବିର୍ସାମୁଣ୍ଡା ଜେଲ୍ ପଠାଇଦିଆଯାଇଥିଲା ।

# ରାମମନ୍ଦିର ପାଇଁ ତୋଗାଡିଆ କରିବେ ଆନ୍ଦୋଳନ

ଫୈଜାବାଦ,୩୦।୮(ପି.ଟି.)- ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ କରିବା ପ୍ରସଙ୍ଗରେ ପ୍ରବୀଣ ତୋଗାଡିଆ ଅକ୍ଟୋବର ୨୧ରୁ ଲକ୍ଷ୍ନୌରୁ ଅଯୋଧା ପର୍ଯ୍ୟନ୍ତ ପଦଯାତ୍ରା ଆରମ୍ଭ କରିବେ। ତୋଗାଡିଆ ଗୁରୁବାର ଫୈଜାବାଦ ଓ ଅଯୋଧା ଗସ୍ତ ବେଳେ ସେଠାରେ ଏହି ଆନ୍ଦୋଳନ ନେଇ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସେ କହିଛନ୍ତି, ରାମ ଜନ୍ମଭୂମି ପାଇଁ ହିନ୍ଦୁଙ୍କ ତ୍ୟାଗକୁ ସମ୍ମାନ ଜଣାଇ ଏହା ଆରମ୍ଭ କରାଯିବ। ପାର୍ଲାମେଣ୍ଟରେ ଏନେଇ ସଂକଳ୍ପ ଆଣିବା ଲାଗି କେନ୍ଦ୍ର ସରକାରଙ୍କ ଉପରେ ଚାପ ସୃଷ୍ଟି କରାଯିବ।

# 'ମୁଁ ତୁମକୁ ଭଲପାଏ ବାପା'

ଭୁବନେଶ୍ୱର, ୩୦।୮(ବ୍ୟୁରୋ)




ବାପା ତୁମେ ଆମର ସବୁ କିଛି। ଆମେ ତୁମ ଉପରେ ନିର୍ଭରଶୀଳ। ତୁମର କିଛି ହୋଇଗଲେ ଆମ ଜୀବନ ଅଧୁରା ହୋଇଯିବ। ତୁମେ ନ ଥିଲେ ମୁଁ ପାଠ ପଢ଼ି ପାରିବିନି। ଆମ ଘର ଚଳି ପାରିବନି। ସାରା ପରିବାର ତୁମ ଉପରେ ବନ୍ଧା। ମୁଁ ତୁମକୁ ବହୁତ ଭଲପାଏ ବାପା। ତୁମେ ରାସ୍ତାରେ ଗଲାବେଳେ ଦେଖି ଚାହିଁ ଯିବା ଟ୍ରାଫିକ୍ ନିୟମ ମାନିବା ହେଲ୍‌ମେଟ୍ ପିନ୍ଧିବାକୁ ଜମା ଭୁଲିବନି। ଦ୍ରୁତ ଗତିରେ ଗାଡ଼ି ଚଳାଇବନି ଟିକେ ଡେରି ହେଇଯାଉ ପଛେ ତୁମେ ଭଲରେ ଯିବ ଆଉ ଭଲରେ ଫେରିବ ବାପା...

ବିଦ୍ୟାଳୟର କୁନି କୁନି ପିଲାମାନେ ସଡକସୁରକ୍ଷା ସଚେତନ ପାଇଁ ନିଜ ବାପାଙ୍କୁ ଏଭଳି ବିନତି କରିଛନ୍ତି। ପ୍ରଥମଥର ପାଇଁ ଭୁବନେଶ୍ୱର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆର୍‌ଟିଓ)-୨ ଏବଂ ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ମିଳିତ ଆନୁକୂଲ୍ୟରେ ଗୁରୁବାର ସୂଚନା ଭବନଠାରେ ଆୟୋଜିତ ସଡକ ସୁରକ୍ଷା ସମ୍ମିଳନୀ ୨୦୧୮ରେ ଏଭଳି କିଛି ମର୍ମସ୍ପର୍ଶୀ ନିବେଦନ ଶୁଣିବାକୁ ମିଳିଥିଲା। ହୋଣ୍ଡା ପକ୍ଷରୁ ସଡକ ସୁରକ୍ଷା ସଚେତନତା ସକାଶେ 'ହେଲ୍‌ମେଟ୍ ଅନ୍ ଲାଇଫ୍ ଅନ୍' ଶୀର୍ଷକ କ୍ୟାମ୍ପେନ୍‌ରେ କୁନି କୁନି ପିଲାମାନେ ମା'ବାପାଆଙ୍କୁ ଏଭଳି ବିନତି କରିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଅଧକ୍ଷମାନଙ୍କୁ ନେଇ ଏହି ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ରାଜ୍ୟ ପରିବହନ କମିଶନର ସଞ୍ଜୀବ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ସଡକ ସୁରକ୍ଷା କେବଳ ପରିବହନ ବିଭାଗ ବା ଆରକ୍ଷୀ ଅଧିକାରୀଙ୍କ ଦାୟିତ୍ୱ ନିହେଁ। ଏହା ଆମ ସମସ୍ତଙ୍କର ଦାୟିତ୍ୱ। ତେଣୁ ଶିକ୍ଷାନୁଷ୍ଠାନରୁ ଏହି ସଚେତନତା ଆରମ୍ଭ କରିବା ଉଦ୍ଦେଶ୍ୟରେ ଏଭଳି ସମାବେଶ ଅନୁଷ୍ଠିତ ହୋଇଛି।

**ସଡ଼କ ଦୁର୍ଘଟଣା ସଚେତନତା**

- ■ଓଡ଼ିଶାରେ ବର୍ଷକୁ ମୃତ୍ୟୁସଂଖ୍ୟା ୧୦,୮୫୫
- ■ଜଖମ ସଂଖ୍ୟା ୧୧୨୦୪
- ■୯୮% ଦୁର୍ଘଟଣା ମନୁଷ୍ୟକୃତ
- ■ରାଜ୍ୟ ଜିଡିପିର ୭.୩% କ୍ଷତିର କାରଣ

ଏହିଅବସରରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଉପସଭାପତି (ବ୍ରାଣ୍ଡ୍ ଏବଂ କମ୍ୟୁନିକେଶନ) ପ୍ରଭୁ ନାଗରାଜ କହିଛନ୍ତି, ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ନେଇ ଆମେ ପ୍ରଥମ ଥର ପାଇଁ ଏଭଳି ସଡକ ସୁରକ୍ଷା ସଚେତନ କାର୍ଯ୍ୟକ୍ରମ ଆୟୋଜନ କରିଛୁ। ଏହାକୁ ଆଗାମୀ ଦିନରେ ଦେଶବ୍ୟାପୀ ସଂପ୍ରସାରିତ କରାଯିବ। ସମଗ୍ର ଦେଶରେ ହୋଣ୍ଡାର ୧୩ଟି ରୋଡ ସେଫ୍ଟି ଆଣ୍ଡ୍ ଟ୍ରାଫିକ୍ ଟ୍ରେନିଂ ପାର୍କ ରହିଛି। ସେଥିମଧରୁ ଓଡିଶାର କଟକ ଏବଂ ଭୁବନେଶ୍ୱରରେ ଗୋଟିଏ ଲେଖାଏଁ ପାର୍କ ରହିଛି। ଏବେ ସୁଦ୍ଧା ଏହି ପାର୍କରେ ପ୍ରାୟ ୨୧ ଲକ୍ଷ ଭାରତୀୟଙ୍କୁ ସଡକ ସୁରକ୍ଷା ସଚେତନ ପାଇଁ ପ୍ରଶିକ୍ଷଣ ଦିଆଯାଇଛି ବୋଲି ନାଗରାଜ କହିଛନ୍ତି। ଏହି ଅବସରରେ ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରୀ ବୃନ୍ଦାବନ ଶତପଥୀ, ଭୁବନେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀ ଏସ୍.କେ. ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ଶବାନା, ନନ୍ଦିତାଙ୍କୁ ଭାରତୀୟ ମାନବତା ବିକାଶ ପୁରସ୍କାର

ନୂଆଦିଲ୍ଲୀ,୩୦।୮(ପି.ଟି.)- ଅଭିନେତ୍ରୀ ଶବାନା ଆଜମୀ ଓ ନନ୍ଦିତା ଦାସଙ୍କ ସହିତ ମୋଟ ୧୩ ଜଣଙ୍କୁ ଗୁରୁବାର ଭାରତୀୟ ମାନବତା ବିକାଶ ପୁରସ୍କାର ପ୍ରଦାନ କରାଯାଇଛି। ସମାଜରେ ନିରପେକ୍ଷତା, ସାମାଜିକ ନ୍ୟାୟ ଏବଂ ମାନବ କଲ୍ୟାଣ ଦିଗରେ ବିଶେଷ ଯୋଗଦାନ ପାଇଁ ଏହା ଦିଆଯାଏ। କେବଳ ମନୋରଞ୍ଜନ ନୁହେଁ ରାଜନୀତି, ବ୍ୟବସାୟ ଓ ଶିକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିତ୍ୱଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ସେଥିରେ ଅଛନ୍ତି କ୍ରିକେଟର ଯୁବରାଜ ସିଂ, ଆଇନଜୀବୀ ପ୍ରମିଳା ନେସାରର୍ଗି ଓ ଫ୍ଲାଭିଆ ଏଜେନ୍ସ, ସମାଜସେବୀ ବେଜୱାଡା ୱିଲସନ୍ ଓ ଅର୍ଥନୀତିଜ୍ଞ ବିବେକ ଦେବରୟ, ସମାଜସେବୀ ଉମା ତୁଲି, ଦଳିତ ଅଧିକାର କର୍ମୀ ଲେନିନ୍ ରଘୁବଂଶୀ, ମନାବାଧିକାର କର୍ମୀ ପ୍ରବୀଣ ପାଟକର, ଗ୍ରୀନ ଡିଜାଇନର ଅନୀତା ଆହୁଜା, ସାମାଜିକ ଉଦ୍ୟୋଗୀ ଅତୁଲ ସତୀଜା। ଏହାର ଆୟୋଜନ କରିଥିଲା ଡେଲି ଇଣ୍ଡିଆ ମିଡିଆ।



# ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଘୋଷଣା

**No. RDM-LAA-MBJ-0060-2017/ 22435 R&DM, Dated 22.06.2018**

**No. XXI-54:-** ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା- ହାତୀବାରି, ଥାନା- କରଞ୍ଜିଆ ନଂ.୧୧୦, ତହସିଲ- କରଞ୍ଜିଆ, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଦେଓ ଜଳସେଚନ ପ୍ରକଳ୍ପର ହାତିବାରି ମାଇନର ଓ ଆର୍.ଏମ୍.ଡି.ର ସବ୍-ମାଇନର ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୨୪୬୯୦, ତା୨୬।୦୭।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ, ଏହା ଘୋଷଣା କରାଯାଉଅଛି ଯେ, ମୌଜା- ହାତୀବାରି, ଥାନା- କରଞ୍ଜିଆ ନଂ.-୧୧୦, ଜିଲ୍ଲା- ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ ଜିଲ୍ଲା ୱେବ୍‌ସାଇଟ୍ www.mayurbhanj.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନର୍ବସତି ଅଧିକାରୀ, କରଞ୍ଜିଆ, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ — ତହସିଲ- କରଞ୍ଜିଆ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ହାତୀବାରି | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୪୮.୬୭ | ଏ.୭.୮୪ | ଏଥିସହିତ ସଂଲଗ୍ନ |

**ତଫସିଲ-ଖ**

(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ — ତହସିଲ- କରଞ୍ଜିଆ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୩୧।୦୩।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ଅଭୟ କୁମାର ନାୟକ) ଯୁଗ୍ମ ଶାସନ ସଚିବ

## ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନଃବସତି ଅଧିକାରୀ, ଦେଓ ଜଳ ପ୍ରକଳ୍ପ, ମୟୂରଭଞ୍ଜ, କରଞ୍ଜିଆ

ମୌଜା- ହାତୀବାରି, ଥାନା ନଂ.- ୧୧୦

| କ୍ର. ନଂ. | ଖାତା ନମ୍ବର | ପ୍ଲଟ୍ ନଂ. | ମୋଟ ଏରିଆ | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ ଓ ଧାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧. | ୨୬ | ୫୨୫ | ୦.୨୫ | ୦.୦୧ | ଶାରଦଜଳ ଏକ | ଝାଡ଼େଶ୍ୱର ନାଏକ, ଅଗ୍ନି ନାଏକ, ପି- ଦ୍ୱାରୀ ନାଏକ, କବିଚନ୍ଦ୍ର ନାଏକ, ପି- କାବୁ ନାଏକ, ବୁଧୁ ନାଏକ, ପି- ବୃଷଭ ନାଏକ, ଜା- ବାଥୁଡ଼ି, ବା- ନିଜଗାଁ | |
| | | ୫୨୯ | ୦.୪୧ | ୦.୦୬ | ଶାରଦଜଳ ଏକ | | |
| ୨ | ୨୮ | ୬୩୪ | ୦.୭୪ | ୦.୧୧ | ଶାରଦ ଦୁଇ | ଟିପୁର କୋହ୍ଲ, ମଙ୍ଗର କୋହ୍ଲ, ପି- ଦଶାଏ କୋହ୍ଲ, ଲକ୍ଷ୍ମୀ କୋହ୍ଲ, ଜେମା କୋହ୍ଲ, ଡିମ୍ବେ କୋହ୍ଲ, ପି- ଶୁକୁର କୋହ୍ଲ, ପାଲ କୋହ୍ଲ, ଶୁକୁରମଣି କୋହ୍ଲ, ସ୍ୱା- ଶୁକୁର କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୩ | ୩୦ | ୫୩୦ | ୦.୪୫ | ୦.୧୪ | ଶାରଦ ଏକ ଜଳସେଚିତ | ବଡ଼ ଡିମ୍ବ କୋହ୍ଲ, ପି- ମଙ୍ଗରାଏ କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୪ | ୩୬ | ୭୬୧ | ୪.୯୮ | ୦.୭୮ | ଶାରଦ ଦୁଇ | ଦୁର୍ଗା ମାଝୀ, ପି- ରାମ ରାଏ ମାଝୀ, ସାଲଖାନ ମାଝୀ, ପି- ଦୁର୍ଗା ମାଝୀ, ସାନଦୁର୍ଗା ମାଝୀ, ପି- ପାରାଏ ମାଝୀ, ବଡ଼ସନ ମାଝୀ, ପି- ଦୁର୍ଗା ମାଝୀ, ଗୁଲିଆ ମାଝୀ, ରାମରାଏ ମାଝୀ, ଘାସିଆ ମାଝୀ, ବୀରସିଂ ମାଝୀ, ପି- ଛୋଟରାଏ ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| ୫ | ୩୭ | ୫୩୭ | ୦.୪୧ | ୦.୧୯ | ଶାରଦଦୁଇ/ ୫ ଜଳସେଚିତ | ଦୁର୍ଗା ମାଝୀ, ଗୁନା ମାଝୀ, ବାସୁ ମାଝୀ, ପି- ଫାଗୁ ମାଝୀ, ଜା- ମାଝୀ, ବା- ନିଜଗାଁ | |
| | | ୬୯୧ | ୦.୮୫ | ୦.୨୮ | ଶାରଦ ତିନି/୨ | | |
| | | ୬୯୮ | ୦.୧୧ | ୦.୦୭ | ଶାରଦ ଦୁଇ | | |
| ୬ | ୩୯ | ୬୪୬ | ୦.୧୨ | ୦.୦୬ | ଶାରଦ ଦୁଇ | ଦୁବରାଜ ନାଏକ, ଗୁରୁଚରଣ ସୟ, ପି- ବାଜୁ କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| | | ୬୪୯ | ୧.୮୫ | ୦.୦୬ | ଶାରଦ ତିନି | | |
| | | ୭୦୮ | ୦.୫୦ | ୦.୦୧ | ଆଶୁ | | |
| | | ୭୦୯ | ୦.୯୦ | ୦.୨୪ | ଶାରଦ ତିନି | | |
| | | ୭୧୦ | ୨.୪୦ | ୦.୧୫ | ଶାରଦ ଦୁଇ | | |
| ୭ | ୪୭ | ୬୬୫ | ୧.୯୬ | ୦.୧୧ | ଶାରଦ ଦୁଇ | ପାତ୍ର କୋହ୍ଲ, ଚାମ୍ପାଏ କୋହ୍ଲ, ପି- ପାଣ୍ଡା କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| | | ୭୭୩ | ୦.୫୯ | ୦.୧୬ | ଶାରଦ ଦୁଇ | | |
| | | ୭୭୫ | ୧.୯୩ | ୦.୧୩ | ଶାରଦ ତିନି | | |
| ୮ | ୪୪ | ୨୫୪ | ୦.୩୧ | ୦.୦୪ | ଶାରଦଜଳ ଏକ | ନାଲ ପଧୁରିଆ, ଅମିନ ପଧୁରିଆ, ନବିନା ପଧୁରିଆ, ପି- ଭ୍ରମର ପଧୁରିଆ, ଜା- ବାଥୁଡ଼ି, ବା- ନିଜଗାଁ | |
| ୯ | ୫୩ | ୫୩୧ | ୦.୪୮ | ୦.୨୦ | ଶାରଦ ଦୋଫସଲି ଏକ | ପୂର୍ଣ୍ଣଚନ୍ଦ୍ର ସୟ, ପି- ବିଜୁ ସୟ, ଦୁବରାଜ ସୟ, ଗୁରୁଚରଣ ସୟ, ପି- ବାଜୁ ସୟ, ଜା- କୋହ୍ଲ, ବା- ନିଜଗାଁ | ଦ. ପୂର୍ଣ୍ଣଚନ୍ଦ୍ର ସୟ |
| | | ୫୭୩ | ୧.୦୨ | ୦.୧୮ | ଶାରଦଦଳ ଏକ | | ଦ. ପୂର୍ଣ୍ଣଚନ୍ଦ୍ର ସୟ |
| | | ୬୪୫ | ୧.୧୧ | ୦.୧୫ | ଶାରଦ ଦୁଇ | | ଦ. ପୂର୍ଣ୍ଣଚନ୍ଦ୍ର ସୟ |
| | | ୭୬୩ | ୧.୭୪ | ୦.୪୨ | ଶାରଦ ତିନି | | ଦ. ଦୁବରାଜ ସୟ, ଗୁରୁଚରଣ ସୟ |
| ୧୦ | ୫୫ | ୬୮୭ | ୦.୩୧ | ୦.୦୩ | ଶାରଦ ଦୁଇ | ଫୁଲମାଲ ମାଝୀ, ପି- ଉଦୟ ମାଝୀ, ଖେଲା ମାଝୀ, ପି- ରାମ ମାଝୀ, ଜା- ମାଝୀ, ବା- ପୁରୁଣାପାଣି | |
| | | ୬୯୨ | ୦.୪୩ | ୦.୧୬ | ଶାରଦ ତିନି | | |
| | | ୬୯୩ | ୦.୫୧ | ୦.୧୪ | ଶାରଦ ତିନି | | |
| | | ୭୦୦ | ୦.୨୨ | ୦.୧୦ | ଶାରଦ ଦୁଇ | | |
| ୧୧ | ୫୮ | ୬୨୮ | ୧.୧୦ | ୦.୧୪ | ଶାରଦ ଦୁଇ | ବାଗୁନ କୋହ୍ଲ, ପି- ସାହୁ କୋହ୍ଲ, ଦାଶରଥି କୋହ୍ଲ, ଚନ୍ଦ୍ରମୋହନ କୋହ୍ଲ, ପି- ରାମାହ କୋହ୍ଲ, ମାନ୍ଧାହ କୋହ୍ଲ, ସ୍ୱା- ବାଗୁନ କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୧୨ | ୬୪ | ୫୩୮ | ୦.୯୧ | ୦.୦୫ | ଶାରଦଜଳ ଏକ | ବୁଢ଼ାନ ମାଝୀ, ନାରାନ ମାଝୀ, ପି- ଶାଲଖୁ ମାଝୀ, ମୁନି ମାଝୀ, ସାଗରା ମାଝୀ, ପି- ବୁଢ଼ାନ ମାଝୀ, ଜା- ମାଝୀ, ବା- ନିଜଗାଁ | |
| | | ୫୫୫ | ୨.୧୦ | ୦.୦୭ | ଶାରଦଜଳ ଦୁଇ | | |
| | | ୫୫୮ | ୦.୬୦ | ୦.୨୦ | ଘରବାରି | | |
| ୧୩ | ୬୭ | ୨୫୩ | ୦.୨୦ | ୦.୧୦ | ଶାରଦଜଳ ଏକ | ବୁଧୁ ମାଝୀ, ସୁନ୍ଦୁରା ମାଝୀ, ପି- ପାରୁ ମାଝୀ, ନିମାହା ମାଝୀ, ପି- କହ୍ନେଇ ମାଝୀ, ଜା- ମାଝୀ, ବା- ପୁରୁଣାପାଣି | |
| | | ୫୨୪ | ୦.୬୮ | ୦.୨୯ | ଶାରଦଜଳ ଏକ | | |
| | | ୫୩୨ | ୦.୮୨ | ୦.୧୮ | ଶାରଦଜଳ ଏକ | | |
| | | ୭୭୨ | ୧.୯୦ | ୦.୧୮ | ଶାରଦଦୁଇ | | |
| ୧୪ | ୬୮ | ୬୮୮ | ୦.୬୨ | ୦.୨୩ | ଶାରଦ ଦୁଇ | ବୁଧୁ ମାଝୀ, ଅର୍ଜୁନ ମାଝୀ, ଧନୁ ମାଝୀ, ଦାମୁ ମାଝୀ, ରାମୁ ମାଝୀ, ପି- ଶାଙ୍ଗାର ମାଝୀ, ସାନ ବୁଧୁ ମାଝୀ, ନାରସିଂହ ମାଝୀ, ପି- ଝୋଲ ମାଝୀ, ଜା- ମାଝୀ, ବା- ପୁରୁଣାପାଣି | |
| | | ୬୯୫ | ୦.୯୨ | ୦.୨୫ | ଶାରଦ ତିନି | | |
| | | ୭୦୩ | ୦.୭୦ | ୦.୦୧ | ଶାରଦ ତିନି | | |
| ୧୫ | ୬୯ | ୬୬୩ | ୦.୪୯ | ୦.୧୨ | ଶାରଦ ଦୁଇ | ବୁଧୁ ହୋ, ସୁରେନ୍ଦ୍ର ହୋ, ସୋମନାଥ ହୋ, ଗୋପୀନାଥ ହୋ, ପି- ମରା ହୋ, ଜା- କୋହ୍ଲ, ବା- ନିଜଗାଁ | |
| ୧୬ | ୭୨ | ୭୪୦ | ୧.୦୯ | ୦.୨୧ | ଶାରଦ ତିନି | ମଙ୍ଗଲ ତାମୁଡ଼ିଆ, ରାମଧନ ତାମୁଡ଼ିଆ, ମାଣିକରାମ ତାମୁଡ଼ିଆ, ପି- ଦୁର୍ଗା ତାମୁଡ଼ିଆ, ଭୀମ ଚରଣ ତାମୁଡ଼ିଆ, ଚନ୍ଦ୍ରମୋହନ ତାମୁଡ଼ିଆ, ଲିଟା ତାମୁଡ଼ିଆ, ରାସାଏ ତାମୁଡ଼ିଆ, ପି- ମଙ୍ଗଲ ସିଂ ତାମୁଡ଼ିଆ, ସାନଦୁର୍ଗା ତାମୁଡ଼ିଆ, ଗୋପି ତାମୁଡ଼ିଆ, ପି- ଅର୍ଜୁନ ତାମୁଡ଼ିଆ, ଜା- ତାମୁଡ଼ିଆ, ବା- ନିଜଗାଁ | |
| ୧୭ | ୭୯ | ୨୫୬ | ୦.୧୬ | ୦.୦୭ | ଶାରଦଜଳ ଦୁଇ | ରତ୍ନୀ ବିଶ୍ୱାଳ, ଯତ୍ନୀ ବିଶ୍ୱାଳ, ପି- ରାଣ ବିଶ୍ୱାଳ, ବିଦ୍ୟାଧର ସଖିଆଲ, ସିଧ ସଖିଆଲ, ଜା- ବାଥୁନି, ବା- ନିଜଗାଁ | |
| ୧୮ | ୮୦ | ୬୪୩ | ୦.୧୬ | ୦.୦୬ | ଶାରଦ ତିନି | ରାଇସିଂ କୋହ୍ଲ, ପି- ନାଣ୍ଡୁ କୋହ୍ଲ, ଦାସ କୋହ୍ଲ, ସମା କୋହ୍ଲ, ପି-ମରା କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୧୯ | ୮୩ | ୬୨୯ | ୧.୨୪ | ୦.୧୭ | ଶାରଦ ଦୁଇ | ରାନ୍ଧ କୋହ୍ଲ, ପି- ଡେଲଗା କୋହ୍ଲ, ମୋଚିରାମ କୋହ୍ଲ, ସେଲାଇ କୋହ୍ଲ, ପି- ରାଏ କୋହ୍ଲ, ରାଏସିଂ କୋହ୍ଲ, ପି- ଗାରଦି କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୨୦ | ୮୬ | ୭୩୬ | ୧.୬୬ | ୦.୧୦ | ଶାରଦ ଦୁଇ | ରାମାଏ କୋହ୍ଲ, ନାଠା କୋହ୍ଲ, ପି- ବୁଏଁ କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| | | ୭୭୪ | ୧.୩୨ | ୦.୦୬ | ଶାରଦ ଦୁଇ | | |
| ୨୧ | ୯୩ | ୬୪୪ | ୦.୩୪ | ୦.୦୧ | ଶାରଦ ଦୁଇ | ଖତ କୋହ୍ଲ, ପି- ରାମସାଏ କୋହ୍ଲ, ବିହଙ୍ଗ କୋହ୍ଲ, ପି- ରାଏ କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୨୨ | ୧୦୦ | ୬୯୦ | ୦.୪୯ | ୦.୧୭ | ଶାରଦ ତିନି | ଶିବନାଥ ମାଝୀ, ପି- ଘାସିରାମ ମାଝୀ, ଆରଶୁ ମାଜୀ, ପି- ଫୁରମାଲ ମାଝୀ, ଜା- ମାଝୀ, ବା- ନିଜଗାଁ | |
| | | ୬୯୪ | ୦.୭୦ | ୦.୨୩ | ଶାରଦ ତିନି | | |
| | | ୬୯୯ | ୦.୩୧ | ୦.୦୬ | ଶାରଦ ଦୁଇ | | |
| ୨୩ | ୧୦୩ | ୭୩୦ | ୧.୧୧ | ୦.୦୬ | ଶାରଦ ଦୁଇ | ଶୁକଦେବ କୋହ୍ଲ, ଫକିର ମୋହନ କୋହ୍ଲ, ଦୋକାନି କୋହ୍ଲ, ପି- ମାଣିକ କୋହ୍ଲ, ଫାଗୁ କୋହ୍ଲ, ସାରିକା କୋହ୍ଲ, ପି- ଡାକାନ କୋହ୍ଲ, ଚାମ୍ପାଏ କୋହ୍ଲ, ବ୍ରଜ କୋହ୍ଲ, ପି- ଦାଁଶାର କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| | | ୭୩୨ | ୦.୪୩ | ୦.୦୫ | ଶାରଦ ଦୁଇ | | |
| | | ୭୩୩ | ୧.୨୫ | ୦.୦୬ | ଶାରଦ ଦୁଇ | | |
| ୨୪ | ୧୧୦ | ୬୬୪ | ୦.୫୪ | ୦.୧୨ | ଶାରଦ ଦୁଇ | ହିନ୍ଦୁରାମ କୋହ୍ଲ, ରାମସାୟ କୋହ୍ଲ, ପି- ଶ୍ୟାମ କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୨୫ | ୧୧୦/୫ | ୬୩୩ | ୦.୮୫ | ୦.୧୨ | ଶାରଦ ଦୁଇ | ଲକ୍ଷ୍ମୀ କୋହ୍ଲ, ସ୍ୱା- ରାମଚନ୍ଦ୍ର କୋହ୍ଲ, ଜେମା କୋହ୍ଲ, ସ୍ୱା- ବେର୍ଗା କୋହ୍ଲ, ଦାଶରଥି କୋହ୍ଲ, ଶୁକୁରା କୋହ୍ଲ, ଦୁକାନ କୋହ୍ଲ, ପି- ମଙ୍ଗୁଲୁ କୋହ୍ଲ, ପାଲ କୋହ୍ଲ, ଶୁକ୍ରମଣି କୋହ୍ଲ, ସ୍ୱା- ଶୁକ୍ରା କୋହ୍ଲ, ଜା- କୋହ୍ଲ, ବା- ହାତୀବାରି | |
| ୨୬ | ୧୧୦/୮ | ୫୨୩ | ୦.୩୪ | ୦.୧୬ | ଶାରଦ ଜଳ ଏକ | କାନ୍ଦରା ହାଁସଦା, ପି- ଭୀମ ହାଁସଦା, ଜା- ସାନ୍ତାଳ, ବା- ନିଜଗାଁ | |
| ୨୭ | ୧୦୪ | ୬୩୨ | ୧.୦୧ | ୦.୧୫ | ଶାରଦ ଦୁଇ | ଶୁକ୍ରୁରୁଣୀ କୋହ୍ଲ, ପି- ରାଜେନ୍ଦ୍ର କୋହ୍ଲ, ଶୁକ୍ରୁରମଣି କୋହ୍ଲ, ସ୍ୱା- ବିଜୟ କୋହ୍ଲ, ଶାନ୍ତି କୋହ୍ଲ, ସୁରୁ କୋହ୍ଲ, ନାନକି କୋହ୍ଲ, ଜାଓଇଁ କୋହ୍ଲ, ଜେମା କୋହ୍ଲ, ପାଗଲା କୋହ୍ଲ, ପି- ବିଜୟ କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୨୮ | ୧୧୦/୨୧ | ୬୬୭/୧୦୦୨ | ୦.୧୨ | ୦.୦୧ | ଶାରଦ ତିନି | ମଥୁରା ମାଝୀ, ପି- ମୋହନା ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| ୨୯ | ୧୧୦/୨୦ | ୭୧୩ | ୦.୧୩ | ୦.୦୯ | ଆଶୁ | ବାଲି ମାଝୀ, ପି- ନିମାଇଁ ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| ୩୦ | ୧୧୦/୨୩ | ୬୬୭/୧୦୧୦ | ୦.୨୧ | ୦.୦୮ | ଶାରଦ ତିନି | ହୀରା ମାଝୀ, ପି- ନିମାଇଁ ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| | | ମୋଟ | ୪୮.୬୭ | ୭.୮୪ | | | |

24001/14/0243/1819

ଧରିତ୍ରୀ
DHARITRI
ଶୁକ୍ରବାର, ୩୧ ଅଗଷ୍ଟ, ୨୦୧୮



"ଅନ୍ୟର ମଙ୍ଗଳ ପାଇଁ ନିଜେ ଦୁଃଖ ସହିବାର ଇଚ୍ଛା,
ଏହାର ଅନ୍ୟକାମ ହେଉଛି ମହତ ପଣିଆ।
- ହର୍ବର୍ଟ ସ୍ପେନ୍ସର୍



# ଦନ୍ତା ଭୟରେ ଥରହର ବଡ଼ମାଳ ଅଞ୍ଚଳ

**ସ୍କୁଲ ଘର ଭାଙ୍ଗିଲା, ମଧ୍ୟାହ୍ନଭୋଜନ ଚାଉଳ ଖାଇଲା, ଫିଙ୍ଗିଲା**

- ଦେଢ଼ବର୍ଷ ହେଲା ଚଳାଇଛି ଉପଦ୍ରବ
- ନେଲାଣି ୬ ଜୀବନ
- ନାହିଁ ସୁରକ୍ଷା







**ରେଢ଼ାଖୋଲ,୩୦।୮(ଡି.ଏନ.ଏ.)** ମଣିଷ ଦେଖିଲେ ମାରି ଗୋଡ଼ାଉଛି। ଏପରି କି ଘରୁ ଟାଣି ନେଇ କଚାଡ଼ି ମାରୁଛି। ଘରେ ପଶି ଚାଉଳ ଖାଉଛି। ଧାନ କ୍ଷେତ ଉଜାଡୁଛି। ବାଡ଼ିବଗିଚାକୁ ଦଳି ଚକଟି ଛାର୍‌ଖାର୍ କରିଚାଲିଛି। ଦୀର୍ଘ ଦେଢ଼ବର୍ଷ ହେବ ରେଢ଼ାଖୋଲ ବନଖଣ୍ଡ ବଡ଼ମାଳ ରେଞ୍ଜ୍ ଅଞ୍ଚଳରେ ଦନ୍ତା ଏଭଳି କାଣ୍ଡ ଘଟାଇଚାଲିଛି। ବନ ବିଭାଗ କିନ୍ତୁ ନିରୁପାୟ ବସି ରହିଛି। ବାଣଫୋଟକା, ନିଆଁହୁଳା କିଛି କାଟୁ କରୁନାହିଁ। ଅଞ୍ଚଳ ଛାଡ଼ି ଯାଉନାହିଁ। ଘଉଡ଼ାଇଲେ, ଲେଉଟି ଆସି ପ୍ରତି ଆକ୍ରମଣ କରୁଛି। ୬ ଜଣଙ୍କ ଜୀବନ ନେଇସାରିଲାଣି ଦନ୍ତା। ଗୋଠଛଡ଼ା ହୋଇ ଖାଦ୍ୟ ଅନ୍ୱେଷଣରେ ଅଞ୍ଚଳସାରା ପଇଁତରା ମାରୁଥିବା ଏହି ଦନ୍ତାର ଜ୍ୱାଳା ସୀମା ଲଂଘିଛି। ବୁଧବାର ରାତିରେ ଭାଲିଆକଟା ପଞ୍ଚାୟତର କଉଡ଼ିଆପାଲି ପ୍ରାଥମିକ ସ୍କୁଲର କାନ୍ଥ ଭାଙ୍ଗି ୩ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ମଧ୍ୟାହ୍ନ ଭୋଜନ ଚାଉଳ ଖାଇ ବାହାରେ ଫିଙ୍ଗିଛି। କଉଡ଼ିଆପାଲି ଗ୍ରାମର ଗିରିଧାରି ସାହୁ ଓ ବଲବସପୁର ଗ୍ରାମର କୀର୍ତ୍ତନ ମିର୍ଦ୍ଧାଙ୍କ ଘରକୁ ମଧ ଭାଙ୍ଗିଛି। ଦନ୍ତାର ଏହି ଧ୍ୱଂସଲୀଳା ପରେ ୧୦ରୁ ଊର୍ଦ୍ଧ୍ୱ ଥିବା ହାତୀଙ୍କ ଏକ ପଲ ବଡ଼ମାଳ ଗ୍ରାମରେ ବ୍ୟାପକ ଧାନ ଫସଲ ନଷ୍ଟ କରିଥିବା ସୂଚନା ମିଳିଛି। ହାତୀପଲ ସଦ୍ୟ ବେଉଷଣ ଓ ରୁଆ ହୋଇଥିବା ଧାନ କିଆରିଗୁଡ଼ିକୁ ମାଡ଼ି ଦଳି ନଷ୍ଟ କରିଛନ୍ତି। ଗ୍ରାମର ରାମ ନାଏକ, ରଞ୍ଜିତ୍ ନାଏକ, ମୀନକେତନ ନାଏକ ଓ ସାନ ନାଏକଙ୍କ ପ୍ରାୟ ୧୦ ଏକରରୁ ଊର୍ଦ୍ଧ୍ୱ ପରିମିତ ଅଞ୍ଚଳରେ ହୋଇଥିବା ଧାନ ଫସଲ ନଷ୍ଟ ହୋଇଥିବା ଖବର ପ୍ରଚାରିତ ହେବାପରେ ବଡ଼ମାଳ ରେଞ୍ଜ୍ ଅଞ୍ଚଳ ଥରହର ହୋଇଉଠିଛି। ଚାଷୀମାନଙ୍କ ମଧ୍ୟରେ ଭାଳେଣି ପଡ଼ିଯାଇଛି। ଗୋଟିଏପଟେ ହିଂସ୍ର ଦନ୍ତା ଓ ଅନ୍ୟପଟେ ହାତୀପଲଙ୍କୁ ନେଇ କୋକୁଆଭୟ ଖେଳିଯାଇଛି। ସନ୍ଧ୍ୟା ନ ହେଉଣୁ ତାଟି କବାଟ ଦେଇ ଘର ଭିତରେ ଲୋକେ ରାତି ଉଜାଗର ରହୁଥିବା ଦେଖାଯାଇଛି। ଏଠାରେ ସୂଚନାଯୋଗ୍ୟ, ଗତ ଜୁଲାଇ ୨୨ ତାରିଖରେ ତୁଟାମୁଣ୍ଡା ଗ୍ରାମର ଶ୍ରୀପତି ମୁଣ୍ଡାଙ୍କୁ ଦନ୍ତା ଘରୁ ଟାଣିନେଇ କଚାଡି ମାରିଥିଲା। ୨୭ ତାରିଖରେ ସେହି ଗ୍ରାମର ପ୍ରଶାନ୍ତ ପ୍ରଧାନ, ବୈକୁଣ୍ଠ ମହାନନ୍ଦ ଓ ବିକ୍ରମ ମହାନନ୍ଦଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଥିଲା। ହାତୀ ଉପଦ୍ରବରୁ ସୁରକ୍ଷା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଡିଏଫଓ ସଂଗ୍ରାମ କେଶରୀ ବେହେରା ଓ ବଡ଼ମାଳ ରେଞ୍ଜ ଅଧିକାରୀ ରମେଶ ପ୍ରସାଦ କର୍ଣ୍ଣଙ୍କଠାରେ ବାରମ୍ବାର ଦାବି ଓ ଲିଖିତ ଅଭିଯୋଗ ହୋଇଆସୁଥିଲେ ମଧ କୌଣସି ଆଖିଦୃଶିଆ ପଦକ୍ଷେପ ଅଦ୍ୟାବଧି ଗ୍ରହଣ କରାଯାଇନଥିବା ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ସଂକ୍ଷେପରେ

### ସ୍କୁଟି ଧକ୍କାରେ ବୃଦ୍ଧ ମୃତ

**ବୁର୍ଲା,୩୦।୮(ଡି.ଏନ.ଏ.) :** ସ୍କୁଟି ଧକ୍କାରେ ଜଣେ ୮୫ ବର୍ଷୀୟ ବୃଦ୍ଧଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଆଇସିୟୁ ବେଡ୍ ନ ମିଳିବାରୁ ତାଙ୍କୁ ଏକ ଘରୋଇ ନର୍ସିଂ ହୋମରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ ବୃଦ୍ଧଜଣକ ହେଲେ ବୁର୍ଲା ମହତାବ ନଗରବାସୀ କାଦର ଖାନ୍ (୮୫)। ସେ ଶାସ୍ତ୍ରୀ ଛକରୁ ନିଜ ଘରକୁ ଆସୁଥିବା ବେଳେ ଅପରପକ୍ଷରୁ ଆସୁଥିବା ଓଡି ୧୫ ଏ-୭୮୩୦ ନମ୍ବର ସ୍କୁଟି ତାଙ୍କୁ ଧକ୍କା ଦେଇଥିଲା। ଏ ନେଇ ବୁର୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୩୩୨/୧୮) ରୁଜୁ ହୋଇଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଦିବ୍ୟାଂଶୀ ମହିଳା ମଣ୍ଡଳର ତିଜ ଉତ୍ସବ

**ସମ୍ବଲପୁର,୩୦।୮(ବ୍ୟୁରୋ):** ହୀରାକୁଦ ହିଣ୍ଡାଲ୍‌କୋ ଦିବ୍ୟାଂଶୀ ମହିଳା ମଣ୍ଡଳର ତିଜ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ରିଭର୍ସ ସାଇଟ୍ କଲୋନୀଠାରେ କାର୍ଯ୍ୟକ୍ରମ ହୋଇଥିଲା। ମନିକା ଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଦିବ୍ୟାଂଶୀ ମହିଳା ମଣ୍ଡଳ ସଭାନେତ୍ରୀ ଅର୍ଚ୍ଚନା ଗୁପ୍ତାଙ୍କ ପରିଚାଳନାରେ ତିଜ ଉତ୍ସବ ହୋଇଥିଲା। ଉପସଭାନେତ୍ରୀ ସୀମା ସିଂ, ମଞ୍ଜୁ ପୋଦ୍ଦାର, ଦୀପିକା ପାତ୍ରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅର୍ପିତା ସାହୁଙ୍କୁ ତିଜ ରାଣୀ ମୁକୁଟ ପ୍ରଦାନ କରାଯାଇଥିଲା। ସେହିପରି ଇପ୍‌ସିତା ଷଡ଼ଙ୍ଗୀ ପ୍ରଥମ ରନର୍ସଅପ୍ ଓ ବର୍ଣ୍ଣାଳୀ ମିଶ୍ର ଦ୍ୱିତୀୟ ରନର୍ସଅପ୍ ବିଜେତା ହୋଇଥିଲେ। ସୁନୀତା ପାଣ୍ଡେ, ମଧୁ ତିୱାରୀ, ମମତା ପାଣ୍ଡେ, କିରନ ସିଂ, ସଙ୍ଗୀତା ଆଚାର୍ଯ୍ୟ, ପୁଷ୍ପା ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ଅର୍ଚ୍ଚନା ଗୁପ୍ତା, ଦୀପା ସିଂ, ଲିଲି ନାୟକ, ଲିସା, ଅମ୍ରିତା, ବର୍ଷା ଓ ଇପ୍‌ସିତା ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ରଶ୍ମୀପ୍ରଭା ଧନ୍ୟବାଦ ଦେଇଥିଲେ।

### ଗ୍ୟାସ ବ୍ୟବହାରଜନିତ ସୁରକ୍ଷା ସଚେତନତା ଶିବିର

**ବୁର୍ଲା,୩୦।୮(ଡି.ଏନ.ଏ) :** ଆଇଡିସିଏଲ ଆନୁକୂଲ୍ୟରେ ତଥା ସମ୍ବଲପୁର ଧନକଉଡ଼ା ବ୍ଲକ ଗୋଶାଳା ରାଧାକୃଷ୍ଣ ଇଣ୍ଡିଆନ ଗ୍ୟାସ ଏଜେନ୍ସିର ସହଯୋଗରେ ବସନ୍ତପୁର ପଞ୍ଚାୟତ ରାଜୀବ ଭବନଠାରେ ଗୁରୁବାର ଅପରାହ୍ନ ସାଢ଼େ ୪ଟାରେ ପ୍ରଧାନମନ୍ତ୍ରୀ ଏଲପିଜି ଗ୍ୟାସ ଉପଭୋକ୍ତାଙ୍କୁ ନେଇ ଗ୍ୟାସ ବ୍ୟବହାରଜନିତ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଇଓସିଏଲ ଏସଡିପିଓ ସତ୍ୟନାରାୟଣ ନାୟକଙ୍କ ଅଧ୍ୟକ୍ଷତାରେ ଶିବିର ଆୟୋଜିତ ହୋଇଥିଲା। ବସନ୍ତପୁର ପଞ୍ଚାୟତ ସରପଞ୍ଚ ଉଦୟ ମିର୍ଦ୍ଧା, ସମିତି ସଭ୍ୟା ଅଞ୍ଜଳୀ ଛନ୍ଦ ଅତିଥି ଭାବେ ଯୋଗଦାନ କରିଥିଲେ। ୨ଶହରୁ ଊର୍ଦ୍ଧ୍ୱ ଉଜ୍ଜ୍ୱଳା ଗ୍ୟାସ ଉପଭୋକ୍ତା ଶିବିରରେ ଉପସ୍ଥିତ ଥିଲେ। ରାଧାକୃଷ୍ଣ ଏଜେନ୍ସିର ଦିଲୀପ ଅଗ୍ରୱାଲ ଶେଷରେ ଧନ୍ୟବାଦ ଦେଇଥିଲେ।

## ଫସଲ ବୀମାରୁ ବଞ୍ଚିତ ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତବାସୀଙ୍କ ରାସ୍ତାରୋକୋ

**ରେଢ଼ାଖୋଲ,୩୦।୮(ଡି.ଏନ.ଏ.)** ୨୦୧୭-୧୮ ଖରିଫ ଋତୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରୁ ବଞ୍ଚିତ ରେଢ଼ାଖୋଲ ଉପଖଣ୍ଡ ନାକଟିଦେଉଳ ବ୍ଲକ ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତର ଚାଷୀ ଓ କୃଷକ ସଙ୍ଗଠନ ପକ୍ଷରୁ ଗୁରୁବାର ରାସ୍ତାରୋକୋ କରାଯାଇଛି। ସକାଳ ୬ଟାରୁ ଭୀମଭୋଇ କଲେଜ ଛକଠାରେ ୫୫ ନଂ ଜାତୀୟ ରାଜପଥକୁ ଚାଷୀମାନେ ଅବରୋଧ କରିଥିଲେ। ପ୍ରାୟ ୨ଘଣ୍ଟା ଧରି ଏହା ଜାରି ରହିବା ପରେ ଉପଜିଲାପାଳ ବିଶିକେଶନ ଦେହୁରୀ, ତହସିଲଦାର ଆଲୋକ ପଟେଲ, ଏସଡିପିଓ ହାଡିବନ୍ଧୁ ସ୍ୱାଇଁ ସେଠାରେ ପହଞ୍ଚିଥିଲେ। ଚାଷୀଙ୍କ ସହ ଆଲୋଚନା କରିଥିଲେ। ସମ୍ବଲପୁର ଜିଲାପାଳ ସମର୍ଥ ବର୍ମାଙ୍କ ସହ ବିଚାରବିମର୍ଶ କରି ବୀମା ରାଶି ପ୍ରଦାନ ନେଇ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଥିଲେ। ଏହାପରେ ସାଢ଼େ ୮ଟା ସମୟରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।




୫୫ ନମ୍ବର ଜାତୀୟ ରାଜପଥରେ ଗିରିଶ୍ଚନ୍ଦ୍ରପୁର ଚାଷୀଙ୍କ ରାସ୍ତାରୋକୋ।

ସୂଚନାଯୋଗ୍ୟ, ଗତ ଖରିଫ ଋତୁରେ ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତକୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରୁ ବାଦ୍ ଦିଆଯାଇଛି। କୃଷି ଓ ରାଜସ୍ୱ ବିଭାଗ ପକ୍ଷରୁ ଏହି ପଞ୍ଚାୟତରେ ଶତକଡା ୪୬.୮୯ ପ୍ରତିଶତ ମରୁଡି ହୋଇଥିବା ରିପୋର୍ଟ ପ୍ରଦାନ କରାଯାଇଥଲା। ମାତ୍ର ବୀମା କମ୍ପାନୀ ଏହି ପଞ୍ଚାୟତକୁ ବୀମା ଭୁକ୍ତ କରିନାହିଁ। ୮ ତାରିଖରେ ପଞ୍ଚାୟତକୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାଭୁକ୍ତ ଜିଲାପାଳଙ୍କଠାରେ ଦାବି ହୋଇଥିଲା। ଏହାକୁ ୧୨ ଦିନ ଅତିକ୍ରାନ୍ତ ହୋଇଥିଲା। ପ୍ରଶାସନର ନୀରବତାକୁ ଦୃଷ୍ଟିରେ ରଖି ୩୦ ତାରିଖରେ ୫୫ ନଂ ଜାତୀୟ ରାଜପଥର ରେଢ଼ାଖୋଲ ଭୀମଭୋଇ କଲେଜଛକଠାରେ ସକାଳ ୬ରୁ ସନ୍ଧ୍ୟା ୬ଘଟିକା ୧୨ ଘଣ୍ଟା ଧରି ରାସ୍ତାରୋକୋ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏ ସଂକ୍ରାନ୍ତରେ ୨୧ତାରିଖରେ ଉପଜିଲାପାଳ ଓ ଏସଡିପିଓ, ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଥିଲା। ଗିରିଶ୍ଚନ୍ଦ୍ରପୁର କୃଷକ ସଂଘର ସଭାପତି ବିପିନ ବିହାରୀ ପ୍ରଧାନ, ଗଦାଧର ପ୍ରଧାନ, ସରୋଜ କୁମାର ବିଶି, ବସନ୍ତ ଧଳ, ମାର୍କଣ୍ଡ ଦେହୁରୀ, ମହେନ୍ଦ୍ର ବେହେରା, ଦେବରାଜ କାଲୋ, ସୁଜିତ ପ୍ରଧାନ, ଅରୁଣ କୁମାର, ବିରଞ୍ଚିନାରାୟଣ ପ୍ରଧାନ, ପଦ୍ମନ ଦେହୁରୀ, କମଳଲୋଚନ ସାହୁ, ଶରତ ସାହୁ, ବିଦ୍ୟାଧର ପ୍ରଧାନଙ୍କ ସମେତ ଶତାଧିକ ଚାଷି ଏହି ରାସ୍ତାରୋକୋରେ ସାମିଲ ଥିଲେ।

## ଘରେ ନିଆଁ ଲଗାଇବା ଅଭିଯୋଗରେ ବୃଦ୍ଧ ଗିରଫ

**ବୁର୍ଲା,୩୦।୮(ଡି.ଏନ.ଏ)** ସମ୍ବଲପୁର ଜିଲା ବୁର୍ଲା ଥାନା ଚିପିଲିମା ଫାଣ୍ଡି ଅନ୍ତର୍ଗତ କୃଷି ଓ ଉଦ୍ୟାନ ମହାବିଦ୍ୟାଳୟ ନିକଟ ତଥା ପିଡବ୍ଲୁଡି ରାସ୍ତାକଡ଼ସ୍ଥିତ ଏକ ପଡ଼ାରେ ରହୁଥିବା ଜଣେ ମହିଳାଙ୍କ ଅନୁପସ୍ଥିତିରେ ତାଙ୍କ ଘର ତାଲା ଭାଙ୍ଗି ଭିତରେ ନିଆଁ ଲଗାଇ ଦେଇଥିବା ଅଭିଯୋଗରେ ଚିପିଲିମା ପୋଲିସ ପଡ଼ୋଶୀ ବୃଦ୍ଧଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୋଲିସ ତଥ୍ୟ ମୁତାବକ ଚିପିଲିମା ଫାଣ୍ଡିସ୍ଥିତ ପଡ଼ାରେ ରହୁଥିବା ସୁବର୍ଣ୍ଣ ଲୁହା ମହିଳା ପନିପରିବା ବ୍ୟବସାୟ କରନ୍ତି। ୨୪ ତାରିଖ ରକ୍ଷାବନ୍ଧନରେ ସେ ବୌଦ୍ଧ ଜିଲା ମୁଣ୍ଡିପଦରରେ ରହୁଥିବା ତାଙ୍କ ମା'ଙ୍କ ଘରକୁ ଯାଇଥିଲେ । ୨୬ ତାରିଖ ବିଳମ୍ବିତ ରାତିରେ କେହି ଜଣେ ଦୁର୍ବୃତ୍ତ ତାଙ୍କ ଘର ଭିତରେ ନିଆଁ ଲଗାଇ ଦେଇଥିଲେ। ଏଥିରେ ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ି ଯାଇଥିଲା। ଖବର ପାଇ ୨୭ରେ ସୁବର୍ଣ୍ଣ ଘରକୁ ଫେରିଆସି ଚିପିଲିମା ଫାଣ୍ଡିରେ ଅଭିଯୋଗ କରିଥିଲେ। ଏ ନେଇ ବୁର୍ଲା ଥାନାରେ ଏକ ମାମଲା (ନଂ. ୩୨୬/୧୮) ରୁଜୁ ହୋଇଥିଲା। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ପଡୋଶୀ ସନ୍ତୋଷ ସିନ୍ଧ୍ରିଆ (୬୦) ଏହି କାଣ୍ଡ ଘଟାଇଥିବା ଅଭିଯୋଗ କ୍ରମେ ପୋଲିସ ତାଙ୍କୁ ଗିରଫ କରିଥିଲା। ୪୫୦, ୪୫୭, ୪୩୬ରେ ଗିରଫ କରି କୋର୍ଟ ଚାଲାଣ କରିଛି । ପ୍ରକାଶ ଥାଉ କି, ଗତ ବର୍ଷ ସୁବର୍ଣ୍ଣଙ୍କୁ ଦୁର୍ବ୍ୟବହାର ଘଟଣାରେ ସନ୍ତୋଷଙ୍କ ପୁଅ ପ୍ରକାଶ ନାମରେ ଏକ ମାମଲା (ନଂ. ୪୩୬/୧୭) ରୁଜୁ ହୋଇଥିଲା। ପୋଲିସ ପ୍ରକାଶଙ୍କ ସମେତ ତାଙ୍କ ୨ ସହଯୋଗୀଙ୍କୁ ଗିରଫ କରିଥିଲା। ଏଥିରେ ପ୍ରତିଶୋଧ ପରାୟଣ ହୋଇ ସନ୍ତୋଷ ଏହି ଘଟଣା ଘଟାଇଥିବା ଜଣାପଡିଛି ।

## ଇନସୁରାନ୍ସ ଟଙ୍କାରୁ ଋଣ ପରିଶୋଧ ଅଭିଯୋଗ

### - ଉପଜିଲାପାଳଙ୍କୁ ଫେରାଦ

**ବାମରା,୩୦।୮(ସ୍ୱ.ପ୍ର.)** ବାମରା ବ୍ଲକ ଜରାବଗା ପଞ୍ଚାୟତକୁ ଗତବର୍ଷ ମରୁଡ଼ି ଅଞ୍ଚଳ ଘୋଷଣା କରାଯାଇଥିଲା। ଫଳରେ କ୍ଷତିଗ୍ରସ୍ତ ଚାଷୀ ପ୍ରଧାନମନ୍ତ୍ରୀ ଫସଲ ବୀମାଭୁକ୍ତ ହୋଇଥିଲେ। ତେବେ ବ୍ୟାଙ୍କ କର୍ତ୍ତୃପକ୍ଷ ଚାଷୀଙ୍କ ବୀମା ଟଙ୍କା ସେମାନଙ୍କ ଜମାଖାତା ବଦଳରେ ଋଣ ଖାତାରେ ପକାଇ ଋଣ ପରିଶୋଧ କରିଥିବା କୁଚିଣ୍ଡା ଉପଜିଲାପାଳଙ୍କଠାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ୨୦୧୬-୧୭ ଖରିଫ ଋତୁରେ ଜରାବଗା ପଞ୍ଚାୟତବାସୀ ପ୍ରଧାନମନ୍ତ୍ରୀ ଫସଲ ବୀମା କରିଥିଲେ। ଉକ୍ତ ପଞ୍ଚାୟତକୁ ମରୁଡ଼ି ଅଞ୍ଚଳ ଘୋଷଣା କରାଯିବା ପରେ କ୍ଷତିଗ୍ରସ୍ତ ବୀମାଭୁକ୍ତ ଚାଷୀଙ୍କୁ ବୀମା ଅର୍ଥ ପ୍ରଦାନ କରାଯାଇଥିଲା। ହେଲେ ବିଲୁଙ୍ଗ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ଉକ୍ତ ବୀମା ଟଙ୍କା ଚାଷୀଙ୍କ ସଞ୍ଚୟ ଖାତାରେ ଜମା ନ କରି ଋଣ ଖାତାରେ ପକେଇ ପରିଶୋଧ କରିଛନ୍ତି। ଶାଖା ପରିଚାଳକଙ୍କ ଏଭଳି କାରନାମା ଯୋଗୁ ଋଣରେ ନିୟମିତ ଥିବା ଚାଷୀମାନେ ବୀମା ଟଙ୍କାରୁ ବଞ୍ଚିତ ହୋଇ ସମସ୍ୟା ଭୋଗୁଛନ୍ତି। ଶୀଘ୍ର ଏହାର ସମାଧାନ କରି ବୀମା ଟଙ୍କା ସଞ୍ଚୟ ଖାତାରେ ଜମା କରା ନ ଗଲେ ଆଗାମୀ ଦିନରେ ବ୍ୟାଙ୍କରେ ତାଲା ପକାଇବୁ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି ।

## ପ୍ରତିଶ୍ରୁତି ରଖିଲେ ଜିଲାପାଳ...

### ଗ୍ରାମକୁ ଗଲେ, କାର୍ଯ୍ୟାରମ୍ଭ ନିର୍ଦ୍ଦେଶ ଦେଲେ

**ସମ୍ବଲପୁର,୩୦।୮(ବ୍ୟୁରୋ)** ସମ୍ବଲପୁର ଜିଲାପାଳ ସମର୍ଥ ବର୍ମା ଘେନୁପାଲି ପଞ୍ଚାୟତର ସେଭେଲଟିକ୍ରା, ପାନୁପାଲି ଓ ଘେନୁପାଲି ମହିଳାମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିଛନ୍ତି। ଗୁରୁବାର ଅପରାହ୍ନରେ ଗାଁକୁ ପରିଦର୍ଶନରେ ଯାଇ ପ୍ରତି ପଡ଼ା ବୁଲି ସମସ୍ୟା ଉପରେ ଆଲୋଚନା କରିଥିଲେ । ଗ୍ରାମର ରାସ୍ତାଗୁଡିକ ଅତ୍ୟନ୍ତ ଖରାପ ଥିବା ଦେଖିବାକୁ ପାଇଥିଲେ । ଅକ୍ଟୋବର ମାସରୁ ରାସ୍ତାର ସ୍ଥାୟୀ କାମ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ରେଢାଖୋଲ ବିଧାୟକ ରୋହିତ ପୂଜାରୀ ମଧ୍ୟ ଜିଲାପାଳଙ୍କ ଏହି ଗସ୍ତ କାର୍ଯ୍ୟକ୍ରମରେ ସାମିଲ ଥିଲେ। ପଡ଼ାରେ ଜିଲାପାଳ ବର୍ମା, ବିଧାୟକ ପୂଜାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନା ଥାଉ କି, ମଙ୍ଗଳବାର ଗ୍ରାମର ଶତାଧିକ ମହିଳା ଜିଲାପାଳଙ୍କୁ ଭେଟି ରାସ୍ତାଘାଟର ସମସ୍ୟା ବିଷୟରେ ଜଣାଇଥିଲେ। ଅପରାହ୍ନରେ ଜିଲାପାଳଙ୍କ ଅଫିସ ସମ୍ମୁଖ ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ। ଜିଲାପାଳ ବର୍ମା ସେତେବେଳେ ରାସ୍ତା ଅବସ୍ଥା ବୁଲି ଦେଖିବା ପରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଅଯୋଧ୍ୟା ସରୋବରରେ ତିଳତୋୟାଞ୍ଜଳି



ଗୁରୁବାର ପୂର୍ବାହ୍ନରେ ମହାନଦୀ ଅଯୋଧ୍ୟା ସରୋବର ଘାଟଠାରେ ଆୟୋଜିତ ତିଳତୋୟାଞ୍ଜଳି କାର୍ଯ୍ୟକ୍ରମ ।

**ସମ୍ବଲପୁର, ୩୦।୮(ବ୍ୟୁରୋ)** ଅଟଳ ବିହାରୀ ବାଜପେୟୀ ସ୍ମୃତି କମିଟି ପକ୍ଷରୁ ଗୁରୁବାର ପୂର୍ବାହ୍ନରେ ମହାନଦୀ ଅଯୋଧ୍ୟା ସରୋବର ଘାଟଠାରେ ତିଳତୋୟାଞ୍ଜଳି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି । ସମ୍ବଲପୁର ଶ୍ରୀ ବ୍ରହ୍ମମଣ୍ଡପ ପଣ୍ଡିତ ମହାସଭା ସଭାପତି ଅମର ନାଥ ମିଶ୍ରଙ୍କ ମନ୍ତ୍ରୋଚାରଣରେ ତିଳ ତର୍ପଣ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ଜୟ ନାରାୟଣ ମିଶ୍ର, ପୂର୍ବତନ ଏସଡିଏ ଅଧ୍ୟକ୍ଷ ଜୟବ୍ରତ ଦେ, ଜିଲା ବ୍ରାହ୍ମଣ ସମାଜ ସାଧାରଣ ସମ୍ପାଦକ ଶଶୀଭୂଷଣ ତ୍ରିପାଠୀ, ସମ୍ବଲପୁର ବିଚାର ମଞ୍ଚ ଆବାହକ ଦେବାଶୀଷ ପୁରୋହିତ, ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭ୍ୟ ସଚିବ ରଘୁନାଥ ମିଶ୍ର, ଭାଜପା ନାରୀନେତ୍ରୀ ରୁନୁ ପ୍ରଧାନ ପ୍ରମୁଖ ମହାନଦୀରେ ତିଳତର୍ପଣ କରିଥିଲେ। ପଣ୍ଡିତ ମହାସଭା ସାଧାରଣ ସମ୍ପାଦକ ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ପଣ୍ଡିତ ଗୋପୀନାଥ ପଣ୍ଡା, ସୁଶୀଳ ତ୍ରିପାଠୀ, ଉତ୍ତମ ରଥ, ପ୍ରଦୀପ କୁମାର ମିଶ୍ର ପୂଜାର୍ଚ୍ଚନା କରିଥିଲେ। ମଧ୍ୟାହ୍ନରେ ରେଲୱେ କମ୍ୟୁନିଟି ସେଣ୍ଟରଠାରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଦଳ, ବର୍ଣ୍ଣ, ଜାତି ନିର୍ବିଶେଷରେ ସମ୍ବଲପୁର, ବୁର୍ଲା, ହୀରାକୁଦ, କୁଚିଣ୍ଡା, ରେଢାଖୋଲ, ରେଙ୍ଗାଲି, ମାନେଶ୍ୱର, ବାମରା, ଜମନକିରା, ଧନକଉଡା ଆଦି ଅଞ୍ଚଳରୁ ଜନସାଧାରଣ ସାମିଲ ହୋଇଥିଲେ।

## ବ୍ଲକ ବିଜେଡି ମହିଳା ମୋର୍ଚ୍ଚା ସଭାପତିଙ୍କୁ ସମ୍ବର୍ଦ୍ଧନା

**ବାମରା,୩୦।୮(ସ୍ୱ.ପ୍ର.)** ସମ୍ବଲପୁର ଜିଲା ବାମରା ବ୍ଲକ୍ ବିଜେଡି ମହିଳା ମୋର୍ଚ୍ଚାର ନବନିଯୁକ୍ତ ସଭାପତିଙ୍କୁ ବାମରା ବିଜେଡି କାର୍ଯ୍ୟାଳୟରେ ଏକ ସଭାରେ ସମ୍ବର୍ଦ୍ଧିତ କରାଯାଇଛି । ବ୍ଲକ ବିଜେଡି ମହିଳା ମୋର୍ଚ୍ଚା ସଭାନେତ୍ରୀ ଭାବେ ଲରିଆପାଲିର ଜୟନ୍ତୀ ନାୟକ ନବ ନିଯୁକ୍ତ ହୋଇଛନ୍ତି। ବାମରାସ୍ଥିତ ଦଳୀୟ କାର୍ଯ୍ୟାଳୟରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ, କରୁଣାକର କିସାନ, ଶ୍ୟାମ ସୁନ୍ଦର ମୁଣ୍ଡା, ଜଗତ ଜୀବନ ପଟେଲ, ପ୍ରମୋଦ ନାୟକ, ସୁରେଶ ବିସଞ୍ଚୀ ଓ ରାମୁ ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ। କ୍ୟାପଟନ୍ ଶଶୀଭୂଷଣ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଦଳରେ ମହିଳାମାନଙ୍କୁ ସମ୍ମାନ ଦେବା ସହ ସଙ୍ଗଠନକୁ ଅଧିକ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରିବେ ବୋଲି ସଭାପତି ନାଏକ କହିଥିଲେ।

## ଅଇଁଠାପାଲି ବସଷ୍ଟପ ଅଞ୍ଚଳରେ ସଫେଇ

**ସମ୍ବଲପୁର,୩୦।୮(ବ୍ୟୁରୋ)** ସମ୍ବଲପୁର ମହାନଗର ନିଗମ ଓ ଏଚ୍‌ପିସିଏଲ ମିଳିତ ଆନୁକୂଲ୍ୟରେ ସଫେଇ କାଯର୍ୟ୍ୟକ୍ରମ ଗୁରୁତର ସକାଳ ୮ଟାରେ ଅନୁଷ୍ଠିତ ହୋଇଯାଇଛି। ଅଇଁଠାପାଲି ବସଷ୍ଟପ ଅଞ୍ଚଳରେ ଅନାବନା ଘାସ, ଗଦା ହୋଇଥିବା ମାଟି, ପ୍ଲାଷ୍ଟିକ ସଫା କରାଯାଇଥିଲା। ମହାନଗର ନିଗମ କମିଶନର ବିମଳେନ୍ଦୁ ରାୟ, ଡେପୁଟି କମିଶନର ସୁଧାଂଶୁ ଭୋଇ, ଏଚପିସିଏଲ ଡିଜିଏମ ଅମୂଲ୍ୟ କୁମାର ଦାସ, ମ୍ୟାନେଜର ସତୀଶ କୁଜୁର, ଶିବ ଶଙ୍କର ଚାଟାର୍ଜୀ, ମନୋହର ଟିବ୍ରିୱାଲ ସାମିଲ ଥିଲେ। ନାରାୟଣ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ପୂର୍ବରୁ ସମସ୍ତେ ସଚେତନ ରାଲିରେ ଅଞ୍ଚଳ ପରିକ୍ରମା କରିଥିଲେ।

## ହୀରାକୁଦ ଡ୍ୟାମ ଜଳସ୍ତର ୬୨୨.୭୧ ଫୁଟ

- ୧୦ ଗେଟ ବନ୍ଦ କରାଗଲା
- ୧୫ ଗେଟରୁ ଜଳ ନିଷ୍କାସନ

**ସମ୍ବଲପୁର, ୩୦।୮ (ବ୍ୟୁରୋ)** ହୀରାକୁଦ ଡ୍ୟାମକୁ ପ୍ରତି ସେକେଣ୍ଡରେ ୩ଲକ୍ଷ ୪୦ ହଜାର ୬୮୯ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ଏଣୁ ହୀରାକୁଦ ଡ୍ୟାମର ଜଳସ୍ତର ଗୁରୁବାର ରାତି ୧୦ଟା ସୁଦ୍ଧା ୬୨୨.୭୧ଫୁଟ ରହିଛି। ଉପରମୁଣ୍ଡରେ ୦୧.୮୩ ଓ ତଳମୁଣ୍ଡରେ ୦୦.୭୦ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଗୁରୁବାର ୧୦ ଗେଟ୍ ବନ୍ଦ କରାଯାଇଛି। ଡ୍ୟାମ ବାମ ପାର୍ଶ୍ୱର ୧୦ ଓ ଡାହାଣ ପାର୍ଶ୍ୱର ୫ ସ୍ଲୁଇସ୍ ଗେଟ ଦେଇ ଜଳ ନିଷ୍କାସନ କରାଯାଉଛି। ଜଳ ଭଣ୍ଡାରରୁ ପ୍ରତି ସେକେଣ୍ଡରେ ୧୫ ସ୍ଲୁଇସ ଗେଟ୍ ସହ ବରଗଡ, ଶାସନ, ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରୀ, ପାୱାର ଚ୍ୟାନେଲ୍ ୨,୫୧,୭୬୪ କ୍ୟୁସେକ୍ ଜଳ ନିଷ୍କାସନ କରାଯାଉଛି। ଗତ ୨୪ ଘଣ୍ଟା ମଧ୍ୟରେ ସମ୍ବଲପୁର ଜିଲାରେ ୧.୦ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଯୁଯୁମୁରାରେ ୧.୦ ମି.ମି. ବର୍ଷା ହୋଇଥିବାବେଳେ କୁଚିଣ୍ଡା, ବାମରା , ରେଢ଼ାଖୋଲ , ରେଙ୍ଗାଲି , ଯୁଯୁମୁରା , ମାନେଶ୍ୱର , ନାକଟିଦେଉଳ, ଧନକଉଡା, ଜମନକିରା ଅଞ୍ଚଳରେ ବର୍ଷା ହୋଇନଥିବା ରେକର୍ଡ ହୋଇଛି । ସୂଚନାଯୋଗ୍ୟ ଯେ, ଖଇରମାଲରେ ୫ ଲକ୍ଷ ୫୧ ହଜାର, ବାରମୂଲରେ ୫ଲକ୍ଷ ୨୫ହଜାର ଓ ମୁଣ୍ଡଳିରେ ୬,୪୩, ୩୯୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବୁର୍ଲାସ୍ଥିତ ମୁଖ୍ୟ କଣ୍ଟ୍ରୋଲ ରୁମ ପକ୍ଷରୁ ସୂଚିତ କରାଯାଇଛି।

### ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଦାବି

## ଦ୍ୱିତୀୟ ଦିନରେ ନାଗରିକ ମଞ୍ଚର ଆନ୍ଦୋଳନ

**ରେଢ଼ାଖୋଲ,୩୦।୮(ଡି.ଏନ.ଏ.)** ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଦାବିରେ ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରୀୟାନୁଷ୍ଠାନ କମିଟିର ନିଷ୍ପତ୍ତି କ୍ରମେ ପ୍ରତି ମାସର ଶେଷ ୩ ଦିନ କାର୍ଯ୍ୟଦିବସକୁ ଆନ୍ଦୋଳନ କରାଯାଇ ବନ୍ଦ କରାଯାଉଛି। ଓକିଲଙ୍କ ଏହି ଆନ୍ଦୋଳନକୁ ନାଗରିକ ମଞ୍ଚ ସମର୍ଥନ କରି କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଛନ୍ତି। ଏହି କ୍ରମରେ ରେଢ଼ାଖୋଲ ନାଗରିକ ମଞ୍ଚ ପକ୍ଷରୁ ଚାଲିଥିବା ୩ଦିନିଆ ଆନ୍ଦୋଳନ ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ମଞ୍ଚର କର୍ମକର୍ତ୍ତାମାନେ ପୂର୍ବାହ୍ନ ୧୦ଟା ବେଳେ ରେଢ଼ାଖୋଲ ସିଭିଲ କୋର୍ଟ ସମ୍ମୁଖରେ ଧାରଣା ଦେବା ସହ ପିକେଟିଂ କରିଥିଲେ। ଫଳରେ ସବ୍ ଜଜ୍ ବାସୁଦେବ ଆଚାର୍ଯ୍ୟ, ଏସଡିଜେଏମ ଅପୁର୍ବା ଚୌଧୁରୀ ଓ କୋର୍ଟର କର୍ମଚାରୀମାନେ କୋର୍ଟ ଭିତରକୁ ଯାଇ ଭିତରକୁ ଯାଇପାରିନଥିଲେ। ବରିଷ୍ଠ ନାଗରିକ ସମିତିର ବିବେକା ନନ୍ଦ ମହାକୁଡ, ଭାସ୍କର ପ୍ରଧାନ, ଲଳିତ ବାହାଦୁର ସିଂ, ନରେଶ ଦାସ, ସନ୍ତୋଷ କୁମାର ମହାକୁଡ, ଧନୁର୍ଜୟ ପ୍ରଧାନ, ଲୋକନାଥ ଅମାତ, ଅନାଦୀ ଚରଣ ସାହୁ, ଶ୍ରୀବନ୍ତ ପୁରୋହିତ, ଜିଲାପରିଷଦ ସଭ୍ୟ ପ୍ରଦୀପ କୁମାର ପ୍ରଧାନ, ଏନଏସି ଉପାଧକ୍ଷ ସୁନିଲ କୁମାର ପ୍ରଧାନ, ଶ୍ରମିକ ନେତା ଅନାଦୀ ସାହୁ, ସାମ୍ବାଦିକ ସଂଘ ସଭାପତି ଗୋବର୍ଦ୍ଧନ ବଘାର, ସନ୍ନ୍ୟାସୀ ନାଏକ, ସନାତନ ଖିଲାରୀ, ଝସକେତନ ପ୍ରଧାନ, ପଞ୍ଚାନନ ପୁରୋହିତ, ପୁରୁଷୋତ୍ତମ ଅଗ୍ରୱାଲ, ସୁରେନ୍ଦ୍ର ବିଶ୍ୱାଳଙ୍କ ସମେତ ବହୁ ସଙ୍ଗଠନର କର୍ମକର୍ତ୍ତା ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।




ସିଭିଲ୍ କୋର୍ଟ କାର୍ଯ୍ୟାଳୟ ପରିସରରେ ନାଗରିକ ମଞ୍ଚ କର୍ମକର୍ତ୍ତାଙ୍କ ଧାରଣା ଓ ପିକେଟିଂ।



❝ ଏସିଆନ ଗେମ୍ସ ପଦକ ବିଜେତାଙ୍କ ଲାଗି ଅନ୍ୟ ସରକାର ପୁରସ୍କାର ଘୋଷଣା କରିସାରିଥିବାବେଳେ ପଞ୍ଜାବ ସରକାରଙ୍କ ନୀରବତା ମୋତେ ବିସ୍ମିତ କରିଛି।
–ତେଜିନ୍ଦର ପାଲ୍ ସିଂ ତୁର୍, ଏସିଆନ ଗେମ୍ସ ଶଟ୍‌ପୁଟ ସ୍ୱର୍ଣ୍ଣ ବିଜେତା



❝ ସିନ୍ଧୁ ଓ ସାଇନା ଚାଇନିଜ୍ ତାଇପେ ଖେଳାଳି ତାଇ ଜୁ ୟିଙ୍ଗ୍‌ଙ୍କୁ କାହିଁ ସାମ୍ନା କରିପାରୁ ନାହାନ୍ତି, ତାହାର ସୂତ୍ର ବାହାର କରିବାକୁ ପଡ଼ିବ।
–ପୁଲେଲା ଗୋପୀଚାନ୍ଦ, ବ୍ୟାଡ୍‌ମିଣ୍ଟନ ମୁଖ୍ୟ କୋଚ୍

## ସଂକ୍ଷେପରେ

### ଶାର୍ଟ ବଦଳକୁ ନେଇ ବିବାଦ

ନ୍ୟୁୟର୍କ, ୩୦।୮- ଚଳିତ ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ୟୁଏସ୍ ଓପନ୍‌ରେ ଫ୍ରାନ୍ସ ମହିଳା ଟେନିସ ଖେଳାଳି ଆଲାଇଜ୍ କର୍ନେଟ୍ ମ୍ୟାଚ୍ ମଝିରେ କୋର୍ଟରେ ଶାର୍ଟ ବଦଳେଇଥିଲେ। ଏହାକୁ ନେଇ ଏକ ବିବାଦୀୟ ପରିସ୍ଥିତି ଦେଖିବାକୁ ମିଳିଥିଲା। ମହିଳା ସିଙ୍ଗଲ୍ସରେ ଆଲାଇଜ ଓ ସ୍ୱିଡେନର ଜୋହାନ ଲାର୍ସନଙ୍କ ମଧ୍ୟରେ ବୁଧବାର ପ୍ରଥମ ରାଉଣ୍ଡ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ସେଟ୍ ପରେ ୧୦ ମିନିଟ୍ ବ୍ରେକ ପାଇ କର୍ନେଟ୍ ୩ୟ ସେଟ୍ ଖେଳିବା ପାଇଁ କୋର୍ଟକୁ ପ୍ରତ୍ୟାବର୍ତ୍ତନ କରିଥିଲେ। କିନ୍ତୁ ବ୍ରେକ୍ ସମୟରେ ସେ ଶାର୍ଟକୁ ଓଲଟା ପିନ୍ଧି ଦେଇଥିଲେ। ଏହାପରେ ୩ୟ ସେଟ୍‌ର ଆରମ୍ଭ ହେବାର କିଛି ସମୟ ପରେ କର୍ନେଟ୍ ଶାର୍ଟ ଓଲଟା ପିନ୍ଧିଥିବା ଜାଣିବାକୁ ପାଇଥିଲେ। ତେଣୁ ଏହାକୁ ସଜାଡ଼ିବା ପାଇଁ ସେ କୋର୍ଟ ଉପରେ ଶାର୍ଟ ବଦଳାଇ ଥିଲେ। ତେବେ ଏହି ଘଟଣାର ସଙ୍ଗେ ସଙ୍ଗେ ଅମ୍ପାୟର କର୍ନେଟ୍‌ଙ୍କୁ କୋଡ୍ ଉଲ୍ଲଂଘନ କରିଥିବା ନେଇ ତାଗିଦ୍ କରିଥିଲେ। ଅମ୍ପାୟରଙ୍କ ନିଷ୍ପତ୍ତି ନେଇ କର୍ନେଟ୍ ଆଶ୍ଚର୍ଯ୍ୟ ହୋଇଥିବାବେଳେ ସୋସିଆଲ ମିଡିଆରେ ମଧ୍ୟ ବିତର୍କ ସୃଷ୍ଟି ହୋଇଥିଲା।

### ଆନ୍ତଃ ସ୍କୁଲ ଫୁଟବଲ କ୍ୱାର୍ଟର ଫାଇନାଲରେ ବିଜେବି

ଭୁବନେଶ୍ୱର, ୩୦।୮ (କ୍ରୀଡ଼ା ପ୍ରତିନିଧି)- ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ବିଜେବି ଇଂଲିଶ୍ ମିଡିୟମ ସ୍କୁଲ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ମ୍ୟାଚରେ ବିଜେବି ୨-୦ ଗୋଲରେ କ୍ୟାପିଟାଲ ସ୍କୁଲକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ଋତୁରାଜ ମିଶ୍ର ଏବଂ ସୌମେଶ ମହାନ୍ତି ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପଦ୍ମନାଭ ବେହେରା ଅତିଥିଭାବେ ଯୋଗଦେଇ ଋତୁରାଜଙ୍କୁ ପୁରସ୍କୃତ କରିଥିଲେ। ସାଇ ଇଣ୍ଟରନ୍ୟାଶନାଲ ଓ ଜାଭିୟର କେଦାରଗୌରୀ ମ୍ୟାଚ ଗୋଲଶୂନ୍ୟଭାବେ ଶେଷ ହୋଇଥିଲା। କ୍ୟାପିଟାଲ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୋନାମିକା ରାୟ ଅତିଥିଭାବେ ଯୋଗଦେଇ ସାଇ ଇଣ୍ଟରନ୍ୟାଶନାଲର ସାଗର ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଶୁକ୍ରବାର ୟୁନିଟ-୨ ହାଇସ୍କୁଲ ଓ ରାମକୃଷ୍ଣ ହାଇସ୍କୁଲ ଏବଂ କିସ୍ ସ୍କୁଲ ଓ କେନ୍ଦ୍ରୀୟ ବିଦ୍ୟାଳୟ-୨ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

# ଇଂଲଣ୍ଡ ୨୪୬ରେ ସୀମିତ

**ସାଉଥାମ୍ପଟନ, ୩୦।୮ (ପି.ଟି.)**

ସ୍ଥାନୀୟ ରୋଜ ବାଓଲଠାରେ ଗୁରୁବାରଠାରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଚତୁର୍ଥ କ୍ରିକେଟ ଟେଷ୍ଟ ଆରମ୍ଭ ହୋଇଛି। ଏଥିରେ ଘରୋଇ ଦଳ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ୍ୟ ୭ମ ଉଇକେଟରେ ଅଲରାଉଣ୍ଡର ମୋଇନ ଅଲି (୪୦)

**ଚତୁର୍ଥ ଟେଷ୍ଟ**

ଓ ସାମ କୁରାନ (୭୮)ଙ୍କ ଗୁରୁତ୍ୱପୂର୍ଣ୍ଣ ୮୧ ରନର ଭାଗୀଦାରି ଯୋଗୁ ଏକ ସମ୍ମାନଜନକ ସ୍କୋର ସଂଗ୍ରହ କରିପାରିଛି। ଖବର ନେବାବେଳେ ଇଂଲଣ୍ଡ ୭୬.୪ ଓଭରରେ ୨୪୬ ରନ କରି ଅଲଆଉଟ ହୋଇଯାଇଛି। ଭାରତ ତରଫରୁ ଯଶପ୍ରୀତ ବୁମ୍‌ରା ୩ଟି ଉଇକେଟ ନେଇଥିବା ବେଳେ ଇଶାନ୍ତ ଶର୍ମା, ମହମ୍ମଦ ଶାମି ଓ ରବିଚନ୍ଦ୍ରନ ଅଶ୍ୱିନ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଛନ୍ତି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ଇଂଲଣ୍ଡ ମଧ୍ୟାହ୍ନଭୋଜନ ବିରତି ସୁଦ୍ଧା ୫୪ ରନରେ ୪ଟି ଉଇକେଟ ହରାଇ ବସିଥିଲା। ଯଶପ୍ରୀତ ବୁମ୍‌ରା, ଇଶାନ୍ତ ଶର୍ମା ଓ ହାର୍ଦ୍ଦିକ ପାଣ୍ଡ୍ୟା ଚମତ୍କାର ବୋଲିଂ କରି ଇଂଲଣ୍ଡ ଟପ୍ ଅର୍ଡରକୁ ନିସ୍ତେଜ କରିଦେଇଥିଲେ। ଭାରତ ଏହି ମ୍ୟାଚ ଲାଗି ଦଳରେ କୌଣସି ପରିବର୍ତ୍ତନ କରି ନ ଥିଲା। ବିରାଟ କୋହଲିଙ୍କ ଅଧିନାୟକତ୍ୱରେ ଭାରତ ଖେଳୁଥିବା ୩୯ତମ ଟେଷ୍ଟରେ ପ୍ରଥମ ଥର ପୂର୍ବମ୍ୟାଚ ଖେଳିଥିବା ଦଳକୁ ଅପରିବର୍ତ୍ତିତ ରଖାଯାଇଛି।

ବୁମ୍‌ରା ଭାରତର ବୋଲିଂ ଓପନ କରିଥିଲେ। ସେ ଆରମ୍ଭରୁ ବିପକ୍ଷ ଦଳର ବ୍ୟାଟ୍ସମ୍ୟାନଙ୍କ ପ୍ରତି ସମସ୍ୟା ସୃଷ୍ଟି କରିଥିଲେ। ତୃତୀୟ ଓଭରରେ କିଟନ ଜେନିଙ୍ଗ୍ସ (୦) ତାଙ୍କ ବଲ୍‌କୁ ବୁଝି ନ ପାରି ଏଲବିଡବ୍ଲ୍ୟୁ ହୋଇ ପ୍ୟାଭିଲିଅନକୁ ଫେରିଥିଲେ। ଖେଳର ୭.୧ତମ ଓଭରରେ ଜୋ ରୁଟ୍ (୪) ଇଶାନ୍ତଙ୍କ ଏକ ଅଫ୍-କଟର ଖେଳି ନ ପାରି ଏଲବିଡବ୍ଲ୍ୟୁ ହୋଇଯାଇଥିଲେ। ଦ୍ୱିତୀୟ ଉଇକେଟରେ ମାତ୍ର ୧୪ ରନ ଯୋଗ ହୋଇ ପାରିଥିଲା। ଓପନର ଆଲିଷ୍ଟର କୁକ୍(୧୭) ଧୈର୍ଯ୍ୟର ସହିତ ବ୍ୟାଟିଂ କରୁଥିବାବେଳେ ଅପରପାର୍ଶ୍ୱରେ ଗୋଟିଏ ଲେଖାଏଁ ଉଇକେଟ ପତନ ଘଟିବାରେ ଲାଗିଥିଲା। ବୁମ୍‌ରା ଦ୍ୱିତୀୟ ଥର ବୋଲିଂ କରିବାକୁ ଆସି ଜନି ବେୟାରଷ୍ଟୋ (୬)ଙ୍କୁ ଶୀଘ୍ର ଆଉଟ୍ କରିଦେଇଥିଲେ। ୧୩ତମ ଓଭରରେ ଏକ ଆଉଟସାଇଡ୍ ଅଫ୍ ଷ୍ଟମ୍ପ ଡେଲିଭରିକୁ ଖେଳି ନ ପାରି ବେୟାରଷ୍ଟୋ କଟ୍ ବିହାଇଣ୍ଡ ହୋଇଥିଲେ। ପରେ ପାଣ୍ଡ୍ୟା କୁକ୍‌ଙ୍କୁ କୋହଲିଙ୍କ ଦ୍ୱାରା କ୍ୟାଚ ଆଉଟ କରି ବିଦା କରିଦେଇଥିଲେ। ୧୮ତମ ଓଭର ବେଳକୁ ଘରୋଇ ଦଳ ୩୬ରନ ସ୍କୋରରେ ୪ଟି ଉଇକେଟ ହରାଇ ସାରିଥିଲା। ଇଂଲଣ୍ଡ ୨୦ତମ ଓଭରରେ ୫୦ ଅତିକ୍ରମ କରିବାରେ ସଫଳ ରହିଥିଲା।

**ସଂକ୍ଷିପ୍ତ ସ୍କୋର**

■ ଇଂଲଣ୍ଡ ପ୍ରଥମ ଇନିଂସ: ୨୪୬/ଅଲଆଉଟ (ମୋଇନ ଅଲି-୪୦, ସାମ କୁରାନ-୭୮, ବେନ୍ ଷ୍ଟୋକ୍ସ-୨୩, ଜୋସ୍ ବଟଲର-୨୧; ଯଶପ୍ରୀତ ବୁମ୍‌ରା-୩/୪୬, ଇଶାନ୍ତ ଶର୍ମା-୨/୨୬, ମହମ୍ମଦ ଶାମି-୨/୫୧, ହାର୍ଦ୍ଦିକ ପାଣ୍ଡ୍ୟା-୧/୫୧, ରବିଚନ୍ଦ୍ରନ ଅଶ୍ୱିନ-୨/୪୦)।





ଉଇକେଟ ହାସଲ ପରେ ଖୁସି ମନାଉଛନ୍ତି ଭାରତର ମହମ୍ମଦ ସାମି ଓ ଇଶାନ୍ତ ଶର୍ମା।



ସାଗର ପ୍ରଧାନ ଅତିଥିଙ୍କ ଠାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

## ୟୁଏସ୍ ଓପନ୍‌ରୁ ମୁରେଙ୍କ ବିଦାୟ

**ନ୍ୟୁୟର୍କ, ୩୦।୮ (ଏଏଫ୍‌ପି)**

ଦୀର୍ଘ ୧୪ ମାସର ବ୍ୟବଧାନ ପରେ ନିଜର ପ୍ରଥମ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତା ଖେଳୁଥିବା ବ୍ରିଟେନ ଟେନିସ ତାରକା ଆଣ୍ଡି ମୁରେ ୟୁଏସ୍ ଓପନରୁ ଦୁଃଖଦ ବିଦାୟ ନେଇଛନ୍ତି। ଚଳିତ ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତା ୟୁଏସ୍ ଓପନ ପୁରୁଷ ସିଙ୍ଗଲ୍ସ ୨ୟ ରାଉଣ୍ଡ ମୁକାବିଲାରେ ବିଶ୍ୱର ପ୍ରାକ୍ତନ ଏକ ନମ୍ବର ଖେଳାଳି ମୁରେ ୫-୭, ୬-୨, ୪-୬, ୪-୬ ସେଟ୍‌ରେ ସ୍ପାନିଶ ଟେନିସ ଖେଳାଳି ଫର୍ନାଣ୍ଡୋ ଭର୍ଡାସ୍କୋଙ୍କ ନିକଟରୁ ପରାସ୍ତ ହୋଇଥିଲେ। ଏହି ମ୍ୟାଚ୍‌ଟି ୩ ଘଣ୍ଟା ୨୩ ମିନିଟ୍ ଧରି ଖେଳାଯାଇଥିଲା। ଅପରପକ୍ଷରେ ଆର୍ଜେଣ୍ଟିନାର ଜୁଆନ ମାର୍ଟିନ ଡେଲ୍ ପୋଟ୍ରୋ ଓ ସୁଇଜରଲାଣ୍ଡର ଷ୍ଟାନ୍ ୱାୱ୍‌ରିଙ୍କା ପୁରୁଷ ସିଙ୍ଗଲ୍ସ ୩ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୨୦୦୯ ଚାମ୍ପିୟନ ପୋଟ୍ରୋ ୬-୩, ୬-୧, ୭-୬ (୭/୪) ସିଧାସଳଖ ସେଟ୍‌ରେ ଆମେରିକାର ଡେନିସ୍ କୁଡ୍‌ଲାଙ୍କୁ ହରାଇଥିଲେ। ପୋଟ୍ରୋ ଓ ଭର୍ଡାସ୍କୋଙ୍କ ମଧ୍ୟରେ ୩ୟ ରାଉଣ୍ଡ ମୁକାବିଲା ଅନୁଷ୍ଠିତ ହେବ। ସେହିଭଳି ଦ୍ୱିତୀୟ ରାଉଣ୍ଡର ଅନ୍ୟ ଏକ ମୁକାବିଲାରେ ଅନ୍ୟତମ ପ୍ରାକ୍ତନ ବିଜେତା ୱାୱ୍‌ରିଙ୍କା ୭-୬ (୭/୫), ୪-୬, ୬-୩, ୭-୫ ସେଟ୍‌ରେ ଫ୍ରାନ୍ସର ଯୋଗ୍ୟତା ଅର୍ଜନକାରୀ ଉଗୋ ହମବର୍ଟଙ୍କୁ ମାତ୍ ଦେଇଛନ୍ତି।

## ଫାଓ ଲିଗ୍: କିଶୋର କ୍ଲବ ବିଜୟୀ

**କଟକ ଅଫିସ, ୩୦।୮**

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ପ୍ରଥମ ଡିଭିଜନ ଫୁଟବଲ ଲିଗ୍‌ରେ ଗୁରୁବାର ଗୋଟିଏ ମ୍ୟାଚ୍ ଖେଳାଯାଇଥିବା ବେଳେ ଏଥିରେ ଏସ୍‌ବିଆଇ ୪-୧ ଗୋଲରେ ୱେଷ୍ଟର୍ନ ମହାବୀର କ୍ଲବକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧର ୪ର୍ଥ ମିନିଟ୍‌ରେ ଆଲୋକ ଦେହୁରୀ ଏସ୍‌ବିଆଇ ନିମନ୍ତେ ପ୍ରଥମ ଗୋଲ ସ୍କୋର କରିଥିଲେ । ପରେ ନାରାୟଣ ମୁର୍ମୁ ୧୩ତମ ମିନିଟ୍‌ରେ, ଯୋଶେଫ ଏକ୍କା ୪୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେବା ଯୋଗୁଁ ପ୍ରଥମାର୍ଦ୍ଧରେ ଏସ୍‌ବିଆଇ ୩-୦ ଗୋଲରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଏସ୍‌ବିଆଇ ଖେଳାଳିମାନେ ଚମତ୍କାର ପ୍ରଦର୍ଶନ ଜାରି ରଖିଥିଲେ । ୪୩ତମ ମିନିଟରେ ଆଲୋକ ଦେହୁରୀ ବ୍ୟକ୍ତିଗତ ୨ୟ ତଥା ଏସ୍‌ବିଆଇ ନିମନ୍ତେ ୪ର୍ଥ ଗୋଲ ସ୍କୋର କରିଥିଲେ । ୱେଷ୍ଟର୍ନ ମହାବୀର ପକ୍ଷରୁ ୫୩ତମ ମିନିଟ୍‌ରେ ଅକୁଲା ସେଠୀ ଏକ ଗୋଲ ଦେଇ ଦଳ ନିମନ୍ତେ ଖାତା ଖୋଲିଥିଲେ । ଅକୁଲାଙ୍କ ଏହି ଗୋଲ ପରେ ଅନ୍ୟକୌଣସି ଗୋଲ ନହେବା ଯୋଗୁଁ ଏସ୍‌ବିଆଇ ମ୍ୟାଚ୍‌କୁ ୪-୧ ଗୋଲରେ ଜିତିଥିଲା । ସୁରେଶ ଦାସ, ଜ୍ୟୋତି ରଞ୍ଜନ ସ୍ୱାଇଁ, ତରୁଣ କୁମାର ପ୍ରଧାନ, ଅରୁଣ ନାୟକ, ମ୍ୟାଚ କମିଶନର ସୁଜିତ କୁମାର ପାତ୍ର ଉକ୍ତ ମ୍ୟାଚ୍ ପରିଚାଳନା କରିଥିଲେ । ଅନ୍ୟପକ୍ଷରେ ଇଣ୍ଡିପେଣ୍ଡେଣ୍ଟ କ୍ଲବ ଓ କିଶୋର କ୍ଲବ ମଧ୍ୟରେ ଖେଳାଯିବାକୁ ଥିବା ଗୁରୁବାରର ଦ୍ୱିତୀୟ ମ୍ୟାଚ୍‌ରେ ଇଣ୍ଡିପେଣ୍ଡେଣ୍ଟ କ୍ଲବ ଅନୁପସ୍ଥିତ ରହିଥିଲା । ଫଳରେ କିଶୋର କ୍ଲବକୁ ବିଜୟୀ ଘୋଷଣା କରାଯାଇଥିଲା ।

## କର୍ଷ୍ଟେନ ରୟାଲ ଚ୍ୟାଲେଞ୍ଜର୍ସ ମୁଖ୍ୟ କୋଚ୍

**ବେଙ୍ଗାଲୁରୁ, ୩୦।୮ (ପି.ଟି.)**



ଭାରତୀୟ କ୍ରିକେଟ ଦଳର ପୂର୍ବତନ କୋଚ୍ ଗ୍ୟାରି କର୍ଷ୍ଟେନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଦଳର ନୂଆ କୋଚ ଓ ମେଣ୍ଟର ଭାବେ ନିଯୁକ୍ତି ପାଇଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଗତ କେତୋଟି ସିଜନରେ ଆରସିବିର ପ୍ରଦର୍ଶନ ଭଲ ରହି ନ ଥିବାରୁ ଟିମ୍ ମ୍ୟାନେଜମେଣ୍ଟ ଦଳର ପୂର୍ବତନ କୋଚ୍ ଡାନିଏଲ ଭିଟୋରୀଙ୍କୁ ବହିଷ୍କୃତ କରିଛି। ତାଙ୍କ ସ୍ଥାନରେ କର୍ଷ୍ଟେନଙ୍କୁ ନିଯୁକ୍ତି ଦିଆଯାଇଥିବା ଟିମ୍ ଚେୟାରମ୍ୟାନ ସଞ୍ଜୀବ ଚୁରିୱାଲା କହିଛନ୍ତି। ଭିଟୋରୀ ଆରସିବି ସହିତ ୮ବର୍ଷ ହେଲା ସମ୍ପୃକ୍ତ ଥିଲେ। ଅନ୍ୟପକ୍ଷରେ କର୍ଷ୍ଟେନ ଗତ ଆଇପିଏଲ ସିଜନରେ ଜଣେ ମେଣ୍ଟର ଭାବେ ଆରସିବିର ଉଭୟ ପୁରୁଖା ଓ ଯୁବ ଖେଳାଳିଙ୍କ ଲାଗି ଫଳପ୍ରଦ ପ୍ରମାଣିତ ହୋଇଛନ୍ତି। ଦଳକୁ ସେ ନୂଆ ମାର୍ଗରେ ନେବେ ବୋଲି ଚୁରିୱାଲା ଆଶା ପ୍ରକାଶ କରି କହିଛନ୍ତି। ୨୦୧୮ରେ ଆରସିବିରେ ବ୍ୟାଟିଂ କୋଚ୍ ଭାବେ ଯୋଗ ଦେଇଥିବା କର୍ଷ୍ଟେନ ସମସ୍ତ ଫର୍ମାଟରେ ୭୦୦ ପାଖାପାଖି ମ୍ୟାଚ ଖେଳିଥିବାବେଳେ ୪୦,୦୦୦ ପାଖାପାଖି ରନ ସଂଗ୍ରହ କରିଛନ୍ତି। ୨୦୦୮ରେ କର୍ଷ୍ଟେନ ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ ତତ୍ତ୍ୱାବଧାନରେ ଭାରତ ୨୦୧୧ ବିଶ୍ୱକପ୍ ଜିତିଥିଲା। ଗତ ୧୦ବର୍ଷ ହେଲା କର୍ଷ୍ଟେନ ଉଚ୍ଚସ୍ତରରେ କୋଚିଂ ଦେଇ ଆସୁଛନ୍ତି।

■ ଇଲେଭେନ ସ୍ପୋର୍ଟ୍ସ ଟିଟି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ସିଡିଏ ଡିଏଭିକୁ ଦୁଇଟି ଟାଇଟଲ

**କଟକ ଅଫିସ, ୩୦।୮**

ବାରବାଟୀ ଷ୍ଟାଡିୟମସ୍ଥିତ ସଚିନ ତେନ୍ଦୁଲକର ଇନଡୋର ହଲରେ ଚାଲିଥିବା ଇଲେଭେନ ସ୍ପୋର୍ଟ୍ସ ରାଜ୍ୟ ଆନ୍ତଃ ବିଦ୍ୟାଳୟ ଟେବୁଲ ଟେନିସ୍ ଟୁର୍ଣ୍ଣାମେଣ୍ଟ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ୟଙ୍ଗ ଜେନେରେସନ୍ ଟେବୁଲ ଟେନିସ୍ ଆସୋସିଏଶନ(ୱାଇଜିଟିଟିଏ) ଓ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତା ଶେଷ ହୋଇଥିବା ବେଳେ ରାଜ୍ୟ ଓପନ ଟିଟି ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ଦଳଗତ ବିଭାଗରେ ସିଡ଼ିଏ ଡିଏଭି ୨ଟି ବୟସବର୍ଗରେ ଚାମ୍ପିୟନ ଟାଇଟଲ ହାସଲ କରିଛି।

ଦଳଗତ ବିଭାଗର ସବ୍‌ଜୁନିୟର ବାଳକ ଓ ଜୁନିୟର ବାଳକ ବର୍ଗରେ ସିଡ଼ିଏ ଡିଏଭି ଚାମ୍ପିୟନ ହୋଇଥିଲା। ସବ୍‌ଜୁନିୟର ବାଳକ ବିଭାଗର ଫାଇନାଲରେ ୩-୨ ସେଟ୍‌ରେ ନ୍ୟୁ ଷ୍ଟିୱାର୍ଟ ସ୍କୁଲକୁ ଓ ଜୁନିୟର ବାଳକ ବିଭାଗର ଫାଇନାଲରେ ୩-୦ ସେଟରେ ଭୁବନେଶ୍ୱର ଡିଏମ ସ୍କୁଲକୁ ହରାଇଥିଲା। ସବ୍‌ଜୁନିୟର ବାଳିକା ଦଳଗତ ଚାମ୍ପିୟନ ଟ୍ରଫି ହାସଲ କରିଛି କଟକର ନ୍ୟୁ ଷ୍ଟିୱାର୍ଟ ସ୍କୁଲ। ଫାଇନାଲରେ କଟକର ସେଣ୍ଟ ଯୋଶେଫ ସ୍କୁଲକୁ ୩-୦ ସେଟରେ ହରାଇ ନ୍ୟୁ ଷ୍ଟିୱାର୍ଟ ଏହି ସଫଳତା ପାଇଥିଲା। ଜୁନିୟର ବାଳିକା ଦଳଗତ ବିଭାଗର ଫାଇନାଲରେ ଭୁବନେଶ୍ୱରର କେନ୍ଦ୍ରୀୟ ବିଦ୍ୟାଳୟ-୧ ୩-୧ ସେଟରେ ଚନ୍ଦ୍ରଶେଖରପୁର ଡିଏଭିକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ସିଙ୍ଗିଲ୍ସ ବିଭାଗରେ ଅନୁଷ୍ଠିତ ପ୍ରତିଯୋଗିତାର ସବ୍‌ଜୁନିୟର ବାଳକ ବର୍ଗରେ ପ୍ରଭୁଜି ଇଂରାଜୀ ମିଡ଼ିୟମ ସ୍କୁଲର ଆନିନ୍ଦ୍ୟ ଅନୁପମ ଦାସ ୩-୦ ସେଟ୍‌ରେ ଭୁବନେଶ୍ୱର ଡିପିଏସର ଆରଷ ତ୍ୟାଗୀଙ୍କୁ, ସବ୍‌ଜୁନିୟର ବାଳିକା ବର୍ଗରେ ଭୁବନେଶ୍ୱର ସେଣ୍ଟ ଜାଭିୟର୍ସ ସ୍କୁଲର ଶ୍ୱେତପଦ୍ମା ଦଳାଇ ୩-୦ ସେଟ୍‌ରେ ଭୁବନେଶ୍ୱର ଲୟଲା ସ୍କୁଲର ସୋହାଲିକା ସୋଦଭରମଙ୍କୁ, ଜୁନିୟର ବାଳକ ବର୍ଗରେ ସିଡ଼ିଏ ଡିଏଭିର ସାହିଲ ଭୂୟାଁ ୩-୦ ସେଟ୍‌ରେ ଉକ୍ତ ସ୍କୁଲର ମୋହିତ ବେହୁରାଙ୍କୁ, ଜୁନିୟର ବାଳିକା ବର୍ଗରେ ଭୁବନେଶ୍ୱର ବିଜେଇମ୍ ସ୍କୁଲର ସୁଶ୍ରୀ ପଟ୍ଟନାୟକ ୩-୦ ସେଟରେ ଭୁବନେଶ୍ୱର ସାଇ ଇଣ୍ଟରନ୍ୟାସନାଲ ସ୍କୁଲର ନନ୍ଦିନି ବିଶ୍ୱାଳଙ୍କୁ, ସିନିୟର ବାଳକ ବର୍ଗରେ ସିଡ଼ିଏ ଡିଏଭିର ଆର୍ଯ୍ୟ ମହାପ୍ରଷ୍ଟ ୩-୦ ସେଟ୍‌ରେ ଉକ୍ତ ବିଦ୍ୟାଳୟର ମହମ୍ମଦ ଇଝାରଙ୍କୁ, ସିନିୟର ବାଳିକା ବର୍ଗରେ ଭୁବନେଶ୍ୱର ଲୟଲା ସ୍କୁଲର ଯୋଶିତା ଜାମୁଲା ୩-୦ ସେଟ୍‌ରେ ଭୁବନେଶ୍ୱର ଡିପିଏସ୍‌ର ପ୍ରସିଦ୍ଧି ପୋଦ୍ଦାରଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଥିଲେ। ମୁଖ୍ୟ ରେଫରୀ ଜୀବନ ବଲ୍ଲଭ ସାମଲ, ଅମ୍ପାୟାର ବିଜନ ଦାସ ମହାପାତ୍ର, ସୁଜିତ ରାୟ, କେଏସ୍‌ଏନ୍ ମୂର୍ତ୍ତି, ତପନ ଖା, ଏମ ଚିନ୍ନା ରାଓ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ଅଂଶୁମାନ ପଟ୍ଟନାୟକ, ପ୍ରୀତି ପଲ୍ଲଭୀ ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନର ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ନିହାର ରଞ୍ଜନ ମିଶ୍ର ଉପସ୍ଥିତ ଥିଲେ। ଉପ ସଭାପତି ଚିତ୍ତରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ଇଲେଭେନ ସ୍ପୋର୍ଟ୍ସ ଟିଟି ଟୁର୍ଣ୍ଣାମେଣ୍ଟର କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

## ଉଦାହରଣ ସୃଷ୍ଟି କରିଛନ୍ତି କୋହଲି

**ମହିନ୍ଦର ଅମରନାଥ**

ନଟିଂହାମ୍‌ରେ ଭାରତ ଏକ ଉଲ୍ଲେଖନୀୟ ବିଜୟ ହାସଲ କରିଛି। ଅଧିନାୟକ ବିରାଟ କୋହଲି ପୁଣି ଥରେ ଏହି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଭାରତର ଦଳଗତ ପ୍ରଦର୍ଶନ ଚମତ୍କାର ଥିଲା। ସ୍କୋର ବୋର୍ଡରେ ଅଧିକ ସଂଖ୍ୟାରେ ରନ ଥିଲା। ଯାହାଫଳରେ ଭାରତ ପାଇଁ ବିଜୟ ସୁଯୋଗ ସୃଷ୍ଟି ହୋଇଥିଲା। ତେଣୁ କୋହଲିଙ୍କ ପ୍ରଦର୍ଶନ ଅନ୍ୟ ଖେଳାଳିଙ୍କ ପାଇଁ ଦୃଷ୍ଟାନ୍ତ ସଦୃଶ ହୋଇଛି। ଅନ୍ୟ ଖେଳାଳିଙ୍କ ପାଇଁ କୋହଲି ଉଦାହରଣ ସୃଷ୍ଟି କରିଛନ୍ତି।

ପ୍ରତିକୂଳ ପରିସ୍ଥିତିରେ ନିଜକୁ ଖାପ ଖୁଆଇ କୋହଲି ସୁନ୍ଦର ପ୍ରଦର୍ଶନ କରିଛନ୍ତି। ବିଶ୍ୱର ଅନ୍ୟ କୌଣସି ସ୍ଥାନରେ ଖେଳିବା ଓ ଇଂଲଣ୍ଡରେ ଖେଳିବା ସମ୍ପୂର୍ଣ୍ଣ ଅଲଗା ତଥା ଭିନ୍ନ। ଟେକ୍‌ନିକ୍‌ରେ କୋହଲି ଆବଶ୍ୟକୀୟ ପରିବର୍ତ୍ତନ ମଧ୍ୟ କରିଥିଲେ, ଯାହାଫଳରେ ସେ ରନ୍ ସ୍କୋର କରିବାରେ ସମର୍ଥ ହୋଇଥିଲେ। ତାଙ୍କର ସନ୍ତୁଳନ ମଧ୍ୟ ଜବରଦସ୍ତ ରହିଥିଲା। ଅନ୍ୟମାନଙ୍କ ତୁଳନାରେ ସେ ପୋଜିଶନ ପରିବର୍ତ୍ତନ କରି ବଲ୍‌ର ଲେନ୍ଥକୁ ମାପିବାରେ ସମର୍ଥ ହୋଇଥିଲେ। କ୍ରିଜ୍‌ରେ ଥରେ ରହିଗଲେ ସେ ରନ ସଂଗ୍ରହ ଗତି ବଢ଼ାଇଥାନ୍ତି। ତେବେ ପ୍ରତିପକ୍ଷ ଦଳ ପାଇଁ ଏହା ନିଶ୍ଚିତ ଭାବେ ସମସ୍ୟା ସୃଷ୍ଟି କରିଥାଏ। କୋହଲିଙ୍କ ଏହି ଖେଳ ମୋତେ ୱେଷ୍ଟଇଣ୍ଡିଜ୍ କିମ୍ବଦନ୍ତୀ ଭିଭିଆନ୍ ରିଚାର୍ଡ୍ସଙ୍କ କଥା ମନେ ପକାଇଦେଉଛି। ରିଚାର୍ଡ୍ସ ଆମ ସମୟରେ ଏହିଭଳି ଖେଳୁଥିଲେ। କେହି ଏଭଳି ସ୍ଥିର ଓ ଦମ୍‌ଦାର ପ୍ରଦର୍ଶନ କରିବା ମୁଁ ଦେଖିନାହିଁ। କୋହଲି ଜଣେ ମ୍ୟାଚ୍ ୱିନର ବୋଲି କହିବାର ଆବଶ୍ୟକତା ନାହିଁ। ଯେତେବେଳେ ସେ ଭଲ ଖେଳିଛନ୍ତି ଭାରତ ଭଲ ଫଳାଫଳ ପାଇଛି। ଯେକୌଣସି ସ୍ଥାନ ଓ ପରିସ୍ଥିତିରେ କିଭଳି ଭଲ ଖେଳିବାକୁ ହେବ ତାହା କୋହଲି ଦେଖାଇ ଦେଇଛନ୍ତି।

କୋହଲିଙ୍କୁ ବାଦ୍ ଦେଲେ ଉଭୟ ଦଳର ଅନ୍ୟ ସବୁ ବ୍ୟାଟ୍ସମ୍ୟାନ ସଂଘର୍ଷ କରୁଥିବା ଲକ୍ଷ୍ୟ କରାଯାଇଛି। ଭାରତୀୟ ଦ୍ରୁତ ବୋଲରମାନେ ଏପର୍ଯ୍ୟନ୍ତ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। ତୃତୀୟ ଟେଷ୍ଟର ଦ୍ୱିତୀୟ ଇନିଂସରେ ଯଶପ୍ରୀତ ବୁମ୍‌ରା ଅତି ସୁନ୍ଦର ବୋଲିଂ କରିଥିଲେ। ସେହିପରି ପ୍ରଥମ ଇନିଂସରେ ପାଣ୍ଡ୍ୟା ମଧ୍ୟ ବେଶ୍ ଉଚ୍ଚକୋଟୀର ବୋଲିଂ କରି ୫ ଉଇକେଟ ହାସଲ କରିଥିଲେ। ଇଂଲଣ୍ଡ ଅପେକ୍ଷା ଭାରତୀୟ ବୋଲରମାନେ ଅଧିକ ଶାଣିତ ପ୍ରଦର୍ଶନ କରିଛନ୍ତି।

ଇଂଲଣ୍ଡ ଦଳରେ ବେଶ୍ କିଛି ସମସ୍ୟା ରହିଛି। ଦୁଇ ଓପନର ଆଲିଷ୍ଟର କୁକ ଓ କିଟନ ଜେନିଙ୍ଗ୍ସ ଫର୍ମରେ ନାହାନ୍ତି। ଫଳରେ ଦଳ ଅଧିନାୟକ ଜୋ ରୁଟ ଓ ବେନ୍ ଷ୍ଟୋକ୍ସଙ୍କ ଉପରେ ଅତ୍ୟଧିକ ନିର୍ଭରଶୀଳ ହୋଇପଡ଼ିଛି। ଏପର୍ଯ୍ୟନ୍ତ ଏହି ସିରିଜ ବେଶ୍ ମଜାଦାର ହୋଇଛି। ପ୍ରତି ଟେଷ୍ଟ ମ୍ୟାଚରେ ଉଭୟ ଦଳର ଉତ୍ଥାନ ପତନ ଦେଖିବାକୁ ମିଳିଛି। ପ୍ରଥମ ଦୁଇଟି ମ୍ୟାଚ୍‌ରେ ପରାଜୟ ପରେ ଭାରତ ପ୍ରତ୍ୟାବର୍ତ୍ତନ କରିବା ବହୁତ ବଡ଼ କଥା ଓ ଏହା ଦଳର ଆତ୍ମବିଶ୍ୱାସକୁ ବୃଦ୍ଧି କରିବା ସହ ପର ମ୍ୟାଚ୍‌ରେ ଭଲ ପ୍ରଦର୍ଶନ ପାଇଁ ବେଶ୍ ସହାୟକ ହେବ। ଭାରତ ଏହି ସିରିଜକୁ ସମାନ ସ୍ତରକୁ ଆଣିବାର କ୍ଷମତା ରଖୁଛି। ସିରିଜ ପାଇଁ ପଞ୍ଚମ ତଥା ଅନ୍ତିମ ଟେଷ୍ଟ ନିର୍ଣ୍ଣାୟକ ହେବ ବୋଲି ଆଶା କରାଯାଉଛି। (ଗେମ୍ ପ୍ଲାନ)

#WhatDrivesYou
EXIDE



ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।

- ରାମକୃଷ୍ଣ ପରମହଂସ

# ହତ୍ୟା ଅଭିଯୁକ୍ତଙ୍କ ଆତ୍ମହତ୍ୟା ଉଦ୍ୟମ: ଥାନା ହାଜତରେ ତଣ୍ଟି କାଟିଲେ

ଟାଙ୍ଗୀ(କଟକ)୩୦।୮(ଡି.ଏନ୍.ଏ)

କଟକ ଜିଲା ଟାଙ୍ଗୀ ଥାନା ହାଜତରେ ଜଣେ ହତ୍ୟା ଅଭିଯୁକ୍ତ ଗୁରୁବାର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ଗୋବିନ୍ଦପୁର ପଞ୍ଚାୟତ ଗୋକୁଳପୁର ଗ୍ରାମର ବଳରାମ ନାୟକ। ସ୍ତ୍ରୀଙ୍କୁ ହତ୍ୟା କରିବା ଅଭିଯୋଗରେ ପୋଲିସ ତାଙ୍କୁ ବୁଧବାର ଗିରଫ କରିଥିଲା। ତେବେ ବଳରାମ ଥାନା ହାଜତ ଭିତରେ ଥିବା ବେଳେ ବ୍ଲେଡରେ ନିଜ ତଣ୍ଟି ଓ ହାତର ଧମନୀକୁ କାଟି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ତୁରନ୍ତ ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ଚାଞ୍ଚଲ୍ୟ ଖେଳିଯାଇଥିବାବେଳେ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ହାଜତ ଭିତରେ ବଳରାମ କେଉଁଠୁ ବ୍ଲେଡ ପାଇଲେ। ଯଦି ବଳାରାମଙ୍କ ପାଖରେ ବ୍ଲେଡ ଥିଲା ତେବେ ହାଜତ ଭିତରେ ଭର୍ତ୍ତି କରିବା ପୂର୍ବରୁ ପୋଲିସ କିଭଳି ଜାଣି ପାରିଲା ନାହିଁ। ନିକଟରେ କେନ୍ଦ୍ରାପଡା ଜିଲା ମହାକାଳପଡା ଥାନା ପୋଲିସ ହେପାଜତରେ ଥିବା ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମିଳିବା ଘଟଣାକୁ ନେଇ ପୂରା ପୋଲିସ ବିଭାଗ ବଦନାମ ମୁଣ୍ଡାଇଛି। ଏବେ ଟାଙ୍ଗୀ ଥାନା ଘଟଣା ପୋଲିସ ହେପାଜତରେ ଅଭିଯୁକ୍ତମାନେ ସୁରକ୍ଷିତ ନ ଥିବା ସ୍ପଷ୍ଟ ହୋଇଛି। ପ୍ରକାଶ ଥାଉକି, ଗତ ସୋମବାର ବିଳମ୍ବିତ ରାତିରେ ବଳରାମ ତାଙ୍କ ସ୍ତ୍ରୀ ଦମୟନ୍ତୀଙ୍କ ମୁଣ୍ଡକୁ ଶିଳପୁଆରେ ଛେଚିହତ୍ୟା କରିଥିବା ଟାଙ୍ଗୀ ଥାନାରେ ଅଭିଯୋଗ ହୋଇଥିଲା। ମୃତା ଦମୟନ୍ତୀଙ୍କ ସାନଭାଇ ମାନସ ବେହେରାଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ ୧୬୦/୧୮) ରୁଜୁ କରିଛି। ଏଥିସହ ବଳରାମ ଓ ଭଡ଼ା ଘରର ମାଲିକ ମଦନ ନାୟକଙ୍କୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଥିଲା। ତେବେ ଘର ମାଲିକ ମଦନଙ୍କୁ ପୋଲିସ ଛାଡି ଦେଇଥିବାବେଳେ ବଳରାମଙ୍କ ବିରୋଧରେ ହତ୍ୟା ଅଭିଯୋଗର ସମସ୍ତ ସାକ୍ଷ୍ୟ ପ୍ରମାଣ ସଂଗ୍ରହ କରିଥିଲା। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରିବାକୁ ସମସ୍ତ କାଗଜପତ୍ର ସହିତ ମେଡିକାଲ ପରୀକ୍ଷା ମଧ ସାରିଥିଲା। ତେବେ

### ଗୁରୁତର ଅବସ୍ଥାରେ ଏସ୍‌ସିବିରେ ଭର୍ତ୍ତି

ଘଟଣା ସମ୍ପର୍କରେ ଥାନା ଅଧିକାରୀ ବିମଳ କୁମାର ବାରିକ କୁହନ୍ତି, ବଳରାମଙ୍କୁ ମେଡିକାଲ ଟେଷ୍ଟ କରିବା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିବାବେଳେ ସେଠାରୁ ସେ ବ୍ଲେଡ ସଂଗ୍ରହ କରିଥିବା ଅନୁମାନ କରାଯାଉଛି। ଉକ୍ତ ବ୍ଲେଡ୍‌କୁ ସେ ନିଜ ପାଖରେ ଲୁଚାଇ ରଖି ହାଜତ ଭିତରେ ଏଭଳି କାଣ୍ଡ ଘଟାଇଛନ୍ତି। ବଳରାମ ଏବେ ଏସ୍‌ସିବି ମେଡିକାଲର ଇନ୍‌ଟି ବିଭାଗରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ସୁବ୍ରତ କୁମାର ବେହେରା କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଇର ପକାଇ ପାନ ଭାଙ୍ଗିଚି**
**ଗୋରୀ ହାତ ପାନ ନୁହଁ**
**ଗୋରୀ ହାତ ପାନ ଖଣ୍ଡିଏ ଖାଇଲେ**
**ମହକି ଉଠଇ ଦିହ ।**

ଯାହା ସହ ଯାହାର ମନ ଥରେ ମିଶିଯାଏ ସେ ତା' ମନରେ ଘର କରିଯାଏ। ଶୟନେ ସପନେ ଜାଗରଣେ କେବଳ ତା'ରି ମୁହଁ ଦେଖାଯିବା ସହ ତାରି କଥା ଦିନରାତି ଭାବି ହେଉଥାଏ। ପ୍ରେମିକା ସ୍ମୃତିରେ ଅଧୀର ହୋଇ ପଡୁଥିବା ପ୍ରେମିକ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖପରା ଦିଖଣ୍ଡି ରୁଖ**
**ଦିନେ ପାଇନାହିଁ ଘଇତା ସୁଖ**
**ସେଥିପାଇଁ ମନଦୁଃଖ ।**

ଅଭାବ ଅନଟନରେ ଚଳୁଥିଲେ ମଧ୍ୟ ସ୍ୱାମୀ ଯଦି ପାଖରେ ଥାଏ ସ୍ତ୍ରୀର ଅଭାବବୋଧ ରହି ନ ଥାଏ। ଦୁଃଖକଷ୍ଟ ପଡ଼ିଲେ ବି ସେସବୁକୁ ସହିବା ତା'ପକ୍ଷେ ସହଜ ହୋଇଯାଇଥାଏ। ପରନ୍ତୁ ସ୍ୱାମୀ ଯଦି ହତାଦର କରେ ତାକୁ ସହ୍ୟକରିବା ସ୍ତ୍ରୀ ପକ୍ଷେ କଷ୍ଟକର ହୋଇଯାଇଥାଏ। ସ୍ୱାମୀ ସୁଖରୁ ବଞ୍ଚିତା ନାରୀ ଦୁଃଖରେ ଭାଙ୍ଗିପଡ଼ିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
ଫ୍ରେଣ୍ଡସ୍ ପବ୍ଲିଶର୍ସ


**GOVERNMENT OF INDIA**
**DEPARTMENT OF ATOMIC ENERGY**
**HEAVY WATER PLANT, TALCHER**

**e-TENDER NOTICE NO. : HWP/TAL/LAB/2018/03**

On-line tenders are invited through e-tendering mode by the Officer-on-Special-Duty, Heavy Water Plant, Talcher, PO. : Vikrampur, Dist. : Angul, (Odisha) on behalf of the President of India in two bid, from eligible contractors for the work and details given below : **NIT No. : HWP/TAL/LAB/2018/03, Name of the Work :** "Upkeeping and Movement of chemical laboratory equipments and materials". **Estimated Cost :** Rs.6,72,600/-. **Earnest Money :** Rs.13,452/-. **Period of Completion :** 12 (Twelve) Months. **Last Date and Time of Submission of Bid :** 14.09.2018 (14:30 Hrs.). The bid forms and other details can be obtained from the website **www.tenderwizard.com/DAE.**

**OFFICE OF THE MUNICIPAL COUNCIL, GUNUPUR**

**e-Procurement Notice**
**Tender Reference No.GUN-MUN-37/2018-19**

No. 1765 Dated 30.08.18

The Executive Officer, Municipality, Gunupur invites percentage rate of tenders through e-procurement for civil works (available in website). The Bid should be submitted through on-line in the website **www.tendersorissa.gov.in** by eligible class of contractors for construction of civil work. The bidder should have necessary portal enrollment (with his own digital signature certificate).

01. Tender opening on **12.09.2018 at 11.00 AM**
02. No. of works : **4 Nos.**
03. Estimated cost: **Rs. 49,000/- to Rs. 5,00,000/-**
04. The Bid document will be available in the website **www.tendersorissa.gov.in** from **10.00 AM** of **31.08.2018** to **05.00 PM** of **07.09.2018** for on-line bidding.
05. Bids shall be received only on-line on or before **05.00 PM** of **07.09.2018**. Details can be seen from the website **www.tendersorissa.gov.in**.

**Sd./- Executive Officer, Gunupur Municipality**

**ବିଜ୍ଞାପିତ ଅଞ୍ଚଳ ପରିଷଦ , କୁଚିଣ୍ଡା**

**E-PROCUREMENT NOTICE**

**Bid Identification No. KCDA/NAC-02/18-19**

The Executive Officer, NAC, Kuchinda on behalf of Kuchinda NAC invites bids on percentage basis on online mode for 10 nos civil works from eligible contractors having experience of equivalent grade/ Class registered with state/ Central Govt. for production of definite proof from the appropriate authority. Bid document consisting estimate cost. Cost of tender paper, EMD, Time of completion,Class of Contractors and the set of term and condition of contract. Bid shall be received on online from **10.00 A.M** of **30.08.2018** to **5.00 PM** of **07.09.2018** and opened at **11.00 A.M.** on **10.09.2018**. Further details can be seen from the e-procurement portal- **www.tenders orissa.gov.in**.

***Sd./- Executive Officer, Notified Area Council, Kuchinda***

See Career Appointment on every **Wednesday & Saturday**



**ରାଜ୍ୟ ସିଲେକ୍‌ସନ ବୋର୍ଡ, ଓଡ଼ିଶା ପୋଲିସ୍, କଟକ**

**ଜିଲ୍ଲା କନଷ୍ଟେବଲ ଏବଂ ବାଟାଲିୟନର ସିପାହୀ / କନଷ୍ଟେବଲ ପଦବୀ ପାଇଁ**

**ଲିଖିତ ପରୀକ୍ଷା ନିମନ୍ତେ ବିଜ୍ଞାପନ**

**No.183-D:-** ଜିଲ୍ଲା କନଷ୍ଟେବଲ ଓ ବାଟାଲିୟନର ସିପାହୀ ଓ କନଷ୍ଟେବଲ ପଦବୀ ନିମନ୍ତେ ଅନୁଷ୍ଠିତ ହୋଇସାରିଥିବା ଶାରୀରିକ ମାପ ଓ ଦକ୍ଷତା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ପ୍ରାର୍ଥୀମାନଙ୍କର ଲିଖିତ ପରୀକ୍ଷା ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ହେବ।

| | | |
|---|---|---|
| ବାଟାଲିୟନର ସିପାହୀ/ କନଷ୍ଟେବଲ ପଦବୀ ପାଇଁ ଲିଖିତ ପରୀକ୍ଷା | ତା୦୯।୦୯।୨୦୧୮ରିଖ | 11.30 A.M. to 12.15 P.M. |
| ଜିଲ୍ଲା କନଷ୍ଟେବଲ ପଦବୀ ପାଇଁ ଲିଖିତ ପରୀକ୍ଷା | ତା୦୯।୦୯।୨୦୧୮ରିଖ | 04.30 P.M. to 05.15 P.M. |

ଏହି ଲିଖିତ ପରୀକ୍ଷାର ସବିଶେଷ ସୂଚନା ପାଇଁ ପ୍ରାର୍ଥୀ/ପ୍ରାର୍ଥିନୀ ସେମାନଙ୍କର ସମ୍ପୃକ୍ତ ବୋର୍ଡର ଚେୟାରମ୍ୟାନ ତଥା ସମ୍ପୃକ୍ତ ଜିଲ୍ଲା/ ବାଟାଲିୟନର ନୋଟିସ୍ ବୋର୍ଡ ମାଧ୍ୟମରେ ପାଇପାରିବେ। ଉଭୟ ପଦବୀ ପାଇଁ ଅନୁଷ୍ଠିତ ହେବାକୁ ଥିବା ମୋଟ ୩୫ ମାର୍କର ଲିଖିତ ପରୀକ୍ଷାରେ ଅଣସଂରକ୍ଷିତ ଏବଂ ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗର ପ୍ରାର୍ଥୀମାନଙ୍କ ପାଇଁ ପାସ୍‌ମାର୍କ ୧୪ ଏବଂ ଅନୁସୂଚିତ ଜାତି ଓ ଜନଜାତି ପ୍ରାର୍ଥୀମାନଙ୍କ ପାଇଁ ପାସ୍‌ମାର୍କ ୧୨ ମାର୍କ ଅଟେ। କୌଣସି ଭୁଲ୍ ଉତ୍ତର ପାଇଁ ବିଯୁକ୍ତାତ୍ମକ ମାର୍କ ଦିଆଯିବ ନାହିଁ। ପ୍ରାର୍ଥୀ/ପ୍ରାର୍ଥିନୀ ଲିଖିତ ପରୀକ୍ଷାରେ ଅନୁପସ୍ଥିତ ରହିଲେ ତାଙ୍କର ପ୍ରାର୍ଥିତ୍ୱକୁ ଚଳିତ ନିଯୁକ୍ତି ପରୀକ୍ଷାରୁ ସମ୍ପୂର୍ଣ୍ଣ ଭାବେ ବାଦ୍ କରିଦିଆଯିବ। ପ୍ରାର୍ଥୀ/ପ୍ରାର୍ଥିନୀ ଉକ୍ତ ଲିଖିତ ପରୀକ୍ଷା ପାଇଁ ସେମାନଙ୍କୁ ପୂର୍ବରୁ ପ୍ରଦାନ କରାଯାଇଥିବା Performance-cum-Score-cum-Identity Card ସାଙ୍ଗରେ ଆଣିବା ସହିତ ଏକ ଷ୍ଟାମ୍ପ୍ (Stamp) ସାଇଜ୍ ବର୍ତ୍ତମାନର ରଙ୍ଗିନ ଫଟୋ (ଯାହା ଉପସ୍ଥାନ ସିଟ୍‌ରେ ସଂଲଗ୍ନ ହେବ), ନୀଳ/କଳା ରଙ୍ଗ ଚାଲୁଥିବା ବଲ ପଏଣ୍ଟ ପେନ୍ ଏବଂ ପରିଷ୍କାର ଥିବା hard clip board ଲେଖନ ଉଦ୍ଦେଶ୍ୟରେ ଆଣିଥିବେ। ପରୀକ୍ଷା ଗୃହରେ କୌଣସି mobile phone, calculator ଏବଂ electronic ଯନ୍ତ୍ରାଦିର ବ୍ୟବହାର ସହିତ କୌଣସି ଅସାଧୁ ଉପାୟ ଅବଲମ୍ବନ ସମ୍ପୂର୍ଣ୍ଣ ନିଷେଧ ଅଟେ।

**ଅଧ୍ୟକ୍ଷ**
**ରାଜ୍ୟ ସିଲେକ୍‌ସନ ବୋର୍ଡ**
**ଓଡ଼ିଶା ପୋଲିସ୍, କଟକ**

**12028/11/0012/1819**



**Mahanadi Coalfields Limited**
(A Subsidiary of Coal India Limited)
Jagruti Vihar, Burla - 768020, Dist. - Sambalpur, Odisha
Ph. (EPABX) : 0663-2542461 to 469 Website : www.mahanadicoal.in

**GENERAL TENDER NOTICE FOR e-PROCUREMENT**

**Mahanadi Coalfields Limited (MCL)** is inviting its Tenders having estimated value of ₹2.00 Lakhs and above related to WORKS (Civil works, Electrical & Mechanical works etc.), SERVICES (Coal transportation, coal loading, extraction of coal by Surface Miner, Overburden removal etc.) and GOODS (Procurement of equipments, spares, consumables, medicines etc. and Hiring of Vehicles) through e-Procurement mode. However all the Limited Tenders pertaining to procurement of Goods irrespective of value will be published in the e-Procurement portal. Tender Notices can be viewed on the e-Procurement portal of CIL (https://coalindiatenders.nic.in) as well as on the Central Public Procurement portal of Govt. of India (**http://eprocure.gov.in**). Bids are to be submitted ONLINE on the above e- Procurement portal of CIL by enrolled Bidders. EMD can also be submitted online. Enrollment of Bidders on the eProcurement portal of CIL is free of cost and can be done online by the bidders themselves, having valid Digital Signature Certificate (DSC). Bidders are requested to regularly visit above e-Procurement portal of CIL for enrollment and participation in Tenders. **[Contact details: Tel.- 0663- 2542264/ 2542695** (available during office hours only); email- **hlp-eproc.mcl@nic.in ]**

**R-4838**

*Give a missed call on toll free number 1800 200 3004 to get our Apps.*



**ରାଜ୍ୟ ସିଲେକ୍ସନ ବୋର୍ଡ, ଓଡ଼ିଶା ପୋଲିସ, କଟକ**

No. 179-D

**ଜିଲ୍ଲା କନଷ୍ଟେବଲ ଏବଂ ବାଟାଲିୟନରେ ସିପାହୀ / କନଷ୍ଟେବଲ ନିଯୁକ୍ତି ପାଇଁ ହେବାକୁ ଥିବା ଲିଖିତ ପରୀକ୍ଷାରେ ଅଂଶଗ୍ରହଣ କରୁଥିବା ଯୋଗ୍ୟ ପ୍ରାର୍ଥୀମାନଙ୍କ ପାଇଁ ସତର୍କ ସୂଚନା**

**No. 179-D:-** କିଛି ଦଲାଲ, ମଧ୍ୟସ୍ଥି ଏବଂ ଠକ ବ୍ୟକ୍ତିବିଶେଷ ଲିଖିତ ପରୀକ୍ଷାର ଅବ୍ୟବହିତ ପୂର୍ବରୁ ସମ୍ଭାବ୍ୟ ପ୍ରଶ୍ନପତ୍ର ପ୍ରାର୍ଥୀମାନଙ୍କୁ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇ ପରୀକ୍ଷା କେନ୍ଦ୍ର ତଥା ଆଉ କୌଣସି ସ୍ଥାନରେ ଅପପ୍ରଚାର କରୁଛନ୍ତି ଯେ, ଏହି ପ୍ରଶ୍ନପତ୍ର ଆଗୁଆ ପାଇଲେ ପ୍ରାର୍ଥୀ ଲିଖିତ ପରୀକ୍ଷାରେ ଅଧିକ ନମ୍ବର ରଖିପାରିବେ ଯାହା ଚାକିରି ପାଇବା ନିଶ୍ଚିତ ଅଟେ। ପ୍ରାର୍ଥୀମାନଙ୍କୁ ସତର୍କ ସୂଚନା ଦିଆଯାଉଅଛି କି, ଏଭଳି ଦଲାଲ, ମଧ୍ୟସ୍ଥି ଏବଂ ଠକ ବ୍ୟକ୍ତିବିଶେଷଙ୍କର ଠକାମିର ଶିକାର ହୁଅନ୍ତୁ ନାହିଁ। କିଛି ବ୍ୟକ୍ତିବିଶେଷ ପୋଲିସ୍ ଅଧିକାରୀ ଭାବେ ପରିଚୟ ଦେଇ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କିତ ସମସ୍ତ କାଗଜପତ୍ର ତଥା ପ୍ରଶ୍ନପତ୍ର ବିଷୟଗୁଡ଼ିକରେ ଧାରଣା ରହିଛି ବୋଲି ଦାବି କରୁଛନ୍ତି। ଏଭଳି ଖବର ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଏହା ପ୍ରାର୍ଥୀମାନଙ୍କୁ ଠକିବା ତଥା ଶୋଷଣ କରିବାର ଏକ ଉପାୟ। ଏହି ପରୀକ୍ଷା ପୂର୍ଣ୍ଣ ସ୍ୱଚ୍ଛତା ଏବଂ ଯୋଗ୍ୟତାଭିତ୍ତିକ ଅଟେ। କୌଣସି ବ୍ୟକ୍ତି ଆଗୁଆ ପ୍ରଶ୍ନପତ୍ର ଯୋଗାଇ ଦେବାକୁ କହି ପ୍ରଲୋଭିତ କରୁଥିଲେ ପ୍ରାର୍ଥୀମାନେ କଦାପି ସେମାନଙ୍କୁ ଟଙ୍କା କିମ୍ବା କୌଣସି ପ୍ରକାରର ଉପହାର ଦିଅନ୍ତୁ ନାହିଁ। ଲିଖିତ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହେବାର କୌଣସି ସମ୍ଭାବନା ନାହିଁ। ଏହି ଚାକିରି ପାଇବା ପାଇଁ କାହାରିକୁ ଟଙ୍କା କିମ୍ବା ଉପହାର ପ୍ରଦାନ କରିବା ଆଇନତଃ ଏକ ଧର୍ତ୍ତବ୍ୟ ଅପରାଧ ଅଟେ। ଯଦି ଏହିପରି କିଛି କାର୍ଯ୍ୟକଳାପ ପ୍ରାର୍ଥୀଙ୍କର ନଜରକୁ ଆସେ ଅଥବା ଯଦି କୌଣସି ବ୍ୟକ୍ତି ଉତ୍କୋଚ ଦେବା ନେବା ବିଷୟରେ କହୁଥା'ନ୍ତି, ତେବେ ଏହାକୁ ତୁରନ୍ତ ରାଜ୍ୟ/ ଜିଲ୍ଲା/ ବାଟାଲିୟନର ଅଧ୍ୟକ୍ଷ/ ସଦସ୍ୟଙ୍କୁ ଜଣାଇବା ସଙ୍ଗେ ସଙ୍ଗେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗଙ୍କ ଟୋଲ୍ ଫ୍ରି ଟେଲିଫୋନ୍ ନଂ. ୧୦୬୪ ଏବଂ ଟେଲିଫୋନ ନଂ. ୦୬୭୧-୨୩୦୫୯୮୮ (ଦୁର୍ନୀତି ବିଭାଗ ମୁଖ୍ୟ କାର୍ଯ୍ୟାଳୟ, କଟକ), ୦୬୭୧-୨୩୦୫୬୮୨ (କଟକ ଡିଭିଜନ), ୦୬୭୪-୨୩୯୭୭୪୮ (ଭୁବନେଶ୍ୱର ଡିଭିଜନ), ୦୬୮୦-୨୨୮୨୩୦୦ (ବ୍ରହ୍ମପୁର ଡିଭିଜନ), ୦୬୭୮-୨୨୫୫୦୦୫ (ବାଲେଶ୍ୱର ଡିଭିଜନ), ୦୬୬୩-୨୪୧୨୧୧୫ (ସମ୍ବଲପୁର ଡିଭିଜନ) ଏବଂ ୦୬୮୫-୪୨୩୩୩୩୦ (କୋରାପୁଟ୍ ଡିଭିଜନ)ରେ ଜଣାଇବେ। ଏତଦ୍‌ବ୍ୟତୀତ ନିମ୍ନରେ ଦର୍ଶାଯାଇଥିବା ରାଜ୍ୟ ସିଲେକ୍ସନ ବୋର୍ଡର e-mail ID ଏବଂ help line numberରେ ମଧ୍ୟ ଯୋଗାଯୋଗ କରିପାରିବେ।

**ଅଧ୍ୟକ୍ଷ**
**ରାଜ୍ୟ ସିଲେକ୍ସନ ବୋର୍ଡ**
**ଓଡ଼ିଶା ପୋଲିସ, କଟକ**

**ବି.ଦ୍ର.:** ରାଜ୍ୟ ସିଲେକ୍ସନ ବୋର୍ଡର ଇ-ମେଲ ଆଇଡି: opssb.odpol@nic.in
Help line number: ୦୬୭୧-୨୩୦୨୪୪୪, ୦୬୭୧-୨୩୦୧୬୭୭

12028/11/0009/1819



**CUTTACK DEVELOPMENT AUTHORITY**
**Arunodaya Bhawan, Link Road, Cuttack - 12**
**Fax No : 0671 - 2312299, email : cda.cuttack@ori.nic.in**
C.D.A.

**No.13557 / CDA / Dt. 30.08.18**

**AUCTION TO RENT OUT AVAILABLE SPACE FOR PARKING OF VEHICLES ON "AS IS WHERE IS BASIS" AT PERI PHERY MARKET COMPLEX, BUXI BAZAR, CUTTACK, ODISHA**

Cuttack Development Authority (CDA) invites applications for renting out the available space in PERI PHERY MARKET COMPLEX at Buxi Bazar on "as is where is basis' exclusively for parking of light motor vehicles / two wheelers. The available space is approximately 20,490 square feet. Details of the available space to be auctioned is mentioned below.

| Details of Location | Area in Sq.ft. (Approx.) | Upset price for Annual License Fee (in Rs) | Bid Security (in Rs) |
|---|---|---|---|
| PERI PHERY MARKET COMPLEX | 20,490 | 6,00,000 | 50,000 |

Interested parties may apply in the following proforma through registered post / speed post only to the **Secretary ,CDA, Arunodaya Bhawan, Link Road, Cuttack - 12**, superscribing the envelope in bold letters **"Application for renting out available space for Parking of light motor vehicles / two wheelers in Peri Phery Market Complex"** along with Demand Draft / Banker's cheque drawn in favour of **"Finance & Accounts Member, Cuttack Development Authority"** towards non-refundable processing fee of Rs.11,800/- and bid security of Rs.50,000 (fifty thousand) on or before **3/10/2018** by 5.00 P.M. The bid will be opened on **4/10/2018** at 11.30 AM in the Conference Hall of CDA in presence of the bidders or their authorized representatives. Applications without processing fee and bid security will be out rightly rejected. The bidder quoting the highest price will be selected as the "successful bidder". Multiple bids / proposals shall not be accepted from single bidder. The successful bidder needs to pay the bid price in 5 equal instalments. The successful / highest bidder will be awarded contract for a period of 1 year. The contract may be renewed further on mutually agreed terms and conditions. The successful/ highest bidder shall be required to deposit 20% (twenty percent) of bid amount in advance in shape of Demand Draft payable at Cuttack within 7 (seven) days from the date of issue of provisional allotment letter. In case of successful bidder, bid security shall be adjusted 20% (twenty percent) of the bid amount to be collected in advance. Failure to deposit the amount within the prescribed time shall render the bid invalid and the security deposit will be forfeited. Incomplete or conditional applications and applications received beyond the stipulated date and time shall be summarily rejected. The surface improvement if any, may be permissible at the own cost of the allotee with prior permission of the CDA. *Cuttack Development Authority reserves right to accept or reject any application and to annul the selection process at any time, without incurring any liability and without assigning any reason thereof.* For any assistance with respect to site inspection and other details, **Executive Engineer, CDA** may be contacted ( +91 9438431370, 0671-2321452) during office hours.

**Sd/-**
**Secretary, CDA**

**APPLICATION FORM**

Rrecent Photograph with Signature

1. Name :..........
2. Father's / Husband's Name :..........
3. Date of birth :..........
4. Present Address :..........
5. Permanent Address :..........
6. Phone No :..........Mobile No..........
7. Email Id :..........
8. Permanent Account Number / Tan (Company / Firm etc.) :..........
   (Copy of PAN / TAN of the applicant is to be enclosed)
9. Aadhar Number :..........
10. Nominee's name with address :..........
11. Details of processing fee paid :..........
12. Fee Quoted :..........
   (In both figures & words respectively)

I do hereby undertake to abide by all the terms & conditions of the advertisement prescribed by CDA for this scheme.

Date ..........
Place..........

Full Signature of the Applicant



** କଟକ ଉନ୍ନୟନ କର୍ତ୍ତୃପକ୍ଷ**
**ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ - ୧୨**
C.D.A

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର - 10 ରେ ପ୍ଲଟ ନଂ - 10-6D/1598 ଟିକୁ ଶ୍ରୀ ବିପିନ ବିହାରୀ ମଲ୍ଲିକ, ପି - ୰ ବରଜୁ ମଲ୍ଲିକ, ସା - ଦହିପାଳ, ପୋ - ନନ୍ଦିଗ୍ରାମ, ଥା - ନାଉଗାଁହାଟ, ଜି- ଜଗତସିଂହପୁରଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ବିପିନ ବିହାରୀ ମଲ୍ଲିକ, ଉକ୍ତ ଆବଣ୍ଟିତ ପ୍ଲଟସହ ଗୃହଟିକୁ ରକ୍ତଗତ ସମ୍ପର୍କ ଆଧାରରେ ତାଙ୍କର କନ୍ୟା ଶ୍ରୀମତୀ ସୌଦାମିନୀ ମଲ୍ଲିକ, ସ୍ୱା - ଶାରଦା ପ୍ରସାଦ ମଲ୍ଲିକ, ସା/ପୋ/ଥା - ରାହାମା, ଜି - ଜଗତସିଂହପୁର ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

**ସଚିବ**



**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, KENDRAPARA**
**INVITATION FOR BIDS (SHORT NOTICE)**
**eerw_kpd@yahoo.com**
**'E' PROCUREMENT NOTICE**
**No. RWD/KPD-07/2018-19 Dt. 24.08.2018**

No. 658-O

| | | | |
|---|---|---|---|
| 1. | Name of Work | : | Construction of Road Work in the District of Kendrapara for the year 2018-19 |
| 2 | Total No. of Work | : | 02 Number of Road Works |
| 3 | Estimated Cost | : | Rs. 22.20 lakhs Approximately |
| 4 | Period of Completion | : | As Specified in the Annexure |
| 5 | Class of Contractors | : | As Specified in the Annexure |
| 6. | Detail projects as per Annexure attached | | |
| Other details as follows | | | |
| a) | Procurement Officer | : | Executive Engineer Rural Works Division, Kendrapara |
| b) | Availability of tender online | : | 01.09.2018 at 11.00AM to 12.09.2018 upto 5.00 PM |
| c) | Last date & time of seeking of tender clarification | : | 11.09.2018 upto 5.00 PM |
| d) | Opening of Tender | : | 15.09.2018 at 11.00 AM |

Further details can be seen from the Govt. website www.tendersorissa.gov.in.

**Sd./- N. K. Senapati, Executive Engineer,**
**Rural Works Division, Kendrapara**

25064/11/0011/1819



NOTICE INVITING TENDER
OFFICE OF THE
NOTIFIED AREA COUNCIL, NAYAGARH
**NAYAGARH (ODISHA), PIN- 752069**
**e-mail: nacnayagarh@yahoo.co.in**

Tender Call Notice no. 2773 Dt. 30.08.2018

**E-Procurment Notice No. NACNGR-4/2018-19**

| | | | |
|---|---|---|---|
| 1 | Name of the work | : | Civil works |
| 2 | No. of work | : | 17 Nos. |
| 3 | Value of work | : | Rs. 1,84,113/- to Rs. 4,20,818/- |
| 4 | Class of contractor | : | D & C |
| 5 | Period of completion | : | 2 months |
| 6 | Date of publication | : | 31.08.2018 |
| 7 | Date and time of availability of document in the portal | : | From Dt.04.09.2018 at 11 AM to Dt.14.09.2018 upto 5 PM |
| 8 | Last date / time for receipt of bids in portal | : | Dt. 14.09.2018 upto 5 PM |
| 9 | Last date of submission of original documents in this office | : | Dt. 15.09.2018 upto 04.00 PM NAC Office Nayagarh |
| 10 | Date and time of opening bid | : | Dt. 15.09.2018 at 4.30 PM NAC Office Nayagarh |
| | Name and address of the officer inviting bid | : | Sd./- Executive Officer, NAC Nayagarh |

Further details can be seen from e-procurment portal **https://tendersodisha.gov.in**.



**BHUBANESWAR MUNICIPAL CORPORATION**

**No. 28476 COMPETITIVE BIDDING THROUGH e-Procurement Dt.28/08/18**

**NOTICE INVITING TENDER**
**Bid Reference No. BMC-EED-II/04 (EL)/2018-19,Dt.28.08.2018**

On behalf of the Commissioner, Bhubaneswar Municipal Corporation (BMC), on-line e-tender Percentage Rate Bids in conformity with the Detailed Tender Call Notice are invited by the Executive Engineer-II, BMC for execution of the works mentioned in the tender call notice.

Only the Bid Reference No. **(BMC-EED-II/04(EL)/2018-19)** should be written clearly over (superscribed) the envelop containing the bid documents to be submitted by each intending bidder vide Cl.4 below of "Information for the Intending Bidders" of this Notice. Nowhere on the envelop the bidders should write Work Name & its Sl. No. failing which, such bids shall be rejected outrightly and will not be opened for evaluation. Such envelops shall be refunded on demand with proper acknowledgement. The affidavit to be submitted/furnished by the intending bidders should feature Name of the Work and/or its Sl. No. In case of any mis-match or inconsistency or contradict among different clauses/conditions/instructions/information furnished in this tender call notice or in the DTCN, then necessary clarification shall be issued by BMC on specific request without compromising the transparency and intention of BMC behind this tendering process.

In order to keep pace with the recent developments and simplifications of tendering procedures, BMC Division No-II has been pursuing through various reforms. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. Clarifications required, if any, on any matter related to this tender notice, shall be furnished by an authorized officer, Sri Ajit Kumar Behera AEE (Tel. No.9437292355) (during office hours only) till the stipulated last date and time of submission of on-line tender.

1. Total No. of works for which Tenders invited: **7** Nos.
2. Place of Execution : Different locations of Bhubaneswar Municipal Corporation
3. Estimated Cost of Individual Work : Rs. 242147/- to Rs. 635333/-
4. Eligible Class of Contractors –: Registered Contractors from **ELBO** of H.V & M.V as indicated against each work in DTCN.
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
6. The bid documents will be available in the above website from **11 A.M on dt.31.08.2018 to 5 P.M on dt.07.09.2018** for online bidding.
7. Bids received online will be opened at **11 A.M on dt.12.09.2018.**
8. The bidder must possess valid Compatible **Digital Signature Certificate (DSC).**
9. The DTCN and the tender call notice for **7** Nos. of work can be seen in the e-procurement portal https://www.tendersodisha.gov.in.

**On behalf of Commissioner, BMC, Bhubaneswar**
**Executive Engineer,BMC Division No.-II**

**Progress Through Partnership for a Better Bhubaneswar**

# ଦୂତୀ ଆଶ୍ୱସ୍ତ

**ଆନ୍ତର୍ଜାତିକ ଆସୋସିଏଶନ ଅଫ ଆଥଲେଟିକ୍ ଫେଡେରେଶନ (ଆଇଏଏଏଫ୍)ର ନୂଆ ହାଇପରଆଣ୍ଡ୍ରୋଜେନିଜମ୍ ନିୟମ ଲାଗୁ ହେବା ପରେ ବିଶ୍ୱ ଆଥଲେଟିକ୍ସରେ ହଇଚଇ ସୃଷ୍ଟି ହୋଇଛି। ଭାରତର ଦ୍ରୁତତମ ଧାବିକା ଦୂତୀ ଚାନ୍ଦଙ୍କ ପାଇଁ ଏହି ନିୟମ ଅବଶ୍ୟ କୌଣସି ସମସ୍ୟା ସୃଷ୍ଟି କରିବ ନାହିଁ। ତେବେ ୧୦୦ ଓ ୨୦୦ ମିଟର ଦୌଡ ବ୍ୟତୀତ ୪୦୦ରୁ ୧୫୦୦ ମିଟର ମଧ୍ୟରେ ସାମିଲଥିବା ସବୁ ଇଭେଣ୍ଟ୍ ଏହି ନିୟମ ପରିସରକୁ ଆସୁଥିବାରୁ ବହୁ ତାରକା ଆଥଲେଟଙ୍କ କ୍ୟାରିୟର ପ୍ରଭାବିତ ହେବା ଆଶଙ୍କା କରାଯାଉଛି।**



ନିର୍ମଳ କୁମାର ମିଶ୍ର

ଅଲିମ୍ପିକ୍ସ ପରି ବିଶ୍ୱସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଆଥଲେଟିକ୍ସ, ଟେନିସ୍, ବକ୍ସିଂ, ରେସଲିଂ, ଦୌଡ ପରି ବ୍ୟକ୍ତିଗତ ପ୍ରଦର୍ଶନ ଭିତ୍ତିକ ଖେଳକୁଦରେ ପ୍ରତିଯୋଗିତା ଅତି ତୀବ୍ର ତଥା ସଂଘର୍ଷପୂର୍ଣ୍ଣ ହୋଇଥାଏ। ସେଥିପାଇଁ ଅଧିକାଂଶ ଖେଳାଳି ପ୍ରବଳ ପରିଶ୍ରମ ଓ ଅଭ୍ୟାସ କରିଥାନ୍ତି। ପ୍ରତିଯୋଗିତାରେ ରହିବା ଏବଂ ପଦକ ଜିତିବା ପାଇଁ ଯେଉଁ ସର୍ବାଧିକ ପ୍ରଦର୍ଶନ ଆବଶ୍ୟକ ହୋଇଥାଏ ସେଥିପାଇଁ ଆଥଲେଟମାନେ ନିଷିଦ୍ଧ ଶକ୍ତିବର୍ଦ୍ଧକ ଔଷଧ (ଡ୍ରଗ୍ସ) ବ୍ୟବହାର କରିଥାନ୍ତି। ଏ ନେଇ ବିଶ୍ୱକ୍ରୀଡ଼ାରେ ଅନେକ ଉଦାହରଣ ରହିଛି। ଏପରିକି ଅନେକ ବିଶ୍ୱସ୍ତରୀୟ ତାରକା ଆଥଲେଟ୍ ପରବର୍ତ୍ତୀ ଅବସ୍ଥାରେ ଡୋପ ଟେଷ୍ଟରେ ବିଫଳ ହୋଇ ସେମାନଙ୍କ ପଦକ ଫେରାଇଥିବାର ବହୁ ଉଦାହରଣ ରହିଛି। ଏହି ସବୁ ପ୍ରତିଯୋଗିତାଗୁଡିକରେ ଅତିରିକ୍ତ ଶକ୍ତି ଓ ସାମର୍ଥ୍ୟ ପାଇବା ପାଇଁ ପ୍ରଶିକ୍ଷକଙ୍କ ଜ୍ଞାତ ଓ ଅଜ୍ଞାତରେ ଅନେକେ ଏପରି କଟକଣାଯୁକ୍ତ ଡ୍ରଗ୍ସ ସେବନ କରିଥାନ୍ତି। ଅଲିମ୍ପିକ୍ସ ପରି ସବୁ ଅନ୍ତର୍ଜାତୀୟ ଏବଂ ଜାତୀୟ ସ୍ତରରେ ବିଭିନ୍ନ ଦେଶରେ ସଙ୍ଗଠନମାନ ରହିଛି। ଆମ ଦେଶରେ ମଧ୍ୟ ଏପରି ଏକ ଜାତୀୟ ଆଣ୍ଟିଡୋପିଂ ଏଜେନ୍ସି (ନାଡା) କାର୍ଯ୍ୟ କରୁଛି। କଡା କଟକଣା ଏବଂ ବ୍ୟାପକ ସଚେତନତା ସତ୍ତ୍ୱେ ନିଶା ଔଷଧ ସେବନ କରିବା ଖେଳ ପ୍ରତି ସେମାନଙ୍କର ନିଷ୍ଠା ଓ ବିଶ୍ୱାସକୁ ନ୍ୟୂନ କରୁଛି। ଅନେକ ବିଶ୍ୱସ୍ତରୀୟ ମହିଳା ଏବଂ ପୁରୁଷ ଆଥଲେଟ୍ ଡୋପ୍ ଏବଂ ଆଣ୍ଡ୍ରୋଜେନ ସମସ୍ୟା ଯୋଗୁ ଦୋଷୀ ସାବ୍ୟସ୍ତ ହୋଇଛନ୍ତି।

ସମ୍ପ୍ରତି ଆଇଏଏଏଫ୍ (ଇଣ୍ଟର ନ୍ୟାଶନାଲ ଆସୋସିଏଶନ୍ ଅଫ୍ ଆଥଲେଟିକ୍ସ ଫେଡେରେଶନ୍) ଏକ ନୂଆ ନିୟମ ପ୍ରଣୟନ କରିଛି। ଏହି ନିୟମ କେବଳ ମହିଳା ଆଥଲେଟ୍‌ମାନଙ୍କ ପାଇଁ ଉଦ୍ଦିଷ୍ଟ ଅଟେ। ଯେଉଁ ମହିଳା ଆଥଲେଟ୍‌ମାନଙ୍କ ଶରୀରରେ ଆଣ୍ଡ୍ରୋଜେନ୍ ମାତ୍ରା ଅଧିକ ରହିଛି ସେମାନଙ୍କ ପାଇଁ ଏହି ନୂତନ ନିୟମ ଆସିଛି । ନଭେମ୍ବର ୧ତାରିଖରୁ ଲାଗୁ ହେବ। ଏହି ନିୟମ ଲାଗୁ ହେଲେ ଅନେକ ରୁଷିଆ ଏବଂ ଦକ୍ଷିଣ ଆଫ୍ରିକାର ମହିଳା ଖେଳାଳିମାନେ ଅଧିକ ପ୍ରଭାବିତ ହେବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଦକ୍ଷିଣ ଆଫ୍ରିକାର ଷ୍ଟାର ଆଥଲେଟ୍ ତଥା ଅଲିମ୍ପିକ୍ସ ସ୍ୱର୍ଣ୍ଣପଦକ ବିଜୟିନୀ କାଷ୍ଟର ସିମେନ୍ୟା ଅଧିକ ସମସ୍ୟାରେ ପଡିବେ। ଏହି ନୂଆ ନିୟମକୁ ନେଇ ଦକ୍ଷିଣ ଆଫ୍ରିକା ଏବଂ ରୁଷିଆ ପୂରାପୂରି କ୍ଷୁବ୍ଧ।

ଚଳିତ ଏସିଆନ ଗେମ୍ସରେ ୧୦୦ ଓ ୨୦୦ ମିଟର ଦୌଡରେ ରୌପ୍ୟ ପଦକ ହାସଲ କରିଥିବା ଦେଶର ଦ୍ରୁତତମ ଧାବିକା ତଥା ଓଡ଼ିଆ ମହିଳା ତାରକା ସ୍ପ୍ରିଣ୍ଟର ଦୂତୀ ଚାନ୍ଦଙ୍କ ପାଇଁ ଅବଶ୍ୟ ଏ ନେଇ କୌଣସି ସମସ୍ୟା ନାହିଁ। ହାଇପର ଆଣ୍ଡ୍ରୋଜେନିଜିମ୍ ମାମଲାରେ ତାଙ୍କୁ ପୂର୍ବରୁ ବେଶ୍ ଅପବାଦ ସହିବାକୁ ପଡିଥିଲା। ଆଇଏଏଏଫ୍ ଏହାକୁ କାସ୍ (କୋର୍ଟ ଅଫ୍ ଆର୍ବିଟ୍ରେଶନ୍ ଫର୍ ସ୍ପୋର୍ଟ)ରେ ପ୍ରମାଣିତ କରିବାରେ ବିଫଳ ହେବା ଫଳରେ ଦୂତୀଙ୍କୁ ବେଶ ଆଶ୍ୱସ୍ତି ମିଳିଛି ଓ ସେ ଏବେ ଆନ୍ତର୍ଜାତିକ ଆଥଲେଟିକ୍ସରେ ବେଶ ସକ୍ରିୟ ରହିଛନ୍ତି। ମାତ୍ର ଏହି ନୂଆ ନିୟମ ଦକ୍ଷିଣ ଆଫ୍ରିକାର ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ସିମେନ୍ୟାଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ନୂଆ ନିୟମ ଅନୁସାରେ ଯେଉଁ ଆଥଲେଟମାନେ ୪୦୦ମିଟରରୁ ଏକ ମାଇଲ୍ ଦୌଡୁଛନ୍ତି ସେମାନଙ୍କ ପାଇଁ ଏହି କଟକଣା ରହିଛି। ଏଥି ମଧ୍ୟରେ ରହିଛି ୪୦୦ମି, ୮୦୦ମି, ହର୍ଡଲ୍ସ, ୧୫୦୦ମି. ରେସ୍ ପ୍ରତିଯୋଗିତା। ତେବେ ୧୦୦ମିଟର ଏବଂ ୨୦୦ମିଟର ଦୌଡୁଥିବା ମହିଳା ଆଥଲେଟ୍‌ମାନଙ୍କ ପାଇଁ କୌଣସି କଟକଣା ନାହିଁ। ଏପରି ନିୟମକୁ ନେଇ ଦକ୍ଷିଣ ଆଫ୍ରିକା ଆଥଲେଟିକ ସଂଘ ବେଶ୍ ପ୍ରତିକ୍ରିୟାଶୀଳ ହୋଇଛନ୍ତି। ଏହି ନିୟମ ଏକ ଅବାସ୍ତବ ପରିକଳ୍ପନା। ଏଥିପାଇଁ ସେମାନେ ୱାଡ଼ା ନିକଟରେ ଅଭିଯୋଗ ଆଣିବେ। ଦକ୍ଷିଣ ଆଫ୍ରିକାର କ୍ରୀଡାମନ୍ତ୍ରୀ ଟୋକୋଜିଲ୍ ଖାସା ଏହାକୁ ଆଇଏଏଏଫ୍‌ର ଏକ ଷଡଯନ୍ତ୍ର ବୋଲି କହିଛନ୍ତି। ୨୦୧୨ ଏବଂ ୨୦୧୬ ଅଲିମ୍ପିକ୍ସରେ ୮୦୦ ମିଟର ସ୍ୱର୍ଣ୍ଣ, ୨୦୦୯, ୨୦୧୧, ୨୦୧୭ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ଏବଂ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡା (ଗୋଲ୍ଡ କୋଷ୍ଟ) ୮୦୦ମିଟର ଏବଂ ୧୫୦୦ମିଟର ସ୍ୱର୍ଣ୍ଣ ବିଜୟିନୀ ଏହି ଷ୍ଟାର ଆଥଲେଟ୍ ଏହାକୁ ଅବାସ୍ତବ ଏବଂ ଅଜବ ନିୟମ କହିଛନ୍ତି ଓ ଦୌଡିବା ମୋର ଜନ୍ମଗତ ଅଧିକାର ବୋଲି ସେ ସ୍ପଷ୍ଟ କରିଛନ୍ତି।

ଦୂତୀ ଚାନ୍ଦଙ୍କ ମାମଲା ବିଚାରାଧୀନ ଥିବା ସମୟରେ କାସ୍ ଆଇଏଏଫ୍‌ର ହାଇପର ଆଣ୍ଡ୍ରୋଜେନିଜିମ୍ ନିୟମକୁ ସମାଲୋଚନା କରି ସାମୟିକ ନିଲମ୍ବନ କରିଥିଲେ। ମହିଳାମାନଙ୍କ ଶରୀରରେ ଆଣ୍ଡ୍ରୋଜେନ୍ (ପୁରୁଷ ହରମୋନ୍)ର ମାତ୍ରା ଅଧିକ ରହିଲେ ତାହା ପ୍ରଦର୍ଶନ ଉପରେ ପ୍ରଭାବ ପକାଇଥାଏ ଓ ସାଧାରଣ ମହିଳାମାନଙ୍କଠାରୁ ସେମାନଙ୍କର ପ୍ରଦର୍ଶନ ଅଧିକ ରହିଥାଏ। ଯାହା ଦୂତୀଙ୍କଠାରେ ରହିଥିବାର ଅଭିଯୋଗ ଆସିଛି। ଏହି ଯୁକ୍ତିକୁ କାସ୍ ଗ୍ରହଣ କରି ନ ଥିବାରୁ ଏହାକୁ ବୈଜ୍ଞାନିକ ଯୁକ୍ତି ମାଧ୍ୟମରେ ଦୁଇ ବର୍ଷ ମଧ୍ୟରେ ଅର୍ଥାତ ୨୦୧୭ ସେପ୍ଟେମ୍ବର ୨୭ ତାରିଖରେ କାସ୍ ନିକଟରେ ରିପୋର୍ଟ ଦାଖଲ କରିଥିଲା। ଏହି ନିୟମ ଅନୁସାରେ ଦୂତୀ ଚାନ୍ଦ ଆଗକୁ ୪୦୦ମିଟର କିମ୍ବା ୧ ମାଇଲ ଦୌଡରେ ଅଂଶ ଗ୍ରହଣ କରିପାରିବେ ନାହିଁ। ନୂଆ ଖସଡା ଅନୁସାରେ ପୁଣି ଆଇଏଏଏଫ୍ ନୂଆ ନିୟମ ପ୍ରସ୍ତୁତ କରିଛି। ଆଇଏଏଏଫ୍‌ର ବର୍ତ୍ତମାନର ସଭାପତି ସେବାଷ୍ଟିଆନ କୋ ଏହାକୁ ଆଗାମୀ ନଭେମ୍ବର ମାସ ୧ତାରିଖରୁ କଡାକଡି ଭାବେ ଲାଗୁ କରିବା ପାଇଁ କହିଛନ୍ତି। ଅନ୍ତର୍ଜାତୀୟ ପ୍ରତିଯୋଗିତାଗୁଡିକୁ ଡୋପିଂ ଏବଂ ଆଣ୍ଡ୍ରୋଜେନ୍ ଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଠାରୁ ଅଧିକ ସ୍ୱଚ୍ଛତା ରଖିବାକୁ ଏପରି ନିୟମ ନିହାତି ଆବଶ୍ୟକ ବୋଲି ସେବାଷ୍ଟିଆନ କହିଛନ୍ତି। ତେବେ ଏହାକୁ ଦକ୍ଷିଣ ଆଫ୍ରିକା ଆଥଲେଟିକ୍ ମହାସଂଘ ତୀବ୍ର ପ୍ରତିବାଦ କରିବା ସହ କଡ଼ା ସମାଲୋଚନା କରିଛି। ମୋନାକୋ ସହରରେ ଅବସ୍ଥିତ ଆଇଏଏଫ୍ ମୁଖ୍ୟ କାର୍ଯ୍ୟାଳୟରେ ୨୧୫ ସଭ୍ୟ ଦେଶ ରହିଛନ୍ତି। ତେବେ ଏହି ନିୟମକୁ ନେଇ ସଭ୍ୟ ଦେଶମାନେ ନିଜର ମତ ବ୍ୟକ୍ତ କରିଛନ୍ତି। ଫଳରେ ଏହି ମାମଲା ବେଶ୍ ବିବାଦୀୟ ହୋଇପଡିଛି।

ଓଡ଼ିଶାର ଦୂତୀ ଚାନ୍ଦ ଏବଂ ସିମେନ୍ୟା ମାମଲା ପ୍ରାୟ ଏକା ପ୍ରକାର। ୨୦୦୯ରେ ସିମେନ୍ୟା ପ୍ରକୃତରେ ଝିଅ ନା ଉଭୟଲିଙ୍ଗୀ ସେନେଇ ବିବାଦ ଉପୁଜିଥିଲା। ଫଳରେ ସେ ପରେ ସନ୍ଦେହ ପରିସରକୁ ଆସିଥିଲେ। ଆଇଏଏଏଫ୍ ତାଙ୍କର ପ୍ରକୃତ ଲିଙ୍ଗ ନିରୂପଣ କରିବା ପାଇଁ ନିର୍ଦ୍ଦେଶ ଦେବା ପରେ ୨୦୧୦ ଜୁଲାଇ ମାସରେ ଏହି ବିବାଦର ଅନ୍ତ ଘଟିଥିଲା। ଫଳସ୍ୱରୂପ ଆଇଏଏଏଫ୍ ଠାରୁ ସବୁଜ ସଂକେତ ପାଇ ସିମେନ୍ୟା ଅନ୍ତର୍ଜାତୀୟ ପ୍ରତିଯୋଗିତାଗୁଡିକରେ ଭାଗନେଇଥିଲେ। ମାତ୍ର ପରବର୍ତ୍ତୀ ଅବସ୍ଥାରେ ସମଗ୍ର ବିଶ୍ୱର ନଜର ଆମ ତାରକା ଆଥଲେଟ୍ ଦୂତୀଙ୍କ ଉପରେ ରହିଥିଲା। ତାଙ୍କଠାରେ ପୁରୁଷ ହରମୋନ୍ ଅଧିକ ଦର୍ଶାଇ ତାଙ୍କୁ ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରତିଯୋଗିତାରୁ ଦୂରେଇ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହି ବିଷୟ ଆଇଏଏଏଫ୍ କୋର୍ଟରେ ପ୍ରମାଣିତ କରିବାରେ ବିଫଳ ହୋଇଛି।

ନୂଆ ନିୟମ ଅନୁସାରେ ଯେଉଁମାନଙ୍କ ଶରୀରରେ ଟେଷ୍ଟୋଷ୍ଟେରନ୍‌ର ମାତ୍ରା ଅଧିକ ରହିଛି, ସେମାନେ ମହିଳା ନା ଉଭୟଲିଙ୍ଗୀ ତାହା ଆଇନ ଦ୍ୱାରା ସ୍ୱୀକୃତ ହେବେ। ରକ୍ତରେ ଏହି ଟେଷ୍ଟୋଷ୍ଟେରନ୍‌ର ମାତ୍ରା ୫ ଏନ୍‌ଏମ୍‌ଓଏଲ ମଧ୍ୟରେ ସୀମିତ ରଖିବେ ଏହା ଅତି କମ୍‌ରେ ୬ମାସ ପର୍ଯ୍ୟନ୍ତ ରହିବା ଆବଶ୍ୟକ। ଡୋପିଂ ପଦ୍ଧତିରେ ଆଥଲେଟ୍‌ମାନେ ଏହି ଆଣ୍ଡ୍ରୋଜେନ୍‌ର ପରିମାଣ ବୃଦ୍ଧି କରି ଅସୀମ ଶକ୍ତିର ଅଧିକାରୀ ହେଉଥିବାର ଯଦି ପ୍ରମାଣ ମିଳେ ସେପରି ଆଥଲେଟ୍‌ମାନଙ୍କୁ ଆଜୀବନ ବାସନ୍ଦ କରାଯିବାର ନିୟମ ମଧ୍ୟ କାର୍ଯ୍ୟକାରୀ କରାଯିବ। କାସ୍ ଏବଂ ଆଇଏଏଏଫ୍‌ର ନିଷ୍ପତ୍ତି ଅନୁସାରେ ଦୂତୀଙ୍କ ପାଇଁ କୌଣସି ସମସ୍ୟା ନାହିଁ। ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡା ପୂର୍ବରୁ ଦୂତୀ ଯେଉଁ ଆଣ୍ଡ୍ରୋଜେନ ସମସ୍ୟାରେ ଛନ୍ଦିହୋଇ ଯାଇଥିଲେ ଓ ସମସ୍ୟା ମଧ୍ୟ ଦେଇ ଗତି କରୁଥିଲେ ସେଥିରୁ ତାଙ୍କୁ ଅବଶ୍ୟ କିଛି ମାତ୍ରାରେ ନିସ୍ତାର ଏବଂ ଆଶ୍ୱାସନା ମିଳିଛି। ତାଙ୍କୁ ପ୍ରକୃତ ନ୍ୟାୟ ମିଳିଛି ଏବଂ ସେ ଅଧିକ ଖୁସି ଅଛନ୍ତି। ତେବେ ବାସନ୍ଦ ହେବାର ସେ ଦିନ ଗୁଡିକ ମୋତେ ସେତେବେଳେ କଷ୍ଟ ଦେଇଥିଲା ଓ ମୋତେ ନିରାଶ କରିଥିଲା। ଏବେ କିଛି ସମସ୍ୟା ନ ଥିଲେ ମଧ୍ୟ ଭବିଷ୍ୟତରେ ପୁଣି ଥରେ ବାସନ୍ଦ ଭୟ ମୋତ ଏବେ ବି ଘାରୁଛି ବୋଲି ଦୂତୀ କହିଛନ୍ତି। ଆଗକୁ ୧୦୦ମି, ୨୦୦ମିଟର ପ୍ରତିଯୋଗିତା ପାଇଁ ଅଧିକ ଧ୍ୟାନ ଦେବେ ଓ ଏଥିପାଇଁ ସେ ତାଙ୍କର ଅଭ୍ୟାସ ଜାରି ରଖିବେ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏହା ଆମ ରାଜ୍ୟ ତଥା ଦେଶର କ୍ରୀଡ଼ା ପାଇଁ ଏକ ଖୁସି ଖବର ବୋଲି କୁହାଯାଇପାରେ।




ଦୂତୀ ଚାନ୍ଦ




କାଷ୍ଟର ସିମେନ୍ୟା

## ଗୋଲ୍ଡେନ

ସିଲଭର ପଦକ ହଉପଛେ ଦୂତୀ
ସୁନାଝିଅ ଆମ ଯଶ
ଏକଶ' ମିଟର ପରେ ଦୁଇ ଶ'ରେ
ଜିତି କଲା ଇତିହାସ
ଜାକର୍ତ୍ତାରେ ଯହ କଷ
ସ୍ପ୍ରିଣ୍ଟ କୁଇନ ପାଇଁକି ଗର୍ବିତ
ରାଜ୍ୟ ସହ ଆମ ଦେଶ।।।୧

ଏସିଆନ ଗେମ୍ସରେ ଫାଷ୍ଟ ଥର ପାଇଁ
ହେପ୍‌ଟାଥଲନରେ ସୁନା
ପଦକ ପାଇଁକି ସ୍ୱପ୍ନା ବର୍ମନ
ଗୋଲଡେନ ଗର୍ଲ ଅନା
କେରଳର ଝିଅ ନିନା
ଲଙ୍ଗ୍‌ଜମ୍ପରେ ରୌପ୍ୟ ପଦକ ଜିତିକି
ଉଡାଏ ବିଜୟ ବାନା।।।୨



ଲେଡି କୁସ୍ତି ଯୋଦ୍ଧା ଭିନେଶ ଫୋଗତ
ପାଇଁ ଆମ ମୋଟ ଛାତି
ଲଭର ରାଠିଙ୍କ ସହିତ ନିର୍ବନ୍ଧ
ସରିଅଛି ରାତାରାତି
ଏସିଆନ ଗେମ୍ସ ତାତି
ସିଲଭର, ବ୍ରୋଞ୍ଜ, ସୁନା ଇକଓ୍ୱାଲ
ପଦକ ଗଣୁଥା ସାଥୀ।।।୩

–ସୁବାସ ଚନ୍ଦ୍ର ପ୍ରଧାନ

# ଡ୍ରାଗ୍ ଫ୍ଲିକର ବରୁଣ

**ଜୁନିୟର ସ୍ତରରେ ବେଶ୍ ଦମ୍‌ଦାର ପ୍ରଦର୍ଶନ କରିଥିବା ଡ୍ରାଗ୍ ଫ୍ଲିକର ବରୁଣ କୁମାର ଭାରତୀୟ ସିନିୟର ଦଳରେ ସ୍ଥାନ ପାଇବା ପାଇଁ ବେଶ୍ ସଂଘର୍ଷର ସମ୍ମୁଖୀନ ହୋଇଛନ୍ତି । ଦାରିଦ୍ର୍ୟ ଓ ଅର୍ଥାଭାବ ସତ୍ତ୍ୱେ ସେ ନିଜର ଅସାଧାରଣ ପ୍ରତିଭା ବଳରେ ଦଳ ପାଇଁ ନିର୍ଭରଯୋଗ୍ୟ ଡିଫେଣ୍ଡରର ମାନ୍ୟତା ହାସଲ କରିଛନ୍ତି । ଏବେ ଆନ୍ତର୍ଜାତିକସ୍ତରରେ ଭଲ ଖେଳି ଦେଶ ପାଇଁ ସୁନାମ ଆଣିବା ଲକ୍ଷ୍ୟରେ ସେ ରହିଛନ୍ତି ।**

ଯୁବ ଡ୍ରାଗ୍ ଫ୍ଲିକର ତଥା ଡିଫେଣ୍ଡର ବରୁଣ କୁମାର ଭାରତୀୟ ତଥା ଆନ୍ତର୍ଜାତିକ ହକିରେ ଏକ ପରିଚିତ ନାମ। ୨୩ ବର୍ଷୀୟ ପଞ୍ଜାବର ଏହି ହକି ଖେଳାଳି ଜୁନିୟର ସ୍ତରରେ ଭଲ ପ୍ରଦର୍ଶନ କରି ସିନିୟରସ୍ତରରେ ଖେଳିବାର ସୌଭାଗ୍ୟ ହାସଲ କରିଥିଲେ। ଦାରିଦ୍ର୍ୟର କାଷାଘାତ ଦେଇ ଗତି କରୁଥିବା ବରୁଙ୍କ ଜୀବନରେ ୨୦୦୭ରେ ଏକ ବଡ଼ ପରିବର୍ତ୍ତନ ଆସିଥିଲା, ଯେତେବେଳେ ତାଙ୍କୁ ଜଳନ୍ଧରର ପ୍ରସିଦ୍ଧ ସୁର୍ଜିତ ହକି ଏକାଡେମୀରେ ଭର୍ତ୍ତି କରାଯିବା ପାଇଁ ଚୟନ କରାଗଲା। ଏହା ପରେ ୨୦୧୪ରେ ତାଙ୍କୁ ଭାରତୀୟ ଜୁନିୟର ଦଳରେ ସାମିଲ କରାଗଲା। ସେତେବେଳେ ସେ ଫୁଲ ବ୍ୟାକ୍ ପାଇଁ ପ୍ରଥମ ପସନ୍ଦ ବନିଯାଇଥିଲେ। ୨୦୧୬ରେ ଲକ୍ଷ୍ନୌରେ ଅନୁଷ୍ଠିତ ଜୁନିୟର ହକି ବିଶ୍ୱକପ୍ ଖେଳିବାପାଇଁ ତାଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଥିଲା। ଏହି ବିଶ୍ୱକପ୍‌ରେ ସେ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ଭାରତ ବିଶ୍ୱକପ୍ ହାସଲ କରିଥିଲା ଓ ଦଳର ଏହି ଐତିହାସିକ ସଫଳତା ପଛରେ ବରୁଣଙ୍କ ଯୋଗଦାନ ମହତ୍ତ୍ୱପୂର୍ଣ୍ଣ ଥିଲା। ବିଶ୍ୱକପ୍‌ରେ ତାଙ୍କୁ ଦି ୱାଲା କୁହାଯାଉଥିଲା। ତାଙ୍କୁ ଅତିକ୍ରମ କରି ଅନ୍ୟଦେଶର ଖେଳାଳିମାନେ ଭାରତୀୟ ଗୋଲ ପୋଷ୍ଟ ନିକଟରେ ପହଞ୍ଚିବା ପ୍ରାୟ ଅସମ୍ଭବ ମନେହେଉଥିଲା। ଏହାର ଠିକ୍ ଗୋଟିଏ ବର୍ଷ ପରେ ତାଙ୍କୁ ଭାରତୀୟ ସିନିୟର ଦଳରେ ସାମିଲ କରାଯାଇଥିଲା। ଏହା ମୋ ପାଇଁ ସ୍ୱପ୍ନ ସଦୃଶ ଥିଲା। ମୋ ପିଲା ବେଳର ହିରୋ ସର୍ଦ୍ଦାର ସିଂ, ରୁପିନ୍ଦର ପାଲ ସିଂଙ୍କ ସହ ଗୋଟିଏ ଯାତ୍ରା କରିଥିଲି ଓ ସେମାନେ ମୋ ଆଖି ଆଗରେ ଥିଲେ ଏହା ମୋ ବିଶ୍ୱାସର ବାହାରେ ଥିଲା। ସିନିୟରସ୍ତରରେ ଅବଶ୍ୟ ସେ ଅଧିକ ଅଭିଜ୍ଞତା ହାସଲ କରିନାହାନ୍ତି। କିନ୍ତୁ ସେ ଦଳରେ ଜଣେ ଶ୍ରେଷ୍ଠ ଡିଫେଣ୍ଡର ତଥା ଡ୍ରାଗଫ୍ଲିକର ହେବାର ପ୍ରମାଣ ଦେଇଛନ୍ତି।

ଆନ୍ତର୍ଜାତିକ ସ୍ତରରେ ପହଞ୍ଚିବା ପାଇଁ ବରୁଣଙ୍କୁ ବେଶ୍ କଷ୍ଟ କରିବାକୁ ପଡିଛି। ସ୍କୁଲରେ ଶିକ୍ଷା ସମାପ୍ତ କରିବା ପରେ ତାଙ୍କୁ ବିଭିନ୍ନ ନିର୍ମାଣ ସ୍ଥଳୀରେ ଦିନ ମଜୁରିଆ ଭାବେ କାମ କରିବାକୁ ପଡିଥିଲା। ଏଥିରୁ ଉପାର୍ଜିତ ଅର୍ଥରେ ସେ ହକିର ବିଭିନ୍ନ ଉପକରଣ କିଣିବାକୁ ସକ୍ଷମ ହେଉଥିଲେ। ବରୁଣଙ୍କ ପିତା ବ୍ରହ୍ମାନନ୍ଦ ଜଣେ ଟ୍ରକ ଡ୍ରାଇଭର ଥିଲେ। ତେଣୁ ସେ ଠିକ୍ ଭାବେ ଘର ଚଳାଇ ପାରୁ ନ ଥିଲେ। ଏଭଳି ପରିସ୍ଥିତିରେ ସେ ପୁଅର ଇଚ୍ଛା ପୂରଣ କିଭଳି ବା କରିଥାନ୍ତେ। ବରୁଣ ମଜୁରିଆ ଭାବେ କାମ କରୁଥିବା କଥା ଜାଣିବା ପରେ ପିତା ବ୍ରହ୍ମାନନ୍ଦ ତାଙ୍କୁ ଗାଳି କରିଥିଲେ। କିନ୍ତୁ ପରେ ସେ ଏ ନେଇ ଆପତ୍ତି ଉଠାଇ ନ ଥିଲେ। କାରଣ ବରୁଣ ହକିକୁ ନେଇ ବେଶ୍ ଉତ୍ସାହିତ ଥିଲା ଓ ଆଗକୁ ବଢ଼ିବାକୁ ଚାହୁଁଥିଲା ବୋଲି ବ୍ରହ୍ମାନନ୍ଦ କୁହନ୍ତି।

ହକି ଖେଳିବାକୁ ମୋର ପ୍ରବଳ ଇଚ୍ଛା ଥିଲା। କିନ୍ତୁ ଷ୍ଟିକ୍ କିଣିବାକୁ ପାଖରେ ପଇସା ନ ଥିଲା। ସେଥିପାଇଁ ମୁଁ କେତେକ ନିର୍ମାଣ ସ୍ଥଳୀରେ କାଠ ପଟା ଓ ଗଣ୍ଡି ଉଠାଇ ଥିଲି। ଏଥିରୁ ଯେଉଁ ଅର୍ଥ ମିଳୁଥିଲା ତାକୁ ନେଇ ହକି ଷ୍ଟିକ୍ ସହିତ ବିଭିନ୍ନ ଉପକରଣ କିଣୁଥିଲି। ଘରର ପରିସ୍ଥିତି ମଧ୍ୟ ଆଦୌ ଭଲ ନ ଥିଲା। ବାପାଙ୍କ ରୋଜଗାରରେ ଆମେ କେବଳ ଡାଲି ରୁଟି ଖାଇବ ପାଇଁ ସକ୍ଷମ ହେଉଥିଲୁ। ବେଳେବେଳେ ଆମକୁ ଭୋକରେ ଶୋଇବାକୁ ପଡୁଥିଲା। ତେଣୁ ମୋତେ କମ୍ ବୟସରୁ ରୋଜାଗର କରିବାକୁ ପଡୁଥିଲା ବୋଲି ବରୁଣ କୁହନ୍ତି। ପଞ୍ଜାବର ଜଳନ୍ଧର ନିକଟସ୍ଥ ମିଠାପୁର ଗାଁରେ ବରୁଣ ଜନ୍ମଗ୍ରହଣ କରିଥିଲେ। ମିଠାପୁରକୁ ହକିର ଅନୁଡିଶାଳ କୁହାଯାଇଥାଏ। ଏହି ଗାଁରେ ପୂର୍ବତନ ଭାରତୀୟ ଅଧିନାୟକ ପରଗତ ସିଂ, ମନପ୍ରୀତ୍ ସିଂ, ଷ୍ଟ୍ରାଇକର ମନଦୀପ ସିଂ ଓ ତଲବିନ୍ଦର ସିଂଙ୍କ ଭଳି ତାରକା ହକି ଖେଳାଳି ଆସିଛନ୍ତି।

ମନପ୍ରୀତଙ୍କ ଯୋଗୁ ସେ ହକି ଖେଳିବାକୁ ପ୍ରେରଣା ପାଇଥିଲେ। ପିଲା ଦିନେ ମୁଁ କୌଣସି ଖେଳପ୍ରତି ଆକୃଷ୍ଟ ନ ଥିଲି। ତେବେ ମନପ୍ରୀତ୍ ପାଜି ସ୍କୁଲ୍‌ରେ ମୋର ସିନିୟର ଥିଲେ ଓ ସେ ମୋତେ ହକି ଖେଳିବାକୁ ପ୍ରସ୍ତାବ ଦେଇଥିଲେ। ଆମ ସହ ହକି ଖେଳିବାକୁ କାହିଁକି ଆସୁନାହଁ ବୋଲି ସେ ମୋତେ କହିଥିଲେ। ପ୍ରଥମେ ହକି ମୋତେ ଭଲ ଲାଗି ନ ଥିଲା। ତେବେ କେତେ ସପ୍ତାହ ପରେ ହକିକୁ ନେଇ ମୋର ଭଲ ପାଇବା ଆରମ୍ଭ ହୋଇଥିଲା ଓ ଏହା ମୋର ଜୀବନ ପାଲଟି ଯାଇଥିଲା ବୋଲି ବରୁଣ କୁହନ୍ତି।

### ସଂକ୍ଷେପରେ...

- ନାମ- ବରୁଣ କୁମାର
- ଜନ୍ମ- ପଞ୍ଜାବ, ଜଳନ୍ଧର
- ବୟସ- ୨୩
- ଦଳ- ଭାରତୀୟ ସିନିୟର ଓ ଜୁନିୟର।
- ହକି ଇଣ୍ଡିଆ ଲିଗ୍- ପଞ୍ଜାବ ୱାରିୟର୍ସ ।
- ସ୍ୱର୍ଣ୍ଣ- ଏସିଆ କପ୍ (୨୦୧୭)
- ଚାମ୍ପିୟନ୍ସଟ୍ରଫି-ରୌପ୍ୟ (୨୦୧୮)





“କେଉଁ ସୀମା ପର୍ଯ୍ୟନ୍ତ ରିସ୍କ ନେବା ସୁରକ୍ଷିତ ତାହା ବିଚାର କରିବା ଜଣେ ନିବେଶକଙ୍କ ପାଇଁ ଏକ କଠିନ ବ୍ୟାପାର।
– ଜର୍ଜ ସୋରୋ, ଆମେରିକୀୟ ନିବେଶକ



“ଯଦି କୌଣସି ସେବା ଆପଣଙ୍କୁ ମାଗଣାରେ ମିଳୁଛି ତେବେ ଆପଣ ପ୍ରକୃତରେ ତାହାର ଗ୍ରାହକ ନୁହନ୍ତି। ବରଂ ଏହା ଆପଣଙ୍କ ପାଇଁ ଏକ ବୋଝ ହୋଇ ପାରେ।
– ଟିମ୍ କୁକ୍, ସିଇଓ, ଆପଲ୍

## ସଂକ୍ଷେପରେ

### ବ୍ୟାଙ୍କ ଖୋଲା ରହିବ

**ନୂଆଦିଲ୍ଲୀ,୩୦-୮:** ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଦେଶର ସମସ୍ତ ବ୍ୟାଙ୍କ ଖୋଲା ରହିବ ଏବଂ ଏଟିଏମ୍‌ରେ ଟଙ୍କା ଉଠାଇ ହେବ। ସେପ୍ଟେମ୍ବର ୨ରୁ ୫ ତାରିଖ ପର୍ଯ୍ୟନ୍ତ ଏବଂ ୮ ଓ ୯ ତାରିଖ ଛୁଟି ଦିନ ଓ ଧର୍ମଘଟ ଯୋଗୁ ୬ ଦିନ ବ୍ୟାଙ୍କ ବନ୍ଦ ରହିବ ଏବଂ ଏହି ସମୟରେ ଏଟିଏମ୍‌ରୁ ଟଙ୍କା ଉଠାଇ ହେବ ନାହିଁ ବୋଲି ସୋସିଆଲ ମିଡିଆ ହ୍ୱାଟ୍ସଆପ୍‌ରେ ଏକ ସୂଚନା ପ୍ରସାରିତ ହେଉଛି। ଏଥିରେ କୁହାଯାଇଛି ଯେ, ସେପ୍ଟେମ୍ବର ୩ରେ ଜନ୍ମାଷ୍ଟମୀ ଓ ୪ ଓ ୫ରେ କର୍ମଚାରୀଙ୍କ ଧର୍ମଘଟ ଯୋଗୁ ବ୍ୟାଙ୍କ ବନ୍ଦ ରହିବ। ନ୍ୟାଶନାଲ ଅର୍ଗାନାଇଜେଶନ ଅଫ ବ୍ୟାଙ୍କ ୱାର୍କର୍ସର ଭାଇସ ପ୍ରେସିଡେଣ୍ଟ ଅଶ୍ୱିନୀ ରାଣା ଏହାକୁ ଖଣ୍ଡନ କରିଛନ୍ତି। ରିଜର୍ଭ ବ୍ୟାଙ୍କ କର୍ମଚାରୀ ୪ ଓ ୫ରେ ଧର୍ମଘଟ କରୁଛନ୍ତି। ଏଥିରେ ଦେଶର ସମସ୍ତ ବ୍ୟାଙ୍କ ସାମିଲ ହୋଇଛନ୍ତି ବୋଲି ଧରିନିଆଯାଇଛି। ଆସନ୍ତା ସପ୍ତାହରେ ବ୍ୟାଙ୍କ ଖୋଲା ରହିବ ବୋଲି ସେ କହିଛନ୍ତି।

### ସୁନ୍ଦର ପିଚାଇଙ୍କୁ ଭେଟିଲେ ପ୍ରସାଦ



**ୱାଶିଂଟନ/ନୂଆଦିଲ୍ଲୀ,୩୦-୮:** ଆମେରିକା ଗସ୍ତରେ ଯାଇଥିବା ଭାରତର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ରବିଶଙ୍କର ପ୍ରସାଦ ଗୁଗୁଲ ସିଇଓ ସୁନ୍ଦର ପିଚାଇଙ୍କୁ ଭେଟିଛନ୍ତି। ସିଲିକନ୍ ଭ୍ୟାଲିରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରସାଦ ଭାରତରେ ଆଇଟି ଉଦ୍ୟୋଗରେ ଅଧିକ ନିବେଶ ବୃଦ୍ଧି ଉପରେ ଜୋର୍ ଦେଇଥିଲେ। ଏନ୍‌ଆର୍‌ଆଇମାନେ ଭାରତର ଷ୍ଟାର୍ଟଅପ୍‌କୁ ପ୍ରୋତ୍ସାହିତ କରିବା ସହ ସାଇବର ସୁରକ୍ଷା ଏବଂ ନୂଆ ଟେକ୍ନୋଲୋଜି ନିଜ ଦେଶରେ ଲାଗୁ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସେ ଗୁଗୁଲ୍ କାର୍ଯ୍ୟାଳୟରେ ପିଚାଇଙ୍କୁ ଭେଟିଥିଲେ। କମ୍ପ୍ୟୁଟର ସଂଯୋଗ ବୃଦ୍ଧି, ଭାରତୀୟ ଭାଷାକୁ ଗୁଗୁଲ୍‌ରେ ସାମିଲ କରିବା ତଥା ଷ୍ଟାର୍ଟଅପ୍ କ୍ଷେତ୍ରରେ କ୍ଷମତା ବୃଦ୍ଧି ଲାଗି ଭାରତରେ କମ୍ପାନୀର ନିବେଶ ଉପରେ ପିଚାଇ କେନ୍ଦ୍ର ମନ୍ତ୍ରୀଙ୍କୁ ଜଣାଇଥିଲେ।

### ବିମୁଦ୍ରୀକରଣ ନଗଦ କାରବାରକୁ ହ୍ରାସ କରିଛି

**ନୂଆଦିଲ୍ଲୀ, ୩୦-୮(ପି.ଟି.):** ବିମୁଦ୍ରୀକରଣ ଯୋଗୁ ଦେଶରେ ନଗଦ ଅର୍ଥ କାରବାର ହ୍ରାସ ପାଇଛି। ଏହା ବଦଳରେ ଜନସାଧାରଣ ଅନ୍‌ଲାଇନ୍ କାରବାରକୁ ଗ୍ରହଣ କରିଛନ୍ତି। ନୀତି ଆୟୋଗର ଉପାଧ୍ୟକ୍ଷ ରଜୀବ କୁମାର ଗୁରୁବାର ଏହା କହିଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ବୁଧବାର ପ୍ରକାଶ କରିଥିବା ରିପୋର୍ଟ ଅନୁସାରେ ୯୯.୩% ପୁରୁଣା ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ଲୋକଙ୍କ ଠାରୁ ପ୍ରତ୍ୟାହାର କରି ନିଆଯାଇଛି। ଏହି ସବୁ ନୋଟ୍ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଫେରିଛି। ୨୦୧୬ ନଭେମ୍ବର ୮ରେ ପ୍ରଧାନମନ୍ତ୍ରୀ ବିମୁଦ୍ରୀକରଣ ଘୋଷଣା କରିଥିଲେ। ଏହି ସମୟରେ ଭାରତୀୟ ବଜାରରେ ମୋଟ ୧୫.୪୧ ଲକ୍ଷ କୋଟି ମୂଲ୍ୟର ୫୦୦ ଓ ୧୦୦୦ ଟଙ୍କିଆ ନୋଟ ପ୍ରବାହିତ ହେଉଥିଲା। ସେଥି ମଧ୍ୟରୁ ଏବେ ସୁଦ୍ଧା ୧୫.୩୧ ଲକ୍ଷ କୋଟି ନୋଟ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଫେରିଛି।

### ମାଲ୍ୟାଙ୍କ ଲାଗି ସେଲ୍ ନଂ ୧୨ର ପୁନର୍ନିର୍ମାଣ

**ମୁମ୍ବାଇ,୩୦-୮:** ପଳାତକ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ପ୍ରତ୍ୟର୍ପଣ ଲାଗି ଲଣ୍ଡନ କୋର୍ଟରେ ମାମଲା ଚାଲିଛି। ପ୍ରତ୍ୟର୍ପଣ ପରେ ସ୍ଥାନୀୟ ଆର୍ଥର ରୋଡ୍ ଜେଲ୍‌ର ସେଲ୍ ନଂ ୧୨ରେ ତାଙ୍କୁ ରଖାଯିବ। ତେବେ ମାଲ୍ୟା ଏଥିପାଇଁ ଅରାଜି ହେବାରୁ କୋର୍ଟଙ୍କ ନିର୍ଦ୍ଦେଶରେ ସିବିଆଇ ପକ୍ଷରୁ ସେଲ୍‌ର ଏକ ଭିଡିଓ ଦାଖଲ କରାଯାଇଛି। ଏହି ଭିଡିଓରୁ ଜଣାପଡିଛି ଯେ, ମାଲ୍ୟା ରହିବାକୁ ଥିବା ସେଲ୍ ନଂ ୧୨ର ଫ୍ଲୋର ଟାଇଲ୍‌କୁ ବଦଳାଯାଇଛି। ସେଲ୍‌ର କାନ୍ଥରେ ନୂଆ ରଙ୍ଗ ଦିଆଯାଇଛି। ଏହାଛଡା ବାଥ୍‌ରୁମ୍‌କୁ ଚକାଚକ୍ କରାଯିବା ସହ ଅତ୍ୟାଧୁନିକ ଟଏଲେଟ୍ ବ୍ୟବସ୍ଥା କରାଯାଇଛି। ଏହି ସେଲ୍‌ରେ ୨୬/୧୧ ମୁମ୍ବାଇ ଆକ୍ରମଣର ଅଭିଯୁକ୍ତ ଅଜମଲ କସବକୁ ରଖାଯାଇଥିଲା। ପିଡବ୍ଲ୍ୟୁଡି ପକ୍ଷରୁ ଏହି ସେଲ୍‌ର ନବନିର୍ମାଣ କରାଯାଇଛି। ପ୍ରମେଶ କନଷ୍ଟ୍ରକ୍ସନ ନାମକ ଏକ କଣ୍ଟ୍ରାକ୍ଟର କମ୍ପାନୀ ଏହାକୁ ନିର୍ମାଣ କରିଛି। କମ୍ପାନୀ ମୁଖ୍ୟ ଶିବକୁମାର ପାଟିଲ ପୁନଃନିର୍ମାଣକୁ ସ୍ୱୀକାର କରିଛନ୍ତି। ଅନ୍ୟପକ୍ଷରେ ଆର୍ଥର ରୋଡ୍ ଜେଲ୍ ଦାୟିତ୍ୱରେ ଥିବା ପିଡବ୍ଲ୍ୟୁଡିର ସେକ୍ସନ ଇଞ୍ଜିନିୟର ଶୈଳେଶ ପୋଲ୍ ଏହାକୁ ସାଧାରଣ କାର୍ଯ୍ୟ ବୋଲି ଦର୍ଶାଇଛନ୍ତି।

# ଜିଲା ସ୍ତରରେ ସ୍ୱତନ୍ତ୍ର କ୍ଲଷ୍ଟର ସ୍ଥାପନକୁ ପ୍ରାଥମିକତା

**ଭୁବନେଶ୍ୱର,୩୦।୮(ବ୍ୟୁରୋ)**

ଓଡିଶାରେ ଉପଲବ୍ଧ ହେଉଥିବା ବିଭିନ୍ନ ଉତ୍ପାଦ ତଥା ସାମଗ୍ରୀ ବେଶ୍ ସ୍ୱତନ୍ତ୍ର। କନ୍ଧମାଳର ହଳଦୀ ଭଳି ଏଠାକାର ବିଭିନ୍ନ ଜିଲା ସେମାନଙ୍କ ସାମଗ୍ରୀକୁ ନେଇ ବେଶ ଜଣାଶୁଣା। ଏଠାରେ କୃଷିଜାତ ସାମଗ୍ରୀ, ବୟନ ଶିଳ୍ପ ତଥା ଅନ୍ୟ କେତେକ କ୍ଷେତ୍ରରେ ଉଦ୍ୟୋଗ ସ୍ଥାପନ ଲାଗି ବିଶେଷ ସୁଯୋଗ ରହିଛି। ‘ୱାନ ଡିଷ୍ଟ୍ରିକ୍ଟ ୱାନ ପ୍ରଡକ୍ଟ ସ୍କିମ୍’ ଆଧାରରେ ଜିଲା ସ୍ତରରେ କ୍ଲଷ୍ଟର ସ୍ଥାପନକୁ ପ୍ରୋତ୍ସାହିତ କରାଯିବାର ଆବଶ୍ୟକତା ରହିଛି। ଏହା ହେଲେ ଉଦ୍ୟୋଗୀମାନଙ୍କୁ ବିଶେଷ ଭାବେ ଲାଭ ମିଳିବ। ଗୁରୁବାର ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମ (ଏନ୍‌ଏସ୍‌ଆଇସି) ଆନୁକୂଲ୍ୟରେ ଆୟୋଜିତ ରାଜ୍ୟ ଏସ୍‌ସି ଏସ୍‌ଟି କନକ୍ଲେଭ ଅବସରରେ କେନ୍ଦ୍ର ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ ଗିରିରାଜ ସିଂ ଏହା କହିଛନ୍ତି। ଏଭଳି କ୍ଲଷ୍ଟର ଉନ୍ନତୀକରଣ ହୋଇପାରିଲେ ଏହା ନିଯୁକ୍ତି ସୃଷ୍ଟି ଦିଗରେ ସହାୟକ ହେବ। କେନ୍ଦ୍ର ସରକାରଙ୍କ ବିଭିନ୍ନ ନୀତି ଯୋଗୁ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ପ୍ରାୟ ୨ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟିକୁ ଗୁରୁତ୍ୱ ଦିଆଯାଇଛି। ସେହିଭଳି ୧୮ ଲକ୍ଷ ନୂଆ ଉଦ୍ୟୋଗୀ ସୃଷ୍ଟି ଦିଗରେ ସରକାର କାର୍ଯ୍ୟକରୁଥିବା ସିଂ ଏହି ଅବସରରେ ସୂଚନା ଦେଇଛନ୍ତି। କନ୍ଧମାଳରେ କୃଷି ଭିତ୍ତିକ ଶିଳ୍ପ ସ୍ଥାପନ, ଉନ୍ନତ ବ୍ୟବସ୍ଥା ଦ୍ୱାରା ଘରୋଇ ବଜାରରେ କୃଷକଙ୍କ ଆୟ ବୃଦ୍ଧି, ରପ୍ତାନି ବୃଦ୍ଧି, ରାଜ୍ୟର ୨୦ ହଜାର କୃଷି ଉଦ୍ୟୋଗୀଙ୍କୁ ତାଲିମ୍ ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ଏନ୍‌ଏସ୍‌ଆଇସି ଧର୍ମପଦ ଭବନର ଶୁଭାରମ୍ଭ ହୋଇଛି।

କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ ଆଦିବାସୀ ଉଦ୍ୟୋଗୀଙ୍କ ଲାଗି ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ। ନୂଆ କରି ସ୍ଥାପନ ହୋଇଥିବା ଧର୍ମପଦ ଭବନ ରାଜ୍ୟର ଯୁବବର୍ଗଙ୍କ ଲାଗି ବିଶେଷ ଭାବେ ସହାୟକ ହେବ ବୋଲି ପ୍ରଧାନ କହିଛନ୍ତି। ଏମ୍‌ଏସ୍‌ଏମ୍‌ଇଗୁଡିକ ଅର୍ଥନୀତିର ମେରୁଦଣ୍ଡ। ଉକ୍ତ ଶିଳ୍ପଗୁଡିକ ନିଯୁକ୍ତି ସୃଷ୍ଟି ଓ ଜିଡିପି ଅଭିବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ପାରାଦୀପ ଆଗାମୀ ଦିନରେ ଓଡିଶାର ବିକାଶ ଦୀପ ହେବ। ସେଠାକାର ପେଟ୍ରୋକେମିକାଲ ଶିଳ୍ପରୁ ଆଗାମୀ ଦିନରେ ସିନ୍ଥେଟିକ୍ ସୂତା ପ୍ରସ୍ତୁତି ତଥା ବୟନ ଶିଳ୍ପର ବିକାଶ ନେଇ ସେ ସୂଚନା ଦେଇଥିଲେ। ଷ୍ଟାଣ୍ଡ ଅପ୍ ତଥା ମୁଦ୍ରା ଯୋଜନାରେ ଅନୁସୂଚିତ ଜାତି, ଜନଜାତି ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ, କ୍ଷୁଦ୍ର ଶିଳ୍ପଗୁଡିକରୁ ବୃହତ୍ ଶିଳ୍ପଗୁଡିକର ଉତ୍ପାଦ ସଂଗ୍ରହରେ ଉନ୍ନତି, ଏସ୍‌ଟି ଏସ୍‌ସି ଉଦ୍ୟୋଗୀଙ୍କ ବିକାଶ ଦିଗରେ ବ୍ୟାଙ୍କଗୁଡିକର ଭୂମିକା ଉପରେ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି। ନିଯୁକ୍ତି ସୁଯୋଗ ସୃଷ୍ଟି ଲାଗି ରାଜ୍ୟ ତଥା କେନ୍ଦ୍ର ସରକାର ମିଳିତ ହୋଇ କାର୍ଯ୍ୟ କରିବା ଉପରେ ସେ ମତ ରଖିଛନ୍ତି।

ଏସ୍‌ସି ଏସ୍‌ଟି ଉଦ୍ୟୋଗୀଙ୍କ ଲାଗି କେନ୍ଦ୍ର ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଥିବା କାର୍ଯ୍ୟକ୍ରମରେ ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ସୂଚନା ଦେଇଛନ୍ତି। ଉଦ୍ୟୋଗୀଙ୍କ ଉନ୍ନତି ଲାଗି ରାଜ୍ୟ ସରକାର ମଧ୍ୟ ଆଗେଇ ଆସିବା ଦରକାର ବୋଲି ସେ ଆହ୍ୱାନ ଜଣାଇଛନ୍ତି। ଏସ୍‌ଟି ଏସ୍‌ସି ଉଦ୍ୟୋଗୀଙ୍କ ମଧ୍ୟରେ ଶିଳ୍ପ ସଂକ୍ରାନ୍ତ ବିଭିନ୍ନ ସଚେତନତା ସୃଷ୍ଟି ଲାଗି ଏଭଳି କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଉଥିବା କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ସଚିବ ଅରୁଣ ପଣ୍ଡା ସୂଚନା ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ୨୬ଟି ସ୍ଥାନରେ ଏଭଳି କନକ୍ଲେଭ ଆୟୋଜନ କରାଯାଇଛି। ପବ୍ଲିକ ପ୍ରକ୍ୟୁରମେଣ୍ଟ, କ୍ଷୁଦ୍ର ଶିଳ୍ପୋଦ୍ୟୋଗୀଙ୍କୁ ହ୍ୟାଣ୍ଡ ହୋଲଡିଂ ସହାୟତା, ଶିଳ୍ପଗୁଡିକର ଉତ୍ପାଦ ମାର୍କେଟିଂ, ପ୍ରଡକ୍ଟର ସେଲିଂ, ଏମ୍‌ଏସ୍‌ଏମ୍‌ଇ ସମ୍ବନ୍ଧ ପୋର୍ଟାଲ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ଟେକ୍ନୋଲୋଜି ହସ୍ତାନ୍ତର ପାଇଁ ଏନ୍‌ଏସ୍‌ଆଇସି ସହ ସ୍ୟାପ୍ , ରାଉରକେଲାରେ ଲାଇଭଲିହୁଡ୍ ବିଜନେସ୍ ଇନକ୍ୟୁବେଟର ସ୍ଥାପନ ଲାଗି ଏନ୍‌ଏସ୍‌ଆଇସି, ରାଉରକେଲା ଏବଂ ଏସ୍‌ଟି ଫାଇନାନ୍ସ ଡେଭଲପମେଣ୍ଟ କର୍ପୋରେଶନ ମଧ୍ୟରେ ସହଭାଗିତା ହୋଇଛି। ଏଥିରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ, ବ୍ୟାଙ୍କ, ଶିଳ୍ପ ସଂଘ ସମେତ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ଏଜେନ୍ସି ତଥା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।




**ରାଜ୍ୟ ଏସ୍‌ସିଏସ୍‌ଟି କନକ୍ଲେଭ**
- ଏନ୍‌ଏସ୍‌ଆଇସି ଧର୍ମପଦ ଭବନର ଶୁଭାରମ୍ଭ
- ରାଉରକେଲାରେ ହେବ ବିଜନେସ୍ ଲାଇଭ୍‌ଲିହୁଡ ଇନ୍‌କ୍ୟୁବେଟର
- ଭୁବନେଶ୍ୱରରେ ଆପାରେଲ୍ ଇନ୍‌କ୍ୟୁବେଶନ ସେଣ୍ଟର

**ଧର୍ମପଦ ଭବନ**

ଭୁବନେଶ୍ୱରର ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଏରିଆରେ ନୂଆ କରି ସ୍ଥାପନ ହୋଇଥିବା ଧର୍ମପଦ ଭବନ ଏସ୍‌ଏସ୍‌ଏମ୍‌ଇ ଲାଗି ୱାନଷ୍ଟପ ସଲ୍ୟୁଶନ ହେବ। ପୂର୍ବାଞ୍ଚଳରେ ଏହା ଏନ୍‌ଏସ୍‌ଆଇସିର ସର୍ବବୃହତ୍ ଅଫିସ ବିଲଡିଂ। ୧.୧୦ ଲକ୍ଷ ବର୍ଗ ଫୁଟ ବିଲ୍ଡ ଅପ୍ ଏରିଆରେ ଏହା ସ୍ଥାପନ ହୋଇଛି। ଏହା ଏକ ସମନ୍ୱିତ ମାର୍କେଟିଂ ଉନ୍ନତୀକରଣ ସେଣ୍ଟର(ଆଇଏମ୍‌ଡିସି) ଭାବେ କାର୍ଯ୍ୟ କରିବ। ଉକ୍ତ ବିଲଡିଂରେ ଜାତୀୟ ଦକ୍ଷତା ବିକାଶ କର୍ତ୍ତୃପକ୍ଷ(ଏନ୍‌ଏସ୍‌ଡିସି), ଜାତୀୟ ଦକ୍ଷତା ତାଲିମ୍ ପ୍ରତିଷ୍ଠାନ(ଏନ୍‌ଏସ୍‌ଟିଆଇ), ଏନ୍‌ଏସ୍‌ଆଇସିର ଜାତୀୟ ଏସ୍‌ସିଏସ୍‌ଟି ହବ୍ ଅଫିସ (ଏନ୍‌ଏସ୍‌ଏସ୍‌ଏଚ୍‌ଓ) ଭଳି କାର୍ଯ୍ୟାଳୟ ରହିବ। ଏହା ସହ ଆପାରେଲ କ୍ଷେତ୍ରରେ ତାଲିମ ତଥା ଇନ୍‌କ୍ୟୁବେଶନ ସେଣ୍ଟର ମଧ୍ୟ ଏଠାରେ ରହିବ।

# ବଜାଜ ଅଟୋର ହ୍ୟାଟ୍ରିକ୍ ଅଫର

**ଭୁବନେଶ୍ୱର, ୩୦-୮**

**ଶୁକ୍ରବାର ରାତି ୧୧ଟା ପର୍ଯ୍ୟନ୍ତ ଖୋଲା ରହିବ ଶୋ’ରୁମ୍**

ସେପ୍ଟେମ୍ବର ପହିଲାରୁ ମୋଟର ସାଇକେଲ କ୍ରୟ କଲେ ଗ୍ରାହକଙ୍କୁ ହାରାହାରି ୩୦୦୦ ଟଙ୍କା ଅଧିକ ଖର୍ଚ୍ଚ ବହନ କରିବାକୁ ପଡ଼ିବ। ପୂର୍ବରୁ ଜଣେ ଗ୍ରାହକ ଗାଡି କ୍ରୟ କଲେ ଅତି କମ୍‌ରେ ବର୍ଷକ ପାଇଁ ଥାର୍ଡ ପାର୍ଟି ଇନ୍‌ସ୍ୟୁରାନ୍ସ କଭରେଜ୍‌ର ନିୟମ ରହିଥିଲା। କିନ୍ତୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଏହାକୁ ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଅର୍ଥାତ ଗାଡି କ୍ରୟରେ ତୃତୀୟ ପକ୍ଷଙ୍କ ପାଇଁ ୫ ବର୍ଷର ବାଧ୍ୟତାମୂଳକ ବୀମା କରିବାକୁ ପଡ଼ିବ। ଫଳରେ ଏଥିବାବଦ ଗ୍ରାହକଙ୍କୁ ପ୍ରାୟ ୩୦୦୦ ହଜାର ଟଙ୍କା ଅଧିକ ଖର୍ଚ୍ଚ ମୁଣ୍ଡାଇବାକୁ ହେବ ବୋଲି ପ୍ରମୁଖ ଦୁଇ ଚକିଆ ଓ ତିନିଚକିଆ ଯାନ ନିର୍ମାତା ବଜାଜ ଅଟୋ ଲିମିଟେଡ୍ ପ୍ରକାଶ କରିଛି। ଏ ସମ୍ପର୍କିତ ଏକ ପ୍ରେସ୍ ଇସ୍ତାହାର ଜାରି କରି ବଜାଜ ଅଟୋ ଏହାର ହ୍ୟାଟ୍ରିକ୍ ଅଫର ଘୋଷଣା କରିଛି। କମ୍ପାନୀର ସୂଚନା ଅନୁସାରେ ଯେଉଁମାନେ ନୂତନ ଯାନ କ୍ରୟ କରିବା ପାଇଁ ଚାହୁଁଛନ୍ତି ସେମାନେ ଚାହିଁଲେ ଏହି ଅତିରିକ୍ତ ବାଧ୍ୟତାମୂଳକ ଖର୍ଚ୍ଚରୁ ବର୍ତ୍ତି ପାରିବେ। ଏଥିପାଇଁ ଶୁକ୍ରବାର ଗୋଟିଏ ଦିନ ସମୟ ବାକି ରହିଛି। ଏହି ସମୟରେ ଯାନ କ୍ରୟ କଲେ ବଜାଜର ପ୍ଲାଟିନାରେ ପାଖାପାଖି ୪୮୦୦ ଏବଂ ପଲ୍‌ସର ଏନ୍‌ଏସ୍ ୧୬୦ ମଡେଲ୍‌ରେ ପାଖାପାଖି ୮୦୦୦ ଟଙ୍କା ସଞ୍ଚୟ କରିପାରିବେ। ଏହି ସୀମିତ ସମୟ ମଧ୍ୟରେ ଗ୍ରାହକମାନେ ବଜାଜ ସିଟି ୧୦୦, ପ୍ଲାଟିନା, ଡିସ୍କଭର, ଭି, ପଲ୍‌ସର ଆଦି ମଡେଲ୍‌ରେ ୨ ବର୍ଷର ମାଗଣା ସର୍ଭିସ୍ ପାଇ ପାରିବେ। ଏହା ବାଦ୍ ବଜାଜର ଯେକୌଣସି ମୋଟରସାଇକେଲ୍‌ରେ ୫ ବର୍ଷର ୱାରେଣ୍ଟି ପ୍ୟାକେଜ୍ ମଧ୍ୟ ପାଇବେ। ଏହି ସ୍ୱତନ୍ତ୍ର ଅଫର ସୁବିଧା ପ୍ରଦାନ ପାଇଁ ବଜାଜ ଅଟୋର ସମସ୍ତ ଡିଲର୍ସପଏଣ୍ଟ ଶୁକ୍ରବାର ରାତି ୧୧ଟା ପର୍ଯ୍ୟନ୍ତ ଖୋଲା ରହିବ ବୋଲି କମ୍ପାନୀ ପକ୍ଷରୁ ପ୍ରକାଶ।

### ସିକ୍ୟୁରିଟିଜ ବୋର୍ଡରେ ପୁନର୍ନିଯୁକ୍ତି

# ଚନ୍ଦାଙ୍କୁ ଆଇସିଆଇସିଆଇର ସମର୍ଥନ

**ମୁମ୍ବାଇ,୩୦-୮**



ଆଇସିଆଇସିଆଇ ବ୍ୟାଙ୍କ ଏହାର ସିଇଓ ତଥା ଏମ୍‌ଡି ଚନ୍ଦା କୋଚର୍‌ଙ୍କୁ ସହଯୋଗୀ କମ୍ପାନୀ ଆଇସିଆଇସିଆଇ ସିକ୍ୟୁରିଟିଜ ବୋର୍ଡରେ ପୁନଃନିଯୁକ୍ତିକୁ ସମର୍ଥନ କରିଛି ବୋଲି ଟିଭି ରିପୋର୍ଟ ପ୍ରକାଶ ପାଇଛି। ଏଠାରେ ଗୁରୁବାର ଆଇସିଆଇସିଆଇ ସିକ୍ୟୁରିଟିଜର ବାର୍ଷିକ ସାଧାରଣ ବୈଠକରେ ଚନ୍ଦାଙ୍କ ପୁନଃନିଯୁକ୍ତିକୁ ନେଇ ଭୋଟିଂ ହୋଇଥିଲା ବୋଲି ବିଶ୍ୱସ୍ତ ସୂତ୍ରକୁ ଉଦ୍ଧାର କରି ରିପୋର୍ଟରେ କୁହାଯାଇଛି। ଭିଡିଓକନ୍ ଗ୍ରୁପ୍‌କୁ ଋଣ ପ୍ରଦାନ ମାମଲାରେ କୋଚର୍‌ଙ୍କୁ ଏବେ ବାଧ୍ୟତାମୂଳକ ଭାବେ ଛୁଟିରେ ଯିବାକୁ ପଡିଛି। ତାଙ୍କ ବିରୋଧରେ ବ୍ୟାଙ୍କ ପକ୍ଷରୁ ସ୍ୱତନ୍ତ୍ର ଯାଞ୍ଚ ଆରମ୍ଭ ହୋଇଛି। ଏହାଛଡା ମାର୍କେଟ ରେଗୁଲେଟର ସେବି, ସିବିଆଇ ଓ ଆୟକର ବିଭାଗ ପକ୍ଷରୁ ମଧ୍ୟ ଯାଞ୍ଚ କରାଯାଉଛି। ଆଇସିଆଇସିଆଇ ସିକ୍ୟୁରିଟିଜର ସମ୍ବିଧାନ ଅନୁଯାୟୀ ବ୍ୟାଙ୍କ୍‌ର ସିଇଓ ତଥା ଏମଡି ଭାବେ ଚନ୍ଦା କୋଚର ଆଇସିଆଇସିଆଇ ସିକ୍ୟୁରିଟିଜ ବୋର୍ଡର ଜଣେ ସଦସ୍ୟ ରହିଛନ୍ତି। ତାଙ୍କର କାର୍ଯ୍ୟକାଳ ଆଜି ଶେଷ ହୋଇଥିବା ବେଳେ ସେ ପୁନଃନିଯୁକ୍ତି ପାଇ ଯୋଗ୍ୟ ହୋଇଛନ୍ତି। ଏସଂକ୍ରାନ୍ତରେ ଆଗତ ରିଜଲ୍ୟୁଶନ ଅନୁମୋଦନ ଲାଭ କଲେ ଚନ୍ଦା ପୁନର୍ବାର ଆଇସିଆଇସିଆଇ ସିକ୍ୟୁରିଟିଜ ବୋର୍ଡର ସଦସ୍ୟ ଭାବେ ନିଯୁକ୍ତି ପାଇବେ। ଅପରପକ୍ଷରେ କୋଚର ଏବେ ମଧ୍ୟ ବ୍ୟାଙ୍କର ଏମଡି ତଥା ସିଇଓ ଅଛନ୍ତି।

# ୩ କ୍ୟାରେଟ୍‌ର ହୀରା ଦେଖାଇ ଋଣ ନେଇଥିଲେ ନୀରବ

**ନୂଆଦିଲ୍ଲୀ,୩୦-୮**

**ପିଏନ୍‌ବି ମହାଦୁର୍ନୀତି**



ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ଆମେରିକା କମ୍ପାନୀ ବିରୋଧରେ ତଦନ୍ତ କରିବା ଲାଗି ସେଠାକାର କୋର୍ଟ ଦ୍ୱାରା ଜନ୍ ଜେ. କାର୍ନେ ନାମକ ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତ କରାଯାଇଥିଲା। ସେ ଗଭୀର ତଦନ୍ତ କରିବା ପରେ ସେଠାକାର ଅଦାଲତରେ ଏକ ରିପୋର୍ଟ ଦାଖଲ କରିଥିଲେ। ଏହି ରିପୋର୍ଟରେ ଉଲ୍ଲିଖିତ ବହୁ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ୩ କ୍ୟାରେଟ୍‌ର ଏକ ହଳଦିଆ ହୀରାକୁ ଦେଖାଇ ନୀରବ ମୋଦି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ରୁ ପ୍ରାୟ ୧୪ ହଜାର କୋଟି ଟଙ୍କାର ଋଣ ନେବାରେ ସଫଳ ହୋଇଥିଲେ ବୋଲି ରିପୋର୍ଟରୁ ଜଣାପଡିଛି।

ନୀରବ ୩ କ୍ୟାରେଟ୍‌ର ଏକ ହଳଦିଆ ହୀରାକୁ ନିଜର ଏକାଧିକ ଜାଲ୍ କମ୍ପାନୀ ଜରିଆରେ ପୃଥିବୀର ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେଇଥିଲେ। ଏଥିପାଇଁ ସେ ହୀରା ମୂଲ୍ୟକୁ ବାରମ୍ବାର ବଢ଼ାଇଥିଲେ। ୨୦୧୧ରୁ ୨୦୧୭ ମଧ୍ୟରେ ଏହି ଠକେଇ କାରବାରକୁ ଆଗେଇ ନିଆଯାଇଥିଲା। ରାଉଣ୍ଡ ଟ୍ରିପିଂ ଜରିଆରେ ବିଶ୍ୱର ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଏହି ହୀରାକୁ ରପ୍ତାନି କରି ନୀରବ ଏହାର କୃତ୍ରିମ ମୂଲ୍ୟ ବଢ଼ାଇବା ସହ ବାରମ୍ବାର ବିକ୍ରି ହୋଇଥିବାର କାଗଜପତ୍ର ତିଆରି କରିବାରେ ସଫଳ ହୋଇଥିଲେ। ଅତ୍ୟନ୍ତ ଆକର୍ଷଣୀୟ ଏହି ହଳଦିଆ ହୀରାକୁ ପ୍ରଥମେ ନୀରବଙ୍କ ଆମେରିକାସ୍ଥିତ ଫାୟାରଷ୍ଟାର ଡାୟମଣ୍ଡକୁ ବିକ୍ରି କରାଯାଇଥିବାର ଦର୍ଶାଯାଇଥିଲା। ପରେ ଏହାକୁ ତାଙ୍କର ମାଲିକାନାରେ ଥିବା ହଂକଂର ଏକ ଜାଲ୍ ଫ୍ୟାନ୍ସି କ୍ରିଏସନ୍ସ କମ୍ପାନୀ ଲିମିଟେଡକୁ ୨୦୧୧ ଅଗଷ୍ଟରେ ବିକ୍ରି କରିବା ପରେ ପଠାଯାଇଥିଲା। ସେତେବେଳେ ଏହି ହୀରାର ମୂଲ୍ୟ ୧.୧ ମିଲିୟନ ଡଲାର ଦର୍ଶାଯାଇଥିଲା। ଏହାର ଦୁଇ ସପ୍ତାହ ପରେ ଉକ୍ତ ହୀରାକୁ ନୀରବଙ୍କ ପରିବାର ପରିଚାଳନାରେ ଥିବା ସୋଲାର ଏକ୍ସପୋର୍ଟକୁ ବିକ୍ରି କରାଯାଇଥିଲା। ଯାହା ପରେ ପୁନର୍ବାର ଫାୟାରଷ୍ଟାରକୁ ଫେରି ଆସିଥିଲା। ସେତେବେଳେ ଏହାର ଦାମ୍ ୧.୮୩ ମିଲିୟନ ଡଲାରକୁ ବୃଦ୍ଧି ପାଇଥିଲା। ଏହାର ସପ୍ତାହ ନପୂରୁଣୁ ପୁନର୍ବାର ଏହି ହୀରାକୁ ହଂକଂସ୍ଥିତ ଫ୍ୟାନ୍ସି କ୍ରିଏସନ୍ସ କମ୍ପାନୀକୁ ପଠାଇ ଦିଆଯାଇଥିଲା। ସେତେବେଳେ ଏହାର ମୂଲ୍ୟ ୧.୧୬ ମିଲିୟନ ଡଲାର ଧାର୍ଯ୍ୟ ହୋଇଥିଲା। ଏହାର ଦୁଇ ସପ୍ତାହ ପରେ ନୀରବଙ୍କ ନ୍ୟୁୟର୍କସ୍ଥିତ ଏ.ଜାଫେ କମ୍ପାନୀ ୟୁନାଇଟେଡ ଆରବ ଏମିରେଟ୍ ସ୍ଥିତ ତାଙ୍କର ଆଉ ଏକ ଜାଲ୍ କମ୍ପାନୀ ୱାର୍ଲ୍ଡ ଡାଇମଣ୍ଡ ଡିଷ୍ଟ୍ରିବ୍ୟୁଶନକୁ ଏହି ହୀରା ବିକ୍ରି କରିଥିଲା। ୩ କ୍ୟାରେଟ୍‌ର ସେହି ହଳଦିଆ ହୀରାର ବିଶ୍ୱ ଭ୍ରମଣ ପରେ ମୋଟ୍ କାରବାର ପରିମାଣ ୨୧୩.୮ ମିଲିୟନ ଡଲାର ବୋଲି ଦର୍ଶାଯାଇଥିଲା। ଏହି ବିକ୍ରିର ଚାଲାଣ ଫର୍ମକୁ ଦର୍ଶାଇ ନୀରବ ପିଏନ୍‌ବିରୁ ଋଣ ଉଠାଇଥିଲେ। ଏହି ଋଣ ଅର୍ଥକୁ ସେ ନିଜର ବିଳାସବ୍ୟସନ ଏବଂ ପୁରୁଣା ଋଣ ଫେରସ୍ତ ପାଇଁ ବ୍ୟବହାର କରିଥିଲେ ବୋଲି ଜନ୍ କାର୍ନେ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି।




ଭୁବନେଶ୍ୱରରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରିଜ୍ ଅଫ୍ ଇଣ୍ଡିଆ ପକ୍ଷରୁ ଗୁରୁବାର ଆୟୋଜିତ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ମଞ୍ଚାସୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ଅତିଥି।

# ୧୫% ବଢ଼ିବ ନାଚୁରାଲ ଗ୍ୟାସ୍

## ପ୍ରଭାବିତ ହେବ ହାଣ୍ଡିଶାଳ, ଚାଷୀ ଓ ଅଟୋ ଉଦ୍ୟୋଗ

**ନୂଆଦିଲ୍ଲୀ,୩୦-୮**

- ପୂର୍ବରୁ ୬% ବଢ଼ିଥିଲା
- ପିଏନ୍‌ଜି ଓ ସିଏନ୍‌ଜି ଦର ବଢ଼ିବ
- ୨୦୧୪ରୁ ସ୍ୱତନ୍ତ୍ର ମେକାନିଜମ ସ୍ଥିର ହୋଇଥିଲା



କେନ୍ଦ୍ର ସରକାର ଦେଶରେ ଉତ୍ପାଦିତ ହେଉଥିବା ନାଚୁରାଲ ଗ୍ୟାସ୍(ପ୍ରାକୃତିକ ବାଷ୍ପ)ର ଦାମ ୧୫% ବଢ଼ାଇବାକୁ ଯାଉଛନ୍ତି। ଆସନ୍ତା ୬ ମାସ ପାଇଁ ନାଚୁରାଲ ଗ୍ୟାସ୍‌ର ଦାମ ୩.୫୦ ଡଲାର ମିଲିୟନ ମେଟ୍ରିକ ବ୍ରିଟିଶ ଥର୍ମାଲ ୟୁନିଟ୍ ରଖିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ହାଣ୍ଡିଶାଳରେ ବ୍ୟବହୃତ ଗ୍ୟାସ୍‌ର ଦାମ୍ ବଢ଼ିବା ନିଶ୍ଚିତ। କେବଳ ସେତିକି ନୁହେଁ ନାଚୁରାଲ ଗ୍ୟାସ୍ ବ୍ୟବହାର କରି ସାର ଉତ୍ପାଦନ କରୁଥିବା କମ୍ପାନୀଙ୍କ ଖର୍ଚ୍ଚ ବଢ଼ିବ। ସେହିପରି ପିଏନ୍‌ଜି ଓ ସିଏନ୍‌ଜି ବ୍ୟବହାର କରୁଥିବା ଅଟୋ ଉଦ୍ୟୋଗ ପାଇଁ ମଧ୍ୟ ଖର୍ଚ୍ଚ ବଢ଼ିଯିବ।

ନୂଆ ପ୍ରାଇସ୍ ମେକାନିଜମ ଆପଣାଇ କେନ୍ଦ୍ର ସରକାର ଚଳିତ ବର୍ଷ ଆରମ୍ଭରେ ଘରୋଇ ଉତ୍ପାଦିତ ନାଚୁରାଲ ଗ୍ୟାସ୍ ଦାମ ୬% ବଢ଼ାଇଥିଲେ। ଫଳରେ ଏହାର ଦାମ୍ ୩.୦୬ ମିଲିୟନ ମେଟ୍ରିକ ବ୍ରିଟିଶ୍ ଥର୍ମାଲ ୟୁନିଟ୍‌ରେ ପହଞ୍ଚିଥିଲା। ଏହା ଚଳିତ ବର୍ଷ ଏପ୍ରିଲରୁ ସେପ୍ଟେମ୍ବର ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ତେବେ ସରକାର ଏକାଥରକେ ଗ୍ୟାସ୍ ଦାମରେ ୧୫% ବୃଦ୍ଧି କରିବା ଦ୍ୱାରା ଏହା ଉପରେ ନିର୍ଭରଶୀଳ ସମସ୍ତେ ବ୍ୟାପକ ଭାବେ ପ୍ରଭାବିତ ହେବେ। ଏହାଦ୍ୱାରା ପାଇପ୍ ଯୋଗେ ରୋଷେଇ ଗ୍ୟାସ୍ ନେଉଥିବା ପରିବାର ଅଧିକ ଦାମ୍ ଦେବାକୁ ବାଧ୍ୟ ହେବେ। ସେହିପରି ସିଏନ୍‌ଜି ବ୍ୟବହାର କରୁଥିବା ଅଟୋ ସେକ୍ଟର ମଧ୍ୟ ଦାମ୍ ବଢ଼ାଇବେ। ଏହାଛଡା ସାର ଓ ଗ୍ୟାସ୍‌ରୁ ଶକ୍ତି ଉତ୍ପାଦନ କରୁଥିବା କମ୍ପାନୀ ମାନେ ବିଶେଷଭାବେ କ୍ଷତିଗ୍ରସ୍ତ ହେବେ। ନାଚୁରାଲ ଗ୍ୟାସ୍ ଦାମ ବଢ଼ିବାକୁ ଯାଉଥିବାରୁ ସାର ଉତ୍ପାଦନ ଖର୍ଚ୍ଚ ବଢ଼ିଯିବ। ଫଳରେ ଚାଷୀ ଅଧିକ ଦାମରେ ସାର କିଣିବାକୁ ବାଧ୍ୟ ହେବେ। ସୂଚନା ଦିଆଯାଇପାରେ ଯେ, ଏନଡିଏ ସରକାର ୨୦୧୪ରେ କ୍ଷମତାକୁ ଆସିବା ପରେ ଦେଶରେ ଉତ୍ପାଦିତ ନାଚୁରାଲ ଗ୍ୟାସ୍ ଦାମ୍ ନିର୍ଦ୍ଧାରଣ ଲାଗି ସ୍ୱତନ୍ତ୍ର ମେକାନିଜମ୍ ସ୍ଥିର କରିଥିଲେ। ତଦନୁଯାୟୀ ପ୍ରତି ୬ ମାସରେ ଦାମ୍‌ରେ ସଂଶୋଧନ କରାଯାଉଛି।

# ୧୯୭୮ ପରେ ଭାରତକୁ ଶ୍ରେଷ୍ଠ ସଫଳତା

**ଜାକର୍ତ୍ତା, ୩୦।୮(ପି.ଟି.)**

ଗୁରୁବାର ଅନୁଷ୍ଠିତ ପୁରୁଷ ୧୫୦୦ ମିଟର ରେସ୍‌ରେ ଜିନସନ ଜନସନ ସ୍ୱର୍ଣ୍ଣ ପଦକ ଲାଭ କରିବା ଏବଂ ମହିଳା ୪x୪୦୦ ମିଟର ରିଲେ ଦଳ କ୍ରମାଗତ ୫ମଥର ସ୍ୱର୍ଣ୍ଣ ପଦକ ହାସଲ କରିବା ଦ୍ୱାରା ଭାରତ ୧୯୭୮ପରେ ଚଳିତ ଏସିଆନ ଗେମ୍ସରେ ଆଥଲେଟିକ୍ସ ଇଭେଣ୍ଟରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଛି। ୬ ଦିନର ଟ୍ରାକ୍ ଆଣ୍ଡ ଫିଲ୍ଡ ପ୍ରତିଯୋଗିତା ପରେ ଭାରତ ୭ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ହାସଲ କରିଛି। ୧୯୭୮ରେ ଭାରତ ୮ ସ୍ୱର୍ଣ୍ଣ ସହିତ ୧୮ ପଦକ ପାଇଥିଲା। ମାତ୍ର ଏଥର ମୋଟ ୧୯ଟି ପଦକ ହାସଲ କରିଛି। ୧୯୫୧ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ସର୍ବପ୍ରଥମ ସଂସ୍କରଣରେ ଭାରତ ଆଥଲେଟିକ୍ସରେ ୧୦ ସ୍ୱର୍ଣ୍ଣ ସହ ୩୦ ପଦକ ପାଇଥିଲା। ୧୯୮୨ରେ ଭାରତ ଆଥଲେଟିକ୍ସ ଇଭେଣ୍ଟରୁ ୨୦ଟି ପଦକ ପାଇଥିଲେ ହେଁ ସ୍ୱର୍ଣ୍ଣ ପଦକ ସଂଖ୍ୟା ମାତ୍ର ୪ରେ ସୀମିତ ରହିଥିଲା। ଚଳିତ ଏସିଆଡ୍‌ରେ ଭାରତ ଚାଇନା(୧୨-୧୨-୯) ଓ ବାହାରିନ(୧୨-୫-୭) ପଛକୁ ତୃତୀୟ ସ୍ଥାନରେ ରହିଛି।

**ସୀମା, ଚିତ୍ରାଙ୍କୁ ବ୍ରୋଞ୍ଜ ପଦକ**

ଚଳିତ ଏସିଆନ ଗେମ୍ସରେ ଗୁରୁବାର ଭାରତର ସୀମା ପୁନିଆ ଓ ପି.ୟୁ. ଚିତ୍ରା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ମହିଳା ଡିସ୍‌କସ୍ ଥ୍ରୋରେ ଗତଥରର ଚାମ୍ପିୟନ ସୀମାଙ୍କୁ ଏଥର ବ୍ରୋଞ୍ଜରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ୩୫ ବର୍ଷୀୟ ଏହି ଭାରତୀୟ ଆଥଲେଟ୍ ସର୍ବାଧିକ ୬୨.୨୬ ମିଟର ଦୂରକୁ ଡିସ୍‌କସ୍ ଥ୍ରୋ କରିପାରିଥିଲେ। ଗତ ୬ ବର୍ଷ ମଧ୍ୟରେ ଏହା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଥିଲେ ହେଁ ତାହା କେବଳ ବ୍ରୋଞ୍ଜ ପଦକ ସଫଳତା ଦେଇ ପାରିଥିଲା। ଏସିଆନ ଚାମ୍ପିୟନ ଚାଇନାର ଚେନ୍ ୟାଙ୍ଗ ୬୫.୧୨ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଯାହାକି ସୀମାଙ୍କଠାରୁ ୨.୮୬ ମିଟର ଅଧିକ ଥିଲା। ଚାଇନାର ଫେଙ୍ଗ୍ ବିନ୍ ୬୪.୨୫ ମିଟର ସହ ରୌପ୍ୟ ପଦକ ହାସଲ କରିଥିଲେ।

ପ୍ରଥମ ଉଦ୍ୟମରେ ୫୮.୫୧ ମିଟର ଦୂରକୁ ଡିସକସ୍ ଫିଙ୍ଗିଥିବା ସୀମା ଦ୍ୱିତୀୟ ଉଦ୍ୟମରେ ଫାଉଲ୍ କରିଥିଲେ। ତୃତୀୟ ଉଦ୍ୟମରେ ସେ ୬୨.୨୬ ମିଟର ଥ୍ରୋ କରି ପାରିଥିଲେ। ୪ର୍ଥ ଉଦ୍ୟମରେ ୬୧.୨୮, ୫ମ ଉଦ୍ୟମରେ ଫାଉଲ୍ ଓ ୬ଷ୍ଠ ତଥା ଅନ୍ତିମ ଉଦ୍ୟମରେ ସେ ୬୧.୧୮ ମିଟର ଥ୍ରୋ କରିବାକୁ ସକ୍ଷମ ହୋଇଥିଲେ। ଅନ୍ୟପକ୍ଷରେ ୨୭ ବର୍ଷୀୟ ଚେନ୍ ଚଳିତ ସିଜନରେ ପୂର୍ବରୁ ୬୭.୦୩ ମିଟର ଥ୍ରୋ କରି ସାରିଥିବାରୁ ଟାଇଟଲ ଫେଭରାଇଟ ଥିଲେ। ଏଠାରେ ସେ ୫୯.୬୧ ମିଟରରୁ ଅଭିଯାନ ଆରମ୍ଭ କରିଥିଲେ ହେଁ କ୍ରମେ ଉନ୍ନତି କରି ଶେଷରେ ଶେଷ ଉଦ୍ୟମରେ ୬୫.୧୨ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ଦାବିଦାର ହୋଇ ଯାଇଥିଲେ। ସୀମା ୨୦୧୪ ଇଞ୍ଚିଅନ ଏସିଆନ ଗେମ୍ସରେ ୬୧.୦୩ ମିଟର ଦୂରକୁ ଡିସକସ୍ ପକାଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ମାତ୍ର ଏଠାରେ ୬୨.୨୬ ମିଟର ଥ୍ରୋ କରିଥିଲେ ହେଁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଏହା ସତ୍ତ୍ୱେ ୪ଥର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ୨ଟି ଏସୀୟ କ୍ରୀଡ଼ା ପଦକ ହାସଲ କରି ସୀମା ଏସିଆର ଶ୍ରେଷ୍ଠ ଡିସ୍‌କସ୍ ଥ୍ରୋୟର ହୋଇଛନ୍ତି। ଏଥିରେ ଭାଗ ନେଇଥିବା ଅନ୍ୟତମ ଭାରତୀୟ ହରିୟାଣାର ସନ୍ଦୀପ କୁମାରୀ ୫୪.୬୧ ମିଟର ସହ ୫ମ ସ୍ଥାନରେ ରହିଥିଲେ। ତାଙ୍କର ଶେଷ ୩ ଉଦ୍ୟମ ଫାଉଲ୍ ହୋଇଥିଲା।

ମହିଳା ୧୫୦୦ ମିଟର ରେସ୍‌ରେ ମଧ୍ୟ ଚିତ୍ରାଙ୍କୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଚଳିତ ସିଜନ ପ୍ରଦର୍ଶନ ଦୃଷ୍ଟିରୁ ଚିତ୍ରା ହଟ୍ ଫେଭରାଇଟ୍‌ଭାବେ ରେସ୍ ଆରମ୍ଭ କରିଥିଲେ। ମାତ୍ର ସେ ୪ ମିନିଟ ୧୨.୫୬ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହି ପାରିଥିଲେ। ବାହାରିନ୍‌ର ଦୁଇ ପ୍ରତିଯୋଗୀ କାଲ୍‌କିଡାନ ବେଫ୍‌କାଡୁ ୪:୦୭.୮୮ ସେକେଣ୍ଡ ସହ ସ୍ୱର୍ଣ୍ଣ ଏବଂ ଟିଗିଷ୍ଟ ବେଲି ୪:୦୯.୧୨ ସେକେଣ୍ଡ ସମୟ ସହ ରୌପ୍ୟ ପଦକ ହାସଲ କରିଥିଲେ। ୨୦୧୭ ଏସିଆନ ଚାମ୍ପିୟନଶିପ୍‌ରେ ଚିତ୍ରା ୪:୧୭.୯୨ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।



ପି.ୟୁ. ଚିତ୍ରା



ସୀମା ପୁନିଆ

## ଆଥଲେଟିକ୍ସ

**ଭାରତୀୟ ପୁରୁଷ ରିଲେ ଦଳକୁ ରୌପ୍ୟ**

ଭାରତୀୟ ୪x୪୦୦ ମିଟର ପୁରୁଷ ରିଲେ ଦଳ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ପାଇଛି। ଗୁରୁବାର ଅନୁଷ୍ଠିତ ଇଭେଣ୍ଟରେ କୁନ୍ହୁ ମହମ୍ମଦ, ଧରୁନ ଆୟାସାମି, ମହମ୍ମଦ ଆନାସ ଓ ରାଜୀବ ଆରୋକିଆଙ୍କୁ ନେଇ ଭାରତୀୟ ଦଳ ୩:୦୧.୮୫ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। କାତାର ଦଳ ୩:୦୦.୫୬ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ଏବଂ ଜାପାନ ଦଳ ୩:୦୧.୯୪ ସେକେଣ୍ଡ ସମୟ ସହ ବ୍ରୋଞ୍ଜ ପଦକ ପାଇଥିଲେ। ୨୦୧୪ ଏସିଆନ ଗେମ୍ସରେ ଭାରତୀୟ ଦଳ ୪ର୍ଥ ସ୍ଥାନରେ ରହିଥିଲା।



୪x୪୦୦ ରିଲେରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ମହିଳା ଦଳ।



୪x୪୦୦ ରିଲେରେ ରୌପ୍ୟ ପଦକ ବିଜୟୀ ଭାରତୀୟ ପୁରୁଷ ଦଳ।

# ସେମିରେ ହାରିଲେ ଭାରତୀୟ ପୁରୁଷ

**ଜାକର୍ତ୍ତା, ୩୦।୮(ପି.ଟି.)**

## ଏସିଆନ ଗେମ୍ସ ହକି

ଏସିଆନ ଗେମ୍ସ ହକି ଇଭେଣ୍ଟରେ ଗତଥରର ଚାମ୍ପିୟନ ଭାରତୀୟ ପୁରୁଷ ଦଳ ସ୍ୱର୍ଣ୍ଣ ପଦକ ଦୌଡ଼ରୁ ବାଦ୍ ପଡ଼ିଛି। ଗୁରୁବାର ଅନୁଷ୍ଠିତ କଡ଼ା ସଂଘର୍ଷପୂର୍ଣ୍ଣ ସେମିଫାଇନାଲ ମ୍ୟାଚରେ ଭାରତ ଅପେକ୍ଷାକୃତ ଦୁର୍ବଳ ମାଲେସିଆଠାରୁ ସଡନ ଡେଥରେ ୬-୭ ଗୋଲରେ ପରାସ୍ତ ହୋଇଛି। ଫଳରେ କେବଳ ସ୍ୱର୍ଣ୍ଣ ନୁହଁ, ରୌପ୍ୟ ପଦକ ହାସଲରୁ ମଧ୍ୟ ଭାରତ ବଞ୍ଚିତ ହୋଇଛି। ଏଥିସହିତ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ସିଧାସଳଖ ଯୋଗ୍ୟତା ହାସଲ କରିବା ସୁଯୋଗ ମଧ୍ୟ ଭାରତ ହାତଛଡ଼ା କରିଛି। ଭାରତୀୟ ଖେଳାଳିମାନେ ଏକାଧିକ ତ୍ରୁଟି କରିଥିଲେ। ତେବେ ଏହି ମ୍ୟାଚରେ ଭାରତକୁ ଅବଶ୍ୟ ଭାଗ୍ୟଦେବୀ ସହାୟ ହୋଇ ନ ଥିଲେ। ଶୁଟ୍ ଅଫ୍ ପରେ ସଡନ ଡେଥର ସହାୟତା ନିଆଯାଇଥିଲା। ଏବେ ବ୍ରୋଞ୍ଜ ପଦକ ପାଇଁ ଭାରତ ଶନିବାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଅନ୍ୟ ଏକ ସେମିରେ ପାକିସ୍ତାନ ୦-୧ ଗୋଲରେ ଜାପାନଠାରୁ ହାରିଛି। ଟାଇଟଲ ପାଇଁ ଏବେ ଜାପାନ ଓ ମାଲେସିଆ ପରସ୍ପରକୁ ଭେଟିବେ।

୮ ବର୍ଷ ତଳେ ଗୁଆଙ୍ଗଝଉ ସଂସ୍କରଣରେ ମାଲେସିଆ ଭାରତକୁ ହରାଇଥିଲା। ନିର୍ଦ୍ଧାରିତ ସମୟ ଓ ଶୁଟ୍ ଅଫ୍‌ରେ ଭାରତୀୟ ଖେଳାଳିମାନେ ତ୍ରୁଟି କରିଥିଲେ ଓ ଏହା ମହଙ୍ଗା ସାବ୍ୟସ୍ତ ହୋଇଥିଲା। ନିର୍ଦ୍ଧାରିତ ୬୦ ମିନିଟ ସୁଦ୍ଧା ମ୍ୟାଚ ୨-୨ ଗୋଲରେ ଅମୀମାଂସିତ ରହିଥିଲା। ଭାରତ ତରଫରୁ ହରମନପ୍ରୀତ ସିଂ ଓ ବରୁଣ କୁମାର ପେନାଲ୍ଟି କର୍ଣ୍ଣର ଜରିଆରେ ଯଥାକ୍ରମେ ୩୩ ଓ ୪୦ତମ ମିନିଟରେ ଗୋଲ ସ୍କୋର କରିଥିଲେ। ସେହିପରି ମାଲେସିଆ ତରଫରୁ ଫୈଜଲ ସାରି ୩୯ତମ ମିନିଟରେ ଗୋଲ ଦେଇଥିଲେ। ତେବେ ନିର୍ଦ୍ଧାରିତ ସମୟ ଶେଷ ହେବାର ଦୁଇ ମିନିଟ ପୂର୍ବରୁ ମାଲେସିଆର ମୁହମ୍ମଦ ରାଜି ଗୋଲ ଦେଇ ଭାରତ ହାତରୁ ବିଜୟ ଛଡ଼ାଇ ନେଇଥିଲେ। ଶୁଟ୍ ଅଫ୍‌ରେ ଉନ୍ନତ ଖେଳ ପ୍ରଦର୍ଶନ କରିଥିଲା ମାଲେସିଆ। ଏଥିସହ ମାଲେସିଆ ଦ୍ୱିତୀୟଥର ପାଇଁ ଏସିଆଡ ଫାଇନାଲରେ ପ୍ରବେଶ କରିଛି। ସଡନ ଡେଥ୍‌ରେ ଏସ୍‌ଭି ସୁନୀଲ ଗୋଲ ଦେବାରେ ବିଫଳ ହୋଇଥିଲେ। ଫଳରେ ଭାରତ ହାତରୁ ମ୍ୟାଚ ଚାଲିଯାଇଥିଲା। ଶୁଟ୍ ଅଫ୍‌ରେ ଆକାଶଦୀପ ଓ ହରମନପ୍ରୀତ ପ୍ରଥମ ୫ଟି ଶଟ୍ ଗୋଲ ସ୍କୋର କରିଥିଲେ। ତେବେ ମନପ୍ରୀତ ସିଂ, ଦିଲପ୍ରୀତ ସିଂ ଓ ସୁନୀଲ ଫେଲ୍ ମାରିଥିଲେ। ଗୋଲକିପର ପି.ଆର. ଶ୍ରୀଜେସ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ ମଧ୍ୟ ଦଳକୁ ପରାଜୟରୁ ରକ୍ଷା କରିପାରି ନ ଥିଲେ।

ସଡନ ଡେଥ୍‌ରେ ମାଲେସିଆର ୫ଟି ପ୍ରୟାସ ସଫଳ ହୋଇଥିଲା। ଅନ୍ୟପଟେ ଭାରତ ପ୍ରଥମ ୪ଟିରେ ଗୋଲ ଦେଇଥିଲା। କିନ୍ତୁ ଚାପର ସମ୍ମୁଖୀନ ହୋଇ ନ ପାରି ସୁନୀଲ ଫେଲ ମାରିବା ଫଳରେ ଭାରତ ହାରିଥିଲା। ଏହି ନିର୍ଣ୍ଣାୟକ ମ୍ୟାଚରେ ଭାରତ ତା'ର ପୁରୁଣା ତ୍ରୁଟି ଦୋହରାଇଥିଲା। ଏକାଧିକ ପେନାଲ୍ଟି ସୁଯୋଗ ପାଇଥିଲେ ମଧ୍ୟ ଭାରତ ତାହାକୁ ଗୋଲରେ ପରିଣତ କରିପାରି ନ ଥିଲା। ୨-୧ ଗୋଲ ପଛରେ ପଡିଥିବା ମାଲେସିଆ ଶେଷ ୫ ମିନିଟରେ ଦୁଇଟି ପେନାଲ୍ଟି କର୍ଣ୍ଣର ପାଇଥିଲା। ପ୍ରଥମଟି ହାତଛଡ଼ା ହୋଇଥିଲେ ମଧ୍ୟ ଦ୍ୱିତୀୟରେ ରାଜି ଗୋଲ ଦେଇ ମ୍ୟାଚକୁ ୨-୨ ସମାନ ସ୍ଥିତିକୁ ଆଣିଥିଲେ। ଏହାପୂର୍ବରୁ ଗ୍ରୁପ ପର୍ଯ୍ୟାୟରେ ଭାରତ ୭୬ଟି ଗୋଲ ସ୍କୋର କରିଥିଲା।



ଭାରତ ଓ ମାଲେସିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## ପ୍ରି-କ୍ୱାର୍ଟରରେ ହାରିଲେ ହର୍‌ଦୀପ୍, ଗରିମା

**ଜାକର୍ତ୍ତା, ୩୦।୮(ପି.ଟି.)**

ଭାରତୀୟ ଜୁଡୋକା ହର୍‌ଦୀପ୍ ସିଂ ବାର୍ ଓ ଗରିମା ଚୌଧୁରୀ ଏସିଆନ ଗେମ୍ସରେ ନିଜ ନିଜ ବର୍ଗରୁ ହାରି ବିଦାୟ ନେଇଛନ୍ତି। ୮୧ କିଗ୍ରା ପ୍ରି-କ୍ୱାର୍ଟର ଫାଇନାଲରେ ହର୍‌ଦୀପ ୩-୧୦ରେ ଦକ୍ଷିଣ କୋରିଆର ସିଅଙ୍ଗସୁ ଲିଙ୍କଠାରୁ ହାରି ଯାଇଥିଲେ। ସେହିଭଳି ମହିଳା ୭୦ କିଗ୍ରା ଇଭେଣ୍ଟର ପ୍ରି-କ୍ୱାର୍ଟରରେ ଗରିମା ୦-୧୦ରେ ଉଜବେକିସ୍ତାନର ଗୁଲନୋଜା ମାଟନିୟାଜୋଭଙ୍କଠାରୁ ପରାସ୍ତ ହୋଇଥିଲେ।

## ସିରିଜ ବରାବର କଲା ଆୟର୍ଲାଣ୍ଡ

**ବେଲ୍‌ଫାଷ୍ଟ, ୩୦।୮(ଏଏଫ୍‌ପି)**

ଆୟର୍ଲାଣ୍ଡ ଗସ୍ତରେ ଥିବା ଆଫଗାନିସ୍ତାନ କ୍ରିକେଟ ଦଳ ଦିନିକିଆ ସିରିଜର ୨ୟ ମ୍ୟାଚ୍‌ରେ ଘରୋଇ ଦଳଠାରୁ ୩ ଉଇକେଟ୍‌ରେ ପରାସ୍ତ ହୋଇଛି। ଏଠାରେ ଖେଳାଯାଇଥିବା ଏହି ଲୋ-ସ୍କୋରିଂ ବିଶିଷ୍ଟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭ୍ରମଣକାରୀ ଆଫଗାନିସ୍ତାନ ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ୍ ହରାଇ ୧୮୨ ରନ କରିଥିଲା। ଅଧିନାୟକ ଅସଘର ଅଫଘନ ୩୯ ଓ ନାଜିବୁଲ୍ ଜର୍ଡାନ ୪୨ ରନ କରିଥିଲେ। ଆୟର୍ଲାଣ୍ଡ ପକ୍ଷରୁ ଟିମ୍ ମର୍ଟାଗଙ୍କୁ ସର୍ବାଧିକ ୪ଟି ଉଇକେଟ୍ ମିଳିଥିଲା। ଜବାବରେ ଘରୋଇ ଦଳ ଆଣ୍ଡ୍ରୁ ବଲ୍‌ବିର୍ (୬୦)ଙ୍କ ଅର୍ଦ୍ଧଶତକ ବଳରେ ୪୩.୫ ଓଭରରେ ୭ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ରଶିଦ ଖାଁ ୩ଟି ଉଇକେଟ୍ ନେଇଥିଲେ। ସିରିଜର ପ୍ରଥମ ମ୍ୟାଚ୍‌କୁ ଆଫଗାନିସ୍ତାନ ୨୯ ରନରେ ଜିତିଥିଲା। ଫଳରେ ତିନି ମ୍ୟାଚ୍‌ବିଶିଷ୍ଟ ସିରିଜ ଏବେ ୧-୧ରେ ବରାବର୍‌ସ୍ଥିତିରେ ରହିଛି।

# ୩୬ ବର୍ଷ ପରେ ସ୍ୱର୍ଣ୍ଣ ଲକ୍ଷ୍ୟରେ ମହିଳା ହକି

**ଜାକର୍ତ୍ତା, ୩୦।୮(ପି.ଟି.)**

ଏସିଆନ ଗେମ୍ସ ମହିଳା ହକି ଫାଇନାଲରେ ଭାରତୀୟ ଦଳ ଶୁକ୍ରବାର ଜାପାନକୁ ଭେଟିବାକୁ ଯାଉଛି। ଏହି ମ୍ୟାଚ୍‌ରେ ଜାପାନକୁ ପରାସ୍ତ କରି ଭାରତୀୟ ମହିଳା ଦଳ ଦୀର୍ଘ ୩୬ ବର୍ଷର ବ୍ୟବଧାନ ପରେ ସମ୍ମାନଜନକ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ଲକ୍ଷ୍ୟରେ ରହିଛି। ଗତ ସଂସ୍କରଣର ବ୍ରୋଞ୍ଜ ପଦକ ବିଜେତା ଭାରତୀୟ ଦଳ ସେମିଫାଇନାଲରେ ଚାଇନାକୁ ୧-୦ ଗୋଲରେ ପରାସ୍ତ କରି ୨୦ ବର୍ଷର ପରେ ଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲା। ଶେଷଥର ପାଇଁ ୧୯୯୮ରେ ବ୍ୟାଙ୍କକ୍‌ରେ ଅନୁଷ୍ଠିତ ଏସିଆନ ଗେମ୍ସରେ ଭାରତୀୟ ମହିଳା ଦଳ ଫାଇନାଲକୁ ପ୍ରବେଶ କରିଥିଲା। କିନ୍ତୁ କୋରିଆ ନିକଟରୁ ପରାସ୍ତ ହୋଇ ଦଳ ରୌପ୍ୟରେ ସନ୍ତୁଷ୍ଟ ରହିଥିଲା। ଏବେ ଫାଇନାଲରେ ପ୍ରବେଶ କରିଥିବାରୁ ଭାରତ ନିକଟରେ ୩୬ ବର୍ଷ ପରେ ସ୍ୱର୍ଣ୍ଣ ପଦକ ଜିତିବାର ସୁଯୋଗ ସୃଷ୍ଟି ହୋଇଛି। ୧୯୮୨ରେ ଦିଲ୍ଲୀରେ ଖେଳାଯାଇଥିବା ଏସିଆନ ଗେମ୍ସ ପ୍ରତିଯୋଗିତାରେ ଭାରତ ଶେଷଥର ପାଇଁ ସ୍ୱର୍ଣ୍ଣିମ ସଫଳତା ପାଇଥିଲା। ବର୍ତ୍ତମାନ ସୁଦ୍ଧା ଭାରତୀୟ ଦଳ ପ୍ରତିଯୋଗିତାରେ ଅପରାଜେୟ ରହିଛି। ଭାରତ ଯଥାକ୍ରମେ ୮-୦ ଗୋଲରେ ଇଣ୍ଡୋନେସିଆକୁ, ୨୧-୦ରେ କାଜାଖସ୍ତାନକୁ, ୪-୧ରେ କୋରିଆକୁ, ୫-୦ରେ ଥାଇଲାଣ୍ଡକୁ ଏବଂ ସେମିଫାଇନାଲର ଚାଇନାକୁ ୧-୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି।

## ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୧୧୨ | ୭୬ | ୫୩ | ୨୪୧ |
| ଜାପାନ | ୫୯ | ୪୯ | ୬୬ | ୧୭୪ |
| ଦକ୍ଷିଣ କୋରିଆ | ୩୯ | ୪୬ | ୫୬ | ୧୪୧ |
| ଇଣ୍ଡୋନେସିଆ | ୩୦ | ୨୩ | ୩୭ | ୯୦ |
| ଇରାନ | ୧୯ | ୧୯ | ୨୦ | ୫୮ |
| ଉଜବେକିସ୍ତାନ | ୧୫ | ୧୯ | ୧୯ | ୫୩ |
| ଚାଇନିଜ୍ ତାଇପେ | ୧୪ | ୧୭ | ୨୪ | ୫୫ |
| ଭାରତ | ୧୩ | ୨୧ | ୨୫ | ୫୯ |
| ଉତ୍ତର କୋରିଆ | ୧୨ | ୯ | ୧୨ | ୩୩ |
| ବାହାରିନ | ୧୨ | ୬ | ୭ | ୨୫ |
| କାଜାଖସ୍ତାନ | ୧୧ | ୧୧ | ୩୮ | ୬୦ |
| ଥାଇଲାଣ୍ଡ | ୯ | ୧୪ | ୩୬ | ୫୯ |



ଟେବୁଲ ଟେନିସର ମିକ୍ସଡ ଡବଲ୍ସରେ ବ୍ରୋଞ୍ଜ ଜିତିଥିବା ଅଚନ୍ତ ଶରଥ କମଲ(ଡାହାଣ) ଓ ମାନିକା ବାତ୍ରା ଗୁରୁବାର ପଦକ ଗ୍ରହଣ ଅବସରରେ।



“ ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।

-ଶ୍ରୀ ଅଭିରାମ ପରମହଂସ

# ଲାଞ୍ଜିଗଡ଼ ବ୍ଲକରେ ପୁଣି ମାଓବାଦୀଙ୍କ ପୋଷ୍ଟର





ବିଭିନ୍ନ ସ୍ଥାନରେ ମାଓବାଦୀମାନେ ମାରିଥିବା ପୋଷ୍ଟର ଓ ବ୍ୟାନର।

**ଲାଞ୍ଜିଗଡ଼/ଭବାନୀପାଟଣା, ୩୦।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବ୍ଲକ ବିଶ୍ୱନାଥପୁରରୁ ବିଜେପୁରକୁ ସଂଯୋଗ କରୁଥିବା ହାତୀଶାଳ ଘାଟିରେ ଗଛକାଟି ମାଓବାଦୀମାନେ ରାସ୍ତା ଅବରୋଧ କରିଥିବା ବେଳେ ଗୁରୁବାର ପୁଣି ଉକ୍ତ ବ୍ଲକ ଅଞ୍ଚଳରେ ମାଓବାଦୀ ପୋଷ୍ଟର ମରାଯାଇଥିବା ଦେଖିବାକୁ ମିଳିଛି । ମାଓବାଦୀଙ୍କ ବାରମ୍ବାର ଏଭଳି କାର୍ଯ୍ୟ ପାଇଁ ଜିଲା ପୋଲିସ ପ୍ରଶାସନର ଚିନ୍ତାର କାରଣ ପାଲଟିଛି ।

ଗୁରବାର ଲାଞ୍ଜିଗଡ ବ୍ଲକ ବଳଭଦ୍ରପୁର ନିକଟସ୍ଥ କଦମ୍ବଗୁଡା, ତ୍ରିଲୋଚନପୁର ଛକ ଓ ଆମଗୁଡାର ବିଭିନ୍ନ ଗଛରେ ମାଓବାଦୀମାନେ ପୋଷ୍ଟର ଓ ବ୍ୟାନର ଲଗାଇଛନ୍ତି । ପୋଷ୍ଟର ଓ ବ୍ୟାନର ଦେଖି ସାଧାରଣ ଲୋକେ ଭୟଭୀତ ହୋଇ ପଡିଥିଲେ । ଏହା ପରେ ଲୋକେ ପୋଲିସରେ ଖବର ଦେଇଥିଲେ । ଲାଞ୍ଜିଗଡ ପୋଲିସ ପହଞ୍ଚି ବଳଭଦ୍ରପୁର ନିକଟସ୍ଥ କଦମ୍ବଗୁଡାଠାରେ ଲାଗିଥିବା ପୋଷ୍ଟର ଓ ବ୍ୟାନରକୁ ଜବତ କରିଛି । ତେବେ ପୋଷ୍ଟର ଓ ବ୍ୟାନର ଲାଗିଥିବା ଅଞ୍ଚଳରେ ମାଓବାଦୀମାନେ ଲ୍ୟାଣ୍ଡ ମାଇନ୍ ବିଛାଇଥିବା କିମ୍ବା ଆମ୍ବୁସ୍ କରି ପୋଲିସ ଓ ସୁରକ୍ଷା ବାହିନୀକୁ ଟାର୍ଗେଟ୍ କରିଥିବା ଆଶଙ୍କା କରି ପୋଲିସ ସତର୍କତାର ସହ ପଦକ୍ଷେପ ନେଉଥିବା ଜଣାପଡିଛି । ପୋଷ୍ଟରରେ ବୁଦ୍ଧିଜିବୀ, ଆଇନଜୀବୀ, ପତ୍ରକାର, ମାନବାଧିକାର କର୍ମୀ, ସାମାଜିକ କର୍ମୀ, ଭିଭି ରାଓ, ସୁଧା ଭରଦ୍ୱାଜ, ଗୌତମ ନଭଲେଖା, ଅରୁଣ ପରେରା ଓ ବର୍ଣ୍ଣଲେଙ୍କୁ ମୁକ୍ତକର, ଫାର୍ସିବାଦୀ ମୋଦି ସରକାର ବିରୋଧରେ ଏକ ହୁଅ, ଭିମାକୋରେ ଗାଁ ଆଳରେ ରାଷ୍ଟ୍ର ସନ୍ତ୍ରାସ ବନ୍ଦ କର, ମାଓବାଦୀ ଆଳରେ ବୁଦ୍ଧିଜିବୀ, ପତ୍ରକାର, ଆଇନଜୀବୀ, ମାନବାଧିକାର କର୍ମୀ, ସମାଜସେବୀଙ୍କ ଉପରେ ଦମନରାଜ ବନ୍ଦ କର ବୋଲି ଚେତାବନୀ ଦିଆଯାଇଛି । ପୋଷ୍ଟର ତଳେ ଓଡିଶା ରାଜ୍ୟ କମିଟି ସିପିଆଇ (ମାଓବାଦୀ) ବୋଲି ଉଲ୍ଲେଖ ରହିଛି ।

### ନିମୁର୍ଲା ଗ୍ରାମ ମୁରଲୀ ବେହେରା ହତ୍ୟା ମାମଲା

# ହତ୍ୟାକାରୀଙ୍କୁ ଆଜୀବନ ଜେଲ

**ଟିଟିଲାଗଡ, ୩୦।୮ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ନିମୁର୍ଲା ଗ୍ରାମରେ ଘଟିଥିବା ଏକ ହତ୍ୟା ମାମଲାର ବିଚାର କରି ଗୁରୁବାର ଟିଟିଲାଗଡ ଅତିରିକ୍ତ ଜିଲା ଦୌରାଜଜ ଶ୍ରୀକାନ୍ତ ମିଶ୍ର ଦୋଷୀ ବଡ ହାତୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହିତ ୧ ହଜାର ଟଙ୍କା ଜରିମାନା ପ୍ରଦାନ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟତମ ଅଭିଯୁକ୍ତ କମ୍ଭୁ ହାତୀଙ୍କୁ ୩୨୩ ଦଫାରେ ୧ବର୍ଷ ଜେଲଦଣ୍ଡ ସହ ୧ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ମାମଲାର ଅନ୍ୟ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରି ଦିଆଯାଇଛି। ହତ୍ୟା ଘଟଣା ନେଇ ସେ ସମୟରେ ପୋଲିସ ଦ୍ୱାରା ଗିରଫ ହୋଇଥିବା ବଡ ହାତୀଙ୍କୁ ଜାମିନ ମିଳି ନ ଥିବା ଯୋଗୁ ସେ କାରାଗାରରେ ରହିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୩ ଜୁଲାଇ ୧୧ତାରିଖରେ ନିମୁର୍ଲା ଗ୍ରାମର ମୁରଲୀ ବେହେରାଙ୍କୁ ହତ୍ୟା କରାଯାଇଥିଲା। ଅଭିଯୁକ୍ତ ବଡ ହାତୀ, ତାଙ୍କ ପୁଅ କମ୍ଭୁ ଓ ଅନ୍ୟ ୧୦ଜଣ ମୁରଲୀଙ୍କ ପୁଆଳ ଗଦା ପାଚେରିକୁ ଭାଙ୍ଗିବାକୁ ଆସିଥିଲେ। ଏହାକୁ ବିରୋଧ କରିବାରୁ ଅଭିଯୁକ୍ତମାନେ ରଫା, ଲୁହାଛଡ, ଠେଙ୍ଗାରେ ମୁରଲୀ ଏବଂ ତାଙ୍କ ପୁଅ ବୈକୁଣ୍ଠଙ୍କୁ ଆକ୍ରମଣ କରିଥିଲେ। ମୁରଲୀଙ୍କ ମୁଣ୍ଡରେ ଅଭିଯୁକ୍ତ ବଡ ହାତୀ ରଫାରେ ଆଘାତ କରିବାକୁ ସେ ଗୁରୁତର ଆହତ ହୋଇଥିଲେ। ଡାକ୍ତରଖାନାରେ ସେଦିନ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟତମ ଅଭିଯୁକ୍ତ କମ୍ଭୁ ହାତୀଙ୍କ ମାଡରେ ବୈକୁଣ୍ଠ ଆହତ ହୋଇଥିଲେ। ଏନେଇ ମୃତ ମୁରଲୀଙ୍କ ପୁଅ ଭୋପାଲ ବେହେରାଙ୍କ ଏତଲା ଆଧାରରେ ସିନ୍ଧେକେଲା ଥାନା ପୋଲିସ ବଡ ହାତୀ, କମ୍ଭୁ ହାତୀଙ୍କ ସମେତ ସେମାନଙ୍କ ପରିବାରର ୧୦ଜଣଙ୍କ ନାମରେ ଦଫା ୧୪୭, ୧୪୮, ୪୨୭, ୩୦୭, ୩୦୨ ଏବଂ ୧୪୯ ଆଇପିସିରେ ଏକ ମାମଲା(ନଂ ୫୯/୧୩)ରୁଜୁ କରି କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲା। ୧୮ଜଣ ସାକ୍ଷୀଙ୍କ ବୟାନ, ୨୧ଟି ଦସ୍ତାବିଜ ତଥା ହତ୍ୟାକାଣ୍ଡରେ ବ୍ୟବହୃତ ୮ଟି ବିଭିନ୍ନ ମାରଣାସ୍ତ୍ର କୋର୍ଟ ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା। ମାମଲାର ବିଚାର କରି ଗୁରୁବାର ଅତିରିକ୍ତ ଦୌରାଜଜ ମିଶ୍ର ଏହି ରାୟ ଶୁଣାଇ ଥିବା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଏପିପି ରାଧାକାନ୍ତ ପାଢୀ ସୂଚନା ଦେଇଛନ୍ତି।

# ଏସିଡ୍ ପୀଡ଼ିତାଙ୍କ ପାଇଁ କାମ କରିବ ରୋଟାରୀ ଏଲିଟ୍

**ଭୁବନେଶ୍ୱର, ୩୦।୮(ବ୍ୟୁରୋ)**

ରାଜ୍ୟ ତଥା ଦେଶରେ ନାରୀମାନଙ୍କ ପ୍ରତି ଦୁର୍ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ଯୁବତୀମାନଙ୍କୁ ଏସିଡ୍ ଆକ୍ରମଣ କରାଯାଉଛି, ଯାହା ଫଳରେ ସେମାନଙ୍କ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ହୋଇଯାଉଛି। ତେଣୁ ଆଗାମୀ ଦିନରେ 'ରୋଟାରୀ ଏଲିଟ୍ କ୍ଲବ୍' ନାରୀ ସୁରକ୍ଷା ସହିତ ଏସିଡ୍ ପୀଡ଼ିତାଙ୍କ ପାଇଁ କାମ କରିବ ବୋଲି ରୋଟାରୀ ଏଲିଟ୍‌ର ନୂଆ ସମ୍ପାଦକ ଭାବେ ଦାୟିତ୍ୱ ନେଇଥିବା ସରୋଜ କୁମାର ଦାଶ କହିଛନ୍ତି। ରୋଟାରୀ କ୍ଲବ ଅଫ ଏଲିଟ୍‌ର ୧୭ଶ ବାର୍ଷିକ ଅଧିଷ୍ଠାନ ଉତ୍ସବରେ ପୂର୍ବତନ ପ୍ରଶାସକ ସଞ୍ଜୀବ କୁମାର ହୋତା ମୁଖ୍ୟଅତିଥି ଓ ପୂର୍ବତନ ରୋଟାରୀ ଜିଲା ସଭାପତି ଅଶୋକ ବିହାରୀ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ କ୍ଲବର ସଦସ୍ୟମାନଙ୍କୁ ସମାଜସେବା ପାଇଁ ଉତ୍ସାହିତ କରିଥିଲେ। ଅତିଥିଙ୍କ ଉପସ୍ଥିତିରେ ୨୦୧୮-୧୯ ବର୍ଷ ପାଇଁ କ୍ଲବର ନବ ନିର୍ବାଚିତ ସଭାପତି ତମଲ ଭଞ୍ଜ ଚୌଧୁରୀ ଓ ସମ୍ପାଦକ ସରୋଜ କୁମାର ଦାଶଙ୍କୁ ପୂର୍ବତନ ସଭାପତି ବିଶ୍ୱମୋହନ ପଟ୍ଟନାୟକ ଓ ସମ୍ପାଦକ ଆଦିତ୍ୟ ପ୍ରସାଦ ଦାଶ ଦାୟିତ୍ୱ ଅର୍ପଣ କରିଥିଲେ। ଏହି ଅବସରରେ ରୋଟାରିଆନ ବରୁଣ କୁମାର, ସସ୍ମିତା ମିଶ୍ରଙ୍କ ସମେତ ୧୪ଜଣଙ୍କୁ କ୍ଲବରେ ନୂତନ ସଭ୍ୟ ଭାବେ ସାମିଲ କରାଯାଇଥିଲା।











# CLASSIFIED DISPLAY
























### ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି ମାମଲା

# ୨୪ ଘଣ୍ଟା ଭିତରେ ପୋଲିସ ଉଦ୍ଧାର କଲା

ନୂଆପଡା ଅଫିସ/କୋମନା,୩୦।୮

ନୂଆପଡ଼ା ଜିଲା କୋମନା ଥାନା ସଦର ଗାଁର ଏକ ପରିବାରରୁ ଦିନ ଦ୍ୱିପ୍ରହରେ ଘରେ ପଶି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନାରୂପା ଗହଣା ଚୋରି କରିନେବା ପରେ କୋମନା ପୋଲିସ ୨୪ ଘଣ୍ଟା ମଧ୍ୟରେ ଉଦ୍ଧାର କରିଛି । ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ଥାନାଧିକାରୀ ଏହି ସୂଚନା ଦେଇଛନ୍ତି। ଥାନାଧିକାରୀ ନିର୍ମଳ କୁମାର ପାଣିଗ୍ରାହୀ କହିଥିଲେ ଯେ, ଗତ ବୁଧବାର ଦିନବେଳା କୋମନା ବ୍ଲକ ଚୌକ ନିବାସୀ ଜୟାନନ୍ଦ ଯୋଷୀ ଏବଂ ତାଙ୍କ ସ୍ତ୍ରୀ ବାହାରକୁ ଯାଇଥିଲେ । ଏହି ସମୟରେ ଦୁର୍ବୃତ୍ତମାନେ ଗ୍ରୀଲ ଗେଟ ତାଲା ଭାଙ୍ଗି ସୁନା ଏବଂ ରୂପା ଗହଣା ଚୋରି କରି ନେଇଥିବା ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ପୋଲିସ ଦଫା ୪୫୪, ୩୮୦ରେ ଏକ ମାମଲା (ନଂ. ୨୦୦/୧୮)ରୁଜୁ କରିଥିଲା । ଏହା ଉପରେ ନୂଆପଡା ଏସପି ସ୍ମିତ ପରମାର ଏବଂ ଏସଡିପିଓ ବିଦ୍ୟୁତଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ କୋମନା ପୋଲିସ ଟିମ ଛାନଭିନ କରିଥିଲା । ଶେଷରେ ସ୍ଥାନୀୟ ଦୁଇଜଣ ଯୁବକ ହୀରାଧର ବେହେରା (୨୦), ବିଶ୍ୱମ୍ଭର ଶବର (୨୦) ଏବଂ ଜଣେ ନାବାଳକଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କଠାରୁ ୧୫୩.୫ ଗ୍ରାମ ସୁନା ଏବଂ ୨୩୧.୪୭ ଗ୍ରାମ ରୂପା ଗହଣା ଜବତ କରାଯାଇଛି । ଗୁରୁବାର ସନ୍ଧ୍ୟାରେ ଦୁଇଜଣ ଅଭିଯୁକ୍ତଙ୍କୁ କୋର୍ଟକୁ ଚାଲାଣ କରାଯାଇଥିବା ବେଳେ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡକୁ ପଠାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ ।

**୨ ଅଭିଯୁକ୍ତ ସମେତ ଜଣେ ନାବାଳକ ଧରା ପଡିଲେ**

## କାଠ ଚୋରି ମାମଲାରେ ଜଣେ ଗିରଫ, କାଠ ଜବତ

ନୂଆପଡା ଅଫିସ,୩୦।୮

ସ୍ଥାନୀୟ ନୂଆପଡା ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ସାଧୁ ପଣ୍ଡ୍ରିପାଣି ଗାଁରେ କାଠ ଚୋରି କରି ଗଚ୍ଛିତ କରିଥିବା ମାମଲାରେ ରୋମ ଦାସ (୫୨)ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିବା ବେଳେ ତାଙ୍କଘରୁ ଅନ୍ୟୁନ ୫୦ ହଜାର ଟଙ୍କା ମୂଲ୍ୟର କାଠ ଜବତ କରାଯାଇଛି । କୌଣସି ସୂତ୍ରରୁ ଖବର ପାଇ ରେଞ୍ଜର ବାସୁଦେବ ଆଡବଙ୍ଗଙ୍କ ନିର୍ଦ୍ଦେଶକ୍ରମେ ଏକ ଫରେଷ୍ଟର ଟିମ ଗାଁରେ ଚଢାଉ କରିଥିଲା । ରୋମଙ୍କ ଘରେ ଚଢାଉ କରି ୪୫ଟି କାଠ ପଟା ଏବଂ ୩ଟି କାଠ ଗଣ୍ଡି ଜବତ କରାଯାଇଛି । ଏ ନେଇ ଏକ ମାମଲା (ନଂ. ୧୫୪/୧୮) ରୁଜୁ କରାଯାଇଛି । ଗୁରୁବାର ସନ୍ଧ୍ୟାରେ ରୋମଙ୍କୁ କୋର୍ଟକୁ ଚାଲାଣ କରାଯାଇଛି। ଏହି ଟିମରେ ଫରେଷ୍ଟର ନରେଶ ଦଣ୍ଡସେନା, ଗୋପାଳ ମହାନନ୍ଦ, ହେମନ୍ତ ଦୁର୍ଗା, କନ୍ଦର୍ପ ସୁନାନୀ ପ୍ରମୁଖ ସାମିଲ ଥିଲେ ।

### ଆୟ ବହିର୍ଭୂତ ସମ୍ପତ୍ତି କାଳ ହେଲା

## ଓପେପା ଅଧିକାରୀ, ତହସିଲଦାର ସ୍ୱାମୀ ଗିରଫ

କଟକ ଅଫିସ, ୩୦।୮

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଓପେପାର ମୁଖ୍ୟ ଆକାଉଣ୍ଟସ୍ ଅଫିସର ନଳିନୀ କୁମାରୀ ପୃଷ୍ଟି ଓ ତାଙ୍କ ସ୍ୱାମୀ ତଥା ଗଞ୍ଜାମ ଜିଲା ଛତ୍ରପୁର ତହସିଲଦାର ବିଜୟ କେତନ ସାହୁଙ୍କୁ ଭିଜିଲାନ୍ସ ଗୁରୁବାର ଗିରଫ କରିଛି। ପରେ ଉଭୟଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ ଖାରଜ ହେବା ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ଭିଜିଲାନ୍ସ ସେଲ୍ ଥାନାରେ ୭/୧୮ରେ ଏକ ମାମଲା ରୁଜୁ ହୋଇଛି।

ସୂଚନାଥାଉକି, ବୁଧବାର ଭିଜିଲାନ୍ସ ସେଲ୍ ପକ୍ଷରୁ ପୃଷ୍ଟି ଏବଂ ସାହୁଙ୍କର ବିଭିନ୍ନ ସ୍ଥାନରେ ଥିବା ଘର, ଅଫିସ୍ ସମେତ ୭ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା। ଯାଞ୍ଚରୁ ମୋଟ ୬ କୋଟି ୮୭ ଲକ୍ଷ ୧୮ହଜାର ୯୩୯ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା।ଏଥିମଧ୍ୟରୁ ୫ କୋଟି ୫ ଲକ୍ଷ ଆୟ ବହିର୍ଭୂତ ସମ୍ପତ୍ତି ବୋଲି ଭିଜିଲାନ୍ସ ସୂଚନା ଦେଇଛି। ଅଦ୍ୟାବଧି ଭିଜିଲାନ୍ସ ରୁଜୁ କରିଥିବା ଆୟ ବହିର୍ଭୂତ ସମ୍ପତ୍ତି ସମ୍ପର୍କିତ ମାମଲାଗୁଡ଼ିକ ମଧ୍ୟରେ ଏତେ ପରିମାଣର ସମ୍ପତ୍ତି ଠାବ ସର୍ବକାଳୀନ ରେକର୍ଡ ବୋଲି ସେଲ୍ ଏସ୍‌ପି ଏମ୍. ରାଧାକ୍ରିଷ୍ଣ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ଓପେପା ଅଧିକାରୀ ପୃଷ୍ଟିଙ୍କ ସମୁଦାୟ ଚାକିରି ଜୀବନ ୧୯ ବର୍ଷ। ୨୦୧୫ରୁ ସେ ଓପେପାରେ କାର୍ଯ୍ୟ କରୁଥିବାବେଳେ ତାଙ୍କ ସ୍ୱାମୀ ସାହୁ ୧୩ ବର୍ଷ ହେବ ସରକାରୀ ଚାକିରିରେ ଅଛନ୍ତି। ତେବେ ଠାବ ସମ୍ପତ୍ତି ସମ୍ପର୍କରେ ସ୍ୱାମୀ ସ୍ତ୍ରୀ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଉଭୟଙ୍କ ଦଖଲରେ ଥିବା ସମ୍ପତ୍ତିର ପରିମାଣ ତଦନ୍ତ ପରେ ବଢିପାରେ ବୋଲି ଏସ୍‌ପି ରାଧାକ୍ରିଷ୍ଣ ସୂଚନା ଦେଇଛନ୍ତି।

# ୩ ବାଇକ୍ ଜବତ, ୨ ଗିରଫ

ବଡଗାଁ,୩୦।୮(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଧରୁଆଡିହି, କିଞ୍ଜିରକେଲା, ଭଷ୍ମା ଓ ଲଇକେରା ଥାନା ଅଞ୍ଚଳରେ ହୋଇଥିବା ବାଇକ୍ ଚୋରି ଘଟଣାରେ ସମ୍ପୃକ୍ତ ଥିବା ବଡଗାଁ ଅଞ୍ଚଳର ୨ଜଣ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ସାହାଜବାହାଲ ଗ୍ରାମର ଶୁଭମ ବାଗ ଏବଂ ମଟାମରା ଗ୍ରାମର ରାମ ରୋହିଦାସ। ପୋଲିସ ତାଙ୍କଠାରୁ ୩ଟି ଚୋରା ବାଇକ୍ ଜବତ କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଥିବା ବଡଗାଁ ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ କହିଛନ୍ତି।












See Career Appointment on every Wednesday & Saturday






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



"ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା

## ସଂକ୍ଷେପରେ

### ସମସ୍ତେ ଆଇନ କାନୁନ ଜାଣିବା ଜରୁରୀ

ଜହ୍ନାପଙ୍କ, ୩୦।୮ (ଡି.ଏନ.ଏ):ଆଇନ କାନୁନ ଜାଣିଥିବା ବ୍ୟକ୍ତି ହିଁ ଠିକଣା ବାଟରେ ଚାଲିଥାଏ । ତାହା ବ୍ୟକ୍ତିଙ୍କୁ ଶକ୍ତିଶାଳୀ କରିଥାଏ । ଅନ୍ୟପକ୍ଷରେ ଆଇନ ସମ୍ପର୍କରେ ଧାରଣା ନ ଥିବା ଲୋକ ଠକାମିର ଶିକାର ହୋଇଥାନ୍ତି । ତେଣୁ ସମସ୍ତଙ୍କ ପାଇଁ ଆଇନ ଜାଣିବା ଜରୁରୀ ବୋଲି ବୌଦ୍ଧ ବ୍ଲକ ଅନ୍ତର୍ଗତ ଜହ୍ନାପଙ୍କ ଉନ୍ନିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଗୁରୁବାର ଅନୁଷ୍ଠିତ ଆଇନ ସଚେତନତା ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବୌଦ୍ଧ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଜିଲା ଦୌରାଜଜ୍ ଅରବିନ୍ଦ ଗୁରୁ ମୁଖ୍ୟଅତିଥି, ସିଜେଏମ ପ୍ରଦୀପ୍ତ କୁମାର ସାହୁ, ରେଜିଷ୍ଟ୍ରାର ଦେବାଶିଷ ମହାନ୍ତି, ଡିଡବ୍ଲ୍ୟୁଓ ବିଜୟଲକ୍ଷ୍ମୀ ମାଲାଣ୍ଡି, ସିପିଓ ରାହୁଲ କୁମାର ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଶିଶୁ ସୁରକ୍ଷା ଆଇନ ଓ ମହିଳା ସୁରକ୍ଷା ଆଇନ ସମ୍ପର୍କରେ କହିଥିଲେ। ସରପଞ୍ଚ ରାଜେନ୍ଦ୍ର ମେହେର ପଞ୍ଚାୟତର ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ କହିଥିଲେ । ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଅଭିଯୋଗ ଗ୍ରହଣ କରାଯାଇଥିଲା । ସଭାକୁ ଡିଏଲଏସଏ ସଚିବ ପ୍ରଭୁରାମ ଦାସ ଅଧିକାରୀ ପରିଚାଳନା କରିଥିଲେ ।

# ୪୦ ଦିନରେ ୩ ଜୀବନ ନେଲା କିଡ୍‌ନୀ ରୋଗ

**ଅମରପାଲି, ୩୦।୮(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଲପଦର ପଞ୍ଚାୟତ ଅନ୍ତର୍ଗତ ଅମରପାଲି ଗ୍ରାମରେ କିଡନୀ ରୋଗ ଆତଙ୍କ ଖେଳାଇଛି। ଗତ ୪୦ଦିନ ମଧ୍ୟରେ ୩ମୂଲ୍ୟବାନ ଜୀବନ ନେଇଛି ଏହି ରୋଗ। ଗତ ଜୁଲାଇ ୨୦ ତାରିଖରେ କିଡନୀ ରୋଗାକ୍ରାନ୍ତ ଗ୍ରାମର ଯୁବଚାଷୀ ଅନନ୍ତ ସାହୁ (୪୨)ଙ୍କର ମୃତ୍ୟୁ ହୋଇଥିଲା। ଏହାର ୧୫ ଦିନ ପରେ ଚତୁର୍ଭୁଜ ବିଶ୍ୱାଳ (୬୦)ଙ୍କ ମୃତ୍ୟୁ ହୋଇଥିଲା। ଗତ ସୋମବାର ଏହି ଗ୍ରାମର ଶ୍ରୀରାମ ବଘାର ନାମକ ଜଣେ ଅବସରପ୍ରାପ୍ତ ପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଜୀବନ ଯାଇଛି ଏହି ରୋଗରେ। ଶ୍ରୀରାମ ପ୍ରାୟ ୨ବର୍ଷ ହେଲା କିଡନୀ ରୋଗରେ ଆକ୍ରାନ୍ତ ଥିଲେ । ଅର୍ଥାଭାବରୁ ଉଚ୍ଚ ଚିକିତ୍ସା ନପାଇବାରେ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଶ୍ରୀରାମ ଦୀର୍ଘ ଦିନ ହେଲା ବହଲପଦର ପଞ୍ଚାୟତରେ ପିଅନ ଭାବେ କାର୍ଯ୍ୟ କରୁଥିଲେ । ଚାକିରିକାଳ ମଧ୍ୟରେ ସେ ମାସିକ ମାତ୍ର ସାତ ଶହ ପଚାଶ ଟଙ୍କା ଦରମା ପାଉଥିଲେ । ତେଣୁ ବହୁ କଷ୍ଟରେ ପରିବାର ଚଳାଉଥିଲେ । କମ୍ ଦରମା ହେତୁ ସେ ଟଙ୍କା ସଞ୍ଚୟ ମଧ୍ୟ କରିପାରି ନ ଥିଲେ। ରୋଗ ଜଣାପଡିବା ପରେ ବୁର୍ଲା ଯାଇ କିଛି ଦିନ ସେଠାରୁ ଔଷଧ ଆଣି ଖାଉଥିଲେ। ମାତ୍ର ତାଙ୍କର ଆର୍ଥିକ ଅବସ୍ଥା ଠିକ୍ ନଥିବାରୁ ସେ ଆଉ ଉଚ୍ଚ ଚିକିତ୍ସା ହୋଇ ପାରି ନ ଥିଲେ। ଫଳରେ ଚିକିତ୍ସା ଅଭାବରୁ ତାଙ୍କର ମୃତ୍ୟୁ ହୋଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ଅନୁରୂପ ଭାବେ ଚତୁର୍ଭୁଜ ବିଶ୍ୱାଳ ମଧ୍ୟ ଦୀର୍ଘ ୩ବର୍ଷ ଧରି କିଡନୀରେ ଆକ୍ରାନ୍ତ ଥିଲେ। ବିପିଏଲ ଶ୍ରେଣୀଭୁକ୍ତ ଚତୁର୍ଭୁଜ ଶେଷ ସମୟରେ ବୁର୍ଲା ଯାଇଥିଲେ। ପୂର୍ବରୁ କିଡନି ରୋଗରେ ମୃତ୍ୟୁବରଣ କରିଥିବା ଅନନ୍ତ ଜଣେ କ୍ଷୁଦ୍ରଚାଷୀ ଥିଲେ। ସେ ମଧ୍ୟ ଚିକିତ୍ସା ପାଇଁ କୌଣସି ସରକାରୀ ସାହାଯ୍ୟ ପାଇ ନ ଥିଲେ। ଏପରିକି କିଡନୀରେ ମୃତ୍ୟୁବରଣ କରିଥିବା ଏହି ତିନି ଜଣଙ୍କ ପରିବାର ପକ୍କା ଘର ପାଇବାର ଯୋଗ୍ୟତା ଥିଲା। ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଓ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସେମାନଙ୍କୁ ପକ୍କା ଘର ଖଣ୍ଡେ ଖଣ୍ଡେ ମିଳି ନ ଥିଲା । ଏପରିକି ମୃତ୍ୟୁପରେ ସରକାରଙ୍କ ତରଫରୁ ଦିଆଯାଉଥିବା ହରିଶ୍ଚନ୍ଦ୍ର ଯୋଜନାର ସହାୟତା ମଧ୍ୟ ଏମାନଙ୍କୁ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି । ଏହି ତିନି ଜଣଙ୍କୁ ଛାଡି ଗ୍ରାମରେ ଆହୁରି ଅନେକ ବ୍ୟକ୍ତି କିଡନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି । ଆଉ କେତେକ ଆର୍ଥିକ ଅଭାବ ଯୋଗୁଁ ଚିକିତ୍ସା ନହୋଇ ମୃତ୍ୟୁକୁ ଅପେକ୍ଷା କରିଛନ୍ତି । ଦେହ ଅସୁସ୍ଥ ପରେ ଏଠାକାର ଲୋକେ ନିକଟସ୍ଥ ବୀରମହାରାଜପୁର ଡାକ୍ତରଖାନା ଯାଉଛନ୍ତି। ହେଲେ ସେଠାରେ ଡାକ୍ତର ନାହାନ୍ତି। ସେଠାରୁ ସୋନପୁର ଗଲେ ସେଠାରେ ବିଭାଗୀୟ ଡାକ୍ତର ନଥିବାରୁ ଲୋକେ ନିରାଶ ହୋଇ ଫେରୁଛନ୍ତି। ଫଳରେ ବିଭାଗ ମଧ୍ୟ ଉକ୍ତ ଅଞ୍ଚଳରେ କିଡନୀ ରୋଗ ହେଉଥିବା ଜାଣି ପାରୁ ନାହାନ୍ତି। ତେଣୁ ଏହି ଅଞ୍ଚଳରେ କିଡନୀ ରୋଗ ବ୍ୟାପିବାର କାରଣ ଓ ଏହାର ନିରାକରଣର ପନ୍ଥା ବାହାର କରାଯାଇ ପାରୁନାହିଁ। ୪୦ଦିନ ମଧ୍ୟରେ ୩ଜଣ କିଡନି ରୋଗୀଙ୍କ ମୃତ୍ୟୁ ଯୋଗୁଁ ଏବେ ଗ୍ରାମରେ ଭୟର ବାତାବରଣ ଦେଖାଯାଇଛି । ଏନେଇ ସୁବର୍ଣ୍ଣପୁର ସିଡିଏମଓଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନଥିଲେ । ତେଣୁ ବିଭାଗ ଉକ୍ତ ଘଟଣାକୁ ଗୁରୁତ୍ୱ ଦେଇ ଯଥାଶୀଘ୍ର ଏହାର କାରଣ ଖୋଜିବା ସହିତ କିଡନି ଆକ୍ରାନ୍ତଙ୍କୁ ଚିକିତ୍ସା କରିବାର ବ୍ୟବସ୍ଥା କରିବାକୁ ଦାବୀ ହେଉଛି ।





ଚତୁର୍ଭୁଜ ବିଶ୍ୱାଳ, ଶ୍ରୀରାମ ବଘାର ଓ ଅନନ୍ତ ସାହୁ । (ଫାଇଲ ଫଟୋ)

**ଅର୍ଥାଭାବ ଉଚ୍ଚ ଚିକିତ୍ସାରେ ବାଧକ**

- କିଡ୍‌ନୀ ଆକ୍ରାନ୍ତଙ୍କୁ ଚିକିତ୍ସା ଯୋଗାଇ ଦେବାକୁ ଦାବି
- ମୃତ୍ୟୁପରେ ମିଳୁନି ହରିଶ୍ଚନ୍ଦ୍ର ଯୋଜନା

### ଦୁର୍ଘଟଣାରେ ସିକ୍ୟୁରିଟି ଗାର୍ଡ ମୃତ, ପୋଲିସ ଏଏସଆଇ ଗୁରୁତର

**ସୋନପୁର,୩୦।୮(ନି.ପ୍ର.)**

ସୋନପୁର-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥର ସିଆଳଝୁଲିଠାରେ ଗୁରୁବାର ରାତିରେ ସଡକ ଦୁର୍ଘଟଣା ଘଟିଛି। ଘଟଣାସ୍ଥଳରେ ଜଣେ ସିକ୍ୟୁରିଟି ଗାର୍ଡଙ୍କର ମୃତ୍ୟୁ ହୋଇଥିବା ବେଳେ ସମ୍ବଲପୁର ଜିଲା ଅଇଁଠାପାଲି ଥାନାର ଏଏସଆଇ ଫକିର ମୋହନ କିଷାନ ଗୁରୁତର ଆହତ ହୋଇଛନ୍ତି। କିଷାନ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଆଖି ଓ ମୁହଁରେ ମାଡ ହୋଇଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳି ପାରିନି। ଦୁହେଁ ହିରୋହୁଣ୍ଡା ଏସଏସ ବାଇକ୍ ନଂ ଓଆର୧୫ଏଚ-୩୭୯୩ ଯୋଗେ ବଲାଙ୍ଗୀର ଅଭିମୁଖେ ଯାଉଥିଲେ। ରାତି ୯ଟା୩୫ ମିନିଟ୍‌ରେ ଏହି ଦୁର୍ଘଟଣା ଘଟିଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସନ୍ଥ କବି ଭୀମଭୋଇ ମେଡିକାଲ କଲେଜ ଉଦ୍‌ଘାଟନ କରିବାକୁ ବଲାଙ୍ଗୀର ଆସୁଛନ୍ତି। ତାଙ୍କ ସୁରକ୍ଷା ପାଇଁ ଏଏସଆଇ କିଷାନ ସିକ୍ୟୁରିଟି ଗାର୍ଡଙ୍କ ସହିତ ବଲାଙ୍ଗୀର ଯାଉଥିଲେ। ସୋନପୁର ଅଗ୍ନିଶମ ବିଭାଗର କର୍ମଚାରୀମାନେ ମୃତକ ଓ ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

## ଫୁଟବଲ ଟୁର୍ଣ୍ଣାମେଣ୍ଟ: କୁତମେଣ୍ଡା ଚାମ୍ପିୟନ

**ଉଲୁଣ୍ଡା, ୩୦।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଝାରବାହାଲି ଗ୍ରାମର ଜୟ ଜଗନ୍ନାଥ ଫୁଟବଲ ଆସୋସିଏଶନ ପକ୍ଷରୁ ବୁଧବାର ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା। ଫାଇନାଲ ଖେଳରେ କୁତମେଣ୍ଡା ଦଳ ୨-୦ଗୋଲରେ କଦଳୀ(ବିନିକା)କୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଏହା ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚରେ କୁତମେଣ୍ଡା ଦଳ ନିମ୍ନାକୁ ଟାଇବ୍ରେକରରେ ୪-୩ ଗୋଲରେ ଏବଂ ଦ୍ୱିତୀୟସେମିଫାଇନାଲ ମ୍ୟାଚରେ କଦଳୀପାଲି ଦଳ ମରାଲୋଏକୁ ୨-୧ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଏମାନଙ୍କ ବ୍ୟତୀତ ଝାରବାହାଲି, ଅଙ୍କରିଆ, ମାଟିଖାଇ ଏବଂ ନାରାଣଟିକ୍ରା ପ୍ରଭୃତି ସମୁଦାୟ ୮ଟି ଦଳ ଭାଗ ନେଇଥିଲେ। ଖେଳ ସବୁକୁ ନରସିଂହ ସେଠି, ରାଜେଶ ବେହେରା ଓ ରାକେଶ ଥନାପତି ପରିଚାଳନା କରିଥିଲେ। ଅକ୍ଷୟ ଆଚାର୍ଯ୍ୟ ଓ ସୁରେଶ ପୁରୋହିତ ଧାରା ବିବରଣୀ ପ୍ରଦାନ କରିଥିଲେ। ଏହାପରେ ଆୟୋଜକ ସଭାପତି ପଞ୍ଚାନନ ଭେସ୍ରା ଓ ସମ୍ପାଦକ ସୁଦର୍ଶନ କଲତାଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବକୁ ଅତିଥିଭାବେ ପୂର୍ବତନ ବିଧାୟକ ବିନୋଦ ପାତ୍ର, ସ୍ଥାନୀୟ ସରପଞ୍ଚ ଦୁର୍ଯ୍ୟୋଧନ ପର୍ଡିଆ, ରଘୁନାଥ ଜଗଦଲା, ପ୍ରଭୁଦତ୍ତ ବସ୍ତିଆ ପ୍ରମୁଖ ଯୋଗଦେଇ ବିଜୟୀ କୁତମେଣ୍ଡାକୁ ଟ୍ରଫି ସହ ୩୦୦୦ ଟଙ୍କା ଓ ଉପବିଜେତା କଦଳୀପାଲି ଦଳକୁ ଟ୍ରଫି ସହ ୨୦୦୦ ଟଙ୍କା ପ୍ରଦାନ କରିଥିଲେ।

### ମଦ ଜବତ: ୩ କୋର୍ଟ ଚାଲାଣ

**ତରଭା, ୩୦।୮(ଡି.ଏନ.ଏ) :** ତରଭା ଥାନା କମସରା ଫାଣ୍ଡି ଅଧିକାରୀ ଏଏସଆଇ ଅବନୀ ପଧାନଙ୍କ ନେତୃତ୍ୱରେ ପୋଲିସ ସିଣ୍ଢୋଳ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ଫେରିଘାଟରେ ତିନିଜଣ ବ୍ୟକ୍ତି ଏକ ଜରିବସ୍ତାରେ ଧରି ଆସୁଥିବାବେଳେ ଧରାପଡିଥିଲେ। ତହିଁରେ ଜରିଭର୍ତ୍ତି ଏକ ଲିଟରିଆ ୪୦ ପ୍ୟାକେଟ ଦେଶୀ ରନ୍ଧା ମଦ ଥିଲା। ତରଭା ପୋଲିସ ଚୋରା ମଦ ଚାଲାଣରେ ପୁଟକିପାଲି ଗ୍ରାମର ଗରିବ ରଣା, ସିଣ୍ଢୋଳ ଗ୍ରାମର ବୃନ୍ଦା ରଣା ଓ ସତ୍ୟ ବାଘଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ।

## ଚେରୁପାଲି-ସୋନପୁର ରାସ୍ତା ଶୋଚନୀୟ

**ଡୁଙ୍ଗୁରିପାଲି, ୩୦।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଚେରୁପାଲିରିରୁ ଭାୟା ମହଦା ଦେଇ ସୋନପୁର ଯାଇଥିବା ରାସ୍ତା ଶୋଚନୀୟ ହୋଇପଡିଛି। ୨୬ନଂ. ଜାତୀୟ ରାଜପଥରେ ଥିବା ଚେରୁପାଲିରୁ ସୋନପୁରକୁ ଯାଇଥିବା ରାସ୍ତା ଦୀର୍ଘ ଦିନ ହେଲା ହେଲା କାହାରି ଦୃଷ୍ଟି ପଡି ନାହିଁ। ରାସ୍ତାରେ ପିଚୁ ଉଠିଯାଇ ଖାଲମାନ ସୃଷ୍ଟି ହୋଇଯାଇଛି। ଏହି ରାସ୍ତାରେ ସୋନପୁରକୁ ଦୈନନ୍ଦିନ ବିଭିନ୍ନ ଯାନବାହନ ଚଳାଚଳ କରୁଥିବାବେଳେ ଜନସାଧାରଣ ଅନେକ ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାରେ ଅଞ୍ଚଳର ଚେରୁପାଲି, ପହଣ୍ଡି, ଦିଗସିରା, ଡାକୁକବୁଡ, କପାସିରା, ଜୁଲୁଣ୍ଡା, ବାଞ୍ଜିପାଲି, ସେଲେଡି, ବାବୁପାଲି, ନକଟାମୁଣ୍ଡା, ମହଦା ଗ୍ରାମବାସୀ ନିର୍ଭର କରୁଛନ୍ତି। ଚେରୁପାଲିରୁ କପାଶିରା ପର୍ଯ୍ୟନ୍ତ ୮ କିଲୋମିଟର ହେବ ରାସ୍ତାର ମଝିରେ ପିଚୁ ଉଠିଯାଇ ବଡବଡ କୁଅ ଚହଲା ପରି ଗର୍ତ୍ତ ଖାଲ ସୃଷ୍ଟି ହୋଇଛି। ସେଥିରେ ପାଣି ଭର୍ତ୍ତି ହୋଇ ବଡବଡ ମେଟାଲ ସବୁ ଦେଖାଯାଉଛି। ସରକାର କୋଟି କୋଟି ଟଙ୍କା ରାସ୍ତା ତିଆରି ପାଇଁ ଖର୍ଚ୍ଚ କରୁଥିବାବେଳେ ଦୀର୍ଘ ୪ ବର୍ଷ ହେବ କୌଣସି ପ୍ରକାର ମରାମତି କରାଯାଉ ନାହିଁ। ଉକ୍ତ ରାସ୍ତା ପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ବିଷୟରେ ସୋନପୁର ନିର୍ବାହୀ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯିବାରୁ ଆଗରୁ ଆର୍.ଡି. ବିଭାଗରେ ଉକ୍ତ ରାସ୍ତା ଥିଲା। ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇଛି। ଓଡ଼ିଶା ବ୍ରିଜ କର୍ପୋରେଶନ ଓବିସିସି ଏ ବର୍ଷ ବଜେଟରେ ଏୱାର୍ଡ କରାଯିବା ସହିତ ୫ କୋଟି ଟଙ୍କାର ଓବିସିସି ଟେଣ୍ଡର କରିଛି ଏବଂ ଏଗ୍ରିମେଣ୍ଟ ହୋଇଯାଇଛି ବର୍ଷା ପରେ କାମ ଆରମ୍ଭ ହେବ ବୋଲି ପ୍ରକାଶ କଲେ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**Odisha Finance**
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

**GET INSTANT CASH AGAINST GOLD**
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ । ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

**JAGANNATH FINANCE COMPNAY**
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 1% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032

**Get Instant Cash Against Gold**
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେନ୍ତୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

**ADMISSION OPEN 2018-20**
B.Ed.
Acharya Nagarjuna University
Anuska B.Ed. Academy
Odisha's No-1 B.Ed. Academy
97% 1ST DIVISION
Rasulgarh, Bhubaneswar
8260277745/8260277746
Cuttack No-9937313739
Bhawanipatna: 7982328673
Jajpur/Kendrapara:9692222120
www.anuskagroup.com

**ADMISSION OPEN FOR 2018-20**
B.Ed
CT(D.EL.Ed) & M.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Form fillup Fees, Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**CAPITAL FIRST FINANCE LIMITED**
Regd No.- U6519TNI98PLC008555
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ। 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number: 7689937202

**Kuber Finance**
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ 1980ରୁ ଆପଣଙ୍କ ସେବାରେ।
Regd. No. - ODI49/3468
କରୁଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ମାତ୍ର 12 ଘଣ୍ଟାରେ। 1% ସୁଧ, 50% ଛାଡ଼। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ -
7496011718
7496016879

**FINANCE**
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

**BUSINESS**
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ଫ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଛ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

**ଫାଇନାନ୍ସ**
ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ମାତ୍ର 1250ରେ (1-90 ଲକ୍ଷ) ପର୍ଯ୍ୟନ୍ତ 0% ସୁଧ 60% ରିହାତି, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ରାଶନକାର୍ଡ, ଆଧାରକାର୍ଡ, ସମସ୍ତ ଋଣ 48 ଘଣ୍ଟାରେ
Dhanlaxmi Finance
9045324642
7417158225

**SUHANA FINANCE**
ଭାରତ ସରକାର ରେଜିଷ୍ଟ୍ରଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥି ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର ।
7325861595
7325861352

ଋଣ ପାସ୍ ହେବା ପରେ ଜନକଲ୍ୟାଣ ଜନଧନ ଯୋଜନା ଅଧୀନରେ
**Mahinder Finance**
ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଏଜୁକେଶନ୍ ଓ ସମସ୍ତ ଋଣ 24 ଘଣ୍ଟାରେ 1% ସୁଧ, 40% ସବ୍‌ସିଡିରେ (ମହିଳା, ବିଦ୍ୟାର୍ଥୀ, ଚାଷୀଙ୍କ ପାଇଁ ବିଶେଷ ରିହାତି) ଠକମାନଙ୍କ ପ୍ରତି ସାବଧାନ। (କାମ ଆମର ବିଶ୍ୱାସ ଆପଣଙ୍କର)
9911250162
9953846186

!! ଋଣ ଋଣ ଋଣ !!
**ମହାରାଷ୍ଟ୍ର ଫାଇନାନ୍ସ**
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free 18001214188
8556894339

**ସୁବର୍ଣ୍ଣ ସୁଯୋଗ**
କଣ ଆପଣ ବେରୋଜଗାର ଅଛନ୍ତି କି ?
ଆପଣଙ୍କର ଭବିଷ୍ୟତପାଇଁ କିଛି ଯୋଜନା ଅଛି କି ? ଏସବୁର ସମାଧାନପାଇଁ ଆମ Company ଠାରୁ କିଛି ସାହାଯ୍ୟ ନେଇ ଆତ୍ମନିର୍ଭରଶୀଳ ହୁଅନ୍ତୁ ।
ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ
7873395955

**LOAN**
ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ।
7682891639
8018022748

**SMS JOBS DHAMAKA (PART/FULL TIME)**
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

**UNIVERSAL COMMUNICATION GROUP**
ଦ୍ୱାରା ନିଜ ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ଫ୍ଲଟ୍‌ରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଓ ପାଆନ୍ତୁ 60 ଲକ୍ଷ ଅଗ୍ରିମ, ଭଡ଼ା 80,000 + ଅନ୍ୟାନ୍ୟ ସୁବିଧାସୁଯୋଗ ଏଗ୍ରିମେଣ୍ଟ ସହିତ ।
CALL NOW:
08570958738
08570958378

9911436726, 8750311430



**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଆଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**+2 ବିଜ୍ଞାନ ପରେ ପଢ଼ନ୍ତୁ**
ପାରାମେଡ଼ିକାଲ କୋର୍ସ
ବ୍ୟାଚେଲର ଇନ୍ ପ୍ରୋସ୍ଥେଟିକ୍ସ ଆଣ୍ଡ ଅର୍ଥୋଟିକ୍ସ
(ଟି.ଏନ୍.ଏମ୍.ଜି.ଆର୍. ମେଡ଼ିକାଲ ୟୁନିଭର୍ସିଟି ଦ୍ୱାରା ସ୍ୱୀକୃତିପ୍ରାପ୍ତ, ଚେନ୍ନାଇ)
ଆଡ୍‌ମିଶନର ଶେଷ ତାରିଖ ୩୧ ଅଗଷ୍ଟ
ଫୋନ୍- 8695540011
www.iipoinstitute.in
Admission Last Date: 10 Sept.

**ମହାବୀର ଫାଇନାନ୍ସ**
!! ବିନା ଗ୍ୟାରେଣ୍ଟର !! ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍. ବ୍ୟବସାୟ. ଦୋକାନୀ. ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି 20 ବର୍ଷରେ ଫେରସ୍ତ
8750418810
9355438810

**MONEY WIZZ FINANCE**
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

**SMS JOB**
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639


**ପାଠକଙ୍କ ପାଇଁ ସୂଚନା:**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


TARIFF — MORE SPACE • SAME PRICE (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ଯେତେବେଳେ ନିଜ ଶକ୍ତିର ବହିର୍ଭୂତ ହୁଏ, ପ୍ରତ୍ୟେକ ବ୍ୟକ୍ତି ସେତେବେଳେ ନିଜକୁ ଭଗବାନଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପଣ କରିଦେବା ବ୍ୟତୀତ ଅନ୍ୟ ଉପାୟ ନ ଥାଏ।
- ପଣ୍ଡିତ ନୀଳକଣ୍ଠ ଦାସ

## ସଂକ୍ଷେପରେ

### ଆଦର୍ଶ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ ସମାପନ ସମାରୋହ

**ଉଲୁଣ୍ଡା, ୩୦।୮ (ଡି.ଏନ.ଏ.):** ଉଲୁଣ୍ଡା ବ୍ଲକ ଜାରବାହାଲିସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ଅଧ୍ୟକ୍ଷ ରମଣୀକାନ୍ତ ସାହୁଙ୍କ ତତ୍ତ୍ୱାବଧାନକ୍ରମେ ସଂସ୍କୃତ ସପ୍ତାହ ସମାପନ ସମାରୋହ ଗୁରୁବାର ସମ୍ପନ୍ନ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଉଲୁଣ୍ଡା ପଞ୍ଚାୟତ ସମିତି ଯୁକ୍ତ ତିନି ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ଦୁର୍ବାସା ପଧାନ ଏବଂ ଖେମାଲୋଏ ହାଇସ୍କୁଲ ସଂସ୍କୃତ ଶିକ୍ଷକ ଅଜିତ କୁମାର ରଣା ଅତିଥିଭାବେ ଯୋଗଦେଇ ସଂସ୍କୃତ ଭାଷା ସମସ୍ତ ଭାଷାର ଜନନୀ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ସପ୍ତମ ଶ୍ରେଣୀର ଛାତ୍ର ଅନ୍ୱେଷ ବଡପଣ୍ଡା ଓ ସ୍ୱସ୍ତିକ ସ୍ୱାଗତ ପଧାନ ବକ୍ତବ୍ୟ ରଖିଥିଲେ। ନବମ ଶ୍ରେଣୀ ଛାତ୍ରୀ ଜୁବୁଲି ପୁରୋହିତ ଓ ମିଳନ ପଧାନ ସଂସ୍କୃତ ଶ୍ଳୋକ ଆବୃତ୍ତି କରିଥିଲେ। ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

ସୁବର୍ଣ୍ଣପୁରରେ ବାର୍ଷିକ କ୍ରୀଡା ଶିକ୍ଷକ ସମ୍ମିଳନୀ

# ଭଲ କ୍ରୀଡାବିତ୍ ସୃଷ୍ଟି ପାଇଁ ଆହ୍ୱାନ

**ସୋନପୁର,୩୦।୮ (ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଉଚ୍ଚ ବିଦ୍ୟାଳୟ ସମୂହର ୭ମ ବାର୍ଷିକ କ୍ରୀଡା ଶିକ୍ଷୟତ୍ରୀ ଶିକ୍ଷକ ସମ୍ମିଳନୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍କୁଲ କ୍ରୀଡା ସଂଘ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମିଞ୍ଜ୍ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଜିଲାରେ କ୍ରୀଡାର ବିକାଶ ଉପରେ ଗୁରୁତ୍ୱାରୋପ କରିବା ସହିତ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବାକୁ କହିଥିଲେ। ବର୍ତ୍ତମାନ ବିଦ୍ୟାଳୟସ୍ତରରେ ୧୨ ଓ ରାଜ୍ୟସ୍ତରରେ ୫୧ ପ୍ରକାରର କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ତେବେ ଅଞ୍ଚଳର ଖେଳପ୍ରତି ଆଦର ଓ ଛାତ୍ରୀଛାତ୍ରଙ୍କ ଆଗ୍ରହକୁ ଦେଖି ଆସନ୍ତା ବର୍ଷ ସକାଶେ ପ୍ରସ୍ତୁତି କରିବାକୁ ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ। ଜିଲା କ୍ରୀଡା ଅଧିକାରୀ ଅଜୟ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କ୍ରୀଡା ଶିକ୍ଷକ ପ୍ରତି ବିଦ୍ୟାଳୟର ପ୍ରତିବିମ୍ବ, ସେମାନେ ନିଷ୍ଠାର ସହ କାର୍ଯ୍ୟକଲେ ଏହି ଜିଲାରୁ ବିଦ୍ୟାଳୟସ୍ତରରୁ ଭଲ କ୍ରୀଡାବିତ୍ ସୃଷ୍ଟି ହୋଇ ପାରିବେ ବୋଲି ଆଶାବ୍ୟକ୍ତ କରିଥିଲେ। ସୋନପୁର ବିଇଓ ଘନଶ୍ୟାମ ମେହେର, ତରଭା ବିଇଓ କେଶବ ମେହେର, ବୀରମହାରାଜପୁର ବିଇଓ ଶାନ୍ତନୁ କୁମାର କୁମ୍ଭକାର, ବିନିକା ବିଇଓ ଶଶିଭୂଷଣ ସେଠୀ, ଉଲୁଣ୍ଡା ବିଇଓ ଭଗବାନ ବଙ୍କରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲାରେ କ୍ରୀଡାର ବିକାଶ ପାଇଁ ତୃଣମୂଳସ୍ତରରୁ ଉଦ୍ୟମ ହେବା ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ମିଳନୀରେ ସୋନପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନିରାକାର ନାଗ ଶାନ୍ତନୁ କୁମାର କୁମ୍ଭକାର ଅଧ୍ୟକ୍ଷତା କରିଥିଲେ। ଜିଲା କ୍ରୀଡା ଶିକ୍ଷା ସମ୍ପାଦକ ତଥା ଶାରୀରିକ ଶିକ୍ଷା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିବା ସହିତ ୨୦୧୮-୧୯ ବାର୍ଷିକ ବଜେଟ, ସ୍ପୋର୍ଟ୍ସ କ୍ୟାଲେଣ୍ଡର ଓ ଯୋଜନା ଉପସ୍ଥାପନ କରିଥିଲେ। ଏହା ଅନୁମୋଦିତ ହୋଇଥିଲା। ବୀରମହାରାଜପୁର ହାଇସ୍କୁଲର ପ୍ରଧାନଶିକ୍ଷକ ତଥା ଜିଲା ବିଦ୍ୟାଳୟ ସମୂହ କ୍ରୀଡା ସଂଘର ଉପସଭାପତି ବୈଦ୍ୟନାଥ କର୍ଣ୍ଣ, ସଂଘର ଅନ୍ୟତମ ଉପସଭାପତି ତଥା ସାହାରା ଟ୍ରଷ୍ଟ ହାଇସ୍କୁଲର ପ୍ରଧାନ ଶିକ୍ଷକ ଗତିକୃଷ୍ଣ ମିଶ୍ର ପ୍ରମୁଖ ଯୋଗଦାନ କରି ସ୍କୁଲ କ୍ରୀଡାର ଉନ୍ନତି ସମ୍ପର୍କରେ ମତାମତ ଦେଇଥିଲେ। କାର୍ଯ୍ୟକ୍ରମରେ ୧୨୦ ହାଇସ୍କୁଲର କ୍ରୀଡା ଶିକ୍ଷୟତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଧନ୍ୟବାଦ ପ୍ରଦାନ କରିଥିଲେ ବାଙ୍କିପାଲି ହାଇସ୍କୁଲର କ୍ରୀଡା ଶିକ୍ଷକ ସଞ୍ଜିବ କୁମାର ସାହୁ।




ବାର୍ଷିକ କ୍ରୀଡା ଶିକ୍ଷକ ସମ୍ମିଳନୀରେ ମଞ୍ଚାସୀନ ଅତିଥି ବୃନ୍ଦ।

# ବୀରମହାରାଜପୁରରେ ମୋ ହୀରୋ ସଚେତନତା ରଥ

**ବୀରମହାରାଜପୁର, ୩୦।୮ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ମୁଖ୍ୟାଳୟଠାରୁ ବୁଧବାର ଶୁଭାରମ୍ଭ କରିଥିବା ମୁଁ ହୀରୋ ମୁଁ ଓଡିଶା ଅଭିଯାନ ସଚେତନତା ରଥ ଗୁରୁବାର ବୀରମହାରାଜପୁର ଉପଖଣ୍ଡ ସଦରମହକୁମାରେ ପହଞ୍ଚିଥିଲା। ଯୁବ ବାହିନୀ ପକ୍ଷରୁ ଏହି ରଥକୁ ସ୍ୱାଗତ କରାଯିବା ପରେ ବସ୍ତି ପରିକ୍ରମା କରାଯାଇଥିଲା। ଏହି ଉପଲକ୍ଷେ ବୀରମହାରାଜପୁର କଲେଜ ପଡିଆରେ ଏକ ସ୍ୱତନ୍ତ୍ର ସମାରୋହ ଆୟୋଜିତ ହୋଇଥିଲା। ସେଠାରେ ଅନୁଷ୍ଠିତ ମୁଁ ହୀରୋ ମୁଁ ଓଡିଶା କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି ସଂକ୍ଷିପ୍ତ ସମାରୋହରେ ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବ ପ୍ରତିଭାଙ୍କୁ ସ୍ୱୀକୃତି ସହ ପ୍ରୋତ୍ସାହନ ଦିଆଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଜୁ ଯୁବ ବାହିନୀର ଜିଲା ସଂଯୋଜକ ମିତ୍ରଭାନୁ ମିଶ୍ର ଓ ସଞ୍ଜୀବ ମିଶ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦ ଭୂଷଣ ରାୟ, ବିଧାୟକଙ୍କ ପ୍ରତିନିଧି ନାରାୟଣ ଲୁହା, ବିଜୁ ଯୁବ ବାହିନୀର ବୀରମହାରାଜପୁର ବ୍ଲକ ସଂଯୋଜକ ଦେବରାଜ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସେହିପରି ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ସଚେତନତା ସମାବେଶରେ କଲେଜର ଅଧ୍ୟକ୍ଷ ମୁରଲୀଧର ହୋତା ଓ ଥାନାଧିକାରୀ କୁଶ ପାଣିଗ୍ରାହୀ ବିଶେଷ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ପ୍ରତିଭା ସମ୍ପନ୍ନ ୬ଯୁବ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।



ବୀରମହାରାଜପୁର କଲେଜ ପଡିଆରେ ମୁଁ ହୀରୋ ମୁଁ ଓଡିଶା ଅଭିଯାନ ସମାରୋହରେ ଉପସ୍ଥିତ ଛାତ୍ରୀଛାତ୍ର ଓ ବିଜୁ ଯୁବବାହିନୀର ସଦସ୍ୟମାନେ।

# ୧୯ ଦିନ ପରେ ସ୍କୁଲରୁ ଖୋଲିଲା ତାଲା

**କନ୍ଧମାଳ,୩୦।୮ (ଡି.ଏନ.ଏ):** କନ୍ଧମାଳ ବ୍ଲକର ରେଙ୍ଗାଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ସ୍କୁଲରେ ଅତିରିକ୍ତ ଶିକ୍ଷକ ଦାବି କରି ଗ୍ରାମବାସୀ ପକାଇଥିବା ତାଲା ୧୯ ଦିନ ପରେ ଗୁରୁବାର ଖୋଲାଯାଇଛି। ରେଙ୍ଗାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅତିରିକ୍ତ ଶିକ୍ଷକ ନିଯୁକ୍ତି ପାଇଁ ଗ୍ରାମବାସୀ ଗତ ୧୧ ତାରିଖଠାରୁ ସ୍କୁଲରେ ତାଲା ପକାଇ ଆନ୍ଦୋଳନ ଜାରି ରଖିଥିଲେ। ଗତ ୧୪ ତାରିଖରେ ଶିକ୍ଷା ବିଭାଗ ପକ୍ଷରୁ ସିର୍ମିଳିପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଜଣେ ଶିକ୍ଷକଙ୍କୁ ସ୍ଥାନାନ୍ତର କରିବା ପରେ ମଧ୍ୟ ସ୍କୁଲରେ ତାଲା ପକା ଯାଇଥିବାରୁ ଛାତ୍ରୀଛାତ୍ର ବାହାରେ ବସି ପାଠ ପଢୁଥିଲେ। ଲଗାଣ ବର୍ଷା ଯୋଗୁ ଛାତ୍ରୀଛାତ୍ରଙ୍କ ପାଠପଢା ବ୍ୟାହତ ହୋଇଥିଲା। ଗୁରୁବାର ଏବିଇଓ ମୃତ୍ୟୁଞ୍ଜୟ ମହାନ୍ତି ଓ ଫାଲଗୁନୀ ମାଝି ଗାଁକୁ ଯାଇ ବୁଝାସୁଝା କରିବା ପରେ ଗ୍ରାମବାସୀ ତାଲା ଖୋଲିଥିଲେ।

# ରାଫେଲ ଦୁର୍ନୀତି ବିରୋଧରେ ଯୁବ କଂଗ୍ରେସର ସଚେତନତା କାର୍ଯ୍ୟକ୍ରମ

**ବୀରମହାରାଜପୁର, ୩୦।୮ (ଡି.ଏନ.ଏ.)**

କେନ୍ଦ୍ରର ମୋଦି ସରକାରଙ୍କ ଦ୍ୱାରା ରାଫେଲ ଯୁଦ୍ଧ ବିମାନ କିଣା କାରବାର ଏକ ବଡ ଘୋଟାଲା ବୋଲି କଂଗ୍ରେସ ଅଭିଯୋଗ ଆଣିଛି। ଏହା ବିରୋଧରେ ଜନସଚେତନତା ସୃଷ୍ଟି ନିମନ୍ତେ ସଂଗଠନ ଅଭିଯାନ ଆରମ୍ଭ କରିଛି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ ସଦର ମହକୁମା ବୀରମହାରାଜପୁରଠାରେ ସ୍ଥାନୀୟ ଯୁବ କଂଗ୍ରେସ ଦ୍ୱାରା ଗୁରୁବାର ଏହାର ଏକ ନମୂନା ଦେଖିବାକୁ ମିଳିଥିଲା। ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ କମିଟି ସଭାପତି ପ୍ରିୟବ୍ରତ ସାହୁଙ୍କ ନେତୃତ୍ୱରେ କର୍ମୀମାନେ ପୋଷ୍ଟର ପ୍ରଦର୍ଶନ କରି ଲୋକଙ୍କୁ ଏହି ମହାଦୁର୍ନୀତି ସମ୍ପର୍କରେ ସଚେତନ କରିବା ସହ ପ୍ରମୁଖ ସ୍ଥାନଗୁଡ଼ିକରେ ପୋଷ୍ଟର ଛାଡିଥିଲେ। ଉକ୍ତ ପୋଷ୍ଟର ଛପା କାର୍ଯ୍ୟକ୍ରମରେ ଗରିବ ଦଣ୍ଡସେନା, ରୋହିତ ବିଶ୍ୱାଳ, ଦୁତିଆ ମେହେର ପ୍ରମୁଖ ବହୁ ଯୁବ କଂଗ୍ରେସ କର୍ମୀ ସାମିଲ ଥିଲେ।

## ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଘୋଷଣା

**No. RDM-LAA-MBJ-0060-2017/ 22435 R&DM, Dated 22.06.2018**

**No. XXI-54:-** ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା- ହାତୀବାରି, ଥାନା- କରଞ୍ଜିଆ ନଂ.୧୧୦, ତହସିଲ- କରଞ୍ଜିଆ, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଦେଓ ଜଳସେଚନ ପ୍ରକଳ୍ପର ହାତିବାରି ମାଇନର ଓ ଆର୍.ଏମ୍.ଡି.ର ସବ୍-ମାଇନର ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୨୪୬୯୦, ତା୨୬।୦୭।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ, ଏହା ଘୋଷଣା କରାଯାଉଅଛି ଯେ, ମୌଜା- ହାତୀବାରି, ଥାନା- କରଞ୍ଜିଆ ନଂ.-୧୧୦, ଜିଲ୍ଲା- ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.mayurbhanj.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନର୍ବସତି ଅଧିକାରୀ, କରଞ୍ଜିଆ, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ — ତହସିଲ- କରଞ୍ଜିଆ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ହାତୀବାରି | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୪୮.୬୭ | ଏ.୭.୮୪ | ଏଥିସହିତ ସଂଲଗ୍ନ |

**ତଫସିଲ-ଖ**
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ — ତହସିଲ- କରଞ୍ଜିଆ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୩୧।୦୩।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ଅଭୟ କୁମାର ନାୟକ) ଯୁଗ୍ମ ଶାସନ ସଚିବ

## ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନଃବସତି ଅଧିକାରୀ, ଦେଓ ଜଳ ପ୍ରକଳ୍ପ, ମୟୂରଭଞ୍ଜ, କରଞ୍ଜିଆ

ମୌଜା- ହାତୀବାରି, ଥାନା ନଂ.- ୧୧୦

| କ୍ର. ନଂ. | ଖାତା ନମ୍ବର | ପ୍ଲଟ୍ ନଂ. | ମୋଟ ଏରିଆ | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ ଓ ଧାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧. | ୨୬ | ୫୨୫ | ୦.୨୫ | ୦.୦୧ | ଶାରଦଜଳ ଏକ | ଝାଡ଼େଶ୍ୱର ନାଏକ, ଅଗ୍ନି ନାଏକ, ପି- ଦ୍ୱାରୀ ନାଏକ, କବିଚନ୍ଦ୍ର ନାଏକ, ପି- କାବୁ ନାଏକ, ବୁଧୁ ନାଏକ, ପି- ବୃଷଭ ନାଏକ, ଜା- ବାଥୁଡ଼ି, ବା- ନିଜଗାଁ | |
| | | ୫୨୯ | ୦.୪୧ | ୦.୦୬ | ଶାରଦଜଳ ଏକ | | |
| ୨ | ୨୮ | ୬୩୪ | ୦.୭୪ | ୦.୧୧ | ଶାରଦ ଦୁଇ | ଟିପୁର କୋହ୍ଲ, ମଙ୍ଗର କୋହ୍ଲ, ପି- ଦଶାଏ କୋହ୍ଲ, ଲକ୍ଷ୍ମୀ କୋହ୍ଲ, ଜେମା କୋହ୍ଲ, ଡିମ୍ବେ କୋହ୍ଲ, ପି- ଶୁକୁର କୋହ୍ଲ, ପାଲ କୋହ୍ଲ, ଶୁକୁରମଣି କୋହ୍ଲ, ସ୍ୱା- ଶୁକୁର କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୩ | ୩୦ | ୫୩୦ | ୦.୪୫ | ୦.୧୪ | ଶାରଦ ଏକ ଜଳସେଚିତ | ବଡ଼ ଡିମ୍ବ କୋହ୍ଲ, ପି- ମଙ୍ଗରାଏ କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୪ | ୩୬ | ୭୬୧ | ୪.୯୮ | ୦.୭୮ | ଶାରଦ ଦୁଇ | ଦୁର୍ଗା ମାଝୀ, ପି- ରାମ ରାଏ ମାଝୀ, ସାଲଖାନ ମାଝୀ, ପି- ଦୁର୍ଗା ମାଝୀ, ସାନଦୁର୍ଗା ମାଝୀ, ପି- ପାରାଏ ମାଝୀ, ବଡ଼ସନ ମାଝୀ, ପି- ଦୁର୍ଗା ମାଝୀ, ଗୁଲିଆ ମାଝୀ, ରାମରାଏ ମାଝୀ, ଘାସିଆ ମାଝୀ, ବୀରସିଂ ମାଝୀ, ପି- ଛୋଟରାଏ ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| ୫ | ୩୭ | ୫୩୭ | ୦.୪୧ | ୦.୧୯ | ଶାରଦଦୁଇ/ ୫ ଜଳସେଚିତ | ଦୁର୍ଗା ମାଝୀ, ନୁନା ମାଝୀ, ବାସୁ ମାଝୀ, ପି- ଫାଗୁ ମାଝୀ, ଜା- ମାଝୀ, ବା- ନିଜଗାଁ | |
| | | ୬୯୧ | ୦.୮୫ | ୦.୨୮ | ଶାରଦ ତିନି/୨ | | |
| | | ୬୯୮ | ୦.୧୧ | ୦.୦୭ | ଶାରଦ ଦୁଇ | | |
| ୬ | ୩୯ | ୬୪୬ | ୦.୧୨ | ୦.୦୬ | ଶାରଦ ଦୁଇ | ଦୁବରାଜ ନାଏକ, ଗୁରୁଚରଣ ସୟ, ପି- ବାଙ୍କୁ କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| | | ୬୪୯ | ୧.୮୫ | ୦.୦୬ | ଶାରଦ ତିନି | | |
| | | ୭୦୮ | ୦.୫୦ | ୦.୦୧ | ଆଶୁ | | |
| | | ୭୦୯ | ୦.୯୦ | ୦.୨୪ | ଶାରଦ ତିନି | | |
| | | ୭୧୦ | ୨.୪୦ | ୦.୧୫ | ଶାରଦ ଦୁଇ | | |
| ୭ | ୪୭ | ୬୬୫ | ୧.୯୬ | ୦.୧୧ | ଶାରଦ ଦୁଇ | ପାତ୍ର କୋହ୍ଲ, ଚାମ୍ପାଏ କୋହ୍ଲ, ପି- ପାଣ୍ଡା କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| | | ୭୭୩ | ୦.୫୯ | ୦.୧୬ | ଶାରଦ ଦୁଇ | | |
| | | ୭୭୫ | ୧.୯୩ | ୦.୧୩ | ଶାରଦ ତିନି | | |
| ୮ | ୪୪ | ୨୫୪ | ୦.୩୧ | ୦.୦୪ | ଶାରଦଜଳ ଏକ | ନାଲ ପଧୁରିଆ, ଅମିନ ପଧୁରିଆ, ନବିନା ପଧୁରିଆ, ପି- ଭ୍ରମର ପଧୁରିଆ, ଜା- ବାଥୁଡ଼ି, ବା- ନିଜଗାଁ | |
| ୯ | ୫୩ | ୫୩୧ | ୦.୪୮ | ୦.୨୦ | ଶାରଦ ଦୋଫସଲି ଏକ | ପୂର୍ଣ୍ଣଚନ୍ଦ୍ର ସୟ, ପି- ବିଜୁ ସୟ, ଦୁବରାଜ ସୟ, ଗୁରୁଚରଣ ସୟ, ପି- ବାଙ୍କୁ ସୟ, ଜା- କୋହ୍ଲ, ବା- ନିଜଗାଁ | ଦ. ପୂର୍ଣ୍ଣଚନ୍ଦ୍ର ସୟ |
| | | ୫୭୩ | ୧.୦୨ | ୦.୧୮ | ଶାରଦଦଳ ଏକ | | ଦ. ପୂର୍ଣ୍ଣଚନ୍ଦ୍ର ସୟ |
| | | ୬୪୫ | ୧.୧୧ | ୦.୧୫ | ଶାରଦ ଦୁଇ | | ଦ. ପୂର୍ଣ୍ଣଚନ୍ଦ୍ର ସୟ |
| | | ୭୬୩ | ୧.୭୪ | ୦.୪୨ | ଶାରଦ ତିନି | | ଦ. ଦୁବରାଜ ସୟ, ଗୁରୁଚରଣ ସୟ |
| ୧୦ | ୫୫ | ୬୮୭ | ୦.୩୧ | ୦.୦୩ | ଶାରଦ ଦୁଇ | ଫୁଲମାଲ ମାଝୀ, ପି- ଉଦୟ ମାଝୀ, ଖେଲା ମାଝୀ, ପି- ରାମ ମାଝୀ, ଜା- ମାଝୀ, ବା- ପୁରୁଣାପାଣି | |
| | | ୬୯୨ | ୦.୪୩ | ୦.୧୬ | ଶାରଦ ତିନି | | |
| | | ୬୯୩ | ୦.୫୧ | ୦.୧୪ | ଶାରଦ ତିନି | | |
| | | ୭୦୦ | ୦.୨୨ | ୦.୧୦ | ଶାରଦ ଦୁଇ | | |
| ୧୧ | ୫୮ | ୬୨୮ | ୧.୧୦ | ୦.୧୪ | ଶାରଦ ଦୁଇ | ବାଗୁନ କୋହ୍ଲ, ପି- ସାହୁ କୋହ୍ଲ, ଦାଶରଥି କୋହ୍ଲ, ଚନ୍ଦ୍ରମୋହନ କୋହ୍ଲ, ପି- ରାମାହ କୋହ୍ଲ, ମାନ୍ଦାହ କୋହ୍ଲ, ସ୍ୱା- ବାଗୁନ କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୧୨ | ୬୪ | ୫୩୮ | ୦.୯୧ | ୦.୦୫ | ଶାରଦଜଳ ଏକ | ବୁଢ଼ାନ ମାଝୀ, ନାରାନ ମାଝୀ, ପି- ଶାଲଖୁ ମାଝୀ, ମୁନି ମାଝୀ, ସାଗରା ମାଝୀ, ପି- ବୁଢ଼ାନ ମାଝୀ, ଜା- ମାଝୀ, ବା- ନିଜଗାଁ | |
| | | ୫୫୫ | ୨.୧୦ | ୦.୦୭ | ଶାରଦଜଳ ଦୁଇ | | |
| | | ୫୫୮ | ୦.୬୦ | ୦.୨୦ | ଘରବାରି | | |
| ୧୩ | ୬୭ | ୨୫୩ | ୦.୨୦ | ୦.୧୦ | ଶାରଦଜଳ ଏକ | ବୁଧୁ ମାଝୀ, ସୁନ୍ଦୁରା ମାଝୀ, ପି- ପାରୁ ମାଝୀ, ନିମାହା ମାଝୀ, ପି- କହ୍ନେଇ ମାଝୀ, ଜା- ମାଝୀ, ବା- ପୁରୁଣାପାଣି | |
| | | ୫୨୪ | ୦.୬୮ | ୦.୨୯ | ଶାରଦଜଳ ଏକ | | |
| | | ୫୩୨ | ୦.୮୨ | ୦.୧୮ | ଶାରଦଜଳ ଏକ | | |
| | | ୭୭୨ | ୧.୯୦ | ୦.୧୮ | ଶାରଦଦୁଇ | | |
| ୧୪ | ୬୮ | ୬୮୮ | ୦.୬୨ | ୦.୨୩ | ଶାରଦ ଦୁଇ | ବୁଧୁ ମାଝୀ, ଅର୍ଜୁନ ମାଝୀ, ଧନୁ ମାଝୀ, ଦାମୁ ମାଝୀ, ରାମୁ ମାଝୀ, ପି- ଶାଙ୍ଗାର ମାଝୀ, ସାନ ବୁଧୁ ମାଝୀ, ନାରସିଂହ ମାଝୀ, ପି- ଝୋଲ ମାଝୀ, ଜା- ମାଝୀ, ବା- ପୁରୁଣାପାଣି | |
| | | ୬୯୫ | ୦.୯୨ | ୦.୨୫ | ଶାରଦ ତିନି | | |
| | | ୭୦୩ | ୦.୭୦ | ୦.୦୧ | ଶାରଦ ତିନି | | |
| ୧୫ | ୬୯ | ୬୬୩ | ୦.୪୯ | ୦.୧୨ | ଶାରଦ ଦୁଇ | ବୁଧୁ ହୋ, ସୁରେନ୍ଦ୍ର ହୋ, ସୋମନାଥ ହୋ, ଗୋପୀନାଥ ହୋ, ପି- ମରା ହୋ, ଜା- କୋହ୍ଲ, ବା- ନିଜଗାଁ | |
| ୧୬ | ୭୨ | ୭୪୦ | ୧.୦୯ | ୦.୨୧ | ଶାରଦ ତିନି | ମଙ୍ଗଲ ତାମୁଡ଼ିଆ, ରାମଧନ ତାମୁଡ଼ିଆ, ମାଣିକରାମ ତାମୁଡ଼ିଆ, ପି- ଦୁର୍ଗା ତାମୁଡ଼ିଆ, ଭୀମ ଚରଣ ତାମୁଡ଼ିଆ, ଚନ୍ଦ୍ରମୋହନ ତାମୁଡ଼ିଆ, ଲିଟା ତାମୁଡ଼ିଆ, ରାସାଏ ତାମୁଡ଼ିଆ, ପି- ମଙ୍ଗଲ ସିଂ ତାମୁଡ଼ିଆ, ସାନଦୁର୍ଗା ତାମୁଡ଼ିଆ, ଗୋପି ତାମୁଡ଼ିଆ, ପି- ଅର୍ଜୁନ ତାମୁଡ଼ିଆ, ଜା- ତାମୁଡ଼ିଆ, ବା- ନିଜଗାଁ | |
| ୧୭ | ୭୯ | ୨୫୬ | ୦.୧୬ | ୦.୦୭ | ଶାରଦଜଳ ଦୁଇ | ରତ୍ନୀ ବିଶ୍ୱାଳ, ଯତ୍ନୀ ବିଶ୍ୱାଳ, ପି- ରାଣ ବିଶ୍ୱାଳ, ବିଦ୍ୟାଧର ସଞ୍ଜିଆଳ, ସିଧ ସଞ୍ଜିଆଳ, ଜା- ବାଥୁନି, ବା- ନିଜଗାଁ | |
| ୧୮ | ୮୦ | ୬୪୩ | ୦.୧୬ | ୦.୦୬ | ଶାରଦ ତିନି | ରାଇସିଂ କୋହ୍ଲ, ପି- ନାଣ୍ଟୁ କୋହ୍ଲ, ଦାସ କୋହ୍ଲ, ସମା କୋହ୍ଲ, ପି-ମରା କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୧୯ | ୮୩ | ୬୨୯ | ୧.୨୪ | ୦.୧୭ | ଶାରଦ ଦୁଇ | ରାନ୍ଧ କୋହ୍ଲ, ପି- ଡେଲଗା କୋହ୍ଲ, ମୋଚିରାମ କୋହ୍ଲ, ସେଲାଇ କୋହ୍ଲ, ପି- ରାଏ କୋହ୍ଲ, ରାଏସିଂ କୋହ୍ଲ, ପି- ଗାରଦି କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୨୦ | ୮୬ | ୭୩୬ | ୧.୬୬ | ୦.୧୦ | ଶାରଦ ଦୁଇ | ରାମାଏ କୋହ୍ଲ, ନାଠା କୋହ୍ଲ, ପି- ବୁଧେଁ କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| | | ୭୭୪ | ୧.୩୨ | ୦.୦୬ | ଶାରଦ ଦୁଇ | | |
| ୨୧ | ୯୩ | ୬୪୪ | ୦.୩୪ | ୦.୦୧ | ଶାରଦ ଦୁଇ | ଖତ କୋହ୍ଲ, ପି- ରାମସାଏ କୋହ୍ଲ, ବିହଙ୍ଗ କୋହ୍ଲ, ପି- ରାଏ କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୨୨ | ୧୦୦ | ୬୯୦ | ୦.୪୯ | ୦.୧୭ | ଶାରଦ ତିନି | ଶିବନାଥ ମାଝୀ, ପି- ଘାସିରାମ ମାଝୀ, ଆରଶୁ ମାଝୀ, ପି- ଫୁରମାଲ ମାଝୀ, ଜା- ମାଝୀ, ବା- ନିଜଗାଁ | |
| | | ୬୯୪ | ୦.୭୦ | ୦.୨୩ | ଶାରଦ ତିନି | | |
| | | ୬୯୯ | ୦.୩୧ | ୦.୦୬ | ଶାରଦ ଦୁଇ | | |
| ୨୩ | ୧୦୩ | ୭୩୦ | ୧.୧୧ | ୦.୦୬ | ଶାରଦ ଦୁଇ | ଶୁକଦେବ କୋହ୍ଲ, ଫକିର ମୋହନ କୋହ୍ଲ, ଦୋକାନି କୋହ୍ଲ, ପି- ମାଣିକ କୋହ୍ଲ, ଫାଗୁ କୋହ୍ଲ, ସାରିକା କୋହ୍ଲ, ପି- ଡାକାନ କୋହ୍ଲ, ଚାମ୍ପାଏ କୋହ୍ଲ, ବ୍ରଜ କୋହ୍ଲ, ପି- ଦାଁଶାର କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| | | ୭୩୨ | ୦.୪୩ | ୦.୦୫ | ଶାରଦ ଦୁଇ | | |
| | | ୭୩୩ | ୧.୨୫ | ୦.୦୬ | ଶାରଦ ଦୁଇ | | |
| ୨୪ | ୧୧୦ | ୬୬୪ | ୦.୫୪ | ୦.୧୨ | ଶାରଦ ଦୁଇ | ହିନ୍ଦୁରାମ କୋହ୍ଲ, ରାମସାୟ କୋହ୍ଲ, ପି- ଶ୍ୟାମ କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୨୫ | ୧୧୦/୫ | ୬୩୩ | ୦.୮୫ | ୦.୧୨ | ଶାରଦ ଦୁଇ | ଲକ୍ଷ୍ମୀ କୋହ୍ଲ, ସ୍ୱା- ରାମଚନ୍ଦ୍ର କୋହ୍ଲ, ଜେମା କୋହ୍ଲ, ସ୍ୱା- ବେର୍ଗା କୋହ୍ଲ, ଦାଶରଥି କୋହ୍ଲ, ଶୁକୁରା କୋହ୍ଲ, ଦୁକାନ କୋହ୍ଲ, ପି- ମଙ୍ଗୁଲୁ କୋହ୍ଲ, ପାଲ କୋହ୍ଲ, ଶୁକ୍ରମଣି କୋହ୍ଲ, ସ୍ୱା- ଶୁକ୍ରା କୋହ୍ଲ, ଜା- କୋହ୍ଲ, ବା- ହାତୀବାରି | |
| ୨୬ | ୧୧୦/୮ | ୫୨୩ | ୦.୩୪ | ୦.୧୬ | ଶାରଦ ଜଳ ଏକ | କାନ୍ଦରା ହାଁସଦା, ପି- ଭୀମ ହାଁସଦା, ଜା- ସାନ୍ତାଳ, ବା- ନିଜଗାଁ | |
| ୨୭ | ୧୦୪ | ୬୩୨ | ୧.୦୧ | ୦.୧୫ | ଶାରଦ ଦୁଇ | ଶୁକୁରୁଣୀ କୋହ୍ଲ, ପି- ରାଜେନ୍ଦ୍ର କୋହ୍ଲ, ଶୁକୁରମଣି କୋହ୍ଲ, ସ୍ୱା- ବିଜୟ କୋହ୍ଲ, ଶାନ୍ତି କୋହ୍ଲ, ସୁରୁ କୋହ୍ଲ, ନାନକି କୋହ୍ଲ, ଜାଓଇଁ କୋହ୍ଲ, ଜେମା କୋହ୍ଲ, ପାଙ୍ଗଲା କୋହ୍ଲ, ପି- ବିଜୟ କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୨୮ | ୧୧୦/୨୧ | ୬୬୭/ ୧୦୦୨ | ୦.୧୨ | ୦.୦୧ | ଶାରଦ ତିନି | ମଥୁରା ମାଝୀ, ପି- ମୋହନା ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| ୨୯ | ୧୧୦/୨୦ | ୭୧୩ | ୦.୧୩ | ୦.୦୯ | ଆଶୁ | ବାଲି ମାଝୀ, ପି- ନିମାଇଁ ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| ୩୦ | ୧୧୦/୨୩ | ୬୬୭/ ୧୦୧୦ | ୦.୨୧ | ୦.୦୮ | ଶାରଦ ତିନି | ହୀରା ମାଝୀ, ପି- ନିମାଇଁ ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| | | ମୋଟ | ୪୮.୬୭ | ୭.୮୪ | | | |

24001/14/0243/1819



ମନୁଷ୍ୟ ହୁଏତ ଉଚ୍ଚ ଶିଖରକୁ ଉଠିଯିବ, କିନ୍ତୁ ସେଠାରେ ସେ ବହୁ କାଳ ପର୍ଯ୍ୟନ୍ତ ନରହିପାରେ।

- ଜର୍ଜ ବର୍ଣ୍ଣାଡ ଶ

## ସଂକ୍ଷେପରେ

### ରମ୍ଭାଙ୍କୁ ମିଳୁନି ବାର୍ଦ୍ଧକ୍ୟ ଭତ୍ତା

**ଅତାବିରା, ୩୦।୮ (ଡି.ଏନ.ଏ):** ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତ ଅଧୀନ ଉଦେପୁର ଗ୍ରାମର ରମ୍ଭା ଝାଙ୍କର(୭୫)ଙ୍କୁ ଏଯାଏ ମିଳିନି ବାର୍ଦ୍ଧକ୍ୟ ଭତ୍ତା । ସେ ପଞ୍ଚାୟତରେ ଆବେଦନ ପତ୍ର ଦେଇଥିଲେ ମଧ ଦୀର୍ଘ ୫ବର୍ଷ ହେଲା ଆଜି ମିଳିବ କାଲି ମିଳିବ ବୋଲି କେବଳ ଆଶ୍ୱାସନା ଦିଆଯାଉଛି । ଅପରପକ୍ଷେ ତାଙ୍କ ବେକରେ ଏକ ମାଂସ ପିଣ୍ଡୁଳା ବଢ଼ିବାରେ ଲାଗିଛି । ଏହାର ଚିକିତ୍ସା କରିବା ପାଇଁ ଅର୍ଥ ବାଧକ ସାଜିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ବାର୍ଦ୍ଧକ୍ୟ ଭତ୍ତା ଓ ଚିକିତ୍ସା କରିବା ପାଇଁ ସଚେତନ ଦାବି ହେଉଛି ।

### ଭାଜପା ପୋଷ୍ଟର ଚୋରି, ଥାନାରେ ଏତଲା

**ପଦ୍ମପୁର, ୩୦।୮ (ଡି.ଏନ.ଏ):** ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ନଗର ଭାଜପା ତରଫରୁ ସହରରେ ପୋଷ୍ଟର, ବ୍ୟାନର ଲଗାଯାଇଥିଲା। ୨୭ ତାରିଖ ରାତ୍ରିରେ ତାହା ଚୋରି ହୋଇ ଯାଇଥିବାରୁ ପଦ୍ମପୁର ଥାନାରେ ପଦ୍ମପୁର ମଣ୍ଡଳ ସଭାପତି ସୁନୀଲ ଅଗ୍ରୱାଲ ଅଭିଯୋଗ କରିଛନ୍ତି । ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବରଗଡ ଜିଲା ଯୁବମୋର୍ଚ୍ଚା ସଭାପତି ପ୍ରିତେଶ ବହିଦାର, ନଗର ଯୁବମୋର୍ଚ୍ଚା ସଭାପତି ପ୍ରମୋଦ ମେହେର, ସେବକ ମେହେର, କୁନାଲ ପାଣିଗ୍ରାହୀ, ହିତେଶ ଅଗ୍ରୱାଲା ପ୍ରମୁଖ ଦାବି କରିଛନ୍ତି ।

# ବିକାଶ ହୋଇଛି ବାଟବଣା

**ବରଗଡ଼ ଅଫିସ୍/ଅତାବିରା,୩୦।୮**

ଗ୍ରାମାଞ୍ଚଳ ଓ ସହରାଞ୍ଚଳର ବିକାଶ ପାଇଁ ସରକାର ବହୁବିଧ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି । ପାନୀୟଜଳ, ପରିମଳ, ସ୍ୱାସ୍ଥ୍ୟ, ରାସ୍ତାଘାଟ ଆଦି ପ୍ରକଳ୍ପ ପାଇଁ କୋଟି କୋଟି ଟଙ୍କା ଅନୁଦାନ ମଧ୍ୟ ଦିଆଯାଉଛି । ମାତ୍ର ତାହା ବିନିଯୋଗ ହୋଇ ପାରୁନାହିଁ। ଏଥିପାଇଁ ବିକାଶ ବାଟବଣା ହୋଇ ପଡୁଛି । ବରଗଡ଼ ଜିଲା ଅତାବିରା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି)ରେ ଏଭଳି ପରିସ୍ଥିତି ଦେଖାଦେଇଛି । ଏନଏସିର ଉନ୍ନୟନ ପାଇଁ ଆସିଥିବା ଟଙ୍କା ଆଶାନୁରୂପ ବିନିଯୋଗ ହୋଇ ପାରିନାହିଁ। ଫଳରେ ଅତାବିରାବାସୀଙ୍କୁ ବିଭିନ୍ନ ସମସ୍ୟା ଘେରରେ ରହିବାକୁ ପଡୁଛି। ଏଭଳି ସମସ୍ୟା ଗତ ଏନଏସି ନିର୍ବାଚନ ସମୟରେ ମୁଖ୍ୟ ପ୍ରସଙ୍ଗ ହୋଇଥିବାବେଳେ ନିର୍ବାଚନ ସରିବାର ୫ମାସ ପରେ ମଧ୍ୟ ଏଠାରେ ସେଭଳି ବିକାଶ ଦେଖିବାକୁ ମିଳିନାହିଁ। ନିର୍ବାଚନ ସମୟରେ ଦିଆଯାଇଥିବା ପ୍ରତିଶ୍ରୁତି ଅତାବିରା ଏନଏସିବାସୀଙ୍କ ପାଇଁ ଲଲିପପ୍ ସଦୃଶ ହୋଇଛି । ଏ ନେଇ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଡଃ ତପସ୍ୱିନୀ ଗୁରୁଙ୍କୁ ପଚାରିବାରୁ କାଉନସିଲ ଗଠନ ହେବା ପରେ ସେ ଯୋଗ ଦେଇଛନ୍ତି ଏବଂ ସବୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ସମାପନ କରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ସେ କହିଥିଲେ ।

**ଅତାବିରା ଏନଏସି**



ଅତାବିରା ଏନଏସିର ରାସ୍ତାପାର୍ଶ୍ୱରେ ଡ୍ରେନ ନ ଥିବାରୁ ପାଣି ଜମି ରହୁଛି ।

- ବିନିଯୋଗ ହୋଇପାରୁନି ମଞ୍ଜୁର ଅନୁଦାନ
- ଅସୁବିଧା ଭୋଗୁଛନ୍ତି ଅତାବିରା ଏନଏସି ବାସିନ୍ଦା
- ୬୩ ପ୍ରକଳ୍ପକୁ ମିଳିଥିଲା ୧.୫୮ କୋଟି
- ଅଗଷ୍ଟ ଶେଷ ସୁଦ୍ଧା ପ୍ରକଳ୍ପ ସାରିବାକୁ ନିର୍ଦ୍ଦେଶ ଥିଲା
- ଏଯାଏ ଶେଷ ହେଲାନି ପ୍ରକଳ୍ପ

ଅତାବିରା ଏନଏସି ମାନ୍ୟତା ପାଇବା ପରେ କଂଗ୍ରେସ ପ୍ରଥମେ କାଉନସିଲ ଗଠନ କରିଥିଲା ଏବଂ ସେତେବେଳେ ରାଜନୈତିକ ଛକାପଞ୍ଝା ମଧ୍ୟରେ ଆଖିଦୃଶିଆ ବିକାଶ ହୋଇ ନ ଥିଲା । ଏହାକୁ ପ୍ରମୁଖ ପ୍ରସଙ୍ଗ ରଖି ଗତ ନିର୍ବାଚନରେ ବିଜେଡ଼ି ପ୍ରାର୍ଥୀମାନେ ଏନଏସିର ସବୁଯାକ ୱାର୍ଡ଼ରେ ବିଜୟୀ ହୋଇଥିଲେ । ବିଜେଡ଼ି କାଉନସିଲ ଗଠନ କରିଥିଲା । କିନ୍ତୁ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ପରିବର୍ତ୍ତେ ତାହା ଯଥା ପୂର୍ବଂ ତଥାପରଂ ଅବସ୍ଥାରେ ରହିଥିଲା । ଗତ ଜୁନ ମାସରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଜିଲାର ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିବାକୁ ଆସିଥିବାବେଳେ ତାହା ସ୍ପଷ୍ଟ ହୋଇଥିଲା । ସେତେବେଳ ପର୍ଯ୍ୟନ୍ତ ଅତାବିରା ଏନଏସିକୁ ୬୩ ପ୍ରକଳ୍ପ ପ୍ରଶାସନିକ ମଞ୍ଜୁରୀ ମିଳିଥିଲେ ସୁଦ୍ଧା ଗୋଟିଏ ମଧ୍ୟ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ନ ଥିବା ଜାଣି ମନ୍ତ୍ରୀ ମଲ୍ଲିକ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ । ସେହି ପ୍ରକଳ୍ପ ଗୁଡ଼ିକ ପାଇଁ ୧.୫୮ କୋଟି ଟଙ୍କା ଏନଏସିକୁ ମିଳି ସାରିଥିଲା । ୨୦୧୬-୧୭ ଆର୍ଥିକ ବର୍ଷରେ ୧୪୧.୪୫ ଏବଂ ୨୦୧୭-୧୮ରେ ୧୪୯.୨୫ ଲକ୍ଷ ଟଙ୍କା ଅନୁଦାନ ମିଳିଥିବା ବୈଠକରେ ସୂଚନା ଦିଆଯାଇଥିଲା । ତେବେ ସେତେବେଳେ ମନ୍ତ୍ରୀ ମଲ୍ଲିକ ଅଗଷ୍ଟ ସୁଦ୍ଧା ସବୁ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଶୁକ୍ରବାର ଅଗଷ୍ଟ ମାସ ସରୁଥିବାବେଳେ ମନ୍ତ୍ରୀଙ୍କ ସେହି ନିର୍ଦ୍ଦେଶ କେବଳ ନିର୍ଦ୍ଦେଶରେ ସୀମିତ ରହିଯିବ । ଏହା ଜନସାଧାରଣରେ ଆଲୋଚନାର ବିଷୟ ହୋଇଛି ।

ଅନେକ ସ୍ଥାନରେ ପ୍ରକଳ୍ପ ଗୁଡ଼ିକ ଅଧାପନ୍ତରିଆ ପଡ଼ିଥିବାବେଳେ ବିଭିନ୍ନ ୱାର୍ଡ଼ରେ ଲାଗିଥିବା ଏଲଇଡ଼ି ଲାଇଟ ମଧ୍ୟ ମାସ ମାସ ଧରି ଅକାମୀ ହୋଇ ରହିଛି। ସେହିପରି ଜଳ ନିଷ୍କାସନ ବ୍ୟବସ୍ଥା ହୋଇ ପାରି ନ ଥିବାରୁ ବର୍ଷା ଓ ମଇଳା ଆବର୍ଜନା ପାଣି ଘରକୁ ପଶୁଛି । ରାସ୍ତାପାର୍ଶ୍ୱ ଓ ବିଭିନ୍ନ ସ୍ଥାନରେ କୁଢ଼ କୁଢ଼ ମଇଳା ଆବର୍ଜନା ସ୍ତୁପ ଭଳି ପଡ଼ି ରହୁଛି। ରାସ୍ତାଘାଟରେ ଖାଲଖମା ହୋଇ ସେଠାରେ ମଧ୍ୟ ଆବର୍ଜନା ପାଣି ଜମି ରହିଛି । ଏଥିପାଇଁ ମଶା, ମାଛିଙ୍କ ଉପଦ୍ରବ ବଢ଼ିଚାଲିଛି। ଫଳରେ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ଅସନ୍ତୋଷ ଆଗାମୀ ଦିନରେ ଆନ୍ଦୋଳନ ରୂପ ନେବା ପାଇଁ ମୁଣ୍ଡ ଟେକିଛି ।

# ମହାନଦୀରେ କମିଲା ଜଳସ୍ତର, ବନ୍ୟା ଆଶଙ୍କା ଟଳିଲା

**ଅମ୍ବାଭୋନା, ୩୦।୮ (ଡି.ଏନ.ଏ)**

ଛତିଶଗଡର ଉପରମୁଣ୍ଡରେ କ୍ରମାଗତ ବର୍ଷା ସାଙ୍ଗକୁ ମହାନଦୀ ଗର୍ଭକୁ କଲମା ବ୍ୟାରେଜରୁ ଅଧିକ ଜଳ ନିଷ୍କାସନ ଯୋଗୁ ମହାନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ଥିଲା । ହୀରାକୁଦର ପଛୁଆ ପାଣି ମହାନଦୀ ତଟସ୍ଥ ଚିଖିଲି, ବେନିଆଁପାଲି, ଘୁଘୁରାପାଲି, ଅନ୍ତରାଡି ଆଦି ଗାଁ ସୀମାକୁ ଛୁଇବାରୁ ଲୋକେ ସାମ୍ଭାବ୍ୟ ବନ୍ୟା ପରିସ୍ଥିତି ପାଇଁ ଆତଙ୍କିତ ହୋଇ ପଡିଥିଲେ । ବନ୍ୟା ପରିସ୍ଥିତି ଭୟଙ୍କର ନ ହେଲେ ମଧ ଚାଷ ଜମି ଉପରେ ଚାରିଫୁଟରୁ ଅଧିକ ପାଣି ଦୀର୍ଘ ୪୮ ଘଣ୍ଟା ଧରି ଜମି ରହିଥିଲା । ଫଳରେ ପନିପରିବା, ଚିନାବାଦାମ, ଅଦା, ସାରୁ, କନ୍ଦମୂଳ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି । ପ୍ରାୟ ୫୦୦ ହେକ୍ଟର ଚାଷଜମିକୁ ବନ୍ୟା ଜଳ ମାଡି ଆସିଥିଲା । ବନ୍ୟା ଆଶଙ୍କା କରି ଅମ୍ବାଭୋନା ତହସିଲଦାର ସଦାକର କୁମ୍ଭାର, ଅତିରିକ୍ତ ତହସିଲଦାର ଜୟନ୍ତ ସାହୁ, ସୁପରଭାଇଜର ମୀନକେତନ ଧରୁଆ, ରାଜସ୍ୱ ନିରୀକ୍ଷକ ମଣିକର ବାଗ, ବିଡିଓ ସହଦେବ ସମାଧିଆ ପ୍ରମୁଖ ଗଣ୍ଡିଆପାଲି ଓ ଅନ୍ତରାଡି ବନ୍ୟା ଆଶ୍ରୟସ୍ଥଳୀରେ ଜରୁରୀକାଳୀନ ସହାୟତା ପାଇଁ ରିଲିଫ ସାମଗ୍ରୀ, ପଲିଥିନ ଆଦି ରଖି ସଜାଗ ଥିଲେ । ଅମ୍ବାଭୋନା ଦମକଳ ବିଭାଗକୁ ମଧ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଉଭୟ ସ୍ୱାସ୍ଥ୍ୟ ଅଧିକାରୀ ଓ ପଶୁ ଚିକିତ୍ସା ଅଧିକାରୀଙ୍କୁ ସେଠାରେ ସ୍ଥିତି ନିୟନ୍ତ୍ରଣ ପାଇଁ ନିୟୋଜିତ କରାଯାଇଥିଲା । ମାତ୍ର ହୀରାକୁଦରୁ ଅଧିକ ଜଳ ନିଷ୍କାସନ ସାଙ୍ଗକୁ କଲମା ବ୍ୟାରେଜ ନିୟନ୍ତ୍ରଣ ଯୋଗୁ ବନ୍ୟା ଆଶଙ୍କା ଟଳିଯାଇଛି । ଫଳରେ ନଦୀକୂଳିଆ ଲୋକେ ଆଶ୍ୱସ୍ତ ହୋଇଛନ୍ତି । ମହାନଦୀରେ ଜଳସ୍ତର ମଧ କମିବାରେ ଲାଗିଛି । ଗୁରୁବାର ହୀରାକୁଦର ଆହୁରି ୫ଟି ଗେଟ୍‌କୁ ବନ୍ଦ କରି ଦିଆଯାଇଛି । ବର୍ତ୍ତମାନ ୨୦ଟି ଗେଟ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି । ବନ୍ୟା ପାଣି ଘେରରେ ଥିବା ଗାଁ ମାନଙ୍କରେ ବ୍ଲିଚିଂ ପାଉଡର ପକାଯାଇ ନଳକୂପ ବିଶୋଧନ କରାଯାଉଛି । ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି ।

# ବ୍ଲକସ୍ତରୀୟ ବିଜ୍ଞାନ ଶିକ୍ଷକ ସମ୍ମିଳନୀ



ଭେଡ଼େନ ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ସମ୍ମିଳନୀରେ ଉପସ୍ଥିତ ଅତିଥି ।

**ଭେଡ଼େନ, ୩୦।୮(ଡି.ଏନ.ଏ)**

ଭେଡ଼େନ ସ୍ଥିତ ସୂର୍ଯ୍ୟମଣି ଜନତା ହାଇସ୍କୁଲ ପରିସରରେ ଗୁରୁବାର ବ୍ଲକସ୍ତରୀୟ ବିଜ୍ଞାନ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଭେଡ଼େନ ହାଇସ୍କୁଲ ପ୍ରଧାନ ଶିକ୍ଷକ ରମଣୀ ରଞ୍ଜନ ରାଉତଙ୍କ ସଭାପତିତ୍ୱରେ ହୋଇଥିବା ଏହି ସମ୍ମିଳନୀରେ ବିଇଓ ମଛିନ୍ଦ୍ର ମଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷକ ସଞ୍ଜୀବ କୁମାର ପ୍ରଧାନ ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ଶିକ୍ଷକ ଗୋପବନ୍ଧୁ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ପ୍ରମୋଦ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମ୍ମିଳନୀରେ ବ୍ଲକର ବିଭିନ୍ନ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଯୋଗ ଦେଇଥିଲେ ।

# କର୍ତ୍ତୃପକ୍ଷଙ୍କ ଘୋଷଣା ପରେ ଆନ୍ଦୋଳନ ପ୍ରତ୍ୟାହୃତ

**ଝାରବନ୍ଧ, ୩୦।୮ (ଡି.ଏନ.ଏ)**

ଝାରବନ୍ଧ ବ୍ଲକ ଅନ୍ତର୍ଗତ ଉଭା ସେବା ସମବାୟ ସମିତି କାର୍ଯ୍ୟକଳାପରେ ଅସନ୍ତୋଷ ପ୍ରକାଶ କରି ଗୁରୁବାର ଶତାଧିକ ଚାଷୀ ଏକ ରାଲିରେ ଗ୍ରାମ ପରିକ୍ରମା କରିଥିଲେ। ପରେ ସମବାୟ ସମିତି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସମିତିରେ ବିଭିନ୍ନ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ, ଚାଷୀମାନଙ୍କୁ ବୀମାରାଶି ପ୍ରଦାନ, ଏହି ସମବାୟ ଅଧୀନ ୬ଟି ଗ୍ରାମପଞ୍ଚାୟତକୁ ୨ଭାଗ କରିବା ଓ ୨୦୧୪-୧୫ରୁ ୨୦୧୭-୧୮ ମଧ୍ୟରେ ପଞ୍ଜୀକୃତ ହୋଇଥିବା ଚାଷୀମାନଙ୍କୁ ଋଣ ପ୍ରଦାନ କରିବାକୁ ଦାବି କରାଯାଇଥିଲା । ଖବର ପାଇ ସହକାରୀ ସମବାୟ ନିବନ୍ଧକ ଲିଙ୍ଗରାଜ ନାୟକ, ଉପସହକାରୀ ନିବନ୍ଧକ ଭିକାରୀ ଚରଣ ସେଠ, ଧର୍ମେନ୍ଦ୍ର ଭୋଇ, ଆନନ୍ଦ ସୁରେନ, ଝାରବନ୍ଧ ଏସଡିସିସି ବ୍ୟାଙ୍କ ପରିଚାଳକ ଅମୀୟ କୁମାର ରଥ ଘଟଣା ସ୍ଥଳକୁ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ପାଇଁ ଚେଷ୍ଟା କରିଥିଲେ । ଆନ୍ଦୋଳନକାରୀଙ୍କୁ ସମର୍ଥନ କରି ପଦ୍ମପୁର ବିଧାୟକ ପ୍ରଦୀପ କୁମାର ପୁରୋହିତ ଘଟଣାସ୍ଥଳକୁ ପହଞ୍ଚିଥିଲେ । ଶେଷରେ ନୂତନ ସଂଯୋଜକ ନିଯୁକ୍ତି ପର୍ଯ୍ୟନ୍ତ ପୂର୍ଣ୍ଣଚନ୍ଦ୍ର ଡନସନାଙ୍କୁ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯିବା ସହିତ ବିଳାସପୁରରେ ସାର ବଣ୍ଟନ କରାଯିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଘୋଷଣା କରିବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଅଶୋକ କୁମାର ସାହୁ, ଚିନ୍ତାମଣି ରାଉତ, ଶଙ୍କର ସାହୁ, ତୁଳାରାମ ଭୋଇ, ଜୟ କୁମାର ସାହୁ, ଭୁବନାନନ୍ଦ ନାୟକ, କିଶୋର ବାରିକ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

### ବାଇକ୍ ଦୁର୍ଘଟଣା, ଜଣେ ଗୁରୁତର

**ପାଇକମାଲ, ୩୦।୮ (ଡି.ଏନ.ଏ)**

ପାଇକମାଲ ବ୍ଲକ ଗୁହାପାଲି କେନ୍ଦୁପତ୍ର ଗୋଦାମ ନିକଟରେ ଗୁରୁବାର ଏକ ବାଇକରେ ହୀରାପୁର ଗ୍ରାମର କିଶୋର ବାଗ ଓ ଭ୍ରମର ପାଣ୍ଡେ ନିକଟସ୍ଥ ଶଂକ୍ରି ଗ୍ରାମକୁ ଯାଉଥିଲେ । କେନ୍ଦୁପତ୍ର ଗୋଦାମ ନିକଟରେ ବାଇକ ଭାରସାମ୍ୟ ହରାଇ ବ୍ରିଜକୁ ଧକ୍କା ଦେଇଥିଲା । ଫଳରେ ଭ୍ରମର ଗୁରୁତର ଆହତ ହୋଇଥିଲେ । ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

# ପୌର ପରିଷଦର ସଚେତନତା ଶୋଭାଯାତ୍ରା

**ବରଗଡ଼ ଅଫିସ୍,୩୦।୮**



ପୌର ପରିଷଦର ଅଧିକାରୀ, କର୍ମଚାରୀ ସଚେତନତା ଶୋଭାଯାତ୍ରାରେ ବାହାରିଛନ୍ତି ।

ସ୍ୱାୟତ୍ତ ଶାସନ ଦିବସ ଅବ୍ୟବହିତ ପୂର୍ବରୁ ଗୁରୁବାର ବରଗଡ଼ ପୌର ପରିଷଦ ଆନୁକୂଲ୍ୟରେ ଗୁରୁବାର ଏଠାରେ ଏକ ଜନ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବିଧାୟକ ଦେବେଶ ଆଚାର୍ଯ୍ୟ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ପୌର ପରିଷଦର ୨୪ଟି ଗାଡ଼ି ବିଭିନ୍ନ ପ୍ରକାର ତୋରଣରେ ସଜ୍ଜିତ ହୋଇଥିଲା ଏବଂ ଏଥିରେ ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ। ଶୋଭାଯାତ୍ରା ପୌର ପରିଷଦ ଅଫିସ୍‌ରୁ ବାହାରି ଗାନ୍ଧିଛକ, ଥାନାଛକ, ଲମ୍ବା ବିଲ୍‌ଡିଙ୍ଗ, ଭଟଲି ଛକ ଦେଇ ପୁଣି ପୌର ପରିଷଦ ଅଫିସ୍‌ରେ ପହଞ୍ଚିଥିଲା । ଶୋଭାଯାତ୍ରାରେ ପୌର ପରିଷଦ ପକ୍ଷରୁ ନିଆଯାଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ, ହିତାଧିକାରୀଙ୍କୁ ପ୍ରଦାନ କରାଯାଉଥିବା ସୁବିଧା ସୁଯୋଗ ଉପରେ ସୂଚନା ଦିଆଯାଇ ଏଥିରେ ପୌର ପରିଷଦବାସୀଙ୍କ ସହଯୋଗ କାମନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରା, ଉପାଧ୍ୟକ୍ଷା କଳ୍ପନା ମାଝୀ, ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ ରାଉତ, ପୌରଯନ୍ତ୍ରୀ ଅଜୟ ଶାହା ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲାପାଳ, ଏସ୍‌ପିଙ୍କୁ କଂଗ୍ରେସର ସ୍ମାରକପତ୍ର

**ବରଗଡ଼ ଅଫିସ୍,୩୦।୮**

ବରଗଡ଼ ଜିଲା ପାଇକମାଳ ଥାନା ପଲସଦା ଚାଷୀମୃତ୍ୟୁ ଘଟଣାକୁ ନେଇ ଅତାବିରାରେ ରାସ୍ତାରୋକୋର ନେତୃତ୍ୱ ନେଇଥିବା ପୂର୍ବତନ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ରାଜନୈତିକ ଅଭିସନ୍ଧି ରଖି ପୋଲିସ ମହାନନ୍ଦଙ୍କ ବିରୋଧରେ ସେଭଳି ମିଥ୍ୟା ମାମଲା ରୁଜୁ କରିଛି ବୋଲି ଜିଲା କଂଗ୍ରେସ ଅଭିଯୋଗ କରିଛି । ଏଭଳି ଅଭିଯୋଗ ନେଇ ଗୁରୁବାର ଜିଲା କଂଗ୍ରେସ ଏକ ପ୍ରତିନିଧି ଦଳ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଏବଂ ଏସପି ମୁକେଶ କୁମାର ଭାମୁଙ୍କୁ ପୃଥକ ଭାବେ ସ୍ମାରକପତ୍ର ପ୍ରଦାନ କରିଥିଲେ । ଅତିରିକ୍ତ ଜିଲାପାଳ ତପିରାମ ମାଝି ଏବଂ ଅତିରିକ୍ତ ଏସପି ଯଶୋବନ୍ତ ସେନାପତି ସ୍ମାରକପତ୍ର ଗ୍ରହଣ କରିଥିଲେ । ଜିଲା କଂଗ୍ରେସ ସଭାପତି ସତ୍ୟଭୂଷଣ ସାହୁଙ୍କ ସମେତ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ପୂର୍ବତନ ବିଧାୟକ ସାଧୁ ନେପାକ, ନିହାର ରଞ୍ଜନ ମହାନନ୍ଦ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

## ଫସଲ ବୀମା ବିଭ୍ରାଟ

# ପ୍ୟାକ୍ସ, ତହସିଲ ଅଫିସ୍‌ରେ ତାଲା ପଡ଼ିଲା

**ଭେଡ଼େନ/ଝାରବନ୍ଧ/ଅମ୍ବାଭୋନା, ୩୦।୮(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ସଂକ୍ରୀଡ଼ା ପ୍ରାଥମିକ କୃଷି ସମବାୟ ସମିତି ଅନ୍ତର୍ଗତ ଅର୍ଜୁଣ୍ଡା ଏବଂ ସଂକ୍ରୀଡ଼ା ଗ୍ରାମପଞ୍ଚାୟତର ଚାଷୀମାନଙ୍କୁ ପ୍ରଦାନ କରାଯାଇଥିବା କୃଷି ବୀମା ରାଶିରେ ବ୍ୟାପକ ବିଭ୍ରାଟ ଦେଖାଦେଇଛି। ବହୁ ଚାଷୀଙ୍କୁ ଘୋଷଣା ମୁତାବକ ଟଙ୍କା ପ୍ରଦାନ କରାଯାଇ ନ ଥିବାରୁ ଏହି ଦୁଇ ଗ୍ରାମପଞ୍ଚାୟତର ଚାଷୀମାନେ ଗୁରୁବାର ସଂକ୍ରୀଡ଼ା ପ୍ୟାକ୍ସରେ ତାଲା ପକାଇ ଧାରଣାରେ ବସିଛନ୍ତି । ଏପରି ସମସ୍ୟା ସମସ୍ତ ପ୍ୟାକ୍ସରେ ଦେଖାଦେଇଥିବାରୁ ପ୍ୟାକ୍ସ ସଭାପତି ସତ୍ୟ ପୁରୋହିତ (ସଂକ୍ରୀଡ଼ା), ସୁବାଷ ହୋତା (ରୁଷୁଡ଼ା) ଓ ବିଜୟ ସାହୁ(ରେମଣ୍ଡା) ଗୁରୁବାର ବରଗଡ଼ ସମବାୟ ନିବନ୍ଧକଙ୍କ ସହ ଆଲୋଚନା କରିଥିଲେ ମଧ ସମାଧାନ ହୋଇପାରିନାହିଁ । ଫଳରେ ଚାଷୀ ଅସନ୍ତୋଷ ବୃଦ୍ଧି ପାଇଛି। ଶୁକ୍ରବାର ଚାଷୀମାନେ ଭେଡ଼େନ ସମବାୟ ବ୍ୟାଙ୍କ ଓ ପ୍ୟାକ୍ସରେ ତାଲା ପକାଇ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି ।



ଅମ୍ବାଭୋନା ତହସିଲ ଅଫିସ୍‌କୁ ଚାଷୀମାନେ ଘେରାଉ କରିଛନ୍ତି ।

**ଝାରବନ୍ଧ, (ଡି.ଏନ.ଏ):** ଝାରବନ୍ଧ ବ୍ଲକକୁ ଫସଲ ବୀମା ପ୍ରଦାନରେ ପାତରଅନ୍ତର କରାଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ସେମାନେ ଗୁରୁବାର ତହସିଲ ଅଫିସ୍‌ରେ ତାଲା ପକାଇଛନ୍ତି । ଝାରବନ୍ଧ ବ୍ଲକର ୧୪ଟି ଗ୍ରାମପଞ୍ଚାୟତରୁ ପ୍ରଥମ ପର୍ଯ୍ୟାୟରେ ୬ଟି ପଞ୍ଚାୟତକୁ ବୀମାରାଶି ଦିଆଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଅବଶିଷ୍ଟ ୮ଟି ଗ୍ରାମପଞ୍ଚାୟତକୁ ବୀମାରାଶି ଆସିଥିଲା । ହେଲେ ପୂର୍ବ ଘୋଷଣାରୁ ୫୦ ପ୍ରତିଶତ ବୀମାରାଶି କାଟି ଦିଆଯାଇଥିବା ଅଭିଯୋଗ ହୋଇଛି । କେଉଁ କାରଣରୁ କାଟି ଦିଆଗଲା ତାହାର କୌଣସି ସନ୍ତୋଷ ଜନକ ଉତ୍ତର ମିଳୁନାହିଁ। ଏଥିପାଇଁ ବୁଧବାର ଝାରବନ୍ଧ ବ୍ଲକରେ ଥିବା ଏସଡିସିସି ବ୍ୟାଙ୍କ, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ, ଭାରତୀୟ ଷ୍ଟେଟ ବ୍ୟାଙ୍କ ସମେତ ସମବାୟ ସମିତିରେ ଚାଷୀ ସଙ୍ଗଠନ ତରଫରୁ ତାଲା ବନ୍ଦ କରି ଦିଆଯାଇଥିଲା । ଗୁରୁବାର ପୂର୍ବାହ୍ନ ୧୧ଟାରେ ଚାଷୀମାନେ ଏକ ବିଶାଳ ରାଲିରେ ବାହାରି ତହସିଲ ଅଫିସ ଅଫିସ୍‌କୁ ତହସିଲଦାର ନରେଶ ସିଂ ବରିହାଙ୍କୁ ଫସଲ ବୀମା ବିଭ୍ରାଟ ସମ୍ପର୍କରେ ଅବଗତ କରାଇ ଏକ ଦାବିପତ୍ର ଦେଇଥିଲେ । ସେମାନେ ସମସ୍ତ କର୍ମଚାରୀଙ୍କୁ ବାହାରକୁ ଆସିବା ପାଇଁ କହିଥିଲେ । ସମସ୍ତେ ବାହାରକୁ ଆସିବା ପରେ ତହସିଲ ଅଫିସ୍‌ର ମୁଖ୍ୟ ଫାଟକକୁ ତାଲା ପକାଇଥିଲେ । ଉଦ୍ଧବ ପ୍ରଧାନ, ଜଗଦୀଶ ସାହୁ, ସନ୍ତୋଷ ବେହେରା, ବିଦ୍ୟୁତ ରଞ୍ଜନ ପ୍ରଧାନ, ଲକ୍ଷ୍ମୀ ବାଗ, ନିରାକାର ପ୍ରଧାନ, ଗୋବିନ୍ଦ ପଟେଲ, ଧ୍ରୁବଚରଣ ହାତୀ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଆସନ୍ତା ୨ ସେପ୍ଟେମ୍ବର ସୁଦ୍ଧା ବୀମା ବିଭ୍ରାଟକୁ ସଂଶୋଧନ କରି ବୀମାରାଶି ପ୍ରଦାନ କରା ନ ଗଲେ ସମସ୍ତ ଅଫିସ ବନ୍ଦ କରିବା ପାଇଁ ଚାଷୀ ସଙ୍ଗଠନ ତରଫରୁ କୁହାଯାଇଛି ।

**ଅମ୍ବାଭୋନା, (ଡି.ଏନ.ଏ):** ଅମ୍ବାଭୋନା ବ୍ଲକରେ ୨୦୧୭ ଖରିଫ ଚାଷ ମରୁଡି ଯୋଗୁ କ୍ଷତିଗ୍ରସ୍ତ ହୋଇଥିଲା। ଯେଉଁଠି ଜଳସେଚନ ସୁବିଧା ରହିଛି ସେଠି ଚକଡା ପୋକ ଯୋଗୁ ଫସଲ ଉଜୁଡିଗଲା । ଗତ ୨୦୧୭-୧୮ ଆର୍ଥିକ ବର୍ଷରେ ବ୍ଲକର ୧୦୩ଟି ଗ୍ରାମର ଚାଷୀମାନଙ୍କ ମଧ୍ୟରୁ ୩୪୭୪ ଜଣ ଚାଷୀ ୪୫୮୫ ହେକ୍ଟର ଧାନଚାଷ ବାବଦକୁ ୫୪ ଲକ୍ଷ ୯୩ ହଜାର ୧ଶହ କୋଡିଏ ଟଙ୍କା ବୀମା ପ୍ରିମିୟମ ଦାଖଲ କରିଥିଲେ । ମାତ୍ର ଏଯାବତ ୭୮୪ ଜଣ ଚାଷୀ ବୀମା ପ୍ରିମିୟମ ଦାଖଲ କରି ଫସଲ ବୀମା ପାଇବାରୁ ବଞ୍ଚିତ ହୋଇଛନ୍ତି । ତନ୍ମଧ୍ୟରୁ ଲଖନପୁର ସମବାୟ ସମିତିର ୨୫୩ ଜଣ ଚାଷୀ, କଣ୍ଡପଲା ସମବାୟ ସମିତିର ୨୦୧ ଜଣ ଚାଷୀ ଏବଂ ଭୁକ୍ତା ସମବାୟ ସମିତିର ୧୯୮ ଜଣ ଚାଷୀ ଫସଲ ବୀମାରାଶି ପାଇନାହାନ୍ତି । ସେହିପରି ରୁଚିଦା ଷ୍ଟେଟ ବ୍ୟାଙ୍କ ଜରିଆରେ ୨୫ଜଣ, ଅମ୍ବାଭୋନା ଷ୍ଟେଟ ବ୍ୟାଙ୍କ ଜରିଆରେ ୧୦୩ ଜଣ ଓ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଭୁକ୍ତା ଜରିଆରେ ଜଣେ ଚାଷୀ ବୀମା ପ୍ରିମିୟମ ଦେଇ ଫସଲ ବୀମା ପାଇନାହାନ୍ତି। ଫଳରେ ଚାଷୀମାନଙ୍କ ମଧରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ବୀମା ରାଶି ପ୍ରଦାନ ଓ କୃଷିଋଣ ଛାଡ ଦାବି ନେଇ ଗୁରୁବାର ଶହ ଶହ ଚାଷୀ ଲଖନପୁର ସମବାୟ ସମିତିକୁ ତାଲା ମାରି ଅଚଳ କରିଥିବା ବେଳେ ଭୁକ୍ତା ସମବାୟ ସମିତିକୁ ଘେରାଉ କରିଥିଲେ । ଆସନ୍ତା ମଙ୍ଗଳବାର ସୁଦ୍ଧା ଭୁକ୍ତା ପ୍ୟାକ୍ସର ସମସ୍ତ ଦାବିଦାର ଚାଷୀ ବୀମାରାଶି ନ ପାଇଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସୂଚନା ମିଳିଛି ।

# ବିଦ୍ୟୁତ୍ ନ ଥାଇ ଆସୁଛି ବିଲ୍

**ତଲଗାଁ,୩୦।୮(ଡି.ଏନ.ଏ.)**

ସରକାର ଗରିବ ପରିବାରଙ୍କୁ ବିଦ୍ୟୁତ୍ ସଂଯୋଗ ଦେଉଥିବା ବେଳେ ବର୍ଷେ ହେଲା ବୌଦ୍ଧ ଜିଲା ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତଲଗାଁ ପଞ୍ଚାୟତର ଗୁଟଖୋଲ ଗ୍ରାମବାସୀ ଅନ୍ଧାରରେ ଦିନ କାଟୁଥିବା ଦେଖିବାକୁ ମିଳିଛି । ଉକ୍ତ ଗ୍ରାମରେ ବର୍ଷେ ତଳେ ଟ୍ରାନ୍ସଫର୍ମର ପୋଡି ଯିବାରୁ ମରାମତି କିମ୍ବା ନୂତନ ଟ୍ରାନ୍ସଫର୍ମର ଲଗାଯାଇନାହିଁ। ଫଳରେ ଉକ୍ତ ଗ୍ରାମର ୨୦ ପରିବାର ବର୍ଷେ ହେବ ଅନ୍ଧାରରେ ରହୁଥବବା ଅଭିଯୋଗ କରିଛନ୍ତି । ସେହିପରି ତଲଗାଁ ପଞ୍ଚାୟତର ରାଣୀସାହି, ଗୋଟିବିଡା, ବୁରୁଡି, ନେଡିଗଡା ଆଦି ଗ୍ରାମଗୁଡିକରେ ଗତ ବର୍ଷ ବିଦ୍ୟୁତ ସଂଯୋଗୀକରଣ କରାଯାଇଥିଲା। ମାତ୍ର ୪ ମାସ ହେଲା ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଥିବାରୁ ଏଠାକାର ଶହେରୁ ଉର୍ଦ୍ଧ୍ୱ ପରିବାର ଅନ୍ଧାରରେ ରହିଛନ୍ତି । ତେବେ ତଲଗାଁ ଅଞ୍ଚଳରେ କୌଣସି ଲାଇନମ୍ୟାନ କିମ୍ବା ହେଲପର ନିଯୁକ୍ତ ହୋଇ ନ ଥିବାରୁ ସାମାନ୍ୟ ବର୍ଷା ହେଲେ ଲାଇନ ଚାଲିଗଲେ ୨/୩ ଦିନ ପର୍ଯ୍ୟନ୍ତ ଆସୁ ନ ଥିବା କୁହାଯାଇଛି । ଫ୍ୟୁଜ ଗଲେ କିମ୍ବା ଅଗ୍ନିକାଣ୍ଡ ହେଲେ ଛତରଙ୍ଗ ଲାଇନମ୍ୟାନଙ୍କୁ ଭରସା କରିବାକୁ ପଡିଥାଏ । ବେଳେ ବେଳେ ବିଦ୍ୟୁତ ତାର ଛିଣ୍ଡି ବିଲରେ ପଡି ଫସଲ ନଷ୍ଟ ହେବା ସହ ଅନେକ ଗୋରୁଙ୍କ ମୃତ୍ୟୁ ହେଉଛି । ସେହିପରି ଆଡେଣିଗଡ ପଞ୍ଚାୟତର ବାରିଙ୍ଗି ଗ୍ରାମରେ ପ୍ରାୟ ୩୫ ପରିବାରକୁ ବିଦ୍ୟୁତ ତାର ସଂଯୋଗ ହୋଇନାହିଁ କି ମିଟର ମଧ୍ୟ ବସାଯାଇନାହିଁ । ମାତ୍ର ସେମାନଙ୍କ ନାମରେ ୩୫୮ ଟଙ୍କା ଲେଖାଁଏ ବିଲ୍ ଆସୁଥିବା ସେମାନେ ଅଭିଯୋଗ କରିଛନ୍ତି। ଗ୍ରାମର ଚନ୍ଦ୍ରକାନ୍ତ ବେହେରା, ରମେଶ ଚନ୍ଦ୍ର ବେହେରା, ପ୍ରେମ କୁମାର ଦୀପ, ବାଳକୃଷ୍ଣ କହଁର, ସୁଶାନ୍ତ କହଁର, ଅନନ୍ତ ଚରଣ ବେହେରା, ଅଶୋକ କୁମାର ବେହେରା, ଗୋକୁଳ ବେହେରା, କର୍ପୂର ନାଏକ, ପ୍ରହ୍ଲାଦ ଦୀପ, ବଳରାମ ନାଏକ, ବିଛନ୍ଦ ନାଏକ, କମିଶନ ନାଏକ, ସୁଲୋଚନା ନଏକ, ଜୟନ୍ତ ନାଏକ, ବିନୋଦ ନାଏକ, ମଞ୍ଜୁ ଭୋଇ, ନର୍ମଦା ନଏକ, ସୁରଭି ବାଘ ପ୍ରମୁଖ ଏହି ନୂତନ ବିପିଏଲ୍ ଲାଇନରେ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ସେମାନଙ୍କ ବିଲ୍‌କୁ ସଂଶୋଧନ କରିବାକୁ ଦାବି କରିଛନ୍ତି ।

### ହରଡଘଣାରେ ଶିକ୍ଷକ

**ବୌଦ୍ଧ,୩୦।୮(ସ୍ୱ.ପ୍ର)**

ସ୍କୁଲ ଛାତ୍ରୀଙ୍କୁ ବାହାର ଯୁବକଙ୍କ ସହ ଫୋନ୍‌ରେ କଥା ହେବାକୁ ପ୍ରବର୍ତ୍ତାଇ ଜଣେ ଶିକ୍ଷକ ହରଡଘଣାରେ ପଡିଛନ୍ତି। ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ମହାଲିକପଡା ପଞ୍ଚାୟତର ହାତୀଗଡ ବିଦ୍ୟାଳୟର ଜଣେ ଶିକ୍ଷକଙ୍କ ଏଭଳି କାର୍ଯ୍ୟକୁ ବିରୋଧ କରି ଅଭିଭାବକ ଓ ଗ୍ରାମବାସୀ ତାଙ୍କୁ ବଦଳି କରିବାକୁ ଦାବି କରିଛନ୍ତି । ଗୁରୁବାର ହାତୀଗଡ ବିଦ୍ୟାଳୟର ଉକ୍ତ ଶିକ୍ଷକ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଡାକି ବାହାରର ଜଣେ ଯୁବକଙ୍କ ସହ ଫୋନରେ କଥାବାର୍ତ୍ତା କରିବାକୁ ବାଧ କରିଥିଲେ । ଏହା ଜଣାପଡିବା ପରେ ଅଭିଭାବକ ଓ ଗ୍ରାମବାସୀ ସ୍କୁଲକୁ ଆସି ପାଟିତୁଣ୍ଡ କରିଥିଲେ ଏବଂ ଶିକ୍ଷକଙ୍କୁ ବଦଳି ପାଇଁ ଦାବି କରିଥିଲେ । ଖବର ପାଇ ସିଆରସିସି ଦେବେନ୍ଦ୍ର କୁମାର ହୋତା, ହରଭଙ୍ଗା ବିଇଓ ସନାତନ ଗାହାଣ ବିଦ୍ୟାଳୟରେ ପହଞ୍ଚି ଉକ୍ତ ଶିକ୍ଷକଙ୍କୁ ତାଗିଦ କରିଥିଲେ । ଏ ନେଇ ସିଆରସିସି ହୋତାଙ୍କୁ ପଚାରିବାରୁ ବିଇଓଙ୍କ ନିର୍ଦ୍ଦେଶ ଅନୁସାରେ ଉକ୍ତ ଶିକ୍ଷକଙ୍କୁ ବିଦ୍ୟାଳୟକୁ ନ ଆସିବାକୁ ନିର୍ଦ୍ଦେଶ ଦିଆଯାଇଛି ଓ ପରେ ଅନ୍ୟତ୍ର ବଦଳି କରାଯିବ ବୋଲି କହିଥିଲେ।



ଯେତେବେଳେ ନିଜ ଶକ୍ତିର ବହିର୍ଭୂତ ହୁଏ, ପ୍ରତ୍ୟେକ ବ୍ୟକ୍ତି ସେତେବେଳେ ନିଜକୁ ଭଗବାନଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପଣ କରିଦେବା ବ୍ୟତୀତ ଅନ୍ୟ ଉପାୟ ନ ଥାଏ।
- ପଣ୍ଡିତ ନୀଳକଣ୍ଠ ଦାସ



## ସଂକ୍ଷେପରେ




### ଅଙ୍ଗନୱାଡି(ଖ)କୋଠା ଉଦ୍‌ଘାଟିତ

**ଦେଓଗାଁ, ୩୦।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ହାଡିସରା ପଞ୍ଚାୟତ ଅନ୍ତର୍ଗତ ହାଡିସରାର ନବନିର୍ମିତ ଅଙ୍ଗନୱାଡି କେନ୍ଦ୍ର(ଖ) କୋଠା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଅଙ୍ଗନୱାଡି କେନ୍ଦ୍ର କର୍ମୀ ଶୁଭବତୀ କୁମ୍ଭାରଙ୍କ ପରିଚାଳନାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥିଭାବେ ସ୍ଥାନୀୟ ଜିଲା ପରିଷଦ ସଭ୍ୟ ଶୁଶୀଲ କୁମାର ଚାନ୍ଦ ଯୋଗଦେଇ କୋଠାର ଉଦ୍‌ଘାଟନ କରିଥିଲେ। ଏ ଅବସରରେ ସମ୍ମାନୀତ ଅତିଥିଭାବେ ସରପଞ୍ଚ ମମତା କୁମୁରା, ନାଏବ ସରପଞ୍ଚ ଅଭିମନ୍ୟୁ ସୁନା, ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଦିତ୍ୟ ଦାନୀ, ଶିକ୍ଷକ ଦୂର୍ବାଦଳ ଗଡତ୍ୟା, ସହକାରୀ ଶିକ୍ଷୟିତ୍ରୀ ଶକୁନ୍ତଳା ରାଉତ, ଅନୁପମା ସାହୁ, ଶ୍ୱେତାରାଣୀ ଶର୍ମା, ସ୍କୁଲ ପରିଚାଳନା କମିଟି ସଭାପତି ବିଘ୍ନରାଜ କୁଅଁର, ହାଡିବନ୍ଧୁ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ 'କ' କେନ୍ଦ୍ର କର୍ମୀ ମମିତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

### ପଞ୍ଚାୟତ ହାଇସ୍କୁଲ ଅତିରିକ୍ତ ଶ୍ରେଣୀ କୋଠା ଉଦ୍‌ଘାଟିତ

**ବଲାଙ୍ଗୀର ଅଫିସ, ୩୦।୮:** ବଲାଙ୍ଗୀର ସଦର ବ୍ଲକ କୁଟୁମଡୋଲା ପଞ୍ଚାୟତ ହାଇସ୍କୁଲ ଅତିରିକ୍ତ ଶ୍ରେଣୀ କୋଠାକୁ କୁଟୁମଡୋଲାଠାରେ ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର ଉଦ୍‌ଘାଟନ କରିଛନ୍ତି। ଏହାପରେ ଅମର ଜ୍ୟୋତି କଲେଜରେ ଏକ ଶ୍ରେଣୀ ଗୃହ ଭିତ୍ତିପ୍ରସ୍ତର ସ୍ଥାପନ କରିଥଲେ। ରାଷ୍ଟ୍ରୀୟ ମାଧମିକ ଶିକ୍ଷା ଅଭିଯାନ (ରାମ୍‌ସା) ଯୋଜନାରେ ନିର୍ମିତ ହୋଇଥିବା ଏହି ଦ୍ୱିତଳ ବିଶିଷ୍ଟ ଶ୍ରେଣୀ କୋଠାର ବ୍ୟୟ ଅଟକଳ ୫୧.୦୭ ଲକ୍ଷ। ୨୦୧୬ ଅକ୍ଟୋବର ୨୫ ତାରିଖ ଦିନ ବିଧାୟକ ମିଶ୍ର ଏହାର ଶିଳାନ୍ୟାସ କରିଥିଲେ। ଉଦ୍‌ଘାଟନୀ ଅବସରରେ ବିଧାୟକ ମିଶ୍ର ସ୍କୁଲର ଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ସହ ଗଠଣାତ୍ମକ ଶିକ୍ଷା ଓ ଶୈକ୍ଷିକ ପରିବେଶ ଉପରେ ଆଲୋଚନା କରିଥିଲେ। ଏହି ଆଲୋଚନା ବେଳେ ଛାତ୍ରୀମାନଙ୍କ ପାଇଁ ସ୍ୱତନ୍ତ୍ର ପରିଶ୍ରାଗାର ତଥା ଖେଳ ପଡିଆ, ପାଚେରୀ ତିଆରି ପାଇଁ ସ୍କୁଲ ତରଫରୁ ଦାବି କରାଯାଇଥିଲା। ବିଧାୟକ ମିଶ୍ର ଉପସ୍ଥିତ ଥିବା ସହକାରୀ ଯନ୍ତ୍ରୀ ଶାନ୍ତନୁ କୁମାର ନାୟକ ତଥା ଏସଡିଓ ଏ.ଏସ. ଦୋରାଙ୍କୁ ୫ଲକ୍ଷ ଟଙ୍କାର ଅଟକଳ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ସେ ପୂର୍ବତନ ରାଷ୍ଟ୍ରପତି ତଥା ପ୍ରଖ୍ୟାତ୍ ବୈଜ୍ଞାନିକ ସ୍ୱର୍ଗତ ଏପିଜେ ଅବଦୁଲ କାଲାମ ଏବଂ ବଲାଙ୍ଗୀର ଜିଲାର ପ୍ରଥମ ଆଇଏଏସ ସ୍ୱର୍ଗତ ବିଘ୍ନରାଜ ପଟେଲଙ୍କ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଆଲୋଚନା ବେଳେ ଛାତ୍ରୀଛାତ୍ରମାନେ ସ୍କୁଲରେ ତାଙ୍କ ଖେଳ ପାଇଁ କ୍ୟାରମ ବୋର୍ଡ, ଲୁଡୁ ଓ ଫୁଟବଲ ଆବଶ୍ୟକ ବୋଲି କହିଥିଲେ। ଖୁବ୍‌ଶୀଘ୍ର ଏସବୁର ବ୍ୟବସ୍ଥା କରାଯିବ ବୋଲି ବିଧାୟକ ମିଶ୍ର ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସଦର ବ୍ଲକ ବିଡିଓ ପ୍ରଭାସ ସାହୁ, ଜିଲା ପରିଷଦ ସଭ୍ୟ ଶ୍ରୀଧର ବାରିକ, ବ୍ଲକ କଂଗ୍ରେସ ସଭାପତି ରାମ ପ୍ରସାଦ ମିଶ୍ର, କୈଳାସ ସିଂଦେଓ, ନରସିଂହ ଦନ୍ତା, ବିନାୟକ ସିଂଦେଓ, ଘାସିରାମ ପଟେଲ, ଭରତ ବେହେରା, ଚମାମନ ବାରିକ, ଗୌନ୍ତିଆ ଦୁର୍ଗା ପ୍ରସାଦ ଭୋଇ, ଲିଙ୍ଗରାଜଙ୍କ ସମେତ ସ୍କୁଲ ଓ କଲେଜର ଶିକ୍ଷକ କର୍ମଚାରୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ପଛେଇଯାଇଛି ଚାଷକାମ

**ଲୋଇସିଂହା,୩୦।୮(ଡି.ଏନ.ଏ.)**

**ଲଗାଣ ବର୍ଷା ଯୋଗୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ**



ଏକ ଚାଷଜମିରେ ରୁଆ କାର୍ଯ୍ୟ ଚାଲିଛି।

ଅଗଷ୍ଟ ମାସ ସରିଥିଲେ ସୁଦ୍ଧା ରୁଆ ବେଉଷଣ କାମ ସମ୍ପୂର୍ଣ୍ଣ ହୋଇନାହିଁ। ବିଳମ୍ବିତ ଚାଷ ଉପଯୋଗୀ ବର୍ଷାକୁ ସାଧାରଣରେ ଦାୟୀ କରାଯାଇଛି। ଅଗଷ୍ଟ ପ୍ରଥମ ସପ୍ତାହ ପରେ ବର୍ଷା ପରେ ଖରିଫ ଚାଷ ଜୋରସୋରରେ ଆଗେଇଥିଲା। କିନ୍ତୁ ନିକଟରେ ଲଘୁଚାପ ଜନିତ ଲଗାଣ ବର୍ଷା ଓ ବନ୍ୟା ଯୋଗୁ ଚାଷ ଜମି ପାଣିରେ ବୁଡି ରହିଲା। ଫଳରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଅଦ୍ୟାବଧି କୃଷି ବିଭାଗର ଧାର୍ଯ୍ୟ ଲକ୍ଷ୍ୟଠାରୁ ଆଉ ୧୧୦ ହେକ୍ଟର ଜମି ଚାଷ ବାକି ପଡିଛି। ପାଗରେ ସୁଧାର ଆସିଲେ ସପ୍ତାହକ ମଧ୍ୟରେ ଚାଷ ସରିଯିବ ବୋଲି କୃଷି ବିଭାଗ ଆଶା କରିଛି।

ବିଭାଗୀୟ ସୂଚନା ମତେ, ଲୋଇସିଂହା ବ୍ଲକରେ ୧୦ହଜାର ୬୫୦ ହେକ୍ଟର ଖରିଫ ଧାନଚାଷ ମଧ୍ୟରୁ ପ୍ରାୟ ୧୦ହଜାର ୫୪୦ହେକ୍ଟର ରୁଆ ବେଉଷୁଣ ସରିଛି। ୫ହଜାର ୫୭୫ଡାଲି ଜାତୀୟ ଫସଲ ମଧ୍ୟରୁ ୪୯୬୦ ହେକ୍ଟର କାମ ସରିଛି। ଉପଯୋଗୀ ପାଗ ଯୋଗୁ ଧାର୍ଯ୍ୟ କରାଯାଇଥିବା ୪୫୦ହେକ୍ଟର କପା ଚାଷ ପ୍ରାରମ୍ଭିକ କାମ ସରିଛି। ଏପ୍ରିଲ, ମେ ମାସରେ ବର୍ଷା ହୋଇ ନ ଥିଲା। ଜୁନରେ ମଧ୍ୟ ସେଭଳି ବର୍ଷା ନ ହେବାରୁ ତଳିପକା ଓ ଧାନ ବୁଣାବୁଣି ବିଳମ୍ବ ହୋଇଥିଲା। ତେବେ ଅଗଷ୍ଟ ପ୍ରଥମ ସପ୍ତାହରେ ବର୍ଷା ପରେ ଚାଷ କାମ ଅଗ୍ରଗତି କରିଥିଲା। ମାସ ଶେଷ ସୁଦ୍ଧା ଚାଷ ସମ୍ପୂର୍ଣ୍ଣ ଆଶା କରାଯାଉଥିଲା। ତେବେ ମାସର ଶେଷ ସପ୍ତାହର ଲଗାଣ ବର୍ଷା ସବୁ ଓଲଟପାଲଟ କରିଦେଲା। ପାଣିରେ ଚାଷ ଜମି ବୁଡି ଯାଇଥିବାରୁ କାମ ଆଗେଇ ପାରିଲାନି। ଏ ସମ୍ପର୍କରେ ବ୍ଲକର ସହକାରୀ କୃଷି ଅଧିକାରୀ ସୁଶୀଲ କୁମାର ସେଠୀଙ୍କୁ ପଚାରିବାରୁ, ବନ୍ୟା ଯୋଗୁ ଚାଷକାର୍ଯ୍ୟରେ ସାମାନ୍ୟ ବିଳମ୍ବ ହୋଇଛି। ପରିସ୍ଥିତିରେ ସୁଧାର ଆସିଲେ ସପ୍ତାହକ ମଧରେ ଚାଷ ସମ୍ପୂର୍ଣ୍ଣ ହେବା ଆଶା କରାଯାଉଛି ବୋଲି କହିଛନ୍ତି।

## ପ୍ରାପ୍ୟ ପାଇବାରୁ କେନ୍ଦୁପତ୍ର ତୋଳାଳି ବଞ୍ଚିତ

**ଲୋଇସିଂହା,୩୦।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ଗ୍ରାମର ୨୪ କେନ୍ଦୁପତ୍ର ତୋଳାଳି ୩୪ ହଜାର ୭୫୦ ଟଙ୍କା ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାବାଦ୍ କେତେକ ଛାତ୍ର ଷ୍ଟାଇପେଣ୍ଡ ଓ ଜଣେ ବିବାହ ଖର୍ଚ୍ଚ ଟଙ୍କା ପାଇ ନ ଥିବା ଅଭିଯୋଗ ହୋଇଛି। ଲୋଇସିଂହା ରେଞ୍ଜ ଅନ୍ତର୍ଗତ ନଅଗାଁ(ଖ) କେନ୍ଦୁପତ୍ର ଫଡିରେ ୧୯୩ ଜଣ ପତ୍ର ତୋଳାଳି ଅଛନ୍ତି। ଚଳିତବର୍ଷ ସେମାନେ ଟାଣଖରାରେ ପତ୍ର ତୋଳିଥିଲେ। ୨୪ଜଣ ପତ୍ର ତୋଳାଳିଙ୍କୁ ବାଦ ଦେଇ ଅନ୍ୟମାନେ ପ୍ରାପ୍ୟ ପାଇ ସରିଲେଣି। ଉମା ପଧାନ, ଅଗସ୍ତି କୁଅଁର, ରାଜେଶ୍ୱରୀ ସାହୁ, ଯାଜ୍ଞସେନୀ କୁଅଁର, କମଳା ପୁଟେଲ, ମମତା ସାହୁ, ତିଲୋତ୍ତମା ଦୀପ, ଜମୁନା କୁଅଁର, ପ୍ରମୋଦିନୀ ଭୂଏ ଏପରି ୨୪ଜଣ ତୋଳାଳିଙ୍କ ସ୍ଥାନୀୟ ପୋଷ୍ଟ ଅଫିସରେ ଆକଉଣ୍ଟ ରହିଛି। ୧୬ ଜୁଲାଇରେ ବିଭାଗ ପକ୍ଷରୁ ସେମାନଙ୍କ ଆକାଉଣ୍ଟରେ ପ୍ରାପ୍ୟ ପୈଠ କରାଯାଇଥିବା କୁହାଯାଉଛି। ହେଲେ ଅଦ୍ୟାବଧି ସେମାନେ ତାଙ୍କ ପ୍ରାପ୍ୟ ପାଇ ପାରି ନାହାନ୍ତି। ଆଗକୁ ନୂଆଁଖାଇ ପର୍ବ ଥିବାରୁ ଏମାନଙ୍କ ପରିବାର ଚିନ୍ତିତ ହୋଇ ପଡିଲେଣି। ଜଣେ ତୋଳାଳି ୧୦ଟଟା ପତ୍ର ତୋଳି ଫଡିକୁ ଦେଲେ ଦେଲେ ପାଠ ପଢୁଥିବା ସେମାନଙ୍କ ପୁଅଝିଅଙ୍କୁ ଛାତ୍ର ବୃତ୍ତି ମିଳିଥାଏ। କିନ୍ତୁ ବିଭାଗ ପକ୍ଷରୁ କେରିଲେସ ଉଲ୍ଲେଖ କରୁଥିବାରୁ ସେମାନଙ୍କ ପୁଅଝିଅ ଛାତ୍ର ବୃତ୍ତି ହରାଉଥିବା ଟିକେଶ୍ୱରୀ ସାହୁ ଅଭିଯୋଗ କରିଛନ୍ତି। ଏପରିକି ଘରଯୁଗୀ ବିଶ୍ୱାଳ ୨୦୧୬ ମସିହାରେ ତାଙ୍କ ଝିଅ ବାହାଘର ପ୍ରମାଣପତ୍ର ଅଫିସରେ ଦାଖଲ କରିଥିଲେ ସୁଦ୍ଧା ବିବାହ ଖର୍ଚ୍ଚ ଟଙ୍କା ପାଇବାରୁ ବଞ୍ଚିତ ରହିଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମୁନସୀ ସୁଧାଂଶୁ ଦାସଙ୍କୁ ପଚାରିବାରୁ, ତୋଳାଳିଙ୍କ ପ୍ରାପ୍ୟ ନ ମିଳିବା ସ ଂକ୍ରାନ୍ତରେ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯାଇଛି ବୋଲି କହିଛନ୍ତି।

ବଲାଙ୍ଗୀର ଜିଲା ସାମ୍ବାଦିକ ସଂଘ ୫୭ତମ ପ୍ରତିଷ୍ଠା ସମାରୋହ

## ଗୁଣାତ୍ମକ ଖବର ସାମାଜିକ ମୂଲ୍ୟବୋଧକୁ ବଜାୟ ରଖେ

**ବଲାଙ୍ଗୀର ଅଫିସ, ୩୦।୮**

ବଲାଙ୍ଗୀର ଜିଲା ସାମ୍ବାଦିକ ସଂଘର ୫୭ତମ ପ୍ରତିଷ୍ଠା ସମାରୋହ ଗୁରୁବାର ସ୍ଥାନୀୟ ସାମ୍ବାଦିକ ଭବନରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ହରିନାରାୟଣ ପୂଜାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାରୋହରେ ଝାରସୁଗୁଡାର ବିଧାୟକ ନବକିଶୋର ଦାସ ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥି ମୁଖ୍ୟବକ୍ତା, ସଂଘ ସାଧାରଣ ସମ୍ପାଦକ ଶିଶିରକାନ୍ତ ଶତପଥି ମଞ୍ଚାସୀନ ହୋଇଥିଲେ। ଅତିଥିଙ୍କୁ ସଂଘ ବରିଷ୍ଠ ସଦସ୍ୟ ସୁଧୀର କୁମାର ପଣ୍ଡା, ଶଙ୍କର ପ୍ରସାଦ ମିଶ୍ର, ନବୀନ କୁମାର ପଶାୟତ ଓ ସୁବାସ କୁମାର ପଣ୍ଡା ସମ୍ବର୍ଦ୍ଧିତ କରିଥିଲେ। ମନୋରଞ୍ଜନ ଯୋଷୀ ସଭା ସଂଯୋଜନା କରିଥିଲେ। ସାଧାରଣ ସମ୍ପାଦକ ଶତପଥି ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଶତପଥି ତାଙ୍କ ବକ୍ତବ୍ୟରେ ଗଣମାଧ୍ୟମରେ ଗୁଣାତ୍ମକ ଖବର ପରିବେଷଣ ଉପରେ ଜୋର ଦେଇଥିଲେ। ଶସ୍ତା ଓ ଆକର୍ଷଣକାରୀ ଖବର ପରିବେଷଣ ଦୌଡରୁ ଦୂରରେ ରହି ସାମାଜିକ ଉତ୍କର୍ଷତା ଉପରେ ଗୁରୁତ୍ୱ ଦେବାକୁ ସେ ଆହ୍ୱାନ ଜଣାଇଥିଲେ। କର୍ପୋରେଟ୍ ମିଡିଆ କିଭଳି ସାମାଜିକ ମୂଲ୍ୟବୋଧକୁ ପଛରେ ପକାଇ ଦେଇ କର୍ପୋରେଟ୍ ସ୍ୱାର୍ଥକେନ୍ଦ୍ରିକ ହୋଇପଡୁଛି ତାହା ସେ କହିଥିଲେ। ତେବେ ଯେକୌଣସି ପରିସ୍ଥିତିରେ ଖବରଦାତାମାନେ ଲକ୍ଷ୍ମଣରେଖା ନ ଟପି ସାମାଜର ଗୁଣାତ୍ମକ ବିକାଶ ପାଇଁ ଗୁଣାତ୍ମକ ଖବର ପରିବେଷଣ ଉପରେ ଜୋର ଦେବା ଜରୁରୀ ବୋଲି ସେ କହିଥିଲେ। ମୁଖ୍ୟଅତିଥି ବିଧାୟକ ଦାସ ତାଙ୍କ ଅଭିଭାଷଣରେ ସଂକୀର୍ଣ୍ଣମନା ନହୋଇ ଉଚ୍ଚମନା ହେବା ଉଚିତ୍ ବୋଲି କହିଥିଲେ। ରାଜନେତା, ଗଣମାଧ୍ୟମ ପ୍ରତିନିଧି, ପୋଲିସ ଓ ପ୍ରଶାସନ ମିଳିତ ଭାବେ କାର୍ଯ୍ୟକଲେ ସମାଜ ସୁଧୁରିବ ବୋଲି କହିଥିଲେ। ଏହି ଅବସରରେ ଜୀବନବ୍ୟାପୀ ସାମ୍ବାଦିକ ସାଧନା ସମ୍ମାନରେ ସତ୍ୟନାରାୟଣ ବେହେରା, ଶିବପ୍ରସାଦ ପାଣ୍ଡିଆ ସ୍ମୃତି ସମ୍ମାନରେ ବିଧାନ ବଳ, ନାରାୟଣ ପୃଷେଠ୍ ସ୍ମୃତି ସମ୍ମାନରେ ଘଟେଶ୍ୱର ମିଶ୍ର, ରାଜ୍ୟସ୍ତରୀୟ ସପନ ବହିଦାର ସ୍ମୃତି ସମ୍ମାନରେ ଶ୍ରୀମୟୀ ରୁକ୍ମଣୀ ସାହୁ, ହୃଦାନନ୍ଦ ନନ୍ଦ ସ୍ମୃତି ସମ୍ମାନରେ ଜ୍ୟୋତ୍ସ୍ନାରାଣୀ ଦାସ ଓ ବାଳକୃଷ୍ଣ ହୋତା ସ୍ମୃତି ସମ୍ମାନରେ ଫଟୋ ଖବରଦାତା ସୁନୀଲ କୁମାର ମହାନ୍ତିଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ସମାରୋହକୁ ସନ୍ଦୀପ କୁମାର କୁଅଁର ସଂଯୋଜନା କରିଥିଲେ। ପାର୍ଥ ମହାପାତ୍ର, ଶେଖ ମହମ୍ମଦ ୱାହିଦ, ବିମଳେନ୍ଦୁ ସାହୁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା ଓ ବିଶ୍ୱଜିତ ଦାସ ମାନପତ୍ର ପାଠ କରିଥିଲେ। ଶେଷରେ ବୀରେନ୍ଦ୍ର କୁମାର ଝାଙ୍କର ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ସଂଘର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ସଂଘ ପତାକା ଉତ୍ତୋଳନ କରାଯାଇଥିଲା।




ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷଙ୍କ ଗହଣରେ ଅତିଥି।

## ବିଏସ୍‌ପି ବଲାଙ୍ଗୀର ଜିଲା କମିଟି ବୈଠକ

**ବଲାଙ୍ଗୀର ଅଫିସ,୩୦।୮**

ବଲାଙ୍ଗୀର ବହୁଜନ ସମାଜପାର୍ଟି (ବିଏସ୍‌ପି) ନୂତନ ଜିଲା କମିଟି ବୈଠକ ବିଏସ୍‌ପି ଜିଲା କୋଅର୍ଡିନେଟର ମକରଧ୍ୱଜ ତାଣ୍ଡିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବଲାଙ୍ଗୀର ଲୋକସଭା ପ୍ରଭାରୀ ଗାନ୍ଧୀ ମହାନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଗତ ୨୦ ତାରିଖ ପାଟଣାଗଡ ବିଧାନସଭା କର୍ମୀ ସମ୍ମିଳନୀ ଲାଠୋର ଠାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଅବସରପ୍ରାପ୍ତ ସୈନିକ ଜଗଦୀଶ ଚନ୍ଦ୍ର ବିଭାରଙ୍କୁ ଜିଲା ସଭାପତି ଭାବେ ପଶ୍ଚିମ ଓଡିଶା ପ୍ରଭାରୀ ରାମେଶ୍ୱରୀ ସିଂ କଟାରିଆ ଘୋଷଣା କରିଥିଲେ। ବୁଧବାର ଅନୁଷ୍ଠିତ ୫ଟି ବିଧାନସଭା ଜୋନ ଟିଟିଲାଗଡ, ପାଟଣାଗଡ, ଲୋଇସିଂହା, କଣ୍ଟାବାଞ୍ଜି ଓ ବଲାଙ୍ଗୀରର ପଦାଧିକାରୀ ଓ କର୍ମୀମାନଙ୍କ ଉପସ୍ଥିତିରେ ବିଭାରଙ୍କୁ ଜିଲା ସଭାପତି ଦାୟିତ୍ୱ ଅର୍ପଣ କରାଯାଇଥିଲା। ବୈଠକରେ ଲୋଇସିଂହା ବିଧାନସଭା ମଣ୍ଡଳୀ ସେକ୍ରେଟେରୀ ପ୍ରକାଶ ନାଗ, ସଭାପତି ଅଜିତ କୁଅଁର ଓ ବାମସେଫ୍ ଅର୍ଗାନାଇଜର ସୁରୁସିଂ ନାଗ ଯୋଗଦେଇଥିଲେ। ଶେଷରେ ବିଏସ୍‌ପି ଜିଲା ସଭାପତି ବିଭାର ଧନ୍ୟବାଦ ଅର୍ପଣ କରିଥିଲେ।

ରାଜ୍ୟ ପଛୁଆ ବର୍ଗ ବିକାଶ ପରିଷଦ କାର୍ଯ୍ୟକର୍ତ୍ତା ସମ୍ମିଳନୀ

## ସାଂଗଠନିକ ଢାଞ୍ଚା ଗଠନ ଉପରେ ଗୁରୁତ୍ୱ



ଓଡିଶା ରାଜ୍ୟ ପଛୁଆ ବର୍ଗ ବିକାଶ ପରିଷଦ କର୍ମକର୍ତ୍ତା ସମ୍ମିଳନୀରେ ମଞ୍ଚାସୀନ ଅତିଥି।

**ବଲାଙ୍ଗୀର ଅଫିସ,୩୦।୮**

ଓଡିଶା ରାଜ୍ୟ ପଛୁଆ ବର୍ଗ ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ଅଗ୍ରସେନ୍ ଭବନଠାରେ ବୁଧବାର କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପରିଷଦ ସଭାପତି ବଳରାମ ସିଂ ଯାଦବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ କବି ପଦ୍ମଶ୍ରୀ ହଳଧର ନାଗ ଯୋଗଦାନ କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ଶାନ୍ତନୁ କୁମାର ନାଏକ, ବାଳକୃଷ୍ଣ ଷାଣ୍ଡେ, ନବକୃଷ୍ଣ ଦନ୍ତା, ପ୍ରେମ କୁମାର, ଗଣେଶ ସାହୁ, ପ୍ରହଲ୍ଲାଦ ସାହୁ ଓ ମାଧବ ଚନ୍ଦ୍ର ନାଏକ ମଞ୍ଚାସୀନ ହୋଇଥିଲେ। ସମ୍ମିଳନୀରେ ପଛୁଆ ବର୍ଗ ମଧ୍ୟରେ ସାମାଜିକ, ଆର୍ଥିକ, ଶିକ୍ଷା ଏବଂ ବେରୋଜଗାର ସମସ୍ୟା ଉପରେ ଜନଜାଗରଣ ସୃଷ୍ଟି, ଏହି ବର୍ଗକୁ ସୁଦୃଢ଼ କରିବା ପାଇଁ ଗ୍ରାମ୍ୟସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ସାଂଗଠନିକ ଢାଞ୍ଚା ଗଠନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କେନ୍ଦ୍ର ତଥା ରାଜ୍ୟ ସରକାରଙ୍କକ ତରଫରୁ ପଛୁଆ ବର୍ଗର ଜନସାଧାରଣ ବସବାସ କରୁଥିବା ଅଞ୍ଚଳରେ ଉନ୍ନୟନମୂଳକ ଯୋଜନା ଓ କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ଅବହେଳା ବିରୁଦ୍ଧରେ ପ୍ରତିବାଦ, ଯୁବ ସମାଜ ଓ ମହିଳା ମାନଙ୍କର ସ୍ୱତନ୍ତ୍ର ସଂଗଠନ ଗଠନ, ନିଜସ୍ୱ ମେଧା ବଳରେ ଏହି ବର୍ଗର ଲବ୍ଧ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ସମ୍ମାନିତ କରିବାଓ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମସ୍ତ ପ୍ରକାର ପ୍ରୋତ୍ସାହନ ପ୍ରଦାନ କରିବା ଉପରେ ଆଲୋଚନା କରାଯାଇଥିଲା। ରାଜ୍ୟ ସାଧାରଣ ସମ୍ପାଦକ ନାଏକ ସମ୍ମିଳନୀ ଉପରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟଅତିଥି ପଦ୍ମଶ୍ରୀ ହଳଧର ନାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମିଳନୀରେ ଜିଲା ଯାଦବ ସମାଜ ସଭାପତି ସାନନ୍ଦ ବାଗ, ପୀତାମ୍ବର ଖମାରୀ, ରମା ପ୍ରଧାଦ, ମନୋଜ ମହାରଣା, ସଜନ ରାଉତ, ଅମର ରଣା, କୁଞ୍ଜବିହାରୀ କଠାର, ସୁରେଶ ରଣା, କୁମାର ପାଣ୍ଡେ, ସଞ୍ଜୟ ଭୋଇ, ସଚ୍ଚିଦାନନ୍ଦ ବାଗ, ମଙ୍ଗଳ ପାତ୍ର ସହଯୋଗ କରିଥିଲେ।

## ପ୍ରୋଜେକ୍ଟ ପାଣି ମାଡ଼ି ଚାଷଜମି ବାଲିଚର

**ଦେଓଗାଁ, ୩୦।୮(ଡି.ଏନ.ଏ.)**



ସୁନା ଆଡକି ପ୍ରୋଜେକ୍ଟରୁ ପାଣି ମାଡିଆସି ଚାଷୀଙ୍କ ଧାନଚାଷରେ ବାଲିଚର ହୋଇଛି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ସଦର ପଞ୍ଚାୟତ କଛାରପାଲି ମୌଜା ସୁନାଆଡକି ପ୍ରୋଜେକ୍ଟରୁ ଚଳିତ ବର୍ଷାରେ ପାଣି ମାଡି ଆସି ଅନେକ ଚାଷୀଙ୍କ ଚାଷଜମି ବାଲିଚର ହୋଇଯାଇଛି। ବାଲିଚରି ଯିବାରୁ ବେଉଷଣ ହୋଇଥିବା ଧାନଚାଷ ନଷ୍ଟ ହୋଇଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସୁନାଆଡକି ପ୍ରୋଜେକ୍ଟରେ ବର୍ଷାପାଣି ପୂରିଯିବା ପରେ ନିଷ୍କାଷନ ଦ୍ୱାର ଦେଇ ହଠାତ ବହୁଳ ପରିମାଣରେ ପାଣି ଆସି ଚାଷଜମି ମାନଙ୍କର ହିଡଗୁଡିକୁ ଭୁଶଡାଇ ଦେଇ ଧାନଚାଷଗୁଡିକରେ ବାଲି ମାଡିଯାଇଥିଲା। ଫଳରେ ଚାଷୀ ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ, ଅଭୟ କୁମାର ଖମାରୀ, ଉପେନ୍ଦ୍ର ପାଣିଗ୍ରାହୀ, କପିଳ ସାହୁ ପ୍ରମୁଖଙ୍କ ଏକର ଏକର ବେଉଷଣ ହୋଇଥିବା ଧାନଚାଷ ସମ୍ପୂର୍ଣ୍ଣରୂପେ ନଷ୍ଟ ହୋଇଯାଇଛି। ଏମାନଙ୍କ ବର୍ତ୍ତମାନ ସୁଦ୍ଧା ଚାଷ କାର୍ଯ୍ୟରେ ହୋଇଥିବା ଖର୍ଚ୍ଚ ବରବାଦ ହେବାସହ ଚଳିତବର୍ଷର ଚାଷକୁ ନେଇ ଘୋର ଚିନ୍ତିତ ରହିଥିବା ନଜରକୁ ଆସିଛି। ଏ ସଂକ୍ରାନ୍ତରେ ଗୁରୁବାର କ୍ଷୁଦ୍ର ଜଳସେଚନ ବିଭାଗର ଏସଡିଓଙ୍କୁ ଚାଷୀବୃନ୍ଦ ଅଭିଯୋଗ କରିଥିବା ବେଳେ ତହସିଲ ଓ କୃଷିବିଭାଗକୁ ଲିଖିତ ଅଭିଯୋଗ କରିବାପାଇଁ ସିଦ୍ଧାନ୍ତ ନେଇଥିବା ଜଣାପଡିଛି। ସୁନାଆଡକି ପ୍ରୋଜେକ୍ଟରୁ ପାଣି ଲାଗୁଥିବା କଛାରପାଲି ମୌଜାର ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ବିଭାଗ ଏ ଦିଗରେ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଏସ୍‌ଡିଓ ଶତପଥୀଙ୍କୁ ଯୋଗାଯୋଗ କରିବାରୁ ଅଭିଯୋଗ ପାଇବା ପରେ ପଦକ୍ଷେପ ପାଇଁ ଲେଖିଛି ବୋଲି କହିଛନ୍ତି।

## ଫଟୋରେ ଖବର








ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ପ୍ରେକ୍ଷାଳୟରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ସ୍ୱାସ୍ଥ୍ୟ ସଚିବ ଓ ଅନ୍ୟ ଅଧିକାରୀ ତଦାରଖ କରୁଛନ୍ତି (ବାମ)। ବଲାଙ୍ଗୀର ରାଜେନ୍ଦ୍ର କଲେଜକୁ ବିଶ୍ୱବିଦ୍ୟାଳୟ ଘୋଷଣା କରିବା ଦାବିରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି (ମଝି)। ବଲାଙ୍ଗୀର ଆୟୁର୍ବେଦିକ ମହାବିଦ୍ୟାଳୟରେ ଅନୁଷ୍ଠିତ ରଙ୍ଗୋଲି ପ୍ରତିଯୋଗିତାରେ ଛାତ୍ରୀମାନେ ଭାଗନେଇ ନିଜର କଳା ପ୍ରଦର୍ଶନ କରିଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୩୧ ଅଗଷ୍ଟ, ୨୦୧୮



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର୍. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ଡେଲି ମାର୍କେଟ ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ ହେଉ

ରାଉରକେଲା ଅଫିସ,୩୦।୮ - ସହରର ବିଭିନ୍ନ ସ୍ଥାନରେ ଜବରଦଖଲ କାରଣରୁ ବର୍ଷାଜଳ ଦୀର୍ଘବର୍ଷ ହେବ ନିଷ୍କାସିତ ହୋଇପାରୁ ନାହିଁ। ଫଳରେ ଅନେକ ବସ୍ତି ଅଞ୍ଚଳ ଲୋକେ ଶାନ୍ତିରେ ରହିବା ମୁସ୍କିଲ ହେଲାଣି। ଏହି କାରଣରୁ ପ୍ରତିବର୍ଷ ଅସନ୍ତୋଷ ସାଙ୍ଗକୁ କେତକ ସ୍ଥାନରେ ଉତ୍ତେଜନା ସୃଷ୍ଟି ହେବା ନଜିର ରହିଛି। ଏପରି ଅବସ୍ଥାରେ ରାଉରକେଲା ମହାନଗର ନିଗମ ପକ୍ଷରୁ ଆରମ୍ଭ କରାଯାଇଥିବା ଜବରଦଖଲ ଉଚ୍ଛେଦ ଅଭିଯାନକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ବାସ୍ତବରେ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଡେଲି ମାର୍କେଟ ଅଞ୍ଚଳର କେତେକ ବସ୍ତିବାସିନ୍ଦା ପ୍ରକାଶ କରିଛନ୍ତି। ଏହି ମାର୍କେଟ ନିକଟ ୱାର୍ଡ ନଂ-୧୫ ଅଞ୍ଚଳରେ ଜବରଦଖଲ ସମସ୍ୟା ଅତି ଉତ୍କଟ ହୋଇଥିବାବେଳେ ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟିଦେବା ଆବଶ୍ୟକ ବୋଲି ସ୍ଥାନୀୟ ବସ୍ତିବାସିନ୍ଦା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ହରିୟାନା ଭବନ ପଛ ବସ୍ତି ସହ ଖଟାଲ ବସ୍ତି, ତେଲୁଗୁପଡ଼ା, ସର୍ଦ୍ଦାର ମହଲା ଆଦି ଅଞ୍ଚଳର ମୁଖ୍ୟ ନାଳ ଜବରଦଖଲକାରୀଙ୍କ ଅକ୍ତିଆରରେ ରହିଛି। ଫଳରେ ବର୍ଷାଜଳ ନିଷ୍କାସିତ ହୋଇପାରୁ ନାହିଁ। ସାମାନ୍ୟ ଅଧିକ କିମ୍ବା ଲଗାଣ ବର୍ଷା ହେଲେ ଏହି ଅଞ୍ଚଳରେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି। ଲୋକଙ୍କ ଘରେ ଆଣ୍ଠୁଏ ପାଣି ଜମି ରହୁଛି। ଆସବାବପତ୍ର ନଷ୍ଟ ହେବା ସହ ଲୋକେ ପରିସ୍ଥିତିରେ ପଡ଼ି ଉପବାସ ରହୁଛନ୍ତି। ଏନେଇ ଏକାଧିକବାର ଆର୍‌ଏମ୍‌ସି କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବା ସତ୍ତ୍ୱେ ପଦକ୍ଷେପ ନିଆଯାଇ ନାହିଁ। ଯେଉଁ ମୁଷ୍ଟିମେୟ ଲୋକ ଜବରଦଖଲ କରିଛନ୍ତି ତାଙ୍କୁ ତୁରନ୍ତ ହଟାଯାଉ ବୋଲି ଦାବି କରିଛନ୍ତି ବସ୍ତିବାସିନ୍ଦା। ଏ ଦିଗରେ ଆର୍‌ଏମ୍‌ସି କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନିଅନ୍ତୁ। ଏଥିସହ ଆବଶ୍ୟକ ମୁତାବକ ପ୍ରଶସ୍ତ ଡ୍ରେନ୍ ନିର୍ମାଣ କରାଯାଉ ବୋଲି ସମ୍ପୃକ୍ତ ଅଞ୍ଚଳବାସୀ ଦାବି କରିଛନ୍ତି।

### ଜିଲାରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

# ସ୍ଥିତି ନ ସୁଧୁରିଲେ ଏବିଭିପି ପକ୍ଷରୁ ଆନ୍ଦୋଳନ

■ ସୁନ୍ଦରଗଡ଼ରେ ଜନଜାତି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବି

ରାଉରକେଲା ଅଫିସ, ୩୦।୮

ସୁନ୍ଦରଗଡ଼ ଜିଲାରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ନେଇ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଉଦ୍‌ବେଗ ପ୍ରକାଶ କରିଛି। ଏନେଇ ପାନପୋଷ ସହକାରୀ ଉପଜିଲାପାଳଙ୍କ ଜରିଆରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁରୁବାର ଦାବିପତ୍ର ପ୍ରଦାନ କରାଯାଇଛି। ଷ୍ଟିଲ ସିଟିର ବିଭିନ୍ନ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ଏବିଭିପିର ଏକ ପ୍ରତିନିଧି ମଣ୍ଡଳୀ ୧୧ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ କୁହାଯାଇଛି ଯେ ବିଭିନ୍ନ କଲେଜ ଜମି ନେଇ ବାଦବିବାଦ ଲାଗି ରହିଛି। ଏହାକୁ ତୁରନ୍ତ କଲେଜ ନାମରେ ପଞ୍ଜୀକରଣ କରାଯାଉ।

ଖାଲି ପଡ଼ିଥିବା ଅଧ୍ୟାପକ ଓ କର୍ମଚାରୀ ପଦବୀ ପୂରଣ କରାଯିବା ସହ ଅନ୍ୟ ସମସ୍ୟା ସମାଧାନ ଦିଗରେ ଗୁରୁତ୍ୱ ଦିଆଯାଉ। କଲେଜଗୁଡ଼ିକରେ ଅଭାବ ରହିଥିବା ଶ୍ରେଣୀଗୃହ, ଛାତ୍ରାବାସ, ସାଇକେଲ ଷ୍ଟାଣ୍ଡ, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କୁ ବଜାର ଦର ଅନୁସାରେ ବୃତ୍ତି ପ୍ରଦାନ ସହ ଉଚ୍ଚଶିକ୍ଷା କ୍ଷେତ୍ରରେ ଏହି ବୃତ୍ତି ଲାଗୁ କରାଯାଉ। ବ୍ଲକ ଗ୍ରାଣ୍ଟ ଶିକ୍ଷକଙ୍କୁ ପୂର୍ଣ୍ଣ ଅନୁଦାନ ଯୋଗାଇ ଦେବା, ବୈଷୟିକ ଶିକ୍ଷା କ୍ଷେତ୍ରରେ ତାଲିମପ୍ରାପ୍ତ ଅଧ୍ୟାପକ ନିଯୁକ୍ତି, ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ଭିତ୍ତିକ ଶିକ୍ଷା ବ୍ୟବସ୍ଥା ନେଇ ଏବିଭିପି ପକ୍ଷରୁ ଦାବି କରାଯାଇଛି। ପ୍ରତ୍ୟେକ କଲେଜ ଓ ହଷ୍ଟେଲରେ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ସହ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ଏହି ଦାବିପତ୍ରରେ ଉଲ୍ଲେଖ ରହିଛି। ଏଥିସହ ପାଠାଗାର ଓ ଖେଳପଡ଼ିଆର ବିକାଶ ପାଇଁ ମଧ୍ୟ ସଂଗଠନ ଦାବି କରିଛି। ସୁନ୍ଦରଗଡ଼ ଏକ ଅନୁସୂଚିତ ଜନଜାତି ବହୁଳ ଅଞ୍ଚଳ ହୋଇଥିବାରୁ ଏଠାରେ ଜନଜାତି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ନଗର ସମ୍ପାଦକ ଆଶିଷ ଦାସ, ରାଜ୍ୟ ସହସମ୍ପାଦକ ସମୀର ରାଉତ, ଅମର ମହାପାତ୍ର, ଓମ୍ ପ୍ରିୟଦର୍ଶିନୀ, ଦୀପ୍ତି ଭୂମିଜ, ଇପ୍‌ସିତା ରାଉତ, ସନ୍ତୋଷ ବିଶ୍ୱାଳ, ରୂପାଲୀ ଗୋଚ୍ଛାୟତ, ହେମାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



୧୧ ଦଫା ଦାବି ନେଇ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏବିଭିପି ପକ୍ଷରୁ ପାନପୋଷ ସହକାରୀ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ମୋ ରାଉରକେଲା

### ଏଠି ସବୁ ବର୍ଗର ଲୋକେ ସୁଖରେ ରହିପାରିବେ



ଆର୍ତ୍ତତ୍ରାଣ ମହାପାତ୍ର, କବି ତଥା ସାମାଜିକ କର୍ମୀ।

୧୯୮୪ରେ କର୍ମ ଅନ୍ୱେଷଣରେ ରାଉରରକେଲା ଚାଲି ଆସିଥିଲି। ପୂର୍ବରୁ ଅନେକ ସହର ବୁଲିଛି। ମନ ବୁଝିଲାନି ବୋଲି ଏହି ସହରକୁ ବାଛିଲି। ଉଭୟ ଗରିବ ଓ ଧନୀଙ୍କୁ ନେଇ ସମଭାବାପନ୍ନ ଏ ସହର ମୋତେ ଆଜିପର୍ଯ୍ୟନ୍ତ ବାନ୍ଧି ରଖିଛି। ଏହା ଏମିତି ଏକ ସହର ଯେଉଁଠି ସବୁ ବର୍ଗର ଲୋକେ ସୁଖ ସ୍ୱାଚ୍ଛନ୍ଦ୍ୟରେ ରହିପାରିବେ। କିଛି ଅସୁବିଧା ହୁଏନା। ଏହା ହିଁ ବିଶେଷତ୍ୱ ଏଠି ଅଟକି ରହିବାର। ଅନେକତା ମଧ୍ୟରେ ଏକତା ଷ୍ଟିଲ ସିଟିର ବୈଶିଷ୍ଟ୍ୟ। ଏହା ଏକ ଶିଳ୍ପ ସହର ହୋଇଥିବାରୁ ଏଠି ଅନେକ ଭାଷାଭାଷୀ ବାସ କରନ୍ତି। ତଥାପି ଏମାନଙ୍କ ମଧ୍ୟରେ ଯେଉଁ ଉତ୍ତମ ସମନ୍ୱୟ ରହିଛି ତାହା ବାସ୍ତବରେ ପ୍ରଶଂସାଯୋଗ୍ୟ। ଉପାନ୍ତ ସହର ହୋଇଥିଲେ ହେଁ ଏଠାରେ ଓଡ଼ିଆ କାବ୍ୟ କବିତାର ମହକ ମୋତେ ଅନେକ ସମୟରେ ଆନ୍ଦୋଳିତ କରେ। ଜଣେ କବି ଓ ସାମାଜିକ କର୍ମୀ ଭାବେ ମୁଁ ଦୀର୍ଘ ତିନି ଦଶନ୍ଧି ଧରି ଏ ସହରକୁ ବେଶ ପାଖରୁ ଦେଖିଛି। ଅନେକ ବୈଷମ୍ୟ ଭିତରେ ଷ୍ଟିଲ ସିଟିରେ ଶାନ୍ତିପୂର୍ଣ୍ଣ ରହଣି ମୋ ପାଇଁ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। କର୍ମ ଓ କର୍ମଚାରୀଙ୍କ ମଧ୍ୟରେ ରହିଥିବା ନିବିଡ଼ତା, ପାରସ୍ପରିକ ସହଯୋଗ ମନୋଭାବ ମୋତେ ଖୁବ୍ ଭଲ ଲାଗେ। ଶିଳ୍ପାୟନ ସତ୍ତ୍ୱେ ଆଜି ବି ବଞ୍ଚି ରହିଛି ଆଞ୍ଚଳିକ ଭାଷା, ସାହିତ୍ୟ ଓ କଳାର ମାଧୁର୍ଯ୍ୟ। ଏଣୁ ଏ ସହର ମୋ ପାଇଁ ଅତି ଆପଣାର ହୋଇ ରହିଛି ।

## ଭାଜପା ଯୁବମୋର୍ଚ୍ଚାର ମିଶ୍ରଣ ପର୍ବ

ରାଉରକେଲା ଅଫିସ,୩୦।୮

ଭାରତୀୟ ଜନତା ଯୁବମୋର୍ଚ୍ଚା ପକ୍ଷରୁ ଏକ ମିଶ୍ରଣ ପର୍ବ ବୁଧବାର ଜେଲ୍ ରୋଡ୍ ଅଞ୍ଚଳ ଲେବର ଟେନାମେଣ୍ଟଠାରେ ଆୟୋଜିତ ହୋଇଥିଲା। ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ, ଭାଜପା ରାଜ୍ୟ ସମ୍ପାଦକ ଧୀରେନ ସେନାପତି, ମଣ୍ଡଳ ସଭାପତି କୈଳାସ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ଦଳର ଶତାଧିକ ଯୁବକ ଭାଜପା ଯୁବମୋର୍ଚ୍ଚାରେ ସାମିଲ ହେବା ଘୋଷଣା କରାଯାଇଥିଲା। ଏମାନଙ୍କୁ ଦଳୀୟ ନେତୃମଣ୍ଡଳୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପୂର୍ବତନ ନଗରପାଳ ରତ୍ନାକର ଭାରିମଲ୍ଲ, ଶ୍ରୀକାନ୍ତ ରାଇଙ୍କ ସମେତ ଦଳର ବହୁ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ। ରାଜା ରାଉତ, ଜୟନ୍ତ ଧଳ, ସନ୍ଦିପ ମଲ୍ଲିକ, ଦେବବ୍ରତ ସାହୁ, ସୂର୍ଯ୍ୟ ମହାନ୍ତି ଓ ଜିତୁ ବଡ଼ାଇକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**Odisha Finance**
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

GET INSTANT CASH AGAINST GOLD
**Sell your GOLD more than market value.**
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

**JAGANNATH FINANCE COMPNAY**
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ। 1% ସୁଧ 50% ଛାଡ। ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032

Get Instant Cash Against Gold
**Gold Cash**
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

ADMISSION OPEN 2018-20
**B.Ed.**
Acharya Nagarjuna University
Anuska B.Ed. Academy
Odisha's No-1 B.Ed. Academy
97% 1ST DIVISION
Rasulgarh, Bhubaneswar
8260277745/8260277746
Cuttack No-9937313739
Bhawanipatna: 7982328673
Jajpur/Kendrapara:9692222120
www.anuskagroup.com

ADMISSION OPEN FOR 2018-20
**B.Ed CT(D.EL.Ed) & M.Ed**
Acharya Nagarjuna University
UGC & NCTE Approved
Equivalent to Utkal University
FREE Form fillup Fees, Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**CAPITAL FIRST FINANCE LIMITED**
Regd No.- U6519TNI98PLC008555
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ। 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number: 7689937202

**Kuber Finance**
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ ୧୨୪୦ରୁ ଆପଣଙ୍କ ସେବାରେ।
Regd. No. - ODI49/3468
କରୁଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ମାତ୍ର 12 ଘଣ୍ଟାରେ। 1% ସୁଧ, 50% ଛାଡ଼। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ -
7496011718
7496016879

**FINANCE**
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି। ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ। ୩୦% ସବସିଡି ସହିତ।
7787922501
7787907927
pmjansamridhi@gmail.com

**BUSINESS**
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଛ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

**ଫାଇନାନ୍ସ**
ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ମାତ୍ର 1250ରେ (1-90 ଲକ୍ଷ) ପର୍ଯ୍ୟନ୍ତ 0% ସୁଧ 60% ରିହାତି, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ରାଶନକାର୍ଡ, ଆଧାରକାର୍ଡ, ସମସ୍ତ ଋଣ 48 ଘଣ୍ଟାରେ
Dhanlaxmi Finance
9045324642
7417158225

**SUHANA FINANCE**
ଭାରତ ସରକାର ରେଜିଷ୍ଟର୍ଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥୀ ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର।
7325861595
7325861352

ଋଣ ପାସ୍ ହେବା ପରେ ଜନକଲ୍ୟାଣ ଜନଧନ ଯୋଜନା ଅଧୀନରେ
**Mahinder Finance**
ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଏଜୁକେଶନ୍ ଓ ସମସ୍ତ ଋଣ 24 ଘଣ୍ଟାରେ 1% ସୁଧ, 40% ସବ୍‌ସିଡିରେ (ମହିଳା, ବିଦ୍ୟାର୍ଥୀ, ଚାଷୀଙ୍କ ପାଇଁ ବିଶେଷ ରିହାତି) ଠକମାନଙ୍କ ପ୍ରତି ସାବଧାନ। (କାମ ଆମର ବିଶ୍ୱାସ ଆପଣଙ୍କର)
9911250162
9953846186

!! ଋଣ ଋଣ ଋଣ !!
**ମହାରାଷ୍ଟ୍ର ଫାଇନାନ୍ସ**
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339

**ସୁବର୍ଣ୍ଣ ସୁଯୋଗ**
କଣ ଆପଣ ବେରୋଜଗାର ଅଛନ୍ତି କି ?
ଆପଣଙ୍କର ଭବିଷ୍ୟତପାଇଁ କିଛି ଯୋଜନା ଅଛି କି ? ଏସବୁର ସମାଧାନପାଇଁ ଆମ Company ଠାରୁ କିଛି ସାହାଯ୍ୟ ନେଇ ଆତ୍ମନିର୍ଭରଶୀଳ ହୁଅନ୍ତୁ।
ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ
7873395955

**LOAN**
ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ।
7682891639
8018022748

**SMS JOBS DHAMAKA**
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

**UNIVERSAL COMMUNICATION GROUP**
ଦ୍ୱାରା ନିଜ ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍‌ରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଓ ପାଆନ୍ତୁ 60 ଲକ୍ଷ ଅଗ୍ରିମ, ଭଡ଼ା 80,000 + ଅନ୍ୟାନ୍ୟ ସୁବିଧାସୁଯୋଗ ଏଗ୍ରିମେଣ୍ଟ ସହିତ।
CALL NOW:
08570958738
08570958378

9911436726, 8750311430



**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। **ପୁରୀ:** ୬ ଓ ୨୦, ହୋଟେଲ୍ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ୍ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**+2 ବିଜ୍ଞାନ ପରେ ପଢ଼ନ୍ତୁ**
ପାରାମେଡ଼ିକାଲ କୋର୍ସ
ବ୍ୟାଚେଲର ଇନ୍ ପ୍ରୋସ୍ଥେଟିକ୍ସ ଆଣ୍ଡ ଅର୍ଥୋଟିକ୍ସ
(ଟି.ଏନ୍.ଏମ୍.ଜି.ଆର୍. ମେଡ଼ିକାଲ ୟୁନିଭର୍ସିଟି ଦ୍ୱାରା ସ୍ୱୀକୃତିପ୍ରାପ୍ତ, ଚେନ୍ନାଇ)
ଆଡ୍‌ମିଶନର ଶେଷ ତାରିଖ ୩୧ ଅଗଷ୍ଟ
ଫୋନ୍- 8695540011
www.iipoinstitute.in
Admission Last Date: 10 Sept.

**ମହାବୀର ଫାଇନାନ୍ସ**
!! ବିନା ଗ୍ୟାରେଣ୍ଟର!!
ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି
20 ବର୍ଷରେ ଫେରସ୍ତ
8750418810
9355438810

**MONEY WIZZ FINANCE**
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

**SMS JOB**
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

ଧରିତ୍ରୀ DHARITRI
ସମ୍ବଲପୁର, ଶୁକ୍ରବାର, ୩୧ ଅଗଷ୍ଟ, ୨୦୧୮



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ଆଇନଜୀବୀଙ୍କୁ ମାଡ଼ ଘଟଣା
## ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

**ରାଉରକେଲା ଅଫିସ,୩୦।୮** - ବିନା କାରଣରେ ହାଇକୋର୍ଟ ଆଇନଜୀବୀ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ସର୍ବସାଧାରଣରେ ପୋଲିସର ମାଡ଼ ଓ ଦୁର୍ବ୍ୟବହାର ନେଇ ପ୍ରତିକ୍ରିୟା ବ୍ୟକ୍ତ କରିଛି ରାଉରକେଲା ଓକିଲ ସଂଘ। ଭାରତ ଭଳି ଗଣତାନ୍ତ୍ରିକ ରାଷ୍ଟ୍ରରେ ଆଇନଶୃଙ୍ଖଳା ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀଙ୍କ ଏଭଳି ହୀନ ଆଚରଣ ଅତ୍ୟନ୍ତ ନିନ୍ଦନୀୟ ବୋଲି ସଂଘ ପକ୍ଷରୁ କୁହାଯାଇଛି। ବ୍ରିଟିଶ ଶାସକଙ୍କ ପରି ବ୍ୟବହାର କରୁଛି ଦାୟିତ୍ୱହୀନ ପୋଲିସ। ପୋଲିସର ଏଭଳି ବର୍ବରୋଚିତ ତଥା ଅମାନବୀୟ କାର୍ଯ୍ୟକୁ ଘୋର ନିନ୍ଦା କରିଛି ସଂଘ। ଏହାକୁ ରାଜ୍ୟ ଆଇନଜୀବୀ ପରିଷଦ ଗୁରୁତ୍ୱର ସହ ନେଇଛି। ତୁରନ୍ତ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ପରିଷଦର ଏହି ନିଷ୍ପତ୍ତିକୁ ରାଉରକେଲା ଓକିଲ ସଂଘ ସମର୍ଥନ କରିବା ସହ ଘଟଣାରେ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ଗିରଫ ଦାବି କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆଗକୁ ଆନ୍ଦୋଳନ ତୀବ୍ରତର ହେବ ବୋଲି ରାଉରକେଲା ଓକଲ ସଂଘ ପକ୍ଷରୁ ସମ୍ପାଦକ ଅକ୍ଷୟ ସାହୁ ଏକ ବିବୃତିରେ କହିଛନ୍ତି।

# ରାସ୍ତାରୁ ବୁଲା ଗୋରୁ, ମଇଁଷି ହଟାଯାଉ

**ରାଉରକେଲା ଅଫିସ,୩୦।୮**

ଷ୍ଟିଲ ସିଟିରେ ବୁଲା ଗୋରୁ, ମଇଁଷିଙ୍କ ଦ୍ୱାରା ରାସ୍ତା ଅବରୋଧ ନେଇ ସାମାଜିକ ସଂଗଠନ ଆଶ୍ରା ପକ୍ଷରୁ ପ୍ରତିକ୍ରିୟା ବ୍ୟକ୍ତ କରାଯାଇଛି। ଏନେଇ ସଂଗଠନର କର୍ମକର୍ତ୍ତା ଗୁରୁବାର ଆର୍‌ଏସ୍‌ସି ଡେପୁଟି କମିଶନରଙ୍କୁ ଭେଟି ଅଭିଯୋଗ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ କୁହାଯାଇଛି ଯେ ଷ୍ଟିଲ ସିଟି ରିଂ ରୋଡ୍ ଉପରେ ଦିନରାତି ବୁଲା ଗୋରୁ ଶୋଇ ରହୁଛନ୍ତି। ଏହା ଦ୍ୱାରା ରାସ୍ତା ଅବରୋଧ ସହ ଅନକେ ସମୟରେ ଦୁର୍ଘଟଣା ଘଟୁଛି। ଜନଗହଳିପୂର୍ଣ୍ଣ ବିର୍ସା ଛକ, ଟ୍ରାଫିକ ଛକକୁ ବାଦ୍ ଦେଲେ ଛେଣ୍ଡ ସମ୍ମୁଖ ରାସ୍ତାରେ ପ୍ରତ୍ୟେକ ଦିନ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ଏହି ସମସ୍ୟା ଏତେ ଉତ୍କଟ ହେଲାଣି ଯେ ଅନେକ ସହରତଳି ବସ୍ତି ଅଞ୍ଚଳରେ ମଧ୍ୟ ବୁଲା ଗୋରୁ ଓ ମଇଁଷିଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ମହାନଗର ଓ ସ୍ମାର୍ଟ ସିଟି ଘୋଷଣା ପରେ ଏନେଇ କୌଣସି ପଦେକ୍ଷପ ନିଆଯାଇ ନାହିଁ। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସଂଗଠନ ସମ୍ପାଦିକା ମିନତୀ ଦେବତାଙ୍କ ସମେତ ଦ୍ରୌପଦୀ ଛତ୍ରି, ଅମ୍ବିକା ବାରିକ, ଜୟନ୍ତୀ ଦାସ, ନୂତନ ଦୀପ, ଦୁର୍ଗୀ ସାହୁ, ବାସନ୍ତୀ ମହାନ୍ତି, ପ୍ରଭାସିନୀ ବାରିକ, ରେଖା କୋଠାରି, ସଙ୍ଗୀତା ମିଶ୍ର, ସବିତା ଜାମୁଦା, ସୌଦାମିନୀ ସାହୁ ଓ ବିଷ୍ଣୁପ୍ରିୟା ନାୟକ ପ୍ରମୁଖ ଦାବି କରିଛନ୍ତି।



ରାସ୍ତା ଉପରୁ ବୁଲା ଗୋରୁ ହଟାଇବା ପାଇଁ ଆର୍‌ଏସ୍‌ସି ଡେପୁଟି କମିଶନରଙ୍କୁ ଆଶ୍ରା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।




ଚନ୍ଦ୍ରଶେଖର କ୍ରୀଡ଼ା ସଂଗଠନ ପକ୍ଷରୁ ରାଉରକେଲା ସିଭିକ୍ ସେଣ୍ଟରଠାରେ ଆୟୋଜିତ କ୍ରୀଡ଼ା ଦିବସରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

# ଦୁର୍ଘଟଣାରେ ଆର୍‌ଏସ୍‌ପି ଟ୍ରାଫିକ ବିଭାଗ କର୍ମଚାରଙ୍କ ହାତ କଟିଲା

**ରାଉରକେଲା ଅଫିସ,୩୦।୮**

ଆର୍‌ଏସ୍‌ପି ଟ୍ରାଫିକ ବିଭାଗ ଠିକା କାମରେ ନିୟୋଜିତ ଅବସରପ୍ରାପ୍ତ ରେଳବାଇ କର୍ମଚାରୀ ପଶ୍ଚିମବଙ୍ଗ ଝାଡ଼ଗ୍ରାମର ପଙ୍କଜ ମାହାନ୍ତ (୬୧) ମଙ୍ଗଳବାର ଦୁର୍ଘଟଣାର ଶିକାର ହୋଇଛନ୍ତି। ଟ୍ରାଫିକ ବିଭାଗରେ ଲୋକୋ ଇଞ୍ଜିନ ସହିତ ୱାଗନ ସଂଯୋଗ କଲାବେଳେ ସେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କ ଡାହାଣ ହାତ ବାହୁଠାରୁ କଟିଯାଇଥିବାବେଳେ ବାମ ହାତର ୨ ଆଙ୍ଗୁଠି ମଧ୍ୟ କଟିଯାଇଛି। ପ୍ରଥମେ ତାଙ୍କୁ ଆଇଜିଏଚ୍ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ସୂଚନାଯୋଗ୍ୟ, ପଙ୍କଜ ଅବସରପ୍ରାପ୍ତ ରେଳ କର୍ମଚାରୀ ହୋଇଥିବା ବେଳେ ଲୋକୋ ଗାଡ଼ି ଡ୍ରାଇଭର ମଧ୍ୟ ଜଣେ ଅବସରପ୍ରାପ୍ତ ଆର୍‌ଏସ୍‌ପି କର୍ମଚାରୀ। ଏହି ଘଟଣାରେ ଅତ୍ୟନ୍ତ କ୍ଷୋଭ ପ୍ରକାଶ କରି ହିନ୍ଦ ମଜଦୁର ସଭା ସହବନ୍ଧିତ ସୁନ୍ଦରଗଡ଼ ଶିଳ୍ପାଞ୍ଚଳ ଶ୍ରମିକ ସଭା ନେତା ଦିଗମ୍ବର ମହାନ୍ତି କହିଛନ୍ତି ଯେ ଶିକ୍ଷିତ ବେକାର ଯୁବ ଗୋଷ୍ଠୀ କାମ ଅଭାବରୁ ଘରେ ବସିଥିବା ବେଳେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଠିକା ଶ୍ରମିକ ଭାବେ ସ୍ଥାୟୀ କାମରେ ଲଗାଯାଉଛି। ଯାହା ଭବିଷ୍ୟତ ପାଇଁ ଏକ ବଡ଼ ଆହ୍ୱାନ ବୋଲି ମହାନ୍ତି କହିଛନ୍ତି। ଠିକା କର୍ମଚାରୀଙ୍କୁ ୫୮ବର୍ଷ ବୟସରେ ଅବସର ପ୍ରଦାନ କରାଯାଉଥିବା ବେଳେ କେଉଁ ନ୍ୟାୟରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଠିକା କାମରେ ନିଆଯାଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ବିଧିବଦ୍ଧ ତଦନ୍ତ କରାଗଲେ ବସ୍ତୁବ ସତ୍ୟ ପଦାକୁ ଆସିପାରନ୍ତା ବୋଲି ମହାନ୍ତି ଏକ ବିବୃତିରେ କହିଛନ୍ତି। ଏଭଳି ଅନିୟମିତତା ତଥା ଯୁବ ଗୋଷ୍ଠୀଙ୍କୁ ହତାଦର କରି ଅବସରପ୍ରାପ୍ତ କର୍ମଚାରୀଙ୍କ ନିଯୁକ୍ତି ନେଇ ଜିଲା ପ୍ରଶାସନ ତଦନ୍ତ କରିବା ଆବଶ୍ୟକ ବୋଲି ଶିଳ୍ପାଞ୍ଚଳ ଶ୍ରମିକ ସଭା ସାଧାରଣ ସମ୍ପାଦକ ମହାନ୍ତିଙ୍କ ସମେତ ସଭାପତି ଶିବଚରଣ ବୋଇତି, କାର୍ଯ୍ୟକାରୀ ସଭାପତି ହରେକୃଷ୍ଣ ପାଢ଼ୀ, ମହେଶ୍ୱର ପାତ୍ର, ପ୍ରଫୁଲ୍ଲ ପଣ୍ଡା ପ୍ରମୁଖ ଦାବି କରିଛନ୍ତି।



ଆହତ ପଙ୍କଜ ମହାନ୍ତ।



# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଘୋଷଣା

**No. RDM-LAA-MBJ-0060-2017/ 22435 R&DM, Dated 22.06.2018**

**No. XXI-54:-** ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା- ହାତୀବାରି, ଥାନା- କରଞ୍ଜିଆ ନଂ.୧୧୦, ତହସିଲ- କରଞ୍ଜିଆ, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଦେଓ ଜଳସେଚନ ପ୍ରକଳ୍ପର ହାତିବାରି ମାଇନର ଓ ଆର୍.ଏମ୍.ଡି.ର ସବ୍-ମାଇନର ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୨୪୬୯୦, ତା୨୬।୦୭।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ, ଏହା ଘୋଷଣା କରାଯାଉଅଛି ଯେ, ମୌଜା- ହାତୀବାରି, ଥାନା- କରଞ୍ଜିଆ ନଂ.-୧୧୦, ଜିଲ୍ଲା- ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.mayurbhanj.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନର୍ବସତି ଅଧିକାରୀ, କରଞ୍ଜିଆ, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ — ତହସିଲ- କରଞ୍ଜିଆ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ହାତୀବାରି | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୪୮.୬୭ | ଏ.୭.୮୪ | ଏଥିସହିତ ସଂଲଗ୍ନ |

**ତଫସିଲ-ଖ**
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ — ତହସିଲ- କରଞ୍ଜିଆ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୩୧।୦୩।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ଅଭୟ କୁମାର ନାୟକ) ଯୁଗ୍ମ ଶାସନ ସଚିବ

### ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନଃବସତି ଅଧିକାରୀ, ଦେଓ ଜଳ ପ୍ରକଳ୍ପ, ମୟୂରଭଞ୍ଜ, କରଞ୍ଜିଆ

ମୌଜା- ହାତୀବାରି, ଥାନା ନଂ.- ୧୧୦

| କ୍ର. ନଂ. | ଖାତା ନମ୍ବର | ପ୍ଲଟ୍ ନଂ. | ମୋଟ ଏରିଆ | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ ଓ ଧାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧. | ୨୬ | ୫୨୫ | ୦.୨୫ | ୦.୦୧ | ଶାରଦଜଳ ଏକ | ଖାଡ଼େଶ୍ୱର ନାଏକ, ଅଗ୍ନି ନାଏକ, ପି- ଦ୍ୱାରୀ ନାଏକ, କବିଚନ୍ଦ୍ର ନାଏକ, ପି- କାବୁ ନାଏକ, ବୁଧୁ ନାଏକ, ପି- ବୃଷଭ ନାଏକ, ଜା- ବାଥୁଡ଼ି, ବା- ନିଜଗାଁ | |
| | | ୫୨୯ | ୦.୪୧ | ୦.୦୬ | ଶାରଦଜଳ ଏକ | | |
| ୨ | ୨୮ | ୬୩୪ | ୦.୭୪ | ୦.୧୧ | ଶାରଦ ଦୁଇ | ଚିପୁର କୋହ୍ଲ, ମଙ୍ଗର କୋହ୍ଲ, ପି- ଦଶାଏ କୋହ୍ଲ, ଲକ୍ଷ୍ମୀ କୋହ୍ଲ, ଜେମା କୋହ୍ଲ, ଡିମ୍ବେ କୋହ୍ଲ, ପି- ଶୁକୁର କୋହ୍ଲ, ପାଲ କୋହ୍ଲ, ଶୁକୁରମଣି କୋହ୍ଲ, ସ୍ୱା- ଶୁକୁର କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୩ | ୩୦ | ୫୩୦ | ୦.୪୫ | ୦.୧୪ | ଶାରଦ ଏକ ଜଳସେଚିତ | ବଡ଼ ଡିମ୍ବ କୋହ୍ଲ, ପି- ମଙ୍ଗରାଏ କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୪ | ୩୬ | ୭୬୧ | ୪.୯୮ | ୦.୬୮ | ଶାରଦ ଦୁଇ | ଦୁର୍ଗା ମାଝୀ, ପି- ରାମ ରାଏ ମାଝୀ, ସାଲଖାନ ମାଝୀ, ପି- ଦୁର୍ଗା ମାଝୀ, ସାନଦୁର୍ଗା ମାଝୀ, ପି- ପାରାଏ ମାଝୀ, ବଡ଼ସନ ମାଝୀ, ପି- ଦୁର୍ଗା ମାଝୀ, ଗୁଲିଆ ମାଝୀ, ରାମରାଏ ମାଝୀ, ଘାସିଆ ମାଝୀ, ବୀରସିଂ ମାଝୀ, ପି- ଛୋଟରାଏ ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| ୫ | ୩୭ | ୫୩୭ | ୦.୪୧ | ୦.୧୯ | ଶାରଦଦୁଇ/ ୫ ଜଳସେଚିତ | ଦୁର୍ଗା ମାଝୀ, ନୁନା ମାଝୀ, ବାସୁ ମାଝୀ, ପି- ଫାଗୁ ମାଝୀ, ଜା- ମାଝୀ, ବା- ନିଜଗାଁ | |
| | | ୬୯୧ | ୦.୮୫ | ୦.୨୮ | ଶାରଦ ତିନି/୨ | | |
| | | ୬୯୮ | ୦.୧୧ | ୦.୦୭ | ଶାରଦ ଦୁଇ | | |
| ୬ | ୩୯ | ୬୪୬ | ୦.୧୨ | ୦.୦୬ | ଶାରଦ ଦୁଇ | ଦୁବରାଜ ନାଏକ, ଗୁରୁଚରଣ ସୟ, ପି- ବାଙ୍କୁ କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| | | ୬୪୯ | ୧.୮୫ | ୦.୦୬ | ଶାରଦ ତିନି | | |
| | | ୭୦୮ | ୦.୫୦ | ୦.୦୧ | ଆଶୁ | | |
| | | ୭୦୯ | ୦.୯୦ | ୦.୨୪ | ଶାରଦ ତିନି | | |
| | | ୭୧୦ | ୨.୪୦ | ୦.୧୫ | ଶାରଦ ଦୁଇ | | |
| ୭ | ୪୭ | ୬୬୫ | ୧.୯୬ | ୦.୧୧ | ଶାରଦ ଦୁଇ | ପାତ୍ର କୋହ୍ଲ, ଚାମ୍ପାଏ କୋହ୍ଲ, ପି- ପାଣ୍ଡା କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| | | ୭୭୩ | ୦.୫୯ | ୦.୧୬ | ଶାରଦ ଦୁଇ | | |
| | | ୭୭୫ | ୧.୯୩ | ୦.୧୩ | ଶାରଦ ତିନି | | |
| ୮ | ୪୪ | ୨୫୪ | ୦.୩୧ | ୦.୦୪ | ଶାରଦଜଳ ଏକ | ନାଲ ପଧୁରିଆ, ଅମିନ ପଧୁରିଆ, ନବିନା ପଧୁରିଆ, ପି- ଭ୍ରମର ପଧୁରିଆ, ଜା- ବାଥୁଡ଼ି, ବା- ନିଜଗାଁ | |
| ୯ | ୫୩ | ୫୩୧ | ୦.୪୮ | ୦.୨୦ | ଶାରଦ ଦୋଫସଲି ଏକ | ପୂର୍ଣ୍ଣଚନ୍ଦ୍ର ସୟ, ପି- ବିଜୁ ସୟ, ଦୁବରାଜ ସୟ, ଗୁରୁଚରଣ ସୟ, ପି- ବାଙ୍କୁ ସୟ, ଜା- କୋହ୍ଲ, ବା- ନିଜଗାଁ | ଦ. ପୂର୍ଣ୍ଣଚନ୍ଦ୍ର ସୟ |
| | | ୫୭୩ | ୧.୦୨ | ୦.୧୮ | ଶାରଦଦଳ ଏକ | | ଦ. ପୂର୍ଣ୍ଣଚନ୍ଦ୍ର ସୟ |
| | | ୬୪୫ | ୧.୧୧ | ୦.୧୫ | ଶାରଦ ଦୁଇ | | ଦ. ପୂର୍ଣ୍ଣଚନ୍ଦ୍ର ସୟ |
| | | ୭୬୩ | ୧.୭୪ | ୦.୪୨ | ଶାରଦ ତିନି | | ଦ. ଦୁବରାଜ ସୟ, ଗୁରୁଚରଣ ସୟ |
| ୧୦ | ୫୫ | ୬୮୭ | ୦.୩୧ | ୦.୦୩ | ଶାରଦ ଦୁଇ | ଫୁଲମାଲ ମାଝୀ, ପି- ଉଦୟ ମାଝୀ, ଖେଲା ମାଝୀ, ପି- ରାମ ମାଝୀ, ଜା- ମାଝୀ, ବା- ପୁରୁଣାପାଣି | |
| | | ୬୯୨ | ୦.୪୩ | ୦.୧୬ | ଶାରଦ ତିନି | | |
| | | ୬୯୩ | ୦.୫୧ | ୦.୧୪ | ଶାରଦ ତିନି | | |
| | | ୭୦୦ | ୦.୨୨ | ୦.୧୦ | ଶାରଦ ଦୁଇ | | |
| ୧୧ | ୫୮ | ୬୨୮ | ୧.୧୦ | ୦.୧୪ | ଶାରଦ ଦୁଇ | ବାଗୁନ କୋହ୍ଲ, ପି- ସାହୁ କୋହ୍ଲ, ଦାଶରଥି କୋହ୍ଲ, ଚନ୍ଦ୍ରମୋହନ କୋହ୍ଲ, ପି- ରାମାହ କୋହ୍ଲ, ମାନ୍ଦାହ କୋହ୍ଲ, ସ୍ୱା- ବାଗୁନ କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୧୨ | ୬୪ | ୫୩୮ | ୦.୯୧ | ୦.୦୫ | ଶାରଦଜଳ ଏକ | ବୁଢ଼ାନ ମାଝୀ, ନାରାନ ମାଝୀ, ପି- ଶାଲଖୁ ମାଝୀ, ମୁନି ମାଝୀ, ସାଗରା ମାଝୀ, ପି- ବୁଢ଼ାନ ମାଝୀ, ଜା- ମାଝୀ, ବା- ନିଜଗାଁ | |
| | | ୫୫୫ | ୨.୧୦ | ୦.୦୭ | ଶାରଦଜଳ ଦୁଇ | | |
| | | ୫୫୮ | ୦.୬୦ | ୦.୨୦ | ଘରବାରି | | |
| ୧୩ | ୬୭ | ୨୫୩ | ୦.୨୦ | ୦.୧୦ | ଶାରଦଜଳ ଏକ | ବୁଧୁ ମାଝୀ, ସୁନ୍ଦୁରା ମାଝୀ, ପି- ପାରୁ ମାଝୀ, ନିମାହା ମାଝୀ, ପି- କହ୍ନେଇ ମାଝୀ, ଜା- ମାଝୀ, ବା- ପୁରୁଣାପାଣି | |
| | | ୫୨୪ | ୦.୬୮ | ୦.୨୯ | ଶାରଦଜଳ ଏକ | | |
| | | ୫୩୨ | ୦.୮୨ | ୦.୧୮ | ଶାରଦଜଳ ଏକ | | |
| | | ୭୭୨ | ୧.୯୦ | ୦.୧୮ | ଶାରଦଦୁଇ | | |
| ୧୪ | ୬୮ | ୬୮୮ | ୦.୬୨ | ୦.୨୩ | ଶାରଦ ଦୁଇ | ବୁଧୁ ମାଝୀ, ଅର୍ଜୁନ ମାଝୀ, ଧନୁ ମାଝୀ, ଦାମୁ ମାଝୀ, ରାମୁ ମାଝୀ, ପି- ଶାଙ୍ଗାର ମାଝୀ, ସାନ ବୁଧୁ ମାଝୀ, ନାରସିଂହ ମାଝୀ, ପି- ଝୋଲ ମାଝୀ, ଜା- ମାଝୀ, ବା- ପୁରୁଣାପାଣି | |
| | | ୬୯୫ | ୦.୯୨ | ୦.୨୫ | ଶାରଦ ତିନି | | |
| | | ୭୦୩ | ୦.୭୦ | ୦.୦୧ | ଶାରଦ ତିନି | | |
| ୧୫ | ୬୯ | ୬୬୩ | ୦.୪୯ | ୦.୧୨ | ଶାରଦ ଦୁଇ | ବୁଧୁ ହୋ, ସୁରେନ୍ଦ୍ର ହୋ, ସୋମନାଥ ହୋ, ଗୋପୀନାଥ ହୋ, ପି- ମରା ହୋ, ଜା- କୋହ୍ଲ, ବା- ନିଜଗାଁ | |
| ୧୬ | ୭୨ | ୭୪୦ | ୧.୦୯ | ୦.୨୧ | ଶାରଦ ତିନି | ମଙ୍ଗଲ ତାମୁଡ଼ିଆ, ରାମଧନ ତାମୁଡ଼ିଆ, ମାଣିକରାମ ତାମୁଡ଼ିଆ, ପି- ଦୁର୍ଗା ତାମୁଡ଼ିଆ, ଭୀମ ଚରଣ ତାମୁଡ଼ିଆ, ଚନ୍ଦ୍ରମୋହନ ତାମୁଡ଼ିଆ, ଲିଟା ତାମୁଡ଼ିଆ, ରାସାଏ ତାମୁଡ଼ିଆ, ପି- ମଙ୍ଗଲ ସିଂ ତାମୁଡ଼ିଆ, ସାନଦୁର୍ଗା ତାମୁଡ଼ିଆ, ଗୋପି ତାମୁଡ଼ିଆ, ପି- ଅର୍ଜୁନ ତାମୁଡ଼ିଆ, ଜା- ତାମୁଡ଼ିଆ, ବା- ନିଜଗାଁ | |
| ୧୭ | ୭୯ | ୨୫୬ | ୦.୧୬ | ୦.୦୭ | ଶାରଦଜଳ ଦୁଇ | ରତ୍ନୀ ବିଶ୍ୱାଳ, ଯତ୍ନୀ ବିଶ୍ୱାଳ, ପି- ରାଣ ବିଶ୍ୱାଳ, ବିଦ୍ୟାଧର ସଙ୍ଖିଆଳ, ସିଧ ସଙ୍ଖିଆଳ, ଜା- ବାଥୁନି, ବା- ନିଜଗାଁ | |
| ୧୮ | ୮୦ | ୬୪୩ | ୦.୧୬ | ୦.୦୬ | ଶାରଦ ତିନି | ରାଇସିଂ କୋହ୍ଲ, ପି- ନାଣ୍ଟୁ କୋହ୍ଲ, ଦାସ କୋହ୍ଲ, ସମା କୋହ୍ଲ, ପି-ମରା କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୧୯ | ୮୩ | ୬୨୯ | ୧.୨୪ | ୦.୧୭ | ଶାରଦ ଦୁଇ | ରାନ୍ଧ କୋହ୍ଲ, ପି- ଡେଲଗା କୋହ୍ଲ, ମୋଚିରାମ କୋହ୍ଲ, ସେଲାଇ କୋହ୍ଲ, ପି- ରାଏ କୋହ୍ଲ, ରାଏସିଂ କୋହ୍ଲ, ପି- ଗାରଦି କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୨୦ | ୮୬ | ୭୩୬ | ୧.୬୬ | ୦.୧୦ | ଶାରଦ ଦୁଇ | ରାମାଏ କୋହ୍ଲ, ନାଠା କୋହ୍ଲ, ପି- ବୁଏଁ କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| | | ୭୭୪ | ୧.୩୨ | ୦.୦୬ | ଶାରଦ ଦୁଇ | | |
| ୨୧ | ୯୩ | ୬୪୪ | ୦.୩୪ | ୦.୦୧ | ଶାରଦ ଦୁଇ | ଖତ କୋହ୍ଲ, ପି- ରାମସାଏ କୋହ୍ଲ, ବିହଙ୍ଗ କୋହ୍ଲ, ପି- ରାଏ କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୨୨ | ୧୦୦ | ୬୯୦ | ୦.୪୯ | ୦.୧୭ | ଶାରଦ ତିନି | ଶିବନାଥ ମାଝୀ, ପି- ଘାସିରାମ ମାଝୀ, ଆରଶୁ ମାଜୀ, ପି- ଫୁରମାଲ ମାଝୀ, ଜା- ମାଝୀ, ବା- ନିଜଗାଁ | |
| | | ୬୯୪ | ୦.୭୦ | ୦.୨୩ | ଶାରଦ ତିନି | | |
| | | ୬୯୯ | ୦.୩୧ | ୦.୦୬ | ଶାରଦ ଦୁଇ | | |
| ୨୩ | ୧୦୩ | ୭୩୦ | ୧.୧୧ | ୦.୦୬ | ଶାରଦ ଦୁଇ | ଶୁକଦେବ କୋହ୍ଲ, ଫକିର ମୋହନ କୋହ୍ଲ, ଦୋକାନି କୋହ୍ଲ, ପି- ମାଣିକ କୋହ୍ଲ, ଫାଗୁ କୋହ୍ଲ, ସାରିକା କୋହ୍ଲ, ପି- ଡାକାନ କୋହ୍ଲ, ଚାମ୍ପାଏ କୋହ୍ଲ, ବ୍ରଜ କୋହ୍ଲ, ପି- ଦାଁଶାର କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| | | ୭୩୨ | ୦.୪୩ | ୦.୦୫ | ଶାରଦ ଦୁଇ | | |
| | | ୭୩୩ | ୧.୨୫ | ୦.୦୬ | ଶାରଦ ଦୁଇ | | |
| ୨୪ | ୧୧୦ | ୬୬୪ | ୦.୫୪ | ୦.୧୨ | ଶାରଦ ଦୁଇ | ହିନ୍ଦୁରାମ କୋହ୍ଲ, ରାମସାୟ କୋହ୍ଲ, ପି- ଶ୍ୟାମ କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୨୫ | ୧୧୦/୫ | ୬୩୩ | ୦.୮୫ | ୦.୧୨ | ଶାରଦ ଦୁଇ | ଲକ୍ଷ୍ମୀ କୋହ୍ଲ, ସ୍ୱା- ରାମଚନ୍ଦ୍ର କୋହ୍ଲ, ଜେମା କୋହ୍ଲ, ସ୍ୱା- ବେର୍ଗା କୋହ୍ଲ, ଦାଶରଥି କୋହ୍ଲ, ଶୁକୁରା କୋହ୍ଲ, ଦୁକାନ କୋହ୍ଲ, ପି- ମଗ୍ଗୁଲୁ କୋହ୍ଲ, ପାଲ କୋହ୍ଲ, ଶୁକ୍ରମଣି କୋହ୍ଲ, ସ୍ୱା- ଶୁକ୍ରା କୋହ୍ଲ, ଜା- କୋହ୍ଲ, ବା- ହାତୀବାରି | |
| ୨୬ | ୧୧୦/୮ | ୫୨୩ | ୦.୩୪ | ୦.୧୬ | ଶାରଦ ଜଳ ଏକ | କାନ୍ଦରା ହାଁସଦା, ପି- ଭୀମ ହାଁସଦା, ଜା- ସାନ୍ତାଳ, ବା- ନିଜଗାଁ | |
| ୨୭ | ୧୦୪ | ୬୩୨ | ୧.୦୧ | ୦.୧୫ | ଶାରଦ ଦୁଇ | ଶୁକୁରୁଣୀ କୋହ୍ଲ, ପି- ରାଜେନ୍ଦ୍ର କୋହ୍ଲ, ଶୁକୁରମଣି କୋହ୍ଲ, ସ୍ୱା- ବିଜୟ କୋହ୍ଲ, ଶାନ୍ତି କୋହ୍ଲ, ସୁରୁ କୋହ୍ଲ, ନାନକି କୋହ୍ଲ, ଜାଓଇଁ କୋହ୍ଲ, ଜେମା କୋହ୍ଲ, ପାଗଲା କୋହ୍ଲ, ପି- ବିଜୟ କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୨୮ | ୧୧୦/୨୧ | ୬୬୭/ ୧୦୦୨ | ୦.୧୨ | ୦.୦୧ | ଶାରଦ ତିନି | ମଥୁରା ମାଝୀ, ପି- ମୋହନା ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| ୨୯ | ୧୧୦/୨୦ | ୭୧୩ | ୦.୧୩ | ୦.୦୯ | ଆଶୁ | ବାଲି ମାଝୀ, ପି- ନିମାଇଁ ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| ୩୦ | ୧୧୦/୨୩ | ୬୬୭/ ୧୦୧୦ | ୦.୨୧ | ୦.୦୮ | ଶାରଦ ତିନି | ହୀରା ମାଝୀ, ପି- ନିମାଇଁ ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| | | ମୋଟ | ୪୮.୬୭ | ୭.୮୪ | | | |

24001/14/0243/1819



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ



## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ନୂଆଗାଁ, ୩୦।୮ (ଡି.ଏନ୍.ଏ.)- ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ହାତିବାରୀ ଥାନା ଅଧୀନ କନ୍ଦରକେଲା ପଞ୍ଚାୟତ ରମେଇଗାଢ଼ା ଗ୍ରାମ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ଗୁରୁବାର ମୃତ୍ୟୁ ଘଟିଛି। ଯୁବକଙ୍କ ପରିଚୟ ମିଳିପାରି ନାହିଁ। ଖବରପାଇ ହାତିବାରୀ ଥାନା ଅଧିକାରୀ ଶ୍ୟାମଲାଲ ଓରାମ ଦମକଳ ବାହିନୀ ସହ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ରାଉରକେଲା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ଏ ନେଇ ହାତିବାରୀ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୭/୧୮) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଜଙ୍ଗଲ ଜମି ଆଇନ ଗ୍ରାମସଭା

କୁଆଁରମୁଣ୍ଡା,୩୦।୮ (ଡି.ଏନ୍.ଏ.)- ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ତହସିଲ ପକ୍ଷରୁ ଗୁରୁବାର ପଦ୍ମପୁର ପଞ୍ଚାୟତରେ ଜଙ୍ଗଲ ଜମି ଆଇନ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଆଁରମୁଣ୍ଡା ଏବିଡିଓ ଭବାନୀଶଙ୍କର ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଙ୍ଗଲ ଜମି ଆଇନ ସଂକ୍ରାନ୍ତରେ ଉପସ୍ଥିତ ଗ୍ରାମବାସୀମାନଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ପଦ୍ମପୁର ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆସିଥିବା ଶତାଧିକ ଗ୍ରାମବାସୀ ଜଙ୍ଗଲ ଜମି ପାଇଁ ଆବେଦନ କରିଥିଲେ। କାର୍ଯ୍ୟକ୍ରମରେ ପଦ୍ମପୁର ପଞ୍ଚାୟତ ସରପଞ୍ଚ ବିଜୟଲକ୍ଷ୍ମୀ କାଲୋ, ସାମାଜିକ କର୍ମୀ ଟିଓ କିଷାନ, ପଦ୍ମପୁର ପିଇଓ ଦେବବ୍ରତ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ।

### ଇବ୍‌ନଗର ଗଣେଶ ପୂଜା କମିଟିର ପ୍ରସ୍ତୁତି ବୈଠକ

ସୁନ୍ଦରଗଡ଼,୩୦।୮ (ଡି.ଏନ୍.ଏ)- ଗଣେଶ ପୂଜା ନେଇ ଇବ୍‌ନଗର ପୂଜା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଲବଣୀଧର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗଣେଶ ପୂଜା ଉପଲକ୍ଷେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଆସନ୍ତା ସେପ୍ଟେମ୍ବର ୨ତାରିଖରେ କୁନିକୁନି ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗୀତା ଆୟୋଜନ ନିମନ୍ତେ ସ୍ଥିର କରାଯାଇଛି। ସେହିପରି ୧୩ତାରିଖ ଗୁରୁବାର ମଧ୍ୟାହ୍ନ ୧୨ଟାରେ ନିର୍ଦ୍ଧାରିତ ରୀତିନୀତି ଅନୁଯାୟୀ ଗଣେଶପୂଜା ଅନୁଷ୍ଠିତ ହେବ । ୧୬ତାରିଖରେ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ କମିଟି ସଭାପତି ଭାବେ ଜୁବୁଲି ନାଏକଙ୍କୁ ମନୋନୀତ କରାଯାଇଥିଲା । ଲିଟୁନ୍ ବେହେରା ସମ୍ପାଦକ ଏବଂ ବିକାଶ ବାର୍ଲା କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ।

## ତାଳଚେର-ବିମଳାଗଡ଼ ରେଳପଥ ନିର୍ମାଣ ସମ୍ପୂର୍ଣ୍ଣ ଦାବି

# ସଂଗ୍ରାମ ସମିତିର ଆଇନ ଅମାନ୍ୟ ଆନ୍ଦୋଳନ, ରେଳରୋକୋ

ଲହୁଣୀପଡ଼ା,୩୦।୮ (ଡି.ଏନ୍.ଏ.)

ବହୁ ପ୍ରତୀକ୍ଷିତ ତାଳଚେର-ବିମଳାଗଡ଼ ରେଳପଥ ସମ୍ପୂର୍ଣ୍ଣ କରିବା ନେଇ ତାଳଚେର-ବିମଳାଗଡ଼ ରେଳପଥ ସଂଗ୍ରାମ ସମିତି ଗୁରୁବାର ବିମଳାଗଡ଼ ରେଳଷ୍ଟେଶନଠାରେ ରେଳରୋକୋ କରି ଆଇନ ଅମାନ୍ୟ ଆନ୍ଦୋଳନ କରିଥିଲେ। ଏହି ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସିପିଆଇଏମ୍ ଜିଲା ସମ୍ପାଦକ ପ୍ରମୋଦ ସାମଲ, ତାଳଚେର-ବିମଳାଗଡ଼ ରେଳପଥ ସଂଗ୍ରାମ ସମିତି ଆବାହକ ଅଦ୍ୱୈତ ପ୍ରସାଦ ବିଶ୍ୱାଳ, ସଂଗ୍ରାମ ସମିତି ସଦସ୍ୟ ତଥା ବରିଷ୍ଠ ଭାଜପା ନେତା ହରିହର ରାଉତରାୟ, ରମେଶ ବଳ, ବ୍ୟାସଦେବ ନାଥ, ସିପିଆଇଏମ୍ ସମ୍ପାଦକ ମଣ୍ଡଳୀ ସଭ୍ୟ ବନମାଳୀ ଧୂପାଳ, ବିମାନ ମାଇତି, ସୁରେନ୍ଦ୍ର ନାଥ ଦାସ, ଶ୍ରୀମନ୍ତ ବେହେରା, ଲହୁଣୀପଡ଼ା ବ୍ଲକ ଅଧ୍ୟକ୍ଷ ପଣ୍ଡିତ ମୁଣ୍ଡା, ଗୁରୁଣ୍ଡିଆ ବ୍ଲକ ଅଧ୍ୟକ୍ଷା ବ୍ରିଜନିଆ ଯଜୋ, କୋଇଡ଼ା ବ୍ଲକ ଉପାଧ୍ୟକ୍ଷ ବାବୁଲାମ ମୁଣ୍ଡା, ଜିଲା ପରିଷଦ ସଭ୍ୟ ଗୋପୀନାଥ ମହାନ୍ତ, ଜାମୁଡିହି ସରପଞ୍ଚ ସୁଶୀଳା ମୁଣ୍ଡା, ବିମଳାଗଡ଼ ସରପଞ୍ଚ ଗାଙ୍ଗୀ ସଏ, ସମିତି ସଭ୍ୟା ଶୋଭାଦେବୀ ସାହୁ, ଅଧ୍ୟାପକ ତପନ କୁମାର ଦଣ୍ଡିଆ ପ୍ରମୁଖ ଉପସ୍ଥିତ ଜନସମାବେଶକୁ ଉଦ୍‌ବୋଧନ ଦେଇଥିଲେ। ସମିତି କର୍ମକର୍ତ୍ତା କହିଥିଲେ ଯେ, ତାଳଚେର-ବିମଳାଗଡ଼ ରେଳପଥ ନିର୍ମାଣରେ ରାଜ୍ୟ ଓ କେନ୍ଦ୍ର ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ କରିଥିଲେ। ୧୯୬୯ରେ ରାଉରକେଲା ଛାତ୍ର କ୍ରିୟାନିଷ୍ଠାନ କମିଟି ତାଳଚେର-ବିମଳାଗଡ଼ ରେଳ ସଂଯୋଗ ଦାବି କରି ଐତିହାସିକ ଆନ୍ଦୋଳନ କରିଥିଲେ। ଆନ୍ଦୋଳନକୁ ସବୁ ବର୍ଗର ଲୋକେ ସମର୍ଥନ କରିଥିଲେ। ଏହି ଆନ୍ଦୋଳନ ୧୦ଦିନ ଧରି ଚାଲିଥିଲା। ପରେ କେନ୍ଦ୍ର ସରକାର ପ୍ରକଳ୍ପଟିକୁ ଗ୍ରହଣ କରିଥିଲେ। ଦୀର୍ଘ ୫୦ ବର୍ଷ ପରେ ମଧ୍ୟ ସମୁଦାୟ ୧୪୯.୭ କି.ମି. ମଧ୍ୟରୁ ମାତ୍ର ୨୫ କି.ମି. ରେଳପଥ ନିର୍ମାଣ ହୋଇ ପାରିଥିବା ଅଭିଯୋଗ କରିଥିଲେ। ଅନ୍ୟପକ୍ଷେ ତୁରନ୍ତ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଦାବି କରିଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଜନଆନ୍ଦୋଳନ ଉଗ୍ର ରୂପ ଧାରଣ କରିବ ବୋଲି କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି। ଏହା ପୂର୍ବରୁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ବିମଳାଗଡ଼ ସାପ୍ତାହିକ ବଜାର ଛକରୁ ଶତାଧିକ ଜନସାଧାରଣ ଏକ ଶୋଭାଯାତ୍ରାରେ ବାହାରି ରେଳଷ୍ଟେଶନରେ ପହଞ୍ଚିଥିଲେ। ପରେ ରେଳଧାରଣାରେ ଏକ ମାଲବାହୀ ଟ୍ରେନକୁ ଅଟକ ରଖି ଦୀର୍ଘ ୪ ଘଣ୍ଟା ଧରି ଆଇନଅମାନ୍ୟ ଆନ୍ଦୋଳନ କରିଥିଲେ। କୋଇଡା ତହସିଲଦାର ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିଲେ। ଏପରି କି ଘଟଣାସ୍ଥଳରେ ଲହୁଣୀପଡ଼ା, କୋଇଡା, କେ.ବଲାଙ୍ଗ ଥାନା ଅଧିକାରୀଙ୍କ ସମେତ ରେଳବାଇ ପୋଲିସ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ଫୋର୍ସ ମୃତୟନ କରାଯାଇଥିଲା।



ତାଳଚେର-ବିମଳାଗଡ଼ ରେଳପଥ ସଂଗ୍ରାମ ସମିତି ପକ୍ଷରୁ ବିମଳାଗଡ଼ ରେଳଷ୍ଟେଶନରେ ଏକ ବାଲବାହୀ ଟ୍ରେନକୁ ଅଟକ ରଖିଛନ୍ତି।

## ବ୍ୟବସାୟୀଙ୍କୁ ଆକ୍ରମଣ, ଟଙ୍କା ଲୁଟ୍

ବଡଗାଁ, ୩୦।୮ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡଗାଁର ଜଣେ ବ୍ୟବସାୟୀଙ୍କୁ ବୁଧବାର ରାତି ସାଢ଼େ ୮ଟାରେ ମୁଖାପିନ୍ଧା ୩ ଦୁର୍ବୃତ୍ତ ଆକ୍ରମଣ କରି ୬୦ ହଜାର ଟଙ୍କା ଲୁଟି ନେଇଥିବା ଜଣାପଡିଛି। ଲୁଟର ଶିକାର ହୋଇଥିବା ବ୍ୟବସାୟୀ ଜଣକ ହେଲେ ପ୍ରତିଶ ଅଗ୍ରୱାଲ (୨୯)। ମିଳିଥିବା ସୂଚନା ମୁତାବକ, ପ୍ରତୀଶ ବଡଗାଁ ବସଷ୍ଟାଣ୍ଡଠାରେ ଏକ ରାଶନ ଦୋକାନ କରିଛନ୍ତି। ବୁଧବାର ରାତି ପ୍ରାୟ ସଢ଼େ ୮ଟାରେ ପ୍ରତୀଶ ଦୋକାନ ବନ୍ଦ କରି ସ୍କୁଟି ଯୋଗ ଟେଲିଫୋନ ଏକ୍ସଚେଞ୍ଜ ପଛପଟେ ଥିବା ତାଙ୍କ ଘରକୁ ଆସୁଥିଲେ। ହେଲେ ଘରଠାରୁ କିଛି ଦୂରରେ ପୂର୍ବରୁ ଜଗି ରହିଥିବା ୩ଜଣ ମୁଖାପିନ୍ଧା ଯୁବକ ପ୍ରତୀଶଙ୍କୁ ଅଟକାଇଥିଲେ। ଦୁର୍ବୃତ୍ତମାନେ ପ୍ରତୀଶଙ୍କୁ ଏକ ଠେଙ୍ଗାରେ ମୁଣ୍ଡକୁ ପ୍ରହାର କରିଥିଲେ। ପ୍ରତୀଶ ମଧ୍ୟ ଜଣେ ଯୁବକଙ୍କ ନିକଟରୁ ଠେଙ୍ଗା ଝଡ଼ାଇ ପ୍ରତି ଆକ୍ରମଣ କରିଥିଲେ। ସେତିକିବେଳେ ଅନ୍ୟ ଜଣେ ଯୁବକ ଏକ ଛୁରି ବାହାର କରି ପ୍ରତୀଶଙ୍କୁ ହତ୍ୟା ଧମକ ଦେଇଥିଲେ। ଏଥିରେ ପ୍ରତୀଶ ଭୟଭୀତ ହୋଇପଡିଥିଲେ। ସେତିକିବେଳେ ଅନ୍ୟ ଜଣେ ଯୁବକ ସ୍କୁଟି ଡିକି ଖୋଲି ଟଙ୍କା ବ୍ୟାଗ ବାହାର କରିଥିଲେ। ପରେ ୩ଜଣ ଯୁବକ ଏକ ବାଇକ୍‌ରେ ରାଜଗାଙ୍ଗପୁର ଆଡକୁ ଦୃତ ଗତିରେ ଫେରାର ହୋଇଯାଇଥିଲେ। ଏନେଇ ବଡ଼ଗାଁ ଥାନାରେ ଏକ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ଗୁରୁବାର ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଉଲ୍ଲେଖଯୋଗ୍ୟ, ଗତ ୪ମାସ ମଧ୍ୟରେ ଅଞ୍ଚଳର ବିଭିନ୍ନ ସ୍ଥାନରେ ଲୁଟ୍ ଘଟଣା ଘଟିଥିବା ଅଭିଯୋଗ ହୋଇଛି। ହେଲେ ପୋଲିସ ଦୁର୍ବୃତ୍ତମାନଙ୍କୁ ଧରିବାରେ ବିଫଳ ହୋଇଛି। ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡି କରିବାକୁ ସାଧାରଣରେ ଦାବି ହୋଇଛି। ଏହି ଘଟଣାରେ ବଡଗାଁର କେହି ଜଣେ ସମ୍ପୃକ୍ତ ଥିବା ଚର୍ଚ୍ଚା ହେଉଥିଲା ବେଳେ କିଛି ମାସ ହେଲା ଅଞ୍ଚଳରେ ଅଚିହ୍ନା ଯୁବକଙ୍କ ଗତିବିଧିକୁ ନେଇ ଆଲୋଚନା ହେଉଛି।

## ନୂତନ ମଜୁରି, ସେଲ୍‌ପେନସନ ଓ ୨୦ ପ୍ରତିଶତ ବୋନସ ଦିଅ

ରାଉରକେଲା ଅଫିସ, ୩୦।୮

**ଆର୍‌ଡବ୍ଲ୍ୟୁର ଦାବି**

ଘରୋଇ ଦେଶୀ ବିଦେଶୀ ଉଦ୍ୟୋଗକୁ ସୁହାଇବା ପରି ସରକାରୀ ନୀତି, ପ୍ରତିକୂଳ ପରିସ୍ଥିତି ସହ ସୀମିତ ମାନବ ସମ୍ବଳ, ଶ୍ରମିକ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ଓ ପରିଶ୍ରମ ଯୋଗୁ ରାଉରକେଲା ଇସ୍ପାତ କାରଖାନା ସମେତ କେନ୍ଦ୍ର ଇସ୍ପାତ ଉଦ୍ୟୋଗ ୨୦୧୮-୧୯ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସିକ ରିପୋର୍ଟରେ ୫୪୦କୋଟିରୁ ଊର୍ଦ୍ଧ୍ୱ ଲାଭ କରିଛି। କେବଳ ଏତିକି ନୁହେଁ ଉତ୍ପାଦନ ଓ ଉତ୍ପାଦକତା ସହ ସୃଜନାତ୍ମକ କାର୍ଯ୍ୟ ବ୍ୟତୀତ ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। କିନ୍ତୁ ବିଡ଼ମ୍ବନା ଏହା ଯେ ଯେଉଁ ଶ୍ରମିକଙ୍କ ନିଷ୍ଠାପର ଉଦ୍ୟମ ଯୋଗୁ କ୍ଷତି ସହି ଚାଲିଥିବା ମହାରତ୍ନ କମ୍ପାନୀ ସେଲ୍ ଆଶାତୀତ ସଫଳତା ପାଇଲା ସେହି କମ୍ପାନୀ ଆଜି କର୍ମଚାରୀଙ୍କୁ ପ୍ରତାରିତ କରିବାକୁ ପଛାଉ ନାହିଁ। ଉଭୟ କେନ୍ଦ୍ର ସରକାର ଓ ସେଲ୍ କର୍ତ୍ତୃପକ୍ଷଙ୍କ ଅଣଦେଖା ମନୋଭାବର ଶିକାର ହୋଇଛନ୍ତି ଶ୍ରମିକ ଶ୍ରେଣୀ। ଏମାନଙ୍କ ଆର୍ଥିକ କ୍ଷତି ସାଙ୍ଗକୁ ପାରିବାରିକ ଜୀବନ ଏବେ ବଡ଼ ଆହ୍ୱାନର ସମ୍ମୁଖୀନ ହୋଇଛି ବୋଲି ରାଉରକେଲା ୱାର୍କର୍ସ ୟୁନିୟନ (ଆର୍‌ଡବ୍ଲ୍ୟୁ) ପକ୍ଷରୁ ଅଭିଯୋଗ କରାଯାଇଛି। ବାରମ୍ବାର ଦାବି ସତ୍ତ୍ୱେ ନୂତନ ମଜୁରି ଚୁକ୍ତିନାମା, ପେନସନ ଓ ବୋନସ ଆଦି ସମସ୍ୟାର ସମାଧାନ କରାଯାଉନି। ରାଉରକେଲା ଇସ୍ପାତ ସହରାଞ୍ଚଳ ରାସ୍ତାଘାଟ, ଆବାସିକ କଲୋନୀ ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ଏଗୁଡ଼ିକର ରକ୍ଷଣାବେକ୍ଷଣ ନେଇ କର୍ତ୍ତୃପକ୍ଷ ଆଦୌ ଧ୍ୟାନ ଦେଉନାହାନ୍ତି। ଆଇଜିଏଚ୍‌କୁ ସୁପର ସ୍ପେଶିଲିଟି ହସ୍ପିଟାଲ ଓ ମେଡିକାଲ କଲେଜ ନେଇ ଭୁଆଁ ବୁଲାଯାଉଛି। ଏବେ ଏହି ମେଡିକାଲରେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ବୋଲି କହିଛି ୟୁନିୟନ। ସମାନ ଅବସ୍ଥାରେ କାରଖାନା ପ୍ରତି ଅଣଦେଖା ମନୋଭାବ କର୍ମଚାରୀ ସମସ୍ୟାକୁ ଦ୍ୱିଗୁଣିତ କରିଛି। ବାରମ୍ବାର ଆର୍‌ଏସ୍‌ପିରେ ଦୁର୍ଘଟଣା ଘଟିବା ସହ ଧନଜୀବନ ହାନି ହେବାରେ ଲାଗିଛି। ସୁରକ୍ଷା ଦିଗ ପ୍ରତି ସମ୍ପୂର୍ଣ୍ଣ ଅଣଦେଖା କରୁଥିବା ଆର୍‌ଏସ୍‌ପି କର୍ତ୍ତୃପକ୍ଷ ଏନେଇ କର୍ମଚାରୀଙ୍କୁ ଦାୟୀ କରି ନିଜ ଦାୟିତ୍ୱରୁ ଓହରି ଯାଉଛନ୍ତି। ଠିକା ଶ୍ରମିକ ନିଯୁକ୍ତି ବଦଳରେ ସ୍ଥାୟୀ ନିଯୁକ୍ତି, ଖାଲି ପଦବୀ ପୂରଣ, ନୂତନ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ଟ୍ରେନିଂ ବାତିଲ ନେଇ ଆର୍‌ଡବ୍ଲ୍ୟୁ କାର୍ଯ୍ୟକାରିଣୀ ବୈଠକରେ ଦୃଢ଼ ଦାବି କରାଯାଇଛି। ସଂଗଠନର ସାଧାରଣ ସମ୍ପାଦକ ସତ୍ୟପ୍ରିୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅଜିତ ନାୟକ, ଗିରିଜାନନ୍ଦନ ତ୍ରିପାଠୀ, ଅଜୟ ମହାନ୍ତି, ଶ୍ରୀନିବାସ ସେଠୀ, ବୀରେନ ନାୟକ, ସୁବାସ ଦଣ୍ଡପାଟ, ଧୋବେଇ ବେହେର, ଶେଖ ଇସଲାମ, ଗଣେଶ ବେହେରା, ଶଙ୍କର ପାତ୍ର, ମାର୍କଣ୍ଡ ଦାସ, ଆଲୋକ ବେହେରା, ସୂର୍ଯ୍ୟନାରାୟଣ ପଣ୍ଡା, ବାଇଧର ପ୍ରଧାନ ଓ କିଶୋର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜଗାଙ୍ଗପୁର ପୌର ପରିଷଦରେ ଦୁର୍ନୀତି ଅଭିଯୋଗ

# ଭାଜପା ପକ୍ଷରୁ ସ୍ମାରକପତ୍ର ପ୍ରଦାନ

ରାଜଗାଙ୍ଗପୁର, ୩୦।୮ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପୌରପରିଷଦ ପକ୍ଷରୁ ହୋଇଥିବା ବିଭିନ୍ନ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଦାବିରେ ରାଜଗାଙ୍ଗପୁର ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ରାଜଗାଙ୍ଗପୁର ପୌରପରିଷଦ ଇଓ ଏବଂ ରାଜଗାଙ୍ଗପୁର ତହସିଲଦାର ଲଲାଟ କୁମାର ଲୋହାଙ୍କୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ରାଜଗାଙ୍ଗପୁର ଭାଜପା ପ୍ରଭାରୀ ଗିରିଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ରାଜଗାଙ୍ଗପୁର ଭାଜପା କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ପୌରପରିଷଦରେ ଦୁର୍ନୀତି ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲା। ପରେ ଭାଜପା କର୍ମକର୍ତ୍ତାମାନେ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ରାଜଗାଙ୍ଗପୁର ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବା ଆନ୍ଦୋଳନ କରାଯିବ ବୋଲି ଭାଜପା ପ୍ରଭାରୀ ସାହୁ ଚେତାବନୀ ଦେଇଛନ୍ତି। ଏନେଇ ରାଜଗାଙ୍ଗପୁର ତହସିଲଦାର ଲୋହାଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ଏଥିରେ ଭାଜପା ରାଜଗାଙ୍ଗପୁର ସଭାପତି ଶ୍ରୀଧର ସ୍ୱାଇଁ, ମହେନ୍ଦ୍ର ମାଝି, ଉପେନ୍ଦ୍ର ପ୍ରଧାନ, ଶଶିରେଖା ସାମଲ, କାଂସବାହାଲ ସଭାପତି ସୁରେନ୍ଦ୍ର ଦେହୁରି, କୁତ୍ରା ସଭାପତି ଜୁନାସ ଲୁଗୁନ, ଜିଲା ସରପଞ୍ଚଙ୍କ ସଭାପତି ନୃସିଂହ ମିଞ୍ଜ, ଜାମପାଲି ସଭାପତି ମୁଣୀ ଟପ୍ପୋ, ନାରାୟଣ ପ୍ରସାଦ ମୋଦି, ସୁନୀଲ ଅଗ୍ରୱାଲ, ମଧୁସ୍ମିତା ରାଉତ, ରାଜେନ୍ଦ୍ର ପୁରୋହିତ, ସପ୍ନା ମିଞ୍ଜ, ଶଙ୍କର ମାଝି, ହେମନ୍ତ ସିଂ, ଧୀରଜ ମିତ୍ତଲ, ରାଜନ ସୋନି, କୁନ୍ଦନ ରାମଙ୍କ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।



ଭାଜପା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଅବକାରୀ ବିଭାଗର ଚଢ଼ାଉ: ୮୩ ଲିଟର ଦେଶୀ ମଦ ଜବତ, ୯ ଗିରଫ

ରାଜଗାଙ୍ଗପୁର,୩୦।୮ (ଡି.ଏନ.ଏ)

ରାଜଗାଙ୍ଗପୁର ଅବକାରୀ ବିଭାଗ ପକ୍ଷରୁ କୁତ୍ରା ଓ ରାଜଗାଙ୍ଗପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ୮୩ ଲିଟର ଦେଶୀ ମଦ ଜବତ ସହ ୯ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ କୁତ୍ରା ବ୍ଲକର ତେଲିଘଣା ଗ୍ରାମର ପରମେଶ୍ୱର ଜୟପୁରି, ସୁନିଲ ସମରିଆ, ଲକ୍ଷ୍ମୀପୋସ ଗ୍ରାମର ଶୁକ୍ରା ଟପ୍ପୋ, ଆଲବିସିଆ ବାର୍ଲା, ତରକେରାର ନରସିଂହ ମାଝି, ଖତକୁରବାହାଲର ରାମଚନ୍ଦ୍ର, ଅଲଣ୍ଡାର ରାଜେଶ ମହାନନ୍ଦିଆ, କାଂସବାହାଲର ଲକ୍ଷ୍ମୀ କିଣ୍ଡୋ, ଲାଲଚନ୍ଦ ସିଂହ। ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଲକ୍ଷ୍ମୀକାନ୍ତ ପରିଡାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଇନ୍ସପେକ୍ଟର ଇନ୍ଦ୍ରଜିତ ସାହୁଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ରଞ୍ଜିତ ପଟେଲ, ଏଏସ୍‌ଆଇ ଅଶୋକ କୁମାର ପଟେଲ, ରବୀନ୍ଦ୍ର କୁମାର ପ୍ରଧାନ, କନେଷ୍ଟବଲ ଚନ୍ଦ୍ରଶେଖର ଖଣ୍ଡା, ସୁଶାନ୍ତ କୁମାର ପଟେଲ, ମହିଳା କନେଷ୍ଟବଲ ସାବିତ୍ରୀ ଦେଇ ପ୍ରମୁଖ ଚଢାଉରେ ସାମିଲ ଥିଲେ।

## ଖାଉଟି ସୁରକ୍ଷା ଦୁର୍ନୀତି ନିବାରଣ ମଞ୍ଚ ପକ୍ଷରୁ ବିକ୍ଷୋଭ, ସ୍ମାରକପତ୍ର ପ୍ରଦାନ

ସୁନ୍ଦରଗଡ଼,୩୦।୮ (ଡି.ଏନ୍.ଏ.)

ଜିଲା ଖାଉଟୀ ସୁରକ୍ଷା ଓ ଦୁର୍ନୀତି ନିବାରଣ ମଞ୍ଚ ପକ୍ଷରୁ ଗୁରୁବାର ସ୍ଥାନୀୟ ଡିଆରଡିଏ ଛକଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପରେ ପୌରପାଳିକା, ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟ ଓ ସଦର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଶତାଧିକ ମହିଳାପୁରୁଷ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଡିଆରଡିଏ ଛକରେ ମଞ୍ଚ ପକ୍ଷରୁ ଅନୁଷ୍ଠିତ ସାଧାରଣ ବୈଠକରେ ସଭାପତି ତଥା ବରିଷ୍ଠ ଆଇନଜୀବୀ ଶ୍ୟାମସୁନ୍ଦର ମିଶ୍ର, ସାଧାରଣ ସମ୍ପାଦକ ବୈରାଗୀ ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇ କେତେଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀ ସରକାରୀ ପାଇକାରୀ ଦୋକାନ ମୈତ୍ରୀ ସଂସ୍ଥାକୁ ବନ୍ଦ କରି ଡିଲର ଓ ଏସ୍‌ଏଚ୍‌ଜି ଗ୍ରୁପ ହାତରେ ଖାଉଟି ସାମଗ୍ରୀ ବଣ୍ଟନ ବ୍ୟବସ୍ଥାକୁ ଟେକି ଦେବା ଷଡଯନ୍ତ୍ରକୁ ନିନ୍ଦା କରିଥିଲେ। ଏହି ମର୍ମରେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ବିକ୍ଷୋଭ ସମାବେଶରେ କୋଷାଧ୍ୟକ୍ଷ ପ୍ରଦୀପ ପାଣଗ୍ରାହୀ, ସବିତା ସାହୁ, ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ, ନିରୁପମା ସରାଫ୍, ସୁକାନ୍ତି ଭୋଇ, ମନ ସାହୁ, ଭୁଲୁକି ସେଠ୍, ନନ୍ଦିନୀ ରାଉତ, ସୁକାନ୍ତି ରକ୍ସା, କମଳିନୀ ରକ୍ସା, ସବିତା ରୋହିଦାସ ନେତୃତ୍ୱ ନେଇଥିଲେ।

## ଜୁଆଆଡ୍ଡା ଉପରେ ପୋଲିସର ଚଢ଼ାଉ

# ୧୪ ବାଇକ୍ ଜବତ, ୫ ଗିରଫ

କୁତ୍ରା,୩୦।୮ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅଧୀନ ଖତକୁରବାହାଲ ଗ୍ରାମରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ଗୁରୁବାର କୁତ୍ରା ପୋଲିସ ଚଢ଼ାଉ କରି ୫ ଜୁଆଡିଙ୍କୁ ଗିରଫ କରିଛି। ସେମାନେ ହେଲେ ସୂର୍ଯ୍ୟ କୁମାର ସିଂ, ରାଜୁ ବରୁଆ, ବିକ୍ରମ ଟପ୍ପୋ, ଶିବ ବରୁଆ, ରଞ୍ଜିତ ଲହରି। ପୋଲିସ ଘଟଣାସ୍ଥଳରୁ ୧୪ଟି ବାଇକ୍ ସହ ତାସପତ୍ତା ଜବତ କରିଛି। ଅନ୍ୟପକ୍ଷେ ଚଢ଼ାଉ ବେଳେ ଜୁଆଡିମାନେ ପୋଲିସ ଉପରକୁ ପଥରମାଡ଼ କରିଥିଲେ। ଫଳରେ ଗାଡି ଡ୍ରାଇଭର ହେମନ୍ତ ନାୟକ ଆହତ ହୋଇଥିବା ଜଣାପଡିଛି। ଏନେଇ କୁତ୍ରା ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**ପଥର ମାଡ଼ରେ ଡ୍ରାଇଭର ଆହତ**

# ପୋଖରୀ ଖୋଳିବା ନେଇ ଗଛକଟା, ଉତ୍ତେଜନା

ନୂଆଗାଁ, ୩୦।୮ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ହାତିବାରୀ ଥାନା ଅଧୀନ ଲିମଡ଼ା ପଞ୍ଚାୟତ ଅନ୍ତର୍ଗତ ଚୁଆଁବାହାଲ ଗ୍ରାମରେ ପୋଖରୀ ଖୋଳିବାକୁ ନେଇ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ପ୍ରରୋଚନାରେ କେତେଜଣ ଯୁବକ ଶତାଧିକ ଗଛ କାଟି ଦେବା ଘଟଣାକୁ ନେଇ ଗୁରୁବାର ଉତ୍ତେଜନା ପରିସ୍ଥିତି ଦେଖାଦେଇଥିଲା। ନୂଆଗାଁ ଫାଣ୍ଡି ଅଧିକାରୀ, ହାତିବାରୀ ଥାନା ଅଧିକାରୀ, ନୂଆଗାଁ ବିଡିଓ ତୃପ୍ତି ବାରାଇ, ନୂଆଗାଁ ବ୍ଲକ ଅଧ୍ୟକ୍ଷ ମଖଲୁ ଏକ୍କା ପ୍ରମୁଖ ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏନେଇ ନୂଆଗାଁ ବିଡିଓ ବରାଇଙ୍କୁ ପଚାରିବାରୁ ସେ କହିଲେ ଯେ, ବିବାଦୀୟ ଜମିକୁ ଯିବାକୁ ଜନସାଧାରଣଙ୍କୁ ମନା କରାଯାଇଛି। ଏନେଇ ବ୍ଲକ ପ୍ରଶାସନ ପକ୍ଷରୁ ଜିଲାପାଳଙ୍କୁ ଏନେଇ ରିପୋର୍ଟ ପ୍ରଦାନ କରାଯିବ। ପରେ ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ହାତିବାରୀ ଥାନା ଅଧିକାରୀ ଶ୍ୟାମଲାଲ ଓରାମ, ନୂଆଗାଁ ଫାଣ୍ଡି ଅଧିକାରୀ କୈଳାଶ ଚନ୍ଦ୍ର ନାଏକ ପ୍ରମୁଖ ଗାଁ ଲୋକଙ୍କୁ ଉକ୍ତ ବିବାଦୀୟ ଜମିକୁ କୌଣସି ପରିସ୍ଥିତିରେ ନ ଯିବାକୁ ପରାମର୍ଶ ଦେଇଛନ୍ତି । ଏପରି କି ଘଟଣାସ୍ଥଳରେ ୧୪୪ ଧାରା ଜାରି କରାଯିବ ବୋଲି ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ମୁତାବକ, ଗତ ଦେଢ଼ ବର୍ଷ ତଳେ ଲିମଡ଼ା ପଞ୍ଚାୟତର ଚୁଆଁବାହାଲ ଗ୍ରାମରେ ଏକ ପୋଖରୀ ନିର୍ମାଣ ପାଇଁ ବ୍ଲକ ପକ୍ଷରୁ ପ୍ରସ୍ତାବ ସୁନ୍ଦରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପଠାଯାଇଥିଲା। ଉନ୍ନୟନ ବିଭାଗ ପକ୍ଷରୁ ପ୍ରସ୍ତାବ ମଞ୍ଜୁର ହେବା ପରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହାକୁ ଜନୈକ ଠିକାଦାର ଜଣକ ପାଇଥିଲେ । ତେବେ ଗାଁରେ ଜମି ସମସ୍ୟା ଥିବାରୁ ଲିମଡ଼ା ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ଓ ନୂଆଗାଁ ଆର୍‌ଆଇ ପ୍ରମୁଖ ଚୁଆଁବାହାଲ ଯାଇ ସରକାରୀ ଜମି ଦେଖି ଆସିଥିଲେ। ହେଲେ ସେହି ସମୟରେ କୁଆଡେ ସେଠାରେ ଗଛ ନ ଥିଲା ତେଣୁ ସେଠାରେ ପୋଖରୀ ଖୋଳାଯିବ ବୋଲି ପ୍ରସ୍ତାବ ଦିଆଯାଇଥିଲା ବୋଲି ସହକାରୀ ଯନ୍ତ୍ରୀ ମନୋରଞ୍ଜନ ହାଁସଦା କହିଛନ୍ତି। ଇତି ମଧ୍ୟରେ ସେଠାରେ ଗଛଗୁଡ଼ିକ ବଡ ବଡ ହେବା କିମ୍ବା ଉକ୍ତ ଜମିଟି ବିବାଦୀୟ ବୋଲି ଜାଣି ସେ ନ ଥିବା କହିଛନ୍ତି। ଏପରି କି ଗଛ କାଟିବାକୁ କାହାରିକୁ କହି ନ ଥିବା ସେ କହିଛନ୍ତି। ଅନ୍ୟପକ୍ଷେ କାମ ନେଇଥିବା ଠିକାଦାର ଜଣକ କିଛି ଦିନ ତଳେ ନୂଆଗାଁ ଅଞ୍ଚଳର କିଛି ଯୁବକଙ୍କ ସମର୍ଥନରେ ଚୁଆଁବାହାଲ ଗ୍ରାମର ବଡକାଟୋଲୀବସ୍ତିର ଲୋକଙ୍କୁ ନେଇ ଗଛଗୁଡ଼ିକୁ କାଟି ଦେଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଗଛ କଟାକୁ ଚୁଆଁବାହାଲ, ଡହୁଟୋଲା ଲୋକେ ବିରୋଧ କରିଛନ୍ତି । ଗଛ କଟାକୁ ନେଇ ଚୁଆଁବାହାଲ ଡହୁଟୋଲା ବସ୍ତିର ଲୋକେ ବୀରମିତ୍ରପୁର ରେଞ୍ଜରଙ୍କୁ ଖବର ଦେଇଥିଲେ। ଖବର ପାଇ ରେଞ୍ଜର ଆର୍‌କେ ଦାଶ ଘଟଣାସ୍ଥଳରେ ପହଞ୍ଚି କଟାଯାଇଥିବା ଗଛଗୁଡ଼ିକୁ ଜବତ କରିଛନ୍ତି। ତେବେ ସମ୍ପୃକ୍ତ ଜମି ଜଙ୍ଗଲ ବିଭାଗର ହୋଇ ନ ଥିବାରୁ ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ରାଜସ୍ୱ ବିଭାଗ ପକ୍ଷରୁ ନିଆଯିବ ବୋଲି କହିଥିଲେ। ବୀରମିତ୍ରପୁର ତହସିଲଦାର ଘଟଣା ସଂକ୍ରାନ୍ତରେ ଅବଗତ ଥିବା କହିଛନ୍ତି। ଗଣ୍ଡଗୋଳକୁ ଆଶଙ୍କା କରି ନୂଆଗାଁ ଫାଣ୍ଡି ଅଧିକାରୀ, ହାତିବାରୀ ଥାନା ଅଧିକାରୀ, ନୂଆଗାଁ ବିଡିଓ ଓ ବ୍ଲକ ଅଧ୍ୟକ୍ଷ ଚୁଆଁବାହାଲ, ଡହୁଟୋଲା ଏବଂ ବଡକାଟୋଲାର ଲୋକଙ୍କୁ ଡାକି ପୁଣି ଆଲୋଚନା କରିଛନ୍ତି। ଏବଂ ସେହି ସ୍ଥାନକୁ କେହି ନ ଯିବାକୁ ବାରଣ କରିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯେ, ୫ଲକ୍ଷ ଟଙ୍କାର ପୋଖରୀ ପାଇଁ ଡହୁଟୋଲା ଗ୍ରାମ୍ୟଝୁଙ୍ଗୁରୀର ଶହ ଶହ ଗଛ କଟାଯିବା ପଛରେ ଉଦ୍ଦେଶ୍ୟ କ'ଣ । କାହା ଇଙ୍ଗିତରେ ଏସବୁ ଗଛ କଟାଗଲା, ସରକାର ବନୀକରଣ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ପୋଖରୀ ପାଇଁ ଶହ ଶହ ଗଛ କାଟିବା କେତେଦୂର ଯୁକ୍ତିଯୁକ୍ତ ତାହା ତଦନ୍ତ ସାପେକ୍ଷ ବୋଲି ପରିବେଶବିତ ମହଲରେ ଦାବି ହୋଇଛି।





ହାତିବାରୀ ଥାନା ଅଧୀନ ଲିମଡ଼ା ପଞ୍ଚାୟତ ଚୁଆଁବାହାଲ ଗ୍ରାମର ଏକ ସରକାରୀ ଜାଗାରୁ ଗଛ କଟା ଯାଉଛି। (ବାମ) ପୋଲିସ ଅଧିକାରୀମାନେ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛନ୍ତି।

- କଟା ଗଛ ଜବତ କଲା ବନ ବିଭାଗ
- ପୋଖରୀ ଖୋଳା ପାଇ ବ୍ଲକରୁ ମିଳିଥିଲା କାର୍ଯ୍ୟାଦେଶ
- ୫ଲକ୍ଷ ଟଙ୍କାର ପୋଖରୀ ପାଇଁ ବଳି ପଡିଲା ଶତାଧିକ ଗଛ
- ଗଛ କାଟିଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି
- ବ୍ୟାପକ ପୋଲିସ ମୁତୟନ

**କେରଳ ବନ୍ୟାପୀଡିତାଙ୍କ ପାଇଁ ସହାୟତା ପ୍ରଦାନ**

କଳାହାଣ୍ଡି ଜିଲା କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ କେରଳ ବନ୍ୟାପୀଡିତାଙ୍କ ପାଇଁ ୫୦ ହଜାର ଟଙ୍କାର ଚେକ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫାଣ୍ଡିକୁ ପଠାଯାଇଛି ।

## ସଂକ୍ଷେପରେ



## କେରଳ ବନ୍ୟାପୀଡିତାଙ୍କ ପାଇଁ ସହାୟତା ପ୍ରଦାନ

କେସିଙ୍ଗା,୩୦।୮(ଡି.ଏନ.ଏ.)
କଳାହାଣ୍ଡି ଜିଲା କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ କେରଳ ବନ୍ୟାପୀଡିତାଙ୍କ ପାଇଁ ୫୦ ହଜାର ଟଙ୍କାର ଚେକ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫାଣ୍ଡିକୁ ପଠାଯାଇଥିବା ଜଣାପଡିଛି । ଏହି ଅବସରରେ ଗୁରୁବାର ଏନଏସିର ସଦଭାବନା ସଭା ଗୃହରେ ଏକ ଖବରଦାତା ସମ୍ମିଳନୀରେ ଅଧକ୍ଷା ତପସ୍ଵିନୀ ମାଝିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । କେସିଙ୍ଗା ଏନଏସିର ବିଭିନ୍ନ ସମସ୍ୟା ରାସ୍ତାଘାଟ, ଟ୍ରାଫିକ ସମସ୍ୟା, ନୂତନ ଶୌଚାଳୟ ଉଦଘାଟନ, ପାନୀୟ ଜଳ, ବସଷ୍ଟାଣ୍ଡର ଉନ୍ନତିକରଣ, ବିଦ୍ୟୁତ ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା । ଏଥିରେ ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର, ଉପାଧକ୍ଷା ଗୋବିନ୍ଦ ବନଛୋର, ସମସ୍ତ କାଉନସିଲର ବୃନ୍ଦ ସମେତେ ସମସ୍ତ ଗଣମାଧମ ପ୍ରତିନିଧି ଉପସ୍ଥିତ ଥିଲେ । ପଲିଥିନ ବ୍ୟବହାର ନିଷିଦ୍ଧ ବିଷୟରେ ଜନସଚେତନା ସୃଷ୍ଟି କରିବା ଉପରେ ମଧ ଆଲୋଚନା କରାଯାଇଥିଲା । ଉପାଧକ୍ଷା ଗୋବିନ୍ଦ ବନଛୋର ଧନ୍ୟବାଦ ଦେଇଥିଲେ ।

# ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ

ଜୁନାଗଡ,୩୦।୮(ସ୍ୱ.ପ୍ର.)

ଜାତୀୟ କ୍ରୀଡା ଦିବସ ଅବସରରେ ଜୁନାଗଡ ବ୍ୟାଡମିଣ୍ଟନ ସଂଘ ପକ୍ଷରୁ ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମଠାରେ ଦୁଇ ଦିନିଆ ବ୍ୟାଡମିଣ୍ଟନ ପ୍ରତିଯୋଗୀତା ଉଦ୍ୟାପିତ ହୋଇଯାଇଛି। ଜୁନାଗଡ ବିଡିଓ ପରମବ୍ରହ୍ମ ଯୋଷୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ତହସିଲଦାର ଉପେନ୍ଦ୍ର ଲୁହା, ସଂଘ ଉପଦେଷ୍ଟା ସଦସ୍ୟ ସରୋଜ ଭୋଇ, ସାମାଜିକ କର୍ମୀ ମହମ୍ମଦ ଜାଫର ଉପସ୍ଥିତ ଥିଲେ। ଏଥିରେ ପୁରୁଷ ଡବଲରେ ସମୀର ସାହୁ ଓ ଉମେଶ ଜୈନ ଚାମ୍ପିୟନ ହୋଇଥିବା ବେଳେ ସୌରଭ ସାହାଣି ଓ ସନ୍ଦିପ ମିଶ୍ର ରନର୍ସଅପ, ମହିଳା ସିଙ୍ଗଲରେ ଚୁମକି ଭଞ୍ଜ ଚାମ୍ପିୟନ, ପ୍ରଜ୍ଞାପରିମିତା ସୋନୀ ରନର୍ସଅପ ହୋଇଛନ୍ତି । ୧୩ ବର୍ଷରୁ କମ ବର୍ଗ ପୁରୁଷରେ ସୌମିନ ଅଭିଷେକ ଚାମ୍ପିୟନ, ପିୟୁଷ ମିଶ୍ର ରନର୍ସଅପ, ମହିଳା ସିଙ୍ଗଲରେ ଆରୁଚି ଅଭିଲାଷା ଚାମ୍ପିୟନ, ଅନ୍ୱେଶା ବେହେରା ରନର୍ସଅପ ହୋଇଛନ୍ତି । ପୁରୁଷ ଡବଲରେ ମୋହିତ ବର୍ମା ଓ ସାଇଦୀପ ଧଙ୍ଗଡାମଝି ଚାମ୍ପିୟନ, ପିୟୁସ ମିଶ୍ର ଏବଂ ଭାରତ ସୁନାନୀ ରନର୍ସଅପ, ୧୭ ବର୍ଷରୁ କମ ବର୍ଗ ପୁରୁଷ ସିଙ୍ଗଲରେ ନିହାଲ ଆଲମ ଚାମ୍ପିୟନ ଓ ଦେବେସ ପଣ୍ଡା ରନର୍ସଅପ ହୋଇଥିବା ବେଳେ ଡବଲରେ ନିହାଲ ଆଲମ ଏବଂ ଅଭିନବ ଗୋଏଲ ଚାମ୍ପିୟନ, ଦେବେଶ ପଣ୍ଡା ଶଙ୍କର ବନସଲ ରନର୍ସଅପ ହୋଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲା ବ୍ୟାଡମିଣ୍ଟନ ସଂଘ ସଭାପତି ମନୋରଞ୍ଜନ ଦାଶ, ସମ୍ପାଦକ ଦେବରାଜ ଛତ୍ରିଆ ଉପସ୍ଥିତ ଥିବା ବେଳେ ଜୁନାଗଡ ସଂଘ ସଭାପତି ସମିର ସାହୁଙ୍କ ସଭାପତିତ୍ୱରେ ସରୋଜ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଏହାକୁ ନରେଶ ସୁନାନୀ, ମାନସ ସାହୁ, ରଜନୀକାନ୍ତ ଦାସ, ଯମୁନା ବେହେରା, ତାନୀୟା ପ୍ରମୁଖ ସହଯୋଗ କରିଥିଲେ।




ଚାମ୍ପିୟନ ଖେଳାଳିଙ୍କ ସହିତ ଅତିଥି ବୃନ୍ଦ ।

## ବେହେରାରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

କୋକସରା,୩୦।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ଗାଁରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଛି। ରାସ୍ତା କଡର ଡ୍ରେନ ପୋତି ହେବା ସହ ସ୍ଥାନେ ସ୍ଥାନେ ଆବର୍ଜନା ରଖାଯାଇ ଥିବାରୁ ବର୍ଷା ଓ ବ୍ୟବହାର ପାଣି ରାସ୍ତାରେ ବୋହୁଥିବା ଦେଖିବାକୁ ମିଳିଛି। ଏ ନେଇ ଗ୍ରାମବାସୀ ବିଭିନ୍ନ ସମୟରେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଜଣାଉଥିଲେ ବି ନାମକୁ ମାତ୍ର ଡ୍ରେନ ସଫା କରି ଚୁପ ରହୁଥିବାରୁ ଗାଁରେ ଆସନ୍ତୋଷ ଦେଖାଦେଇଛି। ଫଳରେ ଗାଁର ଥିବା ସବୁ ରାସ୍ତାରେ ଗମନାଗମନ ସମସ୍ୟା ଦେଖା ଦେଇଛି ବୋଲି ଗ୍ରାମବାସୀ କହିଛନ୍ତି। ତୁରନ୍ତ ପଞ୍ଚାୟତ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ବେହେରା ଗାଁର ପରିମଳ ସମସ୍ୟା ଦୂର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବେହେରା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗଜାନନ ପୋଢଙ୍କୁ ପଚାରିବାରୁ ଗାଁର ମୁଖ୍ୟ ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ରହିଥିବାରୁ କୌଣସି ମରାମତି ହୋଇପାରୁନାହିଁ। ଅନ୍ୟପଟେ ଗାଁ ଭିତରେ ଥିବା ସବୁ ଡ୍ରେନଗୁଡିକର ମଇଳା ଓ ଆବର୍ଜନା ସଫା କରାଯାଇଛି। ଲୋକେ ସଚେତନ ରହୁ ନ ଥିବାରୁ ଘରର ବ୍ୟବହାର ପାଣି ରାସ୍ତା ଉପରେ ଛାଡି ଦେବା ସହ ରାସ୍ତା କଡରେ ଘର ତିଆରି ସାମଗ୍ରୀ ଓ ଆବର୍ଜନା ଗଦାଇ ରଖିଥିବାରୁ ବେହେରା ଗାଁରେ ପରିମଳ ସମସ୍ୟା ଦେଖା ଦେଇଛି ବୋଲି ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପୋଢ ପ୍ରକାଶ କରିଛନ୍ତି।

### ଅଟଳଜୀଙ୍କ ଚିତାଭସ୍ମ ସଜ୍ଜିତ ରଥକୁ ସବୁଠି ସ୍ୱାଗତ

# ବେଲଖଣ୍ଡି ଶିବମନ୍ଦିର ତ୍ରିବେଣୀ ସଙ୍ଗମସ୍ଥଳରେ ବିସର୍ଜନ

ଭବାନୀପାଟଣା/ଦୁଣ୍ଡଲା/କର୍ଲାମୁଣ୍ଡା/ନର୍ଲା/କୋକସରା,୩୦।୮ (ଡି.ଏନ.ଏ.)

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ଅଟଳବିହାରୀ ବାଜପେୟୀଜୀଙ୍କ ଅସ୍ଥିକଳସ ଶୋଭାଯାତ୍ରା ଗୁରୁବାର ଜିଲା ଭାଜପା କାର୍ଯ୍ୟାଳୟରୁ ବାହାରି ଭବାନୀପାଟଣା ନଗର ପରିକ୍ରମା କରି ଦେପୁର, ଛତିକୁଡା, ନର୍ଲା, ମ.ରାମପୁର ଦେଇ ବେଲଖଣ୍ଡି ଶିବମନ୍ଦିର ନିକଟସ୍ଥ ତ୍ରିବେଣି ସଙ୍ଗମ ସ୍ଥଳ (ତେଲ ଓ ଉତେଇ ନଦୀ ସଙ୍ଗମସ୍ଥଳ) ଅସ୍ଥି କଳସ ବିସର୍ଜନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ପ୍ରଦୀପ୍ତ କୁମାର ନାଏକ, ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ଉପସଭାପତି ବଦ୍ରୀ ପଟ୍ଟନାୟକ, ଜିଲା ପରିଷଦ ଅଧ୍ୟକ୍ଷା ନମିତା ସାହୁ, ରାଷ୍ଟ୍ରୀୟ ପରିଷଦ ସଦସ୍ୟ ଭବେନ୍ଦ୍ର ପଣ୍ଡା, ରାଜ୍ୟ କାର୍ଯ୍ୟ କାରିଣି ସଦସ୍ୟ ଆର୍ତ୍ତତ୍ରାଣ ମହାପାତ୍ର, ପୂର୍ବତନ ସଭାପତି ଦେବେନ୍ଦ୍ର ମହାନ୍ତି, ନଗର ସଭାପତି ପ୍ରେମନାଥ ନାଏକ, ସାଧାରଣ ସମ୍ପାଦକ ଆଜୟ ପାଣିଗ୍ରାହୀ, ଯୁଗଳ ପୋଢ, ଭବାନୀପାଟଣା ବ୍ଲକ ଅଧ୍ୟକ୍ଷା ସନ୍ତୋଷୀ ଦାଶ, ପୁଷ୍ପାଞ୍ଜଳି ତାଣ୍ଡି, ଭାରତ ଦେଓ, ମିଡିଆ ସେଲର ଜିଲା ସଂଯୋଜକ ପ୍ରଦୀପ କୁମାର ବିହାରଙ୍କ ସମେତ ଶତାଧିକ ଭାଜପା କର୍ମକର୍ତ୍ତା, ସଭ୍ୟାସଭ୍ୟ ଅଂଶଗ୍ରହଣ କରିଥିଲେ । ସୂଚନାଯୋଗ୍ୟ ଯେ, ଅଟଳଜୀଙ୍କ ଚିତାଭସ୍ମ ସଜ୍ଜିତ ରଥ ସକାଳେ ଜିଲା ଭାଜପା ଅଫିସଠାରୁ ବାହାରି କୋକସରାରେ ପହଞ୍ଚିଥିଲା । ସେଠାରେ ଭାଜପା କର୍ମକର୍ତ୍ତା ସହ ବ୍ଲକ ଅଧକ୍ଷା ସବ୍ୟାରାଣୀ ବାଗ, ସାମାଜିକ କର୍ମୀ ଘାସିରାମ ପାଢଯୋଷୀ, ଗରୁଡଧ୍ୱଜ ମାଝି, ରାମଚନ୍ଦ୍ର ପାଣିଗ୍ରାହୀ, ପ୍ରମୋଦ ପଣ୍ଡା, କେଶରି ନାଏକଙ୍କ ସମେତ ଗ୍ରାମବାସୀ ସ୍ୱାଗତ କରିବା ସହ ଶେଷ ଦର୍ଶନ କରିଥିଲେ । ପରେ ଲଡୁଗାଁ, ବାନେର ହୋଇ ଜୟପାଟଣା ଯାଇଥିଲା । ସେହିପରି ନର୍ଲାରେ ପହଞ୍ଚିବା ପରେ ନର୍ଲା ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ କିଶୋର ଚନ୍ଦ୍ର ତ୍ରିପାଠୀଙ୍କ ନେତୃତ୍ୱରେ ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ ଏହାକୁ ଭବ୍ୟ ସ୍ୱାଗତ କରିଥିଲେ । ଭାଜପା ନର୍ଲା ସଭାପତି ସରୋଜ ବୁଦ୍ଧିଆ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ମନ୍ମୟ ଚାନ୍ଦ, ବିଷ୍ଣୁ ଚରଣ ବଡପଣ୍ଡା, ବିଜୟ ନାଏକ, ସଞ୍ଜୟ ନାଏକ ପ୍ରମୁଖ ଏହି କଳସକୁ ଭବ୍ୟ ସ୍ୱାଗତ କରି ବନ୍ଦାପନା କରିଥିଲେ। ନର୍ଲା ବ୍ଲକ୍ ଜାମପଦରଠାରେ ଜିଲା କୁରାଳ ସମାଜ ସଭାପତି କେଦାରନାଥ ରଣାଙ୍କ ନେତୃତ୍ୱରେ ଶତାଧିକ କୁରାଳ ସମାଜର ସଦସ୍ୟ ଏହି ଅସ୍ଥି କଳସକୁ ଭବ୍ୟ ସ୍ୱାଗତ କରି ଯାତ୍ରାରେ ସାମିଲ ହୋଇଥିଲେ।


# ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଘୋଷଣା

**No. RDM-LAA-MBJ-0060-2017/ 22435 R&DM, Dated 22.06.2018**

**No. XXI-54:-** ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା- ହାତୀବାରି, ଥାନା- କରଞ୍ଜିଆ ନଂ.୧୧୦, ତହସିଲ- କରଞ୍ଜିଆ, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଦେଓ ଜଳସେଚନ ପ୍ରକଳ୍ପର ହାତିବାରି ମାଇନର ଓ ଆର୍.ଏମ୍.ଡି.ର ସବ୍-ମାଇନର ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୨୪୬୯୦, ତା୨୬।୦୭।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ, ଏହା ଘୋଷଣା କରାଯାଉଅଛି ଯେ, ମୌଜା- ହାତୀବାରି, ଥାନା- କରଞ୍ଜିଆ ନଂ.-୧୧୦, ଜିଲ୍ଲା- ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ ଜିଲ୍ଲା ୱେବ୍‌ସାଇଟ୍ www.mayurbhanj.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନର୍ବସତି ଅଧିକାରୀ, କରଞ୍ଜିଆ, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ — ତହସିଲ- କରଞ୍ଜିଆ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ହାତୀବାରି | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୪.୪୮.୬୭ | ୪.୭.୮୪ | ଏଥିସହିତ ସଂଲଗ୍ନ |

**ତଫସିଲ-ଖ**
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ — ତହସିଲ- କରଞ୍ଜିଆ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୩୧।୦୩।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ଅଭୟ କୁମାର ନାୟକ) ଯୁଗ୍ମ ଶାସନ ସଚିବ

## ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନଃବସତି ଅଧିକାରୀ, ଦେଓ ଜଳ ପ୍ରକଳ୍ପ, ମୟୂରଭଞ୍ଜ, କରଞ୍ଜିଆ

ମୌଜା- ହାତୀବାରି, ଥାନା ନଂ.- ୧୧୦

| କ୍ର. ନଂ. | ଖାତା ନମ୍ବର | ପ୍ଲଟ୍ ନଂ. | ମୋଟ ଏରିଆ | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ ଓ ଧାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧. | ୨୬ | ୫୨୫ | ୦.୨୫ | ୦.୦୧ | ଶାରଦଜଳ ଏକ | ଝାଡ଼େଶ୍ୱର ନାଏକ, ଅଗ୍ନି ନାଏକ, ପି- ଦ୍ୱାରୀ ନାଏକ, କବିଚନ୍ଦ୍ର ନାଏକ, ପି- କାବୁ ନାଏକ, ବୁଧୁ ନାଏକ, ପି- ବୃଷଭ ନାଏକ, ଜା- ବାଥୁଡ଼ି, ବା- ନିଜଗାଁ | |
| | | ୫୨୯ | ୦.୪୧ | ୦.୦୬ | ଶାରଦଜଳ ଏକ | | |
| ୨ | ୨୮ | ୬୩୪ | ୦.୭୪ | ୦.୧୧ | ଶାରଦ ଦୁଇ | ଟିପୁର କୋହ୍ଲ, ମଙ୍ଗର କୋହ୍ଲ, ପି- ଦଶାଏ କୋହ୍ଲ, ଲକ୍ଷ୍ମୀ କୋହ୍ଲ, ଜେମା କୋହ୍ଲ, ଡିମ୍ବେ କୋହ୍ଲ, ପି- ଶୁକୁର କୋହ୍ଲ, ପାଲ କୋହ୍ଲ, ଶୁକୁରମଣି କୋହ୍ଲ, ସ୍ୱା- ଶୁକୁର କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୩ | ୩୦ | ୫୩୦ | ୦.୪୫ | ୦.୧୪ | ଶାରଦ ଏକ ଜଳସେଚିତ | ବଡ଼ ଡିମ୍ବ କୋହ୍ଲ, ପି- ମଙ୍ଗରାଏ କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୪ | ୩୬ | ୭୬୧ | ୪.୯୮ | ୦.୭୮ | ଶାରଦ ଦୁଇ | ଦୁର୍ଗା ମାଝୀ, ପି- ରାମ ରାଏ ମାଝୀ, ସାଲଖାନ ମାଝୀ, ପି- ଦୁର୍ଗା ମାଝୀ, ସାନଦୁର୍ଗା ମାଝୀ, ପି- ପାରାଏ ମାଝୀ, ବଡ଼ସନ ମାଝୀ, ପି- ଦୁର୍ଗା ମାଝୀ, ଗୁଲିଆ ମାଝୀ, ରାମରାଏ ମାଝୀ, ଘାସିଆ ମାଝୀ, ବୀରସିଂ ମାଝୀ, ପି- ଛୋଟରାଏ ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| ୫ | ୩୭ | ୫୩୭ | ୦.୪୧ | ୦.୧୯ | ଶାରଦଦୁଇ/ ୫ ଜଳସେଚିତ | ଦୁର୍ଗା ମାଝୀ, ନୁନା ମାଝୀ, ବାସୁ ମାଝୀ, ପି- ଫାଗୁ ମାଝୀ, ଜା- ମାଝୀ, ବା- ନିଜଗାଁ | |
| | | ୬୯୧ | ୦.୮୫ | ୦.୨୮ | ଶାରଦ ତିନି/୨ | | |
| | | ୬୯୮ | ୦.୧୧ | ୦.୦୭ | ଶାରଦ ଦୁଇ | | |
| ୬ | ୩୯ | ୬୪୬ | ୦.୧୨ | ୦.୦୬ | ଶାରଦ ଦୁଇ | ଦୁବରାଜ ନାଏକ, ଗୁରୁଚରଣ ସୟ, ପି- ବାକୁ କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| | | ୬୪୯ | ୧.୮୫ | ୦.୦୬ | ଶାରଦ ତିନି | | |
| | | ୭୦୮ | ୦.୫୦ | ୦.୦୧ | ଆଶୁ | | |
| | | ୭୦୯ | ୦.୯୦ | ୦.୨୪ | ଶାରଦ ତିନି | | |
| | | ୭୧୦ | ୨.୪୦ | ୦.୧୫ | ଶାରଦ ଦୁଇ | | |
| ୭ | ୪୭ | ୬୬୫ | ୧.୯୬ | ୦.୧୧ | ଶାରଦ ଦୁଇ | ପାତ୍ର କୋହ୍ଲ, ଚାମ୍ପାଏ କୋହ୍ଲ, ପି- ପାଣ୍ଡା କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| | | ୭୭୩ | ୦.୫୯ | ୦.୧୬ | ଶାରଦ ଦୁଇ | | |
| | | ୭୭୫ | ୧.୯୩ | ୦.୧୩ | ଶାରଦ ତିନି | | |
| ୮ | ୪୪ | ୨୫୪ | ୦.୩୧ | ୦.୦୪ | ଶାରଦଜଳ ଏକ | ନାଲ ପଧୁରିଆ, ଅମିନ ପଧୁରିଆ, ନବିନା ପଧୁରିଆ, ପି- ଭ୍ରମର ପଧୁରିଆ, ଜା- ବାଥୁଡ଼ି, ବା- ନିଜଗାଁ | |
| ୯ | ୫୩ | ୫୩୧ | ୦.୪୮ | ୦.୨୦ | ଶାରଦ ଦୋଫସଲି ଏକ | ପୂର୍ଣ୍ଣଚନ୍ଦ୍ର ସୟ, ପି- ବିଜୁ ସୟ, ଦୁବରାଜ ସୟ, ଗୁରୁଚରଣ ସୟ, ପି- ବାକୁ ସୟ, ଜା- କୋହ୍ଲ, ବା- ନିଜଗାଁ | ଦ. ପୂର୍ଣ୍ଣଚନ୍ଦ୍ର ସୟ |
| | | ୫୭୩ | ୧.୦୨ | ୦.୧୮ | ଶାରଦଦଳ ଏକ | | ଦ. ପୂର୍ଣ୍ଣଚନ୍ଦ୍ର ସୟ |
| | | ୬୪୫ | ୧.୧୧ | ୦.୧୫ | ଶାରଦ ଦୁଇ | | ଦ. ପୂର୍ଣ୍ଣଚନ୍ଦ୍ର ସୟ |
| | | ୭୬୩ | ୧.୭୪ | ୦.୪୨ | ଶାରଦ ତିନି | | ଦ. ଦୁବରାଜ ସୟ, ଗୁରୁଚରଣ ସୟ |
| ୧୦ | ୫୫ | ୬୮୭ | ୦.୩୧ | ୦.୦୩ | ଶାରଦ ଦୁଇ | ଫୁଲମାଲ ମାଝୀ, ପି- ଉଦୟ ମାଝୀ, ଖେଲା ମାଝୀ, ପି- ରାମ ମାଝୀ, ଜା- ମାଝୀ, ବା- ପୁରୁଣାପାଣି | |
| | | ୬୯୨ | ୦.୪୩ | ୦.୧୬ | ଶାରଦ ତିନି | | |
| | | ୬୯୩ | ୦.୫୧ | ୦.୧୪ | ଶାରଦ ତିନି | | |
| | | ୭୦୦ | ୦.୨୨ | ୦.୧୦ | ଶାରଦ ଦୁଇ | | |
| ୧୧ | ୫୮ | ୬୨୮ | ୧.୧୦ | ୦.୧୪ | ଶାରଦ ଦୁଇ | ବାଗୁନ କୋହ୍ଲ, ପି- ସାହୁ କୋହ୍ଲ, ଦାଶରଥି କୋହ୍ଲ, ଚନ୍ଦ୍ରମୋହନ କୋହ୍ଲ, ପି- ରାମାହ କୋହ୍ଲ, ମାନ୍ଦାହ କୋହ୍ଲ, ସ୍ୱା- ବାଗୁନ କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୧୨ | ୬୪ | ୫୩୮ | ୦.୯୧ | ୦.୦୫ | ଶାରଦଜଳ ଏକ | ବୁଦ୍ଧାନ ମାଝୀ, ନାରାନ ମାଝୀ, ପି- ଶାଲଖୁ ମାଝୀ, ମୁନି ମାଝୀ, ସାଗରା ମାଝୀ, ପି- ବୁଦ୍ଧାନ ମାଝୀ, ଜା- ମାଝୀ, ବା- ନିଜଗାଁ | |
| | | ୫୫୫ | ୨.୧୦ | ୦.୦୭ | ଶାରଦଜଳ ଦୁଇ | | |
| | | ୫୫୮ | ୦.୬୦ | ୦.୨୦ | ଘରବାରି | | |
| ୧୩ | ୬୭ | ୨୫୩ | ୦.୨୦ | ୦.୧୦ | ଶାରଦଜଳ ଏକ | ବୁଧୁ ମାଝୀ, ସୁନ୍ଦୁରା ମାଝୀ, ପି- ପାରୁ ମାଝୀ, ନିମାହା ମାଝୀ, ପି- କହ୍ନେଇ ମାଝୀ, ଜା- ମାଝୀ, ବା- ପୁରୁଣାପାଣି | |
| | | ୫୨୪ | ୦.୬୮ | ୦.୨୯ | ଶାରଦଜଳ ଏକ | | |
| | | ୫୩୨ | ୦.୮୨ | ୦.୧୮ | ଶାରଦଜଳ ଏକ | | |
| | | ୭୭୨ | ୧.୯୦ | ୦.୧୮ | ଶାରଦଦୁଇ | | |
| ୧୪ | ୬୮ | ୬୮୮ | ୦.୬୨ | ୦.୨୩ | ଶାରଦ ଦୁଇ | ବୁଧୁ ମାଝୀ, ଅର୍ଜୁନ ମାଝୀ, ଧନୁ ମାଝୀ, ଦାମୁ ମାଝୀ, ରାମୁ ମାଝୀ, ପି- ଶାଙ୍ଗାର ମାଝୀ, ସାନ ବୁଧୁ ମାଝୀ, ନାରସିଂହ ମାଝୀ, ପି- ଝୋଲ ମାଝୀ, ଜା- ମାଝୀ, ବା- ପୁରୁଣାପାଣି | |
| | | ୬୯୫ | ୦.୯୨ | ୦.୨୫ | ଶାରଦ ତିନି | | |
| | | ୭୦୩ | ୦.୭୦ | ୦.୦୧ | ଶାରଦ ତିନି | | |
| ୧୫ | ୬୯ | ୬୬୩ | ୦.୪୯ | ୦.୧୨ | ଶାରଦ ଦୁଇ | ବୁଧୁ ହୋ, ସୁରେନ୍ଦ୍ର ହୋ, ସୋମନାଥ ହୋ, ଗୋପୀନାଥ ହୋ, ପି- ମରା ହୋ, ଜା- କୋହ୍ଲ, ବା- ନିଜଗାଁ | |
| ୧୬ | ୭୨ | ୭୪୦ | ୧.୦୯ | ୦.୨୧ | ଶାରଦ ତିନି | ମଙ୍ଗଳ ତାମୁଡ଼ିଆ, ରାମଧନ ତାମୁଡ଼ିଆ, ମାଣିକରାମ ତାମୁଡ଼ିଆ, ପି- ଦୁର୍ଗା ତାମୁଡ଼ିଆ, ଭୀମ ଚରଣ ତାମୁଡ଼ିଆ, ଚନ୍ଦ୍ରମୋହନ ତାମୁଡ଼ିଆ, ଲିଟା ତାମୁଡ଼ିଆ, ରାସାଏ ତାମୁଡ଼ିଆ, ପି- ମଙ୍ଗଳ ସିଂ ତାମୁଡ଼ିଆ, ସାନଦୁର୍ଗା ତାମୁଡ଼ିଆ, ଗୋପି ତାମୁଡ଼ିଆ, ପି- ଅର୍ଜୁନ ତାମୁଡ଼ିଆ, ଜା- ତାମୁଡ଼ିଆ, ବା- ନିଜଗାଁ | |
| ୧୭ | ୭୯ | ୨୫୬ | ୦.୧୬ | ୦.୦୭ | ଶାରଦଜଳ ଦୁଇ | ରତ୍ନୀ ବିଶ୍ୱାଳ, ଯତ୍ନୀ ବିଶ୍ୱାଳ, ପି- ରାଣ ବିଶ୍ୱାଳ, ବିଦ୍ୟାଧର ସଙ୍ଖିଆଳ, ସିଧ ସଙ୍ଖିଆଳ, ଜା- ବାଥୁନି, ବା- ନିଜଗାଁ | |
| ୧୮ | ୮୦ | ୬୪୩ | ୦.୧୬ | ୦.୦୬ | ଶାରଦ ତିନି | ରାଇସିଂ କୋହ୍ଲ, ପି- ନାଣ୍ଟୁ କୋହ୍ଲ, ଦାସ କୋହ୍ଲ, ସମା କୋହ୍ଲ, ପି-ମରା କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୧୯ | ୮୩ | ୬୨୯ | ୧.୨୪ | ୦.୧୭ | ଶାରଦ ଦୁଇ | ରାନ୍ଧ କୋହ୍ଲ, ପି- ଡେଲଗା କୋହ୍ଲ, ମୋଚିରାମ କୋହ୍ଲ, ସେଲାଇ କୋହ୍ଲ, ପି- ରାଏ କୋହ୍ଲ, ରାଏସିଂ କୋହ୍ଲ, ପି- ଗାରଦି କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୨୦ | ୮୬ | ୭୩୬ | ୧.୬୬ | ୦.୧୦ | ଶାରଦ ଦୁଇ | ରାମାଏ କୋହ୍ଲ, ନାଠା କୋହ୍ଲ, ପି- ବୁଏଁ କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| | | ୭୭୪ | ୧.୩୨ | ୦.୦୬ | ଶାରଦ ଦୁଇ | | |
| ୨୧ | ୯୩ | ୬୪୪ | ୦.୩୪ | ୦.୦୧ | ଶାରଦ ଦୁଇ | ଖତ କୋହ୍ଲ, ପି- ରାମସାଏ କୋହ୍ଲ, ବିହଙ୍ଗ କୋହ୍ଲ, ପି- ରାଏ କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୨୨ | ୧୦୦ | ୬୯୦ | ୦.୪୯ | ୦.୧୭ | ଶାରଦ ତିନି | ଶିବନାଥ ମାଝୀ, ପି- ଘାସିରାମ ମାଝୀ, ଆରଶୁ ମାଝୀ, ପି- ଫୁଲମାଲ ମାଝୀ, ଜା- ମାଝୀ, ବା- ନିଜଗାଁ | |
| | | ୬୯୪ | ୦.୭୦ | ୦.୨୩ | ଶାରଦ ତିନି | | |
| | | ୬୯୯ | ୦.୩୧ | ୦.୦୬ | ଶାରଦ ଦୁଇ | | |
| ୨୩ | ୧୦୩ | ୭୩୦ | ୧.୧୧ | ୦.୦୬ | ଶାରଦ ଦୁଇ | ଶୁକଦେବ କୋହ୍ଲ, ଫକିର ମୋହନ କୋହ୍ଲ, ଦୋକାନି କୋହ୍ଲ, ପି- ମାଣିକ କୋହ୍ଲ, ଫାଗୁ କୋହ୍ଲ, ସାରିକା କୋହ୍ଲ, ପି- ଡାକାନ କୋହ୍ଲ, ଚାମ୍ପାଏ କୋହ୍ଲ, ବ୍ରଜ କୋହ୍ଲ, ପି- ଦାଁଶାର କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| | | ୭୩୨ | ୦.୪୩ | ୦.୦୫ | ଶାରଦ ଦୁଇ | | |
| | | ୭୩୩ | ୧.୨୫ | ୦.୦୬ | ଶାରଦ ଦୁଇ | | |
| ୨୪ | ୧୧୦ | ୬୬୪ | ୦.୫୪ | ୦.୧୨ | ଶାରଦ ଦୁଇ | ହିନ୍ଦୁରାମ କୋହ୍ଲ, ରାମସାୟ କୋହ୍ଲ, ପି- ଶ୍ୟାମ କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୨୫ | ୧୧୦/୫ | ୬୩୩ | ୦.୮୫ | ୦.୧୨ | ଶାରଦ ଦୁଇ | ଲକ୍ଷ୍ମୀ କୋହ୍ଲ, ସ୍ୱା- ରାମଚନ୍ଦ୍ର କୋହ୍ଲ, ଜେମା କୋହ୍ଲ, ସ୍ୱା- ବେର୍ଗା କୋହ୍ଲ, ଦାଶରଥି କୋହ୍ଲ, ଶୁକୁରା କୋହ୍ଲ, ଦୁକାନ କୋହ୍ଲ, ପି- ମଙ୍ଗୁଲୁ କୋହ୍ଲ, ପାଲ କୋହ୍ଲ, ଶୁକ୍ରମଣି କୋହ୍ଲ, ସ୍ୱା- ଶୁକ୍ରା କୋହ୍ଲ, ଜା- କୋହ୍ଲ, ବା- ହାତୀବାରି | |
| ୨୬ | ୧୧୦/୮ | ୫୨୩ | ୦.୩୪ | ୦.୧୬ | ଶାରଦ ଜଳ ଏକ | କାନ୍ଦରା ହାଁସଦା, ପି- ଭୀମ ହାଁସଦା, ଜା- ସାନ୍ତାଳ, ବା- ନିଜଗାଁ | |
| ୨୭ | ୧୦୪ | ୬୩୨ | ୧.୦୧ | ୦.୧୫ | ଶାରଦ ଦୁଇ | ଶୁକୁରୁଣୀ କୋହ୍ଲ, ପି- ରାଜେନ୍ଦ୍ର କୋହ୍ଲ, ଶୁକୁରମଣି କୋହ୍ଲ, ସ୍ୱା- ବିଜୟ କୋହ୍ଲ, ଶାନ୍ତି କୋହ୍ଲ, ସୁରୁ କୋହ୍ଲ, ନାନକି କୋହ୍ଲ, ଜାଓଇଁ କୋହ୍ଲ, ଜେମା କୋହ୍ଲ, ପାଙ୍ଗଲା କୋହ୍ଲ, ପି- ବିଜୟ କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୨୮ | ୧୧୦/୨୧ | ୬୬୭/ ୧୦୦୨ | ୦.୧୨ | ୦.୦୧ | ଶାରଦ ତିନି | ମଥୁରା ମାଝୀ, ପି- ମୋହନା ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| ୨୯ | ୧୧୦/୨୦ | ୭୧୩ | ୦.୧୩ | ୦.୦୯ | ଆଶୁ | ବାଲି ମାଝୀ, ପି- ନିମାଇଁ ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| ୩୦ | ୧୧୦/୨୩ | ୬୬୭/ ୧୦୧୦ | ୦.୨୧ | ୦.୦୮ | ଶାରଦ ତିନି | ହୀରା ମାଝୀ, ପି- ନିମାଇଁ ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| | | ମୋଟ | ୪୮.୬୭ | ୭.୮୪ | | | |

24001/14/0243/1819

## ସଂକ୍ଷେପରେ

### ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ

ରିଷିଡା,୩୦।୮(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ବାପୁଜୀ ବାଳକ ଉଚ୍ଚ ବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ପଧାନଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ବିଦ୍ୟାଳୟ ଶିକ୍ଷୟିତ୍ରୀ କଳ୍ପନା ବିଶାଳ, ଶିକ୍ଷକ ସାଗର ରଣା, କମ୍ପ୍ୟୁଟର ଶିକ୍ଷକ ଦେବାଳୟ ରଣା, ଶିକ୍ଷୟିତ୍ରୀ ଗାୟତ୍ରୀ କରୁଆଁ, କିରାଣୀ ମକରଧ୍ୱଜ ବାଗ ଯୋଗଦେଇ କବିଙ୍କ କବି ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ । ବିଜ୍ଞାନ ଶିକ୍ଷକ ସୁଶାନ୍ତ କୁମାର ଦୀପ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



### ସିନାପାଲି କଲେଜ ଡେମୋନଷ୍ଟ୍ରେଟରଙ୍କ ଦେହାନ୍ତ

ସିନାପାଲି,୩୦।୮(ଡି.ଏନ.ଏ.)
ସିନାପାଲି ମହାବିଦ୍ୟାଳୟରେ କାର୍ଯ୍ୟରତ କେମେଷ୍ଟ୍ରି ବିଭାଗ ଡମୋନଷ୍ଟ୍ରେଟର ଚନ୍ଦନ ମେହେର (୨୭)ଙ୍କ ଗୁରୁବାର ହଠାତ୍ ଦେହାନ୍ତ ହୋଇଯାଇଛି । ପୂର୍ବାହ୍ନ ୧୧ଟାରେ କଲେଜ ଲେବରୋଟ୍ରାରୀରେ କାମ କରୁଥିବା ବେଳେ ଚୌକିରୁ ପଡ଼ିଯାଇଥିଲେ । ତାଙ୍କୁ ତୁରନ୍ତ ସିନାପାଲି ମେଡିକାଲକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେ ସିନାପାଲି ଅଞ୍ଚଳର ଜଣେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଭାବେ ଜଣାଶୁଣା ଥିଲେ । ଅନେକ ସାଂସ୍କୃତିକ ଅନୁଷ୍ଠାନ ସହ ସେ ଜଡିତ ଥିଲେ । ସିନାପାଲି ସହର ବସୀନ୍ଦା ଚିନ୍ତାମଣୀ ମେହେରଙ୍କ ଏକମାତ୍ର ପୁତ୍ରଥିଲେ । ତାଙ୍କର ଅନ୍ତିମ ସଂସ୍କାର ସନ୍ଧ୍ୟାରେ କରାଯାଇଥିବା ବେଳେ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି । ତାଙ୍କ ଦେହାନ୍ତ ଯୋଗୁ ଗଙ୍ଗାଧର ସାରସ୍ୱତ ସମିତି ଆନୁକୁଲ୍ୟାରେ ହେବାକୁ ଥିବା ଗଙ୍ଗାଧର ସମାରୋହକୁ ଘୁଞ୍ଚାଇ ଦିଆଯାଇଛି ।





ସନବାହାଲି ଖଦି ଉଦ୍ୟୋଗରେ ବେରୋଜଗାର ହେଉଥିବା ଶ୍ରମିକମାନେ (ବାମ) । ଖତ ଖାଉଛି ଅରଟ, ଚରଖା ।

# ଲୋୟର ଇନ୍ଦ୍ରରେ ବୁଡ଼ିଲା ଖଦି ଉଦ୍ୟୋଗ

ଘନଶ୍ୟାମ ଭୋଇ,
ନୂଆପଡା ଅଫିସ,୩୦।୮

**ଉଜୁଡିଗଲା ଖଦି ସାମଗ୍ରୀ**
- ବର୍ଷେ ହେବ ଖଦି କାମ ବନ୍ଦ ହୋଇପଡିଛି
- ଆଉ ଶୁଭୁନାହିଁ କାଟି ପିନ୍ଧ, କୁଟି ଖାଅ ନାରା
- ବେରୋଜଗାର ହେଲେ ଶତାଧିକ ପରିବାର
- ବିକଳ୍ପ କରୁନାହିଁ ପ୍ରଶାସନ

ସେଦିନର ନାରା ଥିଲା କାଟି ପିନ୍ଧ, କୁଟି ଖାଅ । ସ୍ୱଦେଶୀ ବଞ୍ଚାଅ ବିଦେଶୀ ହଟାଅ । ଗାନ୍ଧିଜୀଙ୍କ ଏହି ନୀତିକୁ ପାଥେୟ କରି ନୂଆପଡା ଭଳି ଉପାନ୍ତ ଜାଗାରେ ସର୍ବୋଦୟ ପନ୍ଥୀମାନେ ଖଦି ଉଦ୍ୟୋଗ ସ୍ଥାପନ କରି ଶତାଧିକ ପରିବାର ଲୋକଙ୍କୁ ରୋଜଗାର ଦେଉଥିଲେ । ବର୍ତ୍ତମାନ ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପରେ ଏହା ବୁଡି ଯାଉଛି । ଲୋକେ ଯେଖା ବାଟରେ ଥଇଥାନର ରାହା ଖୋଜୁଛନ୍ତି ଉଦ୍ୟୋଗ ଛାଡି ପଳାୟନ କରୁଛନ୍ତି । ଖଦି ଘର ଭୁତକୋଠି ପାଲଟିଯାଇଛି । ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ଏଥିରେ ସବୁ ପରିବାର ଲୋକଙ୍କ ରୋଜଗାର ନିଶ୍ଚିତ କରିବା କଥା । କର୍ତ୍ତୃପକ୍ଷ କୌଣସି ଥଇଥାନ ପ୍ରକ୍ରିୟା କରୁ ନ ଥିବାରୁ ଅଞ୍ଚଳରେ ଜନଅସନ୍ତୋଷ ଉଙ୍କି ମାରୁଛି ।

ନବେ ଦଶକରେ ନୂଆପଡା ଜିଲା କୋମନା ବ୍ଲକର ଅଗ୍ରେନ ଗ୍ରାମପଞ୍ଚାୟତ ଅଞ୍ଚଳରେ ବେରୋଜଗାର ଲୋକେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଥିଲେ । ଏହାକୁ ଦୃଷ୍ଟିରେ ରଖି ସର୍ବୋଦୟ ନେତା ତଥା ଗାନ୍ଧୀବାଦୀ ସାମାଜିକ କର୍ମୀ ସ୍ଥାନୀୟ ସନବାହାଲି ଗାଁରେ କଳାହାଣ୍ଡି ବିକାଶ ପରିଷଦ ନାଁରେ ଏକ ସଙ୍ଗଠନ କରି କାମ କରିବା ଆରମ୍ଭ କରିଥିଲେ । ଅରଟରେ ସୁତାବୁଣି ଖଦି କପଡା ବୁଣାକାମ ହେଉଥିଲା । ଏହାକୁ ଭୁବନେଶ୍ୱରକୁ ନେଇ ବିକ୍ରି କରାଯାଉଥିଲା । ଏଥିରେ ଏହି ଗାଁ ସମେତ ଆଖପାଖ ଗାଁର ଶତାଧିକ ପରିବାର ଲୋକ କାମ କରିବା ସହ ନିଜର ବେଉଷା କରିଥିଲେ । ନବେ ଦଶକରୁ ଚାଲିଥିବା ଏହି କାମ ଅଞ୍ଚଳରେ ଲୋକଙ୍କ ଆସ୍ଥା ଏବଂ ବିଶ୍ୱାସ ଭାଜନ ହୋଇଥିଲା । ଲୋକେ କେବେ ଭାବି ନ ଥିଲେ ଯେ ଏଭଳି ଏକ ଉଦ୍ୟୋଗ ପାଣିରେ ବୁଡିଯିବ । ବର୍ତ୍ତମାନ ଏହା ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପରେ ବୁଡିଯିବ ବୋଲି ଚିହ୍ନଟ କରାଯାଇଛି । ସନବାହାଲି ଗାଁ ସମ୍ପୂର୍ଣ୍ଣ ବୁଡି ଘୋଷଣା କରାଯାଇଛି । ଗ୍ରାମବାସୀଙ୍କ ପାଇଁ ଥଇଥାନ ପ୍ୟାକେଜ ପ୍ରଦାନ କରାଯାଉଥିବାବେଳେ ଖଦି ଉଦ୍ୟୋଗ ଉପରେ କାହାରି ନଜର ପଡି ନ ଥିବା ଅଭିଯୋଗ ହୋଇଛି । ବର୍ତ୍ତମାନ ଡ୍ୟାମରେ ପାଣି ରଖିବା ପରେ ଘର ନିକଟକୁ ପାଣି ମାଡି ଆସିଲାଣି । ଗାଁ ଲୋକେ ଘର ଛାଡି ଅନ୍ୟତ୍ର ପଳାୟନ କରୁଛନ୍ତି । ଖଦି ଘର ଏକୁଟିଆ ହୋଇ ପଡିଛି । ଆଜକୁ ବର୍ଷେ ହେବ ଖଦି କାମ ବନ୍ଦ ହୋଇପଡିଛି । ଏଥିରେ କାମ କରୁଥିବା କାରିଗର, ଶ୍ରମିକମାନେ ବେରୋଜଗାର ହୋଇପଡିଛନ୍ତି । ଅରଟ, ଚଖା ଜାମ ହୋଇଗଲାଣି । ଏହା ଉପରେ ଜିଲା ତଥା ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରିବାକୁ ଦାବି ହେଉଛି । ଏହା ଉପରେ ଭୁ-ଅର୍ଜନ ଓ ଥଇଥାନ ଅଧିକାରୀ ଡ.ହିମାନଚଳ ମାଝିଙ୍କୁ ପଚାରିବାରେ ଏହାର ବିଚାର କରାଯାଉଛି । ଯେଉଁଠି ଚାହିଁବେ ଖଦୀ ଉଦ୍ୟୋଗ ନିର୍ମାଣ କରି ଦିଆଯିବ ବୋଲି କହିଛନ୍ତି ।

**ସେମାନେ ଯାହା କୁହନ୍ତି....**



"ଆମ ଗାଁ ଲୋକେ ଏକଦା କାମଧନ୍ଦା ଅଭାବରୁ ଭୋକ ଉପାସରେ ରହୁଥିଲେ । ଏହି ଖଦି ଉଦ୍ୟୋଗ ହେବା ଦିନଠାରୁ ଆମେ ସ୍ୱଂୟ ପୁଷ୍ଟ ହୋଇପାରିଥିଲୁ ।
-**ପ୍ରମିଳା ମେହେର**, ମହିଳା କାରିଗର



"ଖଦୀ ଉଦ୍ୟୋଗ ଆମକୁ ଆତ୍ମନିର୍ଭରଶୀଳ ଏବଂ ସ୍ୱଦେଶୀ ମାର୍ଗରେ ଚାଲିବା ଶିଖାଇଛି । ବର୍ତ୍ତମାନ ଡ୍ୟାମ ଏସବୁକୁ ଆମଠାରୁ ଛିନ୍ନ କରିଦେଇଛି । ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି ।
- **କୁମାରୀ ମେହେର**, ମହିଳା ନେତ୍ରୀ



"ଡ୍ୟାମ କର୍ତ୍ତୃପକ୍ଷ ଗାଁକୁ ବୁଡି ଘେଷଣା କରିବା ସମୟରେ ଗ୍ରାମବାସୀଙ୍କ ବେଉସା ଉପରେ କେବେ ବିଚାର କଲେ ନାହିଁ । ଫଳରେ ବର୍ତ୍ତମାନ ଏଭଳି ପରିସ୍ଥିତିରେ ସାମନା କରିବାକୁ ପଡୁଛି।
- **ତ୍ରିଲୋଚନ କଣ୍ଟା**, ସ୍ୱଦେଶୀ ସଂଗ୍ରାମୀ



"ଏଠାରେ ଆମର ପେଟ ପୋଷୁଥିଲୁ । ଖାଦ୍ୟ ବସ୍ତ୍ର ସବୁ ଏହା ଯୋଗାଉଥିଲା । ଆମକୁ ଜମିବାଡି ଘର ଦ୍ୱାର ସକାଶେ ସହାୟତା ରାଶି ଦିଆଗଲେ ମଧ୍ୟ ଏଭଳି ଉଦ୍ୟୋଗ ଆମକୁ ଦରକାର । ଏଥିପ୍ରତି ସରକାର ଦୃଷ୍ଟି ଦିଅନ୍ତୁ ।
- **ହରମୋହନ ମେହେର**, ଖଦି ଉଦ୍ୟୋଗର ପରିଚାଳକ



"ଅଞ୍ଚଳର ବିକାଶ ସକାଶେ ଏକ ସ୍ୱଦେଶୀ ବିପ୍ଳବ ଆରମ୍ଭ କରାଯାଇଥିଲା । ଏକ ପୂର୍ଣ୍ଣାଙ୍ଗ ଅଭିଯାନକୁ ଏଠାରେ ଲୁପ୍ତ କରିଦିଆଗଲା । ଏହାର ସମ୍ପୂର୍ଣ୍ଣ ଥଇଥାନ ଦାୟୀତ୍ୱ ସରକାର ନିଅନ୍ତୁ ନହେଲେ ଲୋକେ ସରକାରଙ୍କ ବିରୋଧରେ ଆନ୍ଦୋଳନ କରିବେ ।
-ରବି ଦାସ, କଳାହାଣ୍ଡି ବିକାଶ ପରିଷଦ ସମ୍ପାଦକ

## ନାଳ, ନର୍ଦ୍ଦମା ସଫେଇ କଲେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ସମେତ ସ୍ୱାସ୍ଥ୍ୟକର୍ମୀ

ଜୁନାଗଡ,୨୯।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚାରବାହାଲ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ସମେତ ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ପ୍ରମୁଖ ନିଜ ପଞ୍ଚାୟତର ପରିବେଶକୁ ସଫା ରଖିବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି । ମଙ୍ଗଳବାର ଏ ସମ୍ପର୍କରେ ଏକ ସଚେତନତା ବୈଠକ କରାଯାଇ ସମସ୍ତ ପଡାର ନାଳ, ନର୍ଦ୍ଦମା ସଫା କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଏହି କ୍ରମରେ ବୁଧବାର ଚାରବାହାଲ ୯ ନଂ. ୱାର୍ଡ ବାରିକ ପଡାଠାରୁ ଏହି ସଫେଇ ଅଭିଯାନ ଆରମ୍ଭ କରାଯାଇଛି । ଏଥିରେ ସ୍ଥାନୀୟ ସରପଞ୍ଚ ସୁଶିଳା ଦଳପତି, ନାଏବ ସରପଞ୍ଚ ମୋହନ ହଂସ, ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରଭାସିନୀ ବଗର୍ତ୍ତୀ, ୱାର୍ଡମେମ୍ବର ପ୍ରଦ୍ୟୁମ୍ନ ସାହୁ, ସୁମନ ଗହୀର, ଅଙ୍ଗନୱାଡି କର୍ମୀ ପ୍ରଭାତୀ ନାଏକ, ଆଶା କେତକୀଲତା ଗହୀର, ମନ୍ଦିରା ଶବର, ସାମାଜିକ କର୍ମୀ ମୀନକେତନ ଦଳପତି, ଚନ୍ଦ୍ର ଶେଖର କର, ପରମା ନନ୍ଦ ଗହୀର ପ୍ରମୁଖ ପଡାର ସମସ୍ତ ନାଳ, ନର୍ଦ୍ଦମା ସଫା କରିଥିଲେ ।



କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚାରବାହାଲ ବାରିକପଡାଠାରେ ସଫେଇ କରାଯାଉଛି।

## ଖାଦ୍ୟ ଯୋଗାଣ ସଚିବଙ୍କୁ ଭେଟିଲା ଲାଞ୍ଜିଗଡ଼ ଭାଜପା ମଣ୍ଡଳ ଶାଖା

ଲାଞ୍ଜିଗଡ଼,୩୦।୮(ଡି.ଏନ.ଏ.)

ରାଜ୍ୟ ଖାଦ୍ୟ ଓ ଯୋଗାଣ ତଥା ଖାଉଟି କଲ୍ୟାଣ ବିଭାଗ କମିଶନର ତଥା ସଚିବ ବୀର ବିକ୍ରମ ଯାଦବ ବୁଧବାର ଦିନିକିଆ ଲାଞ୍ଜିଗଡ ବ୍ଲକ ଗସ୍ତ କରିଥିଲେ । ଏହି ଅବସରରେ ଲାଞ୍ଜିଗଡ ଭାଜପା ମଣ୍ଡଳ ସଭାପତି ତ୍ରିନାଥ ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସଚିବଙ୍କୁ ସାକ୍ଷାତ କରି ତାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଦାବିପତ୍ର ଅନୁସାରେ ଲାଞ୍ଜିଗଡ ବ୍ଲକର ୨୬ଟି ପଞ୍ଚାୟତରେ ଲଘୁଚାପଜନିତ ବର୍ଷା ବ୍ୟାପକ କ୍ଷୟକ୍ଷତି ଘଟିଛି । ଏହାର ତଦନ୍ତ ଓ ଚାଷୀଙ୍କୁ କ୍ଷତିପୂରଣ ରାଶି ପ୍ରଦାନ, ବର୍ଷାରେ ଘର ଭାଙ୍ଗିଥିବା ଲୋକଙ୍କୁ ସହାୟତା ଓ ଥଇଥାନ କରିବା, ବର୍ଷାରେ କ୍ଷୟକ୍ଷତି ହୋଇଥିବା ରାସ୍ତାକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି, ବାଦ୍ ପଡିଥିବା ବୃଦ୍ଧବୃଦ୍ଧାଙ୍କୁ ସାମାଜିକ କଲ୍ୟାଣ ଯୋଜନାରେ ସାମିଲ, ବର୍ଷାରେ ଭାଙ୍ଗିଯାଇଥିବା ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ମରାମତି, ବ୍ଲକ ଅଞ୍ଚଳରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ନିଯୁକ୍ତି ଓ ଖାଲି ଥିବା ଶିକ୍ଷକ ପଦବୀ ପୂରଣ ତଥା ଅଞ୍ଚଳର ଶିକ୍ଷିତ ବେକାର ଯୁବକଯୁବତୀଙ୍କୁ ନିଯୁକ୍ତି ପାଇଁ ଦାବି କରାଯାଇଥିଲା । ଦାବିପତ୍ର ଗ୍ରହଣ ପରେ ଯାଦବ ଏ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ପ୍ରତିନିଧି ଦଳରେ ପାତ୍ରଙ୍କ ସମେତ ଦଳର ମଣ୍ଡଳ ସମ୍ପାଦକ ଭାଗିରଥୀ ଧଙ୍ଗଡାମାଝି, କୃଷ୍ଣ ନାଏକ, ଜନ୍ମେଜୟ ସାହୁ ପ୍ରମୁଖ ସାମିଲ ଥିଲେ ।

## କେଶବ ଚନ୍ଦ୍ର ବାରିକ କଂଗ୍ରେସ ଓବିସି ସେଲ୍ ଆବାହକ

ଲାଞ୍ଜିଗଡ଼,୩୦।୮(ଡି.ଏନ.ଏ.)

ଓଡିଶା ପ୍ରଦେଶ କଂଗ୍ରେସ କମିଟି ତରଫରୁ ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ ରୋଡର କଂଗ୍ରେସ କର୍ମୀ କେଶବ ଚନ୍ଦ୍ର ବାରିକଙ୍କୁ କଳାହାଣ୍ଡି ଜିଲା ଓବିସି ସେଲ୍‌ର ଆବାହକ ଭାବେ ନିଯୁକ୍ତି ଦିଆଯାଇଛି । ପ୍ରଦେଶ କଂଗ୍ରେସ ଓବିସି ସେଲ୍ ସଭାପତି ବିଷ୍ଣୁ ଚରଣ ବାରିକ ଏ ନେଇ ଘୋଷଣା କରିବା ପରେ ଲାଞ୍ଜିଗଡ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ବାରିକ ପୂର୍ବରୁ ଲାଞ୍ଜିଗଡ ରୋଡ ପଞ୍ଚାୟତ ନାଏବ ସରପଞ୍ଚ ଭାବେ ଦାୟିତ୍ୱ ତୁଲାଇଛନ୍ତି । ନୂତନ ନିଯୁକ୍ତିକୁ ନେଇ ବାରିକ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ପ୍ରଦେଶ ଓବିସି ସେଲ ସଭାପତି ବିଷ୍ଣୁ ଚରଣ ବାରିକ, ଦଳର ପ୍ରଚାର କମିଟି ଅଧକ୍ଷ ଭକ୍ତ ଚରଣ ଦାସ, ଜିଲା କଂଗ୍ରେସ ସଭାପତି ଭାରତଭୂଷଣ ବେମାଲ ଓ ଜିଲା ଓବିସି ସେଲ୍ ସଭାପତି ସକିତ ରତେଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ଜାତୀୟ କ୍ରୀଡାଦିବସ ପାଳିତ

ଖଡିଆଳ,୩୦।୮(ଡି.ଏନ.ଏ.)

ଭେଟେରାନ୍ ହକି ଖେଳାଳି ଧ୍ୟାନ ଚାନ୍ଦଙ୍କ ଜନ୍ମଜୟନ୍ତୀ ଅବସରରେ ଗୁରୁବାର ଖଡିଆଳ ସ୍ୱୟଂ ଶାସିତ କଲେଜ କ୍ରୀଡା ବିଭାଗ ପକ୍ଷରୁ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି । ଅଧ୍ୟାପକ ତରୁଣ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କ୍ରୀଡାବିତ ସନ୍ତୋଷ ପଟ୍ଟନାୟକ, ମନୋଜ ପଟ୍ଟନାୟକ, ଅଧ୍ୟାପକ ଅଶ୍ୱିନୀ ପାଢ଼ୀ, ଚନ୍ଦ୍ରଶେଖର ଚନ୍ଦ୍ରାକାର, ରଣବୀର ସିଂ, ପ୍ରମୋଦ କୁମାର ସାହୁ ପ୍ରମୁଖ ଯୋଗଦେଇ କ୍ରୀଡା କ୍ଷେତ୍ରରେ ଧ୍ୟାନ ଚାନ୍ଦଙ୍କ ଭୂମିକା ଅତୁଳନୀୟ ଏଣୁ ଯେ କୌଣସି କ୍ରୀଡା ହେଉ ଏଥିରେ ନିଜକୁ ସମାଜରେ ପ୍ରତିଷ୍ଠିତ କରିବା ସହ ନିଜ ଶରୀରକୁ ସୁସ୍ଥ ରଖିବା ଉଭୟ ମାନସିକ ଓ ଶାରିରୀକ ସର୍ବଦା ବିକାଶ ଘଟିଥାଏ ବୋଲି ମତବ୍ୟକ୍ତ କରିଥିଲେ । ଏଥିରେ ବହୁ ସଂଖ୍ୟାରେ କଲେଜର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।




ଜାତୀୟ କ୍ରୀଡା ଦିବସରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଇଣ୍ଡିପେଣ୍ଡେଣ୍ଟ କପ ଟୁର୍ନାମେଣ୍ଟ ଉଦ୍‌ଘାଟିତ

# ଦର୍ଲିମୁଣ୍ଡା, ପାଟଣାଗଡ଼ ସେମିକୁ ଉନ୍ନୀତ

ନୂଆପଡା ଅଫିସ/ତରବୋଡ,
୩୦।୮ (ଡି.ଏନ.ଏ.)

ସ୍ଥାନୀୟ ତରବୋଡସ୍ଥିତ ରାଜୀବ ଗାନ୍ଧୀ ମିନିଷ୍ଟାଡିୟମରେ ୧୧ତମ ଇଣ୍ଡିପେଣ୍ଡେଣ୍ଟ କପ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ପ୍ରଥମ ଉଦ୍‌ଘାଟନୀ ମ୍ୟାଚ ତରବୋଡ ଏବଂ ଦର୍ଲିମୁଣ୍ଡା ମଧ୍ୟରେ ହୋଇଥିବା ବେଳେ ଏଥିରେ ଦର୍ଲିମୁଣ୍ଡା ଦଳ ବିଜୟୀ ହୋଇଛି । ଅନ୍ୟ ଏକ ମ୍ୟାଚରେ ପାଟଣାଗଡ ଦଳ ନୂଆପଡା ଦଳକୁ ୧ ଗୋଲ ଦେଇ ବିଜୟୀ ହୋଇଛି । ଶୁକ୍ରବାର ଦର୍ଲିମୁଣ୍ଡା ଏବଂ ପାଟଣାଗଡ ଦଳ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ହେବ । ସ୍କୋରିଂରେ ଭୋଜରାମ ଅହୀର ଦାୟିତ୍ୱ ତୁଲାଇଥିବା ବେଳେ ପରଶ ଅହୀର ଧାରାବିବରଣୀ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ପୂର୍ଣ୍ଣଚନ୍ଦ୍ର ପରିଡା, ସଞ୍ଜୀବ ପାଣିଗ୍ରାହୀ, ଆସୋସିଏଶନ ସଭାପତି ଦୁଃଖ ଭଞ୍ଜନ ନାୟକ, ଉପସଭାପତି ଅଜୟ ଅହୀର, ଭାଗ୍ୟବନ୍ତ ଗହୀର, କୁମୁଦ ବନଛୋର ପ୍ରମୁଖ ପରିଚାଳନାରେ ସହଯୋଗ କରିଛନ୍ତି । ଉଦ୍‌ଘାଟନୀ ଉତ୍ସବରେ ସାମାଜିକ କର୍ମୀ ଗୋପମଣୀ ପାଣି ମୁଖ୍ୟଅତିଥି, ଅଭିନନ୍ଦନ ପଣ୍ଡା, ମନିଜର ଆର୍ଯ୍ୟ, ତୁଳାରାମ ପ୍ରଧାନ, ଲଛିନ୍ଦ୍ର ଚଲାନ, ଅର୍ଜୁନ ଜଗତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।



ଅତିଥିମାନେ ଖେଳାଳିମାନଙ୍କ ସହ କରମର୍ଦ୍ଦନ କରୁଛନ୍ତି ।

ନଙ୍ଗଲବୋର୍ଡ ସେବାଶ୍ରମର ଦୁର୍ଦ୍ଦଶା

# ୪ ଲାଲ୍‌ଟିନ୍‌ରେ ପଢୁଛନ୍ ୨୬୭ ଛାତ୍ରୀଛାତ୍ର

ସିନାପାଲି,୩୦।୮(ଡି.ଏନ.ଏ.)

ସରକାର ଆଦିବାସୀ ବହୁଲ ଅଂଚଲରେ ଖାସ୍ କରି ଛାତ୍ରୀଛାତ୍ରଙ୍କର ଉଜଲ୍ ଭବିଷତ୍‌କେ ଦୃଷ୍ଟିରେ ରଖି ସେବାଶ୍ରମ ସ୍କୁଲ୍‌ର ବେବସ୍ତା କରିଛନ୍ । ହେଲେ ମାଓବାଦୀପ୍ରବଣ ଉପାଁତ୍ ଅଂଚଲ୍ ନଙ୍ଗଲବୋର୍ଡଠାନେ ଥିବାର ଅନୁସୂଚୀତ ଜାତି ସେବାଶ୍ରମ ସ୍କୁଲ୍ ଏହେଦେ ନାନା ସମସିଆ ଦେଇ ଗତି କରୁଛେ । ଇ ସବୁ ସମସିଆ ବାବ୍‌ଦେ ପର୍‌ଶାସନ୍ ଜାନିଶୁନି ଚୁପ୍ ରହୁଥିବାର ଅଭିଯୋଗ୍ ହେଇଛେ । ନଙ୍ଗଲବୋର୍ଡ ସେବାଶ୍ରମ ୧ ଜୁଲାଇ ୧୯୫୨ରେ ଥାପିତ୍ ହେଇଥିଲା । ଏହେଦ୍‌କା ଇଠାନେ ୧ମରୁ ୧୦ମ ଶ୍ରେଣୀ ତକ୍ ମୋଟ୍ ୨୬୭ ଝନ୍ ଛାତ୍ରୀଛାତ୍ର ପାଠ୍ ପଢୁଛନ୍ । ଏତେ ଛାତ୍ରୀଛାତ୍ରଙ୍କର ଲାଗି ରହିଛେ ୩ଟା ନଲ୍‌ଚୁଆଁ । ହେଲେ ନଲ୍‌ଚୁଆଁରୁ ଦର୍‌କାର ହିସାବେ ପାଏନ୍ ନାଇଁ ବାହାରବାର ଲାଗି ଛାତ୍ରୀଛାତ୍ର ୨ କି.ମି. ଜଂଗଲ୍ ପାର୍ ହେଇ ଗୁଟେ ନାଲ୍‌କେ ଗାଧି ଯାଉଛନ୍ । ଏନ୍‌ତା କି ସକାଲେ ଆର୍ ବେଲ୍‌ବୁଡେ ଛାତ୍ରୀଛାତ୍ର ଝାଡାଝପଟ୍, ଗାଧାବୁଡା ଲାଗି ନାଲ୍ ଉପ୍‌ରେ ଆଶ୍‌ରେ କରୁଛନ୍ । ଜଂଗଲ୍‌ରେ ବହୁତ୍ ପର୍‌କାର ହିଁସ୍‌ର ଜୀବ୍‌ଜଁନ୍ତୁ ରହିଛନ୍ । ଇ ଭଏରେ ଦଲ୍‌ଦଲ୍ ହେଇ ଛାତ୍ରୀଛାତ୍ର ନାଲ୍‌କେ ଯାଉଛନ୍ । ଇ ବାବ୍‌ଦେ ବିଭାଗୀୟ କତୁର୍‌ପକ୍ଷଙ୍କୁ ସୂଚିତ୍ କରାଯାଇଥିବାର ସ୍କୁଲ୍ ପତୁର୍‌ପକ୍ଷ ଆର୍ ପରିଚାଳନା କମିଟି କହିଛନ୍ । ଅଭିଯୋଗ୍ ପରେ ବି ବିଭାଗ୍ ତର୍‌ଫୁ କେହେନ୍‌ସି ପର୍‌କାର ପଦକ୍ଷେପ ନାଇଁ ନିଆଯାଇଥିବାର ଜନାଯାଇଛେ ।



ସେବାଶ୍ରମର ଛାତ୍ରମାନେ ଘଁଚ୍ ଜଂଗଲ୍ ଭିତ୍‌ରେ ଥିବାର ଗୁଟେ ନାଲେ ଗାଧୁଛନ୍ ।

ଯେନ୍‌ଥିର୍‌ଲାଗି ଦିନୁ ଦିନ୍‌କେ ସାଧାରନ୍‌ରେ ଅସନ୍‌ତୋଷ ଭାବ୍ ବଢୁଛେ । ହଷ୍ଟେଲ୍‌ରେ ରହୁଥିବାର ଛାତ୍ରୀମାନେ ବାହାରେ ଥିବାର ଗୁଟେ ନଲ୍‌ଚୁଆଁକେ ଗାଧି ଯାଉଛନ୍ । ଆଏଜ୍‌ତକ୍ ହଷ୍ଟେଲ୍‌ରେ ବିଦ୍ୟୁତ୍ ସଂଯୋଗ୍ ନାଇଁ ହେଇ । ୪ଟା ଲାଲ୍‌ଟିନ୍‌ରେ ରାତିରେ ଖାଏବା ପିଇବା, ଶୁଇବାର ବସ୍‌ବାର, ପାଠ୍‌ପଢ଼ା କାମ୍ ଚାଲିଛେ । ଇ ସେବାଶ୍ରମଟା ଘାଟମାଳ ପଁନ୍‌ଚେତ୍, ନଙ୍ଗଲବୋର୍ଡ ପଁନ୍‌ଚେତ୍, ନୂଆମାଳପଡା ପଁନ୍‌ଚେତ୍ ସମେତ୍ ଆସର ପାସର ଅଂଚଲ୍‌ର ଛାତ୍ରୀଛାତ୍ରମାନ୍‌କର ଲାଗି ହେଇଛେ । ସେବାଶ୍ରମରେ ଭିନେ ଭିନେ ପର୍‌କାର ସମସିଆ ରହିଥିବାର ଛାତ୍ରୀଛାତ୍ର କହିଛନ୍ । ସିନାପାଲି ବ୍ଲକ୍ ଅଧକ୍ଷା ତପସ୍ୱିନୀ ମାଝି ସେବାଶ୍ରମକେ ବୁଲିଯାଇ ବହୁତ୍ ପର୍‌କାର ଅବେବସ୍‌ତା ଥିବାର ଜାନ୍‌ବାକେ ପାଇଥିଲେ । ଇ ବାବ୍‌ଦେ ସେ ବିଭାଗୀୟ ମନ୍ତ୍ରୀ ରମେଶ ମାଝିଙ୍କୁ ଜନାବାର ସଂଗେ ସିନାପାଲି ବ୍ଲକ୍‌ରେ ଥିବାର ସବୁ ସେବାଶ୍ରମ ଉପ୍‌ରେ ଆଲୋଚନା କରିଥିବାର ସେ କହିଛନ୍ । ସେବାଶ୍ରମ ସ୍କୁଲ୍‌ମାନ୍‌କେ ବିଦ୍ୟୁତ୍ ସେବା, ପିଇଲା ପାଏନ୍‌ର ସୁବିଧା, ପଢ଼ାକୁଠି, ଚଉକି ଟେବୁଲ ଲେଖେଁ ଜିନିଷପତର ବହୁତ୍ ଜଲ୍‌ଦି ଯୁଗେଇ ଦିଆଯିବା ବଲି କହିଛନ୍ ।

**ସିନାପାଲି ବ୍ଲକ୍**
- ୨ କି.ମି. ଜଂଗଲ୍ ପାର ହେଇ ଗାଧି ଯାଉଛନ୍ ଛାତ୍ରୀଛାତ୍ର
- ନଲ୍‌ଚୁଆଁରୁ ଦର୍‌କାର ହିସାବେ ପାଏନ୍ ନାଇଁ ବାହାରବାର
- ଛାତ୍ରୀମାନେ ବାହାରେ ଥିବାର ନଲ୍‌ଚୁଆଁକେ ଗାଧି ଯାଉଛନ୍
- ବିଦ୍ୟୁତ ସଂଯୋଗ ନାଇଁ ହେବାର, ଜାନିଶୁନି ପର୍‌ଶାସନ୍ ଚୁପ୍